# ନୀଳକଣ୍ଠ

# ସ୍ମାରକୀ



ପଣ୍ଡିତ ନୀଳକଣ୍ଠ ସ୍ମୃତିସମିତି

Digitized by srujanika@gmail.com

# ନୀଳକଂଠ ସ୍ମାରକୀ


**ସଂପାଦକମଣ୍ଡଳୀ**

ଡଃ ସଦାଶିବ ମିଶ୍ର (ସଭାପତି)

ଶ୍ରୀ ନିତ୍ୟାନନ୍ଦ ମହାପାତ୍ର (ମୁଖ୍ୟ ସମ୍ପାଦକ)

ଡଃ ଭବଗ୍ରାହୀ ମିଶ୍ର

ଇଂ. ମଧୁସୂଦନ ଦାଶ



ପଣ୍ଡିତ ନୀଳକଂଠ ସ୍ମୃତି ସମିତି

୩୦୩ ଖାରବେଳ ନଗର, ଭୁବନେଶ୍ୱର-୧



Digitized by srujanika@gmail.com

# ନୀଳକଣ୍ଠ ସ୍ମାରକୀ

**ସଂପାଦନା :**

ଡଃ ସଦାଶିବ ମିଶ୍ର

ଶ୍ରୀ ନିତ୍ୟାନନ୍ଦ ମହାପାତ୍ର

ଡଃ ଭବଗ୍ରାହୀ ମିଶ୍ର

ଇଂ : ମଧୁସୂଦନ ଦାଶ

**ପ୍ରକାଶକ :**

**ପଣ୍ଡିତ ନୀଳକଣ୍ଠ ସ୍ମୃତି ସମିତି**

୩୦୩ ଖାରବେଳ ନଗର

ଭୁବନେଶ୍ୱର-୭୫୧୦୦୧

ଦ୍ୱିତୀୟ ସଂସ୍କରଣ

୧୯୮୨

ମୁଦ୍ରାକର :

ସ୍ନେହ ପ୍ରେସ୍, ଭୁବନେଶ୍ୱର-୭୫୧୦୦୧

**ପ୍ରଚ୍ଛଦପଟ**

ଶ୍ରୀ ମୁରଲୀଧର ଟାଲି, ଭୁବନେଶ୍ୱର-୭

**ମୂଲ୍ୟ : ସାଧା ବନ୍ଧାଇ କୋଡ଼ିଏ ଟଙ୍କା**

**ବୋର୍ଡ ବନ୍ଧାଇ : ପଚିଶ ଟଙ୍କା**

# NILAKANTHA SMARAKI

*Editors :* Dr. Sadasiva Misra
Sri Nityananda Mahapatra
Dr Bhabagrahi Misra
Er. Madhusudan Das

*Publisher :*
**Pandit Nilakantha Smruti Samiti**
303 Kharavela Nagar
Bhubaneswar-751001

*Second Edition :* 1982

*Printer :*
**SNEHA PRESS, BHUBANESWAR-1**

*Cover Design :*
Sri Muralidhar Tali
Bhubaneswar-751007

*Price ;* Paperback : Rs. 20.00
Bound : Rs. 25.00

Digitized by srujanika@gmail.com

# ॥ ସୂଚୀପତ୍ର ॥


| | | |
|---|---|---|
| ୧ । ସମ୍ପାଦକୀୟ   ସବ୍ୟସାଚୀ ନୀଳକଂଠ | | କ |
| ୨ । ସମିତି ସମ୍ପାଦକ ବିବରଣୀ | | ଘ |
| ୩ । ଜୀବନୀ ଓ ସ୍ମୃତି—କେତେକ ବିଶିଷ୍ଟ ବ୍ୟକ୍ତିଙ୍କ ମତରେ ନୀଳକଂଠ । | | ଙ |


## ସ୍ମୃତିଚାରଣ


| | | |
|---|---|---|
| ୧ । ପଣ୍ଡିତ ନୀଳକଣ୍ଠ ଦାସ | ଶ୍ରୀ ··· | ୧ |
| ୨ । ପଣ୍ଡିତ ନୀଳକଣ୍ଠ | ଡକ୍ଟର ହରେକୃଷ୍ଣ ମହତାବ | ୧୦ |
| ୩ । ମନୀଷୀ ନୀଳକଂଠଙ୍କ ସ୍ମୃତି ପୂଜା | ଡକ୍ଟର ରାଧାନାଥ ରଥ | ୧୨ |
| ୪ । ଜଗଦ୍ଦର୍ଶନ ··· | ଡଃ ସଦାଶିବ ମିଶ୍ର | ୧୬ |
| ୫ । ଯୁଗପୁରୁଷ | ଶ୍ରୀ ମଧୁସୂଦନ ମହାନ୍ତି | ୧୮ |
| ୬ । ସ୍ୱାଭିମାନୀ ପଣ୍ଡିତ ନୀଳକଂଠ | ଶ୍ରୀ ସୁରେନ୍ଦ୍ରନାଥ ଦ୍ୱିବେଦୀ | ୨୨ |
| ୭ । ମନୀଷୀ ନୀଳକଂଠ | ଶ୍ରୀ ଶ୍ୟାମସୁନ୍ଦର ମିଶ୍ର | ୨୫ |
| ୮ । ନୀଳକଂଠ ସ୍ମରଣେ—ସ୍ମୃତିରୁ କିଛି | ଶ୍ରୀ ବିବୁଧେନ୍ଦ୍ର ମିଶ୍ର | ୨୭ |
| ୯ । ବିଚକ୍ଷଣକର୍ମୀ ପଣ୍ଡିତ ନୀଳକଂଠ | ଶ୍ରୀ ଅନନ୍ତ ପଟ୍ଟନାୟକ | ୩୨ |
| ୧୦ । କଳ୍ପବୃକ୍ଷ ନୀଳକଂଠ | ଶ୍ରୀ ଚକ୍ରଧର ମହାପାତ୍ର | ୩୪ |
| ୧୧ । ମନୀଷୀ ନୀଳକଂଠଙ୍କ ସାନ୍ନିଧ | ଶ୍ରୀ ଜ୍ଞାନୀନ୍ଦ୍ର ବର୍ମା | ୩୭ |
| ୧୨ । କବି ଓ ମନୀଷୀ ନୀଳକଂଠ | ଡକ୍ଟର କୁଞ୍ଜବିହାରୀ ଦାସ | ୪୨ |
| ୧୩ । ମନୀଷୀ ପଣ୍ଡିତ ନୀଳକଂଠ | ଶ୍ରୀ ରାମପ୍ରସାଦ ସିଂହ | ୪୪ |
| ୧୪ । ଦୃଢ଼ସତ୍ତ୍ୱପୁରୁଷ ନୀଳକଂଠ | ଅଧ୍ୟାପକ ଗୌରୀକୁମାର ବ୍ରହ୍ମା | ୪୯ |
| ୧୫ । ଶ୍ରୀ ଗୁରୁଦେବ ସ୍ମରଣେ | ଶ୍ରୀ ଲକ୍ଷ୍ମଣ ମିଶ୍ର, ପୁରୀ | ୫୩ |
| ୧୬ । 'ଉତ୍ତର'ର ଗ୍ରୁପ | ଡାକ୍ତର ବଙ୍କିମ ଦାସ | ୫୪ |
| ୧୭ । ପଣ୍ଡିତ ନୀଳକଂଠଙ୍କ ମହାନୁଭବତା | ଡକ୍ଟର ବୃନ୍ଦାବନଚନ୍ଦ୍ର ଆଚାର୍ଯ୍ୟ | ୬୦ |
| ୧୮ । ସେ ଏକ ପ୍ରେରଣା ସ୍ରୋତ, 'ନବଭାରତ'ର | ଶ୍ରୀ ବାଞ୍ଛାନିଧି ପଣ୍ଡା | ୬୨ |


Digitized by srujanika@gmail.com

୧୯ । ଗୋଟିଏ ରାତର ସାଥି — ଶ୍ରୀ କ୍ଷୀରୋଦଚନ୍ଦ୍ର ବର୍ମନ — ୭୫
୨୦ । ପରପ୍ରସ୍ତରର ଅନ୍ତରାଳରେ ନୀଳକଂଠ — ଆଡ଼ଭୋକେଟ ଯଦୁମଣି ଦାସ — ୭୭
୨୧ । ସ୍ମୃତିତର୍ପଣ — ଡକ୍ଟର ଶ୍ରଦ୍ଧାକର ସୂପକାର — ୭୩
୨୨ । ପଣ୍ଡିତ ନୀଳକଂଠ ଦାସ ... ଶ୍ରୀ ଗୋପୀନାଥ ମହାନ୍ତି — ୮୦
୨୩ । ପଣ୍ଡିତ ନୀଳକଂଠଙ୍କ ସ୍ମୃତିତର୍ପଣ — ଶ୍ରୀ ନବକିଶୋର ଦାସ — ୮୪
୨୪ । ପଣ୍ଡିତଜୀଙ୍କୁ ମୁଁ ଯେପରି ଜାଣେ — ଶ୍ରୀ ବନମାଳୀ ମିଶ୍ର — ୮୮
୨୫ । ଯଶୋବନ୍ତ ପୁରୁଷ — ଶ୍ରୀ ଜଗନ୍ନାଥ ମହାପାତ୍ର — ୯୦
୨୬ । ସାହିତ୍ୟର ସଭାପତି ଓ ମୁଁ — ଅଧ୍ୟାପକ ରାଜକିଶୋର ରାୟ — ୯୨
୨୭ । ପଣ୍ଡିତ ନୀଳକଂଠ ସ୍ମରଣେ ... ଶ୍ରୀମତୀ ସରଳା ଦେବୀ — ୯୬


## ସ୍ମୃତି ଓ ଶ୍ରଦ୍ଧାଞ୍ଜଳି : କବିତାବଳୀ


୧ । କାହିଁ ଗଲ ଗଲ — ଜାତୀୟ କବି ବୀରକିଶୋର — ୧୦୩
୨ । ମହାପ୍ରସ୍ଥାନ — ଶ୍ରୀ ବାଞ୍ଛାନିଧି ଦାସ — ୧୦୫
୩ । ଶୋକାଞ୍ଜଳି — ଶ୍ରୀ ଭୁବନେଶ୍ୱର ମିଶ୍ର — ୧୦୬
୪ । ମହାନ୍ ଆତ୍ମା — ଶ୍ରୀ ହରେନ୍ ପ୍ରତାପ ଦାସ — ୧୦୭
୫ । ଦଧିଚିର ମୃତ୍ୟୁ — ଶ୍ରୀମତୀ ତୁଳସୀ ଦାସ — ୧୦୭
୬ । ସତ୍ୟବାଦୀର ସନ୍ଥ ହେ ! — ଶ୍ରୀ ରବିନାରାୟଣ ସେନାପତି — ୧୦୮
୭ । ନୀଳକଣ୍ଠ ସ୍ମରଣେ — ଶ୍ରୀ ପଦ୍ମନାଭ କବି — ୧୦୯
୮ । ଫେରି ଆସ ବାରେ ଏ ଦେଶ କୋଳେ — ଶ୍ରୀମତୀ ରମାଦେବୀ — ୧୦୯
୯ । ନୀଳକଂଠ ସ୍ମରଣେ — ଶ୍ରୀ ଲିଙ୍ଗରାଜ ମିଶ୍ର — ୧୧୨
୧୦ । ବୀରର ସଙ୍କେତ — ଶ୍ରୀ ଗୋପୀନାଥ ସେନାପତି, ବାଣପୁର — ୧୧୩
୧୧ । ନେତା ନୀଳକଂଠ — ଶ୍ରୀ ମଧୁସୂଦନ ଦାଶ — ୧୧୫
୧୨ । ମନୀଷୀ ନୀଳକଂଠ — ଶ୍ରୀ ରମାନନ୍ଦ ସାହୁ — ୧୧୮
୧୩ । ନୀଳକଂଠ ସ୍ମରଣେ — ଶ୍ରୀ ବାଉରୀବନ୍ଧୁ ଦାସ — ୧୧୯
୧୪ । ପଣ୍ଡିତ ନୀଳକଂଠଙ୍କ ମହାପ୍ରସ୍ଥାନେ ... ଶ୍ରୀ ନାରାୟଣ ମହାପାତ୍ର — ୧୨୦


## ପଣ୍ଡିତ ନୀଳକଣ୍ଠଙ୍କ ରଚନାର କିୟଦଂଶ


୧ । ଭାର୍ଗବୀ ନଦୀ କୂଳରେ ଆମର ପ୍ରତିଜ୍ଞା — — ୧୨୩
୨ । ଓଡ଼ିଶା ଆସେମ୍ବ୍ଲିର ଆଦ୍ୟ ନିର୍ବାଚନ (୧୯୩୭ — — ୧୨୪
୩ । ୧୯୪୦ ମସିହାରେ ଓଡ଼ିଶାରେ ମିଳିତ ମନ୍ତ୍ରୀମଣ୍ଡଳ ଗଠନର ପୃଷ୍ଠଭୂମି — ୧୨୯


Digitized by srujanika@gmail.com

୪ । ବିଧାନସଭାର ସ୍ୱାତନ୍ତ୍ର୍ୟ — — ୧୩୧
୫ । ଜଗନ୍ନାଥଙ୍କ ଦହିଖିଆ — — ୧୩୩
୬ । ପିଲା ଓ ଚଢ଼େଇ — — ୧୩୪
୭ । 'ରାମଚଣ୍ଡୀଠାରେ ରାଢ଼'ଙ୍କୁ କେତୋଟି ସର୍ଗ — — ୧୩୫

## ଆଲୋଚନାତ୍ମକ ପ୍ରବନ୍ଧ

୧ । ସମ୍ପାଦକ ଶ୍ରୀ ନୀଳକଣ୍ଠ ଦାସ ... ଶ୍ରୀ ନଟବର ସାମନ୍ତରାୟ ୧୩୯
୨ । ସଫଳ ଜୀବନର ବିଫଳ ସ୍ୱପ୍ନ ... ଜଷ୍ଟିସ୍ ହରିହର ମହାପାତ୍ର ୧୫୫
୩ । ସତ୍ୟବାଦୀ ତଥା
ଓଡ଼ିଆ ସାହିତ୍ୟରେ ନୀଳକଣ୍ଠ ... ଅଧ୍ୟାପକ ଚନ୍ଦ୍ରମଣି ଦାଶ ୧୬୨
୪ । ପଣ୍ଡିତ ନୀଳକଣ୍ଠଙ୍କ
'କାଳେସୀଛଡ଼ା' ... ଶ୍ରୀମତୀ ଇନ୍ଦିରା ଦେବୀ ୧୬୮
୫ । ଓଡ଼ିଆ ସାହିତ୍ୟର ଆଦ୍ୟ ସମୀକ୍ଷକ
ପଣ୍ଡିତ ନୀଳକଣ୍ଠ ଶ୍ରୀ କୃଷ୍ଣଚନ୍ଦ୍ର ସାହୁ ୧୭୨
୬ । ରୋମାଣ୍ଟିକ କବି ନୀଳକଣ୍ଠ ... ଅଧ୍ୟାପିକା ପ୍ରତିଭା ଶତପଥୀ ୧୭୬
୭ । ପଣ୍ଡିତ ନୀଳକଣ୍ଠଙ୍କ ସାମ୍ବାଦିକତା ଡକ୍ଟର ଶ୍ରୀରାମଚନ୍ଦ୍ର ଦାଶ ୧୯୦
୮ । ଯାହାଙ୍କ ପାଣ୍ଡିତ୍ୟର ପଟାନ୍ତର ନାହିଁ ୧୯୫
୯ । ଓଡ଼ିଆ ସାହିତ୍ୟର ସ୍ରଷ୍ଟା ... ଅଧ୍ୟାପକ ଗୌରୀକୁମାର ବ୍ରହ୍ମା ୧୯୭
୧୦ । ନୀଳକଣ୍ଠଙ୍କ କାବ୍ୟ ପ୍ରତିଭା ... ଡକ୍ଟର ଗୋପାଳଚନ୍ଦ୍ର ମିଶ୍ର ୧୯୯
୧୧ । ପଣ୍ଡିତ ନୀଳକଣ୍ଠ ଓ
ଉତ୍କଳ ବିଶ୍ୱବିଦ୍ୟାଳୟ ... ଡଃ ବଂଶୀଧର ମହାନ୍ତି ୨୦୯
୧୨ । ପଣ୍ଡିତ ନୀଳକଣ୍ଠଙ୍କ ରଚନାରେ
ପିଲାଙ୍କ ଗୀତ ... ଶ୍ରୀ ରବିନାରାୟଣ ଦାଶ ୨୧୩
୧୩ । ପଣ୍ଡିତ ନୀଳକଣ୍ଠଙ୍କ 'ମୋ ଜଣ'
ଓ ପୁରୀ ମୁକ୍ତିମଣ୍ଡପ ... ଅଧ୍ୟାପକ ବାଉରୀବନ୍ଧୁ କର ୨୧୭
୧୪ । ଭକ୍ତକ ମିଥ୍ୟା ଓ ପଣ୍ଡିତ ନୀଳକଣ୍ଠ ଅଧ୍ୟାପିକା କୁମୁଦିନୀ ମିଶ୍ର ୨୨୧

ଧାରାବାହିକ ଜୀବନସୂଚୀ i-vi
ବଂଶଲତା

Digitized by srujanika@gmail.com

# ଉତ୍ସର୍ଗ ପତ୍ର

ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇ ଜେଲ୍ ବରଣ କରିବାଠାରୁ ନାରୀ ନେତ୍ରୀ
ଭାବେ ସମାଜ ଓ ନାରୀ-ମଙ୍ଗଳ ପ୍ରଭୃତି ବହୁ ଜନହିତକର ଅନୁଷ୍ଠାନ ଓ
କାର୍ଯ୍ୟରେ ସଂଶ୍ଳିଷ୍ଟ ରହି ଏବଂ ଶେଷ ପର୍ଯ୍ୟନ୍ତ ପଣ୍ଡିତ ନୀଳକଂଠଙ୍କ
ସେବାରେ ପ୍ରକୃତ ସହଧର୍ମିଣୀ ଓ ସହକର୍ମିଣୀର କର୍ତ୍ତବ୍ୟ
ଅକୁଣ୍ଠିତ ଚିତ୍ତରେ ପାଳନ କରିବାରେ ନିଜକୁ
ନିୟୋଜିତ କରିଥିବା ସର୍ବଜନପୂଜ୍ୟା
ମାତୃସମା ପରମସମ୍ମାନନୀୟା ଶ୍ରୀମତୀ
ରାଧାମଣି ଦେବୀଙ୍କ କରକମଳରେ
ଏ ସ୍ମାରକୀ ଗ୍ରନ୍ଥ ଅର୍ପଣ କଲୁ ।

ପଣ୍ଡିତ ନୀଳକଂଠ ସ୍ମୃତିସମିତି

Digitized by srujanika@gmail.com

# ପଣ୍ଡିତ ନୀଳକଣ୍ଠ ସ୍ମୃତି ସମିତି

## ୩୦୩ ଖାରବେଳ ନଗର, ଭୁବନେଶ୍ୱର-୭୫୧୦୦୧

ମୁଖ୍ୟ ପୃଷ୍ଠପୋଷକ ! ସି. ଏମ୍. ପୁନାଚ୍ଚ ରାଜ୍ୟପାଳ ଓଡ଼ିଶା ।

ପୃଷ୍ଠପୋଷକ : ଶ୍ରୀଯୁକ୍ତ ବିଶ୍ୱନାଥ ଦାସ,

ଡଃ ହରେକୃଷ୍ଣ ମହତାବ, ସଭାପତି, ପ୍ରଜାତନ୍ତ୍ର ପ୍ରଚାର ସମିତି

ଡଃ ରାଧାନାଥ ରଥ, ସମ୍ପାଦକ 'ସମାଜ'

ଶ୍ରୀ ନିତ୍ୟାନନ୍ଦ କାନୁନ୍‌ଗୋ

ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ, ମୁଖ୍ୟମନ୍ତ୍ରୀ ଓଡ଼ିଶା

ଶ୍ରୀ ନୀଳମଣି ରାଉତରାୟ

ଶ୍ରୀ ସତ୍ୟପ୍ରିୟ ମହାନ୍ତି

ଶ୍ରୀମତୀ ନନ୍ଦିନୀ ଶତପଥୀ

ଶ୍ରୀ ବିନାୟକ ଆଚାର୍ଯ୍ୟ

ଶ୍ରୀ ଶ୍ରଦ୍ଧାକର ସୂପକାର

ଶ୍ରୀମତୀ ଇନ୍ଦିରା ଦେବୀ

ଡଃ ବଂଶୀଧର ପଣ୍ଡା, ମ୍ୟାନେଜିଂ ଡାଇରେକ୍ଟର IMFA

ଶ୍ରୀ ଚନ୍ଦ୍ରମାଧବ ମିଶ୍ର

ଶ୍ରୀ ଯୁଗଲକିଶୋର ଝୁନ୍‌ଝୁନ୍‌ୱାଲା,
ମ୍ୟାନେଜିଂ ଡାଇରେକ୍ଟର, ଓଡ଼ିଶା ଇଣ୍ଡଷ୍ଟ୍ରିଜ

ଶ୍ରୀ ହରିହର ପାତ୍ର, ବାଣିଜ୍ୟ ବିକାଶ

ଶ୍ରୀ ଜଗଦୀଶ ପ୍ରସାଦ ଲାଠ
ମ୍ୟାନେଜିଂ ଡାଇରେକ୍ଟର, ଓଡ଼ିଶା ଅଏଲ ଇଣ୍ଡଷ୍ଟ୍ରିଜ

କାର୍ଯ୍ୟକାରୀ ସମିତି :

ଡଃ ସଦାଶିବ ମିଶ୍ର ସଭାପତି

ଶ୍ରୀ ରାଜବଲ୍ଲଭ ମିଶ୍ର ଉପ-ସଭାପତି

ଶ୍ରୀ ହରିଶ୍ଚନ୍ଦ୍ର ବକ୍ସିପାତ୍ର, ସଭ୍ୟ

ଶ୍ରୀ ଗଙ୍ଗାଧର ମହାପାତ୍ର

ଡଃ ଜୀବଗ୍ରାହୀ ମିଶ୍ର

ଶ୍ରୀ ଦୀନବନ୍ଧୁ ମହାପାତ୍ର, ସଭ୍ୟ

ଶ୍ରୀ ବସନ୍ତକୁମାର ପାଣିଗ୍ରାହୀ, ସଭ୍ୟ

ଶ୍ରୀ ଲିଙ୍ଗରାଜ ମିଶ୍ର, ସଭ୍ୟ

ଶ୍ରୀ ନିତ୍ୟାନନ୍ଦ ମହାପାତ୍ର ଉପସଭାପତି

ଇଂ. ମଧୁସୂଦନ ଦାଶ, ସମ୍ପାଦକ ଓ କୋଷାଧ୍ୟକ୍ଷ

ଡଃ ମହେନ୍ଦ୍ରକୁମାର ରାଉତ

ଡଃ ବିଦ୍ୟାଧର ମିଶ୍ର, ସଭ୍ୟ

ଶ୍ରୀ ରାଧାମୋହନ ଗଡ଼ନାୟକ, ସଭ୍ୟ


ଶ୍ରୀ ଦ୍ୱାରକାନାଥ ଦାଶ, ସଭ୍ୟ

ଡଃ ଶ୍ରୀ ନବୀନ ସାହୁ

## କୃତଜ୍ଞତାଜ୍ଞାପନ

ଏ ଗ୍ରନ୍ଥରେ ପ୍ରକାଶ କରାଯାଇଥିବା ବହୁ ପ୍ରବନ୍ଧ ଓ କବିତା ପୂର୍ବ ପ୍ରକାଶିତ ପତ୍ର ପତ୍ରିକାମାନଙ୍କରୁ ଉଦ୍ଧାର କରାଯାଇଛି । ସେ ସବୁରୁ ଅନେକ ଲେଖା ଓ ଅନ୍ୟାନ୍ୟ ବହୁ ତଥ୍ୟ ପଣ୍ଡିତଜୀଙ୍କ ପୁତ୍ର ଡଃ ବିକ୍ରମ ଦାସ ଆମମାନଙ୍କୁ ଯୋଗାଇ ଦେଇଥିବାରୁ ଆମେ ଉକ୍ତ ଲେଖକ ତଥା ଡଃ ଦାସଙ୍କ ନିକଟରେ ଚିରକୃତଜ୍ଞ ।

Digitized by srujanika@gmail.com



ଆବିର୍ଭାବ—ତା ୫।୮।୧୮୮୪ ତିରୋଭାବ—ତା ୭।୧୧।୧୯୬୭

Digitized by srujanika@gmail.com

## ସମ୍ପାଦକୀୟ :—

# ସବ୍ୟସାଚୀ ନୀଳକଣ୍ଠ

ଶ୍ରୀ ନିତ୍ୟାନନ୍ଦ ମହାପାତ୍ର

**ସେ**ତେବେଳେ ସେମିତି ସାହିତ୍ୟରଥୀମାନେ ଥିଲେ, ଯେଉଁମାନେ ଅର୍ଜୁନ, ବାଁ, ଡାହାଣ ଉଭୟ ହାତରେ ଶର ସନ୍ଧାନ କଲା ଭଳି ରାଜନୀତି ଓ ସାହିତ୍ୟ ଉଭୟ କ୍ଷେତ୍ରରେ ନିଜର କୃତିତ୍ୱ ଦେଖାଇ ଯାଇଛନ୍ତି, ଚଳିତ ଶତାବ୍ଦୀର ଦ୍ୱିତୀୟପାଦ ଆରମ୍ଭରେ ବା ଦ୍ୱିତୀୟ ଦଶନ୍ଧିର ଠିକ୍ ପରେ ପରେ । ଏମାନଙ୍କ ଗୁଣ ଗାଇବା ପାଇଁ ବକ୍ତାମାନେ ଗୋଟିଏ ନୂଆ ସମ୍ବୋଧନ ବ୍ୟକ୍ତ କରିବାରେ ଅଭ୍ୟସ୍ତ ହୋଇଗଲେ । ଏମାନେ ସବୁ 'ଏକାଧାର'ରେ ରାଜନୀତିକ ନେତା, ସାହିତ୍ୟିକ ରଥି ବୋଲାଉଥିଲେ । ଏମାନଙ୍କ ଭିତରୁ ଅଧିକାଂଶ ଆଦର୍ଶ ସତ୍ୟବାଦୀ ବିଦ୍ୟାଳୟରେ ଏକାଠି ହୋଇଥିଲେ ବୋଲି ପ୍ରବୁଣା ବୋଲିଙ୍କ ଧରି ଏମାନଙ୍କୁ ସମାଲୋଚକମାନେ ଏ ଯୁଗର ପଞ୍ଚସଖା ଆଖ୍ୟା ଦିଅନ୍ତି । ଓଡ଼ିଆ ଭକ୍ତି-ସାହିତ୍ୟର ପ୍ରବର୍ତ୍ତକ ପଞ୍ଚସଖାମାନେ ପ୍ରକୃତ ଏକକାଳୀନ କି ନୁହେଁ କହି ହେବ ନାହିଁ । କିନ୍ତୁ ଏ ଯୁଗର ଏହି ଦେଶପ୍ରାଣମାନେ ସମକାଳୀନ । ଏମାନେ ମଧ୍ୟ ଯୁଗପ୍ରବର୍ତ୍ତକ ନ ହେଲେ ବି ଯୁଗ ସୃଷ୍ଟି କରିବାରେ ମୁଖ୍ୟତଃ ଦାୟୀ । ପଞ୍ଚସଖାଙ୍କର ପ୍ରେରଣା ଥିଲା ଈଶ୍ୱରଭକ୍ତି । ଏ ଯୁଗର ଏହି ପଞ୍ଚରଥୀମାନଙ୍କ ଆଲେଖ୍ୟର ପ୍ରେରକ ଥିଲା ଦେଶପ୍ରାଣତା । ତେଣୁ ବାସ୍ତବ ଦୃଷ୍ଟିରୁ ବିଚାରିଲେ ଏମାନଙ୍କୁ ପଞ୍ଚସଖା ନ କହି 'ପଞ୍ଚପ୍ରାଣ' କହିଲେ ଯଥାର୍ଥ ହେବ ।

ଏହି ପଞ୍ଚପ୍ରାଣମାନଙ୍କ ମଧ୍ୟରୁ ପଣ୍ଡିତ ନୀଳକଣ୍ଠ ଦାସ ଅନ୍ୟତମ । ସେତେବେଳେ ପ୍ରବଳ ପରାକ୍ରାନ୍ତ ଇଂରେଜୀ ଶାସନ । ଶିକ୍ଷିତ, ବିଶେଷତଃ ଇଂରେଜୀ ପଢ଼ୁଆମାନେ ଆଜି ପରି ସରକାରୀ ଚାକିରି ପାଇଁ ଝୁରି ବସିଥାଆନ୍ତି । ଚାକିରି ପାଇଗଲେ ସମାଜରେ ସେମାନଙ୍କ ଆସନ ଉଚ୍ଚକୁ ଉଠିଯାଏ । ସେମାନଙ୍କ ମଧ୍ୟରେ କେତେକ ପ୍ରତିଭାବାନ୍ ପୁରୁଷ ସୁ-ସାହିତ୍ୟ ସୃଷ୍ଟି କରିଯାଇଛନ୍ତି ଅବଶ୍ୟ । ମାତ୍ର ସେ ପ୍ରତିଭାକୁ ସେମାନେ ଶାସନ ଓ ଶାସକ ଭୟରେ ଉଦର ଭରଣର କର୍ତ୍ତବ୍ୟ ଖାତିରରେ ଅନ୍ୟ ଦିଗରେ ପରିଚାଳିତ କରି ଆତ୍ମରକ୍ଷାର ପ୍ରବୃତ୍ତିକୁ ଚରିତାର୍ଥ କରିଛନ୍ତି ।

Digitized by srujanika@gmail.com

ଆଧୁନିକ ଓଡ଼ିଆ ସାହିତ୍ୟରେ ନୂତନ ଯୁଗପ୍ରବର୍ତ୍ତକ ପାଦ୍ରୀମାନଙ୍କ ବାଇବେଲ୍ ଓ ହିନ୍ଦୁ ସାହିତ୍ୟର ଅନୁବାଦ ଯେତେବେଳେ ଛପା ଅକ୍ଷରରେ ପ୍ରକାଶିତ ହେବାକୁ ଲାଗିଲା, ସେତେବେଳେ ଅଣପାଦ୍ରୀ ଛାପାଖାନାମାଲିକଙ୍କଦ୍ୱାରା କେତେକ ପୁରାଣର ଅନୁବାଦ ଓ ପୁରୁଣା ସାହିତ୍ୟ, ବିଦେଶାଗତ ସାହିତ୍ୟ ଗତିକୁ ପ୍ରତିହତ କରି ଗ୍ରାମେ ଗ୍ରାମେ ପ୍ରତି ଓଡ଼ିଆ ଶିକ୍ଷାପ୍ରାପ୍ତ ଘରେ, ତଥା ପୁରାଣପଣ୍ଡା ଓ ପାଲାବାଲାମାନଙ୍କ ମାଧ୍ୟମରେ ପ୍ରତିଷ୍ଠା ଲାଭ କରିବାକୁ ଲାଗିଲା । ଇଂରାଜୀ ଶାସନ ପ୍ରତିଷ୍ଠିତ ହେଲା । ଦୃଢ଼ ମଧ୍ୟ ହେବାକୁ ଲାଗିଲା ମେକଲେ ସାହେବଙ୍କ ଦାୟାଦ ଇଂରାଜୀ ପଢୁଆମାନଙ୍କଦ୍ୱାରା । ରାଜନୀତି କ୍ଷେତ୍ର ଘନ ତମସାଚ୍ଛନ୍ନ । କିନ୍ତୁ ସାଂସ୍କୃତିକ କ୍ଷେତ୍ରରେ ଏ ଜାତିର ପ୍ରାଣପ୍ରଦୀପ ଅନିର୍ବାଣ ରହିଗଲା ।

ପରବର୍ତ୍ତୀ କାଳରେ ଇଂରାଜୀ ସ୍କୁଲ, କଲେଜର ସ୍ଥାପନା ଓ ସଂଖ୍ୟାବୃଦ୍ଧି ସଙ୍ଗେ ସଙ୍ଗେ ପାଶ୍ଚାତ୍ୟାଭିମୁଖୀ ଶିକ୍ଷିତ ମନ କ୍ରମେ ପୁରାଣ ଓ ପୁରୁଣା ପ୍ରତି ବୀତସ୍ପୃହ ହେବାରେ ଲାଗିଲା । ନବ୍ୟ ସଭ୍ୟ ଓ ଭବ୍ୟ ପୁରୁଷମାନଙ୍କ ଦୃଷ୍ଟିରେ ସେ ସବୁ ସାହିତ୍ୟ ପଦବାଚ୍ୟ ହେଲା ନାହିଁ । ଇଂରାଜ ଶିକ୍ଷିତ ଇଂରାଜୀ ସରକାରଙ୍କ କେତେକ କର୍ମଚାରୀ ସାହିତ୍ୟ ସୃଷ୍ଟି ନିମନ୍ତେ ସ୍ୱୀୟ ପ୍ରତିଭାକୁ ସୀମିତ ପରିସର ମଧ୍ୟରେ ଯେପରି ଭାବରେ ପ୍ରଦର୍ଶନ କଲେ, ସେଥିରୁ ସ୍ପଷ୍ଟ ବୁଝାଗଲା ଯେ, ଆଙ୍ଗିକ ପରମ୍ପରାଗତ ହେଲେ ମଧ୍ୟ ବିଷୟବସ୍ତୁ ପାଶ୍ଚାତ୍ୟ ସାହିତ୍ୟର ଅନୁବର୍ତ୍ତୀ । ଫଳରେ କେତୋଟି ଦରିଦ୍ର କେବଳ ପାଠ୍ୟପୁସ୍ତକ ହିଁ ସଭ୍ୟଜଗତର ସାହିତ୍ୟ ବୋଲି ପରିଚିତ ହେବାକୁ ଲାଗିଲା । ଜାତିର ମେରୁଦଣ୍ଡରେ ଘୁଣ ଲାଗିବାକୁ ଆରମ୍ଭ କଲା ।

ଏତିକିବେଳେ ଦେଶରେ ରାଜନୀତିକ ଅଶାନ୍ତି ଦେଖାଦେଲା । ଓଡ଼ିଆ ଭାଷାକୁ ରକ୍ଷା କରିବା ପାଇଁ ଅଣସରକାରୀ କର୍ମଚାରୀମାନେ ନେତୃତ୍ୱ ନେଇ ଯେଉଁ ସାହିତ୍ୟ ସୃଷ୍ଟି କଲେ, ତାହା ପରମ୍ପରା ଧର୍ମୀ ହେବାକୁ ବାଧ୍ୟ ହେଲା । ପରେ ପରେ ଏହାର ପରିଣାମରେ ପୂର୍ଣ୍ଣାଙ୍ଗ ଉତ୍କଳକୁ ସ୍ୱତନ୍ତ୍ର ପ୍ରଦେଶରେ ପରିଣତ କରିବା ପାଇଁ ଯେଉଁ ଆନ୍ଦୋଳନର ସୂତ୍ରପାତ ହେଲା, ତାହା କ୍ରମେ ସ୍ୱାଧୀନତା ଆନ୍ଦୋଳନର ରୂପ ନେଲା ।

ଏତିକିବେଳେ କେତେକ ଇଂରାଜୀ ଶିକ୍ଷିତ ଯୁବକ ଖଣ୍ଡିତ ନିର୍ଯ୍ୟାତିତ ଉତ୍କଳ ତଥା ପରାଧୀନ ଭାରତର ଦୁର୍ଦ୍ଦଶାରେ ବ୍ୟଥିତ ହୋଇ ଏହାର ପ୍ରତିକାର ନିମନ୍ତେ ଆତ୍ମୋତ୍ସର୍ଗର ପଣ ଗ୍ରହଣ କଲେ । ଉଚ୍ଚ ଇଂରାଜୀ ଶିକ୍ଷା ସତ୍ତ୍ୱେ ଏମାନେ ସରକାରୀ ଚାକିରି ପାଇଁ ଯୋଗ୍ୟ ବିବେଚିତ ହୋଇ ମଧ୍ୟ, ସେ ନିର୍ଦ୍ଧାରିତ ପଦବୀରେ ପଦାଘାତ କରିଦେଲେ । ଏମାନେ ଦେଖିଲେ ଯେ, କେବଳ ରାଜନୀତିକ ଆନ୍ଦୋଳନ ଜାତୀୟ ପ୍ରାଣକୁ ଉଦ୍‌ବୁଦ୍ଧ କରିବାକୁ ସମର୍ଥ ହେବ ନାହିଁ । ସାହିତ୍ୟ ମାଧ୍ୟମରେ ଜାତୀୟ ଜୀବନକୁ ସ୍ପର୍ଶ କରି ନ ପାରିଲେ ପୂର୍ଣ୍ଣାଙ୍ଗ ବିପ୍ଳବ ସଫଳ ହେବାର ସମ୍ଭାବନା ନାହିଁ । ତେଣୁ ଏମାନେ ସବ୍ୟସାଚୀଙ୍କ ପରି ଉଭୟ ରାଜନୀତି ଓ ସାହିତ୍ୟ କ୍ଷେତ୍ରରେ ଅସ୍ତ୍ର ଉତ୍ତୋଳନ କଲେ ।

Digitized by srujanika@gmail.com

ଦେଶକୁ କେବଳ ବିଦେଶୀ ଶାସନ କବଳରୁ ଉଦ୍ଧାର କରିବାର ବ୍ରତ ଏମାନେ ଧାରଣ କରି ନ ଥିଲେ, ପାଶ୍ଚାତ୍ୟସଭ୍ୟତା-ମୁଗ୍ଧ ସରକାରୀ କର୍ମଚାରୀମାନଙ୍କର ସୌଖିନ କଲମ ଆକ୍ରମଣରୁ ଜାତୀୟ ଜୀବନକୁ ରକ୍ଷା କରିବାର ଦାୟିତ୍ୱ ମଧ୍ୟ ବହନ କରିଥିଲେ । ଏହି ଯୋଗଜନ୍ମା ସବ୍ୟସାଚୀମାନଙ୍କ ମଧ୍ୟରେ ପଣ୍ଡିତ ନୀଳକଣ୍ଠ ଅନ୍ୟତମ ।

ସେହି ପରିପ୍ରେକ୍ଷୀରେ ନୀଳକଣ୍ଠଙ୍କ ସମଗ୍ର ଜୀବନର ଅଧ୍ୟୟନ କେବଳ ଚମକ-ପ୍ରଦ ଓ ଆନନ୍ଦଦାୟକ ନୁହେଁ, ସମଧିକ ଗବେଷଣାସାପେକ୍ଷ ଓ ବୌଦ୍ଧିକ ପରିପୋଷକ ସମର୍ଥ । ଏହି ଶ୍ରୀଯୁକ୍ତ ଶାସନବାସୀ ବ୍ରାହ୍ମଣ ସଂସ୍କୃତଜ୍ଞ ପଣ୍ଡିତ, ବ୍ରାହ୍ମଣ କୁଳୋଦ୍ଭବ ଜନତ ଗୌରବବର୍ଜିତ ନୀଳକଣ୍ଠ ଦାସ, (ଦାଶ ନୁହନ୍ତି) ଯୋଡ଼-କୁଣ୍ଡା-ପରିହିତ ତତ୍କାଳୀନ ଉଚ୍ଚ ଇଂରାଜୀ ଶିକ୍ଷାଲବ୍ଧ, ଉଚ୍ଚତମ ଉପାଧିପ୍ରାପ୍ତ, କେନ୍ଦ୍ର ବିଧାନସଭାର ଭୂତପୂର୍ବ ସଭ୍ୟ, ଓଡ଼ିଶା ବିଧାନସଭାର ପୂର୍ବତନ ବାଚସ୍ପତି ତଥା 'କୋଣାର୍କେ' କାବ୍ୟ ପ୍ରଣେତା 'ଗୀତା' ଭାଷ୍ୟକାର ପଣ୍ଡିତ ନୀଳକଣ୍ଠ ଆଜି ମଧ୍ୟ ସମସ୍ତଙ୍କ ଆଗରେ ଜଣେ ଆଦର୍ଶ ପୁରୁଷ ।

ଆଜି ପଣ୍ଡିତ ନୀଳକଣ୍ଠ ସ୍ମୃତି ସମିତି ପକ୍ଷରୁ ଅନ୍ୟାନ୍ୟ ସ୍ମାରକୀ ଯୋଜନା ସହ ନୀଳକଣ୍ଠଙ୍କ ଉପରେ ଲିଖିତ ସ୍ୱତଃପ୍ରବୃତ୍ତ ଗଦ୍ୟ ଓ ପଦ୍ୟାବଳୀର ସଂଗ୍ରହ, ସଙ୍କଳନ ଓ ମୁଦ୍ରଣ କାର୍ଯ୍ୟ ପ୍ରତି ତାଙ୍କର ବହୁବିଧ ଶୁଭଦାନର କୃତଜ୍ଞତା ଜ୍ଞାପନ ନିମନ୍ତେ ସାମାନ୍ୟ ନିଦର୍ଶନ ମାତ୍ର ।

Digitized by srujanika@gmail.com

"ପଣ୍ଡିତ ନୀଳକଂଠ ସ୍ମୃତି ସମିତି" ସମ୍ପାଦକ ବିବରଣୀ :

# ସ୍ମୃତି ସମିତିର ଆଦିକଥା

ଇଂ : ମଧୁସୂଦନ ଦାଶ

## ପୂର୍ବାଭାସ :

୧୯୭୮ ମସିହା ନଭେମ୍ବର ୬ ତାରିଖ ସନ୍ଧ୍ୟା—ଭୁବନେଶ୍ୱରରେ ଲଳିତ କଳାପୀଠରେ ଭଞ୍ଜକର "ସୃଷ୍ଟି ଓ ସ୍ରଷ୍ଟା" ଅନୁଷ୍ଠାନ ତରଫରୁ ପଣ୍ଡିତ ନୀଳକଂଠଙ୍କ ଏକାଦଶ ଶ୍ରାଦ୍ଧସଭା ଅନୁଷ୍ଠିତ ହୋଇଥାଏ । ଭୁବନେଶ୍ୱରର ବହୁ ବିଶିଷ୍ଟ ସାହିତ୍ୟିକ, ତଥା ଜନସେବୀ ପଣ୍ଡିତ ନୀଳକଣ୍ଠଙ୍କର ବହୁମୁଖୀ ପ୍ରତିଭା ସମ୍ବନ୍ଧରେ ଆଲୋଚନା କରିବା ସଙ୍ଗେ ସଙ୍ଗେ ତାଙ୍କର ଅବିନଶ୍ୱର ସ୍ମୃତି ଉଦ୍ଦେଶ୍ୟରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ । ଅଧ୍ୟାପକ ଗୌରୀକୁମାର ବ୍ରହ୍ମା ତାଙ୍କ ଓଜସ୍ୱିନୀ ଭାଷାରେ ପଣ୍ଡିତଙ୍କ କାବ୍ୟ ଓ ସାହିତ୍ୟ ଉପରେ ବହୁ ବିଶ୍ଳେଷଣ କରି ଓ ତାଙ୍କ କବିତାର କେତେକାଂଶ ଗାଇ ଦର୍ଶକମାନଙ୍କୁ ମୁଗ୍ଧ କରିଦେଲେ । ଅନ୍ୟାନ୍ୟ ନେତାମାନଙ୍କ ଭାଷଣ ପୂର୍ବରୁ ପ୍ରସ୍ତାବ ଆସିଲା ଯେ, ପଣ୍ଡିତ ନୀଳକଣ୍ଠଙ୍କ ପରି ବିରାଟ ପ୍ରତିଭାଶାଳୀ ବ୍ୟକ୍ତିଙ୍କୁ ବର୍ଷକୁ ଥରେ ମନେ ପକାଇ ଏ ଜାତି ନିଜର କର୍ତ୍ତବ୍ୟ ସାଙ୍ଗ କରିପାରେ ନା । ଭାଷା ଓ ପ୍ରଦେଶର ଅନ୍ୟତମ ସ୍ରଷ୍ଟା ତଥା ଓଡ଼ିଶାର ବିଶିଷ୍ଟ ଶିକ୍ଷାବିତ୍ ପଣ୍ଡିତ ନୀଳକଣ୍ଠଙ୍କ ସ୍ମୃତି ରକ୍ଷା ଦିଗରେ ବିଳମ୍ବରେ ହେଲେ ମଧ୍ୟ ଏକ ନିଷ୍ଠାପର ଉଦ୍ୟମ ହେବା ଦରକାର । ବହୁ ବକ୍ତା ତାଙ୍କ ସାହିତ୍ୟିକ ଅବଦାନର ଗବେଷଣା ଓ ନୀଳକଣ୍ଠ ସ୍ମାରକୀ ବକ୍ତୃତାମାଳାର ପ୍ରବର୍ତ୍ତନ ଆବଶ୍ୟକ ବୋଲି ମତ ବ୍ୟକ୍ତ କଲେ । କେହି କେହି ବିଧାୟକ ଭାବରେ ତାଙ୍କର ଆଲୋଚନାମୂଳକ ଭାଷଣଗୁଡ଼ିକ ତଥା 'ନବଭାରତ' ଏବଂ 'ସତ୍ୟବାଦୀ' ପତ୍ରିକାରୁ ତାଙ୍କର ନିବନ୍ଧଗୁଡ଼ିକର ସଂକଳନ କରାଯିବା ଆବଶ୍ୟକ ବୋଲି ଦର୍ଶାଇଥିଲେ ।

ଏହି ପରିପ୍ରେକ୍ଷୀରେ ସଭାରେ ଡଃ ଭବଗ୍ରାହୀ ମିଶ୍ରଙ୍କ ପ୍ରସ୍ତାବକ୍ରମେ ଏଥିପାଇଁ ଗୋଟିଏ 'ସ୍ମୃତି ସମିତି' ଗଠିତ ହୋଇ ଟ୍ରଷ୍ଟ ପାଣ୍ଠି ସଂଗୃହୀତ ହେବାର ପ୍ରସ୍ତାବ ଗୃହୀତ ହେଲା ଓ ଏଥିପାଇଁ ଗୋଟିଏ ପ୍ରସ୍ତୁତି କମିଟି ମଧ୍ୟ ସେଠାରେ ଗଠନ କରି ମୋତେ ସେଥିରେ ଆବାହକ କରି ଦିଆଗଲା । ମୁଁ ଏ ସଭାର ସଭାପତି, ଶିଳ୍ପ ଓ ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ଶ୍ରୀ ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କର ସନିର୍ବନ୍ଧ ଅନୁରୋଧ ଏଡ଼ାଇ ପାରିଲି ନାହିଁ ।

## ସମିତି ଗଠନ :

ଆବାହକ ଭାବରେ ସପ୍ତାହକ ପରେ ଭୁବନେଶ୍ୱରରେ ସ୍ମୃତି ସମିତି ଗଠନ ପାଇଁ ଗୋଟିଏ ସାଧାରଣ ସଭା ଡାକିଲି, ନଭେମ୍ବର ୧୩ ତାରିଖ ସନ୍ଧ୍ୟାକୁ । ପ୍ରଥିତ

Digitized by srujanika@gmail.com

ଔପନ୍ୟାସିକ 'ଡ଼଼ଗର' ସମ୍ପାଦକ ଶ୍ରୀଯୁକ୍ତ କଲ୍ୟାନନ୍ଦ ମହାପାତ୍ରଙ୍କ ସଭାପତିତ୍ୱରେ ବହୁ ବିଶିଷ୍ଟ ସାହିତ୍ୟିକ ଓ ରାଜନୀତିକ ନେତାମାନଙ୍କ ଉପସ୍ଥିତିରେ ଏହି ସଭା ଅନୁଷ୍ଠିତ ହୋଇଲା ।

ଏଥିରେ ଡଃ ସଦାଶିବ ମିଶ୍ର—ସଭାପତି, ସର୍ବଶ୍ରୀ କଲ୍ୟାନନ୍ଦ ମହାପାତ୍ର ଓ ରାଜ-ବଲ୍ଲଭ ମିଶ୍ର ଉପସଭାପତି, ମଧୁସୂଦନ ଦାଶ-ସମ୍ପାଦକ ତଥା କୋଷାଧ୍ୟକ୍ଷ ଏବଂ ସର୍ବଶ୍ରୀ ହରିଶ୍ଚନ୍ଦ୍ର ବକ୍ସିପାତ୍ର, ପ୍ରଫୁଲ୍ଲକିଶୋର ଦାସ, ନଟବର ପ୍ରଧାନ, ଡଃ ବିଦ୍ୟାଧର ମିଶ୍ର, ଡଃ ଗିରିଜାଶଙ୍କର ମିଶ୍ର, ରାଧାମୋହନ ଗଡ଼ନାୟକ, ଦୀନବନ୍ଧୁ ମହାପାତ୍ର, ଦ୍ୱାରିକାନାଥ ଦାଶ ବିଜୟକୁମାର ପାଣିଗ୍ରାହୀ, ବିଷ୍ଣୁପ୍ରସାଦ ମିଶ୍ର, ଲିଙ୍ଗରାଜ ମିଶ୍ର-ମେମ୍ବର ରୂପେ ନିର୍ବାଚିତ ହେଲେ ।

## କାର୍ଯ୍ୟକ୍ରମ—

ବୈଠକରେ ସ୍ଥିର ହେଲା—

୧ । ପଣ୍ଡିତ ନୀଳକଣ୍ଠଙ୍କ ନାମରେ ଓଡ଼ିଆ ସାହିତ୍ୟ ଓ ନୀଳକଣ୍ଠ ସାହିତ୍ୟ ତଥା ଦର୍ଶନ ଉପରେ ଚର୍ଚ୍ଚା କରିବା ନିମନ୍ତେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଗୋଟିଏ ଫେଲୋସିପ୍ ହୁଆଯିବ ।

୨ । ''ନୀଳକଣ୍ଠ ବକ୍ତୃତାମାଳା'' ପ୍ରବର୍ତ୍ତନ କରାଯିବ ।

୩ । ସତ୍ୟବାଦୀରେ ଗୋଟିଏ ଅଞ୍ଚଳ ପଣ୍ଡିତଜୀଙ୍କ ନାମରେ ନାମିତ କରି ତହିଁରେ ତାଙ୍କର ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନର ଉଦ୍ୟମ କରାଯିବ । ତା ସହିତ ବିଭିନ୍ନ ଜିଲ୍ଲା ଓ ସହରମାନଙ୍କରେ ତାଙ୍କ ନାମରେ ଅଞ୍ଚଳ, ରାସ୍ତା, ଅନୁଷ୍ଠାନ ପ୍ରଭୃତି ନାମିତ କରାଯିବାର ବ୍ୟବସ୍ଥା କରାଯିବ ।

୪ । ସ୍କୁଲ, କଲେଜ ତଥା ଜନସାଧାରଣଙ୍କ (ସାହିତ୍ୟିକମାନଙ୍କ) ମଧ୍ୟରେ ପଣ୍ଡିତ ନୀଳକଣ୍ଠଙ୍କ ସାହିତ୍ୟ ଓ ଦର୍ଶନ ଉପରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାମାନ ପ୍ରଚଳନ କରାଯିବ ।

୫ । ପଣ୍ଡିତ ନୀଳକଣ୍ଠଙ୍କ ନାମରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଗୋଟିଏ ଅଧ୍ୟାପକ ଆସନ ସୃଷ୍ଟି କରାଯିବ । ଏସବୁ ସଙ୍ଗେ ସଙ୍ଗେ ପଣ୍ଡିତଜୀଙ୍କ ସ୍ମୃତିରକ୍ଷାର ଆନୁସଙ୍ଗିକ କାର୍ଯ୍ୟମାନ ମଧ୍ୟ ହାତକୁ ନିଆଯିବ ।

## ଟ୍ରଷ୍ଟପାଣ୍ଠି—

ଏଥି ନିମନ୍ତେ ପ୍ରଥମ ପର୍ଯ୍ୟାୟର ତିନୋଟି କାମ ପାଇଁ ପ୍ରାୟ ଏକ ଲକ୍ଷ ଟଙ୍କା ଏବଂ ପ୍ରସ୍ତାବଗୁଡ଼ିକୁ ପୂର୍ଣ୍ଣାଙ୍ଗ କରିବାରେ ପ୍ରାୟ ୪ ଲକ୍ଷ ଟଙ୍କା ଆବଶ୍ୟକ ହେବ ବୋଲି ଅଟକଳ କରାଯାଇଥିଲା ।

ଏହି ଟଙ୍କା କୁପନ ସାହାଯ୍ୟରେ ଆଦାୟ କରାଯିବ ଏବଂ ସଭ୍ୟ ହେବା ପାଇଁ—

(କ) ପୃଷ୍ଠପୋଷକ ସଭ୍ୟ ଏକକାଳୀନ ଦାନ ୫୦୦୦ ଟଙ୍କା ବା ତଦୂର୍ଦ୍ଧ୍ୱ ।

Digitized by srujanika@gmail.com

(ଖ) ଆଜୀବନ ସଭ୍ୟ ୧୦୦୦ ଟଙ୍କାରୁ ୫୦୦୦ ଟଙ୍କା ମଧ୍ୟରେ (ପରେ ଏହା କମ୍ପିଉଟରରେ ଗ୍ରହଣ କରାଯିବା ପାଇଁ ନିୟମ ସଂଶୋଧନ କରାଯାଇଛି)

(ଗ) ସାଧାରଣ ସଭ୍ୟ ପାଇଁ ବାର୍ଷିକ ଚାନ୍ଦା ୧୦ ଟଙ୍କା ଧାର୍ଯ୍ୟ କରାଗଲା । ମୂଳ ଚାନ୍ଦା ବ୍ୟତୀତ ଅନୁଦାନ ମଧ୍ୟ ଗ୍ରହଣ କରାଯିବାର ବ୍ୟବସ୍ଥା ରହିଲା । ସ୍ମୃତି ପାଣ୍ଠି ସଂଗ୍ରହ ପାଇଁ ଓଡ଼ିଶା ଓ ଓଡ଼ିଶା ବାହାରର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ଶତାଧିକ ବ୍ୟକ୍ତିଙ୍କ ଦସ୍ତଖତରେ ଗୋଟିଏ 'ନିବେଦନ' ପ୍ରକାଶ କରିବା ପାଇଁ ସ୍ଥିର କରାଗଲା ।

## ପାଣ୍ଠି ସଂଗ୍ରହ—

ମୁଖ୍ୟ ପୃଷ୍ଠ ପୋଷକ ହେବା ଲାଗି ରାଜ୍ୟପାଳ ଶ୍ରୀ ଭଗବତ ଦୟାଳ ଶର୍ମା ପ୍ରଥମ ସାକ୍ଷାତରେ ନିଜର ସ୍ୱୀକୃତି ଦେଇଦେଲେ । ମାତ୍ର ସମିତିର ପୃଷ୍ଠପୋଷକ ରୂପେ ଗୃହୀତ ହୋଇଥିବା ପ୍ରତିଷ୍ଠିତ ରାଜନୈତିକ ନେତା ତଥା ସଭ୍ୟ ହେବା ପାଇଁ ବ୍ୟକ୍ତି ବିଶେଷଙ୍କ ସମ୍ମତି ଆଣିବା ପରେ ଓଡ଼ିଶାର ପତ୍ରପତ୍ରିକାମାନଙ୍କରେ ଉକ୍ତ 'ନିବେଦନ'ଟି ପ୍ରକାଶ କରିବାକୁ ୧୯୭୯ ମସିହା ଜାନୁୟାରୀ ମାସ ହୋଇଗଲା ।

ଏଠାରେ କହିଦେବା ଦରକାର ଯେ ପଣ୍ଡିତଜୀଙ୍କ ମଧ୍ୟମା କନ୍ୟା ଶ୍ରୀମତୀ ଇନ୍ଦିରା ଦେବୀ ପ୍ରଥମେ ପ୍ରାରମ୍ଭିକ କାର୍ଯ୍ୟ ନିମନ୍ତେ ୫ ହଜାର ଟଙ୍କା ଦାନ କରିବା ପାଇଁ ପ୍ରତିଶ୍ରୁତି ଦେଲେ ।

କୁପନ ବହି ଛପା ପରେ ସମ୍ପାଦକଙ୍କର ନିଜର, ସଭାପତିଙ୍କର ଓ ପଣ୍ଡିତ ନୀଳକଣ୍ଠଙ୍କର କେତେକ ଆତ୍ମୀୟଙ୍କଠାରୁ ଯଥାଶକ୍ତି ସାହାଯ୍ୟ ଗ୍ରହଣ କରାଗଲା ଓ ପାଣ୍ଠି ସଂଗ୍ରହ ପାଇଁ ବିଶିଷ୍ଟ ବ୍ୟକ୍ତି ତଥା ଅନୁଷ୍ଠାନମାନଙ୍କୁ କୁପନ ବହିମାନ ଦିଆଗଲା ଉଭୟ ପତ୍ରାଳାପ ଓ ସାକ୍ଷାତ ମାଧ୍ୟମରେ ବହୁ ପ୍ରତିଷ୍ଠିତ ଓ ବଦାନ୍ୟ ବ୍ୟକ୍ତିମାନଙ୍କୁ ପୃଷ୍ଠପୋଷକ ବା ଆଜୀବନ ସଭ୍ୟ ହେବା ଲାଗି ଅଥବା ସ୍ୱେଚ୍ଛାରେ ଯଥାଶକ୍ତି ଦାନ କରିବା ଲାଗି ଅନୁରୋଧ କରାଗଲା ।

## ପ୍ରଥମ ପର୍ଯ୍ୟାୟର ଲକ୍ଷ୍ୟ ପୂରଣ—

ବଡ଼ ଆନନ୍ଦର କଥା ଯେ, ସ୍ମୃତି ପାଣ୍ଠି ସଂଗ୍ରହ ଆରମ୍ଭ କରିବାର ପ୍ରାୟ ୬ ମାସ ମଧ୍ୟରେ ପଣ୍ଡିତ ନୀଳକଣ୍ଠଙ୍କର ୯୫ତମ ଜନ୍ମସପ୍ତାହର ପ୍ରଥମ ପର୍ଯ୍ୟାୟର ଲକ୍ଷ୍ୟ, ଏକ ଲକ୍ଷ ଟଙ୍କା ପୂରଣ ହୋଇଗଲା ।

ଏ ଅବଧି ଏ ବାବଦରେ ମୋଟ ପ୍ରାୟ ୧ ଲକ୍ଷ ୫ ହଜାର ଟଙ୍କା ସଂଗୃହୀତ ହୋଇଛି ଓ ଆହୁ ପ୍ରାୟ ୮ ହଜାର ଟଙ୍କାର ପ୍ରତିଶ୍ରୁତି ମିଳିଛି । ଯେଉଁମାନଙ୍କ ଦାନରେ ଏ ସ୍ମୃତିଗଚ୍ଛି ଉଠିଛି, ସେମାନେ ହେଲେ—

Digitized by srujanika@gmail.com

| | |
|---|---|
| ୭ ଜଣ ପୃଷ୍ଠପୋଷକ ସଭ୍ୟ | ଟ ୩୦,୦୦୦ |
| ୪୨ ଜଣ ଆଜୀବନ ସଭ୍ୟ | ଟ ୪୩,୦୦୦ |
| ୮୦ ଜଣ ସାଧାରଣ ସଭ୍ୟ | ଟ ୮୦୦ |
| ରାଜ୍ୟ ସରକାରଙ୍କ ସାଂସ୍କୃତିକ ବିଭାଗ | ଟ ୧୦,୦୦୦ |
| ଅନ୍ୟାନ୍ୟ ଦାନ, ଟ ୧୦ ରୁ ଆରମ୍ଭ କରି | |
| ଟ ୫୦୦ ପର୍ଯ୍ୟନ୍ତ ପ୍ରାୟ ୫୦୦ ଜଣ | ଟ ୧୪ ୦୦୦ |

## ସ୍ମୃତି ପାଣ୍ଠିର ବିନିଯୋଗ—

ପଣ୍ଡିତଜୀଙ୍କର ଉପରୋକ୍ତ ଜନ୍ମଦିବସ, ଅର୍ଥାତ୍ ତା ୫।୮।୭୯ ରିଖରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ସିନେଟର ଫେଲୋସିପ୍‌ଟିଏ ସୃଷ୍ଟି କରିବା ନିମନ୍ତେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନୀଳମଣି ରାଉତରାୟଙ୍କର ସଭାପତିତ୍ୱରେ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ହାତରେ ୭୨ ହଜାର ଟଙ୍କାର ଚେକ୍‌ଟିଏ ଅର୍ପଣ କରାଗଲା । ତାର ମାସକ ପରେ ସେପ୍‌ଟେମ୍ବର ୧୫ ତାରିଖରେ ଉତ୍କଳ ବିଶ୍ୱବିଦ୍ୟାଳୟ ମାର୍ଫତରେ "ନୀଳକଣ୍ଠ ସ୍ମାରକୀ ବକ୍ତୃତାମାଳା"ର ପ୍ରବର୍ତ୍ତନ ନିମନ୍ତେ ଉକ୍ତ ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଚେକ୍‌ରେ ପୁଣି ୨୦ ହଜାର ଟଙ୍କା ପ୍ରଦାନ କରାଗଲା । ଏହି ଦୁଇଟି ପୃଥକ୍ ପୃଥକ୍ ଏଣ୍ଡାଉମେଣ୍ଟର ସୁଧରେ ଉପରୋକ୍ତ କାର୍ଯ୍ୟକ୍ରମ ଦୁଇଟି ଯଥାରୀତି ଚାଲିପାରିବ ବୋଲି ଆଶା କରାଯାଏ ।

ଏ ରାଜ୍ୟର ଛାତ୍ରସମାଜ ପଣ୍ଡିତ ନୀଳକଣ୍ଠଙ୍କ ସାହିତ୍ୟ ସେବା, ଜୀବନ-ଦର୍ଶନ ତଥା ଭାବଧାରା ସମ୍ବନ୍ଧରେ ଅବହିତ ରହିବା ନିମନ୍ତେ ପ୍ରଥମେ ବ୍ରହ୍ମପୁର ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦ୍ୱୟ ଅଧୀନରେ ଥିବା ବିଶ୍ୱବିଦ୍ୟାଳୟ ତଥା କଲେଜ ଛାତ୍ରମାନଙ୍କ ମଧ୍ୟରେ ''ନୀଳକଣ୍ଠ ପ୍ରବନ୍ଧ ପ୍ରତିଯୋଗିତା'' ଓ ''ନୀଳକଣ୍ଠ ବକ୍ତୃତା ପ୍ରତିଯୋଗିତା'' ଅନୁଷ୍ଠିତ କରିବା ପାଇଁ ପ୍ରତ୍ୟେକଙ୍କୁ ୫,୨୫୦ ଟଙ୍କା କରି Endow କରିବା ବିଷୟ ଅବଗତ କରାଇ ଏ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ କୁଳପତି ଦ୍ୱୟଙ୍କୁ ଅନୁରୋଧ କରାଯାଇଛି ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସ୍ୱୀକୃତି ଏ ମଧ୍ୟରେ ମିଳି ଗଲାଣି । ପୁଣି ଉକ୍ତ ଉଦ୍ଦେଶ୍ୟରେ ପଣ୍ଡିତ ନୀଳକଣ୍ଠଙ୍କର ପ୍ରଧାନ କର୍ମସ୍ଥଳୀ ସତ୍ୟବାଦୀ ଠାରେ ପରେ ଗଢି ଉଠିଥିବା ସତ୍ୟବାଦୀ ସ୍କୁଲକୁ ଏକ ହଜାର ଟଙ୍କା Endow କରି ଦିବାର ପ୍ରତିଶ୍ରୁତି ଦିଆଯାଇଛି । ଆଶା କରାଯାଉଛି, ପଣ୍ଡିତଜୀଙ୍କର ଆସନ୍ତା ଶ୍ରାଦ୍ଧ ସପ୍ତାହ ଭିତରେ ଉପରୋକ୍ତ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇ କୃତୀ ଛାତ୍ରମାନଙ୍କୁ ପୁରସ୍କାରମାନ ବିତରଣ କରାଯାଇ ପାରିବ ।

**"ନୀଳକଣ୍ଠ ସ୍ମାରକୀ" :**—ପଣ୍ଡିତ ନୀଳକଣ୍ଠଙ୍କ ଜୀବଦଶାରେ ତାଙ୍କ ସମ୍ବନ୍ଧରେ ଭାରତର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ତଥା ରାଜ୍ୟ ଓ ଦେଶର ବହୁ ମାନ୍ୟଗଣ୍ୟ ବ୍ୟକ୍ତି

Digitized by srujanika@gmail.com

ସେମାନଙ୍କର ବହୁ ସୁଚିନ୍ତିତ ତଥା ମୂଲ୍ୟବାନ ମନ୍ତବ୍ୟ ଦେଇଛନ୍ତି । ତାଙ୍କ ମୃତ୍ୟୁ ପରେ ମଧ୍ୟ ଏ ଅବଧି ବହୁ ନେତା, ସାହିତ୍ୟିକ ଓ ଲେଖକ ପଣ୍ଡିତଜୀଙ୍କ କୃତି ସମ୍ପର୍କରେ ବହୁ ଆଲୋଚନାମୂଳକ ପ୍ରବନ୍ଧମାନ ଲେଖିଛନ୍ତି, ଯାହିରୁ କେତେକ ଅତୀତରେ ପତ୍ରପତ୍ରିକା-ମାନଙ୍କରେ ପ୍ରକାଶ ପାଇଛି । ସେ ସବୁରୁ ଅଧିକ ଉପାଦେୟ ବିବେଚିତ ହେଉଥିବା କେତେକ ପ୍ରବନ୍ଧ, ପଣ୍ଡିତ ନୀଳକଣ୍ଠଙ୍କର କେତେକ ଉତ୍କୃଷ୍ଟ ପ୍ରକାଶିତ ଓ ଅପ୍ରକାଶିତ ଲେଖା ତଥା କେତେକ କୃତବିଦ୍ୟ ଲେଖକଙ୍କର ନିବନ୍ଧମାନ ସଂକଳନ କରି ଗୋଟିଏ ସ୍ମାରକ-ଗ୍ରନ୍ଥ ପ୍ରକାଶ କରିବା ନିମନ୍ତେ ସମିତିର କାର୍ଯ୍ୟକାରୀ କମିଟି ଓଡ଼ିଶାର ପ୍ରବୀଣ ଜନନେତା ଓ ସାହିତ୍ୟିକ ଡଃ ହରେକୃଷ୍ଣ ମହତାବଙ୍କ ଅଧ୍ୟକ୍ଷତାରେ ବସିଥିବା ସଭାରେ ପ୍ରସ୍ତାବ ଗ୍ରହଣ କଲେ ଓ ଏଥିପାଇଁ 'ଡଗର' ସମ୍ପାଦକ ଶ୍ରୀଯୁକ୍ତ ନିତ୍ୟାନନ୍ଦ ମହାପାତ୍ରଙ୍କ ମୁଖ୍ୟ ସମ୍ପାଦକତ୍ୱରେ ଡଃ ଭବଗ୍ରାହୀ ମିଶ୍ର ଓ ସମିତି ସମ୍ପାଦକ ଇଂ ମଧୁସୂଦନ ଦାଶଙ୍କୁ ନେଇ ଗୋଟିଏ ସମ୍ପାଦକମଣ୍ଡଳୀ ଗଠନ କରିଦେଲେ । ସମିତିର ଅନ୍ୟତମ ପୃଷ୍ଠପୋଷକ ସତ୍ୟବାଦୀର ସୁଯୋଗ୍ୟ କର୍ମୀ, 'ସମାଜ' ସମ୍ପାଦକ ଡଃ ରାଧାନାଥ ରଥ 'ନୀଳକଣ୍ଠ ସ୍ମାରକୀଟିକୁ" 'ସମାଜ' ପ୍ରେସରୁ ପ୍ରକାଶ କରିବାର ଭାର ବହନ କଲେ । ଏ ମଧ୍ୟରେ ସମ୍ପାଦକମଣ୍ଡଳୀ ବିଭିନ୍ନ ଲେଖକଙ୍କର ପୂର୍ବ ପ୍ରକାଶିତ ଓ ନୂତନ ପ୍ରବନ୍ଧମାନ ପ୍ରକାଶ ପାଇଁ ଅନୁମୋଦନ କଲାପରେ ବହୁ କୃତବିଦ୍ୟ ସାହିତ୍ୟିକଙ୍କର ଆଲୋଚନାତ୍ମକ ନିବନ୍ଧ ଗୁଡ଼ିଏ ବିଳମ୍ବରେ ଆସି ପହଞ୍ଚିଲା । ଗ୍ରନ୍ଥର କଳେବର ସୀମାବଦ୍ଧ ରଖିବା ନିମନ୍ତେ ପରିଶେଷରେ ସମିତିର ଡଃ ସଦାଶିବ ମିଶ୍ରଙ୍କୁ ବହୁ ଶ୍ରମ ସ୍ୱୀକାର କରିବାକୁ ପଡ଼ିଛି—ତଥାପି ଅନେକଗୁଡ଼ିଏ ଉପାଦେୟ ଲେଖା ଯେ ଏଥର ପ୍ରକାଶ ପାଇପାରିନାହିଁ, ଏହା କହିବା ନିଷ୍ପ୍ରୟୋଜନ । ଭବିଷ୍ୟତରେ ସେସବୁର ପ୍ରକାଶ ପାଇଁ ଆଶା ରଖିଛୁ । ସନ୍ଦର୍ଭର ଲେଖକମାନଙ୍କ ଠାରୁ ଏଥିପାଇଁ କ୍ଷମା ଭିକ୍ଷା କରୁଛୁ ।

ଏ ଗ୍ରନ୍ଥରେ କେତୋଟି ଲେଖା ଓ ପଦ୍ୟର ପ୍ରକାଶ ବ୍ୟତୀତ ପଣ୍ଡିତଜୀଙ୍କର ଅମର ଲେଖନୀପ୍ରସୂତ ଅନବଦ୍ୟ ଅବଦାନର ପାଦଦେଶକୁ ମଧ୍ୟ ଆମେ ଏବେ ସ୍ପର୍ଶ କରିପାରି ନାହୁଁ । ଭବିଷ୍ୟତରେ ତାଙ୍କ ସମ୍ପାଦନାରେ ପ୍ରକାଶିତ 'ସତ୍ୟବାଦୀ', 'ନବଭାରତ' ତଥା କେନ୍ଦ୍ର ଆସେମ୍ବ୍ଲିରେ ଦେଇଥିବା ସାରଗର୍ଭକ ବକ୍ତୃତାବଳୀରୁ କିଛି ସଂଗ୍ରହ କରି ପ୍ରକାଶ କରିବାର ଅଭିଳାଷ ରଖିଛୁ ।

ଗ୍ରନ୍ଥଟି 'ସମାଜ' ପ୍ରେସରୁ ପ୍ରକାଶ କରାଇଥିବା ହେତୁ ଡଃ ରାଧାନାଥ ରଥଙ୍କ ନିକଟରେ ଆମେ ବିଶେଷ ଭାବରେ କୃତଜ୍ଞ । ଡଃ ହରେକୃଷ୍ଣ ମହତାବ ସମିତି କାର୍ଯ୍ୟରେ ସଂପୃକ୍ତ ରହି ଆମମାନଙ୍କୁ ନାନା ଭାବରେ ଯେଉଁ ଅକଳନୀୟ ପ୍ରେରଣା ଯୋଗାଇଛନ୍ତି, ତାହା ଭୁଲିପାରିବାର ନୁହେଁ । ସମିତିର ସଭାପତି ଡଃ ସଦାଶିବ ମିଶ୍ର, ଉପସଭାପତି ଶ୍ରୀ ନିତ୍ୟାନନ୍ଦ ମହାପାତ୍ର,ଡଃ ଭବଗ୍ରାହୀ ମିଶ୍ର,ଶ୍ରୀ ଲିଙ୍ଗରାଜ ମିଶ୍ର ତଥା ସମିତିର ଅନ୍ୟାନ୍ୟ କାର୍ଯ୍ୟକାରୀ କମିଟି ଓ ସାଧାରଣ ସଭ୍ୟମାନେ ସମିତିର କାର୍ଯ୍ୟରେ ଯେପରି ଉତ୍ସାହର ସହିତ ଲାଗି ପଡ଼ିଛନ୍ତି, ସେଥିପାଇଁ ସେମାନଙ୍କୁ କୃତଜ୍ଞତା ଜଣାଇବାର ଭାଷା ମୋର

Digitized by srujanika@gmail.com

ନାହିଁ । ଯେଉଁସବୁ ସୁଧୀ ଲେଖକବୃନ୍ଦଙ୍କର ଲେଖନୀରେ "ନୀଳକଣ୍ଠ ସ୍ମାରକୀ" ସମୃଦ୍ଧ, ସେହିମାନେହିଁ ଏହାର ସାଫଲ୍ୟର ଅଧିକାଂଶ ଓ ଗ୍ରନ୍ଥଟିର ସଫଳତା ପାଠକମାନଙ୍କର ବିଚାର୍ଯ୍ୟ ।

ଓଡ଼ିଶାର ବିଶିଷ୍ଟ କଳାକାର ଶ୍ରୀ ମୁରଲୀଧର ଟାଲି ଗ୍ରନ୍ଥଟିର ପ୍ରଚ୍ଛଦପଟର ଛବି ଆଙ୍କି ଦେଇଥିବାରୁ ଆମର ଧନ୍ୟବାଦାର୍ହ । ପରିଶେଷରେ ବିଭିନ୍ନ ସମୟରେ ଆସିଥିବା ପ୍ରବନ୍ଧଗୁଡ଼ିକର ନକଲ କରିବା ଓ ସଂଶୋଧନ ପରେ ସେସବୁ ଆଉ ଥରେ ଉଦ୍ଧାର କରିବାରେ ପଣ୍ଡିତଜୀଙ୍କର କନ୍ୟା ଶ୍ରୀମତୀ ଇନ୍ଦିରା ଦେବୀ ଯେଉଁ କଠୋର ପରିଶ୍ରମ କରିଛନ୍ତି, ଏଥିନିମନ୍ତେ ତାଙ୍କୁ ଏଠି ଧନ୍ୟବାଦ ନ ଜଣାଇଲେ ମୋର କର୍ତ୍ତବ୍ୟରେ ଅବହେଳା ହେଲା ବୋଲି ମନେ କରିବି ।

ଭଗବାନ କରନ୍ତୁ, ସମିତିର କାର୍ଯ୍ୟ ଦିନକୁ ଦିନ କ୍ଷିପ୍ରତର ଗତିରେ ଆଗେଇ ଚାଲୁ ଓ ଉତ୍କଳର ଏଇ ବରିଷ୍ଠ ବରପୁତ୍ରଙ୍କ ଯଥୋଚିତ ସ୍ମୃତିରକ୍ଷାରେ ଆମେ ସମର୍ଥ ହେଉଁ !

---

# ଦ୍ୱିତୀୟ ସଂସ୍କରଣର ଭୂମିକା

# ସ୍ମୃତିସମିତି ଅଗ୍ରଗତିର ବିବରଣୀ

'ନୀଳକଣ୍ଠ ସ୍ମାରକୀ'ର ପ୍ରଥମ ସଂସ୍କରଣ ପ୍ରକାଶ ହୋଇଥିଲା ୧୯୮୦ ମସିହା ଜାନୁୟାରୀରେ, ପଣ୍ଡିତ ନୀଳକଣ୍ଠ ସ୍ମାରକୀ ବକ୍ତୃତାମାଳା'ର ପ୍ରଥମ ବକ୍ତୃତା ପ୍ରଦାନ ଉପଲକ୍ଷେ, ପ୍ରକାଶିତ ୧୦୦୦ ଖଣ୍ଡ ପୁସ୍ତକ ଗତ ବର୍ଷ ଏପ୍ରିଲ ମାସକୁ ନିଃଶେଷ ହୋଇଗଲା । ପୁସ୍ତକ ପ୍ରତି ସମାଜରେ ଆଦର ଥିବାର ଦେଖି ଶୀଘ୍ର ଦ୍ୱିତୀୟ ସଂସ୍କରଣ ପ୍ରକାଶ କରିବା ପାଇଁ ସମିତି ସ୍ଥିର କଲେ । ମାତ୍ର ନାନା କାରଣରୁ ଏହା ପ୍ରକାଶ ପାଇବାରେ ବହୁ ବିଳମ୍ବ ହୋଇ ଯାଇଛି । ଏଥିପାଇଁ ଉତ୍କଣ୍ଠିତ ବନ୍ଧୁମାନେ ଏ ପୁସ୍ତକ ପାଇବାରେ ଯେଉଁ ଅସୁବିଧାର ସମ୍ମୁଖୀନ ହେଲେ, ସେଥିପାଇଁ ଆମେ ଦୁଃଖିତ ।

ଏ ପୁସ୍ତକର ପ୍ରଥମ ସଂସ୍କରଣରେ "ସ୍ମୃତି ସମିତିର ଆଦି କଥା" ଅନୁଚ୍ଛେଦରେ ସମିତି ବିଷୟରେ କେତେକ ବିବରଣୀ ଦିଆ ଯାଇଥିଲା । ତେଣୁ ପାଠକମାନେ ଏବେ ପର୍ଯ୍ୟନ୍ତ ସମିତି କାର୍ଯ୍ୟର ଅଗ୍ରଗତି ସମ୍ବନ୍ଧରେ ଜାଣିବା ନିମନ୍ତେ ଆଗ୍ରହୀ ହେବା ସ୍ୱାଭାବିକ । ଏବେ ସ୍ୱୀକାର କରିବାକୁ ହେବ ଯେ ଏ ମନୀଷୀଙ୍କର ସ୍ମୃତିରକ୍ଷା କାର୍ଯ୍ୟକ୍ରମ ଧୀର ମନ୍ଥର ଗତିରେ ଆଗେଇ ଚାଲିଥିଲେ ହେଁ ଏବେ ବଡ଼ ବରିଷ୍ଠ ପ୍ରତିଭା ସମ୍ପନ୍ନ ଦେଶସେବୀ ମହାପୁରୁଷଙ୍କର ସ୍ମୃତିରକ୍ଷାର ଦ୍ୱାରଦେଶରେ ମାତ୍ର ଆମେ ଏବେ ବିଚରଣ କରୁଛୁ । ବାସ୍ତବ କାର୍ଯ୍ୟ ଓ ଦେଶବାସୀ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ସେହି

Digitized by srujanika@gmail.com

ମହାନ୍ ଆତ୍ମାଙ୍କର ଆଶୀଷ ଉପରେ ହିଁ ନିର୍ଭର କରେ । ଏ ଅବଧି ଯାହା ସବୁ କରି ଯାଇଛୁ, ତାର କେତେକ ସୂଚନା ଏଠି ପ୍ରଦାନ କରିବା ସଂଗତ ମନେ କରୁଛି ।

ସ୍ମୃତି ସମିତି ଗଠିତ ହେବାଠାରୁ ଉତ୍କଳ ବିଶ୍ୱବିଦ୍ୟାଳୟରେ ଗୋଟିଏ Senior ଛାତ୍ରବୃତ୍ତି ଓ "ପଣ୍ଡିତ ନୀଳକଂଠ ସ୍ମାରକୀ ବକ୍ତୃତା ମାଳା" ପାଇଁ ସ୍ଥାୟୀ ପାଣ୍ଠି ଉତ୍କଳ ବିଶ୍ୱ ବିଦ୍ୟାଳୟ ମାର୍ଫତରେ ସୃଷ୍ଟି କରିବା ବ୍ୟତୀତ ନିମ୍ନଲିଖିତ ପ୍ରତି-ଯୋଗିତାଗୁଡ଼ିକ ପ୍ରତି ବର୍ଷ ବିନା ବାଧାରେ ସ୍ଥାୟୀ ପାଣ୍ଠିର କଲ୍ୟାଣରୁ ଅନୁଷ୍ଠିତ ହୋଇ ପାରିବାର ବ୍ୟବସ୍ଥା କରି ଯାଇଛୁ ।

## ପଣ୍ଡିତ ନୀଳକଂଠ ପ୍ରବନ୍ଧ, ବକ୍ତୃତା ଓ କବିତା ଆବୃତ୍ତି ପ୍ରତିଯୋଗିତା :—

୧ ) ଓଡ଼ିଶାର ୩ଟି ଯାକ ଅବୈଷୟିକ ବିଶ୍ୱବିଦ୍ୟାଳୟରେ ପ୍ରତ୍ୟେକରେ ୨ ହଜାର ଟଙ୍କାର ସ୍ଥାୟୀ ପାଣ୍ଠି ସୃଷ୍ଟି ଦ୍ୱାରା "ପଣ୍ଡିତ ନୀଳକଂଠ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା ।"

୨ ) ଭାରତୀସ୍ଥ ବିଦ୍ୟାଭବନ ଆନୁକୂଲ୍ୟରେ ୩୫ ବର୍ଷରୁ ଊର୍ଦ୍ଧ୍ୱ ଲେଖକ ମାନଙ୍କ ମଧ୍ୟରେ "ପଣ୍ଡିତ ନୀଳକଂଠ ପ୍ରବନ୍ଧ ପ୍ରତିଯୋଗିତା" । ସର୍ବଶ୍ରେଷ୍ଠ ପ୍ରବନ୍ଧ ପାଇଁ ୧୦୦୦ ଟଙ୍କା ପୁରସ୍କାର ରଖା ଯାଇଛି ।

୩ ) ଏକ ହଜାର ଟଙ୍କା ସ୍ଥାୟୀ ପାଣ୍ଠି ସୃଷ୍ଟି ଦ୍ୱାରା ସତ୍ୟବାଦୀ ସ୍କୁଲରେ ଛାତ୍ରମାନଙ୍କ ମଧ୍ୟରେ "ପଣ୍ଡିତ ନୀଳକଂଠ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା ।"

୪ ) ଓଡ଼ିଶାର ପ୍ରତି ଜିଲ୍ଲାର ସଦର ମହକୁମା ଓ ରାଜଧାନୀରେ ଶିକ୍ଷା ବିଭାଗର ସ୍କୁଲ ସବ୍‌ଇନସ୍ପେକ୍ଟରଙ୍କ ମାର୍ଫତରେ ପ୍ରତ୍ୟେକ କେନ୍ଦ୍ର ପାଇଁ ୯୦୦ ଟଙ୍କାର ସ୍ଥାୟୀ ପାଣ୍ଠି ସୃଷ୍ଟି ଦ୍ୱାରା ହାଇସ୍କୁଲ ଛାତ୍ରମାନଙ୍କ ମଧ୍ୟରେ "ପଣ୍ଡିତ ନୀଳକଂଠ ବକ୍ତୃତା ଓ କବିତା ଆବୃତ୍ତି ପ୍ରତିଯୋଗିତା" ।

ଏ ସବୁ ବ୍ୟତୀତ ଓଡ଼ିଶାର ତରୁଣ ଲେଖକମାନଙ୍କ ମଧ୍ୟରେ ପଣ୍ଡିତ ନୀଳକଂଠ ପ୍ରବନ୍ଧ ପ୍ରତିଯୋଗିତା ଏହି ଅଗଷ୍ଟ ମାସରୁ ପଣ୍ଡିତ ନୀଳକଂଠଙ୍କ ଜୟନ୍ତୀ ସମୟରେ ଅନୁଷ୍ଠିତ କରାଇବାର ବ୍ୟବସ୍ଥା ହେଉଛି ।

**ପୁସ୍ତକ ସଂକଳନ ଓ ପ୍ରକାଶ :—**ଉପରୋକ୍ତ 'ନୀଳକଂଠ ସ୍ମାରକୀ'ର ପୁନଃ ପ୍ରକାଶ ବ୍ୟତୀତ :

୧ ) ଅଧ୍ୟାପକ ଚନ୍ଦ୍ରମଣି ଦାଶଙ୍କ 'ମନୀଷୀ ନୀଳକଂଠ' ନାମକ ସମାଲୋଚନା ମୂଳକ ପୁସ୍ତକଟି ସମିତି ତରଫରୁ ପ୍ରକାଶ କରାଯାଉଛି । ଏହା ଏବେ ଯନ୍ତ୍ରସ୍ଥ ।

୨ ) ପଣ୍ଡିତ ନୀଳକଂଠଙ୍କର ସଂକ୍ଷିପ୍ତ ଜୀବନୀ ସଂକଳନ ।—ବିଶ୍ୱଭାରତୀର ପ୍ରାଧ୍ୟାପକ ଡଃ. ନରେନ୍ଦ୍ରନାଥ ମିଶ୍ର ଏକ ସଂକ୍ଷିପ୍ତ ଜୀବନୀ ଓଡ଼ିଆରେ ଲେଖୁଛନ୍ତି । ତାହା ଏବେ ଶେଷ ପର୍ଯ୍ୟାୟରେ ଅଛି ।

Digitized by srujanika@gmail.com

୩ ) ଏହା ପରେ ଇଂରାଜୀରେ ମଧ୍ୟ ରୂପାନ୍ତରିତ ହୋଇ ଖଣ୍ଡିଏ 'ଜୀବନୀ' ପ୍ରକାଶ କରାଯିବାର ସ୍ଥିର କରାଯାଇଛି ।

୪ ) ପଣ୍ଡିତ ନୀଳକଂଠଙ୍କର ପୂର୍ଣ୍ଣାଙ୍ଗ ଜୀବନୀ ସଂକଳନ ପାଇଁ ଉଦ୍ୟମ ଚାଲିଛି ଓ ସେଥିରେ ସହାୟକ ହେବା ନିମନ୍ତେ ତାଙ୍କ ସମ୍ପାଦିତ 'ନବଭାରତ'ରୁ ତାଙ୍କ ଲେଖା ଓ ଆଲୋଚନା ଏବଂ ଓଡ଼ିଶା ବିଧାନ ସଭାରେ ସେ ଦେଇଥିବା ବକ୍ତୃତାର ନକଲ କରାଯାଉଛି । ତାଙ୍କର କେନ୍ଦ୍ର ଆସେମ୍ବ୍ଲି ବକ୍ତୃତା ଓ ମନ୍ତବ୍ୟ ମାନ ମଧ୍ୟ ସଂଗ୍ରହ କରିବାର ଉଦ୍ୟମ ହେଉଛି ।

## ଅନ୍ୟାନ୍ୟ କାର୍ଯ୍ୟକ୍ରମ :—

ଏତଦ୍ ବ୍ୟତୀତ ପୂର୍ବ ସଂସ୍କରଣରେ ଦର୍ଶାଯାଇଥିବା ସମିତିର କାର୍ଯ୍ୟକ୍ରମ ମଧ୍ୟରୁ ଏ ମଧ୍ୟରେ ଗୋଟିକର ସଫଳ ରୂପାୟନ ହୋଇ ପାରିଛି, ଯଥା ପଣ୍ଡିତ ନୀଳକଂଠଙ୍କ ନାମରେ ନଗର ସ୍ଥାପନ । ସମିତିର ପୂର୍ବ ଅନୁରୋଧ ରକ୍ଷା କରି ଓଡ଼ିଶା ସରକାର ରାଜଧାନୀର 'ଗୋପବନ୍ଧୁ ନଗର' ଓ 'ମଧୁସୂଦନ ନଗର'ର ମଧ୍ୟବର୍ତ୍ତୀ ଅଞ୍ଚଳକୁ "ନୀଳକଂଠ ନଗର" ନାମରେ ନାମିତ କରି ସମିତିର ଧନ୍ୟବାଦାର୍ହ ହୋଇଛନ୍ତି । ସମିତିର ଅନ୍ୟତମ ଅନୁରୋଧ. ଏହି ନଗରର ମୁଖ୍ୟ ପ୍ରବେଶ ଦ୍ୱାରରେ ପଣ୍ଡିତ ନୀଳକଂଠଙ୍କର ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ତାଙ୍କର ଶତବାର୍ଷିକୀ ସମ୍ବତ୍ସର ମଧ୍ୟରେ ସ୍ଥାପିତ ହୋଇ ପାରିବ ବୋଲି ଆଶା କରାଯାଏ ।

ପଣ୍ଡିତ ନୀଳକଂଠଙ୍କର ଜନ୍ମ ଶତବାର୍ଷିକୀ ଆସନ୍ତା ବର୍ଷ ଅଗଷ୍ଟ ମାସରୁ ବର୍ଷକ ପାଇଁ ଯଥୋଚିତ ଭାବରେ ପାଳନ କରାଯିବା ନିମନ୍ତେ ସମିତି ସ୍ଥିର କରିଛନ୍ତି । ସେଥିଲାଗି ଶିକ୍ଷାମନ୍ତ୍ରୀ ଶ୍ରୀ ଗଙ୍ଗାଧର ମହାପାତ୍ରଙ୍କ କାର୍ଯ୍ୟକାରୀ ସଭାପତିତ୍ୱରେ ଓଡ଼ିଶାର ପତି ଜିଲ୍ଲା ପାଇଁ ଗୋଟିଏ ଲେଖାଏଁ ଆଞ୍ଚଳିକ କମିଟି ଗଠନ କରାଯାଇଛି ଏବଂ ପଣ୍ଡିତ ନୀଳକଂଠଙ୍କର ଅନ୍ୟତମ କର୍ମକ୍ଷେତ୍ର ବଢ଼ିନ୍ନାଞ୍ଚଳରେ ଓ କଲିକତାରେ ମଧ୍ୟ ଏହା ପାଳିତ ହେବା ଲାଗି ବ୍ୟବସ୍ଥା କରାଯାଇଛି ।

## ଆୟ ବ୍ୟୟ :—

ପଣ୍ଡିତ ନୀଳକଂଠଙ୍କ ସ୍ମୃତି ପାଣ୍ଠି ପାଇଁ ବିଭିନ୍ନ ସୂତ୍ରରୁ ଏ ଅବଧି ପ୍ରାପ୍ତ ଏକ ଲକ୍ଷ ୬୫ ହଜାର ଟଙ୍କା ସଂଗୃହୀତ ହୋଇଛି ଓ ବିଭିନ୍ନ ବାବଦରେ ୧ ଲକ୍ଷ ୦ ହଜାର ଟଙ୍କା ବ୍ୟୟ ବାଦ୍ ଯାଇ ବାକି ପ୍ରାପ୍ତ ୬୫ ହଜାର ଟଙ୍କା ବ୍ୟାଙ୍କରେ ଗଚ୍ଛିତ ଅଛି । ଭବିଷ୍ୟତର ପରିକଳ୍ପନା ଦୃଷ୍ଟିରୁ ବହୁ ଅର୍ଥର ପ୍ରୟୋଜନ ବୋଲି କହିବା ଅନାବଶ୍ୟକ ।

———

Digitized by srujanika@gmail.com

# ବିଶିଷ୍ଟ ବ୍ୟକ୍ତିମାନଙ୍କ ମତରେ

# ନୀଳକଣ୍ଠ

"ସଦାଶିବ ନୀଳକଣ୍ଠ ସତତ ସନ୍ନ୍ୟାସୀ
ଜଗତ ମଙ୍ଗଳେ ଗୋପବନ୍ଧୁ ବ୍ରଜବାସୀ ।
× × × ×
ଜ୍ଞନଗ୍ରଣି ପବିତ୍ରତା ଉଭୟେ ତ ତୁଲ
ଉଦ୍ଧାରବେ ଭଗୀରଥ ସମାନରେ କୁଳ ।
ବହୁଯୁଗ ଯୁଗାନ୍ତର ସାଧନାର ଫଳେ
ଜନ୍ମିଲେ ନିଃସ୍ୱାର୍ଥ ଯୋଗ୍ୟପୁତ୍ର ଏ ଉତ୍କଳେ ।"

—ବ୍ୟାସକବି ଫକୀରମୋହନ

*

"ମୁଁ ମଲା ପରେ ନୀଳକଣ୍ଠ ରହିବ
ସେ ଓଡ଼ିଶାର ସବୁ କାର୍ଯ୍ୟ କରିବ ।"

—ଉତ୍କଳ ଗୌରବ ମଧୁବାବୁ (ମୃତ୍ୟୁର ପ୍ରାକ୍‌କାଳରେ)

ମଧୁବାବୁ—"ଗୋପବନ୍ଧୁ, କାଳନ୍ଦାଟା ଏ ଗଢ଼ିଦେଲୁ ।"
ଗୋପବନ୍ଧୁ—"ମୁଁ ନୁହେଁ, ନୀଳକଣ୍ଠ ।"

(ସତ୍ୟବାଦୀ ବନବିଦ୍ୟାଳୟ ସମ୍ବନ୍ଧରେ ମଧୁବାବୁ ଓ ଗୋପବନ୍ଧୁଙ୍କ ଭିତରେ କଥାବାର୍ତ୍ତା)

*

"ପଣ୍ଡିତ ନୀଳକଣ୍ଠ ଦାସ ଓଡ଼ିଶାରେ ଅର୍ଦ୍ଧଶତାବ୍ଦୀ ଧରି ଉଭୟ ରାଜନୀତି ଓ ସାହିତ୍ୟ କ୍ଷେତ୍ରରେ ଏକ ପ୍ରଧାନ ଭୂମିକା ଗ୍ରହଣ କରି ଆସିଛନ୍ତି । ତାଙ୍କୁ ବହୁ ବର୍ଷ ଧରି ଜାଣିବାର ସୁବିଧା ମୁଁ ପାଇଛି ।"

—ଭାରତର ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ

Digitized by srujanika@gmail.com

"ଗତ ଅର୍ଦ୍ଧଶତାବ୍ଦୀ ଧରି ପଣ୍ଡିତ ନୀଳକଣ୍ଠ ବିଭିନ୍ନ ଭୂମିକାରେ ଓଡ଼ିଶାର ମହନୀୟ ସେବା କରି ଆସୁଛନ୍ତି । ଜଣେ ଶିକ୍ଷକ ଓ ଶିକ୍ଷାବିତ୍ ଭାବରେ ତାଙ୍କର କାର୍ଯ୍ୟ ଓ ଆହୁରି ବେଶୀ ଜୀବନ ଓ ସାହିତ୍ୟ କ୍ଷେତ୍ରରେ ତାଙ୍କର କୃତି ଜନସମାଜରେ ତାଙ୍କୁ ସୁପ୍ରତିଷ୍ଠିତ କରି ରଖିଛି ଏବଂ ଲୋକେ ଏ ସମ୍ବନ୍ଧରେ ନ୍ୟାୟତଃ ଗୌରବାନ୍ୱିତ ବୋଧ କରୁଛନ୍ତି ।"

—ଭାରତର ରାଷ୍ଟ୍ରପତି ଡଃ ସର୍ବପଲ୍ଲୀ ରାଧାକୃଷ୍ଣନ୍

*

"ପଣ୍ଡିତ ନୀଳକଣ୍ଠ ଜଣେ ବହୁପ୍ରତିଭାସମ୍ପନ୍ନ ବ୍ୟକ୍ତି ଥିଲେ । ଏକାଧାରରେ ସେ ଥିଲେ ଜଣେ ବିଶିଷ୍ଟ ଦେଶପ୍ରେମୀ, ରାଜନୀତିଜ୍ଞ ଓ ସାହିତ୍ୟିକ । ସଂକ୍ଷେପରେ କହିବାକୁ ଗଲେ, ପଣ୍ଡିତ ନୀଳକଣ୍ଠ ଉତ୍କଳମାତାଙ୍କର ମୁକୁଟର ମଣି ସଦୃଶ ଥିଲେ ।"

—ତା ୧୨ । ୧୧ । ୬୭ 'ସମାଜ'

—ଡକ୍ଟର ଅଯୋଧ୍ୟାନାଥ ଖୋସଲା, ଓଡ଼ିଶାର ରାଜ୍ୟପାଳ

*

"ଓଡ଼ିଶାର ବରପୁତ୍ର ପଣ୍ଡିତ ନୀଳକଣ୍ଠ ଦାସ ଜଣେ ଆଜନ୍ମ ସଂଗ୍ରାମୀ ଥିଲେ — ସେ ଥିଲେ ପୁଣି ବହୁମୁଖୀ ପ୍ରତିଭାର ଅଧିକାରୀ । ଲେଖକ, କବି ଏବଂ ସାମ୍ବାଦିକ ହିସାବରେ ସେ ଆଧୁନିକ ଓଡ଼ିଶାର ଇତିହାସରେ ତାଙ୍କ କୃତିତ୍ୱ ଲିପିବଦ୍ଧ କରି ଯାଇଛନ୍ତି । ଜଣେ ପ୍ରବୀଣ ରାଜନୀତିଜ୍ଞ ଏବଂ ଟାଣୁଆ ବ୍ୟବସ୍ଥାପକ ହିସାବରେ ସେ ଯେଉଁ ବିଚକ୍ଷଣତା ଦେଖାଇ ଯାଇଛନ୍ତି, ତାହା ଓଡ଼ିଶାବାସୀଙ୍କ ସ୍ମୃତିପଟରେ ଚିରଦିନ ଅଙ୍କିତ ରହିଥିବ ଓ ତାଙ୍କର ପ୍ରେରଣା ଏ ରାଜ୍ୟର ଲୋକଙ୍କୁ ଚିରଦିନ ଅନୁପ୍ରାଣିତ କରୁଥିବ ।"

—ତା ୮ । ୧୧ । ୬୭ 'ସମାଜ'

—ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓ, ଓଡ଼ିଶାର ମୁଖ୍ୟମନ୍ତ୍ରୀ

*

"ପଣ୍ଡିତ ନୀଳକଣ୍ଠ ଜଣେ ମହାନ୍ ପଣ୍ଡିତ ଓ ଜିଜ୍ଞାସୁ ବ୍ୟକ୍ତି ଥିଲେ— ନିଜର ମତବାଦ ପ୍ରତି ତାଙ୍କର ଗଭୀର ବିଶ୍ୱାସ ଥିଲା । ସେ ଜଣେ ଆଜନ୍ମ ବିପ୍ଳବୀ ଥିଲେ । ତାଙ୍କର ଦେଶାତ୍ମବୋଧ ଅତି ଉଚ୍ଚକୋଟୀର ଓ ଉଦ୍ଦୀପକ ମଧ୍ୟ ଥିଲା । ସେ ମନୁଷ୍ୟ-ମାନଙ୍କ ମଧ୍ୟରେ ଶ୍ରେଷ୍ଠ ଥିଲେ ।"

—ତା ୮ । ୧୧ । ୬୭ 'ସମାଜ'

—ଶ୍ରୀ ବିଶ୍ୱନାଥ ଦାସ, ଓଡ଼ିଶାର ଭୂତପୂର୍ବ ମୁଖ୍ୟମନ୍ତ୍ରୀ

Digitized by srujanika@gmail.com

"ପଣ୍ଡିତ ନୀଳକଂଠ ଦାସ ଜଣେ ମୌଳିକ ଚିନ୍ତକ, ମନସ୍ୱୀ ଓ ଅକୁତୋଭୟ ସଂଗ୍ରାମୀ ପୁରୁଷ ଥିଲେ । ସେ କୌଣସି ପରିସ୍ଥିତିରେ ମଧ୍ୟ ମୌଳିକତା ସହିତ ତାତ୍‌କାଳିକତାର ସାଲିସ୍ କରି ନ ଥିଲେ । ଅତୀତରେ ଯେଉଁମାନେ ଏ ଦେଶରେ କଂଗ୍ରେସର ପ୍ରାଣ-ପ୍ରତିଷ୍ଠା କରିଛନ୍ତି, ପଣ୍ଡିତ ନୀଳକଣ୍ଠ ସେମାନଙ୍କ ମଧ୍ୟରେ ଅନ୍ୟତମ ଓ ଅଗ୍ରଣୀ ।"

— ତା ୮ । ୧୧ । ୬୭ 'କଳିଙ୍ଗ'

—ଶ୍ରୀ ବିଜୁ ପଟ୍ଟନାୟକ

"ନୀଳକଂଠ ବାବୁ ଚରିତ୍ରବାନ୍ ଥିଲେ—ଶ୍ରେୟ ଓ ପ୍ରେୟ ମଧ୍ୟରେ ତାଙ୍କର ଆଦର୍ଶ ଥିଲା ଶ୍ରେୟ ।" × × × ×

×

"ସତ୍ୟବାଦୀ ସ୍କୁଲ ପାଇଁ ପ୍ରଥମ ତ୍ୟାଗ ନୀଳକଂଠ ବାବୁଙ୍କର ।"

"ନୀଳକଣ୍ଠ ବାବୁ ଅନେକ ବର୍ଷ ପରେ ସମାଜରେ 'ପଣ୍ଡିତ' ଆଖ୍ୟା ପାଇଲେ । କିନ୍ତୁ ତୁଳସୀ ଦୁଇପତ୍ରରୁ ବାସିଲା ପରି ତାଙ୍କ ପାଣ୍ଡିତ୍ୟ ପିଲାଦିନୁ ବିକାଶ ଲାଭ କରିଥିଲା ।" × ×

"ମୁଁ କାଳକ୍ରମେ 'ପଣ୍ଡିତ ଗୋଦାବରୀଶ' ନାମରେ ପରିଚିତ ହେଲି । × × ମୋର ବହୁ କାଳର ସଙ୍ଗୀ ପଣ୍ଡିତ ନୀଳକଣ୍ଠଙ୍କ ପାଣ୍ଡିତ୍ୟ ଦେଖି ମୁଁ ଯେ କେତେ ଥର ମୁହଁ ଫିକା ପକାଇଛି, ତାର କଳନା ନାହିଁ ।"

—ପଣ୍ଡିତ ଗୋଦାବରୀଶ

"ପଣ୍ଡିତ ନୀଳକଣ୍ଠ ପ୍ରକୃତରେ ପଣ୍ଡିତ । ତାଙ୍କ ନିକଟରେ ମୁଁ ଶିଶୁ—ବୟସ ଓ ଜ୍ଞାନରେ ।" × × × ତାଙ୍କ ପୁସ୍ତକର ବିଶେଷତଃ 'କୋଣାର୍କେ'ର ଭୂମିକା ଲେଖିବା ମୋ ପକ୍ଷରେ ଏକ ଧୃଷ୍ଟତା × × × 'କୋଣାର୍କେ'ର ଲେଖକ ନୀଳକଣ୍ଠଙ୍କର ମୃତ୍ୟୁ ନାହିଁ ।"

ଡଃ ମାୟାଧର ମାନସିଂହ

———

Digitized by srujanika@gmail.com

# ସ୍ମୃତି ଚାରଣ

Digitized by srujanika@gmail.com

# ପଣ୍ଡିତ ନୀଳକଣ୍ଠ ଦାସ

ଶ୍ରୀ............

ଓଡ଼ିଶାର ଆଧୁନିକ ଯୁଗର ଶ୍ରେଷ୍ଠ ପଣ୍ଡିତ, ମନୀଷୀ, ସାହିତ୍ୟିକ, ବ୍ୟବସ୍ଥାପକ ସମାଜସଂସ୍କାରକ, ଶିକ୍ଷାବିତ ପଣ୍ଡିତ ନୀଳକଣ୍ଠ ଦାସ ସାର୍ଥକ ଜୀବନର ୮୩ ବର୍ଷକାଳ ଭୋଗ କରି ଇହଲୀଳା ତ୍ୟାଗ କଲେ । ପଣ୍ଡିତ ସ୍ୱଭାବରେ ଓଡ଼ିଶାର ସର୍ବସାଧାରଣଙ୍କ ସେ ଯେପରି ଜଣାଶୁଣା ଥିଲେ, ଓଡ଼ିଶା ବାହାରେ ମଧ୍ୟ ସେ ତା'ଠାରୁ କମ ପରିଚିତ ନ ଥିଲେ । ଯେଉଁ ସମୟରେ ଇଂରେଜି ଶିକ୍ଷା ପ୍ରତି ଓଡ଼ିଶା ଲୋକେ ବିଶେଷତଃ ପୁରୀ ଜିଲ୍ଲାର ବ୍ରାହ୍ମଣସମାଜ ବୀତଶ୍ରଦ୍ଧ ଥିଲା, ସେହି ସମୟରେ ପୁରୀଜିଲ୍ଲା ସାକ୍ଷୀଗୋପାଳ ନିକଟ ଶ୍ରୀରାମଚନ୍ଦ୍ରପୁର ଶାସନରେ ୧୮୮୪ ଖ୍ରୀଷ୍ଟାବ୍ଦ ଅଗଷ୍ଟ ମାସ ୫ ତାରିଖରେ ତାଙ୍କର ଜନ୍ମ । ପିତା ଶ୍ରୀ ଆନନ୍ଦ ଦାସ ଗାଁର ଅତି ସାମାନ୍ୟ ଚାଷୀ ଓ ପ୍ରତିପତ୍ତିଶାଳୀ ଲୋକ ଥିଲେ । ମାଆ ସ୍ୱର୍ଣ୍ଣ ଦେଈ ଗାଁର ଜଣେ ଖାନଦାନ ଘରର ଝିଅ । ନବ୍ୟ ଶିକ୍ଷାପ୍ରତି ଆକୃଷ୍ଟ ହୋଇ, ନୀଳକଣ୍ଠ ଗାଁର ମଧ୍ୟ ଓଡ଼ିଆ ସ୍କୁଲରୁ ପାଠପଢ଼ା ସାରି ଗାଁରୁ ଲୁଚି କରି ଚାଲି ଚାଲି ଯାଇ ପୁରୀରେ ପଢ଼ୁଥିଲେ । ସେଠୁ ପଇସାଟିଏ ଧାର କରି ବାପାଙ୍କୁ ପୋଷ୍ଟ କାର୍ଡରେ ଖଣ୍ଡିଏ ଚିଠି ଲେଖିଲେ । "ମୁଁ ବୃତ୍ତି ପାଏ ନ ପାଏ ଏଠି ପଢ଼ିବି ମତେ ଚାଉଳ ଓ ଟଙ୍କା ପଠାଅ ।" ବୃତ୍ତି ନ ପାଇଲେ ପୁରୀରେ ଇଂରେଜୀ ସ୍କୁଲରେ ପଢ଼ାଇବାର ଅବସ୍ଥା ତାଙ୍କ ବାପାଙ୍କର ନ ଥିଲା । ଯାହାହେଉ ୧୮୯୯ ଖ୍ରୀଷ୍ଟାବ୍ଦରେ ନୀଳକଣ୍ଠ ସମସ୍ତ ଓଡ଼ିଶାରେ ଭର୍ଣ୍ଣାକୁଲାର ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରି ବୃତ୍ତି ପାଇ ପୁରୀଜିଲ୍ଲା ସ୍କୁଲରେ ପ୍ରବେଶ କଲେ । ବାଳକ ନୀଳକଣ୍ଠ ପୁରୀଜିଲ୍ଲା ସ୍କୁଲରେ ଅଳ୍ପଦିନ ଭିତରେ ଶିକ୍ଷକ ତଥା ଛାତ୍ରସମାଜରେ ନିଜର ମେଧାବି, ବାକ୍‌ପଟୁତା ଓ ନିର୍ଭୀକତା ଯୋଗୁ ସୁପରିଚିତ ହୋଇଉଠିଲେ । ଏକାଦଶ ଶ୍ରେଣୀର ଛାତ୍ର ଥିଲାବେଳେ ଥରେ କେତେକ ଛାତ୍ରଙ୍କୁ ନେଇ Village Blacksmith ଇଂରେଜୀ ପଦ୍ୟର "Here's the pason prעy and preach" ଅଂଶଟିକୁ ବୁଝିବା ଲାଗି ସେ ଗୋଟିଏ ଚର୍ଚ୍ଚକୁ ଯାଇଥିଲେ । ନୀଳକଣ୍ଠ ଚର୍ଚ୍ଚକୁ ଯାଇଥିବା ଖବର ସ୍କୁଲର ହେଡ୍ ପଣ୍ଡିତ ମହାମହୋପାଧ୍ୟାୟ ସଦାଶିବ ମିଶ୍ରଙ୍କ କାନକୁ ଗଲା । ପଣ୍ଡିତ ମହାଶୟ ବିଚାରିଲେ, ନୀଳକଣ୍ଠ ଖ୍ରୀଷ୍ଟିଆନ ହୋଇଯିବାକୁ ଚିନ୍ତା କରୁଛନ୍ତି । ତେଣୁ ସେ ପ୍ରଧାନଶିକ୍ଷକ ଚନ୍ଦ୍ରମୋହନ ମହାରଣାଙ୍କ ଆଗରେ ଫେରାଦ ହୋଇ କହିଲେ, "କଣ୍ଠ ଖ୍ରୀଷ୍ଟିଆନ ହୋଇଗଲା ।" ଏ କଥା ଶୁଣି ହେଡ୍‌ମାଷ୍ଟର ମହୋଦୟ ନୀଳକଣ୍ଠଙ୍କୁ ଚର୍ଚ୍ଚକୁ ଯିବାର କାରଣ ପଚାରିବାରୁ ସେ ନିର୍ଭୀକ ଭାବରେ କହିଲେ ଯେ,

Digitized by srujanika@gmail.com

କ୍ଲାସରେ ପଢ଼ା ହେଉଥିବା ଭଲେକ ବ୍ଲାକ୍‌ସ୍ମିଥ୍ ବିଷୟ ଅଭିନୟ କରି ଗ୍ରାମବାସୀଙ୍କୁ ବୁଝାଇବା ଉଦ୍ଦେଶ୍ୟରେ କେବଳ ମୁଁ ସେଠାକୁ ଯାଇଥିଲି । ଏ କଥାରେ ପ୍ରଧାନ-ଶିକ୍ଷକ ସନ୍ତୁଷ୍ଟ ହୋଇଥିଲେ ।

ନୀଳକଣ୍ଠ ୧୯୦୧ ମସିହାରେ ମାଟ୍ରିକ୍ୟୁଲେସନ ପରୀକ୍ଷାରେ ବୃତ୍ତି ପାଇ ରେଭେନ୍‌ସା କଲେଜରେ ଅଧ୍ୟୟନ କଲେ । ସେତେବେଳେ ପ୍ରେସିଡେନ୍‌ସିର ବୃତ୍ତି ୧୫ ଟଙ୍କା ଥିଲା । ୧୯୦୭ରେ ସେ ଅଇ. ଏ ରେ ମଧ୍ୟ ମେଧାବୀ ବୃତ୍ତି ପାଇ ବି. ଏ. ଅଧ୍ୟୟନ କଲେ । ଆଇ ଏ. ପଢ଼ିବା ସମୟରେ ନୀଳକଣ୍ଠ ପଣ୍ଡିତ ଗୋପବନ୍ଧୁଙ୍କ ସହିତ ଅତି ଘନିଷ୍ଠ ସଂସ୍ପର୍ଶରେ ଆସିଥିଲେ । ଏହି ସମୟରେ ନୀଳକଣ୍ଠ ଓ ଅନ୍ୟମାନେ ସ୍ୱର୍ଗ ଉତ୍କଳ ଆସୋସିଏସନ ନାମରେ ଗୋଟିଏ ଅନୁଷ୍ଠାନ ଗଢି ମାଟ୍ରିକ୍ ପରୀକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧନା ଜଣାଉଥିଲେ । ଏହି ସମୟରେ ମେଦିନୀପୁରର ବିପ୍ଳବୀ ନେତା ଶ୍ରୀ ଉପେନ୍ଦ୍ର ନାରାୟଣ ଭୂୟାଁ କ୍ଷୁଦିରାମଙ୍କୁ ଓଡ଼ିଶାକୁ ପଠାଇ-ଥିଲେ । କ୍ଷୁଦିରାମ କଟକରେ ଯେଉଁଠି ସ୍ୱର୍ଗୀୟ ବ୍ରଜସୁନ୍ଦର ଦାସଙ୍କର ପୂର୍ଣ୍ଣ ମୁକୁର ପ୍ରେସ ଥିଲା, ସେହିଠାରେ ପଣ୍ଡିତ ଗୋପବନ୍ଧୁଙ୍କ ସାଙ୍ଗରେ ରହୁଥିଲେ । ପଣ୍ଡିତ ଗୋପବନ୍ଧୁ ସେତେବେଳେ କଟକରେ ଅଳ୍ପ ସମୟ ପାଇଁ ଅଡ଼ଭୋକେଟ କୁଳବୃଦ୍ଧ ମଧୁସୂଦନ ଦାସଙ୍କର ଜୁନିୟର ଓକିଲ ଥିଲେ । ପରେ ସେଠାରୁ ପୁରୀକୁ ଓକିଲାତି କରିବାକୁ ଗଲେ । ଅନେକ ବଙ୍ଗୀୟ ଯୁବକ କ୍ଷୁଦିରାମଙ୍କ ପାଖରେ ସମବେତ ହୋଇ ଅତି ଉଦ୍ଦୀପନାମୟ ବକ୍ତୃତା ଓ ଜାତୀୟ ସଙ୍ଗୀତ ଗାନ କରି ଯୁବକ ସମାଜକୁ ବିପ୍ଳବୀ ସଙ୍ଗଠନରେ ଯୋଗ ଦେବାପାଇଁ ମତାଉଥିଲେ । ସେତେବେଳେ ନୀଳକଣ୍ଠ ଏହି ବିପ୍ଳବୀ ଯୁବସଂସ୍ଥାର ନେତା ଥିଲେ । ନୀଳକଣ୍ଠ ଅଇ ଏ. ପାଶ କରି ବି. ଏ. ଶ୍ରେଣୀରେ ନାମ ଲେଖାଇଲା ବେଳେ କଟକ କଲେଜରେ ବି. ଏସ. ସି ବିଭାଗ ଖୋଲିବା ପାଇଁ ସରକାର ୮୦ ହଜାର ଟଙ୍କା ମଞ୍ଜୁର କରିଥିଲେ । ମାତ୍ର ବି. ଏସସି. ରେ ପଢ଼ିବା ପାଇଁ କେହି ଯୁବକ ଆଗଭର ହେଉ ନ ଥିବାରୁ ଅଧ୍ୟାପକ ଯୋଗେଶଚନ୍ଦ୍ର ରାୟଙ୍କ ପ୍ରରୋଚନାରେ ନୀଳକଣ୍ଠ ତାଙ୍କର ପୂର୍ବକଳ୍ପିତ ବିଷୟ ଛାଡ଼ି ଆଉ ୬ ଜଣଙ୍କ ସହିତ ବି ଏସସି. ବିଭାଗରେ ନାମ ଲେଖାଇଲେ । ସେତେବେଳେ ସେ ଇଂରେଜୀ, କେମେଷ୍ଟ୍ରୀ, ଫିଲସଫି ଓ ଅନ୍ୟାନ୍ୟ କେତେକ ବିଷୟ ନେଇଥିଲେ । ସମଗ୍ର ବିଶ୍ୱବିଦ୍ୟାଳୟରେ ସେ କେମେଷ୍ଟ୍ରିରେ ପ୍ରଥମ ସ୍ଥାନ ଅଧିକାର କରିଲେ । ଆଇ. ଏ ପଢ଼ିବା ସମୟରୁ ସଂସ୍କୃତରେ ତାଙ୍କର ଖୁବ୍ ଆଗ୍ରହ ଓ ଦଖଲ ଥିଲା । ବି ଏ. ରେ ସଂସ୍କୃତ ଛାଡ଼ିବାରୁ ସଂସ୍କୃତ ଅଧ୍ୟାପକ ତାଙ୍କୁ ଅଭିମାନ କରି କହିଥିଲେ "ତୁ. ରସାୟନ ସେ ଘେ ପୋଡ଼ି ମରିବୁ ।" ଯାହାହେଉ ସେ ବି. ଏସସି. ପାଶକରି ଏମ. ଏ. ଓ ଆଇନ ପଢ଼ିବା ପାଇଁ କଲିକତା ଗଲେ । ସେଥିଲାଗି ସେ ପୋଷ୍ଟଗ୍ରାଜୁଏଟ ବୃତ୍ତି ମାସକୁ ୩୦ ଟଙ୍କା ଲେଖାଏଁ ପାଇଲେ । ମାତ୍ର ମଝିରେ ଆଇନ ଅଧ୍ୟୟନ ଛାଡ଼ି ସ୍କଟିଶ୍ ଚର୍ଚ୍ଚ କଲେଜରେ ଦର୍ଶନରେ ଏମ. ଏ. ପଢ଼ିଲେ ।

Digitized by srujanika@gmail.com

ନୀଳକଣ୍ଠ ଏମ. ଏ. ପଢ଼ିବା ପୂର୍ବରୁ ୧୯୦୯ ମସିହାରେ ପଣ୍ଡିତ ଗୋପବନ୍ଧୁଙ୍କ ସହିତ ମିଶି ସତ୍ୟବାଦୀକୁ ଶ୍ରୀରାମଚନ୍ଦ୍ର ପୁରଠାରୁ ବର୍ତ୍ତମାନର ସ୍କୁଲକୁ ଆଣି ଗୋଟିଏ ମାଇନର ସ୍କୁଲ ଗଢ଼ିଥିଲେ । ସେତେବେଳେ ଗୋପବନ୍ଧୁ ସତ୍ୟବାଦୀ ମନ୍ଦିରର ଟ୍ରଷ୍ଟି ଥିଲେ । ସତ୍ୟବାଦୀ ବେହଲା ବଗିଚାରେ ମଡେଲ ସ୍କୁଲ ଆରମ୍ଭ ହେଲା । ନୀଳକଣ୍ଠ ଏମ. ଏ. ପାଶ କରି ଫେରିଲେ ହାଇସ୍କୁଲ ଖୋଲାଯିବ ଓ ସେ ହେଡ଼ମାଷ୍ଟର ହେବେ, ଏହି କଥା ସ୍ଥିର ହେଲା । ଏମ. ଏ ପଢ଼ିବା ପାଇଁ ଓଡ଼ିଶାରୁ ଛାତ୍ରମାନେ ଆକୃଷ୍ଟ ହୋଇ କଲିକତା ଯାଉ ନ ଥିଲେ । ନୀଳକଣ୍ଠ ଛାତ୍ରମାନଙ୍କ ମନ ଆକର୍ଷଣ କରିବା ପାଇଁ ବାଧ୍ୟ ହୋଇ କଲିକତା ଏମ. ଏ. ପଢ଼ିବା ପାଇଁ ଗଲେ । ନ ହେଲେ ତାଙ୍କର ପଢ଼ା ସେଇ ବି. ଏ. ଠାରେ ରହିଥାଆନ୍ତା ।

ନୀଳକଣ୍ଠ କଲିକତାରେ ଥିଲାବେଳେ ଢାକାରେ ବିପ୍ଳବୀ ଦଳ ଅନୁଶୀଳନ ସମିତି ନାମରେ ଗୋଟିଏ ଅନୁଷ୍ଠାନ ସଙ୍ଗେ ସମ୍ପୃକ୍ତ ଥିଲେ । ଏତିକିବେଳେ କଲିକତାରେ ସର୍ବଜନୀନ ସଂଘ ନାମକ ଗୋଟିଏ ଅନୁଷ୍ଠାନ ଗଢ଼ାଗଲା । ସବୁ ଧର୍ମକୁ ଏକ କରିବା ଏ ସଂଘ ଗଠନର ଉଦ୍ଦେଶ୍ୟ । ଦେବାନ ବାହାଦୁର ଶ୍ରୀ ଲକ୍ଷ୍ମୀଧର ମହାନ୍ତି ଏ ସଂଘର ଜଣେ ମୁଖ୍ୟ ବ୍ୟକ୍ତି ଥିଲେ । ସ୍କଟିଶ ଚର୍ଚ୍ଚ କଲେଜରେ ପଢ଼ିଲାବେଳେ ନୀଳକଣ୍ଠ କଲେଜକୁ ଧୋତି କମିଜ ପିନ୍ଧି କାନ୍ଧରେ ଚାଦର ପକାଇ ଯାଉଥିଲେ । ଯୋତା କି ଚଟି ମଧ୍ୟ ମାଡ଼ୁ ନ ଥିଲେ ଓ ବଡ଼ ନିରାଡମ୍ବର ଭାବରେ କଲିକତାରେ ଚଳୁଥିଲେ । ସେହି ଚାଲିଚଳନ ତାଙ୍କର ଶେଷ ଜୀବନ ଯାଏ ବି ଥିଲା । ସେଥିପାଇଁ ଅନେକ ସହପାଠୀ ତାଙ୍କୁ ଭାରି ଖାତିର କରୁଥିଲେ । ଆଉ କେହି କେହି ସମାଲୋଚନା ବି କରୁଥିଲେ । ଏହି ସମୟରୁ 'ଉତ୍କଳ ସାହିତ୍ୟ'କୁ ସେ ଭିନ୍ନ ଭିନ୍ନ ପ୍ରବନ୍ଧ ଲେଖି ଧର୍ମ ଜଗତରେ ଓ ଓଡ଼ିଆ ସାହିତ୍ୟରେ ଏକ ଆନ୍ଦୋଳନ ଆରମ୍ଭ କରିଥିଲେ । 'ଅଛୁଁ ଓ ହେବୁ' 'ନୀତି ଓ ପ୍ରକୃତି', 'ଆମ୍ଭର ଥିଲା ବା କାରଣ ଆଇପାରେ' ଅର୍ଥାତ୍ ସାମାଜିକ କୁସଂସ୍କାର ବିରୁଦ୍ଧରେ ଏଇପରି ପ୍ରବନ୍ଧମାନ ଲେଖି ସେ ସମାଜରେ ଗୋଟିଏ ଚମକ ସୃଷ୍ଟି କରିଥିଲେ । ସେ ସବୁ ପ୍ରବନ୍ଧ ଦେଖି ଲୋକେ ଭାବୁଥିଲେ ଭବିଷ୍ୟତରେ ଗୋପବନ୍ଧୁ ଦାସ କବି ଓ ନୀଳକଣ୍ଠ ରାଜନୈତିକ ନେତା ହେବେ । ଯାହାହେଉ ସମାଜସଂସ୍କାର ପାଇଁ ନୀଳକଣ୍ଠ ଏବଠୁ ପ୍ରବଳ ଆନ୍ଦୋଳନ ଆରମ୍ଭ କରି ଦେଇଥିଲେ । ସଭା ସମିତି ପାଇଁ ଯେଉଁସବୁ ବିଜ୍ଞାପନ ଦିଆଯାଏ, ସେଥିରେ ଖୁବ ଚମକପ୍ରଦ ଶିରୋନାମା ଦେଇ ସେ ଲୋକଙ୍କୁ ଆକୃଷ୍ଟ କରୁଥିଲେ । ଯଥା— "ଟିକିଏ ଶୁଣିବେ କି ?" ଛାତ୍ର ସମୟରୁ ନୀଳକଣ୍ଠଙ୍କର ଭାଷା ଓ ବକ୍ତୃତା ଏତେ ଓଜସ୍ୱିନୀ ଥିଲା ଯେ ଦଳଦଳ ଲୋକେ ସେଥିପ୍ରତି ଆକୃଷ୍ଟ ହେଉଥିଲେ ।

ବି. ଏ. ପାଶ କରିବା ପରଠାରୁ ସେ ଜାତି ରକ୍ଷି ସଂସ୍କାର ପାଇଁ ଆଉ ଗୋଟିଏ ସାମାଜିକ ବିପ୍ଳବ ସୃଷ୍ଟି କରୁଥିଲେ । ସେ ସ୍କଟିଶ ଚର୍ଚ୍ଚ କଲେଜରୁ

Digitized by srujanika@gmail.com

୧୯୧୧ ଏମ. ଏ. ପାଶ କରି ଆସି ସତ୍ୟବାଦୀ ସ୍କୁଲରେ ହେଡମାଷ୍ଟ୍ର ରୂପେ ଯୋଗ ଦେଲେ । ଏହି ସ୍କୁଲରେ ସେ ଏଠାକାବେଳେ ଛାତ୍ର ଓ ଶିକ୍ଷକମାନଙ୍କ ମଧ୍ୟରେ ସହଭୋଜନର ବ୍ୟବସ୍ଥା ଆରମ୍ଭ କରିଥିଲେ । ଗୋଟିଏ କଣ୍ଡରା (ହରିଜନ) ପିଲାକୁ ବୋର୍ଡିଂରେ ରଖି ବ୍ରାହ୍ମଣ ପିଲାଙ୍କ ସହିତ ସବୁ ଅନ୍ତେବାସୀଙ୍କୁ ଏକାଠି ଖୁଆଇବାରେ ସେ ଅଞ୍ଚଳରେ ଚହଳ ପଡ଼ିଗଲା । ଉଗ୍ରପନ୍ଥୀ ଓ ସଂସ୍କାର ବିରୋଧୀ ଶାସନର ବ୍ରାହ୍ମଣମାନେ ଏପରି ବ୍ୟବହାର ବିରୋଧ କରି ପ୍ରତିଶୋଧ ନେବାପାଇଁ ସତ୍ୟବାଦୀ ବିଦ୍ୟାଳୟକୁ ପୋଡ଼ିଦେଲେ । ନୀଳକଣ୍ଠ ଏଥିରେ ଦବି ନ ଯାଇ ସ୍କୁଲର ପକ୍କା ଗୃହ ନିର୍ମାଣରେ ବ୍ରତୀ ହେଲେ । ଏ ଦିଗରେ ପଣ୍ଡିତ ଗୋପବନ୍ଧୁ ତାଙ୍କୁ ଯଥେଷ୍ଟ ପ୍ରେରଣା ଓ ଉତ୍ସାହ ଦେଇଥିଲେ ଓ ସ୍ୱର୍ଗୀୟ ଗୋପୀନାଥ ଦାଶ ଏମାନଙ୍କୁ ସରକାରୀ ଚାକିରିରେ ଥାଇ ମଧ୍ୟ ଆର୍ଥିକ ସାହାଯ୍ୟ କରୁଥିଲେ । ଏହା ପରେ ନୀଳକଣ୍ଠ ଆହୁରି ଉଗ୍ରତର ହୋଇ ଶାସନୀ ବ୍ରାହ୍ମଣ ସମାଜରେ 'ଜାତି' ଆନ୍ଦୋଳନକୁ ଏତେ ତୀବ୍ର ଓ କ୍ଷିପ୍ର କରି ପକାଇଲେ ଯେ, ସମ୍ପ୍ରଦାୟ ଶାସନୀ ବ୍ରାହ୍ମଣସମାଜ ହୁଲସ୍ଥୁଲ ହୋଇ ଶେଷରେ ଦବିଗଲା ଓ ସତ୍ୟବାଦୀ ସ୍କୁଲରେ ସଂସ୍କାର ପ୍ରବର୍ତ୍ତନ ସଫଳତା ଲାଭ କରି ସମାଜରେ ନୂତନ ଦୃଷ୍ଟିକୋଣ ସୃଷ୍ଟି କଲା । ସତ୍ୟବାଦୀର ଛାତ୍ରମାନେ ସରଳ ଜୀବନଯାପନ କରି ପୂର୍ବର ଋଷି ଆଶ୍ରମ ପ୍ରବର୍ତ୍ତିତ ନିୟମମାନ ପାଳନ କରି ସେବା ମନୋବୃତ୍ତି ପରିସ୍ଫୁଟନରେ ଶିକ୍ଷା କଲେ । ବିଶ୍ୱବିଦ୍ୟାଳୟର ଶିକ୍ଷକ ଓ ଛାତ୍ରମାନେ ବିଭିନ୍ନ ଗ୍ରାମ ବୁଲି ରୋଗୀ ସେବା, ଦୁଃସ୍ଥ ସେବା, ଅନାହାର ବା ଦୁର୍ଭିକ୍ଷ-କ୍ଳିଷ୍ଟଙ୍କର ସେବା କର୍ମରେ ନିରତ ନିୟୋଜିତ ରହୁଥିଲେ । ନିଜେ ଅଧ୍ୟକ୍ଷ ନୀଳକଣ୍ଠ କଲେରା ରୋଗୀମାନଙ୍କୁ ଚିକିତ୍ସା କରି ଛାତ୍ରମାନେ ତଥା ଲୋକଙ୍କ ଭିତରୁ କଲେରା ଭୟ ଦୂର କରିବାକୁ ସମର୍ଥ ହୋଇଥିଲେ । ୧୯୧୧ ଠାରୁ ୧୯୧୮ ପର୍ଯ୍ୟନ୍ତ ୭ ବର୍ଷ କାଳ ନୀଳକଣ୍ଠ ପ୍ରଗାଢ଼ ଅଧ୍ୟୟନରେ ରତ ଥାଇ ତାଙ୍କର ପ୍ରଥମ କାବ୍ୟ 'ପ୍ରଣୟୀ' ରଚନା କରିଥିଲେ ।

ଏ ସମୟରେ ଗୋପବନ୍ଧୁଙ୍କ ପ୍ରତିଷ୍ଠିତ ସତ୍ୟବାଦୀ ନାମକ ମାସିକ ପତ୍ରିକାରେ ନୀଳକଣ୍ଠ, ଗୋଦାବରୀଶ ଓ କୃପାସିନ୍ଧୁ ନିୟମିତ ଭାବେ ପ୍ରବନ୍ଧ ଓ କବିତାମାନ ଲେଖି ସାହିତ୍ୟ ଜଗତରେ ପ୍ରତିଷ୍ଠା ଅର୍ଜନ କରିଥିଲେ । ସତ୍ୟବାଦୀ ସ୍କୁଲରେ ନୂଆ ଆଦର୍ଶ ସୃଷ୍ଟି କରି ଭାରତର ବିଖ୍ୟାତ ମନୀଷୀମାନଙ୍କ ଦୃଷ୍ଟି ଆକର୍ଷଣ କରୁଥିଲେ । ୧୯୧୮ରେ ପୁରୀଜିଲା ଉତ୍ତର ଅଞ୍ଚଳରେ ଦୁର୍ଭିକ୍ଷ ପଡ଼ିଥିଲା । ପଣ୍ଡିତ ଗୋପବନ୍ଧୁ ଓ ନୀଳକଣ୍ଠ ତାର ପ୍ରତିକାର ପାଇଁ ଏ ଭଳି ଆନ୍ଦୋଳନ କଲେ ଯେ, ତା ଫଳରେ ବିହାର ଓଡ଼ିଶା ଲାଟସାହେବ ତଥା ସମଗ୍ର ଓଡ଼ିଶାରେ ଗୋଟିଏ ବିରାଟ ଚାଞ୍ଚଲ୍ୟ ସୃଷ୍ଟି ହେଲା । ବିହାର ଓଡ଼ିଶାର ତତ୍କାଳୀନ ଲାଟ ସାର ଏଡ୍‌ୱାର୍ଡଗେଟ ଉତ୍ତର ଅଞ୍ଚଳକୁ ଆସି ସ୍ୱଚକ୍ଷୁରେ ସେ କରୁଣ ଦୃଶ୍ୟ ଦେଖିଥିଲେ । ସେତିକ-ବେଳେ ନୀଳକଣ୍ଠ ସତ୍ୟବାଦୀ ହାଇସ୍କୁଲର ସାମାନ୍ୟ ଜଣେ ହେଡ଼ମାଷ୍ଟର ଥାଇ

Digitized by srujanika@gmail.com

ଓଡ଼ିଶା ବିଭାଗର କମିଶନର ଗ୍ରୀନ୍ ସାହେବଙ୍କ ଦୁର୍ଭିକ୍ଷ ରିପୋର୍ଟ ଉପରେ ନିର୍ଭୀକ ଭାବରେ ଯେଉଁ ତୀବ୍ର ସମାଲୋଚନା କରିଥିଲେ, ତାହା ତତ୍କାଳୀନ ବ୍ରିଟିଶ କର୍ମଚାରୀବୃନ୍ଦ ତଥା ଶିକ୍ଷିତ ଯୁବକଙ୍କ ଆଖିରୁ ସରକାରୀ--ଶ୍ୱେତ- ଅନ୍ଧ--ପଟ୍ଟୁଳୀ ଫିଟାଇ ଦେଇଥିଲା ।

ସତ୍ୟବାଦୀ ସ୍କୁଲରେ ମୁକ୍ତ ଆକାଶ ତଳେ ଛାତ୍ରମାନଙ୍କ ବିଦ୍ୟାଧ୍ୟୟନ ଲାଗି ଯେଉଁ ବ୍ୟବସ୍ଥା କରାଯାଇଥିଲା ଓ ସତ୍ୟବାଦୀ ସ୍କୁଲ ତଥା ଛାତ୍ରାବାସ ପାଇଁ ଯେଉଁ ନିୟମ ପ୍ରଣୟନ କରାଯାଇଥିଲା, ସେଥିରେ ସମସ୍ତ ଭାରତର ଶିକ୍ଷାବିତ୍ ଓ ବ୍ରିଟିଶ ସରକାରଙ୍କ ଆଖି ଖୋଲି ଯାଇଥିଲା । ଭାରତର ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁ ସତ୍ୟବାଦୀର ଅନୁସୃତ ପ୍ରାଚୀନ ଗୁରୁକୁଳ ପ୍ରଥା ଅବଲମ୍ବନ କରି ମୁକ୍ତ ଆକାଶ ତଳେ ବସି ବିଦ୍ୟାଧ୍ୟୟନ ବ୍ୟବସ୍ଥା ପାଇଁ ଯେ ସ୍ୱର ଛାଡ଼ିଥିଲେ, ତାର ବହୁ ପୂର୍ବରୁ ସତ୍ୟବାଦୀର ଛାତ୍ରମାନେ ସତ୍ୟବାଦୀର ଉଦ୍ୟୋକ୍ତାବୃନ୍ଦ ଏହାକୁ କାର୍ଯ୍ୟରେ ପରିଣତ କରି ସମସ୍ତ ଭାରତବାସୀଙ୍କ ଆଗରେ ଆଦର୍ଶ ରଚି ସାରିଥିଲେ ।

୧୯୧୦ ମସିହାରେ ନୀଳକଣ୍ଠ ସତ୍ୟବାଦୀ ସ୍କୁଲ ଛାଡ଼ି ବଙ୍ଗଳାର ପ୍ରସିଦ୍ଧ ଜନନାୟକ ସାର ଆଶୁତୋଷ ମୁଖାର୍ଜୀଙ୍କ ଅନୁରୋଧକ୍ରମେ କଲିକତା ଇଉନିଭରସିଟି କଲେଜକୁ ଆଧୁନିକ ସାହିତ୍ୟର ଅଧ୍ୟାପକ ହୋଇଗଲେ । ଉକ୍ତ କଲେଜରେ ନୀଳକଣ୍ଠ ଅଳ୍ପ ସମୟ ପାଇଁ ଥିଲେ । ମାତ୍ର ଯେତିକି ସମୟ ଥିଲେ, ସେ ସମୟ ଭିତରେ ସେ ସେଠାରେ ଆଶୁତୋଷ ମୁଖାର୍ଜୀଙ୍କର ତଥା ଅଧ୍ୟାପକବୃନ୍ଦଙ୍କର ଅତି ଶ୍ରଦ୍ଧା ଭାଜନ ହୋଇ ଅତି ସୁଖ୍ୟାତି ଅର୍ଜନ କରିଥିଲେ । ଏହା ପୂର୍ବରୁ ତାଙ୍କର 'ଖାରବେଳ', 'ଦାସନାୟକ', 'କୋଣାର୍କେ' ପ୍ରଭୃତି କାବ୍ୟ ଓ 'ଆର୍ଯ୍ୟଜୀବନ' ନାମକ ପ୍ରସିଦ୍ଧ ଗ୍ରନ୍ଥ ପ୍ରକାଶ ପାଇ ସାରିଥିଲା । ପିଲାଙ୍କ ପାଇଁ 'ପିଲାଙ୍କ ଭାଗବତ', 'ପିଲାଙ୍କ ରାମାୟଣ' ଓ 'ପିଲାଙ୍କ ମହାଭାରତ' ନାମକ ଆଉ ତିନୋଟି ପୁସ୍ତକ ସେ ଲେଖିଥିଲେ ୧୯୧୩ ରୁ ୧୯୧୫ ମଧ୍ୟରେ । ସାହିତ୍ୟରେ ଶିଶୁମାନଙ୍କ ଲାଗି ଗଦ୍ୟ ପୁସ୍ତକ ରଚନା ଏହା ହିଁ ଓଡ଼ିଶାରେ ବୋଧହୁଏ ପ୍ରଥମ । ଏହା ପରେ ମଧ୍ୟ ନିଜର ଜୀବନରେ କୋମଳମତି ବାଳକ ବାଳିକାମାନଙ୍କ ପାଇଁ ସେ ଯେଉଁ କେତେକ କବିତା ପ୍ରଣୟନ କରିଥିଲେ, ତାହା ତାଙ୍କର ଶିଶୁ ପ୍ରୀତିର ପରିଚୟ ଦେବା ସଙ୍ଗେ ସଙ୍ଗେ ପାଣ୍ଡିତ୍ୟର ଶୀର୍ଷ ସ୍ଥାନରେ ରହି ଜଣେ ବ୍ୟକ୍ତି ପିଲାଙ୍କପାଇଁ କିପରି ଭାବପୂର୍ଣ୍ଣ କଥା ସରଳ ଓ ସୁନ୍ଦର ଭାଷାରେ ଯେ ବ୍ୟକ୍ତ କରିପାରେ, ଏହା ଜାଣିଲେ ବିସ୍ମିତ ହେବାକୁ ପଡ଼େ । ସତ୍ୟବାଦୀରେ ଥିଲାବେଳେ ସଂସ୍କୃତ ବ୍ୟାକରଣ ( ପାଣିନୀ ସୂତ୍ରର ) ଜଟିଳ ସୂତ୍ରମାନ ଓ ବେଦବେଦାନ୍ତ ପ୍ରଭୃତି ଚର୍ଚ୍ଚା କରି ସଂସ୍କୃତ ବିଦ୍ୟାରେ ମଧ୍ୟ ସେ ଖୁବ୍ ଦକ୍ଷତା ଅର୍ଜ୍ଜନ କରିପାରିଥିଲେ ।

୧୯୨୧ ମସିହାରେ କଂଗ୍ରେସର ଅସହଯୋଗ ଆନ୍ଦୋଳନର ପ୍ରଭାବରୁ ପଣ୍ଡିତ ନୀଳକଣ୍ଠ ବାଦ ଯାଇ ନ ଥିଲେ । ଗୋପବନ୍ଧୁଙ୍କ ନିର୍ଦ୍ଦେଶରେ ସେ

Digitized by srujanika@gmail.com

ସମ୍ବଲପୁରରେ ଅସହଯୋଗ ଆନ୍ଦୋଳନର ନେତୃତ୍ୱରେ ରହିଲେ । ସେ ସମୟରେ ତାଙ୍କ "ସ୍ୱରାଜ ଭିକ୍ଷା ଅଲବତ ହୋଗା—ଗ୍ରେଭକେ ଅଣ୍ଡେ ଗୋଲମି" ଉକ୍ତିରେ ସମ୍ବଲପୁର ସ୍କୁଲ କଲେଜ ବର୍ଜନ ଆନ୍ଦୋଳନ ଏତେ ଜବ୍ ହେଲା ଯେ, କଲିକତାର ଇଂରେଜୀ ଦୈନିକ ଷ୍ଟେଟସମ୍ୟାନରେ ତାହା ସ୍ୱତନ୍ତ୍ର ଖବରରେ ବର୍ଣ୍ଣନା କରାଯାଇଥିଲା ଓ ଭାରତର ଦୃଷ୍ଟି ତାହା ପ୍ରତି ଆକୃଷ୍ଟ ହୋଇଥିଲା । ଏଇଠାରୁ ନୀଳକଣ୍ଠଙ୍କୁ ସମସ୍ତେ 'ପଣ୍ଡିତଜୀ' ଡାକିବାକୁ ଆରମ୍ଭ କଲେ । ସେଠାରୁ ସେ 'ସେବା' ନାମକ ଗୋଟିଏ ସାପ୍ତାହିକ ପତ୍ରିକା କଂଗ୍ରେସ ପ୍ରଚାର ଉଦ୍ଦେଶ୍ୟରେ ପ୍ରକାଶ କରିଥିଲେ । ସ୍ୱର୍ଗୀୟ ଚନ୍ଦ୍ରଶେଖର ବେହେରା ଉତ୍କଳ ସଂଗଠନରେ ପଣ୍ଡିତଜୀଙ୍କୁ ଆର୍ଥିକ ତଥା ସଂଗଠନ ଦୃଷ୍ଟିରୁ ବହୁ ପରିମାଣରେ ସାହାଯ୍ୟ କରିଥିବାର ପ୍ରକାଶ । ୧୯୨୩ ମସିହାରେ କଟକକୁ କଂଗ୍ରେସ ପକ୍ଷରୁ ଯେଉଁ ଆଇନ ଅମାନ୍ୟ ତଦନ୍ତ କମିଟି ଆସିଥିଲା, ସେଥିରେ ପଣ୍ଡିତଜୀଙ୍କର ସାକ୍ଷ୍ୟ ପ୍ରଦାନର ସ୍ଥାନ ଅତି ଗୁରୁତ୍ୱପୂର୍ଣ୍ଣ ଥିଲା । ପଣ୍ଡିତ ମୋତିଲାଲ, ପ୍ରେସିଡେଣ୍ଟ ପଟେଲ, ରାଜଗୋପାଳାଚାରୀ, ହାକିମ ଆଜମଲ ଖାଁ ଡକ୍ଟର ଆନସାରି ପ୍ରମୁଖ ୭ ଜଣ ନେତା କଟକକୁ ସାକ୍ଷ୍ୟନେବା ପାଇଁ ଆସିଥିଲେ ।

୧୯୨୪ରେ ମୋତିଲାଲଙ୍କ ପ୍ରତିଷ୍ଠିତ ସ୍ୱରାଜ ପାର୍ଟିରେ ଯୋଗଦାନ କରି ସେ ବଡ଼ଲାଟ ସଭାକୁ ସଭ୍ୟ ରୂପେ ନିର୍ବାଚିତ ହୋଇଥିଲେ ଓ ପରେ ସେ କଂଗ୍ରେସ ପାର୍ଟିର ସେକ୍ରେଟାରୀ ଜେନେରାଲ୍ ରୂପେ ନିର୍ବାଚିତ ହେଲେ । ବଡ଼ଲାଟ ସଭାରେ ସେ ଯେଉଁ ଉପାଦେୟ ବକ୍ତୃତା ଦେଉଥିଲେ ତାହା ପ୍ରତ୍ୟେକ ଓଡ଼ିଆଙ୍କର ପ୍ରଣିଧାନଯୋଗ୍ୟ ।

ବଡଲାଟ ସଭାର ସଭ୍ୟ ହିସାବରେ ରେଲବାଇ, ଟାଟା ଆଇରନ ଓ ଷ୍ଟିଲ କାରଖାନା, ସାଧାରଣ ନିରାପତ୍ତା ଆଇନ ପ୍ରଭୃତି ବିଷୟରେ ସେ ବଡ଼ ବିଚକ୍ଷଣତାର ସହ ବକ୍ତୃତାମାନ ଦେଇଥିଲେ । ଶ୍ରୀ ଯମୁନା ଦାସ ମେହେଟାଙ୍କ ଅନୁରୋଧକ୍ରମେ ଲବଣ ସମ୍ପର୍କରେ ବଜେଟ ଆଲୋଚନାବେଳେ ଦେଇଥିବା ତାଙ୍କର ଲବଣ ସମ୍ପର୍କୀୟ ଦୀର୍ଘ ପାଣ୍ଡିତ୍ୟପୂର୍ଣ୍ଣ ଭାଷଣଟି ବଡଲାଟ ସଭାରେ ସରକାର ଓ ସଭ୍ୟମାନଙ୍କ ଦୃଷ୍ଟି ଖୋଲି ଦେଇଥିଲା । ୧୯୨୮ ମସିହା ଫେବ୍ରୁୟାରୀ ୮ ତାରିଖ ଦିନ ସମଗ୍ର ଓଡ଼ିଆ-ଭାଷୀଙ୍କୁ ଏକଶାସନାଧୀନରେ ରଖି ସ୍ୱତନ୍ତ୍ର ପ୍ରଦେଶ ଗଠନ କରିବା ପାଇଁ ସେ ଯେଉଁ ବକ୍ତୃତା ଦେଇଥିଲେ ତାହାର ଫଳରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ଦାବୀ ବହୁଦୂର ଆଗେଇ ଯାଇଥିଲା । ସେ ଛଅବର୍ଷ ପର୍ଯ୍ୟନ୍ତ ଦିଲ୍ଲୀ ବିଶ୍ୱବିଦ୍ୟାଳୟ କୋର୍ଟରେ ସଭ୍ୟ ଥିଲେ । ହିନ୍ଦୁ, ପୁରାଣ ତତ୍ତ୍ୱ ଉପରେ ବକ୍ତୃତା ଦେଇ ଦିଲ୍ଲୀ ମହଲରେ ଖୁବ ସୁଖ୍ୟାତି ଅର୍ଜି ଥିଲେ । ୧୯୨୮ ମସିହା କଲିକତା କଂଗ୍ରେସରେ ସଭାପତି ମୋତିଲାଲଙ୍କ ଦ୍ୱାରା ଓଡ଼ିଶାର ଦାବୀ ଉପେକ୍ଷିତ ହେବାରୁ ପଣ୍ଡିତଜୀଙ୍କ ନେତୃତ୍ୱରେ

Digitized by srujanika@gmail.com

ଯେଉଁ ପ୍ରତିବାଦ କରାଯାଇଥିଲା, ସେଥିରେ ମୋଣ୍ଟଲେନଙ୍କର ଚାରିପେଜ ବହୁ ପରିମାଣରେ ଲାଗି ଯାଇଥିଲା ।

ଜାତୀୟ ଆନ୍ଦୋଳନ ଯୋଗୁଁ ତାଙ୍କୁ ଏକାଧିକବାର ଜେଲ ବରଣ କରିବାକୁ ପଡ଼ିଛି । ୧୯୩୨ରେ ପୁରୀରେ ଯେଉଁ ମହାଭାରତୀୟ କଂଗ୍ରେସର ଅଧିବେଶନ ହେବାର ଥିଲା, ସେଥିପାଇଁ ଗଠିତ ଅଭ୍ୟର୍ଥନା ସମିତିର ସେ ସଭାପତି ଥିଲେ । ପରେ କଂଗ୍ରେସ ଅନୁଷ୍ଠାନ ବେଆଇନ ଘୋଷିତ ହେବାରୁ ତାଙ୍କୁ ଜେଲ ଯିବାକୁ ପଡ଼ିଥିଲା । ୧୯୩୪ ମସିହାରେ ଜେଲରୁ ଫେରି ସେ ପ୍ରଦେଶ କଂଗ୍ରେସ କମିଟିର ସଭାପତି ହୋଇଥିଲେ । ଏହା ପୂର୍ବରୁ ସେ ଦେଶମିଶ୍ରଣ ପାଇଁ ଗଠିତ ସର୍ବଦଳୀୟ କମିଟିର ସଭାପତି ହୋଇଥିଲେ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଓଡ଼ନେଲ କମିଟିକୁ ସେ ୮୦ ପୃଷ୍ଠାର ଗୋଟିଏ ମେମୋରାଣ୍ଡମ ଦେଇଥିଲେ । ଅବଶ୍ୟ କମିଟି ସାକ୍ଷ୍ୟ ନେବାକୁ ଆସିଲାବେଳକୁ ପଣ୍ଡିତଜୀ ଜେଲରେ ଥିବା ହେତୁ ସାକ୍ଷ୍ୟ ଦେଇପାରି ନ ଥିଲେ । ହେଲେହେଁ କମିଟି କେନ୍ଦ୍ର ଆସେମ୍ବ୍ଲି ସଭ୍ୟ ପଣ୍ଡିତ ନୀଳକଣ୍ଠଙ୍କ ସହିତ ଭାରତ ସରକାରଙ୍କ ଅର୍ଥ ସଦସ୍ୟଙ୍କ ମାଧ୍ୟମରେ ନାନା ଆଲୋଚନା କରି ଶେଷରେ ୧୯୩୩-୩୪ ମସିହାରେ ପଣ୍ଡିତଜୀଙ୍କୁ ସେମାନଙ୍କ ପ୍ରସ୍ତାବରେ ସାମୟିକଭାବେ କୌଣସିମତେ ରାଜି କରାଇବା ପରେ ଯାଇ ତାଙ୍କ ରିପୋର୍ଟ ଚୂଡ଼ାନ୍ତ କରିଥିଲେ । ତଦନୁଯାୟୀ ୧୯୩୬ ମସିହା ଅପ୍ରେଲ ପହିଲା ଦିନ ପୁରୀ, କଟକ, ବାଲେଶ୍ୱର, ସମ୍ବଲପୁର ଓ ଗଞ୍ଜାମ ସଙ୍ଗେ ଜୟପୁରକୁ ମିଶାଇ ଓଡ଼ିଶା ପ୍ରଦେଶ ଗଠିତ ହେଲା । ତା ପରବର୍ତ୍ତୀ ମଞ୍ଜୁଷାରେ ଉତ୍କଳ ସମ୍ମିଳନୀ ଅନୁଷ୍ଠିତ ହେଲା । ସେ ସେହି ଉତ୍କଳ ସମ୍ମିଳନୀରେ ସଭାପତିତ୍ୱ କରିଥିଲେ । ୧୯୨୮ ମସିହାରେ ଗୋପବନ୍ଧୁଙ୍କ ମୃତ୍ୟୁ ପରେ ସତ୍ୟବାଦୀଠାରେ ଗୋପବନ୍ଧୁ ସେବକ ସମାଜ ନାମରେ ଗୋଟିଏ ଅନୁଷ୍ଠାନ ଗଢ଼ା ଯାଇଥିଲା । ପଣ୍ଡିତ ନୀଳକଣ୍ଠ ତାର ସଭାପତି ହୋଇଥିଲେ । ସେହି ସମୟରେ ସେ 'ସମାଜ' (ସାପ୍ତାହିକ)ର ସମ୍ପାଦନା ଭାର କେତେ ସମୟ ପାଇଁ ଗ୍ରହଣ କରିଥିଲେ ।

୧୯୩୭ ମସିହାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେଲାରୁ ଆସେମ୍ବ୍ଲି ପାଇଁ ଯେଉଁ ନିର୍ବାଚନ କରାଯାଇଥିଲା, ପଣ୍ଡିତ ନୀଳକଣ୍ଠଙ୍କ ଅଦମ୍ୟ ଚେଷ୍ଟାରେ ସେଥିରେ କଂଗ୍ରେସ ଦଳର ପ୍ରାୟ ସମସ୍ତ ପ୍ରାର୍ଥୀ ଜୟଯୁକ୍ତ ହୋଇଥିଲେ । ଏହାଦ୍ୱାରା ଭାରତୀୟ କଂଗ୍ରେସ ମହଲରେ ଓଡ଼ିଶାର ଗୌରବ ଓ ଖ୍ୟାତି ଯଥେଷ୍ଟ ବୃଦ୍ଧି ପାଇଥିଲା ଓ ତାଙ୍କୁ ମଧ୍ୟପ୍ରଦେଶରୁ ନିର୍ବାଚନ ପ୍ରଚାର ଲାଗି ନିମନ୍ତ୍ରଣ ଆସିଲା । ଏହି ନିର୍ବାଚନ ଫଳରେ ଭାରତରେ ଓଡ଼ିଶାର ପ୍ରଥମ କଂଗ୍ରେସ ମନ୍ତ୍ରିମଣ୍ଡଳ ଶ୍ରୀ ବିଶ୍ୱନାଥ ଦାସଙ୍କ ପ୍ରଧାନମନ୍ତ୍ରୀତ୍ୱରେ ଗଠିତ ହୋଇଥିଲା ।

୧୯୩୦ ମସିହାରେ ଓଡ଼ିଶାରେ 'ନବଭାରତ' ପ୍ରେସ ପ୍ରତିଷ୍ଠା ଓ 'ନବଭାରତ' ମାସିକ ଓ ପରେ ଦୈନିକ ପତ୍ରିକାର ପ୍ରକାଶ ପଣ୍ଡିତ ନୀଳକଣ୍ଠଙ୍କ ଜୀବନର ଅନ୍ୟ

Digitized by srujanika@gmail.com

ଏକ ବୈଶିଷ୍ଟ ଘଟଣା । ୧୯୩୭ ବେଳକୁ ଏଇ 'ନବଭାରତ' ମାସିକ ପତ୍ରଟି ଓଡ଼ିଶାରେ ଖୁବ ପ୍ରସାର ଲାଭ କରିଥିଲା । ଏହି 'ନବଭାରତ'ରେ ଓଡ଼ିଶା ପ୍ରଜା-ସ୍ୱତ୍ୱ ସମ୍ବନ୍ଧରେ ଧାରାବାହିକ ଭାବରେ ଅତି ଉପାଦେୟ ପ୍ରବନ୍ଧସବୁ ଓ ସମ୍ପାଦକୀୟ ଲେଖା ପ୍ରକାଶ ପାଉଥିଲା । ଏହି ଲେଖାମାନ ମୌଳିକ ଓ ଆଲୋଚନାମୂଳକ । ପରେ ୧୯୪୧ରେ ମିଳିତ ମନ୍ତ୍ରିମଣ୍ଡଳ ଗଠନ ପୂର୍ବରୁ ଓଡ଼ିଶାକୁ ନେତାଜୀ ସୁବାଷ ବୋଷ ତାଙ୍କ ଫରୱାର୍ଡ ବ୍ଲକ ସଙ୍ଗଠନ କାମରେ ଆସି ଓଡ଼ିଶାରେ ଯୁଦ୍ଧକାଳୀନ ମନ୍ତ୍ରିମଣ୍ଡଳ ଗଠନର ଆବଶ୍ୟକତା ଅଛି ବୋଲି ସେମାନଙ୍କୁ ପରାମର୍ଶ ଦେଇଥିଲେ । ସେହି ପରାମର୍ଶ ଅନୁସାରେ ପଣ୍ଡିତଜୀଙ୍କ ଉଦ୍ୟମରେ ଓଡ଼ିଶାରେ ଗୋଟିଏ ମିଳିତ ମନ୍ତ୍ରିମଣ୍ଡଳ ଗଠିତ ହୋଇଥିଲା ଓ ଯୁଦ୍ଧ ସାମ୍ମୁଖ୍ୟର ପ୍ରଧାନ କର୍ମକର୍ତ୍ତା ରୂପେ ପଣ୍ଡିତଜୀ କାର୍ଯ୍ୟ କରିଥିଲେ ।

ଶ୍ରୀଯୁକ୍ତ ସୁଭାଷ ବୋଷ ଓଡ଼ିଶା ଗସ୍ତ ସମୟରେ ପଣ୍ଡିତଜୀଙ୍କ ବାଗ୍ମିତାରେ ବିଶେଷ ମୁଗ୍ଧ ଓ ପ୍ରୀତ ହୋଇ ତାଙ୍କୁ 'ଉତ୍କଳ କେଶରୀ' ଆଖ୍ୟାରେ ଭୂଷିତ କରି ସାଧାରଣରେ ଘୋଷଣା କରିଥିଲେ । ମିଳିତ ମନ୍ତ୍ରିମଣ୍ଡଳ ବେଳେ ବିଶ୍ୱବିଦ୍ୟାଳୟ ଗଠନ କମିଟିର ପଣ୍ଡିତଜୀ ଚେୟାରମ୍ୟାନ ଥିଲେ । ଏହାଙ୍କ ପରାମର୍ଶରେ ଉତ୍କଳ ବିଶ୍ୱବିଦ୍ୟାଳୟ ବହୁ ବାଧା ଅତିକ୍ରମ କରି ଗଠିତ ହୋଇଥିଲା । ମାତ୍ର ବିଶ୍ୱବିଦ୍ୟାଳୟକୁ ସେ ଦେଇଥିବା ରିପୋର୍ଟଟି ଲୋକଲୋଚନ ଅଗୋଚରରେ ରହିଯାଇଛି ।

ପଣ୍ଡିତ ନୀଳକଣ୍ଠଙ୍କ ଭଳି ସାହିତ୍ୟ--ସମାଲୋଚକ ଓଡ଼ିଶାରେ କାହିଁକି ଭାରତରେ ମଧ୍ୟ ବିରଳ । ସେ ଜଗନ୍ନାଥ ଧର୍ମ ସମ୍ବନ୍ଧରେ ଶାନ୍ତିନିକେତନ ବିଶ୍ୱଭାରତୀରେ ଅତି ଉପାଦେୟପୂର୍ଣ୍ଣ ବକ୍ତୃତା ପ୍ରଦାନ କରିଥିଲେ । ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ଏକ ବକ୍ତୃତାରେ ସେ ସମଗ୍ର ଭାରତରୁ ସମ୍ବର୍ଦ୍ଧନା ପାଇଥିଲେ ।

"ଓଡ଼ିଆ ସାହିତ୍ୟର କ୍ରମ ପରିଣାମ" ନାମକ ଅତି ଗବେଷଣାପୂର୍ଣ୍ଣ ଗ୍ରନ୍ଥ ଲେଖି ସେ ଓଡ଼ିଆ ଜାତିର ମହୋପକାର ସାଧନ କରିଛନ୍ତି । ତାଙ୍କର ପରିଣତ ଜୀବନରେ ୧୯୫୫ ମସିହାରେ ସରକାର ଉତ୍କଳ ବିଶ୍ୱବିଦ୍ୟାଳୟର ଉପାଚାର୍ଯ୍ୟ ପଦରେ ତାଙ୍କୁ ଅଧିଷ୍ଠିତ କରିଥିଲେ । ପୁଣି ବିଶ୍ୱବିଦ୍ୟାଳୟରୁ ତାଙ୍କୁ 'ଡକ୍ଟର' ଉପାଧି ମିଳିଥିଲା । "ଯାହାଙ୍କ ପାଣ୍ଡିତ୍ୟର ପରୀକ୍ଷାନ୍ତର ନାହିଁ" ବୋଲି କୁହାଯାଏ, ଏ ଉପାଧି ଯେ ସେ ତୁଳନାରେ ବିଶେଷ କିଛି ନୁହେଁ ଏହା କହିବା ବାହୁଲ୍ୟ ମାତ୍ର । ଅନ୍ତିମ ଜୀବନରେ ଓଡ଼ିଶା କଂଗ୍ରେସ ବ୍ୟବସ୍ଥାପକଙ୍କ ତରଫରୁ ଓଡ଼ିଶା ବ୍ୟବସ୍ଥା ସଭାର ସଭାପତି ରୂପେ ପଣ୍ଡିତଜୀଙ୍କୁ ନିର୍ବାଚିତ କରାଯାଇ ସମୁଚିତ ସମ୍ମାନ ପ୍ରଦର୍ଶନ କରା ଯାଇଥିଲା । ସେ ଉକ୍ତ ପଦରେ ରହି ବ୍ୟବସ୍ଥା ସଭାକୁ ସାର୍ବଭୌମତ୍ୱ ଦିଆଇଥିବାର ଆଦର୍ଶ ଏବେ ଅନ୍ୟ ରାଜ୍ୟରେ ଅନୁସୃତ ।

Digitized by srujanika@gmail.com

ପଣ୍ଡିତଜୀଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରଥମ ସଭାପତି ରୂପେ ସରକାର ନିଯୁକ୍ତ କରି ସମ୍ମାନିତ କରିଥିଲେ । ପଣ୍ଡିତଜୀଙ୍କ ପ୍ରଣୀତ 'ଗୀତା' 'ଭକ୍ତିଗାଥା' ଓ ଅନ୍ୟାନ୍ୟ ଗ୍ରନ୍ଥମାନ ଓଡ଼ିଆ ସାହିତ୍ୟର ଅମୂଲ୍ୟ ସଂପଦ । ପଣ୍ଡିତ ନୀଳକଣ୍ଠ ନିଜ ଓଡ଼ିଆ ଲିପି ସଂସ୍କାର ମାଧ୍ୟମରେ ଓଡ଼ିଆ ଲିପିର ଜଟିଳ ଆକୃତିକୁ ବହୁ ପରିମାଣରେ ସରଳ କରିଦେଇ ଏ ଦିଗରେ ଓଡ଼ିଆ ଜାତିକୁ ବାଟ ଦେଖାଇଛନ୍ତି ।

ପଣ୍ଡିତ ନୀଳକଣ୍ଠଙ୍କ "ଆତ୍ମଜୀବନୀ" ଓଡ଼ିଆ ଜାତି ପକ୍ଷରେ ଏକ ବିରାଟ ଜାତୀୟ ଇତିହାସ । ରାଜ୍ୟ ଓ ଦେଶ ବିଦେଶର ବହୁ ତଥ୍ୟ ସମ୍ବଳିତ ଏହି ଆତ୍ମଜୀବନୀ ଉପରେ ପଣ୍ଡିତ ନୀଳକଣ୍ଠ ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ ୧୯୬୪ ମସିହାରେ । ଜୀବନର ସାୟାହ୍ନରେ ଏହି 'ଆତ୍ମଜୀବନୀ' ଶ୍ରୁତିଲିଖନ ଦେଇ ସେ ପ୍ରକାଶ କରିଥିଲେ, ସେତେବେଳେ ସେ ଲେଖିଛନ୍ତି, "ଯାହା ଯେତେ ମନେ ପଡ଼ୁଛି କହିବି, ଭଲମନ୍ଦର ବିଚାର ନ କରି କହିବି । ଶୃଙ୍ଖଳିତ ଭାବରେ କିଛି କହି ପାରିବି ନାହିଁ—ତଥାପି ଚେଷ୍ଟା କରିବି ।"

ଭାରତ ସରକାର ପଣ୍ଡିତ ନୀଳକଣ୍ଠଙ୍କୁ ୧୯୫୭ ମସିହାରେ 'ପଦ୍ମଭୂଷଣ' ଉପାଧିରେ ଭୂଷିତ କରିଥିଲେ ଓ ପଣ୍ଡିତଜୀଙ୍କ ପୂର୍ବତନ ସାଥୀ ଡକ୍ଟର ରାଜେନ୍ଦ୍ର ପ୍ରସାଦ ନିଜେ ଆସି ପଣ୍ଡିତଜୀଙ୍କୁ ଉକ୍ତ ଉପାଧି ପ୍ରଦାନ କରି ବହୁ ପୂର୍ବ ସ୍ମୃତିର ଉଦ୍ଧାର କରିଥିଲେ ।

ଏକାଧାରରେ କବି, ଲେଖକ, ସମାଲୋଚକ, ସାହିତ୍ୟକ, ସୁବକ୍ତା, ତାର୍କିକ, ଗବେଷକ, ଐତିହାସିକ, ଶିକ୍ଷକ, ଦାର୍ଶନିକ, ସଂସ୍କାରକ, ରାଜନୀତିକ ଓ ଦୂରଦ୍ରଷ୍ଟା ରୂପେ ପଣ୍ଡିତଜୀ ବହୁ ସୁଗୁଣର ଅଧିକାରୀ ହୋଇ ଉତ୍କଳୀୟଙ୍କର ଆଜି ବିରାଟ ଆଦର୍ଶ ଅନୁଷ୍ଠାନ ରୂପେ ବିରାଜିତ । ତାଙ୍କର ଦୈନନ୍ଦିନ ଜୀବନର ବେଶଭୂଷା ପରିପାଟୀ ଓ ସରଳ ଗ୍ରାମ୍ୟଜୀବନସୁଲଭ ବ୍ୟବହାର ଆଧୁନିକ ଯୁବକଙ୍କର ଶିକ୍ଷଣୀୟ ହେବା ଉଚିତ ।

( ତା ୫ । ୮ । ୬୩ 'ସମାଜ'ରେ ପ୍ରକାଶିତ ବିବରଣୀର ଉକ୍ତିରେ )

Digitized by srujanika@gmail.com

# ପଣ୍ଡିତ ନୀଳକଣ୍ଠ

ଉତ୍କଳର ହରେକୃଷ୍ଣ ମହତାବ

ଓଡ଼ିଶାର ରାଜନୀତି, ସାହିତ୍ୟ ଏବଂ ସାଂସ୍କୃତିକ କ୍ଷେତ୍ରରେ ପଣ୍ଡିତ ନୀଳକଣ୍ଠ ତାଙ୍କ ସମୟରେ ସର୍ବଶ୍ରେଷ୍ଠ ଶକ୍ତିଶାଳୀ ବ୍ୟକ୍ତି ଥିଲେ । ତାଙ୍କର ସାଧାରଣ ଜୀବନର ଆରମ୍ଭ ହେଲା, ତତ୍କାଳୀନ ସମାଜର ନାନା କୁସଂସ୍କାର ବିରୋଧରେ ଆନ୍ଦୋଳନ କରି । ସେ ଥିଲେ ସେତେବେଳେ ଶିକ୍ଷକ ମାତ୍ର । କିନ୍ତୁ କେବଳ ଶିକ୍ଷକ ହୋଇ ରହିବା ତାଙ୍କର ଧେୟ ନ ଥିଲା । ସେ ସମାଜରେ ଏକ ନୂତନ ଜୀବନର ସୂତ୍ରପାତ କଲେ ସାମାନ୍ୟ ଜଣେ ହେଲେ ରହି । ଆଜି କଳ୍ପନା କରି ହେବ ନାହିଁ, ସେତେବେଳେ ଏହି ସାମାନ୍ୟ ଘଟଣାରୁ ଏପରି ଏକ ବିରାଟ ସାମାଜିକ ବିପ୍ଲବର ସୂତ୍ରପାତ ହୋଇଥିଲା । ଗବେଷକମାନେ ଲକ୍ଷ୍ୟ କରିଛନ୍ତି, ପଣ୍ଡିତ ନୀଳକଣ୍ଠ କିପରି ସେ ସମୟରେ ଜଣେ ପ୍ରତିଷ୍ଠିତ ସମାଜ ସଂସ୍କାରକ ହୋଇ ପାରିଥିଲେ । ପଣ୍ଡିତ ନୀଳକଣ୍ଠ ଥିଲେ ବୈଦିକ ଋଷିଙ୍କ ଅନୁଗାମୀ । ପ୍ରତ୍ୟେକ ବସ୍ତୁକୁ ଛିନ୍ନଭିନ୍ନ କରି ତର୍କ ଦ୍ୱାରା ପ୍ରତିପାଦନ କରିବା ଥିଲା ତାଙ୍କର ବୌଦ୍ଧିକ ପ୍ରବୃତ୍ତି । ସେ ଜୀବନରେ କୌଣସି କଥାରେ ବିଶ୍ୱାସ କରୁ ନ ଥିଲେ । ବିଶ୍ୱାସ ହେଉଛି ଯୁକ୍ତିତର୍କ ଊର୍ଦ୍ଧ୍ୱରେ ଏକ ମାନସିକ ସ୍ତର । ସେଥିରେ ତାଙ୍କର ଆସ୍ଥା ନ ଥିଲା । ପ୍ରତ୍ୟେକ ବିଷୟ ଯୁକ୍ତି ଦ୍ୱାରା ପ୍ରତିପାଦିତ ହୋଇ ମନ ତାକୁ ଗ୍ରହଣ କଲେ ଯାଇ ପଣ୍ଡିତ ନୀଳକଣ୍ଠ ତାହାକୁ ସ୍ୱୀକାର କରୁଥିଲେ । ନିଜର ମାନସିକ ଶକ୍ତି ଉପରେ ଏହି ଅତୁଟ ବିଶ୍ୱାସ ହେତୁ ମହାତ୍ମାଗାନ୍ଧୀଙ୍କ ବିଶ୍ୱାସ ଧର୍ମୀ ଆବେଗମୟ ଆନ୍ଦୋଳନକୁ ସେ ପୂର୍ଣ୍ଣଭାବରେ ଗ୍ରହଣ କରି ନ ଥିଲେ । ଖ୍ରୀ ୧୯୨୨ରେ ସେ ଦୁଇମାସ ପାଇଁ ବନ୍ଦୀ ହୋଇଥିଲେ । ମାତ୍ର ପରେ ସେ ଦେଶବନ୍ଧୁ ଚିତ୍ତରଞ୍ଜନ ଓ ପଣ୍ଡିତ ମୋତିଲାଲଙ୍କ ସ୍ୱରାଜ୍ୟ ଆନ୍ଦୋଳନରେ ଯୋଗ ଦେଇ ବ୍ୟବସ୍ଥାପକସଭାରେ ପ୍ରବେଶ କଲେ । ପୁଣି ଲବଣ ସତ୍ୟାଗ୍ରହବେଳେ ସେ କାରାରୁଦ୍ଧ ହେଲେ । ଏ କାରାବରଣ ସେ କରିଥିଲେ ଘଟଣାଚକ୍ରରେ, ଗାନ୍ଧିଜୀଙ୍କ ଆନ୍ଦୋଳନ ପ୍ରତି ବିଶ୍ୱାସ ପୋଷଣ କରି ନୁହେଁ ।

ଗାନ୍ଧିଜୀଙ୍କ ଅହିଂସାତ୍ମକ ଆନ୍ଦୋଳନକୁ ସୁଭାଷଚନ୍ଦ୍ର ବୋଷ ଯେତେବେଳେ ଆହ୍ୱାନ କରି ନିଜର ସ୍ୱକୀୟ କାର୍ଯ୍ୟକ୍ରମ ଆରମ୍ଭ କଲେ, ପଣ୍ଡିତ ନୀଳକଣ୍ଠ ସୁଭାଷ ବାବୁଙ୍କର ଜଣେ ଦୃଢ଼ ସମର୍ଥକ ହେଲେ । ସେହି କାର୍ଯ୍ୟକ୍ରମରେ ସେ କଂଗ୍ରେସ ଛାଡ଼ିଲେ ଓ ଯୁଦ୍ଧକାଳୀନ ପରିସ୍ଥିତିରେ ଗଠିତ ଏକ ଅଣ—କଂଗ୍ରେସ ମନ୍ତ୍ରୀମଣ୍ଡଳ ଗଠନରେ ପୁରୋଧା ହେଲେ । ସେ ସମୟର ସରକାରୀ କାଗଜ ପତ୍ର ପ୍ରକାଶ ପାଇ

Digitized by srujanika@gmail.com

ନାହିଁ । ସେ ସବୁ ପ୍ରକାଶ ପାଇଲେ ଜଣାଯିବ କିପରି ସୁଭାଷବାବୁଙ୍କ କାର୍ଯ୍ୟକ୍ରମ ଓଡ଼ିଶାରେ ପ୍ରସାର ଲାଭ କରିଥିଲା । ବିବୁଧେନ୍ଦ୍ର ମିଶ୍ର, ଅଶୋକ ଦାସ, ସୁରଜମଲ୍ଲ ସାହା ଶ୍ରୀହର୍ଷ ମିଶ୍ର ପ୍ରମୁଖ ଯୁବକ ସେତେବେଳେ ଯେ ବନ୍ଦୀ ହୋଇଥିଲେ, ତାହା ଏକ ସୁପରିକଳ୍ପିତ ଗୋପନୀୟ ଆନ୍ଦୋଳନର ପରିଣାମ ଥିଲା । ଏହି ଆନ୍ଦୋଳନ ସହିତ ସମ୍ପର୍କ ଥିଲା ତତ୍କାଳୀନ ଗଭର୍ଣ୍ଣର ସାର ହଥର୍ଣ୍ଣ ଲୁଇ ବ୍ୟବସ୍ଥାସଭାକୁ ଭାଙ୍ଗି ଦେଇ ପରୋକ୍ଷ ଶାସନ ଜାରି କରିବା ସହିତ । ସେହି ସମୟରେ ସାର ହଥର୍ଣ୍ଣ ଲୁଇ ଭାଇସରୟଙ୍କୁ ଯେଉଁ ରିପୋର୍ଟ ପଠାଇଥିଲେ, ସେଥିରେ ତତ୍କାଳୀନ ରାଜନୀତି ସମ୍ବନ୍ଧୀୟ ସମସ୍ତ ବୃତ୍ତାନ୍ତ ନିର୍ଦ୍ଦିଷ୍ଟ ଭାବରେ ଥିବ । ମୋଟକଥା, ପଣ୍ଡିତ ନୀଳକଣ୍ଠ ପଣ୍ଡିତ ଗୋଦାବରୀଶ, ସୁଭାଷବାବୁଙ୍କ କାର୍ଯ୍ୟକ୍ରମକୁ ପରୋକ୍ଷ ଭାବରେ ସାହାଯ୍ୟ କରୁଥିଲେ । ଯୁଦ୍ଧବିରତି ପରେ ସାଧାରଣ ନିର୍ବାଚନ ଆସିଲା । ପଣ୍ଡିତ ନୀଳକଣ୍ଠ ସେ ସମୟରେ ଯେଉଁ ଆତ୍ମସଂଯମର ଆଦର୍ଶ ରଖି ଯାଇଛନ୍ତି, ତାହା ରାଜନୀତି କ୍ଷେତ୍ରରେ ଚିରକାଳ ଏକ ଜ୍ୱଳନ୍ତ ଉଦାହରଣ ହୋଇ ରହିଥିବ । ସେ କଂଗ୍ରେସ ସହିତ ନିର୍ବାଚନରେ ଲଢ଼ିଲେ ନାହିଁ । ଅପେକ୍ଷା କଲେ । ଶେଷରେ ଏହି ଲେଖକର ଅନୁରୋଧକ୍ରମେ କଂଗ୍ରେସ ପକ୍ଷରେ ପ୍ରାର୍ଥୀ ହୋଇ ନିର୍ବାଚିତ ହେଲେ ଏବଂ ବ୍ୟବସ୍ଥାସଭାର ଅଧ୍ୟକ୍ଷ (ବାଚସ୍ପତି) ମଧ୍ୟ ହେଲେ । ବ୍ୟବସ୍ଥାସଭାର ଅଧ୍ୟକ୍ଷ (ବାଚସ୍ପତି) ହିସାବରେ ସେ ସମଗ୍ର ଭାରତ ପାଇଁ ଏକ ସମ୍ବିଧାନଗତ ନିଷ୍ପତ୍ତି ଦେଇ ପାରିଥିଲେ ଯେ, ବ୍ୟବସ୍ଥାସଭା ଭାଙ୍ଗି ଦିଆଗଲେ ମଧ୍ୟ ନିର୍ବାଚିତ 'ଅଧ୍ୟକ୍ଷ' ପଦକୁ ରଦ୍ଦ କରି ଦେଇ ହେବ ନାହିଁ । ଅଧ୍ୟକ୍ଷ ହୋଇ ରହିବେ ପୁଣି ଆସନ୍ତା ନିର୍ବାଚନ ପର୍ଯ୍ୟନ୍ତ । ଏହା ଏକ ଅତି ଗୁରୁତ୍ୱପୂର୍ଣ୍ଣ ସମ୍ବିଧାନଗତ ନିଷ୍ପତ୍ତି ତାଙ୍କର ଯୋଗେ ହୋଇ ପାରିଥିଲା । ଓଡ଼ିଶା ବ୍ୟବସ୍ଥାସଭାର ପରିଚାଳନାକୁ ପଣ୍ଡିତ ନୀଳକଣ୍ଠ ସେକ୍ରେଟେରିଏଟ (ସଚିବାଳୟ) ହାତରୁ ସମ୍ପୂର୍ଣ୍ଣ ମୁକ୍ତ କରି ଦେଇଥିଲେ ।

ସାହିତ୍ୟ କ୍ଷେତ୍ରରେ ମୋର ମନେ ହୁଏ ପଣ୍ଡିତ ନୀଳକଣ୍ଠ ଥିଲେ ଅଦ୍ୱିତୀୟ । ତେଣୁ ତାଙ୍କୁ ଅଧିକାଂଶ ସାହିତ୍ୟିକ ଅନୁସରଣ କରିପାରିଲେ ନାହିଁ । ଓଡ଼ିଆ ଭାଷା ଏବଂ ସାହିତ୍ୟ ସମ୍ବନ୍ଧରେ ତାଙ୍କର ମତ ଅନ୍ୟ ସମସ୍ତଙ୍କ ମତଠାରୁ ସ୍ୱତନ୍ତ୍ର ଥିଲା । ତାଙ୍କର ସାହିତ୍ୟ ସମୀକ୍ଷା ଏକ ବିରାଟ ପୁସ୍ତକ ହେବ । ସେ ଥିଲେ ମୁଖ୍ୟତଃ ସାହିତ୍ୟସାଧକ । ତେଣୁ ସେ ଶେଷ ଜୀବନରେ ନିଜର ପ୍ରେସକୁ, ସାହିତ୍ୟର ବିକାଶ ପାଇଁ ଲୋକସେବକ ମଣ୍ଡଳର "ସମାଜ" ଅନୁଷ୍ଠାନକୁ ଦାନ କରି ଯାଇଥିଲେ ।

ଆଶ୍ଚର୍ଯ୍ୟର ବିଷୟ, ଏହି ପଣ୍ଡିତ ନୀଳକଣ୍ଠଙ୍କ ବ୍ୟକ୍ତିତ୍ୱ ଯେପରି ଇତିହାସରେ ଜୀବନ୍ତ ହୋଇ ରହିବା କଥା, ତାହା ହୋଇପାରି ନାହିଁ । କିନ୍ତୁ ଦିନେ ତାହା ହେବ, ଏଥିରେ ସନ୍ଦେହ ନାହିଁ ।

( 'ପ୍ରଜାତନ୍ତ୍ର'—ତା ୬ । ୧୧ । ୭୮ )

Digitized by srujanika@gmail.com

# ମନୀଷୀ ନୀଳକଣ୍ଠଙ୍କ ସ୍ମୃତି ପୂଜା

ରାଧାନାଥ ରଥ, ( ସମ୍ପାଦକ 'ସମାଜ' )

୧୯୬୭ ନଭେମ୍ବର ୬ ତାରିଖ ଅପରବେଳା ମନୀଷୀ ନୀଳକଣ୍ଠଙ୍କର ପରଲୋକ ହୋଇଥିଲା । ଏଥିମଧ୍ୟରେ ୧୦ ବର୍ଷ ବିତି ଗଲାଣି । ପଣ୍ଡିତ ନୀଳକଣ୍ଠ ପଣ୍ଡିତ ଗୋପବନ୍ଧୁଙ୍କର କେବଳ ସହକର୍ମୀ ନୁହେଁ, ତାହାଙ୍କ ହାତ ଥିଲେ । ୧୯୧୧ରେ ସତ୍ୟବାଦୀ ବନବିଦ୍ୟାଳୟ ପ୍ରତିଷ୍ଠିତ ହେଲାବେଳେ କଲିକତା ବିଶ୍ୱବିଦ୍ୟାଳୟରୁ ସଦ୍ୟ ଉଚ୍ଚକୋଟୀର ଏମ. ଏ. ଡିଗ୍ରି ପାଇ ଫେରି ଆସିଥିବା ଯୁବକ ନୀଳକଣ୍ଠ ହିଁ ଅସାଧାରଣ ତ୍ୟାଗ କରି ସେ ଅନୁଷ୍ଠାନର ଅଧ୍ୟକ୍ଷ ଓ ପରିଚାଳକ ହେଲେ । ନୀଳକଣ୍ଠଙ୍କର ଅସାଧାରଣ ସାହସ, ଦମ୍ଭ, ସ୍ୱଦେଶପ୍ରୀତି, ସ୍ୱାଧୀନଚିନ୍ତା, ଜ୍ଞାନ ପିପାସା, ଶିକ୍ଷା ଓ ସେବାକ୍ଷେତ୍ରରେ ଆତ୍ମୋତ୍ସର୍ଗ କରିବାର ସ୍ୱାଭାବିକ ମନୋବୃତ୍ତି, ସର୍ବୋପରି ଶକ୍ତିଶାଳୀ ଓ ସଫଳ ସଙ୍ଗଠକ ହେବାର ଶକ୍ତି ତାଙ୍କଠାରେ ଥିବା ସଙ୍ଗେ ସଙ୍ଗେ ତାଙ୍କର ଅସାଧାରଣ ଜ୍ଞାନପିପାସା ଥିଲା । ସେ ୧୮୮୪ ଅଗଷ୍ଟ ୫ ତାରିଖରେ ଜନ୍ମଗ୍ରହଣ କରିଥିଲେ । ସତ୍ୟବାଦୀର ପ୍ରସିଦ୍ଧ ଶ୍ରୀରାମଚନ୍ଦ୍ରପୁର ଗ୍ରାମ ପଣ୍ଡିତ ନୀଳକଣ୍ଠ, ଆଚାର୍ଯ୍ୟ ହରିହର, ପଣ୍ଡିତ ଲିଙ୍ଗରାଜ, ପ୍ରଫେସର ଅନନ୍ତ ମିଶ୍ର, ଶ୍ରୀଯୁକ୍ତ ଗୋପୀନାଥ ଦାସ, ପଣ୍ଡିତ ବାସୁଦେବ ମହାପାତ୍ର ପ୍ରମୁଖ ବହୁ ତ୍ୟାଗୀ ନେତା ଓ ଶିକ୍ଷକ ଏବଂ ଅସାଧାରଣ ବାଗ୍ମୀ ସଂସ୍କୃତ ପଣ୍ଡିତ ପୁରୀ ସଂସ୍କୃତ ବିଦ୍ୟାଳୟର ପ୍ରତିଷ୍ଠାତା ଗୁରୁ ପଣ୍ଡିତ ହରିହର ଦାସଙ୍କ ଜନ୍ମସ୍ଥଳୀ । ସତ୍ୟବାଦୀ ବନବିଦ୍ୟାଳୟର ପ୍ରଥମ ଭର୍ଣ୍ଣାକୁଲର ସ୍କୁଲ ଆଗ ଶ୍ରୀରାମଚନ୍ଦ୍ରପୁରରେ ପ୍ରତିଷ୍ଠିତ ହୋଇଥିଲା । ପରେ ପଣ୍ଡିତ ଗୋପବନ୍ଧୁ, ପଣ୍ଡିତ ନୀଳକଣ୍ଠ, ଆଚାର୍ଯ୍ୟ ହରିହର, ପଣ୍ଡିତ ମଧୁସୂଦନ ସେ ବିଦ୍ୟାଳୟର ମୁଖ୍ୟ ଥିଲେ । ପଣ୍ଡିତ ନୀଳକଣ୍ଠଙ୍କ ପିତା ଆନନ୍ଦ ଦାସ ଓ ମାତା ହୀରା ଦେବୀଙ୍କର ସେ ଏକମାତ୍ର ପୁତ୍ର ସନ୍ତାନ ଥିଲେ । ବାଗ୍ମୀସଂସ୍କୃତଜ୍ଞ ପଣ୍ଡିତ ହରିହର ତାଙ୍କର ପିତୃବ୍ୟ ଥିଲେ । ପଣ୍ଡିତ ନୀଳକଣ୍ଠ ରକ୍ଷଣଶୀଳ ବ୍ରାହ୍ମଣ ଶାସନ ଭିତରୁ ବାହାରି ଓଡ଼ିଶାରେ ମଧ୍ୟ ଭର୍ଣ୍ଣାକୁଲର ପରୀକ୍ଷାରେ ସର୍ବପ୍ରଥମ ସ୍ଥାନ ଅଧିକାର କରି ବୃତ୍ତି ପାଇଥିଲେ । ପୁରୀ ଜିଲ୍ଲା ସ୍କୁଲରେ ପଢ଼ିଲାବେଳେ ତାଙ୍କଠାରେ ନେତୃତ୍ୱର ପ୍ରତିଭା ପ୍ରକାଶ ପାଇଥିଲା । ସେ ଏଠାରେ ପଢ଼ିଲାବେଳେ ସ୍ୱର୍ଗୀୟ ଖ୍ୟାତନାମା ଶିକ୍ଷକ ଓ ବୈୟାକରଣିକ ଚନ୍ଦ୍ରମୋହନ ମହାରଣା ସେଠାରେ ହେଡମାଷ୍ଟର ଥିଲେ । ୧୯୦୫ରେ ନୀଳକଣ୍ଠ ଏଣ୍ଟ୍ରାନ୍ସ ପାସ୍ କଲେ । ସେ କଲିକତା ବିଶ୍ୱବିଦ୍ୟାଳୟରୁ ୧୫ ଟଙ୍କା ବୃତ୍ତି ପାଇଲେ । ଏଣ୍ଟ୍ରାନ୍ସ ପଢ଼ୁଥିବା-

Digitized by srujanika@gmail.com

ବେଳେ ପଣ୍ଡିତ ନୀଳକଣ୍ଠଙ୍କର ଆଚାର୍ଯ୍ୟ ହରିହରଙ୍କ ସଙ୍ଗେ ଘନିଷ୍ଠତା ଜନ୍ମିଲା । ଏଫ୍. ଏ. ପଢ଼ିଲାବେଳେ ସମସ୍ତେ ମିଶି ସ୍କୁଲ ଉତ୍କଳ ଆସୋସିଏସନ ଗଢ଼ିଥିଲେ । ସେତେବେଳେ ବଙ୍ଗଳାର ଜଣେ ବିପ୍ଳବୀ ଉପେନ୍ଦ୍ର ଭୂୟାଁ ଖୁର୍ଦ୍ଧାରାମଙ୍କ ପ୍ରଭାବରେ ପ୍ରଭାବିତ ହୋଇ ଗୋପବନ୍ଧୁ, ନୀଳକଣ୍ଠ, ବ୍ରଜସୁନ୍ଦର ପ୍ରଭୃତିଙ୍କୁ ସ୍ୱଦେଶୀ ଆନ୍ଦୋଳନରେ ପ୍ରଭାବିତ କରିଥିଲେ । ନୀଳକଣ୍ଠ ଏ ସ୍ୱଦେଶୀ ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ଗୋପବନ୍ଧୁ, ଆଚାର୍ଯ୍ୟ ହରିହର, ପଣ୍ଡିତ ନୀଳକଣ୍ଠ, ଦୃଗୁରିକ ଅନନ୍ତ ମିଶ୍ର ପ୍ରମୁଖ ସେତେବେଳେ ଦେଶସେବାରେ ନିଜକୁ ଉତ୍ସର୍ଗ କରିବେ ବୋଲି ଶପଥ କରିଥିଲେ । ସେତେବେଳେ ରାସ୍ତୁଚନ୍ଦ୍ରଧରପୁରର ପଣ୍ଡିତ ଫକୀର ମିଶ୍ର ମଧ୍ୟ ସେମାନଙ୍କ ସହଯୋଗ ଦେଉଥିଲେ । ଗାଁ ଗାଁରେ ବୁଲି ଗେରୁଆ ପିନ୍ଧି ସ୍ୱଦେଶୀ ପ୍ରଚାରରେ ସେ ଅଗ୍ରଣୀ ଥିଲେ । ୧୯୧୧ ଅକ୍ଟୋବର ୧୧ ତାରିଖରେ ପଣ୍ଡିତ ନୀଳକଣ୍ଠ ସତ୍ୟବାଦୀ ବନବିଦ୍ୟାଳୟରେ ଯୋଗଦେଇ ପ୍ରଧାନ ଶିକ୍ଷକ ହେଲେ । ସ୍ୱର୍ଗୀୟ ରାମଚନ୍ଦ୍ର ରଥ, ପଣ୍ଡିତ ଗୋଦାବରୀଶ, ଆଚାର୍ଯ୍ୟ ହରିହର, ପଣ୍ଡିତ କୃପାସିନ୍ଧୁ ପ୍ରମୁଖ ପରେ ଏଠାରେ ଯୋଗ ଦେଲେ । ସତ୍ୟବାଦୀ ବନବିଦ୍ୟାଳୟ ଗୁରୁକୁଳ ଆଶ୍ରମ ପରି ଗୋପବନ୍ଧୁଙ୍କ ପରିକଳ୍ପନ ; କିନ୍ତୁ ତାକୁ ରୂପରେଖ ଦେଇଥିଲେ ପଣ୍ଡିତ ନୀଳକଣ୍ଠ । ୧୯୧୭ ଜୁନ ୨ ତାରିଖରେ ସାର ଆଶୁତୋଷ ମୁଖାର୍ଜି ସେତେବେଳେ ସତ୍ୟବାଦୀ ବନବିଦ୍ୟାଳୟ ଦେଖିବାକୁ ଗଲେ, ସେତେବେଳେ ସେ ନୀଳକଣ୍ଠଙ୍କ ତ୍ୟାଗ, ପ୍ରତିଭା, ଓ ଉଚ୍ଚ ଆଦର୍ଶରେ ଅଭିଭୂତ ହୋଇପଡ଼ିଥିଲେ । ସେ ବିଶେଷରେ ଯୁବକ ନୀଳକଣ୍ଠଙ୍କ ନାମ ଉଲ୍ଲେଖ କରି ଲେଖିଥିଲେ—

"I have visited the Satyabadi School with great interest The school possesses many remarkable, features. It is managed by well educated Oriyas, who have realised the great truth th t spread of education amongst their people can be effected on the surest and soundest lines by persons who are prepared to make a great sacrifice. It is obvious to me that the school is backed by more than one such devoted and enthusiastic youngman. They have further realised that true education is possible without expensive and luxurious equipment. Indeed, such equipments are rather a hinderance than an assistance to the cause of the spread of education amongst an essentially poor people."

୧୯୧୩ ଡିସେମ୍ବର ୨୮ ତାରିଖରେ ପୁରୀରେ ସେତେବେଳେ ଉତ୍କଳ ସମ୍ମିଳନୀର ୯ମ ଅଧିବେଶନ ଅନୁଷ୍ଠିତ ହେଲା, ସେତେବେଳେ କନିକାର ରାଜା-ସାହେବ, "ଏହି ସତ୍ୟବାଦୀ ବିଦ୍ୟାଳୟ ଏକ ଆଦର୍ଶ ବିଦ୍ୟାଳୟ ଏବଂ ଏଠାରେ

Digitized by srujanika@gmail.com

ସ୍ୱଦେଶପ୍ରେମୀ ମନୁଷ୍ୟ ତିଆରି ହେଉଛନ୍ତି" ବୋଲି ଉଲ୍ଲେଖ କରି ସମଗ୍ର ଓଡ଼ିଆ ଜାତି ଏହି ବିଦ୍ୟାଳୟକୁ ସାହାଯ୍ୟ କରନ୍ତୁ ବୋଲି ପ୍ରସ୍ତାବ ଆଗତ କରିଥିଲେ । ବ୍ୟାସକବି ଫକୀରମୋହନ ସେନାପତି ଏ ପ୍ରସ୍ତାବକୁ ସମର୍ଥନ କରି ଗୋପବନ୍ଧୁ, ନୀଳକଣ୍ଠ ପ୍ରମୁଖଙ୍କର ଭୂୟସୀ ପ୍ରଶଂସା କରିଥିଲେ ଏବଂ ଅନ୍ୟାନ୍ୟ ବହୁ ନେତା ଏହାକୁ ସମର୍ଥନ କରି ବକ୍ତୃତା ଦେଇଥିଲେ । ସେ ସମ୍ମିଳନୀର ସଭାପତି ଉତ୍କଳ-ଗୌରବ ମଧୁସୂଦନ ଏ ପ୍ରସ୍ତାବ ଉପରେ ବକ୍ତୃତା ଦେଇ କହିଥିଲେ—

"ବର୍ତ୍ତମାନ ଯେଉଁ ପ୍ରସ୍ତାବ ଉପସ୍ଥାପିତ ହୋଇଅଛି, ସେ ସମ୍ବନ୍ଧରେ ମୁଁ କିଛି କହିବାକୁ ଇଚ୍ଛୁକ ଓ ଅନୁରୁଦ୍ଧ । ମୁଁ ନୀଳକଣ୍ଠଙ୍କୁ ଅନେକ ଦିନରୁ ଚିହ୍ନେ—ପୂର୍ବେ ମୋହର ତାଙ୍କ ପ୍ରତି ଅନେକ ପ୍ରକାର ସନ୍ଦେହାତ୍ମକ ଧାରଣା ଥିଲା, ଏବଂ ତା ବିଷୟରେ ମୋର ନାନା ପ୍ରକାର ଆଶଙ୍କା ମଧ୍ୟ ହୋଇଥିଲା । କିନ୍ତୁ ପୂର୍ବର କଥା, ସେସବୁ ବର୍ତ୍ତମାନ ମୋ ମନରୁ ସମ୍ପୂର୍ଣ୍ଣ ରୂପେ ଧୁଇଅଛି । ଦୁଇ ରାତି ତାଙ୍କ ସହିତ ୬ଟାରୁ ୮ଟା ପର୍ଯ୍ୟନ୍ତ କଥୋପକଥନ କରି ମୋର ଭ୍ରାନ୍ତି ଚାଲିଯାଇଅଛି । ତାଙ୍କ ସହିତ ମୋର ସେଇ କଥୋପକଥନରୁ ମୁଁ ତାଙ୍କ ବିଷୟରେ ବହୁ ଉଚ୍ଚଭାବ ମନରେ ପୋଷିଅଛି । ଏମାନଙ୍କ ଦ୍ୱାରା ବାସ୍ତବିକ, ଜାତୀୟ ଉନ୍ନତି ସାଧିତ ହେବ, ଏଥିରେ ସନ୍ଦେହ ନାହିଁ । ଏମାନଙ୍କୁ ଦେଖି ଖ୍ରୀଷ୍ଟ, ପତଙ୍ଗ ଦୀପରେ ପଡ଼ିଲା ପରି ଶତ ଶତ ରାଜା ମହାରାଜାମାନେ ମଧ୍ୟ ଆଜି ସେମାନଙ୍କର ଧର୍ମ ଗ୍ରହଣ ଓ ସମର୍ଥନ କଲେ । ମୁଁ ସେମାନଙ୍କ କାର୍ଯ୍ୟରେ ସାହାଯ୍ୟ କରିଥାଏ ଏବଂ ବରାବର କରିବି । ସେମାନେ ମନୁଷ୍ୟ ଗଢ଼ିବା ପାଇଁ କୃତସଙ୍କଳ୍ପ । ଜଗନ୍ନାଥ ମୂର୍ତ୍ତି ସମସ୍ତେ ଗଢ଼ି ପାରିବେ, କିନ୍ତୁ ତା ଭିତରେ ଯେଉଁ ବ୍ରହ୍ମ ଅଛି, ତାକୁ କେହି ଗଢ଼ି ପାରନ୍ତି ନାହିଁ । ଯେତେବେଳେ ଆମ୍ଭମାନଙ୍କ ଦେଶର ଯୁବକମାନଙ୍କ ହୃଦୟରେ ପ୍ରାଣ—ବ୍ରହ୍ମ ପ୍ରତିଷ୍ଠା ହୋଇ ସେମାନଙ୍କୁ ପବିତ୍ର ମନୁଷ୍ୟତାରେ ଜାଜ୍ଜ୍ୱଲ୍ୟମାନ କରିବେ ସେତେବେଳେ ଗଭର୍ଣ୍ଣମେଣ୍ଟ ବା ଅନ୍ୟ ଯେ କେହି ସେମାନଙ୍କୁ ଅବଶ୍ୟ ସମ୍ମାନ କରିବେ ଆତ୍ମସାହାଯ୍ୟ ଇଚ୍ଛାର ଫଳ ଅତି ଉଚ୍ଚ । ନାଉରୀକୁ ଭଡ଼ା ନ ଦେଇ ପାଣିରେ ଡେଇଁ ପଡ଼ିଲେ, ସେଇ ନାଉରୀ ଲୁଗା ପକାଇ ତାହାକୁ ପାଣିରୁ ଓଟାରି ଆଣି, ପିନ୍ଧିବାକୁ ଲୁଗା ଦେଇ ତାତ୍ପର୍ଯ୍ୟ କରି ମନକୁ ପାରି କରିଦିଏ । ଗୋପବନ୍ଧୁ, ନୀଳକଣ୍ଠ ନିଜ ଗୋଡ଼ରେ ଠିଆ ହୋଇଛନ୍ତି । ସେମାନଙ୍କ କାର୍ଯ୍ୟ ଦେଖି ଦେଶବାସୀ ତଥା ଗଭର୍ଣ୍ଣମେଣ୍ଟ ଯଥା ସମୟରେ ସେମାନଙ୍କୁ ସାହାଯ୍ୟ କରିବାକୁ ଅଗ୍ରସର ହେବେ । ସନ୍ଦେହ ନାହିଁ । ସେମାନେ ଯେ ଭାବରେ କାର୍ଯ୍ୟ ଆରମ୍ଭ କରିଛନ୍ତି ଏବଂ ନାନାବିଧ ବିଘ୍ନ ସତ୍ତ୍ୱେ ଅବିଚଳିତ ଚିତ୍ତରେ ଉକ୍ତ କାର୍ଯ୍ୟରେ ଲାଗି ରହିଛନ୍ତି, ସେଥିରେ ସେମାନେ ଯେ ସମସ୍ତଙ୍କର ପ୍ରଶଂସାଭାଜନ, ଏହା ବୋଲିବା ବାହୁଲ୍ୟ । ମୁଁ ସେମାନଙ୍କୁ ଧନ୍ୟବାଦ ଦେଉଛି ଏବଂ ଆପଣମାନେ ଯେ ସେମାନଙ୍କ କାର୍ଯ୍ୟକୁ ଅନ୍ତରର ସହିତ ଗ୍ରହଣ କରିଅଛନ୍ତି ସେଥିଲାଗି ଆପଣମାନଙ୍କୁ ମଧ୍ୟ ଧନ୍ୟବାଦ ଦେଉଛି ।"

Digitized by srujanika@gmail.com

ନୀଳକଣ୍ଠ ଏପରି ବ୍ୟକ୍ତି ଥିଲେ ଯେ ଗୋପବନ୍ଧୁ ଯାହା ପରିକଳ୍ପନା କରୁଥିଲେ ତାକୁ ସେ କାର୍ଯ୍ୟରେ ପରିଣତ କରି ଦେଉଥିଲେ । ସାର ଆଶୁତୋଷ ତାଙ୍କୁ କଲିକତା ବିଶ୍ୱବିଦ୍ୟାଳୟରେ ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପକ ରୂପେ ନିମନ୍ତ୍ରଣ କରି ନେଇଥିଲେ, ଯେହେତୁ ନୀଳକଣ୍ଠଙ୍କର ଅସାଧାରଣ ପାଣ୍ଡିତ୍ୟ ଓ ସାହିତ୍ୟ କ୍ଷେତ୍ରରେ ତାଙ୍କ ଗଭୀର ଜ୍ଞାନ, ସାରା ଭାରତରେ ତାଙ୍କୁ ପରିଚିତ କରିଥିଲା । ୧୯୨୦ କଂଗ୍ରେସର ଅସହଯୋଗ ଆନ୍ଦୋଳନ ଯୋଗୁ ଗୋପବନ୍ଧୁଙ୍କ ସହ ସେ ଅସହଯୋଗ ଆନ୍ଦୋଳନରେ ଝାସଦେଲେ । ସମ୍ବଲପୁରରେ ସେ 'ସେବା' କାଗଜ ପ୍ରକାଶ କରି ସେଠାରେ ସ୍ୱାଧୀନତା ଆନ୍ଦୋଳନ ଚଳାଇଥିଲେ । ୧୯୨୩ରେ ସେ ବନ୍ଦୀ ହେଲେ । ୧୯୨୪-୨୫ରେ ସେ ଦେଶବନ୍ଧୁ ଚିତ୍ତରଞ୍ଜନଙ୍କ ସ୍ୱରାଜ୍ୟ ଦଳରେ ଯୋଗଦେଇ କେନ୍ଦ୍ର ବ୍ୟବସ୍ଥାକୁ ନିର୍ବାଚିତ ହେଲେ ଏବଂ ସ୍ୱରାଜ୍ୟ ଦଳର ସାଧାରଣ ସମ୍ପାଦକ ହୋଇଥିଲେ । ୧୯୨୮ରେ ଗୋପବନ୍ଧୁଙ୍କ ପରଲୋକ ପରେ ୧୯୩୩ରେ ପୁଣି ବନ୍ଦୀ ହେଲେ । ୧୯୩୬ରେ ସେ ଉତ୍କଳ କଂଗ୍ରେସ କମିଟିର ସଭାପତି ରୂପେ ପ୍ରଥମ ସାଧାରଣ ନିର୍ବାଚନ ପରିଚାଳିତ କରି କଂଗ୍ରେସକୁ ଜୟଯୁକ୍ତ କରିଥିଲେ । ୧୯୫୧ରେ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହେଲେ । ୧୯୫୭ରେ ପୁନଃ ନିର୍ବାଚିତ ହୋଇ ବିଧାନସଭାର ଅଧ୍ୟକ୍ଷ ହୋଇଥିଲେ ଏବଂ ୧୯୬୧ ପର୍ଯ୍ୟନ୍ତ ବିଧାନସଭାରେ ରହି ଶେଷରେ ରାଜନୀତିରୁ ଅବସର ନେଇ ସାହିତ୍ୟ ଚର୍ଚ୍ଚାରେ ଲାଗିଲେ । ସେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରୋ-ଚାନସେଲର ହୋଇଥିଲେ ଏବଂ ତାଙ୍କର ଉଚ୍ଚକୋଟୀର ସାହିତ୍ୟ ପ୍ରଣୟନ ପାଇଁ ୧୯୫୫ରେ ସେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ ଉପାଧି ପାଇଥିଲେ । ୧୯୫୭ରେ ସେ 'ପଦ୍ମଭୂଷଣ' ଉପାଧିରେ ମଣ୍ଡିତ ହୋଇ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ । ସେ କାବ୍ୟ, କବିତା ଓ ଗଦ୍ୟ ସାହିତ୍ୟକୁ ଅସାଧାରଣ ଦାନ ଦେଇ ଯାଇଛନ୍ତି । ଶ୍ରୀମଦ୍ ଭଗବତ୍ ଗୀତାର ସେ ଯେଉଁ ମୁଖବନ୍ଧ ଲେଖିଛନ୍ତି ତାହା ଅଦ୍ୱିତୀୟ । ଭକ୍ତି ସାହିତ୍ୟ ଉପରେ ତାଙ୍କର ଅସାଧାରଣ କୃତିତ୍ୱ ପ୍ରକାଶ ପାଇଥିଲା । 'ସମାଜ', 'ସତ୍ୟବାଦୀ' ଓ 'ନବଭାରତ' ସମ୍ପାଦନାରେ ସେ ଅଶେଷ ଦାନ ଦେଇଥିଲେ । ଦର୍ଶନଶାସ୍ତ୍ରରେ ତାଙ୍କର ପ୍ରଗାଢ଼ ଜ୍ଞାନ ଥିଲା । 'ଭୁ' ସମ୍ମିଳନୀରେ ଭାଷଣ ଦେଇ ସେ ଅଶେଷ ଖ୍ୟାତି ଅର୍ଜିଥିଲେ । ପରଲୋକବେଳେ ରାଜ୍ୟ ସରକାର ସେ କ୍ଷମତାରେ ନ ଥିଲେ ମଧ୍ୟ ତାଙ୍କୁ ରାଷ୍ଟ୍ରୀୟ ସମ୍ମାନ ପ୍ରଦର୍ଶନ କରିଥିଲେ । ସତ୍ୟବାଦୀର ପଞ୍ଚସଖା ମଧ୍ୟରେ ସେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ତାଙ୍କର ପୁତ୍ରକନ୍ୟାମାନେ ଓ ଅସଂଖ୍ୟ ଛାତ୍ର-ଛାତ୍ରୀ ତାଙ୍କ ପ୍ରଭାବରେ ପ୍ରଭାବିତ ଓ ଉଦ୍‌ବୁଦ୍ଧ ହୋଇଥିଲେ । ସେ ଏକ ବିରାଟ ଅନୁଷ୍ଠାନରେ ପରିଣତ ହୋଇଥିଲେ । ତାଙ୍କ ସ୍ମୃତି ଚିର ଜାଗ୍ରତ ରହିବ । ଆମ୍ଭେମାନେ ତାଙ୍କ ସ୍ମୃତି ପ୍ରତି ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ ।

Digitized by srujanika@gmail.com

# ଦିଗ୍‌ଦର୍ଶନ

ଡକ୍ଟର ସଦାଶିବ ମିଶ୍ର

ଏବେ ଏଡୁକେଶନ କମିଶନ ତାଙ୍କ ରିପୋର୍ଟରେ ଲେଖିଛନ୍ତି ଯେ, ଶିକ୍ଷାର ପଦ୍ଧତି ଏଭଳି ହେବା ଆବଶ୍ୟକ, ଯଦ୍ଦ୍ୱାରା ପରିବର୍ତ୍ତନ ଗ୍ରହଣ କରିବା ଲାଗି ମନୋଭାବ ସୃଷ୍ଟି ହୋଇପାରିବ । ନୂଆ ପନ୍ଥା ଗ୍ରହଣ କରିବା ପାଇଁ, ନୂଆ ତଥ୍ୟ ଆହରଣ କରିବା ପାଇଁ, ନୂଆ ଦୃଷ୍ଟିରେ ଦେଖିବା ପାଇଁ ପ୍ରସ୍ତୁତ କରି ନ ପାରିଲେ ଶିକ୍ଷା ପଣ୍ଡ ହୁଏ, ଜାତି ସ୍ଥାଣୁ ହୋଇପଡ଼େ । ଏ କଥା ଉଲ୍ଲେଖ କରି ଏଜୁକେଶନ କମିଶନ ଗୋଟାଏ କିଛି ନୂଆ ତଥ୍ୟ ଆବିଷ୍କାର କରିନାହାନ୍ତି । ଏ ଦେଶର ଶିକ୍ଷା ବନ୍ଧୁ ମାନଙ୍କରେ ଗତାନୁଗତିକ ହୋଇପଡ଼ିବାରୁ ଏ ସତର୍କ ବାଣୀ ମାତ୍ର ଶୁଣାଇଛନ୍ତି ।

ପ୍ରାଚୀନତା ଶୃଙ୍ଖଳରୁ ମୁକ୍ତ ନ ହେଲେ, ବହୁ ଦିନରୁ ଜମାଟ ବାନ୍ଧିଥିବା ଶିଉଳି ଦୂର ନ କଲେ, ଶିକ୍ଷା ନିରର୍ଥକ ହେବ । ପ୍ରଗତିର କ୍ଷେତ୍ର ପ୍ରସ୍ତୁତ କରିବା ପାଇଁ ମାନସିକ ଶିଥିଳତା ଦୂର କରିବାକୁ ହେବ । ପଣ୍ଡିତ ନୀଳକଣ୍ଠ ଏହି ଆଦର୍ଶ ସମ୍ମୁଖରେ ରଖି ଯେତେବେଳେ ଏ ଦେଶରେ କୋଡ଼ିଏ ପଚିଶ ଜଣ ମାତ୍ର ଏମ. ଏ. ପାଶ କରିଥିଲେ, ସେତେବେଳେ ଏମ ଏ. ପାଶ କରି ସତ୍ୟବାଦୀରେ ଗୋଟିଏ ମାଇନର ସ୍କୁଲ ପ୍ରତିଷ୍ଠା କରିଥିଲେ । ଏଇ ମାଇନର ସ୍କୁଲ ହାଇସ୍କୁଲରେ ପରିଣତ ହୋଇଥିଲା । ସମାଜସଂସ୍କାର, ସ୍ୱଦେଶପ୍ରାଣତା ଏବଂ ଆତ୍ମନିର୍ଭରଶୀଳତା ଏ ସମସ୍ତ ଶିକ୍ଷାର ଅବିଚ୍ଛେଦ୍ୟ ଅଙ୍ଗ । ପରିବର୍ତ୍ତନ ମନୋବୃତ୍ତି ଶିକ୍ଷାର ଅଭିପ୍ରେତ । ଏ ସମସ୍ତଙ୍କୁ ଗୋଟିଏ ମିଳିତ ଉଦ୍ଦେଶ୍ୟ ରୂପେ ସମ୍ମୁଖରେ ରଖି ସତ୍ୟବାଦୀ ସ୍କୁଲ ପ୍ରତିଷ୍ଠିତ ହୋଇନାହିଁ । ବହୁ ଦିନ ପରେ, ଅତି ପରିଣତ ବୟସରେ ଆତ୍ମଜୀବନୀରେ ପଣ୍ଡିତ ନୀଳକଣ୍ଠ ଲେଖିଛନ୍ତି "ସତ୍ୟବାଦୀ ସ୍କୁଲ୍ ମୋ ପ୍ରତି ଏବେ ବି ଇତିହାସ ନୁହେଁ ।"

ଅନେକ ଦିନ ତଳର କଥା । ଉତ୍କଳ ବିଶ୍ୱବିଦ୍ୟାଳୟ କଟକରେ ଥାଏ । ଶ୍ରୀ ଚନ୍ଦ୍ରମଣି ଆଚାର୍ଯ୍ୟ ଥାଆନ୍ତି କୁଳପତି । ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ରେଭେନସା କଲେଜ ପଶ୍ଚିମ ଛାତ୍ରାବାସରେ 'ଗୀତା' ବିଷୟରେ ଆଲୋଚନା ପାଇଁ ଗୋଟିଏ ସଭା ହୋଇଥାଏ । ପଣ୍ଡିତ ନୀଳକଣ୍ଠ ନିମନ୍ତ୍ରିତ ହୋଇଥାନ୍ତି ବକ୍ତୃତା ଦେବା ପାଇଁ । ପ୍ରଥମରୁ 'ଗୀତା'ରୁ କିଛି ଅଂଶ ପାରାୟଣ କରାଗଲା । ତା'ପରେ କେହି ଚିରାଚରିତ ରୀତିରେ ଉପଦେଶ ଦେଲେ ଯେ, ପ୍ରତିଦିନ କିଛି କିଛି ଗୀତା ପାଠ କଲେ ଧର୍ମ ହୁଏ ।

Digitized by srujanika@gmail.com

ପଣ୍ଡିତ ନୀଳକଣ୍ଠ ତାଙ୍କ ବକ୍ତୃତାରେ ଦେଇଲେ ତୀକ୍ଷ୍ଣ ଟିପ୍ପଣୀ । ପ୍ରତିଦିନ ଅଧ୍ୟାୟେ ଲେଖାଏଁ ଗୀତା ପାଠ କଲେ ଧର୍ମ ହେବାର କୌଣସି କାରଣ ନାହିଁ । ସେଥିରେ ଯେବେ ଧର୍ମ ହେବ, ତେବେ ଗ୍ରାମୋଫୋନ ଯେକୌଣସି ବନ୍ଧୁ ଗାଇପାରିଲେ ମଧ୍ୟ ଠିକ ସେହିପରି ଧର୍ମ ଉପାର୍ଜନ କରାଯାଇ ପାରିବ । ଗତାନୁଗତିକ ଉପଦେଶ ତାଙ୍କ ପ୍ରତି ହୋଇଥିଲା ଅସହ୍ୟ । ବୌଦ୍ଧିକ ଚିନ୍ତାରେ ଆଘାତ ଲାଗୁଥିଲା । ସେ ଖୋଜୁଥିଲେ 'ଗୀତା' ଭିତରେ ସଜାଗ ପ୍ରବେଶ ।

ତାଙ୍କ ପ୍ରଶ୍ନ ହୋଇଥିଲା, ଯେଉଁ ଭଗବାନ ସୃଷ୍ଟି କରନ୍ତି ସେ ପୁଣି ସଂହାର କରନ୍ତି କାହିଁକି ? ସେ ଉତ୍ତର ଦେଇଥିଲେ, ବିକାଶ ଆଉ ବିନାଶ ଦୁଇଟା ଭିନ୍ନ ଜିନିଷ ନୁହେଁ । ବିନାଶ ହେଉଛି ବିକାଶର ଆୟୁଧ । ଜଙ୍ଗଲକୁ ଉପବନ କରିବାର ହେଲେ ଅନେକ କଣ୍ଟା, ଗୁଳ୍ମ, ଲତା ପରିଷ୍କାର କରିବାକୁ ହେବ । ନ ହେଲେ ସବୁ ହୋଇଯିବ ଜଘନ୍ୟ ବଣ ।

ପରର ଚିନ୍ତା ସ୍ୱବଧାର ଉଦ୍ଧାର କରି ସେ କେବେହେଲେ ପାଣ୍ଡିତ୍ୟ ପ୍ରକାଶ କରି ନାହାନ୍ତି । ଯାହା ତାଙ୍କର ନିଜସ୍ୱ, ସେହି ମୌଳିକତାରେ ତାଙ୍କର କାବ୍ୟ, କବିତା, ଭାବନା, ବକ୍ତିମା ସମସ୍ତ ଉଦ୍‌ଭାସିତ ହୋଇଛି । ସଭାରେ ସମସ୍ତେ ପ୍ରଶ୍ନ କଲେ- ଆତ୍ମା କିଏ ? ମୃତ୍ୟୁ ପରେ ଆତ୍ମା ଯାଏ କେଉଁଆଡ଼େ ? ଆତ୍ମା ଅମର ହୋଇ ରହେ କିପରି ? କଥାଟି ପଣ୍ଡିତ ନୀଳକଣ୍ଠ ଆଉ ଚମତ୍କାର ଭାବରେ ବୁଝାଇଥିଲେ । ଆତ୍ମା ଅମର—ଏ କଥାର ଅର୍ଥ ନୁହେଁ ଯେ, ମନୁଷ୍ୟର ମୃତ୍ୟୁ ପରେ ତାର ଆତ୍ମା ବିଭିନ୍ନ ସ୍ଥାନରେ ଉଡ଼ି ବୁଲୁଥାଏ । ଆତ୍ମାଗୁଡ଼ାକ ଅଗଣିତ ସଂଖ୍ୟାରେ ସବୁଆଡ଼େ ବୁଲୁ ନାହାନ୍ତି । ଆତ୍ମା ଅମର—ଏ କଥାର ନିଗୂଢ଼ ଅର୍ଥ ହେଲା ଯେ, ପ୍ରତ୍ୟେକ ଲୋକ ତାର ଭବିଷ୍ୟତ ବଂଶଧରଙ୍କ ଭିତରେ ଅମର ହୋଇ ରହିପାରେ । ସମସ୍ତ ନରନାରୀଙ୍କୁ ଏ ନିର୍ଦ୍ଦେଶ ଦିଆଯାଇଛି ଯେ, ତୁମେ ପୃଥିବୀକୁ ଯେଉଁଭଳି ଭାବରେ ଦେଖୁଛ, ତମର ଭବିଷ୍ୟତ ବଂଶଧରଙ୍କ ପାଇଁ ତାକୁ ଅଧିକତର ସୁନ୍ଦର କରି ଛାଡ଼ିଯାଅ । ଭବିଷ୍ୟତ ବଂଶଧରଙ୍କର ବିକାଶତମ ଆତ୍ମାର ଅମରତ୍ୱ । ବ୍ୟକ୍ତିର, ଗୋଷ୍ଠୀର, ଜାତିର ପ୍ରଗତିରେ, କ୍ରମବିକାଶରେ ଆତ୍ମା ଅମର ହୁଏ । ଏହା ହିଁ କର୍ମଯୋଗର ଅଭିଯାନ ।

ଶିକ୍ଷାର ପ୍ରଣାଳୀରେ, ପଦ୍ଧତିରେ, ପ୍ରକରଣରେ ସେ ଯେଉଁ ଅଭିଷ୍ଟ ପ୍ରତିପାଦନ କରିଛନ୍ତି, ଗୋଷ୍ଠୀର, ଜାତିର ପ୍ରଗତି ପାଇଁ ଗତାନୁଗତିକତାର ଶୃଙ୍ଖଳ ପରିହାର କରି ପରିବର୍ତ୍ତନ ଆହରଣ କରିବା ପାଇଁ ଉନ୍ମୁଖ ହେବାଲାଗି ଯେଉଁ ଅଭିଯାନ କରି ଯାଇଛନ୍ତି, ସେ ସମସ୍ତ ଏକ ମହନୀୟ ଦିଗ୍‌ଦର୍ଶନ । ଏ ଯେଉଁ ବିରାଟ ଦିଗଦର୍ଶନ ସେ ତାଙ୍କର ଦାୟାଦମାନଙ୍କୁ ଦେଇ ଯାଇଛନ୍ତି, ସେଥିରେ ତାଙ୍କର ଆତ୍ମା ଅମର ହୋଇଛି ।

( 'ପ୍ରଜାତନ୍ତ୍ର' ତା ୧୫ । ୧୧ । ୬୭ )

Digitized by srujanika@gmail.com

# ଯୁଗ-ପୁରୁଷ

ଶ୍ରୀ ମଧୁସୂଦନ ମହାନ୍ତି

**ଗୋ**ପବନ୍ଧୁଙ୍କ ନନା ଦୈତାରି ଦାସ ମୁକ୍ତାର । ଓକିଲାତି ପାଶ୍ ପରେ ମୟୂରଭଞ୍ଜର ରଜାଙ୍କ ଓକିଲାତି ଅସହ୍ୟ ହେଲା ।

ସନ୍ ୧୯୦୯ କୁମାରପୂର୍ଣ୍ଣିମୀ ଦିନ, ସତ୍ୟବାଦୀ ବିଦ୍ୟାଳୟର ଆରମ୍ଭ । କୃପାସିନ୍ଧୁ ଇତିହାସରେ, ନୀଳକଣ୍ଠ ଦର୍ଶନରେ, ଗୋଦାବରୀଶ ଅର୍ଥନୀତିରେ ଏମ୍. ଏ. ପାଶ କଲେ । ହରିହର ଏଫ୍. ଏ. ପାଶ୍. କରି ଆଗ୍ରହୀ ହେଲେ । ସୁଆଁଣ୍ଡ ଗାଁର ଭାର୍ଗବୀ ନଦୀ କୂଳରେ 'ଜାଗେଶ୍ୱରୀ' ଠାକୁରାଣୀଙ୍କ ମଶାଣି ପଡ଼ିଆରେ, ପାହାନ୍ତା ପହରରେ 'ବାଡ଼ି'ରେ ମରିଥିବା 'ମଡ଼ା'ଙ୍କ 'କୋକେଇ' ଉପରେ, 'ଗୋପବନ୍ଧୁ' ଏ ଚାରିଜଣଯୁବକଙ୍କୁ ଦେଇଥିଲେ ଦୀକ୍ଷା ।

ସରକାରୀ ଚାକିରୀ କରିବା ନାହିଁ, ଦେଶପାଇଁ କିଛି କରିବା, ଜନ୍ମବେଳେ ଦେଶକୁ ଯାହା ଦେଖି ଆସିଁ, ତା'ଠାରୁ ଉନ୍ନତ ଦେଖି ମରିବା ।

ଏହା ହିଁ ଏ 'ପଞ୍ଚସଖା'ଙ୍କ ମନ୍ତ୍ର ।

କିଏ ଦେଶକୁ କେତେ ଉନ୍ନତ ଦେଖି ମରେ...ସେ ବିଚାର ତାଙ୍କ ଉତ୍ତର ପୁରୁଷ କରିବେ ।

ସେ ଦିନ ଗୋପବନ୍ଧୁ, 'ଜାଗେଶ୍ୱରୀ'ଙ୍କ ପାଖରେ ଭାଗବତ 'ସପ୍ତା' କରୁଥିଲେ । ଓଡ଼ିଶା ଜଗନ୍ନାଥ ଦାସଙ୍କୁ ପୁରୀ ଶାସନୀବ୍ରାହ୍ମଣ ଅସ୍ପୃଶ୍ୟ ଓ ଅପାଂକ୍ତେୟ କରିଥିଲେ ।

ଜଗନ୍ନାଥ, ଅଚ୍ୟୁତ, ବଳରାମ, ଯଶୋବନ୍ତ, ଅନନ୍ତ—ଏ ପାଞ୍ଚଜଣ ଷୋଡ଼ଶ ଶତାବ୍ଦୀରେ ପଞ୍ଚସଖା । 'ଭକ୍ତିର ଉକ୍ତି'ରେ ଜ୍ଞାନର ପ୍ରାଧାନ୍ୟ ପ୍ରତିଷ୍ଠା ପାଇଁ ସେମାନଙ୍କୁ କମ ସହିବାକୁ ପଡ଼ିନାହିଁ । ବ୍ରାହ୍ମଣ୍ୟ ସଂସ୍କୃତି ଓ ରକ୍ଷଣଶୀଳତା ପୁଣି ବର୍ଣ୍ଣାଶ୍ରମର ଶୃଙ୍ଖଳା ମଧ୍ୟରେ ବନ୍ଦି ପଡ଼ିଥିବା 'ବ୍ରହ୍ମବିଦ୍ୟା'କୁ, ମୁଷ୍ଟିମେୟ ତଥାକଥିତ ପଣ୍ଡିତଙ୍କ ବଜ୍ରମୁଷ୍ଟି ମଧ୍ୟରୁ ଉଦ୍ଧାର କରି ବାଉରୀମାନଙ୍କୁ ପୁଣି ସେଥିରେ ଅଧିକାର ଦେବା, ଷୋଡଶ ଶତାବ୍ଦୀର ସମାଜରେ, କି ବୌଦ୍ଧିକ ଦୁଃସାହାସ ଥିଲା । ପୁଣି ମାନବ ଧର୍ମ ପ୍ରଗତିର କି ସୁଦୂରପ୍ରସାରୀ ପୂର୍ବଦୃଷ୍ଟି ସେଥିରେ ନିହିତ ଥିଲା । ଯେତେ ବର୍ଣ୍ଣନା କଲେ ବି ତାହା ଯଥେଷ୍ଟ ହେବ ନାହିଁ । (ଓ. ସା. କ. ପ. ପୃ. ୨୫୨)

Digitized by srujanika@gmail.com

'ଢୋଲ, ମାଟିଆ ନାଇ,
ଦାସଙ୍କ ପାଖେ ନ ଯାଇ
ଯେବେ ରଣପୁର ଯାଇ
ବନ୍ଧ, ବିଟାଳିଆ ହୋଇ-'

ଏ କିମ୍ବଦନ୍ତୀଟି ସେଇ ଷୋଡ଼ଶ ଶତାବ୍ଦୀର, 'ସ ମନ୍ତ ବ୍ରାହ୍ମଣ' ଓ 'ଶିଷ୍ଟ କରଣ'ଙ୍କ ପ୍ରଚଳିତ । ଅଷ୍ଟାଦଶ ଶତାବ୍ଦୀର ଶେଷକୁ 'ଦାର୍ଢ୍ୟତାଭକ୍ତି'ରେ ବଡ଼ବିପ୍ର ଓ ଶ୍ରେଷ୍ଠବିପ୍ର ଯୋଡ଼ା ହେଲ ।

ଏ 'ଖାଲୁଧର୍ମ' କଥା ପଣ୍ଡିତ ନୀଳକଣ୍ଠ ତାଙ୍କ ଓଡ଼ିଆ ସଂସ୍କୃତିରେ ଓ ପରେ ଆତ୍ମଜୀବନୀରେ ଦେଖାଇ ଦେଇ ଯାଇଛନ୍ତି । ଅସହିଷ୍ଣୁତା ହେଉଛି ଦଳବୃଦ୍ଧି ଓ ଦଳରକ୍ଷାର ଏକାନ୍ତ ଉପାଦାନ ଓ ଅବଲମ୍ବନ । ଅଥଚରେ ଏହାକୁ 'ଖାଲୁଧର୍ମ' କହନ୍ତି ।

ଓଡ଼ିଆ ସଭ୍ୟତାର ମଞ୍ଜା ଜଗନ୍ନାଥ ମୈତ୍ରୀଧର୍ମକୁ ନିର୍ମଳ କରି ଦେଖାଇବା ବିଶେଷ ଦରକାର । କାହିଁକି ନା, ଲୋକଙ୍କୁ ଡରାଇ, ଲୋଭାଇ ବା ଅନ୍ୟ ଯେ କୌଣସି ପ୍ରକାରେ ଭଳାଇ ନିଜର ଦଳ ଭିଆଣ କରିବାର ପରଂପରା ଭକ୍ତ ସଭ୍ୟତାର ଆଦିମ କାଳରୁ ଚାଲି ଆସିଛି ।

'ଭଳାଇବା' କଥାଟିର ଅର୍ଥ ହେଉଛି, ଭଲ ବୋଲି ମନାଇ ନେବା, ଖରାପକୁ ଭଲ ବୋଲି ବୁଝାଇ କୌଣସି ଖରାପ କାର୍ଯ୍ୟରେ ପ୍ରବର୍ତ୍ତାଇ ନେବା, ଅବଶ୍ୟ ଭଲ ଜିନିଷଟାଏ ବୁଝାଇ ବୁଦ୍ଧିକୁ 'ସପାଟକ' 'ଯୁକ୍ତ' ଦଳଭୁକ୍ତ କରିଦେବା ଅଲଗା କଥା ।

'ଭକ୍ତିରେ ଯୁକ୍ତି ନାହିଁ ।'

ପଣ୍ଡିତ ନୀଳକଣ୍ଠଙ୍କ ଏ ଲେଖା କୋଡ଼ିଏ ବର୍ଷ ତଳର । ତା'ର କେଇ ହଜାର ବର୍ଷ ଆଗରୁ ଯିଏ କହିଥିଲେ, 'ଯୁକ୍ତିହୀନ ବିଚାରେଣ ଧର୍ମହାନି ପ୍ରଜାୟତେ', ତାଙ୍କୁଇ ମୁଣ୍ଡିଆ ମାରି ପଶ୍ଚିମୀ-ମନୀଷୀ ମାନଙ୍କେ, 'ଇଣ୍ଡିଆ ଦ ସିଭିଲାଇଜର' ।

ପଣ୍ଡିତ ନୀଳକଣ୍ଠଙ୍କ ଗୀତାର ଦ୍ୱିତୀୟ ଅଧ୍ୟାୟର ୪୨-୪୬ ଶ୍ଳୋକର ଭାଷ୍ୟ ଓ ଓଡ଼ିଆ ପୁରାଣ କାଶ୍ୟପଙ୍କ ଶିଷ୍ୟ 'ମଣିଭଦ୍ର'ଙ୍କ 'ଷଡ଼ଦର୍ଶନ ସମୁଚ୍ଚୟ', ୮୧ ଶ୍ଳୋକକୁ ମିଳାଇ ଦେଖିଲେ ଓଡ଼ିଆଙ୍କ ନାଡ଼ି-ରକ୍ତ ଠଉରେଇ ଠାବ କରିହେବ । ସେ କାମ ବ୍ୟାବସାୟିକା-ବୁଦ୍ଧିର ନୁହେଁ । ତେଣୁ ଉପର ଠାଉରିଆ ପଣ୍ଡିତମ୍ମନ୍ୟଙ୍କ

Digitized by srujanika@gmail.com

ପରାମର୍ଶରେ ଯିଏ ଏ ଗାଦୀରେ ବସି ଯାଇଛନ୍ତି, ତାଙ୍କ ଭିତରୁ କାହାରି ଜଣକର ହେଲେ ପୂରା ପାଞ୍ଚ ବରଷ ମୁଖ୍ୟମନ୍ତ୍ରୀତ୍ୱ ମିଆଦ ପୂରି ପାରୁନାହିଁ ।

ଗୋପବଂଧୁ ନ ହେଲେ ଆଉ କିଏ ଇନସପେକ୍ଟର ରାଧାନାଥ ରଥଙ୍କୁ ବଂଧୁତା କରି ଲେଖିଥାନ୍ତା—

"ଧଡ଼ିଆ ପଣ୍ଡିତମନ୍ୟ, ବାଘଙ୍କ ସାହାରେ ଶୃଗାଳ କେଶରୀ ପରି ହେଉଥାନ୍ତି ଗଣ୍ୟ ।" ଗୋପବନ୍ଧୁ ନ ହେଲେ ଆଉ କିଏ କହି ଦେଇଥାନ୍ତା—

"ଆରେ ଯା, ଯେଉଁ ଗାନ୍ଧୀ, ମହାଶୂର ଟୋକଙ୍କୁ ପ୍ରଶଂସା କରି ସାର୍ଟିଫିକେଟ ଦିଏ, ସେ ଗାନ୍ଧୀ 'ସତ୍ୟବାଦୀ'କୁ ଆସେ ନାହିଁ ।"

ଗୋପବନ୍ଧୁଙ୍କ 'ସଖା' ବୋଲାଇବାର 'ଗୌରବ' ସହଜ ସହବାସ ଲଭ୍ୟ ନୁହେଁ, କି ସେବକ ପ୍ରଭିଣରେ ନାହିଁ । 'ଫଟ-ଉଠା' କି ପୋଥିପୂଜା ବିଜ୍ଞାପନରେ ଅନ୍ଧଙ୍କୁ ମୁଗ୍ଧ କରି ହେବ ସିନା, ନୀଳକଣ୍ଠଙ୍କ ଭଳିଆ ସୌହାର୍ଦ୍ଦ୍ୟର ସୌଭ୍ରାତ୍ୱର 'ସମ-ଧର୍ମୀ'ର, ସେ 'ସ୍ୱଚ୍ଛ', ସ୍ପଷ୍ଟ', ଆତ୍ମିକ ବଶଂବଦତା ନ ଥିଲେ କିଏ ଗୋପବନ୍ଧୁଙ୍କ ମୁହଁ ଉପରେ କହିଦେବ—

'ଧର୍ମପଦ' କବିତାଟି ବହୁତ ପୌରାଣିକ ମିଥ୍ୟାରେ ପୂର୍ଣ୍ଣ
ଭଲ କରି ପାଠକରିବା ଲୋକଙ୍କ ମନକୁ ଯେନିବ ନାହିଁ ।
ଆଉ ଛପାଇବା ବନ୍ଦ କରନ୍ତୁ ।" (ଆତ୍ମଜୀବନୀ ପୃ—୧୦୯)

ମହାଭାରତ ପାଠ ଶୁଣି, ଗୋପବଂଧୁଙ୍କ 'କିଓ ନୀଳକଣ୍ଠ' 'କିପରି ଲାଗୁଛି ?'...ପ୍ରଶ୍ନର ଉତ୍ତରରେ ନୀଳକଣ୍ଠ ନ ହେଲେ ଆଉ କିଏ କହିଥାନ୍ତା...'ଏ ମହାଭାରତରେ କୃଷ୍ଣଙ୍କ ଚରିତ୍ର ଯେ ଅଙ୍କିଦେଇଛି ସେ ବଡ଼ ବିଚକ୍ଷଣ ବୈଷ୍ଣବ ।'

( ଆତ୍ମଜୀବନୀ ପୃ-୧୦୮ )

ପୁଣି ହଜାରିବାଗ ଜେଲରେ ସନ୍ ୧୯୩୩ରେ 'ଗାନ୍ଧୀଜୀ'ଙ୍କ ଗୀତା ପଢ଼ି ରାଜେନ୍ଦ୍ର ପ୍ରସାଦଙ୍କୁ ଆଉ କେଉଁ ଓଡ଼ିଆ ପୁଅ ଗ୍ରନ୍ଥ ପଠାଇଥାନ୍ତା କହିଦେବାକୁ—

'ପ୍ରସ୍ଥାନ ତ୍ରୟୀ ଲେଖି, ମହାପୁରୁଷ ବୋଲାଇବାର ପରିକଳ୍ପନାର ମୂର୍ଖତାରୁ ନିବୃତ୍ତ ହୁଅନ୍ତୁ ।' ( ମୋର ଏ ଉକ୍ତି ଟି, ପଣ୍ଡିତଜୀଙ୍କ ଜେଲ ସହଚର ଦିବାକର ପଟ୍ଟନାୟକଙ୍କଠାରୁ ସଂଗୃହୀତ । ପଣ୍ଡିତଜୀ 'ଆତ୍ମଜୀବନୀ'ର ୧୧୫ ପ୍ରସଙ୍ଗରେ, ଏହାକୁ ଟିକିଏ ମାଠି ଦେଇଛନ୍ତି । )

Digitized by srujanika@gmail.com

ସେହି ତ୍ୟାଗ ଓ ତିତିକ୍ଷା, ଧ୍ୟାନ ଓ ତପସ୍ୟାରୁ, ମନନ ଓ ଚିନ୍ତନରେ ଏ ନିର୍ଭୀକ ସତ୍ୟର ପ୍ରକାଶ ସମ୍ଭବ ତା' କୌଟିଲ୍ୟଙ୍କ 'ମୌର୍ଯ୍ୟ ସାମ୍ରାଜ୍ୟ' ପୌରୋହିତ୍ୟ ବୃତ୍ତିରେ ପାଲଟି ଗଲା—

'ମନସା ଚିନ୍ତିତଂ କର୍ମ ବଚସା ନ ପ୍ରକାଶୟେତ୍'।
ପୁଣି...ମା ବ୍ରୂୟାତ ସତ୍ୟମପ୍ରିୟଂ-ରେ ବଣିକ ବୃତ୍ତିରେ ।

ଫଳରେ ଯିଏ ସନ ୧୯୩୭ରେ ଓଡ଼ିଶା ପ୍ରଦେଶ ଗଠନ ପରେ ପହିଲା ନିର୍ବାଚନରେ ଉତ୍କଳ ପ୍ରଦେଶ କଂଗ୍ରେସ କମିଟିର ସଭାପତିରୂପେ ମାତ୍ର ଆଠ ହଜାର ଟଙ୍କା ଓ ଖଣ୍ଡେ ଧଡ଼ଧଡ଼ିଆ ମଟର ନେଇ, ୧୦୪ ଡ଼ିଗ୍ରୀ ଜ୍ୱରରେ, ସରକାରଙ୍କ ୧୪୪ ଧାରା ତଳେ, ପ୍ରଥମ କଂଗ୍ରେସ ମନ୍ତ୍ରୀତ୍ୱ ପ୍ରତିଷ୍ଠା କରିଥିଲେ, ତାଙ୍କୁଇ ପୁଣି ସ୍ୱ-ଧର୍ମ ସାଧନାରେ ସନ ୧୯୩୮ରେ କଂଗ୍ରେସ କର୍ତ୍ତାଙ୍କ ଆଗରେ, କଂଗ୍ରେସ ମନ୍ତ୍ରିମଣ୍ଡଳ ବିରୁଦ୍ଧରେ, 'ଦୁର୍ନୀତି'ର ଅଭିଯୋଗ ଦାଏର କରିବାକୁ ପଡ଼ିଥିଲା ।

ସେ ଦୁର୍ନୀତି-ତଦନ୍ତ ବିସ୍ତରରେ 'ରାଜେନ୍ଦ୍ର ପ୍ରସାଦ'ଙ୍କ ଶହେ ପୃଷ୍ଠା ରାଏ ଓ ତା'ପର, ଡେଲାଙ୍ଗ ମେଳାରେ, 'ଗାନ୍ଧୀ-ପଟେଲ'ଙ୍କ ଅପିଲ ମନ୍ତବ୍ୟ ଏବେ ବି ହଜି ଯାଇନାହିଁ ।

କଂଗ୍ରେସ କର୍ତ୍ତା ଏ ଯଦି ନିଜ ଦଳ ଭିତରେ ମନ୍ତ୍ରିମଣ୍ଡଳର 'ଦୁର୍ନୀତି'ର ସେ ସନ୍ଧାନ ଓ ସଂଶୋଧନ ବାଟକୁ, ନୀଳକଣ୍ଠଙ୍କ ପ୍ରଦର୍ଶିତ ପ୍ରଦେଶ-କଂଗ୍ରେସ ସଭାପତିଙ୍କୁ ବେଳୁ ଶିଖି ଚଳାଇଥାନ୍ତେ, ତେବେ କ'ଣ ନୀଳକଣ୍ଠଙ୍କ ମହାପ୍ରସ୍ଥାନର ବାସଦିନ ଭୁବନେଶ୍ୱରରେ ଜଷ୍ଟିସ-ଖାନ୍ନାଙ୍କ ଆଗରେ ୧୫ ଜଣ କଂଗ୍ରେସୀ ମନ୍ତ୍ରୀ ବିରୁଦ୍ଧରେ ଏଭଳି 'ତଦନ୍ତ କମିଶନ' ବସିବାର ଆବଶ୍ୟକତା ପଡ଼ିଥାନ୍ତା ?

ଏ ପ୍ରଶ୍ନ, ବାଦୀ-ବିବାଦୀଙ୍କ ତତ୍କାଳୀନ ସମର୍ଥକଙ୍କ ନିଷ୍ପତ୍ତି—ନିର୍ଭର ନୁହେଁ । ଏହା ମହାକାଳର ଅଲଂଘ୍ୟ, ଧର୍ମଧାରା ।......ଯାହାକୁ ଶାଶ୍ୱତ ଶୃଙ୍ଖଳାରେ, ଋତ ବୋଲି ନୀଳକଣ୍ଠ ତାଙ୍କ ଗୀତା-ଭାଷ୍ୟରେ କହିଛନ୍ତି ଓ 'ଆଇନରେ ମଧ୍ୟ 'ଋତ' ବୋଲି ୰ରାଧାଗୋବିନ୍ଦ ପାଲ ପ୍ରମାଣ କରି ଯାଇଛନ୍ତି ।

"ସମାନୋ ମନ୍ତ୍ରୀଃ ସମିତିଃ ସମାନୀ
ସମାନଂ ମନଂ ସହଚିତ୍ତମେଷାମ
ସମାନଂ ମଂତ୍ର-ମଭି ମନ୍ତ୍ରୟେବ
ସମାନେନ ବୋଂ ହବିଷା ଜୁହୋମି ।"

( ମାତୃଭୂମି—ତା ୧୬ । ୧୧ । ୬୭ )

Digitized by srujanika@gmail.com

# ସ୍ୱାଭିମାନୀ ପଣ୍ଡିତ ନୀଳକଣ୍ଠ

ଶ୍ରୀ ସୁରେନ୍ଦ୍ରନାଥ ଦ୍ୱିବେଦୀ

**ପ**ଣ୍ଡିତ ନୀଳକଣ୍ଠ ଥିଲେ ଏକ ସ୍ୱାଭିମାନୀ ପୁରୁଷ; ତାଙ୍କର ବ୍ୟକ୍ତିତ୍ୱ, ଆଚରଣ ଓ ଚରିତ୍ରରେ ପରିସ୍ଫୁଟ ହେଉଥିଲା ଏକ ଉଚ୍ଚାଭିଳାଷ ଓ ଉନ୍ନତ ଶିରର ଲକ୍ଷଣ । ଯେ ତାଙ୍କୁ ଭେଟିଛନ୍ତି, ତାଙ୍କ ସହିତ କଥାବାର୍ତ୍ତା କରିଛନ୍ତି ବା ତାଙ୍କର ଭାଷଣ ଶୁଣିଛନ୍ତି, ସେ ତାଙ୍କ ପ୍ରତି ଆକୃଷ୍ଟ ହେଉ ବା ନ ହେଉ, ନିଶ୍ଚିତ ଭାବରେ ଜଣେ ପ୍ରବୀଣ ଓ ସଂସ୍କୃତ ପୁରୁଷର ସନ୍ନିଧାନରେ ଆସିଯାଇଛନ୍ତି ବୋଲି ଅନୁଭବ କରି ଫେରିଛନ୍ତି । ତାଙ୍କର ଚିନ୍ତାର ମୌଳିକତା, ବେଦ, ଉପନିଷଦ ଏବଂ ସନାତନ ସଂସ୍କୃତିରେ ଦକ୍ଷତା ଓ ପାଣ୍ଡିତ୍ୟ, ଚାଣକ୍ୟ ପରି ରାଜନୀତି କ୍ଷେତ୍ରରେ କୌଶଳର ପ୍ରୟୋଗ ଓ କର୍ମପ୍ରଣାଳୀ ଭିତରେ ନମ୍ରତା ବା ଉଦାରତାର ସ୍ଥାନ ନ ଥିଲା-ଆପଣାର ଆତ୍ମବିଶ୍ୱାସ ଓ ଆତ୍ମନିର୍ଭରତା ଉପରେ ସେ ଏପରି ସଚେତନ ଥିଲେ ଯେ ତାଙ୍କର ସମତୁଲ୍ୟ କେହି ହୋଇପାରେ ବୋଲି ସେ ଅନୁମାନ ବି କରି ପାରନ୍ତି ନାହିଁ । ସେଥିଲାଗି ପ୍ରତ୍ୟେକ କ୍ଷେତ୍ରରେ ତାଙ୍କର ନିଷ୍ପତ୍ତି ଥିଲା ନିତାନ୍ତ ନିଜସ୍ୱ-ବ୍ୟକ୍ତିଗତ । ସାମାଜିକ ଓ ରାଜନୀତି କ୍ଷେତ୍ରରେ ହୁଏତ ଏଭଳି ନିଷ୍ପତ୍ତି ଓ ପଦକ୍ଷେପ କେତେକ ସ୍ଥଳରେ ଲୋକପ୍ରିୟତା ଅର୍ଜନ କରିପାରି ନାହିଁ; ମାତ୍ର ସେ ସବୁଥିରେ ତାଙ୍କର ଅଲୌକିକ ବ୍ୟକ୍ତିତ୍ୱର ଛାପ ଯେ ରହିଯାଇଛି, ଏଥିରେ ସନ୍ଦେହ ନାହିଁ ।

ସେ ଥିଲେ ଜଣେ ନୈଷ୍ଠିକ ହିନ୍ଦୁ ବ୍ରାହ୍ମଣ-ବ୍ରାହ୍ମଣର ପ୍ରତିଷ୍ଠା ଓ ମର୍ଯ୍ୟାଦାରେ ତାଙ୍କର ବିଶ୍ୱାସ ଥିଲା; ବ୍ରାହ୍ମଣର ବିଦ୍ୱତ୍ତା ଓ ବିଚକ୍ଷଣତା ଲାଗି ତାଙ୍କର ଗର୍ବ ଥିଲା । ଏହି ପୃଷ୍ଠଭୂମି ହେତୁ ତାଙ୍କୁ ପ୍ରଗତିବାଦୀ ବା ଆଧୁନିକ ବୋଲି ବିଚାର କରିବା ହୁଏତ ଭ୍ରମ ହେବ । ମାତ୍ର ଏହା ବୋଲି ସେ କେବେହେଲେ ରକ୍ଷଣଶୀଳ ଥିଲେ ବୋଲି କୁହାଯାଇ ପାରେନା—ବରଂ ସେକାଳରେ ସମାଜରୁ କୁସଂସ୍କାର ଓ ରକ୍ଷଣଶୀଳତା ଦୂର କରିବା ନିମନ୍ତେ ସେ ଯେପରି ସାହସ ଓ ଦାମ୍ଭିକତା ଦେଖାଇଛନ୍ତି, ତାହା କେବଳ ନୀଳକଣ୍ଠ ହିଁ କରି ପାରନ୍ତି । ବ୍ରାହ୍ମଣ "ମୋ ନିଶ"ର ଗରିମା ଗାଇବା କିମ୍ବା ପଇତା ତ୍ୟାଗ କରିବା କିମ୍ବା ଅଣ୍ଡା ମାଂସ ଖାଇବାରେ କୁଣ୍ଠା ବା ଲଜ୍ଜାବୋଧ ନ କରିବା ଭଳି କାର୍ଯ୍ୟକୁ କେବଳ ବିରୋଧ ନୁହେଁ, ବିଦ୍ରୋହର ଆଖ୍ୟା ଦିଆଯାଇ-ପାରେ । ଏକ ଅବରୁଦ୍ଧ ସମାଜ ଓ ମନ ଉପରେ କି ପ୍ରଚଣ୍ଡ ଆଘାତ । ସବୁଠାରୁ ତାତ୍ପର୍ଯ୍ୟପୂର୍ଣ୍ଣ ହେଉଛି, ଏ ସବୁ ପରିବର୍ତ୍ତନ ବା ସଂସ୍କାର ପ୍ରବର୍ତ୍ତନ କରି ବି ସେ

Digitized by srujanika@gmail.com

ସମାଜର ପୁରୋଭାଗରେ ରହିଥିଲେ-ଗର୍ବ ଓ ଗୌରବ ବୋଲି ଲୋକେ ତାଙ୍କୁ ଗଣ୍ୟ କରୁଥିଲେ ।

ପଣ୍ଡିତ ନୀଳକଣ୍ଠଙ୍କୁ ଉତ୍କଳମଣି ଗୋପବନ୍ଧୁଙ୍କ ଅନୁଯାୟୀ ବୋଲି କହିବା ଭୁଲ । ଗୋପବନ୍ଧୁଙ୍କ ଦ୍ୱାରା ସେ ପ୍ରଭାବିତ ହୋଇଥିଲେ ଏବଂ ତାଙ୍କର ପ୍ରେରଣାରେ ତ୍ୟାଗ ଓ ସେବାଧର୍ମ ଆବୋରି ନେଲେ । ମାତ୍ର ଦୁଇଟି ଭେଦ ଭିନ୍ନ । ଗୋପବନ୍ଧୁ ଥିଲେ ଗଣଦେବତାର ପୂଜାରୀ, ଭାଷା, ବେଶଭୂଷା, କଥାବାର୍ତ୍ତା ବା ଲେଖାରେ ସହଜ ସରଳତା ଫୁଟି ଉଠୁଥିଲା—ଜନ ସମୁଦାୟର ହୃଦୟ ସ୍ପର୍ଶ କରି ତାର ଅନ୍ତରରେ ପ୍ରବେଶ କରିବା ନିମନ୍ତେ ସେ କଥା ଓ କାର୍ଯ୍ୟର ଢଙ୍ଗକୁ ବଦଳାଇବାର ପ୍ରୟାସ କରୁଥିଲେ । ପଣ୍ଡିତ ନୀଳକଣ୍ଠ ଗଣଶକ୍ତିରେ ବିଶ୍ୱାସ କରନ୍ତି ନାହିଁ ବୋଲିବାଟା ଠିକ୍ ହୋଇ ନ ପାରେ, ମାତ୍ର ତାଙ୍କର ବିଧିବଦ୍ଧ ପ୍ରଚେଷ୍ଟା ରହିଥିଲା ଚେତନଶୀଳ ବୁଦ୍ଧିଜୀବୀ କିମ୍ବା ଯାହାଙ୍କୁ "ଏଲିଇଟ" (Elite) ବୋଲି କହନ୍ତି, ତାଙ୍କ ନିକଟରେ ପହଞ୍ଚିବା ଲାଗି । ସେଥିଲାଗି ତାଙ୍କ ସାହିତ୍ୟ ଓ ଲେଖା ଥିଲା କ୍ଲିଷ୍ଟ ମାତ୍ର ବଳିଷ୍ଠ । ତାହିଁର ପ୍ରଖରତା ତଥାକଥିତ ବୁଦ୍ଧିଜୀବୀ ଅନୁଭବ କରୁଥିଲେ, ଏଥିରେ ସନ୍ଦେହ ନାହିଁ । ମୋର କାଲିପରି ମନେ ପଡୁଛି, ସେ ଉତ୍କଳ କଂଗ୍ରେସର ସଭାପତି ଥିବାବେଳେ ଆମେ ସବୁ କୃଷକ ସଙ୍ଗଠନ ଆରମ୍ଭ କରିଦେଲୁ, ତହିଁରେ ଖାଲି ଶ୍ରେଣୀସଂଗ୍ରାମ ଓ ସମାଜର ପ୍ରତିଷ୍ଠିତ ଗୋଷ୍ଠୀଙ୍କ ଭିତରେ ସଂଘର୍ଷର ସୂତ୍ରପାତ ହେଲା ନାହିଁ, ଯେଉଁ ମଧ୍ୟବିତ୍ତ ଶ୍ରେଣୀ ଓ ଆଭିଜାତ୍ୟ ସଂପ୍ରଦାୟ ପଣ୍ଡିତ ନୀଳକଣ୍ଠଙ୍କ ପରି ବ୍ୟକ୍ତିମାନଙ୍କର ପ୍ରଧାନ ପୃଷ୍ଠପୋଷକ ଥିଲେ, ସେମାନଙ୍କ ବିରୋଧରେ ପ୍ରବଳ ପ୍ରତିଦ୍ୱନ୍ଦ୍ୱିତା ଜାତହେଲା । ପ୍ରଥମେ ନୀଳକଣ୍ଠ ତାର ବିରୋଧ କଲେ—କଂଗ୍ରେସ ନାମରେ କୃଷକ ସଂଘ ଗଠନ ନିର୍ଦ୍ଧିଷ୍ଟ ହେଲା । ପଣ୍ଡିତ ଜବାହରଲାଲ ଆଆନ୍ତି ନିଖିଳଭାରତ କଂଗ୍ରେସର ସଭାପତି । ଆମେମାନେ ତାଙ୍କୁ ଲେଖି ତାଙ୍କର ଅନୁମତି ଆଣିଲୁ । ନୀଳକଣ୍ଠ ଯେତେବେଳେ ଦେଖିଲେ ଏ ଆନ୍ଦୋଳନ ବହୁଲୋକଙ୍କ ସମର୍ଥନ ପାଉଛି ଏବଂ ନିର୍ବାଚନରେ ନିଶ୍ଚିତ ଭାବରେ ଏଥିରେ ସାହାଯ୍ୟ ମିଳିବ, ସେତେବେଳେ ସେ ଏଥିରେ ସହଯୋଗ କଲେ । ଭୁବନେଶ୍ୱରରେ ଏକ ସଭା ଦେଖି ତାଙ୍କର ମତଗତି ବଦଳିଗଲା । ନିଖିଳ ଭାରତ କଂଗ୍ରେସ କମିଟି ପକ୍ଷରେ ଯାହା ସମ୍ଭବ ନ ଥିଲା, ଓଡ଼ିଶାରେ ତାଙ୍କର ସଭାପତିତ୍ୱରେ କଂଗ୍ରେସ ନିର୍ବାଚନ ଇସ୍ତାହାରରେ ଅତି ଉଗ୍ରପନ୍ଥୀ ଭୂସଂସ୍କାର କାର୍ଯ୍ୟକ୍ରମ ଗ୍ରହଣ କରିଯାଇ ପାରିଥିଲା । ତାଙ୍କର ରାଜନୈତିକ ଦୃଷ୍ଟିକୋଣ ତାତ୍କାଳିକ ପରିସ୍ଥିତି ଦ୍ୱାରା ପ୍ରେରିତ ହେଉଥିଲା ।

ଏହା ଥିଲା ତାଙ୍କ ଚରିତ୍ରର ଅନ୍ୟ ଏକ ଦିଗ । ସେ ଆଧୁନିକତା ଏବଂ ସମାଜବାଦର ପରିପୋଷକ ନ ଥିଲେ; ମାତ୍ର ରାଜନୈତିକ କୌଶଳରେ ବିଶ୍ୱାସ କରୁଥିଲେ । ସେ କେବେ ନିଜକୁ ଗାନ୍ଧୀପନ୍ଥୀ ବୋଲି କହି ନାହାନ୍ତି, କିମ୍ବା ସେପରି

Digitized by srujanika@gmail.com

ଛଳନା ଦେଖାଇ ନାହାନ୍ତି । ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ—କଂଗ୍ରେସ ଆଇନଅମାନ୍ୟ ଡାକରା ଦେଇ କାଉନସିଲ ବର୍ଜନ ନୀତି ଗ୍ରହଣ କରିବାକୁ ସୃଙ୍ଖଳ ସୈନିକ ଭାବରେ ସେ ଇସ୍ତଫା ଦେଲେ ମାତ୍ର ପୁଣି କେନ୍ଦ୍ର ଆସେମ୍ବ୍ଲିକୁ ନିର୍ବାଚନ ଲଢ଼ିଲେ । ବାସ୍ତବରେ ବ୍ୟବସ୍ଥାପକ ରାଜନୀତିରେ ହିଁ ତାଙ୍କର ପ୍ରକୃତ ବିଶ୍ୱାସ ରହିଥିଲା ଏବଂ ସେ କାର୍ଯ୍ୟ ଅତି ଦକ୍ଷତାସହକାରେ କରିଥିଲେ । ପ୍ରତ୍ୟକ୍ଷ ସଂଗ୍ରାମ, ସତ୍ୟାଗ୍ରହ ବା ସଂଘର୍ଷମୂଳକ ରାଜନୀତିର ସେ ନେତୃତ୍ୱ ନେଇ ନ ଥିଲେ, ମାତ୍ର ବ୍ୟବସ୍ଥା ସଭା ରାଜନୀତିରେ ସେ ଥିଲେ ନିପୁଣ । ଓଡ଼ିଶା ପ୍ରଦେଶ ସ୍ୱତନ୍ତ୍ର ହୋଇ ଯେତେବେଳେ ପ୍ରଥମ ନିର୍ବାଚନ ହୁଏ, ବହୁ ଜଣାଶୁଣା କଂଗ୍ରେସ ନେତା ନିର୍ବାଚନର ସମ୍ମୁଖୀନ ହେବାକୁ ସାହସ କରୁ ନ ଥିଲେ, ସେତେବେଳେ ଓଡ଼ିଶାର ଏ ମୁଣ୍ଡରୁ ସେ ମୁଣ୍ଡ ପର୍ଯ୍ୟନ୍ତ ଜମିଦାରୀ—ଅଧ୍ୟୁଷିତ ଓ କୋରାପୁଟ ପରି ଆଦିବାସୀବହୁଳ ଅଗମ୍ୟ ଅଞ୍ଚଳରେ ସେ ଏକାକୀ ପ୍ରବେଶ କରି ସାରା ଭାରତରେ ଅପ୍ରତ୍ୟାଶିତ ଭାବରେ ପ୍ରଥମେ ଓଡ଼ିଶା ପ୍ରଦେଶ ନିର୍ବାଚନରେ ସଂଖ୍ୟାଗରିଷ୍ଠତା ହାସଲ କରିଥିଲେ ଏବଂ ତାଙ୍କ ପାଖକୁ ସର୍ଦ୍ଦାର ପଟେଲ ତାର କଲେ "ସାବାସ, ଓଡ଼ିଶା" ଏହା ଦ୍ୱାରା ସାରା ଭାରତକୁ ନୂଆ ପଥ ଦର୍ଶାଇବ । କିନ୍ତୁ ଏଭଳି ଯଶ ଓ କୀର୍ତ୍ତି ଅର୍ଜନ କଲାପରେ କଂଗ୍ରେସର କୁଚକ୍ରୀ ରାଜନୀତି ତାଙ୍କ ବିରୁଦ୍ଧରେ କିପରି ଗତି କଲା, ତାହା ଏଠାରେ ବର୍ଣ୍ଣନା ନ କରିବା ହିଁ ଭଲ ।

ତହିଁ ଉତ୍ତାରୁ ତାଙ୍କର ରାଜନୀତିକ ଜୀବନ ଉତ୍‌ଥାନ ପତନ ଭିତରେ ଗତି କଲା । ନାନା ଝଡ଼ଝଞ୍ଜା ବହିଲା । ପଣ୍ଡିତ ନୀଳକଣ୍ଠ ନେତାଜୀ ସୁଭାଷଙ୍କୁ ସମର୍ଥନ କଲେ ଏବଂ ଶେଷକୁ ବ୍ରିଟିଶ ସରକାରର ଯୁଦ୍ଧକୁ ବି ସାହାଯ୍ୟ କରିବା ନିମନ୍ତେ ନେସନାଲ ଓ୍ୱାର ଫ୍ରଣ୍ଟରେ ଯୋଗ ଦେଲେ । ମିଳିତ ମନ୍ତ୍ରିମଣ୍ଡଳ ଇତ୍ୟାଦି ଗଠିତହେଲା । ଏହାକୁ ସୁବିଧାବାଦ ରାଜନୀତି ବୋଲି ଲୋକେ ତାଙ୍କୁ ନିନ୍ଦାକଲେ । ମାତ୍ର ସେ କେବେ ଏଥିଲାଗି ଦୁଃଖ ବା ଅନୁଶୋଚନା କରିବା କଥା ମତେ ଜଣାନାହିଁ । ସେ ରାଜନୀତିକୁ ଏକ କୌଶଳରୂପେ ପ୍ରୟୋଗ କରୁଥିଲେ । ଏହାଥିଲା ତାଙ୍କର ବିଶେଷତ୍ୱ ଓ ନିଜତ୍ୱ । କଂଗ୍ରେସ ରାଜନୀତିରେ ସେ ତାଙ୍କର ଉପଯୋଗୀ ସ୍ଥାନ ପାଇ ପାରିଲେ ନାହିଁ ସତ, ମାତ୍ର ନିଜର ଅଶେଷ ଗୁଣ, ଦେଶଲାଗି ତ୍ୟାଗ, କର୍ମସାଧନା, ଓଡ଼ିଶାର ଗରିମା ଓ ଅଭିମାନ ରକ୍ଷା ନିମନ୍ତେ ତାଙ୍କର ନୀରବ-ଚ୍ଛିନ୍ନ ଉଦ୍ୟମ, ଅଗାଧ ପାଣ୍ଡିତ୍ୟ ଓ ସ୍ୱାଭିମାନ ଗୁଣ ଏବଂ ସର୍ବୋପରି ପୁରାତନ ସଂସ୍କୃତି ଓ ପରମ୍ପରାର ପ୍ରତୀକ ରୂପେ ସେ ଓଡ଼ିଶାର ସର୍ବତ୍ର ଆଦୃତ ଓ ପୂଜ୍ୟ ହୋଇ ରହିଥିଲେ । ପଣ୍ଡିତ ନୀଳକଣ୍ଠ ବୋଇଲେ ଯାହା ବୁଝାଏ, ତାହା ତାଙ୍କର ସମ୍ପୂର୍ଣ୍ଣ ନିଜସ୍ୱ- ଅନ୍ୟ କାହାରି ଉପଲକ୍ଷରେ ବା କାହାରି ସହ ତାଙ୍କର ତୁଳନା କରାଯାଇ ପାରେ ନା ।

Digitized by srujanika@gmail.com

# ମନୀଷୀ ନୀଳକଣ୍ଠ

ଶ୍ରୀ ଶ୍ୟାମସୁନ୍ଦର ମିଶ୍ର

କୁଳବୃଦ୍ଧ ପଣ୍ଡିତ ନୀଳକଣ୍ଠଙ୍କ ବହୁମୁଖୀ ପ୍ରତିଭା ଏତେ ବ୍ୟାପକ ଥିଲା ଯେ ସେ ସମ୍ବନ୍ଧରେ ବିସ୍ତୃତ ଆଲୋଚନା ବହୁ ଆୟାସ ସାଧ୍ୟ ଓ ବହୁ ସମୟସାପେକ୍ଷ ହେବା ସ୍ୱାଭାବିକ ମଧ୍ୟ । ପଣ୍ଡିତ ନୀଳକଣ୍ଠ ତାଙ୍କ ଜୀବନର ଯୌବନରେ ଜଣେ ଶିକ୍ଷକ ଓ ଶିକ୍ଷାବିତ୍ । ତତ୍ପରେ ଜଣେ କବି ଓ ସାହିତ୍ୟିକ, ସମାଜ-ସଂସ୍କାରକ ଏବଂ ସର୍ବୋପରି ରାଜନୀତିଜ୍ଞ ଭାବରେ ତାଙ୍କ ଜୀବନ ଅତିବାହିତ କରିଥିଲେ । ସେ ଯେଉଁଥିରେ ହାତ ଦେଇଥିଲେ ସେଥିରେ ପାରଦର୍ଶିତା ଲାଭ କରୁଥିଲେ । ନବ୍ୟ ଓଡ଼ିଶାରେ ତାଙ୍କର ନିଷ୍ଠା ଓ ସାଧନା ବହୁଦିନ ଏକ କିମ୍ବଦନ୍ତୀ ହୋଇ ରହିବ ।

ପଣ୍ଡିତ ନୀଳକଣ୍ଠ ଯେତେବେଳେ ସତ୍ୟବାଦୀ ବନ ବିଦ୍ୟାଳୟର ଅଧ୍ୟକ୍ଷ ପଦ ଗ୍ରହଣ କଲେ ସେତେବେଳେ ସେ ଦେଖିଲେ ଯେ ଶିକ୍ଷକମାନଙ୍କର ଅଧ୍ୟାପନା ପରିଦର୍ଶନ କରିବାକୁ ଗଲେ ତାଙ୍କୁ ସଂସ୍କୃତ ବ୍ୟାକରଣ ତଥା ସାହିତ୍ୟରେ ପାରଦର୍ଶିତା ଲାଭ କରିବାକୁ ହେବ । ନଚେତ ପଣ୍ଡିତ ମହାଶୟ ଠିକ ମୁତାବକ ପାଠ ପଢ଼ାଉଛନ୍ତି କି ନାହିଁ, ସେ ଜାଣି ପାରିବେ ନାହିଁ । ସେ ଏହି କଥା ଯେଉଁ ମୁହୂର୍ତ୍ତରେ ଉପଲବ୍ଧି କଲେ ସେହି ମୁହୂର୍ତ୍ତରୁ ଗଭୀର ନିଷ୍ଠାର ସହ ସଂସ୍କୃତ ଶିକ୍ଷାରେ ମନଦେଲେ । ଲେଖକ, ପଣ୍ଡିତ ମହାଶୟଙ୍କ ବନ୍ଧୁମାନଙ୍କଠାରୁ ଶୁଣିଛି ଯେ ପରିଣତ ବୟସରେ ସେ 'ସିଦ୍ଧାନ୍ତ କୌମୁଦୀ' ଭଳି ଏକ ବ୍ୟାକରଣ ବହିକୁ ଆୟତ୍ତ କରିଥିଲେ । ଧର୍ମଶାସ୍ତ୍ର ସମ୍ବନ୍ଧରେ ତାଙ୍କର ପ୍ରଗାଢ଼ ଅଧ୍ୟୟନ ଥିଲା । ତାଙ୍କ ପ୍ରଣୀତ 'ଗୀତା'ର ଭାଷ୍ୟ ତାହାର ଏକ ଜ୍ୱଳନ୍ତ ନିଦର୍ଶନ । ସେ ନିଜେ ଦର୍ଶନଶାସ୍ତ୍ରର ଛାତ୍ର ଥିଲେ ହେଁ, ଇତିହାସରେ ତାଙ୍କର ଅସାଧାରଣ ପ୍ରବେଶ ଥିଲା । ଡକ୍ଟର ପରିଜା ଯେତେବେଳେ ଓଡ଼ିଶା ବ୍ୟବସ୍ଥାପକସଭାର ସଭ୍ୟ ଥିଲେ, ସେତେବେଳେ ଥରେ ସେ ଡକ୍ଟର ଗୋଲଓ୍ୱାଲକରଙ୍କର ସମ୍ବର୍ଦ୍ଧନା ଲାଗି ଏକ ଚାହା ପାର୍ଟିର ଆୟୋଜନ କରିଥିଲେ । ଏଥିରେ ବହୁ ଅଧ୍ୟାପକ, ଆଇନଜୀବୀ ଓ ଅନ୍ୟାନ୍ୟ ବିଶିଷ୍ଟ ଲୋକେ ଉପସ୍ଥିତ ଥିଲେ । ପଣ୍ଡିତ ନୀଳକଣ୍ଠ କଥା ପ୍ରସଙ୍ଗରେ ସେଠାରେ ବୈୟାକରଣ ବୋପଦେବଙ୍କ କଥା ବର୍ଣ୍ଣନା କଲେ ଏବଂ ହଠାତ୍ ଇତିହାସ ବିଭାଗର ଅଧ୍ୟାପକଙ୍କୁ ପଚାରି ବସିଲେ, 'ହଇହେ, ବୋପଦେବ କେଉଁ ସମୟର ଲୋକ ଜାଣିଛ' ? ଇତିହାସ ଅଧ୍ୟାପକ ତ ହତଭମ୍ବ । ସେହି ସମଗ୍ର ସମାବେଶରେ ଏପରି କେହି ଲୋକ ନ ଥିଲେ ଯେ କି ଏହାର ଉତ୍ତର ଦେବାଲାଗି ସାହସ କରିଥିଲେ । ସେଥିରେ ହିଁ ପ୍ରକାଶ ପାଇଥିଲା ପଣ୍ଡିତ ନୀଳକଣ୍ଠଙ୍କ କୃତିତ୍ୱ ।

Digitized by srujanika@gmail.com

ଆଉଥରେ ଓଡ଼ିଶାର ପୂର୍ବତନ ଡ଼ି. ପି. ଆଇ ସ୍ୱର୍ଗୀୟ ଶ୍ୟାମଚନ୍ଦ୍ର ତ୍ରିପାଠୀଙ୍କ ଘରେ ଲେଖକ ଥରେ ପଣ୍ଡିତ ନୀଳକଣ୍ଠଙ୍କ ପାଣ୍ଡିତ୍ୟର ପ୍ରକାଶ ଦେଖିଥିଲା । ନୀଳକଣ୍ଠ ବାବୁ ଶ୍ରୀଯୁକ୍ତ ମହେଶଚନ୍ଦ୍ର ପ୍ରଧାନଙ୍କ ସହିତ ତ୍ରିପାଠୀ ମହାଶୟଙ୍କ ଘରକୁ ଆସିଥାନ୍ତି, ଓଡ଼ିଶାରେ କି ଧରଣର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠିତ ହେବ, ତାହାର ଆଲୋଚନା କରିବା ପାଇଁ । ଠିକ୍ ସେହିସମୟରେ ସ୍ୱନାମଧନ୍ୟ ସାହିତ୍ୟିକ ଶ୍ରୀଯୁକ୍ତ କାଳିନ୍ଦୀଚରଣ ପାଣିଗ୍ରାହୀ ଓ ମୁଁ ତ୍ରିପାଠୀ ମହାଶୟଙ୍କ ଦ୍ୱାରସ୍ଥ ହୋଇଥିଲୁ, ଉତ୍କଳ ସାହିତ୍ୟ ସମାଜ ସକାଶେ କିଛି ଚାନ୍ଦା ସଂଗ୍ରହ କରିବା ପାଇଁ । ଆମକୁ ବିଶେଷତଃ କାଳିନ୍ଦୀ ବାବୁଙ୍କୁ ଦେଖି ପଣ୍ଡିତ ମହାଶୟ ସାହିତ୍ୟ ଚର୍ଚ୍ଚା ଆରମ୍ଭ କରିଦେଲେ ଏବଂ ବୈଦେହୀଶ ବିଳାସର କେତେଗୁଡ଼ିଏ ପଂକ୍ତି ଆବୃତ୍ତି କରି ତାହାର ଅର୍ଥ ବୁଝାଇବାକୁ ଲାଗିଲେ । ତାଙ୍କର ସେହି ଅର୍ଥ ବିଶ୍ଳେଷଣରେ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଶିକ୍ଷାର ଯେଉଁ ଅପୂର୍ବ ସମନ୍ୱୟ ଲେଖକ ଲକ୍ଷ୍ୟ କଲା, ତାହା ଓଡ଼ିଶାରେ ବାସ୍ତବିକ ଅସାଧାରଣ । ସେହିଠାରେ କଥା ପ୍ରସଙ୍ଗରେ ପଣ୍ଡିତ ନୀଳକଣ୍ଠ କହିଥିଲେ ଯେ ସେ ଯେତେବେଳେ ସତ୍ୟବାଦୀ ବନ-ବିଦ୍ୟାଳୟର ଅଧକ୍ଷ ଥିଲେ ଉକ୍ତ ବିଦ୍ୟାଳୟ ପାଟନା ବିଶ୍ୱବିଦ୍ୟାଳୟର ମଞ୍ଜୁରୀ ପାଇବ କି ନାହିଁ, ଏହା ଠିକ୍ କରିବା ଲାଗି ରେଭେନ୍‌ସା କଲେଜର ତତ୍କାଳୀନ ଅଧକ୍ଷ ଜେମ୍‌ସ୍ ସାହେବ ସତ୍ୟବାଦୀ ବିଦ୍ୟାଳୟ ପରିଦର୍ଶନ କଲାବେଳେ ସେଠାର ଲାଇବ୍ରେରୀ ମଧ ଦେଖିଥିଲେ । ପଣ୍ଡିତ ନୀଳକଣ୍ଠ ତାଙ୍କ ସହିତ ରହି ତାଙ୍କ ଲାଇବ୍ରେରୀର ପ୍ରତ୍ୟେକ ବହିର ନାଁ କହିବା ସଙ୍ଗେ ସଙ୍ଗେ ଉକ୍ତ ବହିର ସାରମର୍ମ ମଧ କହି ଦେଇଥିଲେ । ଏଥିରେ ଜେମ୍‌ସ୍ ସାହେବ ଯୁଗପତ୍ ବିସ୍ମିତ ଓ ମୁଗ୍ଧ ହୋଇଥିଲେ । ସେ କହିଥିଲେ, ତୁମେମାନେ ତ୍ୟାଗୀ ଲୋକ, ତୁମର ସାଧନା ଅସୀମ । ଏହା କଣ ଆମର ଉଚ୍ଚବିଧି-କାରୀମାନେ ଦେଖାଇ ପାରିବେ ? ମୁଁ ଏ ସବୁ କଥା ପଣ୍ଡିତ ନୀଳକଣ୍ଠଙ୍କ ମୁହଁରୁ ଶୁଣିଛି । ଏତେ ପାଣ୍ଡିତ୍ୟ ଏବଂ ଏତେ ସମ୍ମାନର ଅଧିକାରୀ ହୋଇ ମଧ ପଣ୍ଡିତଜୀଙ୍କ-ଠାରେ ଆଡ଼ମ୍ବରର ଲେଶ ସୁଦ୍ଧା ନ ଥିଲା ।

ସେ ଯେତେବେଳେ 'ନବଭାରତ'ର ସମ୍ପାଦନା ଦାୟିତ୍ୱ ଗ୍ରହଣ କରି କଟକଠାରେ ରହୁଥିଲେ, ଲେଖକ ସେତେବେଳେ ଦେଖିଛି ତାଙ୍କର ଥିଲା ଅବାରିତ ଦ୍ୱାର । ଯେକୌଣସି ଲୋକ ଯେକୌଣସି ସମସ୍ୟା ନେଇ ପଣ୍ଡିତ ମହାଶୟଙ୍କ ପାଖରେ ପହଞ୍ଚି ପାରୁଥିଲା ଓ ତାଙ୍କର ପରାମର୍ଶ ପାଉଥିଲା । ପଣ୍ଡିତ ମହାଶୟ ବାସ୍ତବିକ ପ୍ରାଚୀନ ଗୁରୁକୁଳାଶ୍ରମର ଗୁରୁଙ୍କ ଭଳି ଜୀବନ ଯାପନ କରୁଥିଲେ । ତାଙ୍କର ତିରୋଧାନରେ ଓଡ଼ିଶାର ସାଂସ୍କୃତିକ ପରମ୍ପରା ଏକରକମ ଛିଣ୍ଡି ଯାଇଛି । ଆମ ଭିତରୁ ଯେଉଁମାନେ ତାଙ୍କୁ ଦେଖିଥିଲେ ଓ ତାଙ୍କର ତ୍ୟାଗ, ନିଷ୍ଠା ଓ ପାଣ୍ଡିତ୍ୟରେ ଉଦ୍‌ବୁଦ୍ଧ ହୋଇଥିଲେ, ସେମାନେ ଯଦି ଓଡ଼ିଶାର ସେହି ସାଂସ୍କୃତିକ ପରମ୍ପରା ଅକ୍ଷୁର୍ଣ୍ଣ ରଖିବା ଲାଗି ତତ୍ପର ହୁଅନ୍ତି, ତାହାହେଲେ ପଣ୍ଡିତ ମହାଶୟଙ୍କ ଉଦ୍ଦେଶ୍ୟ ଏବଂ ପରିଶ୍ରମ ବହୁ ପରିମାଣରେ ସାର୍ଥକ ହେବ ।

( ପ୍ରଜାତନ୍ତ୍ର—ତା ୧୫ । ୧୧ । ୬୭ )

Digitized by srujanika@gmail.com

# ନୀଳକଣ୍ଠ ସ୍ମରଣେ : ସ୍ମୃତିରୁ ଖିଏ

ଶ୍ରୀ ବିବୁଧେନ୍ଦ୍ର ମିଶ୍ର

ମୁଁ ପିଲାଦିନରୁ ତାଙ୍କୁ ଦେଖି ଆସୁଛି । ମୋର ବାପା ସ୍ୱର୍ଗତ ଉଦୟସିଂହ ମିଶ୍ର ଥିଲେ ଗୋପବନ୍ଧୁଙ୍କ ଶିକ୍ଷକ ଓ ଅନ୍ୟତମ ରାଜନୀତିକ ଗୁରୁ । କବି ରାଧାନାଥ ରାୟ ସ୍କୁଲ ଇନସ୍ପେକ୍ଟର ଥିଲାବେଳେ ଗୋପବନ୍ଧୁ ଥିଲେ ପୁରୀ ଜିଲ୍ଲାସ୍କୁଲର ଅଷ୍ଟମ ଶ୍ରେଣୀର ଛାତ୍ର । କବିଙ୍କର ବଙ୍ଗଳା କାବ୍ୟର ଛନ୍ଦ ଓ ଶୈଳୀ ଅନୁକରଣରେ ଓଡ଼ିଆ କାବ୍ୟ ଲେଖିଥିଲେ । ତାର ପ୍ରତିବାଦ ସ୍ୱରୂପ କଟକରୁ 'ଇନ୍ଦ୍ରଧନୁ' ନାମକ ଗୋଟିଏ ପତ୍ରିକା ପ୍ରକାଶ ପାଇଲା । ଗୌରୀଶଙ୍କର ରାୟ, ରାମଶଙ୍କର ରାୟ, ଗୋପାଳବଲ୍ଲଭ ଦାସ ପ୍ରଭୃତି ରାଧାନାଥଙ୍କ ଲେଖନଶୈଳୀର ବିରୋଧୀ ଥିଲେ । ରାଧାନାଥଙ୍କୁ ସମାଲୋଚନା କରି 'ଇନ୍ଦ୍ରଧନୁ'ରେ ଗୋପବନ୍ଧୁ ଲେଖିଥିଲେ—

'ଓଡ଼ିଆ ପଣ୍ଡିତ-ମନ୍ୟ
ବାଘର ସାଜରେ ଶୃଗାଳ କେଶରୀ
ପରି ହେଉଥାଏ ଗଣ୍ୟ ।'

ରାଧାନାଥ ବାବୁ ଖପା ହୋଇ ଗୋପବନ୍ଧୁଙ୍କୁ ସ୍କୁଲରୁ ବିତାଡ଼ିତ କରିବାକୁ ସ୍ଥିର କଲେ । କିନ୍ତୁ ବାପଙ୍କ ମଧ୍ୟସ୍ଥତାରେ ତାଙ୍କୁ କେବଳ ୫୧୦ଙ୍କା ଜୋରିମାନାରେ ଛାଡ଼ି ଦିଆଗଲା । ସେହିପରି ୧୯୨୧ ଅସହଯୋଗ ଆନ୍ଦୋଳନରେ ଗୋପବନ୍ଧୁଙ୍କ ବିରୁଦ୍ଧରେ ମୋକଦ୍ଦମାର ରାୟ ପ୍ରକାଶ ପାଇବା ଦିନ ୫୧୦୦୦ଙ୍କା ଧରି ବାପା କଚେରୀରେ ବସିଥିଲେ ଜୋରିମାନା ହେଲେ ଗୋପବନ୍ଧୁଙ୍କୁ ମୁକୁଳାଇବା ପାଇଁ । ବାପାଙ୍କ ମୃତ୍ୟୁବେଳେ ଗୋପବନ୍ଧୁ ଜେଲରେ । ବାପାଙ୍କ ବିଷୟରେ ତାଙ୍କ କବିତା ମୋର ହୃଦୟରେ ଗାର ଟାଣି ରହିଛି । ନନା ମଧ୍ୟ ସତ୍ୟବାଦୀ ସ୍କୁଲ ଗୋଷ୍ଠୀଙ୍କର ବନ୍ଧୁ ଥିଲେ । ପୁରୀଜିଲ୍ଲାରେ ନୀଳକଣ୍ଠବାବୁ ଗୋଦାବରୀଶବାବୁଙ୍କ ସହିତ 'ମୋ ନରି' ଆନ୍ଦୋଳନରେ ଯୋଗ ଦେଇଥିଲେ । ଏହିସବୁ କାରଣରୁ ଆମେ ପ୍ରାୟ ଗୋଟିଏ ପରିବାରର ଲୋକ ହୋଇ ସାରିଥିଲୁ ।

୧୯୩୫ ମସିହାରେ ମୁଁ ରେଭେନସା କଲେଜରେ ନାଁ ଲେଖାଇଲାବେଳକୁ ଓଡ଼ିଶାର ରାଜନୀତି, ସଂସ୍କୃତି ଓ ସାହିତ୍ୟ କ୍ଷେତ୍ରରେ, ନିଜର ଅସାଧାରଣ ଯୋଗ୍ୟତା

Digitized by srujanika@gmail.com

ବଳରେ ନୀଳକଣ୍ଠବାବୁ ଓ ଗୋଦାବରୀଶ ବାବୁ, ବଡ଼ପଣ୍ଡା ରୂପେ ସ୍ୱୀକୃତ । ତାପରେ ସେମାନଙ୍କୁ ଅତି ନିକଟରୁ ଦେଖିବାର, କନିଷ୍ଠ ସହକର୍ମୀ ରୂପେ ରାଜନୀତି କ୍ଷେତ୍ରରେ ସେମାନଙ୍କ ସହିତ କାମ କରିବାର ବହୁ ସୁଯୋଗ ମୁଁ ପାଇଛି । ସେମାନେ ଆଉ ନାହାନ୍ତି, କିନ୍ତୁ ମୋ ମନର ଗୀତ ସେମିତି ରହିଛି ।

୧୯୩୭ ନିର୍ବାଚନ ବେଳକୁ ନୀଳକଣ୍ଠବାବୁ ପ୍ରାଦେଶିକ କଂଗ୍ରେସ କମିଟିର ସଭାପତି ଏ ଭଗିରଥୀ (ମହାପାତ୍ର) ବାବୁ ସମ୍ପାଦକ । ଓଡ଼ିଶା ଆସେମ୍ବ୍ଲିର ତତ୍କାଳୀନ ୬୦ଟି ସ୍ଥାନରୁ କଂଗ୍ରେସ ୩୭ଟି ସ୍ଥାନରେ ପ୍ରତିଦ୍ୱନ୍ଦ୍ୱିତା କଲା । ଏହି ନିର୍ବାଚନ ପରିଚାଳନା ପାଇଁ ଭୁଲାଭାଇ ଦେଶାଇ ନୀଳକଣ୍ଠବାବୁଙ୍କୁ ଆଠ ହଜାର ଟଙ୍କା ଦେଲେ । ୩୭ଟି ନିର୍ବାଚନମଣ୍ଡଳୀ ପାଇଁ ସର୍ବମୋଟ ଆଠହଜାର ଟଙ୍କାରେ ୩ ଜଣ ପ୍ରାର୍ଥୀ ଜିଣିଲେ । ତଥାପି ବିରୋଧୀମାନେ ହୁରି କଲେ—ନୀଳକଣ୍ଠବାବୁ ନିର୍ବାଚନ ଟଙ୍କା ଖାଇଗଲେ । କେନ୍ଦ୍ର କର୍ତ୍ତୃପକ୍ଷଙ୍କ ପାଖରେ ଆପତ୍ତି ମଧ୍ୟ ଉଠିଲା । ସେ ବୋଧହୁଏ ଥିଲା ଓଡ଼ିଶାର ସ୍ୱର୍ଣ୍ଣଯୁଗ; ଯେତେବେଳେ ଆଠ ହଜାର ଟଙ୍କାରେ ୩୬ ଜଣ ଜିଣି ମଧ୍ୟ ଖାଇଯିବା ପାଇଁ ଟଙ୍କା ବଳକା ରହିଥିଲା । ରାଜନୀତିରେ ବିରୋଧୀମାନଙ୍କର ଏ ପ୍ରକାର ଚକ୍ରାନ୍ତ ସବୁବେଳେ ରହି ଆସିଛି । ୧୯୨୭ ମସିହା ଦୁର୍ଭିକ୍ଷବେଳେ, ଗୋପବନ୍ଧୁ ଦାସ ବଢ଼ି କହଡ଼ା ଖାଇଗଲେ ବୋଲି ଭୁବନାନନ୍ଦ ଦାସ 'ସ୍ୱର୍ଗ ଉତ୍କଳ'ରେ ଲେଖିଥିଲେ । ଗୋପବନ୍ଧୁ ଦାସ କାନ୍ଦିଥିଲେ ।

ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବାରୁ ନୀଳକଣ୍ଠବାବୁ ୧୯୩୭ ନିର୍ବାଚନରେ ପ୍ରାର୍ଥୀ ହୋଇ ନ ଥିଲେ । ଯୋଜନା ଅନୁଯାୟୀ ନିର୍ବାଚନ ପରେ ନିମାପଡ଼ା ନିର୍ବାଚନ-ମଣ୍ଡଳୀରୁ ନିର୍ବାଚିତ ସଭ୍ୟ ଶ୍ରୀ ମୋହନ ଦାସ ଇସ୍ତଫା ଦେଇଥାନ୍ତେ ଓ ତାଙ୍କ ସ୍ଥାନରେ ନୀଳକଣ୍ଠବାବୁ ବିଧାନସଭାକୁ ଆସି ପ୍ରଧାନମନ୍ତ୍ରୀ ହୋଇଥାନ୍ତେ । ନୀଳକଣ୍ଠବାବୁଙ୍କୁ ଦଳର ନେତା କରିବା ପାଇଁ ୩୬ ଜଣ ସଭ୍ୟଙ୍କ ମଧ୍ୟରୁ ୨୯ ଜଣଙ୍କର ଅନ୍ତତଃ ଇଚ୍ଛା ଥିଲା । କିନ୍ତୁ ସେ ପୁଣି ରାଜନୀତିକ ଚକ୍ରାନ୍ତର ଶିକାର ହେଲେ । କଂଗ୍ରେସ ଦଳର ଗୋଟିଏ ରୁଲ ତିଆରି କମିଟି ବିଚିତ୍ରାନନ୍ଦ ଦାସଙ୍କ ଅଧ୍ୟକ୍ଷତାରେ ଗଢ଼ା ହେଲା । ଆସେମ୍ବ୍ଲି ସଭ୍ୟ ନ ଥିବା କୌଣସି ବ୍ୟକ୍ତି ଦଳର ନେତା ହୋଇପାରିବେ ନାହିଁ ବୋଲି କମିଟିରେ ସ୍ଥିରହେଲା । ନୀଳକଣ୍ଠବାବୁ ବାଦ ପଡ଼ିଲେ, କିଏ ପ୍ରଧାନମନ୍ତ୍ରୀ ହେବେ ? ଶ୍ରୀ ବିଶ୍ୱନାଥ ଦାସଙ୍କ ମୁଣ୍ଡରେ ଶିକା ଛିଡ଼ିଲା । ସେ ପ୍ରଧାନମନ୍ତ୍ରୀ ହେଲାପରେ ନିୟମ ବଦଳାଇ ନୀଳକଣ୍ଠବାବୁଙ୍କୁ ଦଳର ନେତା କରାଇବେ ବୋଲି ପ୍ରତିଶ୍ରୁତି ଦେବାରୁ ନୀଳକଣ୍ଠବାବୁଙ୍କ ଗୋଷ୍ଠୀର ସମର୍ଥନକ୍ରମେ ସେ ପ୍ରଧାନମନ୍ତ୍ରୀ ହେଲେ, କିନ୍ତୁ ନିୟମ ଆଉ ବଦଳି ପାରିଲା ନାହିଁ । କିଏ କାହାକୁ ଛାଡ଼ୁଛି ? ଦୁଇ ଦଳର କଳିରେ ତୃତୀୟ ବ୍ୟକ୍ତିର ଲାଭ ପରି ଅନୁଗାମୀହୀନ ଶ୍ରୀ ବିଶ୍ୱନାଥ ଦାସ ପ୍ରଧାନମନ୍ତ୍ରୀ ହେଲେ । ସେମିତି ୧୯୭୧ ମସିହାରେ ଉତ୍କଳ କଂଗ୍ରେସ ଓ ସ୍ୱତନ୍ତ୍ର ଦଳର ମିଳିତ ମନ୍ତ୍ରୀମଣ୍ଡଳରେ ଶ୍ରୀ ବିଜୁ ପଟ୍ଟନାୟକ ଓ ଶ୍ରୀ ସିଂହଦେଓଙ୍କ ମଧ୍ୟରୁ କିଏ ମୁଖ୍ୟମନ୍ତ୍ରୀ ହେବେ ନିଷ୍ପତ୍ତି

Digitized by srujanika@gmail.com

ନ ହୋଇ ପାରିବା ଯୋଗ୍ୟ. ସେତେବେଳେ ଆସେମ୍ବ୍ଲି ସଭ୍ୟ ନ ଥିବା ଶ୍ରୀ ବିଶ୍ୱନାଥ ଦାସଙ୍କ ମୁଣ୍ଡରେ ମୁକୁଟ ବନ୍ଧା ହୋଇଥିଲା ।

୧୯୪୦ ମସିହା ପର୍ଯ୍ୟନ୍ତ ନୀଳକଣ୍ଠବାବୁ ଥିଲେ ଓଡ଼ିଶା ପ୍ରାଦେଶିକ କଂଗ୍ରେସ କମିଟିର ସଭାପତି । ୧୯୩୮ ମସିହାରେ ସୁଭାଷ ବୋଷ କଂଗ୍ରେସ ସଭାପତି ହେବା ପରେ ଶ୍ରୀ ନୀଳକଣ୍ଠ ଦାସଙ୍କୁ ଜାତୀୟ କାର୍ଯ୍ୟକାରୀ କମିଟିର ସଭ୍ୟରୂପେ ନେବାପାଇଁ ଉକ୍ତ ନେତୃତ୍ୱ ବୋଷଙ୍କୁ ଅନୁରୋଧ କରିଥିଲେ । କିନ୍ତୁ କଂଗ୍ରେସ ଭିତରେ ଏକ ବାମପନ୍ଥୀ, ଗଣତାନ୍ତ୍ରିକ, ଲଢ଼ୁଆ ଶକ୍ତି ଗଢ଼ିବା ଉଦ୍ଦେଶ୍ୟରେ ଯୁବକ ଶ୍ରୀ ହରେକୃଷ୍ଣ ମହତାବଙ୍କୁ ଶ୍ରୀ ବୋଷ ମନୋନୀତ କଲେ । ମହାତ୍ମା ଗାନ୍ଧୀଙ୍କ ବିରୋଧ ସତ୍ତ୍ୱେ ୧୯୩୯ ମସିହାରେ ସୁଭାଷ ବୋଷ ତ୍ରିପୁରୀ କଂଗ୍ରେସର ସଭାପତି ରୂପେ ନିର୍ବାଚିତ ହେଲେ । ତାଙ୍କ ସହିତ ଅସହଯୋଗ କରି କଂଗ୍ରେସ କାର୍ଯ୍ୟକାରୀ କମିଟିର ସଭ୍ୟମାନେ ଇସ୍ତଫା ଦେଲେ । ସେମାନଙ୍କ ସହିତ ଶ୍ରୀ ହରେକୃଷ୍ଣ ମହତାବ ମଧ୍ୟ ଇସ୍ତଫା ଦେଇଥିଲେ ।

ନିଖିଳଉତ୍କଳ ଯୁବ-ସମ୍ମିଳନୀରେ ଭାଷଣ ଦେବାପାଇଁ ୧୯୩୯ ଅଗଷ୍ଟ ମାସରେ ସୁଭାଷ ବୋଷ କଟକ ଆସିଲେ । ଯଦୁମଣି ମଙ୍ଗରାଜ ଥିଲେ ଅଭ୍ୟର୍ଥନା ସମିତିର ସଭାପତି । ଗାନ୍ଧୀଜୀଙ୍କ ବିରୋଧଯୋଗୁଁ କଂଗ୍ରେସ ନେତାମାନେ ସୁଭାଷ ବୋଷଙ୍କଠାରୁ ଦୂରେଇ ରହୁଥା'ନ୍ତି କିନ୍ତୁ ନୀଳକଣ୍ଠବାବୁ ସୁଭାଷ ବୋଷଙ୍କୁ ଷ୍ଟେସନରୁ ପାଛୋଟି ଆଣିଥିଲେ ଓ ତାଙ୍କ ସହିତ ବିଭିନ୍ନ ଜିଲ୍ଲା ଗସ୍ତ କରିଥିଲେ ।

କଂଗ୍ରେସରେ ତାଙ୍କ ପ୍ରାଧାନ୍ୟ ଭାଙ୍ଗିବାରେ ବିରୋଧୀମାନେ ୧୯୪୦ ମସିହାରେ ସଫଳ ହେଲେ । ସେତେବେଳେ କେବଳ ଶ୍ରୀ ବିଶ୍ୱନାଥ ଦାସଙ୍କ ବ୍ୟତୀତ ଗଞ୍ଜାମ ଓ କୋରାପୁଟର ସମସ୍ତ ପ୍ରାଦେଶିକ କଂଗ୍ରେସ କମିଟି ସଭ୍ୟ ନୀଳକଣ୍ଠବାବୁଙ୍କ ଅନୁଗାମୀ ଥିଲେ । ପ୍ରାଦେଶିକ କଂଗ୍ରେସ ସଭାପତି ନିର୍ବାଚନରେ ନୀଳକଣ୍ଠବାବୁଙ୍କ ସମର୍ଥନରେ ଗୋଦାବରୀଶବାବୁ ପ୍ରାର୍ଥୀ ହେଲେ । ବିରୋଧୀମାନେ ଶ୍ରୀ ରାଧାକୃଷ୍ଣ ବିଶ୍ୱାସରାୟଙ୍କୁ ପ୍ରାର୍ଥୀ କରିବାରୁ କୋରାପୁଟ ଜିଲ୍ଲାରେ ବିଭେଦ ସୃଷ୍ଟି ହେବା ଫଳରେ ଗୋଦାବରୀଶବାବୁ ହାରିଗଲେ । ସେହିଦିନଠାରୁ କଂଗ୍ରେସର ନେତୃତ୍ୱ ତାଙ୍କ ବିରୋଧୀମାନଙ୍କ ହାତକୁ ଗଲା ।

ଯୁଦ୍ଧବେଳେ ଓଡ଼ିଶାରେ ମିଳିତ ମନ୍ତ୍ରିମଣ୍ଡଳ ଗଢ଼ାହେଲା । ଭାରତୀୟ ଆଜାଦହିନ୍ଦ ଫୌଜର ଅନୁପ୍ରବେଶ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିବା ଓ ଗୋପନରେ ସେମାନଙ୍କୁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ଫରୱାର୍ଡ଼ ବ୍ଲକର ଯୋଜନା ଅନୁଯାୟୀ ଏ ମନ୍ତ୍ରିମଣ୍ଡଳର ଗଠନ, ସେହି ଉଦ୍ଦେଶ୍ୟରେ କି ବଙ୍ଗଳାରେ ମଧ୍ୟ ଫଜଲୁଲ ହକଙ୍କ ମନ୍ତ୍ରିମଣ୍ଡଳରେ ଶରତଚନ୍ଦ୍ର ବୋଷ ମନ୍ତ୍ରୀ ହୋଇଥିଲେ । ଗୋଦାବରୀଶବାବୁ ମନ୍ତ୍ରୀ ହେଲେ ଓ ନବ-ପ୍ରକାଶିତ ଦୈନିକ 'ନବଭାରତ'ର ସମ୍ପାଦକ ହେଲେ ନୀଳକଣ୍ଠବାବୁ । ଗୋଦାବରୀଶବାବୁଙ୍କ ଚେଷ୍ଟାରେ ମୁଁ ବହ୍ମପୁର ଜେଲରୁ ଖଲାସ ହୋଇ ଫରୱାର୍ଡ଼ ବ୍ଲକ ଓଡ଼ିଶା ଶାଖାର ଗୁପ୍ତ ସଙ୍ଗଠନ ଦାୟିତ୍ୱରେ ରହିଲି ଓ ପୋଲିସର ସନ୍ଦେହ ଏଡ଼ିବା ପାଇଁ 'ନବଭାରତ' କାଗଜର ସହକାରୀ ସମ୍ପାଦକ ହେଲି

Digitized by srujanika@gmail.com

ସେ ବିଦେଶୀ ଧନ ନୁହେଁ--ଯୋଜନାର ସନ୍ଦେହ ଏଣ୍ଡ ହେଲ ନାହିଁ ପୁଣି ଗିରଫ ହୋଇ ବହ୍ମପୁର ଜେଲରେ ଅଟକବନ୍ଦୀ ରୂପେ ରହିଲ । ପୁଲସର ସନ୍ଦେହ ବଢ଼ିଲା । ଗୋଦାବରୀଶବାବୁ ଓ ନୀଳକଣ୍ଠବାବୁଙ୍କ ମଧ୍ୟରେ ମନୋମାଳିନ୍ୟ ଘନୀଭୂତ ହେଲା ଓ ମିଳିତ ମନ୍ତ୍ରିମଣ୍ଡଳ ଭାଙ୍ଗିଲା ।

୧୯୪୭ରେ କେନ୍ଦ୍ର ଆସେମ୍ବ୍ଲିକୁ କଂଗ୍ରେସ ପାର୍ଥୀରୂପେ ମନୋନୀତ ହେବାକୁ ସେ ଆବେଦନ କରିଥିଲେ । କିନ୍ତୁ ସର୍ଦ୍ଦାର ପଟେଲ ବିରୋଧ କରୁଛନ୍ତି ବୋଲି ଶ୍ରୀ ହରେକୃଷ୍ଣ ମହତାବ ନୀଳକଣ୍ଠବାବୁଙ୍କୁ ଲେଖିଲେ । ୧୯୫୧ରେ ଓ ୧୯୫୭ରେ ସେ ସତ୍ୟବାଦୀ ନିର୍ବାଚନମଣ୍ଡଳୀରୁ ଏମ. ଏଲ. ଏ. ରୂପେ ନିର୍ବାଚିତ ହେଲେ ଓ ବାଚସ୍ପତି ମଧ୍ୟ ହୋଇଥିଲେ । ୧୯୬୧ ମସିହା ନିର୍ବାଚନରେ ତାଙ୍କୁ କଂଗ୍ରେସ ପ୍ରାର୍ଥୀ ରୂପେ ଗ୍ରହଣ କରାଗଲା ନାହିଁ । ସତ୍ୟବାଦୀ ନିର୍ବାଚନମଣ୍ଡଳୀରୁ ଶ୍ରୀ ଗଙ୍ଗାଧର ମହାପାତ୍ର କଂଗ୍ରେସ ପ୍ରାର୍ଥୀ ହେଲେ ।

ଆଦର୍ଶରେ ଅନୁପ୍ରାଣିତ ହୋଇ, ଭାବବିହ୍ୱଳ ନୀଳକଣ୍ଠ ଭାର୍ଗବୀ କୂଳରେ ଗୋପବନ୍ଧୁଙ୍କ ଉପସ୍ଥିତିରେ ଦେଶସେବାର ପ୍ରତିଜ୍ଞା ନେଇଥିଲେ ଓ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇ ବହୁଥର ସକ୍ରିୟ କାର୍ଯ୍ୟକଳାପ କରିଥିଲେ ସତ, କିନ୍ତୁ ସେ ରାଜନୀତିକ ନ ଥିଲେ । ସେ ଥିଲେ ମୁଖ୍ୟତଃ ଜଣେ ଦାର୍ଶନିକ ଓ ସଂସ୍କାରକ । ଓଡ଼ିଆ ଲିପି ସଂସ୍କାରର ସେ ଥିଲେ ଅଗ୍ରଣୀ । ତାଙ୍କ ମତରେ ବ୍ୟବହାରରେ ମିତବ୍ୟୟିତା ଭଳି ଅକ୍ଷରରେ ମଧ୍ୟ ମିତବ୍ୟୟିତା ଆବଶ୍ୟକ—ଲକ୍ଷ୍ମମୁଣ୍ଡ, ମୋଡ଼ାଗାରର ଦରକାର ନାହିଁ, ଯୁକ୍ତାକ୍ଷରର ଆବଶ୍ୟକତା ନାହିଁ । 'ସ', 'ଶ', 'ଷ'ର ପାର୍ଥକ୍ୟ ସେ ବୁଝୁନ ଥିଲେ । ସେଥିପାଇଁ ସେ ନିଜ ନାମ 'ନୀଳକଣ୍ଠ ଦାସ' ବୋଲି ଲେଖୁଥିଲେ । ବ୍ରାହ୍ମଣ ଜାତିର ବିଶେଷତ୍ୱ କେବଳ 'ଶ'ରେ ନାହିଁ ବୋଲି ତାଙ୍କର ବିଶ୍ୱାସ ଥିଲା । ଦନ୍ତ୍ୟ 'ସ' ଓ ତାଲବ୍ୟ 'ଶ' ମଧ୍ୟରେ କଳି ଦେଖି ଗୋପବନ୍ଧୁ ଦାସ ଲେଖିଲେ 'ଗୋପବନ୍ଧୁ ଦାଷ' ।

ନୀଳକଣ୍ଠବାବୁ 'ରାଗୀ' ଥିଲେ ବୋଲି ଧାରଣା ଠିକ ନୁହେଁ । ନିଜ ବିଶ୍ୱାସକୁ ଦୃଢ଼ସ୍ୱରରେ ସେ ପ୍ରକାଶ କରୁଥିଲେ ମାତ୍ର । ଗୋପବନ୍ଧୁ ବାବୁ, ନୀଳକଣ୍ଠ ବାବୁ, ଗୋଦାବରୀଶବାବୁ କଥାରେ ରସିକ ଥିଲେ । ଅନ୍ୟର କାର୍ଯ୍ୟରେ କେବେ ସେ ହସ୍ତକ୍ଷେପ କରୁ ନ ଥିଲେ । ସେ ଥିଲେ 'ନବଭାରତ'ର ସମ୍ପାଦକ, କିନ୍ତୁ ଦିଲ୍ଲୀରୁ ସେ ପଠାଉଥିବା ସମ୍ପାଦକୀୟ ମୁଁ ବହୁତ ଥର ପ୍ରକାଶ କରିନାହିଁ । ପରେ ମୋର ଯୁକ୍ତିକୁ ସେ ଗ୍ରହଣ କରି ନେଇଛନ୍ତି । ଅବସରରେ ଆମମାନଙ୍କୁ ବସାଇ ସାହିତ୍ୟ-ଚର୍ଚ୍ଚା କରିବାରେ ସେ ଆନନ୍ଦ ଅନୁଭବ କରୁଥିଲେ । ବଙ୍ଗଳାର ଅନୁବାଦ ବା ବ୍ୟାକରଣଗତ ଅଶୁଦ୍ଧିରେ ସେ ଅଧୈର୍ଯ୍ୟ ହୋଇ ପଡ଼ୁଥିଲେ । ଓଡ଼ିଶାର ଜଣେ ଲବ୍ଧପ୍ରତିଷ୍ଠ କବିତାରେ ଗୋଟିଏ କବିତାର ତାଙ୍କ ପ୍ରିୟାଙ୍କୁ 'ବେଲଫୁଲ ହାରେ' ସଜାଇଥିଲେ । କବି ବଙ୍ଗଳା ଶବ୍ଦର ଅର୍ଥ ନ ବୁଝି ଶବ୍ଦକୁ ଓଡ଼ିଆରେ ଯୋଗ ଦେଇଛନ୍ତି । ବଙ୍ଗଳାରେ ଶବ୍ଦର ଅର୍ଥ ହେଉଛି, 'ମଲ୍ଲୀ', ଓଡ଼ିଆ ଶବ୍ଦ 'ବେଲ'ରେ କଣ ଫୁଲ ଅଛି ? ଦିନେ କବିତା ପାଠ ଚାଲିଥିଲା । 'କବି'

Digitized by srujanika@gmail.com

'ମରମୀ' ଶବ୍ଦ ବ୍ୟବହାର କରିଥିଲେ । ଓଡ଼ିଆ ବ୍ୟାକରଣ ଅନୁସାରୀ 'ମରମୀ' ଶବ୍ଦ ବେଦ ଇତ୍ୟାଦିରେ ନାହିଁ ବୋଲି ତାଙ୍କର ଆପତ୍ତି । ମୁଁ କହିଲି—ବେଦ ଅଜ୍ଞା, ନାହିଁ କି ସାମାଜିକ ? ବେଦ, କେମିତି ବେଦ ? ବୋଲି ସେ ପଚାରିଲେ । ମୁଁ କହିଲି-ଯେମିତି ମରମରୁ ମରମୀ, କରମରୁ କରମୀ । "ତୁ ସାହିତ୍ୟ ଚର୍ଚ୍ଚା କରୁ ବୋଲି ମୁଁ ଦେଖୁଚି" କହି ସେ ଠୋ ଠୋ କରି ହସି ପକାଇଲେ । ତୁମେ କେବଳ କବିତା ଲେଖ ବୋଲି ସେ ମୋତେ ଉପଦେଶ ଦେଲେ । ଗୋଦାବରୀଶବାବୁ ମଧ୍ୟ ହସିଲେ । ଓଡ଼ିଆ ଭାଷା ପ୍ରତି ତାଙ୍କର ଅସୀମ ପ୍ରୀତି । ୧୯୦୦ ମସିହାରେ ରେଭେନସା କଲେଜ ପଶ୍ଚିମ ଛାତ୍ରାବାସର ବାର୍ଷିକ ଉତ୍ସବରେ ଆମେ ତାଙ୍କୁ ମୁଖ୍ୟ ଅତିଥି ରୂପେ ଡାକିଥିଲୁ । ତାଙ୍କ 'ନବଭାରତ' ପ୍ରେସରୁ ଫେରିଲାବେଳେ ବାଟରେ ମୁଁ ତାଙ୍କୁ ଇଂରାଜୀରେ ଭାଷଣ ଦେବାକୁ ଅନୁରୋଧ କରିଥିଲି । ସେ କିନ୍ତୁ ଓଡ଼ିଆରେ କହିଲେ । ଓଡ଼ିଆରେ କୁହାଯାଏ, ଇଂରାଜୀରେ କହିବାକୁ ହୁଏ, ତାଙ୍କର ଏଇ ଧାଡ଼ିଟି ମୁଁ ଆଜିଯାଏ ଭୁଲିପାରି ନାହିଁ ।

ସତ୍ୟବାଦୀର ପଞ୍ଚସଖାମାନଙ୍କ ମଧ୍ୟରେ ସେ ଅନ୍ୟତମ । ଗୋପବନ୍ଧୁ ବାବୁ, କୃପାସିନ୍ଧୁ ବାବୁଙ୍କ କାଳ ହୋଇଗଲା ଓ ଆଚାର୍ଯ୍ୟ ହରିହର ସକ୍ରିୟ ରାଜନୀତି ଠାରୁ ଦୂରରେ ରହିଲେ । ଓଡ଼ିଶାର ରାଜନୀତି କ୍ଷେତ୍ରରେ କେବଳ ରହିଲେ ନୀଳକଣ୍ଠ ବାବୁ ଓ ଗୋଦାବରୀଶ ବାବୁ । ପୁରୀ ଜିଲ୍ଲାସ୍କୁଲ ହଷ୍ଟେଲଠାରୁ ଆରମ୍ଭ କରି, ସତ୍ୟବାଦୀସ୍କୁଲ ଓ ରାଜନୀତି କ୍ଷେତ୍ରରେ ଦୁହିଁଙ୍କ ସାମୟିକ ସହଯୋଗ ଓ ଅସହଯୋଗ ଓଡ଼ିଶା ରାଜନୀତିରେ ଭଣ୍ଡୁବାର ମୂର୍ତ୍ତିବାଦ ସୃଷ୍ଟି କରିଛି । ନୀଳକଣ୍ଠ ବାବୁ, ଗୋଦାବରୀଶ-ବାବୁଙ୍କଠାରୁ ବୟସରେ ଦୁଇବର୍ଷ ବଡ଼ । ଗୋଦାବରୀଶ ବାବୁଙ୍କ ଭାଷାରେ "ନୀଳକଣ୍ଠ ବାବୁଙ୍କ ସହିତ ତାଙ୍କର ସାମଞ୍ଜସ୍ୟ କମ । ସେ ଚରିତ୍ରବାନ ଥିଲେ ମୁଁ ନ ଥିଲି, ଶ୍ରେୟ ଓ ପ୍ରେୟ ଭିତରୁ ତାଙ୍କର ଆଦର୍ଶ ଥିଲା ଶ୍ରେୟ ଓ ମୋର ପ୍ରେୟ । ସେ କଳା, ମୁଁ ଗୋରା, ସେ ବହୁତ ପାନ ଖାଉଥିଲେ ଓ ମୁଁ ଖାଉ ନ ଥିଲି । ସେ ଗୁଡ଼ାଖୁରେ ଦାନ୍ତ ଘଷୁଥିଲେ, ମୁଁ ଘଷୁ ନ ଥିଲି । ସେ ପ୍ରଚୁର ମାଛ ଖାଉଥିଲେ, ମୁଁ ଲେଡ଼େ ମିଠା । ଚୁମ୍ବକର ବିପରୀତ ଦିଗମାନେ ପରସ୍ପର ପ୍ରତି ଟଣାଟଣି ହେଲାପରି ଆମର ପରସ୍ପର ପ୍ରତି ଟଣାଟଣି ।"

କିନ୍ତୁ ଘଟଣାଚକ୍ରରେ ଦୁହେଁ ପରସ୍ପରଠାରୁ ଅଲଗା ହୋଇଗଲେ । ବନ୍ଧରେ ଗାଳିଆ ଥରେ ପଡ଼ିଲେ ତା ମୋଟ ହୋଇ 'ଘାଇ' ହେଲାପରି ଉଭୟଙ୍କ ସମ୍ପର୍କରେ 'ଘାଇ' ସୃଷ୍ଟି ହୋଇଗଲା । ଦାଢ଼ିଆ ନୀଳକଣ୍ଠ ଓ ନିଶୁଆ ଗୋଦାବରୀଶ ଏକ ମନ ପ୍ରାଣ ହୋଇ ହୋଇ ରହି ପାରିଥିଲେ ହୁଏତ ଓଡ଼ିଶାର ରାଜନୀତି ଭିନ୍ନ ମୋଡ଼ ଧରିଥାନ୍ତା ।

( ମାତୃଭୂମି—ତା୬ । ୧୧ । ୬୮ )


Digitized by srujanika@gmail.com

# ବ୍ରତକର୍ମୀ ପଣ୍ଡିତ ନୀଳକଣ୍ଠ

ଶ୍ରୀ ଅନନ୍ତ ପଟ୍ଟନାୟକ

ଏକ ମହାନ ବ୍ରତକର୍ମୀ କୃତୀ ପୁରୁଷଙ୍କର ତିରୋଧାନ ଘଟିଛି । ତାହାର ତିରୋଧାନ, ସଂଘର୍ଷ ଜୀବନର ସାଧନାର ଶେଷରେ ପରିଣତ ବୟସରେ ବ୍ୟାଶୀ ବର୍ଷୀୟର କି ଦୁରନ୍ତ ଅତି ଶୋକର ବାର୍ତ୍ତା ନୁହେଁ । ତଥାପି ଏକାଧାରରେ ସାହିତ୍ୟରେ ଶିକ୍ଷକ, ରାଜନୀତିରେ ଦୀକ୍ଷକ, ଦର୍ଶନରେ ବୀକ୍ଷକ ସ୍ମରଣ ଏଇ ଆମ କାଳର ପ୍ରବଣ ଏକ ପୁରୋଗାମୀ 'ବିପ୍ଳବୀ'ର ଦେହାବସାନରୁ ବଳି କଣ ବା ଅଉ ଯୁଗାନ୍ତକାରୀ ଐତିହାସିକ ଘଟଣାର ଯୋଗ ହୋଇପାରେ ? ଏଣୁ କାଳ କାଳ ଲାଗି ଅପୂରଣୀୟ ଅଭାବର ସମ୍ବାଦ ବା ହୋଇପାରେ ? କାରଣ, ସମସ୍ତର କଳ୍ପିତ ନକ୍ଷତ୍ର ସୁବର୍ଣ୍ଣରେ ଆଜି ଯେପରି ମନେହୁଏ, ଆଉ ତାଙ୍କର ଦେହାବସାନ ସଙ୍ଗେ ସଙ୍ଗେ ଅବସାନ ଘଟିଲା—ଆମର ଜାତୀୟ ଜୀବନରେ ସେହି ଗୋଟିଏ ଯୁଗର, ଯେଉଁ ଯୁଗରେ ଐତିହାସିକ ଓ ସାମାଜିକ କାରଣରୁ ହିଁ ଚେତନାର ବିଶାଳ ଏକ ଆଗ୍ନେୟ ମହାରୁଦ୍ଧ ଭଳି ଜନମାନସର ବିପୁଳ ଏକ ପ୍ରେରଣାର ନାଏଗ୍ରା ଭଳି ପ୍ରକାଶ ପାଉଥିଲା ଜଣ ଜଣଙ୍କର 'ପ୍ରତିଭା'ର 'ବ୍ୟକ୍ତିତ୍ୱ' ଯାହା ପୁଣି ବହୁଭାବ ବିଭବରେ । ଶାଖାୟିତ ହୋଇ କେଜାଣି କେତେ ଶ୍ରେଷ୍ଠବଡ଼ ସଂଗ୍ରାମ ମଧ୍ୟରେ ପଲ୍ଲବିତ ହୋଇ କେଜାଣି କେତେ ପ୍ରତିବନ୍ଧକକୁ ଏଡ଼ାଇ ବା ଚୂର୍ଣ୍ଣକରି, ବହୁ ବୈଶିଷ୍ଟ୍ୟପୂର୍ଣ୍ଣ ଧାରାରେ ନିର୍ଝରିତ ହୋଇ, ପ୍ରବାହିତ ହୋଇ, ଆପଣାର ମଧ୍ୟରେ ସମାଜକୁ ଏବଂ ସମାଜର ମଧ୍ୟରେ ଆପଣାକୁ ପ୍ରକଟିତ କରିବା ପାଇଁ ବ୍ୟଗ୍ର ହୋଇଥିଲା । ଗଭୀର ଏକ ସୃଜନୀର ବେଦନାରେ—ବ୍ୟାପ୍ତ ହୋଇଥିଲା ଜୀବନର ପ୍ରତ୍ୟେକ କ୍ଷେତ୍ରରେ । ସେହି କି ବୈପ୍ଳବିକ ଆବେଗ ଯେନ ଅନ୍ୟତମ ବୃଦ୍ଧିର ଆସ୍ପାସ ଯେନ, ଉଦ୍ଦାମ କି ଗତିରେ ସତେ ପରାଧୀନତାର ପ୍ରାଣଦାହୀ ପରିବେଶରେ ଅନ୍ଧକାରର ଊର୍ଦ୍ଧ୍ୱରେ ବୈଦେଶିକ ରାଜତ୍ୱର ଲୌହର ଆଚ୍ଛାଦନ ତଳରେ ରୁଦ୍ଧଗତି ନିଷ୍କ୍ରିୟ ଅନ୍ନର ଅଭାବରେ ନୁହେଁ, କେବଳ ଭାବର ଦୁର୍ଭିକ୍ଷରେ ନିପୀଡ଼ିତ ନିର୍ବାକ ସମାଜ, ଏହାର ମଧ୍ୟରେ କଥା ଓ ଚିନ୍ତା ଉଭୟ ଦିଗରେ ଯାହା କରିଥିଲା ଯାନ୍ତ୍ରିକତାର ବନ୍ଧାଣୀ, ଆଲୋକର ସନ୍ଧାନୀ ସେହି ପ୍ରତିଭା । ଆମ ଦେଶର ଇତିହାସରେ କଣ ବିରଳ ନୁହେଁ ଏଭଳି ପ୍ରତିଭାର ଦୃଷ୍ଟାନ୍ତ, ଯେଉଁଥିରେ ମୂର୍ତ୍ତି ହୋଇ ଉଠିଛି ଏକାଧାରରେ କର୍ମବୀର ଆଉ ଚିନ୍ତାବୀରର ଦୁଇଟି ପୌରୁଷମୟ ଜୀବନରେ ସମନ୍ୱିତ ସଂଗ୍ରାମୀର ଆତ୍ମା ?

Digitized by srujanika@gmail.com



୧୯୧୮-ମସିହାରେ ସତ୍ୟବାଦୀ ସ୍କୁଲ ପରିଦର୍ଶନ ସମୟରେ ବିହାର ଓ ଓଡ଼ିଶାର ଲେଫ୍‌ଟେନାଣ୍ଟ
ସାର୍ ଏଡ଼ୱାର୍ଡ଼ ଗେଟ୍
ଗୋପବନ୍ଧୁ ଡାହାଣପଟ ଶେଷରେ ବସିଛନ୍ତି । ତାଙ୍କ ଡାହାଣପଟେ ମିଷ୍ଟର ଏମ୍. ଏସ୍. ଦାସ ରହିଛନ୍ତି ।
ଗେଟ୍‌ସାହେବଙ୍କ ପଛରେ ବାଁପଟକୁ ଠିଆ ହୋଇଛନ୍ତି ସତ୍ୟବାଦୀ ସ୍କୁଲ ପ୍ରଧାନ ଶିକ୍ଷକ ପଣ୍ଡିତ ନୀଳକଣ୍ଠ

ସମାଜର କ୍ଷେତ୍ରରେ ସଂସ୍କାରର ଏପରିକି ଅତୀତର ଯାହା ଜୀର୍ଣ୍ଣ ଓ ମୁମୂର୍ଷୁ, ତାହାର ଧ୍ୱଂସକାରୀ ପରମହଂସର ଗମ୍ଭୀର ଅଥଚ ଉଦାର; ତାହାର ନ୍ୟାସୀ ଓ ରକ୍ଷକ । ରାଜନୀତିରେ ବିଭିନ୍ନ ମତ ପନ୍ଥାରେ ପରୀକ୍ଷାର ସୂତ୍ରରେ ଯେପରି ନିର୍ଭୀକ ଉଦାର ଅସହିଷ୍ଣୁ, ଅସ୍ଥିରତାରେ ଅଗ୍ରଣୀ ପୁଣି ବୈଧାନିକତାର ବିଧାୟୀ ସ୍ଥୈର୍ଯ୍ୟର ସମର୍ଥକ ତଥିର ଜନ୍ମ ଏକ ନମନୀୟ ଆତୁରତାରେ (ସେନସିଟିଭିଟି 'ଶୋଇପଡ଼ିଛ କି ବାବୁ ହେ'ଠାରୁ ଆରମ୍ଭ କରି କେତେ କେତେ ଉଦ୍‌ବୋଧନୀ ବାଣୀରେ ରମଣୀୟ କାବ୍ୟ କବିତାର ଏପରିକି ଭକ୍ତୀୟ. ନୈଷଧୀୟ ଗୀତର ରଚୟିତା ପୁଣି ପାଣିନୀୟ ପାଣ୍ଡିତ୍ୟର ପ୍ରବକ୍ତା ଇତିହାସରେ ନିଜର କୀର୍ତ୍ତିମୟ 'ଉତ୍କଳ'ର ସ୍ୱକୀୟ ବୈଶିଷ୍ଟ୍ୟର ପ୍ରତିପାଦକ ପୁଣି କାହିଁ ସୁମେରୀୟ ମିଶରୀୟ ଆସିରୀୟ ମେକ୍ସିକନ ମାୟା ପ୍ରଭୃତି ପ୍ରାଚୀନ ସଭ୍ୟତାର ସ୍ରୋତରେ ତାର ଜୀବନର ସଂଯୋଗର ସାଧନାରେ ତତ୍ପର, ଦର୍ଶନରେ 'ନାୟମାତ୍ମା ବଳହୀନେନ ଲଭ୍ୟଃ' ଗୀତାର ଏହି ପଦର ବ୍ୟାଖ୍ୟା, ତା ପୁଣି ବୈଷ୍ଣବୀୟ ପଦଲାଳିତ୍ୟ ବିମୁଗ୍ଧ ସଂଗ୍ରାହୀ ହୋଇ ବୈଦାନ୍ତିକ ନୈୟାୟିକର ଧର୍ମରେ 'ଦାସ୍ୟ'ର 'ଅନୁକୃତି'ର 'ଅନୁପଥ'ର ବିଲୋପକାରୀ ଭାବବାଦୀ (ଆଇଡ଼ିଆଲିଷ୍ଟ) ଦର୍ଶନର ପୁନର୍ବତ୍ ଶୂନ୍ୟତାର ପ୍ରଗଳଭ ପରିଧିରେ ମଧ୍ୟ ସଂଶୟ ବସ୍ତୁବାଦୀ ଦର୍ଶନର ପ୍ରୋଜ୍ଜ୍ୱଳ ଦୀପ୍ତ ପ୍ରଥା ଓ ପଦ୍ଧତିରେ ଅଭ୍ୟୁତ୍ଥାନବାଦୀ ଆର୍ଯ୍ୟର ଧ୍ୱଜା ଶୁଣି ପାଶ୍ଚାତ୍ୟର ବିଜ୍ଞାନଧର୍ମୀ ଚିନ୍ତାର ସ୍ୱାଗତକାରୀ ଏହିଭଳି ବହୁ ପରସ୍ପରବିରୋଧୀ ଭାବଧାରାର, ଗତିଧାରାର ସମାହାର ଯିଏ, ଭାରତୀୟ ଦୃଷ୍ଟିରେ ସମସ୍ତ ବିରୋଧିତା ମଧ୍ୟରେ ମିଳନର ଉତ୍ସବମୟ ସଙ୍କେତ ଯିଏ, ସଙ୍ଗୀତମୟ ଗୀତରେ ଯାହାଙ୍କର ତେଜସ୍ୱାନ ପ୍ରକାଶ, ତାଙ୍କର ତିରୋଧାନର ପ୍ରଶ୍ନ ବା କାହିଁ ? ସେ କଣ ବର୍ତ୍ତମାନର ଅଂଶବିଶେଷ ହୋଇ ନ ଥିଲେ ଆଜି ଯାଏ ରାଜନୈତିକ ମଣ୍ଡପ କି ମସଜିଦ ଭିତ୍ତିପ୍ରସ୍ତର ରୂପେ ସେ ଲୋକଲୋଚନର ଅନ୍ତରାଳରେ ରହିବେ ବା; କିନ୍ତୁ ସାହିତ୍ୟରେ ଯେ ବହୁ ଋତୁର ଆବର୍ତ୍ତନରେ କେଉଁଠି ଶ୍ୟାମଳ, କେଉଁଠି ଉଜ୍ଜ୍ୱଳ କେତେବେଳେ ବସନ୍ତରେ ଲୀଳାୟିତ, କେତେବେଳେ ବା ତୁଷାରରେ ଅଚ୍ଛନ୍ନ ମହେନ୍ଦ୍ର ରତ୍ନମୟ ମହୋଦଧି ବା ଏ ଜାତିର ଅନିର୍ବାଣ ଦୀପ ସେ ମହାଦୀପ. ଜଗନ୍ନାଥ ଧର୍ମର ସାମ୍ୟର ନୀଳାଚଳରେ କାହିଁ ? ତାଙ୍କର ବିଳୟ କାହିଁ କେଉଁଠି ?

ଜୀବନରେ ନିଜେ ବାଙ୍ମୟ ଥିଲେ ସେ । ମୃତ୍ୟୁରେ ଆଜି ବାଙ୍ମୟ କରିଲେ ତାଙ୍କର ପ୍ରିୟତମ ଜନ୍ମଭୂମିର ପ୍ରତ୍ୟେକ ଧୂଳି କଣାକୁ, ଯୋଗ୍ୟ ଅଯୋଗ୍ୟ ଅଜ୍ଞାନୀ ବିଜ୍ଞାନୀ ପ୍ରତ୍ୟେକ ଦାୟାଦଙ୍କୁ ।

ଏଇ ମୁହୂର୍ତ୍ତରେ ଆଜି ମନେହୁଏ ଆମର ସଙ୍କଳ୍ପ କରିବା ବିଧେୟ, ଶ୍ରମରେ ସାଧନାରେ ପ୍ରକୃତିବିଜୟୀ ସଂଗ୍ରାମରେ ଓଡ଼ିଆର ଭାଷା, ସାହିତ୍ୟ, ଚିନ୍ତା ଓ କର୍ମକୁ ସ୍ୱକୀୟତାରେ ପରିପୁଷ୍ଟ କରି ମହାମାନବଙ୍କ ମହାବୈଶ୍ୱିକ ଧାରାରେ ଦୀପ୍ୟମାନ କରୁଁ ଯେପରି ନୂତନ ବିପ୍ଳବ ତାଙ୍କରି ଭଳି ନିର୍ଭୀକ ଚିନ୍ତା-ଚେତନାରେ ଅଗ୍ରସର ହେଉ ଯେପରି । ( ମାତୃଭୂମି—ତା ୧୬ । ୧୧ । ୬୭ )

Digitized by srujanika@gmail.com

# କଳ୍ପବୃକ୍ଷ ନୀଳକଣ୍ଠ

ଶ୍ରୀ ଚକ୍ରଧର ମହାପାତ୍ର

ଜାତୀୟ ଜୀବନର ଏକ କଳ୍ପବୃକ୍ଷ ଓଡ଼ିଶା ଭୂଇଁରୁ ଉପୁଡ଼ି ପଡ଼ିଲା । ଏ ବିଶାଳ ମନସ୍ୱୀ ଜଣକ ମଣିଷ ଗଢ଼ିବାକୁ ଏ ଜାତିର ଜାତୀୟତାର ପ୍ରକୃତ ସ୍ୱରୂପ ଚିହ୍ନୋଇ ଦେବାକୁ ଆସିଥିଲେ । ଯେଉଁ ପାଞ୍ଚଜଣ ସାଥୀ ହୋଇ ଏ ଜାତୀୟ ଜୀବନକୁ ନିଷ୍ଠାର ସହିତ ସଜାଡ଼ି ପାରିଥିଲେ, ସେମାନଙ୍କ ମଧ୍ୟରେ ଶ୍ରେଷ୍ଠତମ ଥିଲେ ଗୋପବନ୍ଧୁ । ନୀଳକଣ୍ଠ ସେମାନଙ୍କ ମଧ୍ୟରେ ଥିଲେ ପର୍ବତୋପମ ଦୃଢ଼ ଓ ନିଷ୍ଠାଶୀଳ । କୋମଳ ଭାବପ୍ରବଣ ଥିଲେ ଗୋଦାବରୀଶ । କର୍ତ୍ତବ୍ୟନିଷ୍ଠ ସେବକ ଥିଲେ କୃପାସିନ୍ଧୁ । ଏମାନେ ସମସ୍ତେ ଚାଲିଗଲେ । ରହିଲେ ପୁଣ୍ୟଶ୍ଳୋକ, ନୀତିବନ୍ତ, ସୁନିର୍ମଳ, ଉଦାରହୃଦୟ ଆଚାର୍ଯ୍ୟ ହରିହର ।

ଉତ୍କଳର ଏହି ଚିର ନମସ୍ୟ ପଞ୍ଚରତ୍ନ, ପଞ୍ଚସଖା, ପଞ୍ଚବିବୁଧଙ୍କ ପରି ଆଉ କେବେ କେହି ଦେଖାଯିବେ କି ନାହିଁ, ଜାଣି ହେଉନାହିଁ । ଏ କାଳର ଜୀବିତ କେହି ହେଲେ ନ ଭାବନ୍ତୁ, ଏମାନଙ୍କ ସମାନ ସେମାନେ ହୋଇପାରିଛନ୍ତି ବା ହୋଇପାରିବେ ।

ଏମାନେ ମଣିଷ ଗଢ଼ିଥିଲେ । କିନ୍ତୁ ଆଜିର ଯନ୍ତ୍ରକାରିଗରୀ ଶିଳ୍ପସ୍ତୁ ପ୍ରବୀଣମାନେ କିଛି ଅମନୁଷ୍ୟ ଗଢ଼ି ପାରିଛନ୍ତି ।

ନୀଳକଣ୍ଠ ଆମର ଜାତୀୟ ଜୀବନ କ୍ଷେତ୍ରରେ ହିମାଳୟ ସଦୃଶ ବହୁ ରତ୍ନ, ବହୁ ସ୍ରୋତସ୍ୱତୀ ଓ ବହୁ ସଭ୍ୟତାର ଆଧାର ସ୍ୱରୂପ ଥିଲେ । ତାଙ୍କ ଏ ବିଜୟର ଶତ ଶତ ବର୍ଣ୍ଣନା କରି ହେଉଛନ୍ତି, ସେ ସାଧାରଣ ଜଣେ ମଣିଷ ନ ଥିଲେ, ଥିଲେ ଗୋଟିଏ ବିରାଟ ଅନୁଷ୍ଠାନ ।

ସତ୍ୟବାଦୀ ବିଦ୍ୟାଳୟ ସୃଷ୍ଟି ମୂଳରେ ଦେଶପ୍ରାଣ ଗୋପବନ୍ଧୁ, ଏହି ଦୃଢ଼ଚେତା ନିଷ୍ଠୁର ଶାସକଙ୍କ ଯେଉଁ ବନବିଦ୍ୟାଳୟ ଯେତିକି ଦିନ ଚଳାଇଥିଲେ, ତାହା ଏ ଦେଶବାସୀଙ୍କ ଚିତ୍ତରେ ଅମର ହୋଇ ରହିଛି ।

ଓଡ଼ିଆ ଭାଷାର ସମୁନ୍ନତି ଲକ୍ଷ୍ୟରେ ଓଡ଼ିଆଙ୍କୁ କିଏ, ଏହି ଜଣକ ଯେତିକି ଚିହ୍ନାଇ ଦେଇ ଯାଇଥିଛନ୍ତି, ତାଠୁ ଅଧିକ କିଏ କଣ କରିଛି, ଆମକୁ ଜଣା ନାହିଁ ।

Digitized by srujanika@gmail.com

ନିଜର ଅହଂକାର ଓ ଈର୍ଷା ତ୍ୟାଗକରି ଶାନ୍ତ ଚିତ୍ତରେ ତାଙ୍କ ଗ୍ରନ୍ଥଗୁଡ଼ିକ ପାଠ କଲେ ନିଜକୁ ବଡ଼ ବୋଲି ମନେ କରୁଥିବା ବିଜ୍ଞମାନେ କେତେ ଶ୍ରେଷ୍ଠ, ତା ନିଜେ ନିଜେ ଜାଣି ପାରିବେ ।

ତାଙ୍କର "ଲାବଣ୍ୟବତୀ" ପ୍ରବନ୍ଧ ମୁଁ ଦଶଥର ପଢ଼ିଛି । ମତେ ସବୁ ଥର ନୂଆ ଲାଗିଛି । ଉତ୍କଳ ସାହିତ୍ୟ ପ୍ରତି ଯେଉଁ ବିଜ୍ଞବ୍ୟକ୍ତି ନାସାକୁଞ୍ଚନ କରିଥାନ୍ତି, ସେମାନେ ତାଙ୍କର ଏ ସନ୍ଦର୍ଭ ଧ୍ୟାନ ଦେଇ ପଢ଼ନ୍ତୁ । ଏପରି ଅମୃତ ବିଶ୍ୱ-ସାହିତ୍ୟରେ କେବେ ମଧ୍ୟ ସେ ପାନ କରି ନଥିବେ ।

ଓଡ଼ିଶାର ଏକ କାରୁକଳାମଣ୍ଡିତ କୋଣାର୍କ ତାଙ୍କ ବ୍ୟକ୍ତିତ୍ୱ ଅଧିକ କିଏ ଦେଇ ଯାଇଛି, ମୁଁ ଖୋଜି ପାଉ ନାହିଁ । ଓଡ଼ିଆ କିପରି ଉନ୍ନତଶିର ଥିଲେ, କେବେ କାହାର ଗୋଲାମିଆ ଜାତି ନ ଥିଲେ, ସମଗ୍ର ଭାରତବର୍ଷରେ ନିଜର ସ୍ୱାତନ୍ତ୍ର୍ୟ ରଖି ଚିରକାଳ ରହିଥିଲେ, ଏହାହିଁ କହି ଯାଇଛନ୍ତି ତାଙ୍କ ସାହିତ୍ୟରେ କେବଳ ନୀଳକଣ୍ଠ । ଏହାହିଁ ନୀଳକଣ୍ଠଙ୍କ ଜୀବନରୁ ପ୍ରତିପାଦିତ ହୋଇଥାଏ ।

ବିଚିତ୍ର କଥାଟିଏ । ୧୯୫୯ରେ ଥରେ ବର୍ଷିଷ୍ଠ ବରିଷ୍ଠ ନୀଳକଣ୍ଠଙ୍କୁ ଆମେ ନରସିଂହପୁର ନେଇଥିଲୁ । ତାଙ୍କ ଧର୍ମପତ୍ନୀ ରାଧାମଣି ତାଙ୍କ ସାଥିରେ ଯାଇଥିଲେ । ମୋର ପତ୍ନୀ କନକମଞ୍ଜରୀ ଅବନତ ଅଞ୍ଚଳ ନରସିଂହପୁରରୁ ପାଞ୍ଚହଜାର ନାରୀଙ୍କୁ ଏକାଠି କରି ତାଙ୍କୁ ଯେଉଁ ସମ୍ବର୍ଦ୍ଧନା ଦେଇଥିଲେ ତାର ଉତ୍ତରରେ ସେ ଗୀର୍ବାଣ ବାଚସ୍ପତି କହିଥିଲେ—"ଏହା ମୋ ଜୀବନର ଶେଷ ସମ୍ବର୍ଦ୍ଧନା ନୁହେଁ ତ ?" ମୋ ସ୍ତ୍ରୀ ଅଭିବାଦନ କରିବାକୁ ଯାଇ ଯେତେବେଳେ କହିଥିଲେ, "ଏ ଜଣକ ପଣ୍ଡିତ ଗୋପବନ୍ଧୁଙ୍କ ପ୍ରିୟତମ ସଙ୍ଗୀ ଏବଂ ଏ ଜଣକ ଶୃଙ୍ଖଳିତଚରଣବନ୍ଦୀ, ନୀତିବନ୍ଦୀ ଆମ ଜାତିର ବରିଷ୍ଠ । ଯାଙ୍କର ଦର୍ଶନ, ଏହାଙ୍କର ଆଗମନ ଏ ଭୂମି ପ୍ରତି ଆଶୀର୍ବାଦ ।" ସେତେ-ବେଳେ ସମସ୍ତ ନାରୀ ନତମସ୍ତକରେ ଯେତେବେଳେ ତାଙ୍କୁ ଅଭିବାଦନ କରିଥିଲେ, ସେ ଦୃଶ୍ୟରେ ସହସ୍ର ଚକ୍ଷୁରୁ ଆନନ୍ଦାଶ୍ରୁ ଝରି ପଡ଼ୁଥିଲା ଏବଂ ଏହି ମହାମାନ୍ୟ ପଣ୍ଡିତ ଜଣକ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ ।

ଦ୍ୱିତୀୟ ଦିନରେ ସାହିତ୍ୟ ସଭାରେ ସେ ପ୍ରାୟ ଦୀର୍ଘ ୨ ଘଣ୍ଟା ଧରି ବକ୍ତୃତା ଦେଇ କହିଥିଲେ—"ଏପରି ଆଗ୍ରହୀ, ଶିଷ୍ଟ, ଭଦ୍ର ଜନସମାଜ ଥିବାର ସଙ୍କେତ ମୁଁ ପାଇ ଥିଲେ ବରଂ ମୁଁ ଏହିପରି ଏକ ନିଭୃତ ଅଞ୍ଚଳରେ ଶେଷଜୀବନ ଅତିବାହିତ କରିଥାନ୍ତି ।" ଏହାହିଁ ଆମ ଅଞ୍ଚଳରେ ତାଙ୍କର କୀର୍ତ୍ତି ଗାଥାସ୍ୱରୂପ ରହିଅଛି ।

Digitized by srujanika@gmail.com

ସେ ଚାଲିଗଲେ । ତାଙ୍କର ଅନ୍ତ୍ୟେଷ୍ଟି ସ୍ମୃତି ଦେହ ଦହନର । ତାହା ଚିହ୍ନ ଚିହ୍ନ ଲିଭିଯିବ । କିନ୍ତୁ ଆଜି ତାହାପରି କେଉଁ ରାଜସଂପୃକ୍ତ ବ୍ୟକ୍ତିଙ୍କ ଡେଙ୍ଗୁରାପିଟା ଉତ୍ସବରେ ସ୍ମୃତିପରି ଏହା ସିନା ଲିଭିଯିବ, କିନ୍ତୁ ନୀଳକଣ୍ଠଙ୍କ ବାଣୀ, ନୀଳକଣ୍ଠଙ୍କ ଚିନ୍ତାଧାରା, ନୀଳକଣ୍ଠଙ୍କ ସାହିତ୍ୟ, ନୀଳକଣ୍ଠଙ୍କ ଯୁବଜୀବନର ତ୍ୟାଗ କଦାପି ଲିଭିଯିବ ନାହିଁ । ଏ ଜାତିରେ ଯେବେ କେହି ବଳିଷ୍ଠ ଚିନ୍ତାଶୀଳ ବ୍ୟକ୍ତି ଜନ୍ମଗ୍ରହଣ କରିବେ, ସେ ନୀଳକଣ୍ଠଙ୍କ ସାହିତ୍ୟ ନିଶ୍ଚୟ ଆଲୋଡନ କରିବେ । ସେହି ସାହିତ୍ୟରୁ ଓଡ଼ିଆ ଜାତିର ପ୍ରକୃତ ପରିଚୟ ହିଁ ସେ ଲାଭ କରି ପାରିବେ ।

ନୀଳକଣ୍ଠ ଓଡ଼ିଆର ସ୍ୱତନ୍ତ୍ର ସଂସ୍କୃତି ଘେନି ଜଗନ୍ନାଥ ଧର୍ମ ସମ୍ପର୍କରେ ଯେଉଁସବୁ ଆଲୋଚନା କରି ଯାଇଛନ୍ତି, ତାଙ୍କର ଭାଷାରେ-"ଓଡ଼ିଆର ସଂସ୍କୃତି ଓ ସାହିତ୍ୟର ମଜ୍ଜା ରୂପେ ସେଇ ଦର୍ଶନ ଧର୍ମର ପୀଠ ଅତିକ୍ଷୀଣ ହେଲେ ମଧ୍ୟ ଜୀବନ୍ତ ଅଛି । ସେଇ ଦୃଷ୍ଟିରେ ଆମ ସାହିତ୍ୟର ପରିଣାମରେ ଗତି ଫିଟାଇ ନ ଦେଖିଲେ ବିଷୟାଂଶମାନଙ୍କର ଆଲୋଚନା ଭିତ୍ତିହୀନ ହୋଇ ଭ୍ରଷ୍ଟ ହେବ । ଏହି ଆଲୋଚନା ପ୍ରାଣବନ୍ତ ହୋଇ ଫୁଟିଲେ ଓଡ଼ିଆ ଏକା ଆଜି ପୃଥିବୀର ସଂଘର୍ଷ ସମାଧାନରେ ଦୀପସ୍ତମ୍ଭ ରୂପେ ବାଟ ଦେଖାଇ ପାରିବେ ।"

ଏଇ କଥାଟି ସମଗ୍ର ଓଡ଼ିଆ ଜାତିର ଲୋକେ ମନେ ରଖି ନୀଳକଣ୍ଠଙ୍କୁ ସମ୍ମୁଖରେ ଥୋଇ ସାହସ ବାନ୍ଧି ନିଜତ୍ୱ ରଖି ପାରିଲେ ଓଡ଼ିଆ ବଞ୍ଚିବେ, ନ ହେଲେ ଅତଳ ମହୋଦଧିରେ ଜଳଶାୟୀ ହେବେ ।

( 'ସମାଜ'—ତା ୮ । ୧୧ । ୬୭ )

Digitized by srujanika@gmail.com

# ମନୀଷୀ ନୀଳକଣ୍ଠଙ୍କ ସାନ୍ନିଧ୍ୟ

ଶ୍ରୀ ଜ୍ଞାନୀନ୍ଦ୍ର ବର୍ମା

ପୁରୀରୁ ମହାତ୍ମାଗାନ୍ଧୀଙ୍କ ଐତିହାସିକ ଉତ୍କଳ ପଦଯାତ୍ରା ଆରମ୍ଭ ହେଲା । ଯାତ୍ରାରମ୍ଭର ପୂର୍ବଦିନ ସନ୍ଧ୍ୟାରେ ଶ୍ରୀମନ୍ଦିର ସମ୍ମୁଖରେ ଏକ ବିରାଟ ସଭା ଅନୁଷ୍ଠିତ ହୋଇଥାଏ, ମହାତ୍ମା ଗାନ୍ଧୀଙ୍କୁ ନାଗରିକ ସମ୍ବର୍ଦ୍ଧନା ଦେବା ପାଇଁ । ସେହି ଉପଲକ୍ଷରେ ମଧ୍ୟ ଶ୍ରୀମନ୍ଦିର ପାଖରେ ଶିଳ୍ପୀ ବି. ବର୍ମାଙ୍କ ଦ୍ୱାରା ନିର୍ମିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ମହାତ୍ମାଜୀ ଉନ୍ମୋଚନ କଲେ । ସଭା ମଞ୍ଚ ଉପରେ ଆସନ ଗ୍ରହଣ କରିଥାନ୍ତି ଅନେକ ନେତୃସ୍ଥାନୀୟ ବ୍ୟକ୍ତି, ସେମାନଙ୍କ ଭିତରେ ଉପସ୍ଥିତ ଥାଆନ୍ତି ଜର୍ମାନ ସାମ୍ବାଦିକ ବୃଚୋ ଏବଂ ଆହୁରି କେତେକ ବାହାରର ରିପୋର୍ଟର । ମହାତ୍ମାଜୀ କେତେବେଳେ ଆସି ମଞ୍ଚ ଉପରକୁ ଉଠି ସବା ଉଚ୍ଚ ଆସନଟି ଉପରେ ବସିଗଲେ କେହି ଜାଣିପାରିଲେନି ।

ସମସ୍ତେ ଉତ୍ସୁକ ଆଖିରେ ଅନାଇଥାନ୍ତି । ମହାତ୍ମାଜୀ ବିରାଟ ଜନତାକୁ ଭାଷଣ ଦେବା ଆରମ୍ଭ କରିବାର ପୂର୍ବ ମୁହୂର୍ତ୍ତରେ ମଞ୍ଚଉପରେ ଠିଆ ହେଲେ ପଣ୍ଡିତ ନୀଳକଣ୍ଠ । ମୋର ଯେତେଦୂର ସ୍ମରଣ ହେଉଛି, ସେଦିନ ସନ୍ଧ୍ୟାରେ ମୁଁ ଦେଖିଥିଲି ଯୌବନର ଉଦ୍ଦୀପନାଭରା ଏକ ତେଜସ୍ୱୀ ନୀଳକଣ୍ଠଙ୍କ ରୂପ । ଦାଢ଼ି ଆଉ ମସ୍ତକର କେଶରାଶିରେ ସେ ପର୍ଯ୍ୟନ୍ତ ରଜତାଭର ସ୍ପର୍ଶ ଅତି ସଙ୍କୁଚିତ ଅବସ୍ଥାରେ ରହିଥାଏ । ସେତେବେଳକୁ ପଣ୍ଡିତ ନୀଳକଣ୍ଠ ଥାଆନ୍ତି ବୋଧହୁଏ ଉତ୍କଳ ପ୍ରଦେଶ କଂଗ୍ରେସର ସଭାପତି ।

ମଞ୍ଚ ଉପରେ ଠିଆ ହୋଇ ନୀଳକଣ୍ଠ ପାଠ କଲେ ଅଭିନନ୍ଦନ ପତ୍ର ।

"ମହାତ୍ମାଜୀ, ପୁଣ୍ୟଭୂମି ଦରିଦ୍ର ଉତ୍କଳ ଆଜି ଆପଣଙ୍କୁ ସର୍ବାନ୍ତଃକରଣରେ ଗଭୀର ଭକ୍ତି ଓ ଶ୍ରଦ୍ଧା ନିବେଦନ କରୁଛି । କାଲି ପ୍ରଭାତରୁ ଆପଣ ଏହି ଯୁଗ ଯୁଗର ପୁଣ୍ୟ ଭୂମିରେ ପଦଯାତ୍ରା ଆରମ୍ଭ କରି ଏ ଭୂମିର ପ୍ରତ୍ୟେକ ଧୂଳିକଣାକୁ ଅଧିକ ପୁଣ୍ୟମୟ କରି ଦେବେ । ଏହା ଦରିଦ୍ର ଉତ୍କଳବାସୀଙ୍କ ପକ୍ଷରେ ଅଚିନ୍ତନୀୟ ପରମ ସୌଭାଗ୍ୟ···"

ଅଭିନନ୍ଦନ ପତ୍ରଟି ପ୍ରାୟ ଉଲ୍ଲିଖିତ ମର୍ମରେ ପଣ୍ଡିତ ନୀଳକଣ୍ଠ ପାଠ କରିଥିଲେ । ସେଥିରେ ସେ ଭେଦାଭେଦଶୂନ୍ୟ ଉଦାର ଜଗନ୍ନାଥ ଧର୍ମର କେତେକ ସୂଚନା ଦେଇଥିଲେ । ମାନପତ୍ର ପାଠ ଶେଷ କରିବା ପରେ ତାହାକୁ ସେ ଅର୍ପଣ କଲେ ମହାତ୍ମାଜୀଙ୍କ ହସ୍ତରେ । ଏତିକବେଳେ ଗାନ୍ଧିଜୀ ଅଳ୍ପ ହସିଦେଇ ପଚାରିଲେ...

ଉନ୍‌କା କୁଛ କମନ୍ତ୍ ହୋଗା ?

Digitized by srujanika@gmail.com

ପଣ୍ଡିତ ନୀଳକଣ୍ଠ ଉତ୍ତର ଦେଲେ, "It is written bv an eminent literature and drawn by our celebrated artist"..

ତତ୍ପରେ କାଚ ବନ୍ଧାଇ ଅଭିନନ୍ଦନ ପତ୍ରଟିକୁ ହାତରେ ଟେକି ଧରି ମହାତ୍ମା ସଙ୍ଗେ ସଙ୍ଗେ ନିଲାମ ଡାକ ଦେଲେ । ମୋର ମନେ ଅଛି, ପାଞ୍ଚଟଙ୍କାରୁ ଆରମ୍ଭ ହୋଇ ତିରିଶ ଟଙ୍କା ଯାଏ ଡାକ ଉଠିଲା । ଏତିକିବେଳେ ଗାନ୍ଧିଜୀ ପୁଣି କହିଲେ, "ମୈଁ କହତା ହୁଁ, ନୀଳକଣ୍ଠବାବୁ ବୋଲତେହେଁ ୟହ ଓଡ଼ିଶାକା ନାମଜାଦା ଲେଖକ ଔର ଚିତ୍ରକାରକା କୃତିକା ଚିଜ ହେ । ଇସ୍‌କା କିମତ ଇତନା କମ୍ ନେହିଁ ହୋଗା ।" ଅଭିନନ୍ଦନ ପତ୍ରଟି ପଚାଶ ଟଙ୍କାରେ ବିକ୍ରି ହେଲା ।

ଏହି ଅଭିନନ୍ଦନ ପତ୍ରଟି ରଚନା କରିଥିଲେ ନିଜେ ପଣ୍ଡିତ ନୀଳକଣ୍ଠ ଏବଂ ତାହାକୁ ମହାତ୍ମାଗାନ୍ଧୀଙ୍କ ପ୍ରତିକୃତିରେ ମଣ୍ଡିତ କରି ମସୃଣ ବ୍ରିଷ୍ଟଲ ପେପରରେ ଆଙ୍କିଥିଲେ ଶିଳ୍ପୀ ବଂଶୀଧର ।

ସମ୍ପୂର୍ଣ୍ଣ ବ୍ୟକ୍ତିଗତ ଘଟଣା ହେଲେ ମଧ୍ୟ ମୁଁ ଆଜି ମନୀଷୀ ନୀଳକଣ୍ଠଙ୍କ ସହ ମୋର ତାରୁଣ୍ୟ ଅବସ୍ଥାରେ ଯେଉଁ କେତେକ ମୁହୂର୍ତ୍ତ ଘନିଷ୍ଠ ସମ୍ପର୍କ ଘଟିଥିଲା, ତାହା ପ୍ରକାଶ କରିବାକୁ ଇଚ୍ଛା କରୁଛି । ଯେଉଁ ଘଟଣା ଉଲ୍ଲେଖ କଲି ତାହା ତାଙ୍କ ସାନ୍ନିଧ୍ୟ ଲାଭର ଅଙ୍ଗୀଭୂତ ବିଷୟ ନୁହେଁ, ତାହାର ଏକ ଉପୋଦ୍‌ଘାତ । ସେହି ଘଟଣାର କିଛିକାଳ ପରେ ପଣ୍ଡିତ ନୀଳକଣ୍ଠ 'ନବଭାରତ' ମାସିକ ପତ୍ରିକା ପ୍ରକାଶ କଲେ । ପ୍ରଥମେ ସେ ତଗରେ ତାଙ୍କୁ ଅର୍ଥ ସାହାଯ୍ୟ କରିଥିଲେ ରାଜା ବିକ୍ରମଦେବ । ବାଙ୍କାବଜାରର ଗୋଟିଏ ଦୋମହଲା କୋଠା ଭଡ଼ାରେ ନେଇ ସେହିଠାରେ ସେ ପ୍ରେସ୍ ଓ କାର୍ଯ୍ୟାଳୟ ସ୍ଥାପନ କଲେ । କିନ୍ତୁ ସେଠାକୁ ଆସି ରହିବା ପୂର୍ବରୁ କାଳିବଜାରରେ ଗୋଟିଏ ଦୋମହଲା ଘରେ ରହୁଥିଲେ । ସେହିଠିକି ସେ ଦିନେ ଡାକି ପଠାଇଲେ ବ. ବର୍ମାଙ୍କୁ । ମୁଁ ମଧ୍ୟ ବର୍ମାଙ୍କର ସାଙ୍ଗରେ ଗଲି । 'ନବଭାରତ'ର ପ୍ରଚ୍ଛଦ ଓ ଆଉ କେତେକ ଶିରୋନାମା ଚିତ୍ର ଅଙ୍କନ ଏବଂ ଗୋଦାବରୀଶ ମହାପାତ୍ରଙ୍କ 'କଳାବଳିଆ' ଗଳ୍ପର କେତେକ ଲାଇନ ଡ୍ରଇଁ ପ୍ରସ୍ତୁତ କରିବା ପାଇଁ ସେ ବରାଦ ଦେଲେ ।

ହୁଏତ ସେଇଟା ଆଦ୍ୟ ଗ୍ରୀଷ୍ମକାଳର ଏକ ସନ୍ଧ୍ୟା । ଅଙ୍କନଗୁଡ଼ିକ ଧରି ବର୍ମା ଓ ମୁଁ ପଣ୍ଡିତ ନୀଳକଣ୍ଠଙ୍କ ପାଖରେ ପହଞ୍ଚିଲୁ । ପ୍ରଚ୍ଛଦ ପାଇଁ ବର୍ମା ଯେଉଁ ବହୁବର୍ଣ୍ଣର ରେଖାଚିତ୍ରଟି ଆଙ୍କିଥିଲେ, ତାହାକୁ ନୀଳକଣ୍ଠବାବୁ ଅତ୍ୟନ୍ତ ପସନ୍ଦ କଲେ । କିନ୍ତୁ ତାହାକୁ ବ୍ଲକ କରିବା ଏବଂ ଛପେଇ ପ୍ରଭୃତି ଅଧିକ ଖର୍ଚ୍ଚସାପେକ୍ଷ ହେବାର ବିଚାର କରିଗଲା ଏବଂ ବର୍ମାଙ୍କୁ ସେ ପ୍ରଚ୍ଛଦ ପାଇଁ ଗୋଟିଏ ଏକବର୍ଣ୍ଣୀ ରେଖାଚିତ୍ର ଆଙ୍କି ଦେବାକୁ କହିଲେ ।

Digitized by srujanika@gmail.com

ସେତେବେଳେ 'ନବଭାରତ'ର ପ୍ରଥମ ସଂଖ୍ୟା ପାଇଁ ପଣ୍ଡିତ ନୀଳକଣ୍ଠ 'ଜୟ-ନବଭାରତ ସୁନ୍ଦର ହେ' କବିତାଟି ରଚନା କରୁଥାନ୍ତି । ଆଲୋଚନା ଭିତରେ ତାହାର କେତେକ ପଂକ୍ତି ସେ ହଠାତ୍ ଗାଇ ଉଠିଲେ । ଏତିକିବେଳେ ମୋର ଟିକେ କେମିତି ସାହସ ହେଲା, କାମିଜ ପକେଟରୁ ବାହାର କରି ମୋର ଗୋଟିଏ କବିତା ମୁଁ ବର୍ମାଙ୍କ ହାତକୁ ବଢ଼ାଇ ଦେଲି ।

ସମସ୍ତେ ଦୋମହଲାର ଭିତର ଅଗଣାରେ ବସିଥାଉ । ଗୋଟାଏ ବଡ଼ା କାଠର ତକ୍ତପୋଷ ପଡ଼ିଥାଏ । ଗୋଟିଏ ତକ୍ତପୋଷକୁ ଲାଗି ପଡ଼ିଥାଏ ଗୋଟିଏ ଟେବୁଲ ଏବଂ ତା ଉପରେ ଜଳୁଥାଏ ଲଣ୍ଠନର ଆଲୁଅ । ଅଳ୍ପ ଦୂରରେ ଶ୍ରୀ ଚନ୍ଦ୍ରମଣି ମିଶ୍ର, ପତ୍ରିକା ପାଇଁ ଅନ୍ୟାନ୍ୟ ଲେଖା ନିର୍ବାଚନ କରିବାରେ ବ୍ୟସ୍ତ ଥାଆନ୍ତି ।.. ମୋର ବୟସ ସେତେବେଳେ ଖୁବ୍ କମ, ଅଠର କି ଉଣେଇଶ ହେବ, ସେଇଁ କବିତାଟି ମୁଁ ବର୍ମାଙ୍କ ହାତକୁ ଦେଲି, ତାହା ଗୋଟିଏ ପ୍ରେମ କବିତା । ଫୁସ ଫୁସ କରି ମୁଁ ବର୍ମାଙ୍କ କାନରେ କହିଲି, ମୋ ନାମ ପ୍ରକାଶ ନ କରିବାକୁ ।

କବିତାଟି ବି. ବର୍ମା ପଣ୍ଡିତ ନୀଳକଣ୍ଠଙ୍କ ଟେବୁଲ ଉପରେ ଥୋଇଦେଲେ । କବିତାଟିର ମୁଁ ନାଁ ରଖିଥିଲି ସମ୍ଭବତଃ "ନବପୁଷ୍ପିତା" । ପଣ୍ଡିତ ନୀଳକଣ୍ଠ କବିତାଟି ଉପରେ ଦୃଷ୍ଟି ପକାଉ ପକାଉ ମୁଁ ଭୟରେ ଥରିଯାଇ ଲାଜରେ ଲାଲ ପଡ଼ିଗଲି । କିନ୍ତୁ ମୋର ସେ ଅବସ୍ଥା ସମ୍ପୂର୍ଣ୍ଣ ଅଜ୍ଞାତ ରହିଥିଲା, ଅନ୍ୟମାନଙ୍କ ପକ୍ଷରେ । ପଣ୍ଡିତ ନୀଳକଣ୍ଠ କବିତାଟିକୁ ଦୁଇ କି ତିନିଥର ପଢ଼ିଗଲେ । ହଠାତ୍ ପାଟିକରି ଉଠି ପଚାରିଲେ "କିଏ ଲେଖିଛି ?"...ବର୍ମା ନୀରବ ଦେଖି ମୁଁ ଆହୁରି ଡରିଗଲି । ତାଙ୍କ ହାତକୁ ପଛରୁ ଚିମୁଟି ଦେଲି ଥରେ । ପରିଶେଷରେ ବାଧ୍ୟ ହୋଇ କବିତାର ଲେଖକ ରୂପେ ନିଜ ଉପରକୁ ଦାୟିତ୍ୱ ନେଲେ । ନୀଳକଣ୍ଠବାବୁ ତାହା ପରେ କବିତାଟିରେ ବର୍ମାଙ୍କ ନାମ ନିଜ ହାତରେ ଲେଖି ଦେଇ କବିତାଟିକୁ ପଢ଼ିବାକୁ ଆରମ୍ଭ କଲେ—...।

"ଏ କି ଅନନୁଭୂତ
ହୁଏ ଅନୁଭୂତ
ନୂତନ ଭାବପ୍ରାଣେ ସଖିଗୋ;
ପ୍ରତି ଅଙ୍ଗରେ ମୋର
ଏ କି ସୁଷମା ଝର
ଉଦାସ କିମ୍ପା ପ୍ରାଣ-ପକ୍ଷୀଗୋ ।"

କବିତାଟିକୁ ଆବୃତ୍ତି କରି ପଢ଼ିସାରିବା ପରେ ନୀଳକଣ୍ଠବାବୁ କବିତାଟିର ନାମ ରଖିଲେ "ନବବନିତା" । "ନବଭାରତ" ପ୍ରକାଶ ପାଇବା ପରେ ଦେଖିବାକୁ ମିଳିଲା "ଜୟ ନବଭାରତ ସୁନ୍ଦରହେ" ପ୍ରଥମ କବିତା ପରେ ଦ୍ୱିତୀୟ ସ୍ଥାନ ପାଇଛି

Digitized by srujanika@gmail.com

"ନବବନିତା"। ଏ ଘଟଣାର କିଛି ଦିନ ପରେ ମୁଁ ନିଜ ନାମରେ 'ନବଭାରତ' ପାଇଁ ଗୋଟିଏ ଭକ୍ତିମୂଳକ କବିତା ଦେଲି। କବିତାଟିର ନାମ "କହ୍ନାଇ"। ସେଥିରେ ମୁଁ ଲେଖିଥାଏ—

"କହ୍ନାଇ ଦୈନ୍ୟ କହ୍ନାଇ ଦୁଃଖ
କହ୍ନାଇ ହାହାକାର
ଯଦିବା ତମେ କରୁଣା ପାରାବାର !"

କବିତାଟି ପ୍ରକାଶ ପାଇଲା କିନ୍ତୁ ତାହା ମାତ୍ରାବୃତ୍ତ ଛନ୍ଦରେ ଲେଖି ନ ଥିବାରୁ ଶ୍ରୀ ହରିଶ୍ଚନ୍ଦ୍ର ବଡ଼ାଳ କେତୋଟି ସ୍ଥାନରେ ଛନ୍ଦଭଙ୍ଗ ଦର୍ଶାଇ ରଚନାର ଖ୍ୟାଂଶ ସମାଲୋଚନା କଲେ। କିଛି ଦିନ ମୁଁ ଆଉ 'ନବଭାରତ' ଅଫିସକୁ ଗଲି ନାହିଁ। କିଛି ଦିନ ପରେ ମନର ପରିବର୍ତ୍ତନ ଘଟିବାରୁ ମୁଁ ପୁଣି ଥରେ ନୀଳକଣ୍ଠ ବାବୁଙ୍କ ପାଖକୁ ଯାଇ ସାମାନ୍ୟ ଭୟଜଡ଼ିତ ମନରେ ଠିଆ ହେଲି। ନୀଳକଣ୍ଠବାବୁ ମୋ ମୁହଁକୁ ଅନେଇ ଅନେଇ କହିଲେ, "ଏତିକି ବେଳୁ ଏମିତି ଡରିଗଲେ ଚଳିବ? ମୁଁ ତଥାପି ସାହସ ଆହରଣ କରି କହିଲି "ଆପଣ ମୋ କବିତାଟି ସଂଶୋଧନ ନ କରି ତାହାକୁ ଛାପିଲେ ପୁଣି ତାହାର ତୀବ୍ର ସମାଲୋଚନା ମଧ୍ୟ ଛାପି ଦେଲେ ?

ପଣ୍ଡିତ ନୀଳକଣ୍ଠ ମୋ ପ୍ରଶ୍ନ ଶୁଣି ହସି ହସି କହିଲେ "ଉଦ୍ୟମଟା ଭଲ ହୋଇଛି। ତମ କବିତାର ଭାବକୁ ତ କେହି ସମାଲୋଚନା କରିନ, ମୁଁ ସେଥିରେ ମୁଗ୍ଧ ହୋଇଛି। ଆଜି ଗୋଟିଏ କବିତା ନିହାତି ଦରକାର ଦେଲ, ନ ହେଲେ ମୁଁ ତୁମ ଉପରେ ଖୁବ୍ ରାଗିବି।"

ଏ କେବଳ ଶିଶୁର ସରଳତା। ମୋ ଭଳି ଅଳ୍ପ ବୟସର ଏକ ତରୁଣ ପକ୍ଷରେ ପଣ୍ଡିତ ନୀଳକଣ୍ଠଙ୍କ ବିଚାରକୁ ସମ୍ମାନ ଦେବା ଛଡ଼ା ଅନ୍ୟ କିଛି ପନ୍ଥା ସେତେବେଳେ ରହିଲାନି। ଗୋଟିଏ କବିତା ପକେଟରୁ କାଢ଼ି ତାଙ୍କ ଆଗରେ ରଖିଦେଲି—"ମୌନ ଓ ଗମ୍ଭୀର ପଣ୍ଡିତ ନୀଳକଣ୍ଠ କବିତାଟି ଉଚ୍ଚାରଣ କରି ପଢ଼ିଗଲେ—

"ଗମ୍ଭୀର ଆହେ ମଉନ
କେବେ ମୁଁ ପଚାରେ
କିଛି କାହିଁ ତୁମେ କହୁନ ?"

ବିସ୍ମୟ ବିସ୍ମିତ ଆଖିରେ ମୋ ମୁହଁକୁ ତାନେ ଅନାଇ ଯାଇ ନୀଳକଣ୍ଠ କହିଲେ "ଏଭଳି କବିତାକୁ ଲୁଚେଇ ରଖି ତମେ ଛାପିବାକୁ ଦଉନ ? ତମେ 'ନବଭାରତ'କୁ କବିତା ଦେଲେ ବାସ୍ତବିକ ମୁଁ ରାଗିବି।" ମୁଁ ମଧ୍ୟ ତାଙ୍କର ଏ କଥାରେ ପ୍ରବୁଦ୍ଧ ଓ

Digitized by srujanika@gmail.com

ହତବାକ୍ ହୋଇ ପଡ଼ିଲି । ପରେ ନୀଳକଣ୍ଠ ହୁଏତ ରାଗିଥିବେ କିନ୍ତୁ ଏହା ପରେ 'ନବଭାରତ'କୁ ମୁଁ ଆଉ କବିତା ଦେଇନି । ତା ପରେ ଦେଇଥିଲି ଗୋଟିଏ କ୍ଷୁଦ୍ର ଗଳ୍ପ "ବଜାଲକ୍ଷ୍ମି ପୃଥ୍ୱୀ" । ତଥାପି ମଧ୍ୟ ସେ କା'ହାତରେ କହି ପଠାଇଥିଲେ ଜ୍ଞାନୀନ୍ଦ୍ରଙ୍କୁ କହିବ ତାଙ୍କ ଗଳ୍ପ ଲେଖା ମଧ୍ୟ ଭଲ ହେଉଛି ।

ଏହାର ଦୀର୍ଘ ବ୍ୟବଧାନ ପରେ ମୋର "ବୋଲେ ହୁଁ ଟି" ପଢ଼ି ତାଙ୍କୁ ଥରେ ଦେଖା କରିବାକୁ ସେ ଅଶୋକବାବୁଙ୍କ ହାତରେ ଖବର ଦେଇଥିଲେ । 'ନବଭାରତ'ରେ ଏ ବହିର ସମାଲୋଚନା କରି ସେ ମଧ୍ୟ ଉଚ୍ଚପ୍ରଶଂସା କରିଥିଲେ । କିନ୍ତୁ ଯେତେବେଳେ ତାଙ୍କୁ ଯାଇ ମୁଁ ଦେଖାକଲି ସେ ହସି ହସି ପଚାରିଲେ "ଲହୁଣୀ ତ ଲହୁଣୀ ଅତି ଲହୁଣୀ କଣ କହେ ?" 'ବୋଲେ ହୁଁ ଟି'ରେ "ଅତିନବନୀତା" ବୋଲି ମୁଁ ଗୋଟିଏ ସ୍ଥାନରେ ଲେଖିଥିଲି । ସେଥିଯୋଗୁଁ ସେ ମୋତେ ଏପରି ପରିହାସ କରି କହିଲେ ।

ଆଜି ସେହି ମନୀଷୀ ନୀଳକଣ୍ଠ ଆଉ ନାହାନ୍ତି । ତାଙ୍କ ସହ କୌଣସି ପ୍ରକାର ଆଲୋଚନା କରିବା ବେଳେ ସେ ଯେଉଁ ପାଣ୍ଡିତ୍ୟ, ଭାବ ଗମ୍ଭୀରତା ଏବଂ ସାରଲ୍ୟ ତଥା ହାସ୍ୟରସର ପରିବେଶ ସୃଷ୍ଟି କରି ଦିଅନ୍ତି ତାହା ଅନ୍ୟତ୍ର ଏକାନ୍ତ ବିରଳ । ଅତି ଅଳ୍ପ ବୟସରେ ତାଙ୍କଠାରୁ ମୁଁ ଯେଉଁ ସ୍ନେହ ଶ୍ରଦ୍ଧା ଓ ଗୁଣଗ୍ରାହକତା ଲାଭ କରିଥିଲି, ତାହା ମୋ ପକ୍ଷରେ ଉଜ୍ଜ୍ୱଳ ସ୍ମରଣିକା ହୋଇ ରହିଛି ।

( କଳିଙ୍ଗ—ତା ୧୨ । ୧୧ । ୬୭ )

Digitized by srujanika@gmail.com

# କବି ଓ ମନୀଷୀ ନୀଳକଣ୍ଠ

ଡଃ କୃଷ୍ଣଚନ୍ଦ୍ର ଦାଶ

ପୃଥିବୀୟ ଓ ଭାରତୀୟ ପରିପ୍ରେକ୍ଷୀରେ ଉତ୍କଳୀୟ ସଂସ୍କୃତିର ବୈଶିଷ୍ଟ୍ୟ ଦେଖାଇଲା ଭଳି ବିଦଗ୍ଧ ପ୍ରସାରିତ ଦୃଷ୍ଟି ଓ ଜାତୀୟ ଗୌରବବୋଧ ପଣ୍ଡିତ ନୀଳକଣ୍ଠଙ୍କର ଥିଲା । କି ରାଜନୀତି କି ସଂସ୍କୃତି କି ସାହିତ୍ୟ ସର୍ବ ପରିବେଶରେ ଛିଡ଼ା ହେବାଭଳି ଶକ୍ତି ସାହସ ଓ ଆତ୍ମପ୍ରତ୍ୟୟ ସେ ଅର୍ଜନ କରିଥିଲେ । ସତ୍ୟବାଦୀ ବନବିଦ୍ୟାଳୟ ନିର୍ମାଣରେ ଗୋପବନ୍ଧୁଙ୍କର ଡାହାଣହାତ ଥିଲେ ସେ । ସେ କାଳର ଜଣେ ଶ୍ରେଷ୍ଠ ଶିକ୍ଷାବିତ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଅଗ୍ରଯାତ୍ରୀ, ଜାତୀୟ କଲ୍ୟାଣକର କର୍ମରେ ପରାମର୍ଶଦାତା, ଜଗନ୍ନାଥ ଧର୍ମକୁ ଲୋକପ୍ରିୟ କରିବାରେ ମୁଖ୍ୟ ବ୍ୟାଖ୍ୟାକାରୀ ସାହିତ୍ୟରେ ଦିଗ୍‌ଦର୍ଶକ ପଣ୍ଡିତ ନୀଳକଣ୍ଠଙ୍କର ତୁଳନା ନାହିଁ । 'ପରମ୍ପରା ଉପରେ ପରିସ୍ଥିତିକୁ ଥୋଇ ସୂକ୍ଷ୍ମଦୃଷ୍ଟି' ନିକ୍ଷେପ ତାଙ୍କ ବିପୁଳ ସାଂସ୍କୃତିକ ବ୍ୟକ୍ତିତ୍ୱର ଏକ ମହାନ୍ ବୈଶିଷ୍ଟ୍ୟ ଥିଲା । ଭଣ୍ଡାମି, ମିଥ୍ୟା ଓ ଧାର୍ମିକ ଶାଠ୍ୟର ସଂହାରକ ମୈତ୍ରୀଧର୍ମର ପ୍ରଚାରକ ଆର୍ଯ୍ୟ ଧର୍ମର ନୂତନ ପ୍ରବର୍ତ୍ତକ ମୌଳିକ ସମାଲୋଚକ, ଦାର୍ଶନିକ ଓ କବି ନୀଳକଣ୍ଠ ଅନନ୍ୟ ସାଧାରଣ ।

ବଡ଼ ହେବାର ଉଚ୍ଚାକାଂକ୍ଷା ଜାଗ୍ରତ ହେଉଥିଲା ତାଙ୍କ ସଂସ୍ପର୍ଶରେ ସଂସ୍କୃତିର ନବ ନବ ଦ୍ୱାର, ଚିନ୍ତାର ଅଦୃଶ୍ୟ ରହସ୍ୟମୟ ସ୍ତର ସବୁ ସେ ଉଦ୍‌ଘାଟନ କରୁଥିଲେ ମୁହୂର୍ତ୍ତେ ମୁହୂର୍ତ୍ତେ । ସକ୍ରେଟିସ ବା ପ୍ଲାଟୋଙ୍କ ପରି ଦିଶୁଥିଲେ ସେ । ସେପରି ଏକ ପୌରୁଷସମ୍ପନ୍ନ ତେଜୋଦୀପ୍ତ ମୁଖ ଓଡ଼ିଶାରେ ବିରଳ ।

'କୋଣାର୍କେ' 'ଖାରବେଳ', 'ସଂସ୍କୃତ ଓ ସଂସ୍କୃତି', ଓଡ଼ିଆ ସାହିତ୍ୟର କ୍ରମ ପରିଣାମ', ଓଡ଼ିଆ ଭାଷା ଓ ସାହିତ୍ୟ', 'ଗୀତାଭାଷ୍ୟ', 'ଆର୍ଯ୍ୟଜୀବନ', ଓ ବହୁ ଚିନ୍ତା ଉଦ୍ଦୀପକ ପ୍ରବନ୍ଧର ରଚୟିତା ସେ । ସାହିତ୍ୟ ପତ୍ରିକା ଭାବରେ ତାଙ୍କ 'ନବଭାରତ' ସର୍ବଶୀର୍ଷ ଆସନ ଅଧିକାର କରିଥିଲା ।

ଭାବାଦର୍ଶରେ ନୀଳକଣ୍ଠ ଭକ୍ତକବି ମଧୁସୂଦନଙ୍କ ଅଧିକ ନିକଟବର୍ତ୍ତୀ । ନୀଳକଣ୍ଠଙ୍କ ନାରୀ ବୀରାଙ୍ଗନା, ଲାବଣ୍ୟବତୀ ବା ନାୟିକା ପରି କେବଳ ପ୍ରଣୟିନୀ ନୁହନ୍ତି । ଯୁବତୀର ଯୌବନଶ୍ରୀ ସେ ଅଙ୍କନ କରି ନାହାନ୍ତି । ସେ ଖୋଜିଛନ୍ତି ଅନ୍ତରର ରୂପ, ଚରିତ୍ରର

Digitized by srujanika@gmail.com

ତୁଙ୍ଗତା, ପ୍ରାଣପ୍ରାଚୁର୍ଯ୍ୟ । ଚରିତ୍ର ବା ମାନବତା ବିନା ରୂପର କି ମୂଲ୍ୟ ? ଉତ୍ତୁଙ୍ଗ, ସୁନ୍ଦର ଚରିତ୍ର ସୃଷ୍ଟି, ପୌରୁଷସମ୍ପନ୍ନ, ମହନୀୟ ବ୍ୟକ୍ତିତ୍ୱ ନିର୍ମାଣ ତାଙ୍କର ଲକ୍ଷ୍ୟ ଥିଲା । ଯେଉଁ ପ୍ରେମରେ ତ୍ୟାଗ ନାହିଁ, ମହତ୍ତ୍ୱ ନାହିଁ, ଯେଉଁ ବ୍ୟକ୍ତିତ୍ୱରେ ପ୍ରାଣୋତ୍ସର୍ଗ ନାହିଁ, ସେ ତାକୁ କବିତାରେ ଗ୍ରହଣ କରି ନାହାନ୍ତି । ତେଣୁ ତାଙ୍କ ସତ୍ୟବାଦୀ ବନବିଦ୍ୟାଳୟ ନିର୍ମାଣ ଓ କାବ୍ୟ ନିର୍ମାଣ ମଧ୍ୟରେ କୌଣସି ବୈଷମ୍ୟ ପରିଦୃଷ୍ଟ ହୁଏ ନାହିଁ ।

ତିରୋଧାନର ଅଳ୍ପକାଳ ପରେ ବି ତାଙ୍କ ଜୟନ୍ତୀ ଓଡ଼ିଶାରେ ସର୍ବତ୍ର ପାଳିତ ନ ହେଉଥିବା ଦୁଃଖର କଥା । ଜୟନ୍ତୀ ବା ସ୍ମୃତିସଭା ପାଳନରେ ଜାତି ନୂତନ ଗତିଲାଭ କରେ, ଗତ ଆତ୍ମାର ସଦ୍‌ଗତିରେ ଏହା ସାହାଯ୍ୟ କରେ ନାହିଁ । ଏହା ବୁଝି ପାରିଲେ ପ୍ରତିଭାର ଯଥାର୍ଥ ପୂଜା ଏ ଦେଶରେ ହେବ ।

( 'ସମାଜ'—ତା ୭ । ୧୧ । ୭୭ )

Digitized by srujanika@gmail.com

# ମନୀଷୀ ପଣ୍ଡିତ ନୀଳକଣ୍ଠ

ଶ୍ରୀ ରାମପ୍ରସାଦ ସିଂହ

**ପ**ଣ୍ଡିତ ନୀଳକଣ୍ଠଙ୍କ ସହିତ ଓଡ଼ିଶାରେ ଗୋଟା ଏ ଯୁଗର ଅବସାନ ହୋଇଛି । ଏ ଯୁଗ ଥିଲା ପାଣ୍ଡିତ୍ୟର ଯୁଗ, ସଭ୍ୟତା ଓ ସଂସ୍କୃତିର ଯୁଗ, ତ୍ୟାଗ ଓ ସାଧନାର ଯୁଗ, ମାନବିକତା ଓ ମହାନୁଭବତାର ଯୁଗ । ସତ୍ୟବାଦୀର ବକୁଳବନରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ କେନ୍ଦ୍ର କରି ଯେଉଁ ଋଷି-ଆଶ୍ରମ ପ୍ରତିଷ୍ଠିତ ହୋଇଥିଲା, ସେଠାରେ ସ୍ୱାର୍ଥତ୍ୟାଗର ଯେଉଁ ମହାଯଜ୍ଞ ଆରମ୍ଭ ହୋଇଥିଲା; ସେଥିରେ ପଣ୍ଡିତ ନୀଳକଣ୍ଠ ଥିଲେ ପଞ୍ଚପୁରୋଧା । ଦୁର୍ବାସାଙ୍କ ପରି ସେ ଥିଲେ ତେଜସ୍ୱାନ, ତାଙ୍କରି ପରି ଜ୍ଞାନୀ, ତାଙ୍କରି ପରି ତପସ୍ୱୀ, ତାଙ୍କରି ପରି ଦୁର୍ବାର । ସେ ଥିଲେ ମୋର ପରମ ପୂଜ୍ୟ । ତାଙ୍କରି ପାଦତଳେ ବସି ଶାସ୍ତ୍ର ଅଧ୍ୟୟନ କରିବାର ସୌଭାଗ୍ୟ ମୋତେ ମିଳିଥିଲା ।

ପଣ୍ଡିତଜୀ ତାଙ୍କ ଜୀବନରେ ଧନ କାମନା କରି ନ ଥିଲେ, କରିଥିଲେ ସୁଖରେ ଆଶ୍ରମରେ ଜୀବନ ଅତିବାହିତ କରିଥାନ୍ତେ । ପ୍ରାଚୀନ ଯୁଗର ମୁନିଋଷିଙ୍କ ପରି ସେ ଜ୍ଞାନର ଆରାଧନା କରିଥିଲେ । ଏ ସାଧନାରେ ସେ ସିଦ୍ଧି ଲାଭ କରିଥିଲେ । ସେଥିପାଇଁ ସେ ହୋଇପାରିଥିଲେ ପଣ୍ଡିତ—ମହାନ ପଣ୍ଡିତ । ଏ ପାଣ୍ଡିତ୍ୟ ମହାସମୁଦ୍ର ପରି ଅଗାଧ, ଦିଗନ୍ତ ପ୍ରସାରିତ । ଏହା ଥିଲା ଦିବ୍ୟ ଜ୍ୟୋତିରେ ଉଦ୍ଭାସିତ, ପ୍ରଶାନ୍ତ, ମହାନ ।

ତାଙ୍କର ଆତ୍ମଜୀବନୀ ସେ ଲିପିବଦ୍ଧ କରି ଯାଇଛନ୍ତି; ଏଥିରେ ତାଙ୍କ ଯୁଗର ଇତିହାସ ବର୍ଣ୍ଣିତ ହୋଇଛି । ଏଥିରେ ଅନେକ କଥା କୁହାଯାଇଛି, ଅନେକ କଥା ମଧ୍ୟ ଅକୁହା ରହିଛି । ଆତ୍ମଜୀବନୀ ରଚନା କରିବାକୁ ଗଲେ ଏ ଧରଣର ବିଡ଼ମ୍ବନା ଅବଶ୍ୟମ୍ଭାବୀ । ରୁଷୋଙ୍କଠାରୁ ମହାତ୍ମାଗାନ୍ଧୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଏ ବିଡ଼ମ୍ବନାର ସମ୍ମୁଖୀନ ହେବାକୁ ପଡ଼ିଛି; ପଣ୍ଡିତ ନୀଳକଣ୍ଠଙ୍କୁ ମଧ୍ୟ ପଡ଼ିଛି । ତଥାପି ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଏହା ଯେ ଏକ ଅମୂଲ୍ୟ ସମ୍ପଦ, ଏଥିରେ ସନ୍ଦେହର ସ୍ଥାନ ନାହିଁ । ତେଣୁ ତାଙ୍କର ଜୀବନ ଚରିତ ବିଷୟରେ ଏଠାରେ କିଛି ଉଲ୍ଲେଖ କରିବା ଅନାବଶ୍ୟକ ।

୧୯୨୧ରେ ଭାରତର ଯେଉଁ ମୁକ୍ତି ସଂଗ୍ରାମ ଆରମ୍ଭ ହୋଇଥିଲା, ତାହାର ଜଣେ ନଗଣ୍ୟ ସୈନିକ ଭାବରେ ମୁଁ ପ୍ରଥମେ ତାଙ୍କ ସଂସ୍ପର୍ଶରେ ଆସିଥିଲି । ସେହି ସମୟରେ ତାଙ୍କର ନଭଶ୍ଚୁମ୍ବୀ ପାଣ୍ଡିତ୍ୟ ଓ ମହାନ ପ୍ରତିଭାର ପରିଚୟ ଲାଭ କରିବାର ଅପୂର୍ବ ସୁଯୋଗ ଲାଭ କରିପାରିଥିଲି ।

Digitized by srujanika@gmail.com

ଅସହଯୋଗ ଆନ୍ଦୋଳନ ଓ ସ୍ୱରାଜ ଦଳରେ ତାଙ୍କର କାର୍ଯ୍ୟକଳାପ ବିଷୟ ତାଙ୍କ ଆତ୍ମଚରିତରେ ସେ ବର୍ଣ୍ଣନା କରିଛନ୍ତି । ୧୯୩୭ ମସିହା ନିର୍ବାଚନ ବେଳେ ସେ ନିଜେ ସ୍ୱର୍ଗୀୟ ଜବାହରଲାଲ ନେହେରୁଙ୍କ ସହିତ ଝଡ଼ ପରି ଓଡ଼ିଶାର ଏମୁଣ୍ଡ ସେମୁଣ୍ଡ ବୁଲି ସ୍ୱାଧିନତାର ଯେଉଁ ବାର୍ତ୍ତା ପ୍ରଚାର କରିଥିଲେ, ସେ କଥା ମଧ୍ୟ ଏଠାରେ କହିବି ନାହିଁ, ମୁଁ ଏଠାରେ ପଣ୍ଡିତଜୀଙ୍କ ସମ୍ପର୍କରେ ଏପରି କେତେକ କଥାର ଅବତାରଣା କରିବି ଯାହା ତାଙ୍କର ଆତ୍ମଜୀବନୀରେ ସ୍ଥାନ ପାଇ ନାହିଁ, ଯାହା ଇତିହାସରେ ମଧ୍ୟ ଅଜଣା ରହିଯିବ ।

୧୯୩୦ର ସତ୍ୟାଗ୍ରହ ଆନ୍ଦୋଳନରେ ବନ୍ଦୀ ହୋଇ ପଣ୍ଡିତଜୀ ହଜାରିବାଗ କେନ୍ଦ୍ର ଜେଲକୁ ଆସିଲେ । ସେତେବେଳେ ବିହାର ଓ ଓଡ଼ିଶା ଗୋଟିଏ ପ୍ରଦେଶ ଥିଲା । ହଜାରିବାଗ କେନ୍ଦ୍ର ଜେଲ ଥିଲା, ଆଜି ମଧ୍ୟ ଅଛି । ସେ ସମୟରେ ଏଥିରେ ବିହାରର ବାବୁ ରାଜେନ୍ଦ୍ର ପ୍ରସାଦ, ବାବୁ ଶ୍ରୀକୃଷ୍ଣ ସିଂହ, ବାବୁ ଦୀପନାରାୟଣ ସିଂହ, ତତ୍କାଳୀନ ମୁଖ୍ୟମନ୍ତ୍ରୀ ବାବୁ କୃଷ୍ଣବଲ୍ଲଭ ସହାୟ ପୂର୍ବତନ ମୁଖ୍ୟମନ୍ତ୍ରୀ ବାବୁ ମହାମାୟାପ୍ରସାଦ ସିଂହ, କେନ୍ଦ୍ରମନ୍ତ୍ରୀ ଶ୍ରୀ ସତ୍ୟନାରାୟଣ ସିଂହ, ପ୍ରମୁଖ ନେତା, ପଣ୍ଡିତ ଓ ବିଶିଷ୍ଟ କର୍ମୀମାନେ ଥିଲେ, ସେମାନଙ୍କ ମଧ୍ୟରୁ ପ୍ରଥମ ତିନି ଜଣ ଆଜି ସ୍ୱର୍ଗରେ । ଓଡ଼ିଶାରୁ ଥିଲେ ଶ୍ରୀ ଗୋପବନ୍ଧୁ ଚୌଧୁରୀ, ଶ୍ରୀ ଯଦୁମଣି ମଙ୍ଗରାଜ, ଡଃ ହରେକୃଷ୍ଣ ମହତାବ ପ୍ରମୁଖ ୨୭ ଜଣ ଓଡ଼ିଶାର ନେତା ଓ କର୍ମୀ ।

ପଣ୍ଡିତ ନୀଳକଂଠ ସନ୍ଧ୍ୟା ସମୟରେ ଜେଲରେ ପହଞ୍ଚିଲେ । ତାଙ୍କୁ ପାଇ ଓଡ଼ିଶାର ସବୁ ବନ୍ଦୀ ଖୁବ ଆନନ୍ଦିତ ହେଲେ; ତାଙ୍କର ଖାଦ୍ୟପେୟର ମଧ୍ୟ ବ୍ୟବସ୍ଥା ହୋଇଗଲା ।

ମୁଁ ସେତେବେଳେ ୭ ବର୍ଷ ୭ମାସ କାରାଦଣ୍ଡ ପାଇ ସେଇ କଇଦୀଖାନାରେ ଥାଏ ।

ହଜାରିବାଗ ଜେଲ ଭିତରେ ଅନେକ ଗୁଡ଼ିଏ ଜେଲ ଅଛି । ତାକୁ ଓ୍ୱାର୍ଡ ବୋଲି କହନ୍ତି । ପ୍ରତ୍ୟେକ ଓ୍ୱାର୍ଡରେ ୨୮ଟି କୋଠରୀ ବା ସେଲ । ପ୍ରତ୍ୟେକ ସେଲ ଅନ୍ୟ ସେଲ ଠାରୁ ଅଲଗା । ତିନି ନମ୍ବର ଓ୍ୱାର୍ଡରେ ଓଡ଼ିଶାର ବନ୍ଦୀମାନେ ଥାଆନ୍ତି । ସନ୍ଧ୍ୟା ପୂର୍ବରୁ ସେମାନଙ୍କ ଖାଇବାକୁ ଦିଆଯାଏ ଓ ଦିନ ୭ଟା ବେଳକୁ ସେଲରେ ବନ୍ଦୀମାନେ ପଶନ୍ତି ଓ ସେଲ ଆଗରେ ଥିବା ଲୁହା କବାଟ ବନ୍ଦ ହୋଇ ତାଲା ପଡ଼େ । ବାହାରେ ଓ୍ୱାର୍ଡର ଜଗି ଥାଏ ।

ଆସିବା ଦିନ ପଣ୍ଡିତଜୀଙ୍କୁ ୧ନମ୍ବର ସେଲରେ ରଖାଗଲେ । କବାଟ ବନ୍ଦ ହେଲା ।

ତାଙ୍କୁ ୧୪ ବର୍ଷ ଜେଲ ଦଣ୍ଡ ହୋଇଥାଏ ।

Digitized by srujanika@gmail.com

ପରଦିନ ସକାଳେ ତାଙ୍କ ସହିତ ସାକ୍ଷାତ କରିବା ପାଇଁ ବାବୁ ରାଜେନ୍ଦ୍ର ପ୍ରସାଦ ବାବୁ ଶ୍ରୀକୃଷ୍ଣ ସିଂହ ପ୍ରମୁଖ ବିହାରର ନେତାମାନେ ଆସିଲେ । ସେ ଦିନ ବୁଝିପାରିଲି ପଣ୍ଡିତଜୀଙ୍କୁ ଏମାନେ କିପରି ଭକ୍ତି କରନ୍ତି ।

ଜେଲରେ ତାଙ୍କର ଦୈନନ୍ଦିନ କାର୍ଯ୍ୟ ସନ୍ଧ୍ୟା ବେଳକୁ ଆରମ୍ଭ ହୁଏ । ରାତି ୩ଟା ୪ଟା ପର୍ଯ୍ୟନ୍ତ ସେ ପୁସ୍ତକ ପାଠ କରନ୍ତି; ଦିନ ୭ଟା ୮ଟା ପର୍ଯ୍ୟନ୍ତ ସେ ବିଶ୍ରାମ ନିଅନ୍ତି । ଦିନସାରା ଅଧ୍ୟୟନ ଓ ଆଲୋଚନାରେ ଅତିବାହିତ ହୁଏ । ସେ ଜେଲରେ ବନ୍ଦୀ ଥିବା ବଡ଼ ବଡ଼ ପଣ୍ଡିତମାନେ ତାଙ୍କ ସହିତ ଶାସ୍ତ୍ର ଆଲୋଚନା କରନ୍ତି । ତାଙ୍କ ବିରାଟ ପାଣ୍ଡିତ୍ୟ କଥା ମୁକ୍ତ କଣ୍ଠରେ ସମସ୍ତେ ସ୍ୱୀକାର କରନ୍ତି ।

ଜେଲରେ ପହଞ୍ଚିବା ପରେ ପଣ୍ଡିତଜୀଙ୍କ ଖାଇବା ବିଷୟରେ ଚିନ୍ତିତ ହେବାକୁ ପଡ଼ିଥିଲା । ସେ କହିଲେ, "ହଇରେ, ୧୨ବର୍ଷ କାଳ ଜେଲରେ ରହିବ, ଅନ୍ନ କୋଉଁ ସିଝା ଖାଇ ବଞ୍ଚିହେବ ତ ? ଗୋଟାଏ ପୂଝାରୀ ଦେଖ ।"

ମେଜର ଅଷ୍ଟର ବୋଲି ଜଣେ ଇଂରେଜ ସେତେବେଳେ ହଜାରିବାଗ କେନ୍ଦ୍ର ଜେଲରେ ସୁପରିଣ୍ଟେଣ୍ଡେଣ୍ଟ ଥିଲେ । ସେ ପଣ୍ଡିତଜୀଙ୍କୁ ଅତ୍ୟନ୍ତ ସମ୍ମାନ କରୁଥିଲେ । ତାଙ୍କୁ ଏ କଥା କହିବାରୁ ସେ ଦରଭଙ୍ଗାର ଧରଣୀଧର ମିଶ୍ର ନାମକ ଜଣେ ନୈଷ୍ଠିକ ମୈଥିଳୀ ବ୍ରାହ୍ମଣଙ୍କୁ ପଠାଇଲେ । ସେ ଜଣେ ବଡ଼ ଜମିଦାର ଥିଲେ । ଭୂମିବାଡ଼ି ସମ୍ପର୍କୀୟ ଗଣ୍ଡଗୋଳରେ ନରହତ୍ୟା ଘଟିବାରୁ ତାଙ୍କୁ ଆଜୀବନ କାରାଦଣ୍ଡ ହୋଇଥିଲା ।

ମୋ ସାଙ୍ଗରେ ଧରଣୀଧର ମିଶ୍ରଙ୍କୁ ଦେଖି ପଣ୍ଡିତଜୀ କହିଲେ, "ଆରେ ଏ କିଏ ? ଏ ତ ବ୍ରାହ୍ମଣଟାଏ । ବ୍ରାହ୍ମଣଙ୍କୁ ସେବା କାର୍ଯ୍ୟରେ ଲଗାଇବା ନିଷେଧ ବୋଲି ଶାସ୍ତ୍ରରେ ଲେଖା ଅଛି । ପୁଣି ଏମାନଙ୍କ ପୂର୍ବପୁରୁଷ ତ ତଣ୍ଡୁଳ ଓ କଦଳୀ ସିଝା ଖାଉଥିଲେ । ଏମାନେ ଖାଇ ଜାଣନ୍ତି ଯେ କେମିତି ଖୁଆଇବେ ? ତୁ ଗୋଟାଏ କାମ କର । ଯେଉଁମାନେ ଖାଇ ଖାଇ ଭାରତର ସିଂହାସନଟାକୁ ଖାଇ ଦେଇଥିଲେ, ସେହିପରି ଗୋଟାଏ ଲୋକ ଦେଖ ।" କି ଉଦାରତା ! ସେ ଶ ସମୀ ବ୍ରାହ୍ମଣ ଥିଲେ, ହିନ୍ଦୁ ସମାଜର ନେତା ଥିଲେ, କିନ୍ତୁ ସଂକୀର୍ଣ୍ଣ ସାଂପ୍ରଦାୟିକ ଭାବ ତାଙ୍କୁ ସ୍ପର୍ଶ କରି ନ ଥିଲା ।

ଆଉ ଗୋଟାଏ ଘଟଣା ଲେଖି ମୋର ବକ୍ତବ୍ୟ ବର୍ତ୍ତମାନ ପାଇଁ ଶେଷ କରିବି ।

ପଣ୍ଡିତ ନୀଳକଣ୍ଠ ଜେଲରେ ମଧ୍ୟ ପାନ ଖାଉଥିଲେ । ପାନ ଗୁଆ ଜେଲ ନିୟମ ଅନୁସାରେ ଖୁଡ଼ ଥିଲା, କିନ୍ତୁ ଚୂନ, ଖଇର ଓ ଗୁଣ୍ଡି ଦିଆହେଉ ନ ଥିଲା । ଗୁଣ୍ଡି ଯୋଗାଇବା ଭାର ସ୍ୱର୍ଗୀୟ ଲିଙ୍ଗରାଜ ମିଶ୍ରଙ୍କ ଉପରେ ଥିଲା । ପଣ୍ଡିତଜୀଙ୍କୁ ପାନ ଯୋଗାଇବା ଦାୟିତ୍ୱ ମୋର ।

Digitized by srujanika@gmail.com

ଦିନେ କବାଟ ବନ୍ଦ ହେବା ଆଗରୁ ଦେଖିଲି ଯେ, ପାନ ପେଡ଼ିରେ ଖଣ୍ଡେ ଛିଣ୍ଡା ପାନ ପଡ଼ିଛି—ଆଉ କିଛି ନାହିଁ । ସକାଳେ ପଣ୍ଡିତଜୀଙ୍କ ଦରକାର ହେବ । ସେଥିପାଇଁ ଓଦା କନାରେ ଗୁଡ଼ାଇ ପେଡ଼ିକୁ ଯତ୍ନକରି ରଖିଲି ।

ସେ ଦିନ ଘୋର ବର୍ଷା । ବାହାରେ ଅନ୍ଧକାର । ବିଜୁଳିର ଅଟ୍ଟ ଚମକ ସହିତ ଜଳଧରର ଗମ୍ଭୀର ଗର୍ଜନ । ରାତି ପ୍ରାୟ ୧୨ଟା ।

ମୋ ଶୋଇଲେ ବସି ମୁଁ ପଢ଼ୁଛି । ପଣ୍ଡିତଜୀଙ୍କ ପାଖରୁ ଖଣ୍ଡେ ଅଧା ଫୁଲସ୍କେପ କାଗଜରେ ଲେଖାଥିବା ଗୋଟାଏ ଶ୍ଳୋକ ଓ୍ୱାର୍ଡର ଆଣି ଲମ୍ବା କବାଟ ଆରପଟେ ଦେଇ ଗଲା । ସେଥିରେ ଲେଖାଥିଲା—

"ପୀଠ ନିହିତ ନିଗଢ଼ଂ
ଭୂରିଭିନ୍ନାଢ଼ିଚରଂ
ନିପତିତ କର ମୁଷ୍ଟିଂ
ଛିନ୍ନ ତାମ୍ବୂଲ ଖଣ୍ଡ
କୃତ ବହୁଗୁଣ ଯତ୍ନଂ
ଯନ୍ତି ରାମୋଽପିରକ୍ଷ୍ୟନ୍ତ୍ୱ
ତଦପି ନହି ସଖୌ
ଭାଗ୍ୟବନ୍ତୋ ଲଭନ୍ତଃ ।"

ସଙ୍ଗେ ସଙ୍ଗେ ଅବରୁଦ୍ଧ କାରାକକ୍ଷ ଭିତରୁ ପଣ୍ଡିତଜୀ ଡାକିଲେ, 'ରାମପ୍ରସାଦ, ପଢ଼ିଲୁ ! ବୁଝିଲୁ କି ?'

ଉତ୍ତର ଦେଇଥିଲି, "ଆଜି କାଲି ବଡ଼ସକାଳୁ ଶ୍ରୀବାବୁଙ୍କ ପାଖକୁ ଯାଇ ପାନ ଭିକ୍ଷା କରିବାକୁ ହେବ।"

ସେପଟରୁ ବଡ଼ ପାଟିରେ ଉତ୍ତର ଆସିଲା, 'ଅରସିକେଷୁ ରସସ୍ୟ ନିବେଦନମ୍ ।'

ସପ୍ତାହକ ପରେ ତାହିଁ ଆଉ ଦିନ ଆଲୋଚନା ସଭା ଆରମ୍ଭ । ସେ ଦିନ ରାଜେନ୍ଦ୍ର ବାବୁ (ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦ), ଶ୍ରୀବାବୁ (ବିହାରର ମୁଖ୍ୟମନ୍ତ୍ରୀ ଶ୍ରୀକୃଷ୍ଣ ସିଂହ), ରାମବୃକ୍ଷ ବେନୀପୁରୀ (ପ୍ରସିଦ୍ଧ ହିନ୍ଦୀ ଲେଖକ), ସୂରଜପ୍ରସାଦ ମହାଜନ (ସେଠାର ପ୍ରସିଦ୍ଧ ପଣ୍ଡିତ) ଆଦି ଏ ସଭାରେ ପହଞ୍ଚି ଯାଇଥିଲେ । ପଣ୍ଡିତଜୀ ଏ ଶ୍ଳୋକର ଭିନ୍ନ ପ୍ରକାର ଅର୍ଥ କରି ହାସ୍ୟରୋଳ ସୃଷ୍ଟି କରିଥିଲେ ।

Digitized by srujanika@gmail.com

କେତେକ ମାସ ପରେ ଶ୍ରୀମାନ ଅଶୋକ ଦାସ ହଜାରିବାଗ ଜେଲକୁ ଆସିଲେ । ସେତେବେଳେ ତାଙ୍କର ବୟସ ଅଳ୍ପ । ନନା ସେ ଜେଲରେ ଥିଲେ ବୋଲି ବ୍ରିଟିଶ ସରକାର ତାଙ୍କୁ ସେଠାକୁ ପଠାଇଥିଲେ । ତାଙ୍କଠାରୁ ଆମେ ଶୁଣିଲୁଁ, ପଣ୍ଡିତ ମହାଶୟଙ୍କ ସହଧର୍ମିଣୀ ଶ୍ରୀମତୀ ରାଧାମଣି ଦେବୀ ମଧ କାରାରୁଦ୍ଧ ହୋଇଛନ୍ତି ।

ତାଙ୍କର ଓ ତାଙ୍କ ପରିବାରବର୍ଗଙ୍କ ତ୍ୟାଗର ମହିମାରେ ଆମେ ସମସ୍ତେ ଅଭିଭୂତ ହୋଇ ପଡ଼ିଥିଲୁ ।

ଆଜି ମୋ ଭଳି କେତେ ଜଣ ନଗଣ୍ୟ ସାହିତ୍ୟ ସେବୀ ନିଜକୁ ନିଃସହାୟ ମନେ କରୁଛୁ । କୌଣସି ବିଷୟରେ ସନ୍ଦେହ ହେଲେ ତାଙ୍କ ପାଖକୁ ଧାଇଁ ଯାଉଥିଲି । ନନା କର୍ମଜଞ୍ଜାଳ ମଧରେ ଥାଇ ଅଥରେ ମଧ୍ୟ ସେ ଫେରାଇ ଦେଉ ନ ଥିଲେ; ଆଲୋଚନା ଆରମ୍ଭ କରୁଥିଲେ, ଫେରିଲାବେଳକୁ ମନେ ହେଉଥିଲା, ଯାହା ବା ଅତି ସାମାନ୍ୟ ଜ୍ଞାନଥିଲା, ତାହାର ପରିସର ଆହୁରି ଟିକିଏ ବଢି ଯାଇଛି ।

ସେ ଗଲେ, ସେ ଆଜି ସ୍ୱର୍ଗରେ । ତାଙ୍କ ସହିତ ଓଡ଼ିଆ ଭୂମିରୁ ପାଣ୍ଡିତ୍ୟ ମଧ ଚାଲିଗଲା ।

( ପ୍ରଜାତନ୍ତ୍ର—ତା ୮ । ୧୧ । ୬୭ )

Digitized by srujanika@gmail.com

# ପ୍ରତିଭାପୁରୁଷ ନୀଳକଣ୍ଠ

ଅଧ୍ୟାପକ ଗୌରୀକୁମାର ବ୍ରହ୍ମା

ପଣ୍ଡିତ ନୀଳକଣ୍ଠ ଦାସ ଓଡ଼ିଶାର ଜଣେ ଅସାଧାରଣ ଜ୍ଞାନଗୁରୁ, ଚିନ୍ତାନାୟକ ସାହିତ୍ୟସାଧକ ଓ ବହୁମୁଖୀ ପ୍ରତିଭାବାନ୍ ପୁରୁଷପୁଙ୍ଗବ ଥିଲେ । ମୋ ପରି ଯେଉଁମାନେ ତାଙ୍କ ସହିତ ଅନ୍ତତଃ ୧୦।୧୫ ବର୍ଷକାଳ ଆଳାପ ଆଲୋଚନା, ବିଚାର-ବିବେଚନା ତଥା ଚିନ୍ତା ଓ ଚର୍ଚ୍ଚା କରିବାର ସୌଭାଗ୍ୟ ଲାଭ କରିଛନ୍ତି, ସେମାନେ ହୁଏତ ଏବେ ମଧ୍ୟ ଭାବିପାରୁ ନାହାନ୍ତି ଯେ ଏହି ପ୍ରତିଭା-ପୁରୁଷଙ୍କର ମହାପ୍ରସ୍ଥାନ ହୋଇଯାଇଛି । ତାଙ୍କ କଥା ମନେ ପଡ଼ିଲାବେଳେ, ଆଖି ଯେତେବେଳେ ପଡ଼ିଯାଏ ତାଙ୍କର ବହୁବିଧ ସାହିତ୍ୟ-ସମ୍ଭାର ଉପରେ, ମାସିକ 'ନବଭାରତ'ର ସମ୍ପାଦକୀୟ ସ୍ତମ୍ଭ ଉପରେ କିମ୍ବା ଭଗବଦ୍‌ଗୀତାର ମୌଳିକ ଚିନ୍ତାବିମଣ୍ଡିତ ସୁଦୀର୍ଘ ଭୂମିକା ଉପରେ, ସେତେବେଳେ ମନେ ହୁଏ, ସତେ ଯେପରିକି, ପଣ୍ଡିତଜୀ ପାଖରେ ବସିଅଛନ୍ତି ଏବ ପ୍ରାଚ୍ୟ ଜ୍ଞାନଭଣ୍ଡାରର ରୁଦ୍ଧଦ୍ୱାର ଉନ୍ମୁକ୍ତ କରିଦେଇ, ଜିଜ୍ଞାସାର ଅନୁରୂପ ତଥ୍ୟରାଜି ଉପସ୍ଥାପନ କରି ଦେଉଛନ୍ତି ।

ଗତ କେତେ ବର୍ଷର ସାହିତ୍ୟ ଆଲୋଚକମାନେ ଗୋପବନ୍ଧୁ ଦାସଙ୍କୁ କେନ୍ଦ୍ର କରି ସତ୍ୟବାଦୀର ପଞ୍ଚସଖାଙ୍କ କଥା ଆଲୋଚନା କରି ଆସିଛନ୍ତି । ଏଭଳି ନାମକରଣରେ ଆଦର୍ଶ ହେଉଛି ଶ୍ରୀଚୈତନ୍ୟଙ୍କର ପଞ୍ଚସଖା । ତେବେ ଏଠାରେ ପ୍ରଭେଦ ଏତିକି ଯେ, ଚୈତନ୍ୟଙ୍କୁ ମିଶାଇ ମନୁଷ୍ୟ ସଂଖ୍ୟା ସେଠାରେ ଛଅ ଥିବାବେଳେ ଏ ପ୍ରସଙ୍ଗରେ ମନୁଷ୍ୟ ସଂଖ୍ୟା କେବଳ ପାଞ୍ଚ । ତେବେ ସାହିତ୍ୟ ସାଧନା ଦୃଷ୍ଟିରୁ ଏବଂ ସାହିତ୍ୟିକ ଭାବଧାରାର ଆଭିମୁଖ୍ୟ ଦୃଷ୍ଟିରୁ ଗୋପବନ୍ଧୁ ଦାସ' ବୋଲନ୍ତେ ସତ୍ୟବାଦୀର ପଞ୍ଚସଖା ହିଁ ବୁଝାଯାଏ । ଯେପରି "ଜଗନ୍ନାଥଙ୍କୁ ଦେଖିଯାଉଛୁ" କହିଲେ ସୁଦର୍ଶନଙ୍କ ସହିତ ଅନ୍ୟ ତିନିମୂର୍ତ୍ତି ମଧ୍ୟ ବୁଝାଯାଇଥାଆନ୍ତି, ସେପରି 'ଗୋପବନ୍ଧୁ' କହିଲେ ଅନ୍ୟ ସଖା ଚତୁଷ୍ଟୟ ମଧ୍ୟ ଗୃହୀତ ହୋଇଥାଆନ୍ତି । ଗୋପବନ୍ଧୁ ଥିଲେ ଜଣେ ଆଦର୍ଶ ମାନବ ଏବଂ ସେହି ଗୁଣ ମଧ୍ୟ ପ୍ରକାଶ ପାଇଥିଲା ଆଚାର୍ଯ୍ୟ ହରିହରଙ୍କଠାରେ । ଗୋପବନ୍ଧୁଙ୍କଠାରେ ଥିଲା ନୈସର୍ଗିକ କବିତ୍ୱ । ତାହାର ଉଚ୍ଛଳ ଉତ୍ସ ଥିଲେ ପଣ୍ଡିତ ଗୋଦାବରୀଶ ମିଶ୍ର । ଜାତିକୁ ଗଢ଼ିବା ପାଇଁ ଗୋପବନ୍ଧୁଙ୍କଠାରେ ଥିଲା ଅଦମ୍ୟ ଐତିହାସିକ ଆବେଗ । ଏହି ଆବେଗର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ପଣ୍ଡିତ କୃପାସିନ୍ଧୁ ମିଶ୍ର । ଭାରତୀୟ ଦାର୍ଶନିକତା ଓ ଶାସ୍ତ୍ର-ପାଣ୍ଡିତ୍ୟ ପ୍ରତି ଗୋପବନ୍ଧୁଙ୍କର ଥିଲା ଅକଥନୀୟ ଅନୁରାଗ । ଗୋପବନ୍ଧୁଙ୍କ ବ୍ୟକ୍ତିତ୍ୱର ଏହି ବିଭବ ପରିପୂର୍ଣ୍ଣ ରୂପରେ ବିକଶିତ ହୋଇଥିଲା ପଣ୍ଡିତ ନୀଳକଣ୍ଠଙ୍କଠାରେ । ଯେଉଁ ସମୟରେ 'ପଣ୍ଡିତ' ଶବ୍ଦ ଓଡ଼ିଶାରେ ଏକାନ୍ତ ଅବହେଳିତ ସଂସ୍କୃତ ଶିକ୍ଷକମାନଙ୍କୁ ଏବଂ ପ୍ରାଥମିକ ଶିକ୍ଷକମାନଙ୍କୁ ବୁଝାଉଥିଲା, ସେହି ସମୟରେ ନୀଳକଣ୍ଠଙ୍କ ନାମ ପୂର୍ବରେ ଏହି ଶବ୍ଦ

Digitized by srujanika@gmail.com

ସଂଯୁକ୍ତ ରହି, ନିଜର ମୂଲ୍ୟ ଓ ଗୌରବ କୋଟିଏ ଗୁଣରେ ବଢ଼ାଇ ଦେଇ ପାରିଥିଲା । 'ପଣ୍ଡିତ ନୀଳକଣ୍ଠ' କହିଲେ ଓଡ଼ିଶାର ଉଚ୍ଚଶିକ୍ଷିତ ମହଲରେ ଏକ ପ୍ରକାର ଅତଙ୍କର ସୃଷ୍ଟି ହୋଇଯାଉଥିଲା । ନୀଳକଣ୍ଠଙ୍କ ସଙ୍ଗେ କୌଣସି ବିଷୟରେ ଯୁକ୍ତି କରି ନିଜ ମତକୁ ଦୃଢ଼ଭାବରେ ଜାହିର କରିପାରିବା ଭଳି ବ୍ୟକ୍ତି କେହି ଥିଲେ ବୋଲି ମୁଁ ଅନ୍ତତଃ ଜାଣି ପାରିନାହିଁ । ତାଙ୍କର ତରଙ୍ଗାୟିତ ଧବଳ ଶ୍ମଶ୍ରୁ, ତାଙ୍କର ଭୀତିପ୍ରଦ ଚକ୍ଷୁଗୋଳକର ବିଚିତ୍ର ଭଙ୍ଗୀ, ତାଙ୍କର ଚରିତ୍ରଶୃଙ୍ଖଳକର ପ୍ରତ୍ୟୁତ୍ପନ୍ନମତିତା, ତାଙ୍କର ସୂକ୍ଷ୍ମାତିସୂକ୍ଷ୍ମ ବିଶ୍ଲେଷଣ ପାଟବ, ବିଶ୍ୱ ସାହିତ୍ୟରେ ତାଙ୍କର ଅସାଧାରଣ ଅବଗାହ, ତତ୍ତ୍ୱ ପରିବେଷଣରେ ତାଙ୍କର ଅନନୁକରଣୀୟ ବିଦଗ୍ଧତା, ସ୍ୱଦେଶ ହିତସାଧନରେ ବିସ୍ମୟକର ଦୁଃସାହସିକତା, 'ଓଡ଼ିଆତ୍ୱ' ପ୍ରତିଷ୍ଠା କରିବାରେ ତାଙ୍କର ବିଲକ୍ଷଣ ମୌଳିକତା ଏବଂ ସର୍ବୋପରି ଜଗନ୍ନାଥ ଧର୍ମ ଓ ସଂସ୍କୃତିର ମୂଲ୍ୟାୟନ ମାଧ୍ୟମରେ ଉତ୍କଳର ମହତ୍ତ୍ୱବର୍ଦ୍ଧନ ଲାଗି ତାଙ୍କର ଐତିହାସିକ ଓ ଦାର୍ଶନିକ ଜ୍ଞାନ ଗରିମା—ଏ ସବୁ ତାଙ୍କର ତିରୋଧାନ ପରେ କୌଣସି ଜଣେ ବ୍ୟକ୍ତିଙ୍କଠାରେ ଏକତ୍ର ପୁଞ୍ଜିଭୂତ ହୋଇଛି ବୋଲି କଳ୍ପନା କରିବାକୁ ମଧ୍ୟ ଆଜିର ବହୁ ସୁଶିକ୍ଷିତ ତରୁଣତରୁଣୀ ସମର୍ଥ ହେବେ ନାହିଁ ।

ଏକ ସମୟରେ ଓଡ଼ିଶାରେ ଓକିଲାତି କ୍ଷେତ୍ରରେ ତରୁଣମାନଙ୍କର ଆଦର୍ଶ ଥିଲା "ମଧୁବାବୁ ସଙ୍ଗେ ଲଢ଼ିବି ।" ମଧୁବାବୁଙ୍କର ଖ୍ୟାତି ଆଇନଜୀବୀମାନଙ୍କ ମଧ୍ୟରେ "ଏଭଳି ବଢ଼ିଯାଇଥିଲା ଯେ, ଲୋକମୁଖରେ ମଧୁବାବୁଙ୍କ ସଙ୍ଗେ ଲଢ଼ିପାରିବା ହିଁ ଆଇନ ବ୍ୟବସାୟୀଙ୍କର ସର୍ବାଧିକ କୃତିତ୍ୱ ବୋଲି ଧରାଯାଉଥିଲା । ଠିକ ସେହିପରି, ପ୍ରାୟ ଅର୍ଦ୍ଧଶତାବ୍ଦୀବ୍ୟାପୀ ଓଡ଼ିଶାର ପ୍ରାଚ୍ୟ ଓ ପାଶ୍ଚାତ୍ୟ ଜ୍ଞାନସାଧନା କ୍ଷେତ୍ରରେ, "ନୀଳକଣ୍ଠଙ୍କ ପରି ହୋଇପାରିବା" ହିଁ ଜ୍ଞାନ-ସାଧକମାନଙ୍କର ଆଦର୍ଶ ଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ ।

ନୀଳକଣ୍ଠଙ୍କର ପ୍ରତିଭା ଏକାବେଳକେ ବିସ୍ମୟକର । ତାଙ୍କୁ ଚିହ୍ନିବାକୁ ହେଲେ ଯେଉଁ ଜ୍ଞାନଗରିମା ଦରକାର, ତାହା ଆଜି ଦୁର୍ଲଭ । ଶୁଣିଛି, ପଣ୍ଡିତ ଗୋଦାବରୀଶ ମିଶ୍ର ଏମ୍. ଏ. ପରୀକ୍ଷା ଦେଲେ କୃତକାର୍ଯ୍ୟ ହୋଇ ନ ପାରିବାର ଆଶଙ୍କା କରି ସେଥିରୁ ସେ ବର୍ଷ ଓହରିବା ପାଇଁ ସ୍ଥିର କରିଥିବାର ପଣ୍ଡିତ ନୀଳକଣ୍ଠଙ୍କ ପାଖେ ପ୍ରକାଶ କରନ୍ତେ ପଣ୍ଡିତ ନୀଳକଣ୍ଠ ଗୋଦାବରୀଶଙ୍କର ସମସ୍ତ ପାଠ୍ୟ ବହିଆଣି ୨।୩ ରାତି ମଧ୍ୟରେ ହଜମ କରି ତାଙ୍କର ଗୁରୁ ଭାବରେ ନୀଳକଣ୍ଠ ପରୀକ୍ଷାପୂର୍ବକ ତାଙ୍କୁ ପଢ଼ାଇ ଦେଇଥିଲେ । ସେ ଥିଲେ ପ୍ରାଚ୍ୟବିଦ୍ୟା ମହାର୍ଣ୍ଣବ ଆଦର୍ଶ ଶିକ୍ଷକ । ଦେଶର ପରମ୍ପରାଗତ କୁସଂସ୍କାର ଉପରେ ପଦାଘାତ କରି ସାମାଜିକ ସଂସ୍କାର ବିଧାୟକ, ଜାତିସମାଜର ତଥା ଲୋକଙ୍କର ଚରିତ୍ରଗଠନ ତତ୍ପର ପୁଣି କବି, ସାହିତ୍ୟିକ, ସମାଲୋଚକ, ଦାର୍ଶନିକ, ପ୍ରତ୍ନତାତ୍ତ୍ୱିକ, ଐତିହାସିକ, ଗବେଷକ, ଧର୍ମତତ୍ତ୍ୱଜ୍ଞ, ବେଦବେଦାନ୍ତ ଆଦି, ଶାସ୍ତ୍ରପାରଗ, ଗୀତାର ଭାଷ୍ୟକାର, ଅନୁବାଦକ, ପଣ୍ଡିତ ଏବଂ ସର୍ବୋପରି ଜଣେ ସ୍ୱଦେଶବତ୍ସଳ ଶ୍ରେଷ୍ଠ ଜନନାୟକ । ତାଙ୍କର ଆତ୍ମଜୀବନୀରେ ସେ ନିଜ ଜୀବନର ଯେଉଁ କେତୋଟି ବିଶିଷ୍ଟ ଘଟଣା ଉଲ୍ଲେଖ କରିଅଛନ୍ତି, ସେଗୁଡ଼ିକୁ ବର୍ଗୀକରଣ ପ୍ରକ୍ରିୟାରେ ବିଶ୍ଲେଷଣ କଲେ

Digitized by srujanika@gmail.com

ତାଙ୍କ ବ୍ୟକ୍ତିତ୍ୱର ବହୁବିଧ ବିଭବ ଆମ୍ଭମାନଙ୍କର ଦୃଷ୍ଟି ପଥାରୂଢ଼ ହୁଏ । ସେ ଥିଲେ ଏକ ଚଳନ୍ତ ଅନୁଷ୍ଠାନ । ମନେ ଅଛି, ୧୯୫୭ ଖ୍ରୀଷ୍ଟାବ୍ଦ ଡିସେମ୍ବର ୨୩ ତାରିଖରେ କଲିକତାରେ ନିଖିଳ ଭାରତ ଲେଖକ ସମ୍ମେଳନ ଅନୁଷ୍ଠିତ ହୋଇଥିଲା । ସେତେବେଳକୁ ପଣ୍ଡିତଜୀ ଥିଲେ ସଦ୍ୟ ପ୍ରତିଷ୍ଠିତ 'ଓଡ଼ିଶା ସାହିତ୍ୟ ଏକାଡେମୀ'ର ସଭାପତି । ପ୍ରଥମ ଦିନର ସମ୍ମେଳନରେ ଓଡ଼ିଶାରୁ ଯାଇଥିବା ପ୍ରାୟ ୨୫ ଜଣ ବିଶିଷ୍ଟ କବି, ଲେଖକ ଓ ଅଧ୍ୟାପକଙ୍କ ଭିତରୁ କେହି ଜଣେ ହେଲେ ବକ୍ତା ଭାବରେ କହିବାର ସୁଯୋଗ ପାଇଲେ ନାହିଁ । ଦ୍ୱିତୀୟ ଦିନ, ଦିନ ଗୋଟାକବେଳେ ଏହି ଲେଖକଙ୍କ ସହିତ ୫୭ ଜଣ ଆସି ପଣ୍ଡିତଜୀ ସେଠି (କଲିକତାରେ ରହୁଥିବା ଘରେ ପହଞ୍ଚିଲେ ଓ ଓଡ଼ିଆଙ୍କୁ ସମ୍ମିଳନୀରେ କହିବା ପାଇଁ ସୁବିଧା ମିଳି ନ ଥିବାରୁ ଅଭିମାନଭରା ଆପତ୍ତି ଜଣାଇଲେ । ପଣ୍ଡିତଜୀ ସେତେବେଳକୁ ସ୍ନାନ କରିବା ପାଇଁ ପ୍ରସ୍ତୁତ ହେଉଥିଲେ । 'ଓଡ଼ିଆ'ଙ୍କ ଆପତ୍ତି ଶୁଣିବା ସଙ୍ଗେ ସଙ୍ଗେ ସେ କ୍ରୋଧରେ ଥରହର ହୋଇ, ଆପତ୍ତି କରୁଥିବା ସାହିତ୍ୟିକଙ୍କୁ ସେମାନଙ୍କର ଜ୍ଞାନର ଅଗଭୀରତା ଦେଖାଇ, କଡ଼ା କଡ଼ା ଭାଷାରେ ଯେପରି ଛାଟି ଦେଲେ, ସମସ୍ତଙ୍କର ପାଟି ଖୋଲା ମାରିଗଲା । ପ୍ରକୃତରେ ବହୁ ଗ୍ରନ୍ଥ ଅଧ୍ୟୟନ କ୍ଷେତ୍ରରେ ନୀଳକଣ୍ଠ ଖାଲି ଓଡ଼ିଶାରେ ଅଦ୍ୱିତୀୟ ନ ଥିଲେ, ସମଗ୍ର ଭାରତରେ ଯେଉଁମାନଙ୍କୁ ପ୍ରଥମ ଶ୍ରେଣୀର 'ବହୁଗ୍ରନ୍ଥ ଅଧ୍ୟୟନକାରୀ' ରୂପେ ନିଆଯାଇପାରେ, ତା ମଧ୍ୟରେ ସେ ଥିଲେ ଅନ୍ୟତମ । ପରେ, ସେହି ସମ୍ମେଳନରେ ତାଙ୍କରି ଆଶୀର୍ବାଦରେ ଏହି ଲେଖକ ମାତ୍ର ୪ ମିନିଟ କହିବା ପାଇଁ ସୁବିଧା ପାଇଥିଲା । (ଦୈନିକ 'ସମାଜ' ପତ୍ରିକାରେ ଏହି '୫ ମିନିଟ କହିବା' ସମ୍ବାଦ ମଧ୍ୟ ପ୍ରକାଶ ପାଇଥିବା ମନେ ଅଛି) ସେ ଦିନ ପଣ୍ଡିତଜୀଙ୍କର ସ୍ନେହପୂର୍ଣ୍ଣ କଟୂମନ୍ତବ୍ୟ ଆଜି ପର୍ଯ୍ୟନ୍ତ ମୋ ମନରୁ ଦୂର ହୋଇ ନାହିଁ ।

ଆଉ ଦିନକର କଥା ମନେ ପଡ଼ୁଛି । ଓଡ଼ିଶା ବାହାରୁ ଜଣେ ଭଦ୍ରଲୋକ ଓଡ଼ିଶାକୁ ଆସି ଏଠାରେ ବସବାସ କଲେ । ବହୁ ପରିଶ୍ରମ କରି ସେ ଗୋଟିଏ ମୁଦ୍ରାଯନ୍ତ୍ର ସ୍ଥାପନ କଲେ । ନିଜର ନିରଳସ ସ୍ୱଭାବ ଏବଂ ନେତୃସ୍ଥାନୀୟ ଲୋକମାନଙ୍କର ଶୁଭଦୃଷ୍ଟି ଆକର୍ଷଣ କରି ପାରିବା ଶକ୍ତି ବଳରେ ସେ କ୍ରମେ ଜନପ୍ରିୟ ହୋଇ ଉଠିଲେ । ଏ ଘଟଣାଟି ସେଦିନ କେତେକ ବ୍ୟକ୍ତି ଥରେ କଥା ପ୍ରସଙ୍ଗରେ ପଣ୍ଡିତଜୀଙ୍କୁ ଜଣାଇବା ସଙ୍ଗେ ସଙ୍ଗେ ସେ ସରକାରୀ-ବେସରକାରୀ ସହଯୋଗ ପାଉଥିବାରୁ ଆପତ୍ତି କଲେ । ସେମାନେ ଭାବିଥିଲେ ଯେ, ସଂକୀର୍ଣ୍ଣ ଓଡ଼ିଆ ଭାବରେ ଉଦବୁଦ୍ଧ ହୋଇ ପଣ୍ଡିତଜୀ ସେମାନଙ୍କର ଆପତ୍ତି ଗ୍ରହଣ କରିବେ । କିନ୍ତୁ ପଣ୍ଡିତଜୀ ଆପତ୍ତି ଶୁଣିବା ସଙ୍ଗେ ସଙ୍ଗେ ଉଗ୍ରମୂର୍ତ୍ତି ହୋଇ ଉଠିଲେ । ତାଙ୍କର ଯୁକ୍ତି ହେଲା, "ତୁମେ ମୁଦ୍ରାଯନ୍ତ୍ର ବସାଇଲ ନାହିଁ କାହିଁକି ? ତୁମେ ବଡ଼ ଲୋକଙ୍କର ଶୁଭଦୃଷ୍ଟି ଆକର୍ଷଣ କରିପାରି ନାହିଁ କାହିଁକି ? ତୁମର ତ ଦିନର ୨୪ ଘଣ୍ଟା ଆଳସ୍ୟ, ପରନିନ୍ଦା ଓ ଚୁଗୁଲିରେ କଟିଯାଉଛି, ସଙ୍ଗଠନ କରିବାପାଇଁ ତୁମର ଅଛି ସମୟ କାହିଁ ?" ଇତ୍ୟାଦି । ବାସ୍ତବିକ ପଣ୍ଡିତଜୀ ନିଜେ କର୍ମୀ ଥିଲେ, ସାଧକ ଥିଲେ, ନିରଳସ ଥିଲେ, ଏବଂ ସଙ୍ଗଠନ ପାଇଁ ସର୍ବଦା ଉଦ୍ୟମଶୀଳ ଥିଲେ । ଜଣେ ବ୍ୟକ୍ତିଠାରେ

Digitized by srujanika@gmail.com

ପରସ୍ପର ବିରୁଦ୍ଧାତ୍ମକ ଏତେଗୁଡ଼ିଏ ସଦ୍‌ଗୁଣର ସଦ୍‌ଭାବ ଅତିଅଳ୍ପ କ୍ଷେତ୍ରରେ ମାତ୍ର ଦେଖିବାକୁ ମିଳେ ।

ଶିକ୍ଷକ ଭାବରେ ପଣ୍ଡିତଜୀଙ୍କର ପ୍ରତିଭାଦୃଷ୍ଟି ଥିଲା ବିଲକ୍ଷଣ । ସତ୍ୟବାଦୀରେ ଶିକ୍ଷକ ଥିଲାବେଳେ 'ମା'ଶୀର୍ଷକ କବିତା' ସେ ପଢ଼ାଉଥିଲେ । କବିତାର ପ୍ରଥମ ପଦ ପଢ଼ାଇବାରେ ତାଙ୍କର ଗୋଟିଏ ଦୁଇଟି ଘଣ୍ଟା ଲାଗି ଯାଇଥିଲା । ସେ ଛାଡ଼ୁ ନ ଥିଲେ 'ମା' କବିତାର ଧାଡ଼ି ଧାଡ଼ି ଆବୃତ୍ତି ଓ ଅର୍ଥ ପ୍ରକାଶ କରିବାକୁ । ଗୋଟିଏ ପଦ ପଢ଼ା ଚାଲିଲା ବେଳକୁ ସେ ପିଲାଙ୍କ ମୁଣ୍ଡରେ ଏତିକି ଚିନ୍ତା ଓ ଏତିକି ଜ୍ଞାନ ଭର୍ତ୍ତି କରି ଦେଉଥିଲେ, ଯାହା ଫଳରେ ସେହି ଜାତୀୟ ଶହଶହ କବିତା ପିଲାମାନେ ବଳେବଳେ ବୁଝି ପାରିବେ କେବଳ 'ମା' କବିତାର ପ୍ରଥମ ପଦଟି ପଢ଼ି ସାରିବା ପରେ ।

ପଣ୍ଡିତଜୀଙ୍କର ସ୍ମୃତି-ସଭାରେ ସେଦିନ ଉତ୍କଳର ହରେକୃଷ୍ଣ ମହତାବ ଗୋଟିଏ କଥା କହୁଥିଲେ । ସେ କଥା ମୋ ପିତାଙ୍କଠାରୁ ମଧ୍ୟ ମୁଁ କଲେଜରେ ପଢ଼ିଲାବେଳେ ଶୁଣିଥିଲି । ତାହା ହେଉଛି ଖାଣ୍ଟି ଓଡ଼ିଆ ଭାଷାର ବ୍ୟାକରଣ ପ୍ରଣୟନ । ଆଜି ପର୍ଯ୍ୟନ୍ତ ଓଡ଼ିଆ ଭାଷାର ବ୍ୟାକରଣ ପ୍ରଣୟନ ହୋଇପାରି ନାହିଁ । ଓଡ଼ିଆ ବ୍ୟାକରଣ ବୋଲି ଯେଉଁ ସବୁ ବହି ଦେଖିବାକୁ ମିଳେ, ସେଗୁଡ଼ିକ ସଂସ୍କୃତ ବ୍ୟାକରଣ ଅନୁକରଣରେ ରଚିତ କିମ୍ବା କେତେକ ବଙ୍ଗଳା ବ୍ୟାକରଣର ଅନୁକୃତି ମାତ୍ର । ପଣ୍ଡିତ ଗୋପୀନାଥ ନନ୍ଦ, ଏଥିପାଇଁ ଯେଉଁ ଅଦ୍ଭୁତ ସାଧନା କରିଥିଲେ, ତାହା ପଣ୍ଡିତ ନୀଳକଣ୍ଠ ଶତମୁଖରେ ପ୍ରଶଂସା କରିଅଛନ୍ତି । ପଣ୍ଡିତ ଗୋପୀନାଥ ନନ୍ଦ ଯେତେବେଳେ ସାରଳା ମହାଭାରତର ସମାଲୋଚନା ଲେଖି 'ଉତ୍କଳ ସାହିତ୍ୟ' ପତ୍ରିକାରେ ପ୍ରକାଶ କରୁଥିଲେ ସେତେବେଳେ କେତେ ଜଣ ବିଶିଷ୍ଟ ବ୍ୟକ୍ତି ସମ୍ପାଦକଙ୍କୁ ପତ୍ର ଲେଖି, "ମହାଭାରତର ସମାଲୋଚନା" ପ୍ରକାଶ ନ କରିବାକୁ ଅନୁରୋଧ କରିଥିଲେ । ଆଜିର ପଣ୍ଡିତମାନେ ଗୋପୀନାଥ ନନ୍ଦଙ୍କ ସାରଳା ସାହିତ୍ୟର ସମାଲୋଚନା ( ଯାହା କି 'ଶ୍ରୀଭାରତ ଦର୍ପଣ' ନାମରେ ପ୍ରକାଶ ପାଇଅଛି ) ପଢ଼ି ବିସ୍ମିତ ହେଉଅଛନ୍ତି । ଅଥଚ ଏଭଳି ଅସାଧାରଣ ପାଣ୍ଡିତ୍ୟପ୍ରସୂତ ଆଲୋଚନାର ଦୀପଶିଖାକୁ ଲିଭାଇ ଦେବା ପାଇଁ କେତେକ ବିଜ୍ଞ (?) ଓଡ଼ିଆ ପ୍ରବଳ ଚେଷ୍ଟା କରିଥିଲେ । ନନ୍ଦ ମହାଶୟ ଲେଖିଛନ୍ତି 'ଏହିଭଳି ଗୁଣନିନ୍ଦୁକ ଓ ସାଧନା-ନିନ୍ଦୁକ ଲୋକଙ୍କର ଆକ୍ରମଣରେ ବିବ୍ରତ ହୋଇ ସେ ଯେତେବେଳେ ସ୍ଥିର କଲେ ଯେ, ସାରଳା ସାହିତ୍ୟର ଆଉ ସମୀକ୍ଷା ଲେଖିବେ ନାହିଁ, ଠିକ୍ ସେତିକିବେଳେ ତାଙ୍କରି ଭାଷାରେ, "ଗୁଣଗ୍ରହଣ-କୌତୁକୀ" ପଣ୍ଡିତ ନୀଳକଣ୍ଠ ଦାସ ତାଙ୍କ ନିକଟରେ ପହଞ୍ଚି ତାଙ୍କ ପ୍ରାଣରେ ନୂତନ ପ୍ରେରଣାର ସଞ୍ଚାର କରିଥିଲେ । ବାସ୍ତବରେ ଗୁଣୀ କେବଳ ଗୁଣ ଚିହ୍ନେ । ସିଂହ କେବଳ ହାତୀର ବଳ କଳିପାରେ ସିନା, ମୂଷିକ ଜାଣି ପାରେ ନାହିଁ । ସେହିପରି ନୀଳକଣ୍ଠ-ପ୍ରତିଭା ପରି ଏକ ଜ୍ଞାନଦୀପ୍ତାବଳୀକୁ ଚିହ୍ନିବାକୁ ହେଲେ, ଜଣକୁ ଜ୍ଞାନବିଜ୍ଞାନର ଏବଂ ଅନୁଭୂତି ଓ ଅଧ୍ୟବସାୟର ଏକ ଚଳନ୍ତି ଭଣ୍ଡାର ହେବାକୁ ପଡ଼ିବ ।

Digitized by srujanika@gmail.com

# ଶ୍ରୀ ଗୁରୁଦେବ ସ୍ମରଣେ

ଶ୍ରୀ ଲକ୍ଷ୍ମଣ ମିଶ୍ର, ପୁରୀ

"ନୀଳକଣ୍ଠ × × × ତୁ ଭାରତର ଗୌରବ ।"

-ମହାମହୋପାଧ୍ୟାୟ ସଦାଶିବ ମିଶ୍ର ।

ସତ୍ୟବାଦୀ ବନବିଦ୍ୟାଳୟରେ ପାଠ ପଢ଼ୁଥିବା ସମୟରେ ପଞ୍ଚସଖା ସ୍ୱର୍ଗୀୟ ସର୍ବଶ୍ରୀ ଉତ୍କଳମଣି ଗୋପବନ୍ଧୁ, ଆଚାର୍ଯ୍ୟ ହରିହର ପଣ୍ଡିତ ନୀଳକଣ୍ଠ, ପଣ୍ଡିତ ଗୋଦାବରୀଶ, କୃପାସିନ୍ଧୁ ମିଶ୍ରଙ୍କ ମଧ୍ୟରୁ ନୀଳକଣ୍ଠ ଦାସଙ୍କ ବିଷୟରେ ପଦେ—

୧୯୩୩ ମସିହା ( ମାସ ତାରିଖ ମନେ ନାହିଁ ) ପୁରୀ ଟାଉନ ଥାନା ପାଖ ପଡ଼ିଆରେ (ବର୍ତ୍ତମାନ କୋଠାଘର ହୋଇଗଲାଣି) ନିଖିଳ ଉତ୍କଳ ପଣ୍ଡିତ ସମ୍ମିଳନୀ ହୋଇଥିଲା । ସେତେବେଳେ, ମୁଁ ପୁରୀ ଟାଉନ ଇନ୍‌ସପେକ୍ଟର ଥାଏ । ସମ୍ମିଳନୀରେ ଉତ୍କଳରୁ ମହାମହୋପାଧ୍ୟାୟ ସଦାଶିବ ମିଶ୍ର, ମହାମହୋପାଧ୍ୟାୟ ଜଗନ୍ନାଥ ମିଶ୍ର, ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ ବାସୁଦେବ ମିଶ୍ର, କେତେକ ମଠମହନ୍ତ ଓ ଉଚ୍ଚପଦସ୍ଥ ସରକାରୀ କର୍ମଚାରୀମାନେ ଯୋଗ ଦେଇଥିଲେ । ସେମାନଙ୍କ ମଧ୍ୟରୁ କିଏ ଓଡ଼ିଆରେ, କିଏ ହିନ୍ଦୀରେ ଏବଂ କିଏ ସଂସ୍କୃତରେ ଭାଷଣ ଦେଲେ । ସର୍ବଶେଷରେ ପଣ୍ଡିତ ନୀଳକଣ୍ଠ ଦାସ ଠିଆ ହୋଇ ପଚାରିଲେ, "ମୁଁ ଓଡ଼ିଆରେ କହିବି କି ? ହିନ୍ଦୀରେ କହିବି କି ? ସଂସ୍କୃତରେ କହିବି ବା ଇଂରାଜୀରେ କହିବି ?" ମହାମହୋପାଧ୍ୟାୟ ସଦାଶିବ ମିଶ୍ରେ (ନୀଳକଣ୍ଠ ଦାସଙ୍କୁ ନ ଶୁଣିବା ପରି) କହିଲେ "ସେ ତ ସଂସ୍କୃତ ଟୋଲ ମାଡ଼ି ନାହାନ୍ତି, ଇଂରେଜୀରେ ଏମ. ଏ ପାସ କରିଛନ୍ତି, ସଂସ୍କୃତରେ ଭାଷଣ ଦେବାକୁ କିପରି ସାହସ କରୁଛନ୍ତି ।" ଏହା କହି ତାଙ୍କ ପାଖରେ ବସିଥିବା ଜଣେ ପଣ୍ଡିତଙ୍କୁ କହିଲେ "ତାଙ୍କୁ (ନୀଳକଣ୍ଠ ଦାସ) ସଂସ୍କୃତରେ ଭାଷଣ ଦେବାକୁ କହ ।" ସଂସ୍କୃତରେ ଭାଷଣ ଆରମ୍ଭ ହେଲା । "ସଭାସ୍ଥ ସମସ୍ତେ ମନ୍ତ୍ରମୁଗ୍ଧ ହେଲପରି ତାଙ୍କ ଭାଷଣ ଶୁଣୁଥାଆନ୍ତି ।" ଏତେ କରତାଳି ହେଉଥାଏ ଯେ, ପଣ୍ଡିତ ନୀଳକଣ୍ଠଙ୍କର ସ୍ୱଭାବତଃ ବଜ୍ରଗମ୍ଭୀର ସ୍ୱର ସମ୍ପନ୍ନ ଭାଷଣର କେତେକ ଅଂଶ ଶୁଣାଯାଉ ନ ଥାଏ । ଭାଷଣ ପରେ ମହାମହୋପାଧ୍ୟାୟ ସଦାଶିବ ମିଶ୍ର, ମହାମହୋପାଧ୍ୟାୟ ଜଗନ୍ନାଥ ମିଶ୍ରଙ୍କୁ କହିଲେ ମୁଁ ତାଙ୍କ ପାଖରେ ବସିଥାଏ) "ମୁଁ ଏପରି ଭାଷଣ କେବେ ଶୁଣି ନାହିଁ କି ପଢ଼ି ନାହିଁ ।" ଶ୍ରୀ ଜଗନ୍ନାଥ ମିଶ୍ରେ କହିଲେ, "ଭାଷଣ ତ ଉଚ୍ଚକୋଟୀର, ମୁଁ କିନ୍ତୁ ଲକ୍ଷ୍ୟ ରଖିଥାଏ ପ୍ରାୟ ୪୦ ମିନଟ ଭାଷଣ ମଧ୍ୟରେ କେଉଁଠାରେ ବ୍ୟାକରଣ ଅଶୁଦ୍ଧି ରହୁଛି କି ନାହିଁ । ଅଶୁଦ୍ଧି ତ ନ ଥିଲା, ଅଧିକନ୍ତୁ ଯେଉଁ ଶବ୍ଦଟି ଯେଉଁଠାରେ କହିବାର କଥା, ତା' ସେ କହୁଥିଲେ । ଏହା ପୂର୍ବଜନ୍ମ ତପସ୍ୟାର ଫଳ । ନୀଳକଣ୍ଠ, ମୁଁ ଆଶୀର୍ବାଦ କରୁଛି ତୁ ଦୀର୍ଘାୟୁ ହୁଅ । ତୁ ବିହାର ଓଡ଼ିଶାର କେବଳ ନୁହଁ, ଭାରତର ଗୌରବ ।"

Digitized by srujanika@gmail.com

# 'ଓଭାର'ର ଛାପ

ଅଧ୍ୟାପକ ଡାକ୍ତର ବଙ୍କିମ ଦାସ

ଦୁନିଆ ବୁକୁରେ ଦୁଃଖ, ଯନ୍ତ୍ରଣା ଓ ମୃତ୍ୟୁର ବଉଷିକା ଲଗି ରହିଛି । ସେଇଥିରେ ସାଧାରଣତଃ ସମସ୍ତେ ଘାଣ୍ଟି ହୁଅନ୍ତି । ସମସ୍ତେ ଅନାଚାର, ଅତ୍ୟାଚାର ନୀରବରେ ସହିବାକୁ ବାଧ୍ୟ ହୁଅନ୍ତି । ପ୍ରତିବାଦ କରି ଉଠନ୍ତି କେବଳ ଜଣେ ଜଣେ ଯୋଗଜନ୍ମା ପୁରୁଷ । ରାଜପୁତ୍ର 'ବୁଦ୍ଧଦେବ' ମୃତ୍ୟୁ ଓ ବାର୍ଦ୍ଧକ୍ୟର ଯନ୍ତ୍ରଣା ଦେଖି, ବିଦ୍ରୋହ କରି, ରାଜସୁଖ ଛାଡ଼ି, ନିର୍ବାଣର ପନ୍ଥା ବାହାର କରିବାକୁ ସନ୍ନ୍ୟାସ ଅବଲମ୍ବନ କରିଥିଲେ । ଦେଶର ଦୁଃଖ, ଦୁର୍ଦ୍ଦଶା ଓ ପରାଧୀନତାରେ କାତର ହୋଇ, ବାରିଷ୍ଟର ଗାନ୍ଧୀ ହାତକଟା ସୂତାରେ ଆଣ୍ଠୁଅଢ଼ୁଆ ଲୁଗା ପିନ୍ଧି ଦେଶକୁ ବିଦେଶୀ କବଳରୁ ମୁକ୍ତ କରିବାକୁ ଶାନ୍ତ ସଂଗ୍ରାମର ଆହ୍ୱାନ ଦେଇଥିଲେ ।

ଦେଶର ଅତି ସଙ୍କଟ ଓ ଦୁର୍ଦ୍ଦିନରେ ଊନବିଂଶ ଶତାବ୍ଦୀର ଶେଷ ଭାଗରେ ଜନ୍ମଗ୍ରହଣ କରିଥିଲେ ପଣ୍ଡିତ ନୀଳକଣ୍ଠ । ଚାରିଆଡ଼େ ଅନାହାର, ମଇଳା, ବସନ୍ତ, କୁସଂସ୍କାର ଓ ସରକାରୀ ଅତ୍ୟାଚାର ପ୍ରଭୃତିର ଚାଲିଥିଲା ତାଣ୍ଡବ ନୃତ୍ୟ । ଜଗନ୍ନାଥ ସଡ଼କର ଦୁଇପଟେ ପ୍ରସିଦ୍ଧ ରଥଯାତ୍ରା ପାଇଁ ଆସୁଥିବା ଯାତ୍ରୀମାନଙ୍କର କୁଢ଼ କୁଢ଼ ମୁର୍ଦ୍ଦାର । ଇଂରେଜ ସରକାରଙ୍କର ଚିନ୍ତା ନାହିଁ । ଲୋକଙ୍କର ଚେତନା ନାହିଁ । ଏସବୁ ସବୁଦିନିଆ ଦେଖାସୁଝା କଥା ପରି ହୋଇ ପଡ଼ିଥାଏ ।

ନୀଳକଣ୍ଠ ରକ୍ଷଣଶୀଳ ସମାଜର ସବୁ ବାଧା ଏଡ଼ି ପୁରୀରୁ ଇଂରେଜୀ ସ୍କୁଲରୁ ପାସ କରି କଲେଜରେ ପଢ଼ିବାକୁ ଆସି କଲେଜ ବୋର୍ଡ଼ିଂରେ ରହିଥାନ୍ତି । ପାଖରେ ଲମ୍ବା ଦେଉଳ ମେସ୍ । ସେଇଠି ହଇଜା ରୋଗୀ ପଡ଼ିଛି । ସେ ତାର ସେବାରେ ବ୍ୟସ୍ତ ଆକୁଳା ଆକୁଳା କରି ହଇଜା ରୋଗୀର ମଳ ହାତରେ ଉଠାଇ, ପୋଷ୍ଟାସପରମାଙ୍ଗାନେଟରେ ହାତ ଧୋଇଧୋଇ, ହାତ ହନୁମାନଙ୍କ ହାତ ପରି କଳା ଦିଶୁଛି । ପିନ୍ଧିଛନ୍ତି ଖଣ୍ଡିଏ ଗାମୁଛା । କଲେଜ ଅଧ୍ୟକ୍ଷ ଡକାଇ ପଠାଇଲେ, ସେ ସେଇ ଅବସ୍ଥାରେ ଆସି ଅଧ୍ୟକ୍ଷଙ୍କ ସାମନାରେ ଠିଆ ହେଲେ । ଅଧ୍ୟକ୍ଷ ରାଗିଯାଇ କହିଲେ, "ତୁମ ବାପ, ମା ତୁମ ଦାୟିତ୍ୱ ଆମକୁ ଦେଇ ଯାଇଛନ୍ତି, ତୁମେ ବିନା ଅନୁମତିରେ ହଇଜା ରୋଗୀଙ୍କ ସଙ୍ଗେ ମିଶୁଛ, ତୁମର କଅଣ ହେଲେ ତୁମ ବାପା ମା'ଙ୍କୁ ଆମେ କି ଉତ୍ତର ଦେବୁ; ଏ ଅବାଧ୍ୟତା ପାଇଁ ତୁମକୁ ଦଣ୍ଡ ଦିଆଯିବ ।" ନୀଳକଣ୍ଠ ଉତ୍ତର ଦେଲେ, "ଯାହା ଦଣ୍ଡ ଦେବେ ପରେ ଦେବେ । ମୁଁ ଆଉ ଡେରି କଲେ ସେ ରୋଗୀ ବଞ୍ଚି ପାରିବନି, ତା ତୋଟି ଶୁଖି ଯାଉଥିବ, ସେ ପାଣି ପାଇଁ ବ୍ୟାକୁଳ ହେଉଥିବ, ମୁଁ ଯାଉଛି ।" ଏହା ପରେ ପରେ କୁଢ଼

Digitized by srujanika@gmail.com

କ୍ଷୁଧା ହଇଜା ରୋଗୀଙ୍କ ମଡ଼ା ଶ୍ମଶାନରେ ପଡ଼ିଥିବା ଦୃଶ୍ୟ ସାମନାରେ ହରିହର, ଅନନ୍ତ ଓ ଗୋପବନ୍ଧୁଙ୍କ ସଙ୍ଗେ ସେ ଗ୍ରହଣ କଲେ ସ୍ୱର୍ଗୀୟ ବକୁଳର ଶପଥ ।"

ସେଇ ଶପଥରୁ ଗଢ଼ାହେଲା ସତ୍ୟବାଦୀ ସ୍କୁଲ । ଦେଶକୁ ଉନ୍ନତ କରିବାକୁ ମନୀଷ ଗଢ଼ିବାର ଦାୟିତ୍ୱ ନେଲେ ନୀଳକଣ୍ଠ, ସେଥିର ଅଧ୍ୟକ୍ଷ ଭାବରେ । ଅଧ୍ୟାପନା ସଙ୍ଗେ କି ଶୀତ, କି ବର୍ଷା ରାତିରେ ସ୍କୁଲଗୁଳିଆ ବାରଣ୍ଡାରେ ଲଣ୍ଠନଟାଏ ଟଙ୍ଗା ହୋଇଥିବ, ବହି ଖଣ୍ଡେ ଧରି ପଢ଼ି ରହିଥିବେ, ନୀଳକଣ୍ଠ । ଭିତରେ କେ ଉଠିଲେ କାଳେ ଡାକ ନ ଶୁଭିବ, ବା କିଏ ସଙ୍କୋଚରେ ନ ଡାକି ଚାଲିଯିବ, ପାଖ ବା ଦୂର ଗାଁରୁ ହଇଜା ପ୍ରଭୃତିର ଖବର ପାଇଲା କ୍ଷଣି, ସେ ସ୍କୁଲର କେତୋଟି ପିଲା, ହୋମିଓପାଥି ଔଷଧ ବାକ୍ସ ଓ ବିଶୋଧକ କିଛି ଧରି ସଙ୍ଗେ ସଙ୍ଗେ ବାହାରି ପଡ଼ିବେ । ରୋଗୀସେବା ସାଥିରେ ଗାଁମାନଙ୍କରୁ 'କାଳେସୀ' ଛଡ଼ାଇ ହଇଜାର ବ୍ୟାପକତା ଦୂର କଲେ । X
ଏଇଥିରୁ ଆରମ୍ଭ ସମାଜସଂସ୍କାରରୂପୀ ନଣା ଆନ୍ଦୋଳନ । ଏଇ ଠାକୁରାଣୀ-କାଳେସୀ ବାଡ଼ିଆରୁ ତାଙ୍କର ଦାର୍ଶନିକ ତତ୍ତ୍ୱର ଉତ୍ପତ୍ତି ଏବଂ ଏକେଶ୍ୱରବାଦର ଅଭିବ୍ୟକ୍ତି ପାଇଁ 'ଭକ୍ତିଗାଥା' 'ଗୀତାର ଭାଷ୍ୟ' 'ଜଗନ୍ନାଥ ଧର୍ମ' 'ସଂସ୍କୃତ ଓ ସଂସ୍କୃତି' ପ୍ରଭୃତିର ଉଦ୍ଭବ ।

ଦୁର୍ଭିକ୍ଷ ପଡ଼ିଲା—ଉତ୍ତର ଦୁର୍ଭିକ୍ଷ—ନଅଙ୍କ ଦୁର୍ଭିକ୍ଷର ପୁନରାବୃତ୍ତି । ନୀଳକଣ୍ଠ ସତ୍ୟବାଦୀ ସ୍କୁଲରୁ ପିଲାଙ୍କୁ ଧରି ଚାଉଳ, ଚୂଡ଼ା, ମୁଢ଼ି ଓ କିଛି ଔଷଧ ନେଇ ଉତ୍ତର ଚାଲିଲେ । ଅତନ୍ଦ୍ର ଭାବରେ ମାସ ମାସ ଧରି ଚୂଡ଼ା ଚାଉଳ ବାଣ୍ଟିଲେ । ଥରେ ମୁଢ଼ି ଦେବା ପାଇଁ ପିଲାଙ୍କୁ ଧାଡ଼ି ହୋଇ ବସିବାକୁ କହିଲେ । ଅସ୍ଥିଚର୍ମସାର ବୁଢ଼ୀ ପରି ମାଇପିଟିଏ ସେଇ ଧାଡ଼ିରେ ଆସି ବସିଲା । ସେ ତାକୁ କହିଲେ "ବୁଢ଼ୀ ତୁ ଏଠୁ ଉଠ୍, ବଳିଲେ ତତେ ଦେବି, ଏ ସବୁ ପିଲାଙ୍କ ପାଇଁ ଦିଆହେଉଛି ।" ସଙ୍ଗେ ସଙ୍ଗେ କେତେକ ଗ୍ରାମବାସୀ କହି ଉଠିଲେ "ଆଜ୍ଞା ସେ ତ ପିଲାଟାଏ-ଆପଣ ତାକୁ ଉଠାନ୍ତୁ ନାହିଁ ।

ଦୁର୍ଭିକ୍ଷ ଗଲା. ଫସଲ ହେଲା. ଦୁଇବର୍ଷ ପରେ ପୂର୍ଣ୍ଣ ସ୍ୱାସ୍ଥ୍ୟ ନେଇ ସେ ଝିଅଟି ବିବାହ କରି ଶାଶୁ ଘରକୁ ଗଲା । ଏହି ସମୟରେ ପଣ୍ଡିତ ନୀଳକଣ୍ଠ ସେ ଅଞ୍ଚଳକୁ ଯାଇଥିବା ବେଳେ ଯୁବତୀଟି ଆସି ତା ଜୀବନଦାତାଙ୍କ ଗୋଡ଼ତଳେ ପଡ଼ି ଆଶୀର୍ବାଦ ଭିକ୍ଷା କଲା । ଉତ୍ତର ଗାଁର ସେଇ ଅସ୍ଥିକଙ୍କାଳ ଝିଅଟି ବୋଲି ଜାଣି ନୀଳକଣ୍ଠଙ୍କ ଆଖିରୁ ବୋହି ପଡ଼ିଲା ଦୁଇଧାର ଆନନ୍ଦାଶ୍ରୁ ।

ସତ୍ୟବାଦୀ ବନବିଦ୍ୟାଳୟରେ ଧନୀ, ଦରିଦ୍ର, ବ୍ରାହ୍ମଣ, ଅବ୍ରାହ୍ମଣ ପିଲାଙ୍କ ଭିତରେ ଭେଦାଭେଦ ନ ଥିଲା । ସମସ୍ତେ ଏକାଠି ଖାଆନ୍ତି ଶୋଇ ରହନ୍ତି । ଯାହାର ବାପ ମା' ପଇସା ଦେଇ ନ ପାରନ୍ତି ସେମାନେ ନିଜବାହୁ ବଳରେ ପଇସା ଅର୍ଜି ନିଜ ଖର୍ଚ୍ଚ ଦେଇ ପାଠ ପଢ଼ନ୍ତି । ବଣରେ କାମ କରନ୍ତି ବଗିଚା କାମ ହେଉ, କୁଲି କାମ ହେଉ. ବଢ଼େଇ ବା ସିଲାଇ ଯେଉଁଥିରୁ ହେଲେ ଗୋଟିଏ କାମ କରିବାକୁ ତାଙ୍କୁ ସୁବିଧା ଦିଆ

Digitized by srujanika@gmail.com

ଯାଉଥିଲା । ଜାତି ଭେଦର ବିଚାର ନ କରି ବ୍ରାହ୍ମଣ ପିଲାବି ବାଗିଚା କାମ କରୁଥିଲା, କୂଲିକାମ କରି ଶିଖିଆଡେଵାଙ୍କ ବୋଝୁଥିଲା । ପିଲାଙ୍କ ଭିତରେ ମନୁଷ୍ୟତା ଓ ଆତ୍ମବିଶ୍ୱାସ ଜାଗ୍ରତ ହେବାପାଇଁ ତୀକ୍ଷ୍ଣ ଦୃଷ୍ଟି ଦିଆଯାଉଥିଲା । ଦିନରେ କାମ କରିବା ପିଲାଙ୍କପାଇଁ ରାତିରେ ପଢ଼ିବା ପାଇଁ ସ୍ୱତନ୍ତ୍ର କ୍ଲାସ ନିଆଯାଉଥିଲା । ଏ ସବୁଥିରେ ଥିଲା ନୀଳକଣ୍ଠଙ୍କ ହାତର କାର୍ଯ୍ୟସ୍ପର୍ଶ । ରକ୍ଷଣଶୀଳ ବ୍ରାହ୍ମଣମାନେ ଜାତିଭେଦ ନିର୍ବିଚାର କାର୍ଯ୍ୟ ସହି ପାରିଲେ ନାହିଁ, ନୀଳକଣ୍ଠଙ୍କୁ ଏକଘରକିଆ କରିବାକୁ ଚେଷ୍ଟା କଲେ । ତାଙ୍କ ବୃଦ୍ଧପିତାଙ୍କୁ ବ୍ରାହ୍ମଣ ପଙ୍ଗତରୁ "ପୁଅରେ ଦାସ୍ତ କି ବାପରେ ବଢ଼େଇରେ ଦିଅ" କହି ଉଠାଇ ଦେଲେ । ଶେଷରେ ସ୍କୁଲ ଘରେ ନିଆଁ ଲଗାଇଦେଲେ । ନୀଳକଣ୍ଠ କିନ୍ତୁ ଦୃଢ଼ ରହିଲେ, ତାଙ୍କ ମନ ଦବିଲା ନାହିଁ । ବଉଳ ଗଛମୂଳେ ପାଠ ପଢ଼ା ଚାଲିଲା । ଦେଶସେବା ପାଇଁ ଗଢ଼ାହେଲେ ହଜାର, ହଜାର ବଳିଷ୍ଠ-ବ୍ୟକ୍ତିତ୍ୱ କର୍ମୀ । ଅସହଯୋଗ ଆନ୍ଦୋଳନବେଳେ ସେଥିରୁ ଅଧିକାଂଶ ସ୍ୱାଧୀନତା-ସଂଗ୍ରାମରେ ଝାସ ଦେଲେ । ସଂଗ୍ରାମ କରି ଦେଶକୁ ବିଦେଶୀଙ୍କ ହାତରୁ ମୁକ୍ତ କରିବା ପାଇଁ । ଅସହଯୋଗ ଆନ୍ଦୋଳନ ଆରମ୍ଭ ହେଲା । ନୀଳକଣ୍ଠ କଲିକତା ବିଶ୍ୱବିଦ୍ୟାଳୟ ଅଧ୍ୟାପନା ଛାଡ଼ି ସମ୍ବଲପୁରରେ ସ୍ୱଦେଶୀ ଆନ୍ଦୋଳନର ଭାର ନେଲେ । ସେଠି ଶୁଣିଲେ ତାଙ୍କର ସେତେବେଳର ଦୁଇଟି ଝିଅରୁ ଗୋଟିଏ ଟାଇଫଏଡ଼ ଅସୁଖରୁ ମରିଗଲା । ପରେ ପୁଣି ସେ ପୁରୀ ଜେଲରୁ ହଜାରିବାଗ ଜେଲକୁ ନିଆହେଉଥିବା ବେଳେ, ସତ୍ୟବାଦୀ ଷ୍ଟେସନରେ ଆଚାର୍ଯ୍ୟ ହରିହର ଖବର ଦେଲେ ଯେ, ଆଉ ଝିଅଟି ମଧ୍ୟ ଚାଲିଗଲା । ସେ ପଚାରିଲେ, "ତାର କ'ଣ ଟାଇଫଏଡ଼ ହୋଇଥିଲା କି ?" ଉତ୍ତର ପାଇଲେ, "ହଁ, ପୁରୀ କବିରାଜଙ୍କଠାରୁ ଦ'ଥର ପାନ ଔଷଧ ଆଣି ଦିଆ ହୋଇଥିଲା ।" ସେ କହିଲେ, "ହଉ, ଯେତିକ ଦିନକୁ ସେ ଆସିଥିଲା ସେତିକ ଦିନ ରହିଲା ।" ତା ପରେ ସେ ତାଙ୍କୁ ଜଗିଥିବା ପୋଲିସ କର୍ମଚାରୀଙ୍କ ସଙ୍ଗେ ଅନ୍ୟ କଥା ଗପି ଚାଲିଲେ । କର୍ମଚାରୀ ନିର୍ବାକ ହେଲେ । ସେତେବେଳେ 'ଡ଼ାଭର'ର ଶତ ଶତ ମୃତ ପୁତ୍ରକନ୍ୟାଙ୍କ କଥା ଯେ ତାଙ୍କ ମନରେ ଜାଗି ଉଠି ନ ଥିବ କିଏ କହିବ ?

ଜେଲରୁ ଫେରି ଚିତ୍ତରଞ୍ଜନଙ୍କ ନେତୃତ୍ୱରେ ସେ କେନ୍ଦ୍ର ଆସେମ୍ବ୍ଲିକୁ ନିର୍ବାଚିତ ହୋଇ ବିରୋଧୀ ଦଳର ସମ୍ପାଦକ ହୋଇଥିଲେ । ଇଂରେଜ ଜାତି ଆଇନର ଦୁହାଇ ଦେଇ କାମ କରନ୍ତି । ତେଣୁ ଆଇନ ଅମାନ୍ୟ ଅପେକ୍ଷା ଆଇନ ପ୍ରଣୟନ ବେଳେ ଅହିତକର ଆଇନର ବିରୋଧ କରିବା ବିଧେୟ ବୋଲି ତାଙ୍କର ଦୃଢ଼ବିଶ୍ୱାସ ଥିଲା । ତାଙ୍କର ତୀକ୍ଷ୍ଣ ବୁଦ୍ଧି, ପ୍ରତ୍ୟୁତ୍ପନ୍ନମତି, ଉନ୍ନତ ଚିନ୍ତାଧାରା, ଅଗାଧ ପାଣ୍ଡିତ୍ୟ ଓ ଓଜସ୍ୱିନୀ ବକ୍ତୃତାର ମାଧ୍ୟମରେ ଅକାଟ୍ୟ ଯୁକ୍ତି ସବୁ କେନ୍ଦ୍ର ସଭାରେ ଇଂରେଜ ଶାସକକୁ ଦୋହଲାଇ ଦେଉଥିଲା । ତତ୍କାଳୀନ ବଡ଼ଲାଟ ତାଙ୍କୁ ହାତ କରିବାକୁ ସମ୍ରାଟଙ୍କ ଉଚ୍ଚପଦବୀ ଯାଚି ପଠାଇଲେ, ନୀଳକଣ୍ଠ Muddyman ସାହେବଙ୍କୁ you have come to wrong door କହି ଏହା ପ୍ରତ୍ୟାଖାନ କରିବା ଫଳରେ ସରକାର ତାଙ୍କୁ ବନ୍ଦୀ କରି ଶୀତକାଳରେ ବିନା ଶୀତବସ୍ତ୍ରରେ ଗୋଟିଏ ସନ୍ତସନ୍ତିଆ କୋଠରୀରେ ଅଟକ କରି ରଖିଲେ । ସେ ସେଠାରେ ସଂଜ୍ଞାହୀନ ଭାବରେ ପଡ଼ି ରହିଲେ, ତଥାପିସେ ଟଳିଲେ ନାହିଁ, ପରେ ହସିହସି କାରାବରଣ କଲେ ।

Digitized by srujanika@gmail.com

ଉତ୍କଳର ପୂର୍ବ ଗୌରବ ନୌବାଣିଜ୍ୟ ଓ କୃଷକସେନାର ଇତିହାସ ତାଙ୍କୁ ଅଭିଭୂତ କରିଥିଲା । ସେ ସବୁକୁ ସ୍ମରଣ କରି 'କୋଣାର୍କେ' ପ୍ରଭୃତି କାବ୍ୟ ରଚନା କରିଥିଲେ । ଛାତ୍ରାବସ୍ଥାରୁ ସେ ବଙ୍ଗର ବିପ୍ଳବୀମାନଙ୍କ ସଙ୍ଗେ ସମ୍ପର୍କ ରଖିଥିଲେ । ଦ୍ୱିତୀୟ ମହାସମର ଆସିଲା । 'ସୁଭାଷ' ଇଂରେଜଙ୍କ ବିରୁଦ୍ଧରେ ଅସ୍ତ୍ର ଧରିବା ପାଇଁ ଯୁଦ୍ଧ ଡାକରା ଦେଲେ । କୌଶଳ ବତାଇଲେ । ଉଚ୍ଚ ନେତାଏ ଶୁଣିଲେ ନାହିଁ । ଶେଷରେ ସେ ଏ ଦେଶରୁ ଗୋପନରେ ଚାଲିଯାଇ "ଆଜାଦ୍ ହିନ୍ଦ ଫୌଜ" ଗଢ଼ିଲେ । ସେ ଯିବା ପୂର୍ବରୁ ଫରୱାର୍ଡ ବ୍ଲକ ଗଢ଼ିଥିଲେ । ନୀଳକଂଠଙ୍କୁ ତାଙ୍କର କଲିକତାର ବାସଭବନକୁ ଡକାଇ କେତେକ ଗୁପ୍ତ ଯୋଜନା ତାଙ୍କ ଆଗରେ ଉପସ୍ଥାପିତ କଲେ । ନୀଳକଂଠ ଓଡ଼ିଶାର ଭାର ନେଲେ । ଯୁଦ୍ଧବେଳେ ଇଂରେଜ ଅନେକ ସ୍ଥାନରେ ପଛଘୁଞ୍ଚା ଦେଲେ—ପୂର୍ବ ଦିଗରୁ ଜାପାନ ଓ ଆଜାଦ୍ ସେନାର ଆକ୍ରମଣରେ ପୂର୍ବ ରାଜ୍ୟମାନଙ୍କରୁ ମଧ୍ୟ ପଛଘୁଞ୍ଚା ଦେବାର ବହୁତ ସମ୍ଭାବନା ଥିଲା । ସେମାନେ ପଛଘୁଞ୍ଚା ଦେବାର ଅବ୍ୟବହିତ ପୂର୍ବରୁ ସେ ସ୍ଥାନମାନଙ୍କରେ ଖାଦ୍ୟାଭାବ ସୃଷ୍ଟି କରୁଥିଲେ ଓ ଫେରି ପଳାଇଲା ବେଳେ ରାସ୍ତା, ପୋଲ, କାରଖାନା ସବୁ ଧ୍ୱଂସ କରି ଦେଉଥିଲେ । ତେଣୁ ପୂର୍ବ ପ୍ରଦେଶମାନଙ୍କରେ ଦେଶୀ ସରକାର ରହି ଧ୍ୱଂସ ଓ ଦୁର୍ଭିକ୍ଷରୁ ସେ ସବୁ ଅଞ୍ଚଳକୁ ରକ୍ଷା କରିବା ପାଇଁ ଯୋଜନା ଥିଲା । ସତକୁ ସତ ଇଂରେଜ ବର୍ମାରୁ ପଛଘୁଞ୍ଚା ଦେବାବେଳେ ଶତ୍ରୁ ହାତରେ ଖାଦ୍ୟ ନ ପଡ଼ିବାର ସତର୍କତା ଅବଲମ୍ବନ କରି ସେତେବେଳର ବଙ୍ଗଳାକୁ ଖାଦ୍ୟଶୂନ୍ୟ କରି ଦେଇଥିଲେ । ବଙ୍ଗଳାରେ ମଡ଼କ ଓ ଦୁର୍ଭିକ୍ଷ ପଡ଼ିଲା । ଦ୍ୱିତୀୟ ମହାସମର ବେଳର ଏହି ଦୁର୍ଭିକ୍ଷକୁ କହନ୍ତି "ମଣିଷ ଗଢ଼ା ବା ଇଂରେଜ ସରକାରର ହାତଗଢ଼ା ଦୁର୍ଭିକ୍ଷ" । ଦୂରଦର୍ଶୀ ସୁଭାଷ ଉଚ୍ଚ ନେତାମାନଙ୍କୁ ବୁଝାସୁଝି କରି ସରକାର ଧ ଗୁଡ଼ି ପ୍ରତ୍ୟକ୍ଷ ସଂଗ୍ରାମ କରି ଶାସନ ଗାଦି ସବୁ ମାଡ଼ି ବସିବା ପାଇଁ ଅନୁରୋଧ କରି ବିଫଳ ହୋଇଥିଲେ । ସେ ତାଙ୍କ ବନ୍ଧୁ ଓ ସହକର୍ମୀମାନଙ୍କୁ କହି ଯାଇଥିଲେ, କଳେ ବଳେ କୌଶଳେ ପୂର୍ବର ଚାରୋଟି ପ୍ରଦେଶ ଆସାମ, ବଙ୍ଗଳା, ଓଡ଼ିଶା ଓ ବିହାରର ଶାସନ ହାତରେ ରଖିବାକୁ । ଏସବୁ ସ୍ଥାନରେ ମିଳିତ ସରକାର ଗଢ଼ିବାର ଭାର ସେ ତାଙ୍କ ବଡ଼ ଭାଇ ଶରତ ବୋଷ ଓ ନୀଳକଂଠଙ୍କ ଉପରେ ନ୍ୟସ୍ତ କରିଥିଲେ । ସୁଭାଷ ଯିବା ପରେ ପରେ ଶରତ ବୋଷଙ୍କୁ ସନ୍ଦେହ କରି ଇଂରେଜ ସରକାର ବନ୍ଦୀ କଲେ । ବଙ୍ଗଳା ପ୍ରଭୃତିରେ ଆଉ ମିଳିତ ସରକାର ହୋଇ ପାରିଲା ନାହିଁ । ନୀଳକଂଠ ବହୁତ ବାଧାବିଘ୍ନ ସତ୍ତ୍ୱେ କୌଣସି ଭର୍ତ୍ସନା ବା ବିପଦକୁ ଭ୍ରୂକ୍ଷେପ ନ କରି ଓଡ଼ିଶାରେ ମୁସଲିମ ଲିଗ୍ ଓ ଅନ୍ୟ ଦୁଇ ଦଳର ନେତାଙ୍କୁ ମିଶାଇ ପାରିଲା ମିଳିତ ମନ୍ତ୍ରିମଣ୍ଡଳ ଗଢ଼ିଲେ । ଛଅ ଜିଲ୍ଲା ବିଶିଷ୍ଟ କ୍ଷୁଦ୍ର ଓଡ଼ିଶାର ଯୁଦ୍ଧକାଳରେ ସ୍ୱଳ୍ପ ସମ୍ବଳ ଭିତରେ ଏହି ମନ୍ତ୍ରିମଣ୍ଡଳ ତାଙ୍କ ରିପୋର୍ଟ ଓ ନିର୍ଦ୍ଦେଶନାରେ ଉତ୍କଳ ବିଶ୍ୱବିଦ୍ୟାଳୟ, ମେଡ଼ିକାଲ କଲେଜ ଓ ଅନ୍ୟାନ୍ୟ ସ୍କୁଲ କଲେଜ ବସାଇ ଶିକ୍ଷାର ପ୍ରସାର ସଙ୍ଗେ ସଙ୍ଗେ ହାଇକୋର୍ଟର ମଧ୍ୟ ଯୋଜନା କଲେ । ଭାରତୀୟ ସେନା ଭିତରେ ଜାତୀୟତାବାଦୀଙ୍କୁ ଭର୍ତ୍ତି କରିବା ପାଇଁ ଓ ଇଂରେଜ ସରକାରଙ୍କ ସନ୍ଦେହ ଏଡ଼ାଇ ତାଙ୍କର

Digitized by srujanika@gmail.com

କାର୍ଯ୍ୟ ସିଦ୍ଧି ପାଇଁ ସେ ଜାତୀୟ ଯୁଦ୍ଧସାମ୍ମୁଖ୍ୟ ଗଢ଼ିବାର ଭାର ନେଲେ, କିନ୍ତୁ ବହୁ ଦିନ ପର୍ଯ୍ୟନ୍ତ ସେ ଇଂରେଜ ସରକାରଙ୍କ ସନ୍ଦେହ ଏଡ଼ାଇପାରିଲେ ନାହିଁ । ଥରକୁ ଥର ତାଙ୍କ ଘର ଓ ଛାପାଖାନା ଖାନତଲାସ ହେଲା । ସେଥିରୁ ନେତାଜୀ ସୁଭାଷଙ୍କ ସଙ୍ଗେ ଗୋପନ ସମ୍ପର୍କରେ କାଗଜ ଓ ଅନ୍ୟ ଆଭାସ ମଧ୍ୟ ସରକାର ପାଇଲେ । ସେଥିମଧ୍ୟରୁ କେତେକ ପ୍ରଚାରପତ୍ରରେ ଲେଖାଥିଲା—"Subhas Guards will March through the nerve centres of British Imperialism—ସୁଭାଷ ସେନା ଇଂରେଜ ସାମ୍ରାଜ୍ୟବାଦର ସ୍ନାୟୁକେନ୍ଦ୍ର ଉପରେ ଦଳି ଚାଲିଯିବେ ।" ଏହିପରି ଖଣ୍ଡେ ଅଧେ କାଗଜ ଧରାପଡ଼ି ଗୁରୁତ୍ୱ ସୃଷ୍ଟି କଲା, କିନ୍ତୁ ଓଡ଼ିଶାର ନାନା ସ୍ଥାନରେ ଗୋପନ ଭାବରେ କାର୍ଯ୍ୟ କରୁଥିବା ସୁଭାଷପନ୍ଥୀଙ୍କ କେନ୍ଦ୍ରମାନଙ୍କର କୌଣସି ଠିକଣା ଇଂରେଜ ସରକାର ପାଇଲେ ନାହିଁ । ସୁଭାଷପନ୍ଥୀମାନେ ନିର୍ବିଘ୍ନରେ ବେତାର-ଯନ୍ତ୍ରମାନ ଲୁଚାଇ ରଖି ସୁଭାଷଙ୍କ ଜାତୀୟବାହିନୀ ସଙ୍ଗେ ସମ୍ପର୍କ ରଖି ପାରିଥିଲେ । ଏହି ସନ୍ଦେହ ଯୋଗୁଁ ତାଙ୍କର କେତେକ ଅନ୍ତରଙ୍ଗ, ସହକର୍ମୀ ଓ ଜ୍ୟେଷ୍ଠପୁତ୍ର ଅଶୋକ ଯୁଦ୍ଧବନ୍ଦୀ ରୂପେ କାରାବରଣ କଲେ । ଶେଷରେ ନାନା ପ୍ରତିବନ୍ଧକର ସମ୍ମୁଖୀନ ହୋଇ, ଜାତୀୟ ଯୁଦ୍ଧସାମ୍ମୁଖ୍ୟରୁ ଇସ୍ତଫା ଦେଲେ । ଏ ସବୁ ସତ୍ତ୍ୱେ ଓଡ଼ିଶା ପ୍ରଦେଶରେ ମିଳିତ ଦେଶୀ ସରକାର ଥିବା ଯୋଗୁଁ 'ବଙ୍ଗଳା ଦୁର୍ଭିକ୍ଷ' ଭଳି ଇଂରେଜ ସରକାରଙ୍କର ମାନବସୃଷ୍ଟି ଦୁର୍ଭିକ୍ଷକୁ ଏଡ଼ାଇ 'ଉତ୍କଳ'ର 'ତାଣ୍ଡବଲୀଳା ଆଉ ଥରେ ଘଟିବାକୁ ସୁଯୋଗ ଦେଇ ନ ଥିଲେ ।

ତାଙ୍କର ବୈପ୍ଳବିକ ପଦକ୍ଷେପଗୁଡ଼ିକ ଯୋଗୁଁ ଅନେକ ସମୟରେ ସେ ନାନା ଭାବରେ ଭୁଲ ବୁଝାମଣାର ସମ୍ମୁଖୀନ ହୋଇଥିଲେ ମଧ୍ୟ ଶେଷ ପର୍ଯ୍ୟନ୍ତ ଦେଶର ମଙ୍ଗଳ ଓ ଉନ୍ନତି ପ୍ରତି ଲକ୍ଷ୍ୟ ରଖି ନିଜର ବିବେକାନୁମୋଦିତ କାର୍ଯ୍ୟରେ ନୀଳକଂଠ ଅଟଳ ରହିଥିଲେ । ବିପ୍ଳବୀ ପଥପ୍ରଦର୍ଶକମାନେ ହରିବେଳେ ରକ୍ଷଣଶୀଳମାନଙ୍କ ଶରବ୍ୟ ହୋଇଥାନ୍ତି । ମହାତ୍ମା ଗାନ୍ଧୀ ଗୁଳିଗୋଟିରେ ଟଳି ପଡ଼ିଲେ, ଜୟପ୍ରକାଶ ଶରଶଯ୍ୟାରେହିଁ ବିଦାୟ ନେଲେ, କିନ୍ତୁ ସେମାନଙ୍କର ସ୍ୱପ୍ନ ରୂପାୟିତ ହୋଇଛି, ଭାରତ ସ୍ୱାଧୀନ ହୋଇଛି ଗଣତନ୍ତ୍ରର ଡାକ ଘରେ ଘରେ ପ୍ରତିଧ୍ୱନିତ ହେଉଛି ।

ନୀଳକଂଠ ପ୍ରଥମ ହରେକୃଷ୍ଣ କଂଗ୍ରେସ ମନ୍ତ୍ରିମଣ୍ଡଳ ଗଢ଼ାଇଥିଲେ । ପରେ ମିଳିତ ମନ୍ତ୍ରିମଣ୍ଡଳ ଗଢ଼ାଇ ଦେଶକୁ ଶିକ୍ଷା, ସ୍ୱାସ୍ଥ୍ୟ ପ୍ରଭୃତି କ୍ଷେତ୍ରରେ ବହୁତ ଆଗେଇ ନେଇଥିଲେ, ଶେଷକାଳରେ ଗଣତନ୍ତ୍ରର ମର୍ଯ୍ୟାଦା ବଢ଼ାଇ ବିଧାନସଭା ବାଚସ୍ପତି ଆସନକୁ ସଂପୂର୍ଣ୍ଣ ନିରପେକ୍ଷ ଓ ସରକାରଙ୍କ କବଳରୁ ମୁକ୍ତ କରାଇ ପାରିଥିଲେ ।

ଗୋପବନ୍ଧୁ, ଅନନ୍ତ ଅଳ୍ପ ବୟସରେ ଚାଲି ଯାଇଥିଲେ । ହରିହର ରାଜନୀତିରୁ ଦୂରରେ ରହି ସେବାବ୍ରତୀ ହୋଇଥିଲେ । ନୀଳକଂଠ କିନ୍ତୁ ୧୯୨୮ରେ ଗୋପବନ୍ଧୁଙ୍କ

Digitized by srujanika@gmail.com

ଉଦ୍‌ବୋଧନ ପରଠାରୁ ୧୯୬୭ରେ ଶେଷନିଃଶ୍ୱାସ ତ୍ୟାଗ କରିବା ପର୍ଯ୍ୟନ୍ତ ସେହି ବିପ୍ଳବ ପଥରେ ଅଗ୍ରଗାମୀ ଥିଲେ । ସେ ଦେଶର ଏସବୁ ଉନ୍ନତିର ଆଭାସ ଦେଖିବାର ସୁବିଧା ପାଇଲେ ଠିକ୍ ସେହି 'ଉତ୍କଳ' ବାଳିକାର ଶାଶୁଘରକୁ ଯିବାର ଦୃଶ୍ୟପରି । ନୀଳକଂଠଙ୍କର ଆକାଂକ୍ଷା ପୂର୍ଣ୍ଣ ହେଲା, ଦେଶ ସ୍ୱାଧୀନ ହେଲା-ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେଲା-ଆକାରରେ ମଧ୍ୟ ବଡ଼ ହେଲା । ବିଶ୍ୱବିଦ୍ୟାଳୟମାନ ଗଢ଼ି ଉଠିଲା-ଲୋକେ ଅଧିକ ଶିକ୍ଷିତ ହେଲେ, ରାଜ୍ୟରେ ମେଡ଼ିକାଲ, ସ୍କୁଲ, କଲେଜମାନ ଖୋଲାଯାଇ ଚିକିତ୍ସାର ସୁବିଧା କରାଗଲା । ଏବେ ଆମରି ନିଜ ଲୋକେ ଦେଶ ଶାସନର ସର୍ବେସର୍ବା ହେଲେ-ହେଲେହେଁ ନୀଳକଂଠ ଉତ୍କଳର ଯେଉଁ ଅସ୍ଥିକଙ୍କାଳସାର ଝିଅଟିକୁ ମୂର୍ତ୍ତି ଚିତ୍ରିଏ ପାଇବା ଧାଡ଼ି ଭିତରୁ ଉଠାଇ ଦେବାର ଅବସ୍ଥା ଯେପରି କି ଏଯାଏଁ ଦୂର ହୋଇନି-ଶାସକଶ୍ରେଣୀ କ୍ଷମତା ଲାଳସାରେ ଏତେଦୂର ସ୍ୱାର୍ଥାନ୍ଧ ଯେ ଲୋକସ୍ୱାର୍ଥ ଯେପରି କି ତାଙ୍କୁ ଦେଖାଯାଉନି । ଉତ୍କଳର ବାଳିକାଟି ଯୌବନ ଶରୀର ଘେନି ଶାଶୁଘରକୁ ଗଲା ସତ; ମାତ୍ର ସେ ସେଠାରେ କିପରି ଚଳିଲା ଓ ଘର କିପରି ଚଳାଇଲା ତା' ନ୍ୟସ୍ତ ଥିଲା ଭବିଷ୍ୟତ ଉପରେ । ସେହିପରି ଏ ଦେଶ କିପରି ଚଳିବ ବା ଭବିଷ୍ୟତ ବଂଶଧର ଦେଶକୁ କିପରି ଚଳାଇବେ, ତାହା ଭବିଷ୍ୟତ ହିଁ କହିବ ।

"ଆତ୍ମସୁଖେ ମତ୍ତ କେତେ କରନ୍ତି ଗରବ
ଧର୍ମ ନାମେ କାମନାର ବେଗ ପ୍ରସ୍ତରଣେ
ବାସନାର ଏ ବିଶ୍ୱାସେ ସତେ କି ସମ୍ଭବ
ପୂର୍ଣ୍ଣ୍ୟ ଦରଶନ ତବ ଅନନ୍ତ ବିମାନେ ?" -ନୀଳକଣ୍ଠ

Digitized by srujanika@gmail.com

# ପଣ୍ଡିତ ନୀଳକଣ୍ଠଙ୍କ ମହାନୁଭବତା

ଡକ୍ଟର ବୃନ୍ଦାବନଚନ୍ଦ୍ର ଆଚାର୍ଯ୍ୟ

୧୯୬୨ ମସିହାର କଥା । ଓଡ଼ିଶା ବିଧାନସଭାର ବାଚସ୍ପତି ଥାଆନ୍ତି ପଣ୍ଡିତ ନୀଳକଣ୍ଠ । ବଲାଙ୍ଗିର ବିଦ୍ୟାଭୂଷଣ ସଂସ୍କୃତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ରୂପେ ସେ ଯୋଗଦେବାର ଥାଏ । ସରକାରୀ ଅତିଥି ଭବନରେ ସେ ଆସି ପହଞ୍ଚିଲା ପରେ ମୁଁ ଓ ମୋ ସହିତ ଦୁଇ ଚାରିଜଣ ଛାତ୍ର ସେଠାକୁ ଗଲୁ । ଉଦ୍ଦେଶ୍ୟ ପଣ୍ଡିତଜୀଙ୍କୁ ରାଜେନ୍ଦ୍ର କଲେଜକୁ ନିମନ୍ତ୍ରଣ କରିବା । ପଣ୍ଡିତଜୀ ଆମର ପରିଚୟ ନେଲା ପରେ ମୁଁ କହିଲି-"ସାର ! ଏଠାକାର ଛାତ୍ରମାନେ ଆପଣଙ୍କଠାରୁ କିଛି ଶୁଣିବାକୁ ଆଗ୍ରହୀ ।" ଏହି ଗୋଟିଏ ବାକ୍ୟ କହୁ ନ କହୁଣୁ ପଣ୍ଡିତ ମହାଶୟ ଉତ୍କ୍ଷିପ୍ତ ହୋଇପଡ଼ି କହିଲେ-"କିହୋ ! ତୁମ ଘର ପରା ଘୁମୁସର ? 'ଏଠାକାର', 'ସେଠାକାର' କଣ କହୁଛ ? ଏ ସବୁ ଓଡ଼ିଆ ନୁହେଁ, ବଙ୍ଗଳାର ସିଧା ଅନୁକରଣ । ଯୁବକମାନଙ୍କ ଭିତରେ ଏଭଳି ଅନୁକରଣପ୍ରୀତି ଦିନୁଦିନ ବଢ଼ୁଥିବାର ମୁଁ ଦେଖୁଛି । ଏହା କିନ୍ତୁ ଶୁଭ ଲକ୍ଷଣ ନୁହେଁ । ତୁମ ଘର ଯେଉଁଠି ସେହି ସ୍ଥାନ ପରା ବିଶୁଦ୍ଧ ଓଡ଼ିଆ ଭାଷା ଲାଗି ପ୍ରସିଦ୍ଧ । କେବଳ ସାହେବ ଜଣେ (ଜନ୍ ବିମସ୍) ଏ କଥା ଲେଖିଛି ବୋଲି ନୁହେଁ, ଆମେ ସବୁ ମଧ୍ୟ ଏ କଥା ଦେଖୁଆଛୁଁ । ଘୁମୁସର ସମେତ ବାଣପୁର-ଖୋର୍ଦ୍ଧା ଠାରୁ ପୁରୀ ପର୍ଯ୍ୟନ୍ତ ଅଞ୍ଚଳରେ ସେଇ ଏକା କଥା । ଅତୀତରେ ଏ ସବୁ ଅଞ୍ଚଳକୁ ନେଇ 'କଙ୍ଗୋଦ' ନାମରେ ଏକ ସ୍ୱତନ୍ତ୍ର ରାଜ୍ୟଥିଲା । ସମ୍ଭବତଃ ସେହି ସମୟରୁ ଏଠାରେ ଭାଷାର ବିଶୁଦ୍ଧତା ରକ୍ଷା ଲାଗି ଯତ୍ନ କରା ହୋଇ ଆସିଛି । ଯୁବକମାନଙ୍କ ଭିତରେ ଏହିଭଳି ଦୃଷ୍ଟିକୋଣ ନ ଫିଟିଲେ ଭବିଷ୍ୟତ ଭଲ ହେବ ନାହିଁ ।

ତା'ପରେ ନାନା କଥା ପଡ଼ିଲା । ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖର ଭାଷାଠାରୁ ରାଧାନାଥଙ୍କ ଦରବାର ପର୍ଯ୍ୟନ୍ତ । କଥା ପ୍ରସଙ୍ଗରେ ବଙ୍ଗପ୍ରଦେଶର ବୀରଭୂମ ଜିଲ୍ଲାରେ ଶାନ୍ତିନିକେତନଠାରୁ ମାତ୍ର ୨୪ ମାଇଲ ଦୂର ତଥାକଥିତ କେନ୍ଦୁଲି ଗାଁରେ ଏବର ଜୟଦେବ ମେଳାର ମୁଁ ଜଣେ ପ୍ରତ୍ୟକ୍ଷଦର୍ଶୀ ବୋଲି ଯେତେବେଳେ କହିଲି, ସେତେବେଳେ ପଣ୍ଡିତ ମହାଶୟ ସେ ମେଳାର ବିବରଣୀମାନ ମୋଠାରୁ ଆଗ୍ରହର ସହିତ ଶୁଣିଥାନ୍ତି ଏବଂ ଏ ବିବରଣୀ ଟିପିନେବା ଲାଗି ତାଙ୍କ ପି. ଏ. କୁ ଇଙ୍ଗିତ ଦେଉଥାନ୍ତି ।

ଆଉ ଥରକର ଘଟଣା । ପୁରୀ ସାମନ୍ତ ଚନ୍ଦ୍ରଶେଖର କଲେଜ ହଲରେ ପଣ୍ଡିତ ନୀଳକଣ୍ଠଙ୍କ ଭାଷଣ । ବକ୍ତୃତା ପ୍ରସଙ୍ଗରେ ପଣ୍ଡିତଜୀ ପାଣିନିଙ୍କ ଗୋଟିଏ ସୂତ୍ର

Digitized by srujanika@gmail.com

ବିଶ୍ଳେଷଣ କଲେ । ସଭା କକ୍ଷ ପଣ୍ଡିତମଣ୍ଡଳୀରେ ପରିପୂର୍ଣ୍ଣ । ସଭା ଶେଷ ହେଲା ପରେ ଦୁଇ ଚାରି ଜଣ ଶ୍ରୋତା ତାଙ୍କୁ ଅତିଥି ଭବନରେ ଯାଇ ସାକ୍ଷାତ କଲେ । ଏମାନଙ୍କ ମଧ୍ୟରେ ଥିଲେ ଓଡ଼ିଶାର ଜଣେ ବିଶିଷ୍ଟ ପଣ୍ଡିତ ସ୍ୱର୍ଗତ ସଦାଶିବ ଦାସଶର୍ମା । ସେ କହିଲେ—"ବକ୍ତୃତା ଖୁବ୍ ଉଚ୍ଚକୋଟୀର ହେଲା । କିନ୍ତୁ ଗୋଟିଏ ଦୁଇଟି ଭୁଲ କଥା ଆପଣ କହିଲେ । ସଭାରେ ଏ ଭୁଲ ପ୍ରତି ଦୃଷ୍ଟି ଆକର୍ଷଣ କରିବା ଠିକ୍ ହୋଇ ନଥାନ୍ତା ବୋଲି ଏଠାକୁ ସାକ୍ଷାତ କରିବା ପାଇଁ ଆସିଲି ।" ପଣ୍ଡିତ ନୀଳକଣ୍ଠ ନିଜର ଗୋଟିଏ ଦୁଇଟି ଭୁଲ କଥା ଶୁଣିଲେ ଏବଂ କହିଲେ-"ସଦାଶିବ ଦାସ ଯଦି ଭୁଲ ବୋଲି କହୁଛନ୍ତି ତା'ହେଲେ ମୁଁ ଆଉ କେଉଁଠି ଏ ଭୁଲ କଥା କହିବି ନାହିଁ ।

ପଣ୍ଡିତ ନୀଳକଣ୍ଠଙ୍କ ବିଶାଳ ପାଣ୍ଡିତ୍ୟ ଅନ୍ୟର ଭୁଲ ସଂଶୋଧନ କରିବାରେ ଯେପରି ନିଷ୍ଠା ପ୍ରଦର୍ଶନ କରୁଥିଲା, ସେହିପରି ନିଜ ଭ୍ରମକୁ ସ୍ୱୀକାର କରିବାରେ ମଧ୍ୟ କୁଣ୍ଠାହୀନ ଆଗ୍ରହ ପ୍ରକାଶ କରୁଥିଲା । ଯେ କୌଣସି ସମସ୍ତରେ ଯଥାର୍ଥ ପାଣ୍ଡିତ୍ୟର ଏହାହିଁ ପ୍ରକୃତ ସ୍ୱରୂପ । ପରମ୍ପରା ଓ ସ୍ୱଚ୍ଛଦୃଷ୍ଟିର ପରିପ୍ରେକ୍ଷୀରେ ଆଧୁନିକ ଯୁଗରେ ନୂତନ ଚଳଣିମାନଙ୍କୁ ପରୀକ୍ଷା କରିବା ଓ ଦେଶରେ ବିଦ୍ୟାର ପରମ୍ପରା ଫିଟାଇବାରେ ବିଂଶ ଶତାବ୍ଦୀର ଓଡ଼ିଶାରେ ପଣ୍ଡିତ ନୀଳକଣ୍ଠଙ୍କର ଯେଉଁ ବିପୁଳ ମହାନୁଭବତା ପ୍ରକାଶ ପାଇଅଛି, ତାହାର ଆଉ ଦ୍ୱିତୀୟ ଦୃଷ୍ଟାନ୍ତ ଥିବାର ପ୍ରମାଣ ଅଛି କି ? ଆମର ଚିନ୍ତାଧାରାକୁ ମାର୍ଜିତ, ପରିଶୁଦ୍ଧ ଓ ସମାଜ-ବିକାଶର ଅନୁକୂଳ କରିବାରେ ତାଙ୍କର ଅବଦାନ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ମନେ ହୁଏ ।

( 'ସମାଜ'—ତା ୫ । ୮ । ୭୯ )

"ରାଜନୀତିକୁ କୁଟନୀତି ବୋଲି ଅନେକ କହିଥାନ୍ତି ।
ଛଳନା, କପଟତା ଯେ ଏଥିରେ ନ ମିଳେ, ତା ନୁହେଁ ।"

'ଆତ୍ମ ଜୀବନୀ'— ନୀଳକଣ୍ଠ

Digitized by srujanika@gmail.com

# ସେ ଏକ ପ୍ରେରଣା-ସ୍ରୋତ ନବଭାରତର

ଶ୍ରୀ ବାଞ୍ଛାନିଧି ପଣ୍ଡା, ଶିକ୍ଷକ,
କୃଷ୍ଣଚରଣ ବିଦ୍ୟାମନ୍ଦିର, ବାଲେଶ୍ୱର

ଓଡ଼ିଶାର କୁଳବୃଦ୍ଧ ତଥା ଜ୍ଞାନବୃଦ୍ଧ ପଣ୍ଡିତ ନୀଳକଣ୍ଠ ଯେ 'ନବଭାରତ'ର ଏକ ପ୍ରେରଣା-ସ୍ରୋତ, ଏ କଥା କହିଲେ କିଛି ଅତିରଞ୍ଜନ ହେବ ନାହିଁ । ଲେଖାର ନାମକରଣରୁ ହଠାତ୍ ହୁଏତ ସମସ୍ତେ ବୁଝିବେ ଯେ, ଯେପରିକି ସେ ଜଣେ ନବଭାରତର ପ୍ରେରଣାର ପ୍ରତିମୂର୍ତ୍ତି, ଭାରତର ଭାଗ୍ୟନିୟନ୍ତା । ମାତ୍ର ରାଜନୀତିକ ଦୃଷ୍ଟିକୋଣରୁ ନୁହେଁ ମୁଁ ତାଙ୍କୁ ତାଙ୍କ ପ୍ରତିଷ୍ଠିତ ସାହିତ୍ୟ ପତ୍ରିକା 'ନବଭାରତ'ର ଏକ ପ୍ରେରଣାସ୍ରୋତ ରୂପେ ଚିତ୍ରିତ କରୁଛି ।

ରାଜନୀତିକ ଦୃଷ୍ଟିଭଙ୍ଗୀ ଓ ଅବଦାନ ତାଙ୍କର ଯାହା ଥାଉନା କାହିଁକି-ସେ କଥା କହୁନି; ମାତ୍ର କଣ୍ଠ ପଣ୍ଡିତେ ଯେ ଓଡ଼ିଶା ତଥା ଭାରତରେ ଏକ ପ୍ରୌଢ଼ଧୀ ପୁରୁଷ ଓ ଉତ୍ସାହର ଅଫୁରନ୍ତ ଉତ୍ସ, ଏ କଥାରେ କେହି ଦ୍ୱିମତ ହେବେ ନାହିଁ । ଗୋପବନ୍ଧୁଙ୍କ ପ୍ରତିଷ୍ଠିତ ଜାତୀୟ ବନ ବିଦ୍ୟାଳୟ ସତ୍ୟବାଦୀରେ ତାଙ୍କର ଶିକ୍ଷକତ୍ୱ ଓ ବ୍ୟକ୍ତିତ୍ୱ ସେକାଳରେ ଏ ଜାତି ପକ୍ଷରେ ଯେ ଏକାନ୍ତ ଉପାଦେୟ ଓ ବଳିଷ୍ଠ ଥିଲା, ତା'ର ଉଦାହରଣର କିଛି ଅଭାବ ନାହିଁ । ତାଙ୍କର ପ୍ରେରଣାସ୍ରୋତରୁ ହିଁ ପଣ୍ଡିତ ଗୋଦାବରୀଶଙ୍କ ଭଳି ନିର୍ଭୀକ ଯୋଦ୍ଧା, ବଳିଷ୍ଠ ନେତା, ବିଚକ୍ଷଣ ରାଜନୀତିଜ୍ଞ ଓ ସୁସାହିତ୍ୟିକଙ୍କର ଆବିର୍ଭାବ ହେବା ସମ୍ଭବପର ହୋଇଥିଲା । ମହାପାତ୍ର ଗୋଦାବରୀଶଙ୍କ ଭଳି ବଳିଷ୍ଠ ବ୍ୟଙ୍ଗ ସାହିତ୍ୟିକରହିଁ ସତ୍ୟବାଦୀ-ସାହିତ୍ୟ-ଚେତନାରୁ ସମ୍ଭୂତ ।

ପଣ୍ଡିତ ନୀଳକଣ୍ଠ ହିଁ ସାମାଜିକ ବିପ୍ଳବକାରୀଙ୍କର ଏକ ଜୀବନ୍ତ ପ୍ରତିମୂର୍ତ୍ତି । ତାଙ୍କ ଦାଢ଼ି ଓଡ଼ିଶା ସାମାଜିକ ଚେତନାକୁ ଏକ ନବଯୁଗର ବାର୍ତ୍ତା ଦେବା ପାଇଁ ଉତ୍ସୃଷ୍ଟ । ତେଣୁ ଏକ ନୂତନ ସମାଜର ପ୍ରାଣପ୍ରତିଷ୍ଠା ପାଇଁ ସାହିତ୍ୟ ରାଜ୍ୟର ବିପ୍ଳବ ସୃଷ୍ଟିକାରୀ ଉତ୍କଳୀୟଙ୍କୁ ବଳିଷ୍ଠ ଜାତୀୟବାଦୀ ରୂପେ ପ୍ରତିଷ୍ଠିତ କରାଇବା ଯେପରିକି ତାଙ୍କ ପ୍ରାଣର ଏକାନ୍ତ ଇଚ୍ଛା ଥିଲା ।

'ସହକାର'ର ସେତେବେଳେ ଖୁବ ପ୍ରସିଦ୍ଧି ଥାଏ । ପ୍ରତିଷ୍ଠିତ ମୁଷ୍ଟିମେୟ ଲେଖକଙ୍କର ଥିଲା ସେଥିରେ ଅଗ୍ରାଧିକାର । ସାହିତ୍ୟ-ରାଜ୍ୟର ଏଇ ରକ୍ଷଣଶୀଳ ମନୋବୃତ୍ତିକୁ ମାଟି କରିବା ହୁଏତ ପଣ୍ଡିତଜୀଙ୍କର ଉଦ୍ଦେଶ୍ୟ ଥିଲା । ହତାଶ ଲେଖକକୁଳପ୍ରାଣରେ ଆତ୍ମବିଶ୍ୱାସ ଜନ୍ମାଇ, ସ୍ୱର୍ଗତ ବିଶ୍ୱନାଥଙ୍କ ଭଳି ତାଙ୍କୁ ପ୍ରତିଷ୍ଠିତ କରାଇବା ଥିଲା ତାଙ୍କ ଜୀବନର ଏକ ମହାନ କର୍ତ୍ତବ୍ୟ ।

Digitized by srujanika@gmail.com

ପ୍ରସଙ୍ଗକ୍ରମେ ନିଜ କଥା କହୁଛି । ମୁଁ ଆଜି କିଭଳି ଲେଖକ ହୋଇଛି, ନିଜେ ଜାଣେନା । ମୋତେ କିନ୍ତୁ କେହି କେହି କବି କହନ୍ତି; ଗୌରବବୋଧର କିଛି କାରଣ ନାହିଁ । ତେବେ 'ନବଭାରତ'ର ବଳିଷ୍ଠ ପ୍ରେରଣାପ୍ରେରିତରୁ ଯେ ମୁଁ ସମ୍ପ୍ରତି ଏକଥା ଦୃଢ଼ କଣ୍ଠରେ କହିପାରେ । ଅନେକ ଲେଖିଲା ପରେ 'ସହକାର' ଓ 'ଶଂଖ'ରେ ମୋ ଲେଖାର ପ୍ରକାଶ ପାଇଁ ଭାରି ଆଗ୍ରହ ଥାଏ । ପହିଲେ 'ଶଂଖ'ରେ ଗଳ୍ପଟିଏ ପ୍ରକାଶ ପାଇଲା । ସେ ଲେଖାଟିର ପ୍ରତି ଧାଡ଼ିରେ ମୋର ଅନୁଭବହୃଦ୍ୟତା ଆସିଥିଲା. ଅବଶ୍ୟ । ମାତ୍ର ଦୁଃଖ ହେଲା ଗୋଟିଏ କଥାରେ । ମୋର 'ନ' କିମ୍ବା ପ୍ରୟୋଗକୁ, ସମ୍ପାଦକ ସ୍ୱର୍ଗତ ଜଳନ୍ଧର ଦେବ 'ନାହିଁ'ରେ ରୂପାନ୍ତରିତ କରି ଦେଇଥିଲେ--ମୋର ସ୍ୱୀକୃତି ନ ନେଇ, ତତ୍‌ସଙ୍ଗେ 'ସମ୍ପାଦକୀୟ'ରେ ସେ 'ନ' ନାହିଁ' ବିଷୟକ ଏକ ଟିପ୍‌ପଣୀ ଲେଖିଲେ । ସେଥିରେ 'ନ' ପ୍ରୟୋଗର ବିରୁଦ୍ଧ ବ୍ୟକ୍ତ କରି ଲେଖକମାନଙ୍କୁ 'ନ' ପରିବର୍ତ୍ତିରେ 'ନାହିଁ' ପ୍ରୟୋଗ ପାଇଁ ଏକ ଆହ୍ୱାନ ଜଣାଇଥିଲେ ।

ମୋର ସଂଗ୍ରାମୀ ପ୍ରାଣ ଏଥିରେ ଅତ୍ୟନ୍ତ କ୍ଷୁବ୍‌ଧ ହେଲା । ସଙ୍ଗେ ସଙ୍ଗେ "ନ, ନାହିଁର ପ୍ରତିବାଦ"ଟି ଲେଖି ଗୋଟିଏ 'ଶଂଖ'କୁ ଓ ଅନ୍ୟ ଗୋଟିଏ "ନବ-ଭାରତ"କୁ ପଠାଇଦେଲି । ବିଶ୍ୱାସ ଥିଲା-'ନବଭାରତ'ରେ ଏହା ପ୍ରକାଶ ପାଇପାରେ । 'ଶଂଖ'ତ ସେ ଲେଖା ପ୍ରକାଶ କଲା ନାହିଁ; 'ନବଭାରତ'ରୁ ମଧ୍ୟ ସେ ଲେଖାର ପ୍ରକାଶ ଦେଖିଲି ନାହିଁ । ଭାବିଲି-ନୀଳକଣ୍ଠଙ୍କ ଭଳି ଲେଖକଙ୍କ ପାଖରେ ଏ ନଗଣ୍ୟ ଲେଖାର ବା କି ମୂଲ୍ୟ ଥାଇପାରେ । ଦୁଃଖ କଲି--ଓଡ଼ିଶାର ଲେଖକକୁଳ ଯେ ଏତେ ଭୀରୁ, କେହି ଏହାର ପ୍ରତିବାଦ କରୁନାହିଁ, ମନମାରି ଚୁପ ରହିଲି ।

ମୋତେ ଚମକାଇ ହଠାତ୍ ଦିନେ 'ନବଭାରତ'ଟିଏ ମୋ ନାଁରେ ଆସିଲା । (ସେପ୍‌ଟେମ୍ବର ୧୯୪୬) । ଖୋଲି ଦେଖିଲି--"ନ, ନାହିଁର ପ୍ରତିବାଦ"ଟି ବାହାରିଛି । କେତେ ଯେ ଖୁସି ହୋଇଛି ମୁଁ ଜାଣେ । 'ନବଭାରତ'ରେ ଲେଖା ବାହାରିଛି ସେ ଧ୍ୱନି ସମାଲୋଚନା । ଯେଉଁ ଅଦମ୍ୟ ଉତ୍ସାହ ମିଳିଲା ମୋତେ ସେଥିରୁ, ତାହା ପରବର୍ତ୍ତୀ ସମଗ୍ର ଜୀବନରେ ସାହିତ୍ୟ ସାଧନାର ଏକ ସୁଦୃଢ଼ବୀଜ ରୂପେ ହିଁ ମୋର ହୃଦୟ କ୍ଷେତ୍ରରେ ରହିଗଲା ।

ଏ ଘଟଣା ପରେ ପରେ 'ଶଂଖ' ମୋ ଲେଖା ପ୍ରକାଶ ନ କରି ଥିବାର ଏକ କୈଫିୟତ ଦେଲେ । 'ଚତୁରଙ୍ଗ'ରେ 'ପ୍ରାଚୀନ ପଲ୍ଲୀ'କୁ 'ସାବଧାନ' କରାଇ ଦିଆଗଲା । 'ସହକାର'ରେ ବଳୀବର୍ଦ୍ଧ ଶର୍ମାଙ୍କର ଗୋଟିଏ ଲେଖା କେବଳ 'ନ' କିମ୍ବା ପ୍ରୟୋଗରେ ହିଁ ବାହାରିଲା ।

ତତ୍କାଳୀନ ବଙ୍ଗ ପ୍ରେସିଡେନ୍‌ସି କଲେଜର ଓଡ଼ିଆ ଅଧ୍ୟାପକ ପଣ୍ଡିତ ବିନାୟକ ମିଶ୍ରେ 'ନ' ପ୍ରଚଳନର ସମର୍ଥନ ଜଣାଇ ଏ ସମସ୍ୟାର ସମାଧାନ କରାଇଥିଲେ । ସେ

Digitized by srujanika@gmail.com

ମହାଶୟ ସେଇ ସଂଖ୍ୟାରେ, ନୂତନ କବିତା ରଚନାରେ ବ୍ରତୀ ହୋଇ ସଚି ରାଉତରାୟଙ୍କ କବିତାରେ କଳାର ଅଭାବ ଥିବା ବିଷୟ ଦର୍ଶାଇ ସେଥିପାଇଁ ଏକ ଲେଖାର ଆହ୍ୱାନ କଲେ ।

ମୁଁ ପୁଣି ଉତ୍ସାହିତ ହୋଇ "ପଦ୍ୟସାହିତ୍ୟରେ ସଚି ବାବୁ" ଶୀର୍ଷକ ଲେଖାଟିଏ 'ନବଭାରତ'କୁ ଦେଲି । ଯଥା ସମୟରେ ଲେଖା ପ୍ରକାଶ ପାଇଲା । ଏହିପରି ସାହିତ୍ୟ ଜଗତ ସହିତ ପଣ୍ଡିତେ ହିଁ ମୋତେ ପରିଚିତ କରାଇଲେ । ନାନା କାରଣରୁ ଲେଖାର ଧାରା ମରି ଯାଉଥିଲା । କୌଣସି ହିତୈଷୀ ବନ୍ଧୁ ଓ ମହାପାତ୍ର ଗୋଦାବରୀଶ ହିଁ ତାକୁ ବଞ୍ଚାଇଲେ ।


ଆଜି ଯେତେବେଳେ ଏ ବୟସରେ ଚକ୍ଷୁର ଜ୍ୟୋତି ହଜିଯାଉଛି, ସଂସାରରେ ଜୀବନସଂଗ୍ରାମ ଅତି ଅତିଷ୍ଠ ହୋଇପଡ଼ୁଛି, ଅଉ ନ ଲେଖିବା ପାଇଁ ମୁଁ ଯେତେବେଳେ ଏକାନ୍ତ ପ୍ରତିଜ୍ଞାବଦ୍ଧ, ଜାଣେନା କେଉଁ ଅଦୃଶ୍ୟଶକ୍ତିର ଉତ୍ସ କି ପ୍ରେରଣା ଯେପରି ମତେ ଏତେ ଉଦବୁଦ୍ଧ କରେ ଯେ, ମୁଁ ନ ଲେଖି ରହି ପାରେନା । ଲେଖନୀ ଧରେ ଜୀବନ ରସର ନିର୍ଯ୍ୟାସ ଢାଳି ରୂପ ଦିଏ ଲେଖାକୁ ।

ମନେ ପଡ଼ୁଛି-ସେଇ ଜ୍ଞାନୀପୁରୁଷଙ୍କ ସମ୍ମୁଖୀନ ହେବା ପାଇଁ ମୁଁ ସେ ଦିନ ରାମଚନ୍ଦ୍ର ଭବନରେ କିପରି ଇତସ୍ତତଃ ହୋଇଥିଲି । "ରବିବାସରୀୟ ସାହିତ୍ୟ ସଂସଦ"ର ଏକ ଅଧିବେଶନରେ କୃଷ୍ଣବାବୁ, ମାନସିଂହ, ନିତ୍ୟାନନ୍ଦ ମହାପାତ୍ର, ଅଧ୍ୟାପକ କାହ୍ନୁଚରଣ ମିଶ୍ର, ସେ ଦିନର ହିନ୍ଦୀ ଟ୍ରେନିଂ ଇନଷ୍ଟିଚ୍ୟୁଟର ଅଧ୍ୟକ୍ଷ ଶ୍ରୀ ତାରଣୀଚରଣ ଦାସ ପ୍ରମୁଖ ଥା'ନ୍ତି । ମୁଁ ମୋର କ୍ଷୁଦ୍ର କବିତାଟି ଆବୃତ୍ତି କଲି । ସଭା ସମାପ୍ତ ପରେ ତାଙ୍କ ପାଖକୁ ଯାଇ କିଛି ଆଲୋଚନା ପାଇଁ ଇଚ୍ଛା କଲି । ମାତ୍ର ଇଚ୍ଛାପୂର୍ଣ୍ଣ ହୋଇ ପାରିଲା ନାହିଁ । ଭାବିଲି-କି ଜ୍ଞାନଗୌରବ ନେଇ ଠିଆ ହେବି ତାଙ୍କ ଆଗରେ । ସଙ୍କୋଚରେ ସଢ଼ିଗଲି । ଆଉ କେବେ ଦେଖା କରିବାର ଇଚ୍ଛା ନେଇ ଫେରି ଆସିଲି । ହାୟ, ଏ ବାସନା ଅପୂର୍ଣ୍ଣ ରହିଗଲା ମୋର ।

ନୀଳକଣ୍ଠଙ୍କ "କୋଣାର୍କେ"ତ ଓଡ଼ିଆ ସାହିତ୍ୟର ଏକ ଅନବଦ୍ୟ ସୃଷ୍ଟି । ତାଙ୍କ "ଓଡ଼ିଆ ସାହିତ୍ୟର କ୍ରମ ପରିଣାମ" କେବଳ ଓଡ଼ିଆ ଭାଷା ସାହିତ୍ୟର ନୁହେଁ, ଓଡ଼ିଆ ଜାତିର ଏକ ଅମୂଲ୍ୟ ସମ୍ପଦ । ଏ ଯାବତ୍ କେତେକ ସାହିତ୍ୟ ଗ୍ରନ୍ଥର ସମାଲୋଚନା ସେ କରିଛନ୍ତି । ତାଙ୍କ ଭଳି ଦାର୍ଶନିକ ତଥା ବଳିଷ୍ଠ ସାହିତ୍ୟିକ ଭାରତରେ ମଧ୍ୟ ବିରଳ ।

ସେଇ ଜ୍ଞାନୀପୁରୁଷଙ୍କ ଚରଣ ସ୍ପର୍ଶର ଅବସର ମୋ ଭଳି ନଗଣ୍ୟ ବ୍ୟକ୍ତି ପକ୍ଷରେ ଅସମ୍ଭବ । ଆଜି କେବଳ ଅନ୍ତରର ଭକ୍ତିଅର୍ଘ୍ୟ ତାଙ୍କର ଯୁଗଳ ପାଦତଳେ ନିବେଦନ କରିବା ବ୍ୟତୀତ, ଏ ନିଃସ୍ୱର ଆଉ ଅଧିକ କିଛି ନାହିଁ ।

Digitized by srujanika@gmail.com



ଗୋପବନ୍ଧୁଙ୍କ ଅନ୍ତିମଶଯ୍ୟା ନିକଟରେ ପଣ୍ଡିତ ନୀଳକଂଠ

Digitized by srujanika@gmail.com

# ଗୋଟିଏ ରାତିର ସାଥୀ

ଶ୍ରୀ କ୍ଷୀରୋଦଚନ୍ଦ୍ର ବମନ୍

ସେ ଗୋଟିଏ ରାତି । କେତେ ରାତି ପାହିଛି । ସେ ରାତିଟି ନ ପାହି ଯେତେ ଲମ୍ବି ଯାଇଥାନ୍ତା ସେତେ ବେଶି ମତେ ଆନନ୍ଦ ଦେଇଥାନ୍ତା । ସେଇ ଡିସେମ୍ବର ଶୀତ ରାତିଟି ମୋ ଜୀବନର ପୁଣ୍ୟାହ । ଗୋଟିଏ ସାଂସ୍କୃତିକ ସଭାରେ ସଭାପତି ହେବା ପାଇଁ ମୁଁ ଆସିଥାଏ ପଣ୍ଡିତ ନୀଳକଣ୍ଠଙ୍କୁ ସଙ୍ଗରେ ନେବା ପାଇଁ । ବାଙ୍କାବଜାର 'ନବଭାରତ' ପ୍ରେସ ଉପରେ ପଣ୍ଡିତେ ରହୁଥାନ୍ତି । ପ୍ରାୟ ଆଠଟା ରାତିରେ ମୁଁ ପହଞ୍ଚିଲି । ଅତି ପ୍ରତ୍ୟୁଷରୁ ପ୍ରାୟ ପାଞ୍ଚଟା ବେଳେ ଯିବାକୁ ହେବ । ପଣ୍ଡିତ ମହାଶୟ ପଚାରିଲେ— "ଖାଇଛ ?" ହୋଟେଲରେ ଖାଇ ଆସିଥିବାର ଜଣାଇଲି । ତେବେହେଁ ତାଙ୍କର ମନ ମାନିଲା ନାହିଁ । ମୋତେ ଅତିଥି କହି କିଛି ମିଠା ଖୁଆଇଲେ । କହିଲେ-"ଏଇ ଘରେ ଶୋଇବ । ସକାଳେ ଏକା ସଙ୍ଗେ ଉଠି ଯିବା ।" ଯିବାର ସମସ୍ତ ବ୍ୟବସ୍ଥା ହେଲା । ସେ ଖଟ ଉପରେ ଶୋଇଲେ । ମୁଁ ଚଟାଣରେ ବିଛଣା ପକାଇଲି । କ୍ଳାନ୍ତ ଲାଗୁଥିଲା, ତେଣୁ ବିଛଣା ଧରିବା ମାତ୍ରେ ଘୁଙ୍ଗୁଡ଼ି ମାରିଲି । ମୋର ପତଳା ଆଲୁଆନ ଭିତରେ ଶୀତ-ଗୁଡ଼ାକ ପଶିଯିବାର ଉଦ୍ୟମ କରୁଥାଆନ୍ତି । ମୁଁ ଚୁଙ୍ଗୁଡ଼ିମାଛ ଭଳି ମୋଡ଼ି ହୋଇ ଶୋଇ ପଡ଼ିଲି । ଅଧ ରାତିରେ ମୋର ନିଦ ଭାଙ୍ଗି ଗଲା । ଉଠି ଦେଖିଲି, ମୋ ଉପରେ ଖଣ୍ଡିଏ କମ୍ବଳ ଘୋଡ଼ା ହୋଇଛି । ମୋର ଶୀତକାତରତାକୁ କିଏ ଅନୁଭବ କଲା— କିଏ କମ୍ବଳ ଘୋଡ଼ାଇଲା ?

ଦେଖିଲି, ପଣ୍ଡିତେ ବହି ମେଲାଇ ପଢ଼ୁଛନ୍ତି । କହିଲେ-''କଣ ନିଦ ଭାଙ୍ଗିଗଲା କି ? ହଉ, ଶୋଇଶୋଇ ଶୁଣ, ମୁଁ ଯାହା କହୁଛି । ଅସୁର ସଭ୍ୟତା କଣ ଜାଣିଛ ? ଅସୁର ବନିପାଲ୍ ଏହି ସଭ୍ୟତାର ଜଣେ ପ୍ରଖ୍ୟାତ ନେତା । ଏହା ହେଲା ଆର୍ଯ୍ୟସଭ୍ୟତାର ପୃଷ୍ଠଭୂମି । ବାବିଲନ ଓ ସିରିଆରୁ ଏହାକ୍ରମେ କାସ୍ପିଆନହ୍ରଦ ପର୍ଯ୍ୟନ୍ତ ବ୍ୟାପିଥିଲା । ଏଇଠାରୁ ଆର୍ଯ୍ୟମାନେ ଆମ ଦେଶକୁ ଆସିଥିଲେ ।" ମୋର ସେତେବେଳେ ଏହି କଥା ବୁଝି ପାରିବାର ଅବସ୍ଥା ନ ଥିଲା । ପଣ୍ଡିତେ ବୁଝି ପାରିଲେ ବୋଧହୁଏ । ଏହି ପ୍ରସଙ୍ଗ ବନ୍ଦ ରଖି ପଚାରିଲେ, "ତମ ଗାଁରେ କି କି ଓଷାପର୍ବ ହୁଏ ?" ମୋତେ ଯାହା ସବୁ ଜଣାଥିଲା, କହିଲି । ସେ କହିଲେ-''ତମ ଗାଁରେ ଜାଗୁଲେଇ ଓଷା ହୁଏ ?" ନାହିଁ ।" ଏପରି ଓଷାର ନାମ ମଧ୍ୟ ମୁଁ ଜାଣି ନ ଥିଲି । ସେ କହିଲେ—ଜାଗ୍ରତ ହନୁମାଙ୍କର ପୂଜା ହୁଏ ଏହି ଓଷାରେ । ନିଷ୍ଠା ସହକାରେ ସାରାଦିନ ଉପବାସ ରହି ଅର୍ଦ୍ଧରାତ୍ରରେ

Digitized by srujanika@gmail.com

ଦେବୀଙ୍କର ଜାଗ୍ରତ ଅବସ୍ଥାର ଆବାହନ କରୁଥାଏ ।" ଆହୁରି କେତେ କଥା କହିଲେ ଓଷା ଓ ପୂଜେଇ ପର୍ବ ବିଷୟରେ । ପୁଣି କହିଲେ ଜୈନଧର୍ମ କଥା । ବୁଦ୍ଧଙ୍କ ସମ୍ପର୍କରେ ସେ କହିଲେ-"ସେ ହେଉଛନ୍ତି ଜୈନଧର୍ମର ଜଣେ ତୀର୍ଥଙ୍କର ।" ତା ପରେ ଜଗନ୍ନାଥଙ୍କ ମୈତ୍ରୀ ଧର୍ମକଥା କହିଲେ । କେତେ ନୂଆ କଥା, କେତେ ଜ୍ଞାନଗର୍ଭକ ଇତିବୃତ୍ତି । ମଝିରେ ମଝିରେ କଥାରେ ଲଥା "ବୋଲେବୋଲେ"ର ପୁନଃ ପୁନଃ ଉଚ୍ଚାରଣ. ମୋତେ ବେଶ ହସ ଲାଗୁଥାଏ । ହସ ଚାପି ଚାପି ମୁଁ ଶୁଣୁଥାଏ । ମନଯୋଗୀ ଶ୍ରୋତା ଭଳି ।

ଶୁଣିଲି, ପଣ୍ଡିତେ ଇମିତି ରାତିସାରା ପଢ଼ନ୍ତି । ଖାଲି ପଢ଼ନ୍ତି ନାହିଁ; ଇଂରାଜୀରେ ଯାହାକୁ କହନ୍ତି-Study ଅର୍ଥାତ୍ ପଢ଼ା ପରେ ତା ଉପରେ ଚିନ୍ତାର ମନନ । ଜ୍ଞାନର ଅନ୍ତ ନାହିଁ । ପଣ୍ଡିତ ମହାଶୟ ଶେଷ ପର୍ଯ୍ୟନ୍ତ ପଢ଼ୁଥିଲେ । ବିଶେଷରେ ସେ ସାହିତ୍ୟ, ସଂସ୍କୃତିର ଥିଲେ ଗୋଟିଏ ଚଳନ୍ତା ପୁସ୍ତକାଗାର ।

ରାତି ପାହିଗଲା । ଆଲୋଚନା ମଧ୍ୟ ଶେଷ ହୋଇଗଲା ।

ସେଇ ଗୋଟିଏ ରାତିର ସାଥୀଙ୍କୁ ଆଜି ଭୁଲିଯିବାକୁ ହେଲା । ସମସ୍ତେ ଯିବେ ସେଇ ପଥରେ । ଏବେ ରାତିରେ କମ୍ବଳ ପ୍ରଭୃତି ନ ଥିଲେ ମୋର ମନେ ହୁଏ-କିଏ ଆସି ଘୋଡ଼େଇ ଦିଅନ୍ତା କି ? ପଣ୍ଡିତେ ଏଇ ଶୀତ କାକରରେ ବକୁଳବନକୁ ଗଲେ-ଖୋଲାଗାଡ଼ିରେ । କଣ ଶୀତ ଲାଗି ନ ଥିବ ? ତାଙ୍କୁ କିଏ କମ୍ବଳ ଘୋଡ଼େଇ ଦେଇଥିବ ?

ନୀଳକଣ୍ଠ ! ତୁମେ ମରିପାର ନାହିଁ-ତୁମେ ମୃତ୍ୟୁଞ୍ଜୟୀ ମୃତ୍ୟୁଞ୍ଜୟ । ଓଡ଼ିଆ ଭାଷା ଥିଲାଯାକେ ତୁମକୁ, ତୁମର ସ୍ମୃତିକୁ, କମ୍ବଳ ଘୋଡେଇ ରଖିଥିବ ।

( ସମାଜ—ତା ୧୨ । ୧୧ । ୭୭ )

"ଯେତେବଡ଼ ମହାପୁରୁଷ ହେଲେ ମଧ୍ୟ ପାରିବାରିକ ଦୁର୍ବଳତା
ମନୁଷ୍ୟକୁ ବେଳେ ସ୍ଥିତିଭ୍ରଷ୍ଟ କରିପାରେ ।"

(ଅତଏବ) ସେ ଦୁର୍ବଳତା ନ ଥିବା ଭଳି ପରିସ୍ଥିତି ସୃଷ୍ଟି କଲେ
ଦେଶ କାର୍ଯ୍ୟରେ ବହୁତ ବେଶି ସୁବିଧା ହେବ । )

'ଆତ୍ମ ଜୀବନୀ'—ନୀଳକଣ୍ଠ

Digitized by srujanika@gmail.com

# ପରମ୍ପରାର ଅନ୍ତରାଳରେ ନୀଳକଣ୍ଠ

ଆଡଭୋକେଟ ଯଦୁମଣି ଦାଶ

ରାଜନୀତିଜ୍ଞମାନଙ୍କର କାର୍ଯ୍ୟ ତାଙ୍କ ସମୟର ଦେଶର ପାରିପାର୍ଶ୍ୱିକ ଅବସ୍ଥା ଦୃଷ୍ଟିରୁ ବିଚାର କରାଯାଏ । ସେହିପରି ସମାଜ ସଂସ୍କାରକଙ୍କ ମହତ୍ତ୍ୱ ତତ୍କାଳୀନ ସାମାଜିକ ପରିପ୍ରେକ୍ଷୀରେ ସ୍ଥିର ହୁଏ । କିନ୍ତୁ ସାହିତ୍ୟିକ ଓ ଦାର୍ଶନିକଙ୍କର ସ୍ଥିତି ଚିରନ୍ତନ ମୂଲ୍ୟବୋଧ ଭିତ୍ତିରେ କଳନା କରାଯାଏ । ତେଣୁ ସମାଜ ସଂସ୍କାରକ ଓ ରାଜନୀତିଜ୍ଞ-ମାନଙ୍କର ମହତ୍ତ୍ୱର ଝଲକ ଏବ ଅବଦାନ ସେମାନଙ୍କ କାର୍ଯ୍ୟକ୍ଷେତ୍ର ଓ ସମୟ ସୀମାର ଗଣ୍ଡି ମଧ୍ୟରେ ଆବଦ୍ଧ ରହୁଥିବାବେଳେ ଦାର୍ଶନିକ ଓ ସାହିତ୍ୟିକଙ୍କର ଅବଦାନ ଚିରସ୍ଥାୟୀ । ଇତିହାସ ଲେଖା ହେବାଦିନଠାରୁ ପୃଥିବୀର ଭାଗ୍ୟକୁ ଏକ ସମୟରେ ନିୟନ୍ତ୍ରଣ କରିଥିବା କେତେ ଆଲେକଜାଣ୍ଡର, କେତେ ହିଟଲର, ଷ୍ଟାଲିନ, ଚର୍ଚ୍ଚିଲ ଗଲେଣି । ସେମାନଙ୍କ ନାମ ଇତିହାସର ପୃଷ୍ଠା ମଣ୍ଡନ କରିବା ଛଡ଼ା ତାଙ୍କ କୃତିର ଅନ୍ୟକିଛି ସ୍ଥାୟୀ ମୂଲ୍ୟ ନାହିଁ । କିନ୍ତୁ ସକ୍ରେଟିସ୍, ପ୍ଲେଟୋ, ନିଉଟନ, ବ୍ୟାସ, ଶଙ୍କର, ସେକ୍ସପିଅର, କାଳିଦାସ ଓ ରବୀନ୍ଦ୍ରନାଥ ଠାକୁର ପ୍ରଭୃତି ◄ ପର୍ଯ୍ୟନ୍ତ ଯେପରି ଜୀବନ୍ତ ସେମାନଙ୍କର ଅବଦାନ ଆମର ଚିନ୍ତା ଓ କାର୍ଯ୍ୟକଳାପକୁ ଏବେ ମଧ୍ୟ ନିୟନ୍ତ୍ରଣ କରୁଛି । କ୍ଷମତାପିପାସୁ, ଧନଶାଳୀ, ବୀର ଏବଂ ସତ୍ୟର ଅନୁସନ୍ଧିତ୍ସୁ ମନୀଷୀମାନଙ୍କ ମଧ୍ୟରେ ଏଇ ପାର୍ଥକ୍ୟ । ମହାତ୍ମାଗାନ୍ଧୀଙ୍କର ଜୀବନ ଦର୍ଶନ ଓ ଚିନ୍ତାଧାରା କାଳକାଳକୁ ମାନବ ଜାତିକୁ ଦିଗ୍‌ଦର୍ଶନ ଦେଉଥିବ; ମାତ୍ର ହିଟଲରଙ୍କ ଚିନ୍ତାଧାରା ତାତ୍କାଳିକ ।

ପଣ୍ଡିତ ନୀଳକଣ୍ଠ ଥିଲେ ରାଜନୀତିଜ୍ଞ, ସମାଜ ସଂସ୍କାରକ, ଦାର୍ଶନିକ ଓ ସାହିତ୍ୟିକ-ଏକାଧାରରେ ସବୁ । ତାଙ୍କ ସମୟର ରାଜନୀତି ଓ ବର୍ତ୍ତମାନର ରାଜନୀତିରେ ଆକାଶପାତାଳ ପ୍ରଭେଦ । ସେ ସମୟରେ ଯେ ଯେତେ ତ୍ୟାଗ କରି କଷ୍ଟ ସହି ମୂକ ଜନତାର ସେବା କରୁଥିଲା, ତାହାର ମହତ୍ତ୍ୱ ସେତେ ବେଶି ଥିଲା ଓ ସେ ସେଇ ପରିମାଣରେ ସମାଜରେ ଆଦର ପାଉଥିଲା । ବର୍ତ୍ତମାନ ଯେ 'ଯେନତେନ ପ୍ରକାରେଣ' କ୍ଷମତା ହାସଲ କରି ପାରିଲା, ସମ୍ପତ୍ତି ଠୁଳ କରି ପାରିଲା, ସେ ସେତିକି ପାରିବାର ବା କୃତି ବୋଲାଇଲା, ମହତ୍ତ୍ୱ ଲାଭ କଲା ଓ ଲୋକଙ୍କରେ ପୂଜା ମଧ୍ୟ ପାଇଲା । ବର୍ତ୍ତମାନର ଦୃଷ୍ଟିରେ ନୀଳକଣ୍ଠ ଅକୃତକାର୍ଯ୍ୟ କିନ୍ତୁ ତାଙ୍କ ସମୟର ଚିନ୍ତାଧାରାର ପରିପ୍ରେକ୍ଷୀରେ ତ୍ୟାଗ କଷ୍ଟସହିଷ୍ଣୁତା, ନିର୍ଭୀକତା ଗୁଣରେ ତାଙ୍କ ସମତୁଲ୍ୟ ହେବାକୁ ସାରା ଦେଶରେ ଖୁବ୍ କମ ବ୍ୟକ୍ତି ଥିଲେ । ବହୁକାଳ ଧରି ସେ କେବଳ ରାଜନୈତିକ ସ୍ତରରେ ଓଡ଼ିଶାକୁ ନେତୃତ୍ୱ ଦେଇଥିଲେ; ଓଡ଼ିଶାର ବହୁ ମଙ୍ଗଳ କରିଥିଲେ ।

Digitized by srujanika@gmail.com

ସେ ସମୟର ସାମାଜିକ ଚଳଣି ବିଷୟ ଏବକାଳର ଲୋକେ କଳ୍ପନାରେ ଆଣିବା ସହଜ ନୁହେଁ । ବ୍ରାହ୍ମଣର ଜାତି ରଖିବା, ଛୁଆଁ ଅଛୁଆଁ ନ ମାନିବା, ବ୍ରାହ୍ମଣ ଗାଁ ମାନଙ୍କରେ ଛତାଧରି, ଘୋଡାମାଡ଼ି ଯିବା ଆସିବା ଆଦି ଅକ୍ଷମଣୀୟ ଅପରାଧ ରୂପେ ଗଣା ଯାଉଥିଲା । ଏପରିକି ଇଂରାଜୀ ପଢ଼ିଲେ ଜାତି ଯିବାର ଭୟ କରାଯାଉଥିଲା । ଟିକିଏ ଟିକିଏ କଥାରେ ତ ଜାତି ଚାଲି ଯାଉଥିଲା, ପୁଣି ବ୍ରାହ୍ମଣ ଭୋଜନ ଓ ବ୍ରାହ୍ମଣଙ୍କୁ ଦାନ ରୂପକ ପ୍ରାୟଶ୍ଚିତ୍ତରେ ଜାତି ଫେରି ଆସୁଥିଲା । ନୀଳକଣ୍ଠଙ୍କ ନିଜର ଅବସ୍ଥାକୁ କେତେ ଥର ଏହି ଭାବରେ ଜାତି ଚାଲି ଯାଇଛି, କିନ୍ତୁ ତାଙ୍କ ସ୍ପଷ୍ଟବାଦିତା ଓ ନିର୍ଭୀକତା ହେତୁ ଶେଷରେ ଜାତ୍ୟଭିମାନୀ ବଡ଼ପଣ୍ଡାମାନେ ତାଙ୍କ ବିଚାରଧାରା ପାଖେ ମୁଣ୍ଡ ନୁଆଁଇବାକୁ ବାଧ୍ୟ ହୋଇଛନ୍ତି । ତାଙ୍କୁ ପ୍ରାୟଶ୍ଚିତ୍ତ ଦଣ୍ଡ ଦେଇ ନାହାନ୍ତି-ଦେବାକୁ ସାହସ ମଧ୍ୟ କରି ନାହାନ୍ତି । ଏହି ପରିପ୍ରେକ୍ଷୀରେ ସଂସ୍କାରକ ନୀଳକଣ୍ଠଙ୍କର ମୂଲ୍ୟାୟନ କରିବାକୁ ହେବ, ଯେତେବେଳେ କେହି କରେ । କାରଣ, କାଳକ୍ରମେ ଏ ସମାଜ ସଂସ୍କାରର ଝଲକ ଲୋକେ ଭୁଲିଯିବେ, ଭୁଲି ଆସିଲେଣି ମଧ୍ୟ ।

କିନ୍ତୁ ସାହିତ୍ୟିକ ଓ ଦାର୍ଶନିକ ନୀଳକଣ୍ଠଙ୍କୁ ଲୋକେ ଭୁଲି ନାହାନ୍ତି, ଭୁଲି ପାରିବେନି ମଧ୍ୟ । "ଆର୍ଯ୍ୟଜୀବନ" "ଖାରବେଳ" "କୋଣାର୍କେ" ବର୍ତ୍ତମାନ ଗୌରୀଶଙ୍କର ଶୃଙ୍ଗ ପରି ସଗର୍ବେ ଦଣ୍ଡାୟମାନ ଓ ଅନନୁକରଣୀୟ । ତାର ସମକକ୍ଷ ବା ପ୍ରତିଯୋଗୀ ହେବାପରି କୌଣସି ଗ୍ରନ୍ଥ ଏଯାଏ ପ୍ରକାଶ ପାଇଲା ପରି ମନେ ହେଉ ନାହିଁ । ତାଙ୍କ ସାହିତ୍ୟିକ କୃତିର ଅନ୍ତର୍ନିହିତ ଦର୍ଶନ, ଭାଷା, ଭାବ, ବିଶ୍ଳେଷଣ ଓ କାବ୍ୟିକ ସୌଷ୍ଠବର ତୁଳନା ଓଡ଼ିଆ ସାହିତ୍ୟରେ ବିରଳ । 'କୋଣାର୍କେ' କୋଣାର୍କ ପରି ଚିର ଭାସ୍ୱର ଏବଂ 'ଆର୍ଯ୍ୟଜୀବନ' ଆର୍ଯ୍ୟ ସଂସ୍କୃତି ପରି ଚିରମହତ୍ତ୍ୱ ଓ ପରିବ୍ୟାପ୍ତ ।

କିନ୍ତୁ ଏ ସବୁର ଅନ୍ତରାଳରେ ପ୍ରକୃତ ନୀଳକଣ୍ଠ ଲୁଚି ଯାଇଛନ୍ତି । ମନୀଷୀ ହିସାବରେ, ସାମାଜିକ ବ୍ୟକ୍ତି ହିସାବରେ ଖୁବ୍ କମ୍ ଲୋକ ତାଙ୍କର ଚରିତ୍ର ଚିତ୍ରଣ କରିଛନ୍ତି । ରାଜନୀତିରେ ଶତ୍ରୁ ରହିବେ; ପ୍ରତିପକ୍ଷ ତ ଶତ୍ରୁ ହେବେ, ସ୍ୱପକ୍ଷ ବ୍ୟକ୍ତି ମଧ୍ୟ ହିଂସା, ଈର୍ଷାପ୍ରଣୋଦିତ ହେବେ, ଏହା ସ୍ୱାଭାବିକ । ରାଜନୀତିକ ପ୍ରତିଦ୍ୱନ୍ଦ୍ୱୀକୁ ଲୋକଚକ୍ଷୁରେ ନ୍ୟୂନ ପ୍ରତିପାଦନ ନ କଲେ ନିଜେ ତିଷ୍ଠିବା ବା ପାହାଚର ଉପର ସ୍ତରକୁ ଉଠିବା ସମ୍ଭବ ହୁଏ ନାହିଁ । ତେଣୁ ପ୍ରତିପକ୍ଷୀ ବା ପ୍ରତିଦ୍ୱନ୍ଦ୍ୱୀର ଚାରିତ୍ରିକ ଦୁର୍ବଳତାକୁ ଅତିରଞ୍ଜିତ କରାଯାଏ ଏବଂ ଏପରି ଦୁର୍ବଳତା ବହୁ କ୍ଷେତ୍ରରେ ସ୍ୱୀୟ କଳ୍ପନାରୁ ଉଦ୍ଭାବନ କରି ପ୍ରଚାର କରାଯାଏ । ଏହାକୁ କୌଶଳ କରି ଭିନ୍ନ ଭିନ୍ନ ସ୍ଥଳରେ ବହୁ ମୁଖରେ ବାରମ୍ବାର ପ୍ରଚାର କରାଯାଏ ଓ କାଳକ୍ରମେ ସାଧାରଣ ଜନତା ଏହାକୁ ସତ୍ୟ ବୋଲି ଗ୍ରହଣ କରି ନିଅନ୍ତି-'ପାଞ୍ଚ ତୁଣ୍ଡରେ ହେଲା କୁକୁର' ପାଲଟିଲା ପରି । କେହି ଏହାର ସତ୍ୟତା ପରୀକ୍ଷା କରିବାକୁ ଚେଷ୍ଟା କରେ ନାହିଁ । ବ୍ୟକ୍ତି ନୀଳକଣ୍ଠ ଏହି ପ୍ରକାର ଅପପ୍ରଚାରର ଉତ୍ତମ ଶରବ୍ୟ ହୋଇଥିଲେ । ସେ ଏତେ ଦୃଢ଼ ଏବଂ ତେଜସ୍ୱୀ ଥିଲେ ଯେ ଏହି ସବୁକୁ ସେ ଭ୍ରୂକ୍ଷେପ କରୁ ନ ଥିଲେ—ପ୍ରତିବାଦ କରିବା ଦୂରେ ଥାଉ । ତେଣୁ

Digitized by srujanika@gmail.com

ସରଳ ବିଶ୍ୱାସୀ ଜନତା ଏହି ପ୍ରଚାରକୁ ସତ୍ୟ ବୋଲି ଗ୍ରହଣ କରି ନେବା ସ୍ୱାଭାବିକ । ନୀଳକଣ୍ଠ ନିଜ ବଳରେ ବଳୀୟାନ ଥିଲେ । ଅନୁଗାମୀଙ୍କ ବଳରେ ଉପରକୁ ଉଠିବା ସେ କଳ୍ପନା କରିପାରୁ ନ ଥିଲେ । ତେଣୁ ସେ କେବେ ଅନୁଗାମୀ ସଂଗ୍ରହ କରି ନାହାନ୍ତି । ଅନୁଗାମୀମାନେ ନେତାର ବିରୁଦ୍ଧରେ ଅପପ୍ରଚାରର ସାଧାରଣତଃ ପ୍ରତିବାଦ କରନ୍ତି । କିନ୍ତୁ ନୀଳକଣ୍ଠଙ୍କ କ୍ଷେତ୍ରରେ ସେପରି ସୁଯୋଗ ମଧ୍ୟ ନ ଥିଲା । ଅପପ୍ରଚାର କାଳକାଳକୁ ସତ୍ୟ ବୋଲି ଧରି ନିଆଗଲା ।

ଯୌନ ଜୀବନ ସମ୍ପର୍କରେ କାଳିମା ବୋଳିବା ବଡ଼ ସହଜ । କେତେକ କ୍ଷେତ୍ରରେ ଯେଉଁଠି କିଛି କିଛି କାଳିମା ଥାଏ, ତାହାକୁ ଅତିରଞ୍ଜିତ କରାଯାଏ । କିଛି ନ ଥିଲେ ମଧ୍ୟ ବହୁ କ୍ଷେତ୍ରରେ କାଳ୍ପନିକ କାଳିମା ଅରୋପ କରାଯାଏ । ସାଧାରଣ ଲୋକ ଏ ସବୁକୁ ସତ୍ୟ ବୋଲି ନିର୍ବିଚାରରେ ଗ୍ରହଣ କରିନିଏ । ମାତ୍ର ନୀଳକଣ୍ଠଙ୍କ ଚରିତ୍ର ଏପରି ସ୍ୱଚ୍ଛ, ତେଜୋଦୀପ୍ତ ଓ ଉଜ୍ଜ୍ୱଳ ଥିଲା ଯେ ସେଥିରେ କେହି କଳଙ୍କ ଆରୋପ କରିବାକୁ ସାହାସ କରିପାରି ନ ଥିଲେ । ତେଣୁ ଷଡ଼ରିପୁ ମଧ୍ୟରୁ କ୍ରୋଧ, ଲୋଭ, ମଦ ଏଇ ତିନୋଟିର ବଶ ବୋଲି ତାଙ୍କୁ ଚିତ୍ରଣ କରାଗଲା, ଅର୍ଥାତ୍ ସେ ଖୁବ୍ ରାଗୀ, ଅର୍ଥଲୋଭୀ ଓ ଅହଙ୍କାରୀ ବା ଗର୍ବୀ ବୋଲି ପ୍ରଚାର କରାଯାଉଥିଲା ।

ଏପରି ଅପପ୍ରଚାର ହେତୁ ବହୁ ବ୍ୟକ୍ତି ତାଙ୍କ ସଂସ୍ପର୍ଶରେ ଆସୁ ନ ଥିଲେ । ଆସିବାକୁ ଭୟ କରୁଥିଲେ । ଏଥିପାଇଁ ନୀଳକଣ୍ଠଙ୍କୁ ଉତ୍କଳର ଦୁର୍ବାସା ବୋଲି ମଧ୍ୟ ଅନେକ ଏକ ପ୍ରକାର ଗ୍ରହଣ କରି ନେଇଥିଲେ । ଅବଶ୍ୟ କୌଣସି କୌଣସି ଆଲୋଚନା ବା ଯୁକ୍ତିତର୍କ ବେଳେ ସେ ସମୟେ ସମୟେ ହଠାତ୍ ରାଗି ଉଠନ୍ତି ଓ ତାଙ୍କର ଉଗ୍ର ମୂର୍ତ୍ତି ଦେଖି ଲୋକେ ଡରି ଯାଆନ୍ତି ଏବଂ ତାଙ୍କ ପ୍ରତି ବିମୁଖ ହୋଇ ପଡ଼ନ୍ତି । କିନ୍ତୁ ଯେ ଥରେ ଏଇ ଉଗ୍ର ମୂର୍ତ୍ତି ପ୍ରତି ବିମୁଖ ନ ହୋଇ ତାଙ୍କ ପାଣ୍ଡିତ୍ୟର ପାଦଦେଶରେ ସ୍ଥାନ ଗ୍ରହଣ କରିବାକୁ ଯାଇଛି, ସେ ତାଙ୍କର ଆନ୍ତରିକ ମଧୁର ଓ ସରଳ ବ୍ୟବହାର ଏବଂ ଅପରପକ୍ଷ ପ୍ରତି ଆଗ୍ରହ ତଥା ସେ ମତର ଅନ୍ତର୍ନିହିତ ତତ୍ତ୍ୱ ଜାଣିବା ପାଇଁ ତାଙ୍କର ଅନୁସନ୍ଧିତ୍ସା କଥା ଚିନ୍ତା କରି ନୀଳକଣ୍ଠ ଯେ କ୍ରୋଧ, ଅହଂକାର ଓ ଗର୍ବର ବହୁ ଦୂରରେ ଏହା ସ୍ପଷ୍ଟଭାବେ ଜାଣି ପାରିଛି । ନୀଳକଣ୍ଠଙ୍କ ସମତୁଲ୍ୟ ପଣ୍ଡିତ ସେ କାଳେ ଓଡ଼ିଶାରେ କ୍ୱଚିତ ଥିଲେ । ତଥାପି ସେ ଯେ ଅପରର ମତକୁ ଯଥେଷ୍ଟ ସମ୍ମାନ ଦେଉଥିଲେ, ଏପରିକି ସେମାନଙ୍କ ମତର ଯୌକ୍ତିକତା ଉପଲବ୍ଧି କରି ତାହା ଗ୍ରହଣ କରି ଯାଉଥିଲେ- ଏହାର ବହୁ ଦୃଷ୍ଟାନ୍ତ ବହୁ ଲୋକ ମୁଖରୁ ମଧ୍ୟ ଶୁଣିବାକୁ ମିଳେ । ତାଙ୍କ ସହିତ ବାସ୍ତବ ଆଲୋଚନା କଲେ ଉପଲବ୍ଧି କରି ହୁଏ ଯେ ତାଙ୍କର ଉଗ୍ର ମୂର୍ତ୍ତି କେବଳ ବାହାରର ରୂପ । ନୀଳକଣ୍ଠ ବହୁକାଳ ଶିକ୍ଷକ ଥିଲେ । ସାଧାରଣତଃ ଶିକ୍ଷକ ଅସହିଷ୍ଣୁ, ଓ ସେ ଛାତ୍ରର ଭୁଲ ଦେଖିଲେ ରାଗିଯାଇ ତାକୁ ଦଣ୍ଡ ଦିଏ । ମାତ୍ର ସେ କ୍ରୋଧ ଶିକ୍ଷକର ଛାତ୍ର ପ୍ରତି ଅନ୍ତରର କ୍ରୋଧ ନୁହେଁ ତାହା ଛାତ୍ରର ଭୁଲ ବା ଅନୁଚିତ କାର୍ଯ୍ୟପ୍ରତି । ପୁଣି ଶିକ୍ଷକ ମନେ କରନ୍ତି "ମୋ ଛାତ୍ର ହୋଇ ଏ ପିଲା ଏପରି କାର୍ଯ୍ୟ କରିବ ?" ତେଣୁ ଏ କ୍ରୋଧ ଛାତ୍ର ପ୍ରତି ଶିକ୍ଷକର ସ୍ନେହର ନିଦର୍ଶନ ମାତ୍ର । ପ୍ରତ୍ୟେକ ମନୀଷୀ ଭୁଲ ବା ତ୍ରୁଟି ପ୍ରତି ଅସହିଷ୍ଣୁତା

Digitized by srujanika@gmail.com

ବା କ୍ରୋଧଭାବ ପ୍ରକାଶ କରି ଥାଆନ୍ତି । ଗାନ୍ଧିଜୀ, ଜବାହରଲାଲ ନେହେରୁ ମଧ୍ୟ ଏଥିର ବ୍ୟତିକ୍ରମ ନୁହନ୍ତି । ତେଣୁ ବାସ୍ତବରେ ବିଚାର କରିବାକୁ ଗଲେ, ନୀଳକଣ୍ଠଙ୍କୁ ଏ ଦୋଷରେ ଦୋଷିବା ଏକ ଅକ୍ଷମଣୀୟ ଅପରାଧ ।

ନିଜର ଅଭିଜ୍ଞତାରୁ ଗୋଟିଏ ଘଟଣା ଏଠାରେ ଉଲ୍ଲେଖ ନ କରି ରହିପାରୁ ନାହିଁ । ସେଥିରୁ ପାଠକେ ତାଙ୍କ ବିରୁଦ୍ଧରେ ଲୋଭାସକ୍ତ ବୋଲି ହୋଇଥିବା ଉପରୋକ୍ତ ଅପପ୍ରଚାରର ସତ୍ୟାସତ୍ୟ ବିଚାର କରିବେ । ୧୯୪୩-୪୪ ମସିହାର ଘଟଣା । ସେ ସମୟରେ ନୀଳକଣ୍ଠ କଟକରେ ଦୈନିକ 'ନବଭାରତ'ର ସମ୍ପାଦନା କରୁଥାଆନ୍ତି ଓ ନ୍ୟାସନାଲ ଓ୍ୱାର ଫ୍ରଣ୍ଟର ନେତା ଥା'ନ୍ତି । 'ନବଭାରତ'ରେ ସହକାରୀ ସମ୍ପାଦକ ଭାବେ ମୁଁ କାମ କରୁଥାଏ ଓ 'ଲ' ପଢ଼ୁଥାଏ । ସକାଳ ୯ଟାବେଳେ ଯାଇ ପ୍ରାୟ ୫ଟା ପରେ ଫେରେ । ନୀଳକଣ୍ଠବାବୁ 'ନବଭାରତ' ପ୍ରେସରେ ରହୁଥାନ୍ତି ଏବଂ ତାଙ୍କ କୋଠରି ସଂଲଗ୍ନ ଅନ୍ୟ ଏକ କୋଠରିରେ ମୁଁ ବସି ଇଂରାଜୀ ସମ୍ବାଦକୁ ଓଡ଼ିଆରେ ତର୍ଜମା କରେ । ସେ କଟକରେ ଥିବା ଯାଏ ମୁଁ ପ୍ରାୟ ଦିନବେଳା ତାଙ୍କ ପାଖେ ଥାଏ ଓ ତାଙ୍କ ସହିତ ଖିଆପିଆ କରେ ଅବଶ୍ୟ ତାଙ୍କର ରାଜନୀତି ସହିତ ମୋର କୌଣସି ସମ୍ପର୍କ ନ ଥାଏ ଏବଂ ମୁଁ ସେଥିରେ ଆଗ୍ରହୀ ହେବା ପାଇଁ ସେ ମତେ କେବେ ଇଙ୍ଗିତ ଦେଇ ନାହାନ୍ତି । ଏଇ ଅବସ୍ଥାରେ ବ୍ୟକ୍ତିଗତ ଭାବେ ଖୁବ୍ ନିକଟରୁ ତାଙ୍କୁ ଦେଖି ପାରିବାର ସୁଯୋଗ ମୁଁ ପାଇଛି । ତାଙ୍କପରି ହାସ୍ୟରସିକ ମୋ ଜୀବନରେ ମୁଁ ଖୁବ୍ କମ ଦେଖିଛି । ଏତେ ମନ ଖୋଲି ସେ କଥାବାର୍ତ୍ତା କରନ୍ତି ଯେ, ଆମେ ଶୁଣୁଥିବା ଲୋକେ ଅବାକ୍ ହୋଇଯାଉ । ଖାଇବା ସମୟରେ ନାନା ପ୍ରକାର କୌତୂହଳପୂର୍ଣ୍ଣ କଥା କହି ଖୁବ୍ ହସାନ୍ତି । ସେ କେବେ ଏକା ଖାଇବା ମୁଁ ଦେଖି ନାଇ ବା ଶୁଣିନାହିଁ । ଅନ୍ତତଃ ପକ୍ଷେ ତିନି ଚାରିଜଣ ତାଙ୍କ ସହିତ ଖାଇବେ । ସେଥିରେ ତାଙ୍କର ଆନନ୍ଦ ତାଙ୍କ ନିକଟରେ ବ୍ୟକ୍ତିଗତ ସ୍ତରରେ ଯେ ଦେଖିଛି ସେ କେବେ ବିଶ୍ୱାସ କରିବ ନାହିଁ ଯେ ନୀଳକଣ୍ଠବାବୁ ଉଗ୍ର ସ୍ୱଭାବର ଲୋକ ଥିଲେ । ଯେଉଁ ଘଟଣାଟି କଥା କହୁଥିଲି ତାହା ଖରାଦିନର ଘଟଣା ବେଳ ପ୍ରାୟ ଦ୍ୱିପ୍ରହର ସମୟ । ମୁଁ ମୋ କୋଠରିରେ ବସି ଅନୁବାଦ କରୁଛି । ନୀଳକଣ୍ଠ ବାବୁ ଗାଧୋଇ ନାହାନ୍ତି । ଖଟ ଉପରେ ଉପରକୁ ଚାହିଁ ପଡ଼ି ରହିଛନ୍ତି । ନିଶ୍ଚୟ ଚିନ୍ତାମଗ୍ନ । ତାଙ୍କ କୋଠରି ଦ୍ୱାରରେ କୌଣସି ପରଦା ନ ଥାଏ କିମ୍ବା କୋଠରିରେ ଆସବାବପତ୍ର ନ ଥାଏ, ଗୋଟିଏ ସାଧାରଣ ତକ୍ତାଖଟ ଓ ଦୁଇ ତିନୋଟି ଚୌକି । ଏ ଗୁଡ଼ିକ ବହି କାଗଜ ପତ୍ରରେ ପୂର୍ଣ୍ଣ । ଯୋଡ଼ାଏ ସପ ମଶିଣା ପଡ଼ିଥାଏ । ସେଥିରେ ଭଦ୍ରବ୍ୟକ୍ତିମାନେ ଆସିଲେ ବସି କଥାବାର୍ତ୍ତା ଚଳେ । ଖାଇବାବେଳକୁ ସେଇ ସପ ମଶିଣା ଆସନର କାମ ଦାମ ଦିଏ ଓ ସମସ୍ତେ ଏକତ୍ର ପଂକ୍ତି ଭୋଜନ କରନ୍ତି । ଖାଇବାବେଳେ କାହାକୁ ଆଉ କ'ଣ ଦିଆଯିବ ଓ କ'ଣ ଦିଆଗଲା ବୋଲି ସେ ବଡ଼ ସ୍ନେହରେ ବାରମ୍ବାର ପଚାରି ବୁଝୁଥାନ୍ତି । ଖାଇବା ପ୍ରସ୍ତୁତ ହୋଇଗଲେ ନୀଳକଣ୍ଠବାବୁ ଗାଧୋଇବା ପାଇଁ ବାରଣ୍ଡାରେ ଥଣ୍ଡା ଓ ଗରମ ମିଶା ପାଣି ଦିଆଯାଏ ଏବଂ ସେଇପାଣି ଦେହରେ ଇଡ଼ି, ପୋଛି ହୋଇପଡ଼ି ୨ ମିନିଟ ଭିତରେ ସେ କାର୍ଯ୍ୟ ସାରି ଦିଅନ୍ତି । ଏହା ତାଙ୍କର ଦୈନନ୍ଦିନ ଅଭ୍ୟାସ ।

Digitized by srujanika@gmail.com

ସେଦିନ ନୀଳକଣ୍ଠବାବୁଙ୍କ ଗାଧୋଇବା ଆଗରୁ କେହି ଜଣେ ପ୍ରେସ କର୍ମଚାରୀ ବାରଣ୍ଡାରେ ପାଣି ଥୋଇଦେଇ ମତେ ଆସି କିଏ ଜଣେ ଡାକୁଛନ୍ତି ବୋଲି ଖବର ଦେଲା । ତଳକୁ ଯାଇ ଦେଖିଲି ସେ କାଳର ଜଣେ ରାଜନୈତିକ ନେତା ଘୋଡ଼ାଗାଡ଼ି ପାଖେ ଠିଆ ହୋଇଛନ୍ତି । ମତେ ପଚାରିଲେ "ନୀଳକଣ୍ଠବାବୁ କ'ଣ କରୁଛନ୍ତି ?" ସେ ଖଟରେ ଗଡ଼ପଡ଼ ହେଉଥିବା କଥା ମୁଁ କହିଲି । ତାଙ୍କ ଆସିବା ବିଷୟ ନୀଳକଣ୍ଠ-ବାବୁଙ୍କୁ ଜଣାଇବାକୁ ସେ ମତେ କହିଲେ । ନୀଳକଣ୍ଠବାବୁଙ୍କ ସହିତ ତାଙ୍କର ସେତେ-ବେଳେ ରାଜନୀତି କ୍ଷେତ୍ରରେ ଖୁବ୍ ବିରୋଧ ଥିବା ମୁଁ ଜାଣିଥିଲି ଓ ଅଳ୍ପଦିନ ଆଗରୁ ସେ ତାଙ୍କୁ ରାଜନୀତିକ ସ୍ତରରେ ଖୁବ୍ ଅପମାନ ଓ ଅପଦସ୍ତ କରିଥିଲେ ଏବଂ ତାଙ୍କର ପ୍ରଭୂତ କ୍ଷତି କରିଥିଲେ ବୋଲି ମଧ୍ୟ ଶୁଣିଥିଲି । ମୁଁ ଭାବିଲି ନୀଳକଣ୍ଠବାବୁ ଏ ମହାଶୟ ଆସିଥିବା ଶୁଣି ସମ୍ଭବତଃ ଖୁବ୍ ରାଗିବେ । କିନ୍ତୁ ସେ ଧୀର ସ୍ଥିର ଭାବରେ କହିଲେ 'ତାଙ୍କୁ ଡାକିଦିଅ' । ମୁଁ ଯାଇ ଡାକିଦେଲି । ସେ ଆସି ନୀଳକଣ୍ଠବାବୁଙ୍କ କୋଠରୀ ଭିତରକୁ ଗଲେ । ତାଙ୍କୁ ସେଠି ଛାଡ଼ିଦେଇ ମୁଁ ମୋ କୋଠରୀକୁ ଫେରି ଆସିଲି--୨।୩ ମିନିଟ ପରେ ମତେ ଡାକି ବ୍ୟାଙ୍କରେ କେତେଟଙ୍କା ଅଛି ବୋଲି ନୀଳକଣ୍ଠବାବୁ ପଚାରିଲେ । ତାଙ୍କର ସେ ସମୟରେ ଛଅଶହ ଦଶ କି ପନ୍ଦର ଟଙ୍କା ମାତ୍ର ଥିଲା । ମୋଠାରୁ ଏହା ଶୁଣିଲା ପରେ ସେ କିଛି ନ ଭାବି ଛଅଶହ ଟଙ୍କାର ଗୋଟିଏ ଚେକ୍ ଲେଖି ସେହି ଭଦ୍ରଲୋକଙ୍କ ହାତକୁ ବଢ଼ାଇ ଦେଲେ । ସେ ଯିବା ପରେ, ସେ ସମୟର ଜଣେ ପ୍ରେସ କର୍ମଚାରୀ ଓ ମୁଁ ବିରକ୍ତ ହୋଇ, କର୍ମଚାରୀମାନଙ୍କୁ କିପରି ମଜୁରୀ ଦିଆଯିବ ବୋଲି କହିଲୁ । ବଜାର ସଉଦା ପାଇଁ ମଧ୍ୟ ପଇସା ନ ଥିବାର ଜଣାଇଲୁ । ନୀଳକଣ୍ଠ ବାବୁ ତାଙ୍କର ବ୍ୟାଗ କାଢ଼ିଲେ । ସେଥିରେ ଦଶ ଟଙ୍କିଆ ନୋଟଟିଏ ଥିଲା । ସେଇଟି ଦେଇ କହିଲେ 'ଏଥିରେ କାମ ଚଳାଅ, ପରେ, ଦେଖିବା ।' (ଅବଶ୍ୟ ସେତେବେଳର ଦଶ ଟଙ୍କା ଏବର ଶହେ ଟଙ୍କା) ମୁଁ କିନ୍ତୁ ସନ୍ତୁଷ୍ଟ ହୋଇ ପାରିଲି ନାହିଁ । ପ୍ରତିବାଦ କରି କହିଲି, "ନିର୍ବିଚାର ଦାନ ଭଲ ନୁହେଁ ।" ଆଗନ୍ତୁକଙ୍କର ପୂର୍ବ କାର୍ଯ୍ୟକଳାପ ମଧ୍ୟ ସ୍ମରଣ କରାଇଦେଲି । ନୀଳକଣ୍ଠବାବୁ ସାମାନ୍ୟ ହସି କହିଲେ, "ତାର ସେପରି ଅସୁବିଧା ପଡ଼ି ନ ଥିଲେ, ସେ ଏଇ ମୁଣ୍ଡଫଟା ଖରାରେ ମୋ ପାଖକୁ ଆସି ନ ଥାନ୍ତା । ମୋ ବିରୁଦ୍ଧରେ ତାର କାର୍ଯ୍ୟକଳାପ ଓ ପ୍ରଚାର କଥା ଯାହା ତୁମେ କହୁଚ, ସେ ସବୁ କରି ଓ ମୁଁ ସେସବୁ ଜାଣେ ବୋଲି ଜାଣି ମଧ୍ୟ ମୁଁ ଯେ ତାକୁ କଷ୍ଟରୁ ସାହାଯ୍ୟ କରିବି, ଏହା ଭାବି ସେ ଆସିଚି । ସେ ମୋ ଉଦାରତା ଉପରେ ଆସ୍ଥା ରଖିଥିବାବେଳେ ତୁମେ ମତେ କହୁଚ ମୁଁ ତାକୁ ଜଣାନ୍ତି ଯେ ସାଧାରଣ ନୀଚତା ମୋଠାରେ ଅଛି । ଇଏତ ଭଲ ପରାମର୍ଶ ନୁହେଁ । ଏହା ବଇବେଳର ସଂସ୍ଥାନର ପରାମର୍ଶ ।" ଏଥିକୁ ମୋର କୌଣସି ଉତ୍ତର ନ ଥିଲା । ତଥାପି ମୁଁ ସନ୍ତୁଷ୍ଟ ହୋଇ ନପାରି ଏତିକି କହିଲି, "ନିର୍ବିଚାର ଉଦାରତା ଥିଲେ ହେଲା ।' ସେ ସାଙ୍ଗେ ସାଙ୍ଗେ କହିଲେ "ମୁଁ ଜାଣେ, ସେ ମୋଠାରୁ ଧାର ନେଇଥିବା ବିଷୟ ଯଥାଶୀଘ୍ର ପରିଶୋଧ ଦେବାକୁ ଚେଷ୍ଟା କରିବ । ସୁଝିବ ତ ଦୂରର କଥା ।"

Digitized by srujanika@gmail.com

ଏହା ଗୋଟିଏ ଛୋଟ ଘଟଣା ହେଲେ ବ ପଣ୍ଡିତ ନୀଳକଣ୍ଠଙ୍କ ମାନବିକତାର ଏକ ପ୍ରକୃଷ୍ଟ ଦୃଷ୍ଟାନ୍ତ ନୁହେଁ କି ? ପୁଣି ବାସ୍ତବ ଲୋଭୀ ଓ କ୍ରୋଧୀ ଲୋକ ପକ୍ଷରେ ଏପରି ବ୍ୟବହାର ସମ୍ଭବ କି ? ପାଠକେ ବିଚାର କରନ୍ତୁ !

ଦୈନନ୍ଦିନ ଜୀବନର ଏହିପରି ଛୋଟ ଛୋଟ ଘଟଣା ଦ୍ୱାରା ଲୋକ ଚରିତ୍ର ପ୍ରକୃତ ଭାବେ ଜଣାଯାଏ, ମଞ୍ଚ ଉପରେ ବଡ଼ ବଡ଼ ବକ୍ତୃତା ବା ଅନୁଗାମୀ ମାନଙ୍କୁ ଦିଆଯାଉଥିବା ଫମ୍ପା ପରାମର୍ଶ ଦ୍ୱାରା ନୁହେଁ । ବଡ ବଡ଼ କଥା କହୁଥିବା ବହୁ ଧର୍ମ-ଧ୍ୱଜୀ ଓ ଦେଶସେବୀ ବ୍ୟକ୍ତିଗତ ଜୀବନରେ କିପରି ନୀଚ ସ୍ତରର କାର୍ଯ୍ୟ କରନ୍ତି, ତାର ଦୃଷ୍ଟାନ୍ତ ଦେଶରେ ବିରଳ ନୁହେଁ । ତାହା ପାଇଁ ପ୍ରତ୍ୟେକଙ୍କର ଅନୁଭୂତିର ବିଷୟ ! ତେଣୁ ବାହ୍ୟ ରୁକ୍ଷତା ତଳେ ପ୍ରକୃତ ନୀଳକଣ୍ଠଙ୍କୁ ଜାଣିବା ପାଇଁ ତାଙ୍କ ବ୍ୟକ୍ତିଗତ ଜୀବନର ଏହିପରି ଛୋଟ ଛୋଟ ଘଟଣାବଳୀ ସଂଗୃହୀତ ହେବା ଆବଶ୍ୟକ । ତାଙ୍କ ସମ୍ପର୍କରେ ବହୁ ମିଥ୍ୟା ପ୍ରଚାର କରାଯାଇଛି । ସେ ଏବେ ଆଉ କାହାର ପ୍ରତିଦ୍ୱନ୍ଦୀ ନୁହନ୍ତି ବା କାହାର ଉନ୍ନତି ପଥରେ ଅଲଙ୍ଘ୍ୟ ପାଚେରି ପରି ଦଣ୍ଡାୟମାନ ନାହାନ୍ତି । ତାଙ୍କ ମୃତ୍ୟୁ ପରେ ପ୍ରକୃତ ସତ୍ୟ ଲୋକ ଲୋଚନରୁ ଆସୁ ଓ ଦେଶବାସୀ ତାଙ୍କୁ ଚିହ୍ନନ୍ତୁ । ଏହାହିଁ ଈଶ୍ୱରଙ୍କଠାରେ ପ୍ରାର୍ଥନା !

ପରବାସୀ ଜନ ଦେଖନ୍ତି ସୁହାସ

ନ ଜାଣନ୍ତି ସେହୁ ବେଦନା ତଳେ

"ଗ୍ରୀଷ୍ମ ସନ୍ତାପେ ଶୁଖଇ ପଲ୍ଲବ

ବାଧଇ କି ତାହା ପବନ ନାଚେ" ?

——ନୀଳକଣ୍ଠ

Digitized by srujanika@gmail.com

# ସ୍ମୃତିତର୍ପଣ

ଡଃ ଶ୍ରଦ୍ଧାକର ସୁପକାର

ଅସହଯୋଗ ଆନ୍ଦୋଳନରେ ବ୍ରାହ୍ମମୁହୂର୍ତ୍ତ, ମୋର ଜୀବନର ପ୍ରକୃତ ସମୟ ଥିଲା । ମହାତ୍ମାଗାନ୍ଧୀଙ୍କର ମୋହନ ମନ୍ତ୍ରରେ ସମସ୍ତ ଭାରତବର୍ଷ ଦୀକ୍ଷିତ ହୋଇଥିଲା । ବ୍ରିଟିଶ ସରକାରଙ୍କ ସହିତ ସମ୍ପୂର୍ଣ୍ଣ ଅସହଯୋଗ କରି ସ୍କୁଲ ଓ କଲେଜ ଗୁଡ଼ିକୁ ସରକାରୀ ବିଦ୍ୟାଳୟ ବର୍ଜନ ଓ ଓକିଲମାନଙ୍କୁ କୋର୍ଟ ବର୍ଜନ କରିବାକୁ ମହାତ୍ମାଗାନ୍ଧୀ ଡାକରା ଦେଇଥାନ୍ତି । ସେ ଯୁଗରେ ଏଦେଶ ପାଇଁ ଇଂଲଣ୍ଡର ମାଞ୍ଚେଷ୍ଟରରୁ ଧୋତି, ଶାଢ଼ୀ ଓ ଅନ୍ୟାନ୍ୟସବୁ ରକମର ଲୁଗା ଆସି ଏ ଦେଶରେ ସସ୍ତା ଓ ଜନପ୍ରିୟ ହୋଇ- ଥିଲା ମହାତ୍ମାଗାନ୍ଧୀ ସ୍ୱଦେଶୀ ବର୍ଜନର ଆହ୍ୱାନ ଦେଇ ଖଦୀ ଲୁଗାକୁ ଲୋକପ୍ରିୟ କଲେ ଦେଶରୁ ଆର୍ଥିକ ପରାଧୀନତା ଦୂର କରିବା ପାଇଁ ।

୧୯୨୧ ମସିହା ଜାନୁୟାରୀ ୧ ତାରିଖରେ ନାଗପୁର କଂଗ୍ରେସ ଅଧିବେଶନ ପରେ ଦେଶବ୍ୟାପୀ ଅସହଯୋଗ ଆନ୍ଦୋଳନ ଆରମ୍ଭ ହେଲା । ଏହି ଆନ୍ଦୋଳନ ଓଡ଼ିଶା ମଧ୍ୟରେ ସମ୍ବଲପୁରଠାରେ ପ୍ରବଳ ରୂପ ଧାରଣ କଲା । ସେ ସମୟରେ ପଣ୍ଡିତ ନୀଳକଣ୍ଠ ଦାସ କଲିକତା ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଶ୍ରେଣୀରେ ଅଧ୍ୟାପନା କାର୍ଯ୍ୟ କରୁଥିଲେ । ପଣ୍ଡିତ ମହାଶୟ ସ୍ଥିରକଲେ ସମ୍ବଲପୁର ଯାଇ ଅସହଯୋଗ ଆନ୍ଦୋଳନ ଆରମ୍ଭ କରିବେ ।

ସେହି ଜାନୁୟାରୀ ୬ ତାରିଖ ଦିନ ପଣ୍ଡିତ ଗୋପବନ୍ଧୁ ଓ ପଣ୍ଡିତ ନୀଳକଣ୍ଠ ସମ୍ବଲପୁରର ଭଗୀରଥ ମିଶ୍ରଙ୍କ ସହିତ ଆସି ସମ୍ବଲପୁରରେ ପହଞ୍ଚିଲେ ।

ଅଧ୍ୟାପକର ଶାନ୍ତିମୟ ଜୀବନ ଛାଡ଼ି ଅନିଶ୍ଚିତ ରାଜନୀତିର ଝଡ଼ଝଞ୍ଜାରେ ଯୋଗଦେବା ପଣ୍ଡିତ ନୀଳକଣ୍ଠଙ୍କ ପକ୍ଷରେ କେତେ ତ୍ୟାଗର ସ୍ୱୀକୃତି, ତାହା ସହଜରେ ଅନୁମାନ କରାଯାଇପାରେ । ଆଜି କାଲି କଲିକତାର କେଉଁ ସ୍ନାତକୋତ୍ତର ଶ୍ରେଣୀର ଅଧ୍ୟାପକ ଏକ ମଫସଲ ସ୍କୁଲରେ ଶିକ୍ଷକ ହେବାକୁ ମନ ବଳାଇବ ? ପୁଣି ରାଜନୀତି କରି ଟେଗାର୍ଟବେଲର ସ୍ୱଦେଶୀ ଦମନ ଲୀଳାର ଶରବ୍ୟ ହେବା ପାଇଁ ?

ସ୍ୱନାମଧନ୍ୟ ସହକର୍ମୀ ଅଧ୍ୟାପକ ଡଃ ରମେଶଚନ୍ଦ୍ର ମଜୁମଦାର ପଣ୍ଡିତ ନୀଳକଣ୍ଠଙ୍କୁ ହାୱଡ଼ା ଷ୍ଟେସନରେ ବିଦାୟ ଦେଇଥିଲେ । ସମ୍ବଲପୁରରେ ପହଞ୍ଚି ପଣ୍ଡିତେ ବିପୁଳ ସମ୍ବର୍ଦ୍ଧନା ପାଇଲେ । ସେ ଲେଖିଛନ୍ତି—

Digitized by srujanika@gmail.com

"ଷ୍ଟେସନରେ ଲୋକେ ଅପେକ୍ଷା କରନ୍ତି । ଲୋକେ ମଧ୍ୟ ଝଣ୍ଡିଏ ମଟରକାର ଆଣିଥିଲେ । ସେଇଠାରୁ ବହୁତ ଶୋଭାଯାତ୍ରାରେ ସମସ୍ତ ସମ୍ବଲପୁର ବୁଲିଥିଲୁ । ଦ୍ୱାରେ ଦ୍ୱାରେ ଅଭ୍ୟର୍ଥନା, ଫୁଲମାଳ, କଅ ଚନ୍ଦନ ଦେଇ ମୁଣ୍ଡରେ ଗୁହଳ ପକାଉଥାଏ ଓ ଛଡ଼ା ନଡ଼ିଆ ଆଣି ମୁଣ୍ଡରେ ଲଗାଉଥାଏ । ଯୁବତୀମାନେ ଅପି ମୁଣ୍ଡରେ ଚନ୍ଦନ ସିନ୍ଦୂର ଦେଉଥାନ୍ତି । ସେ ଶୋଭାଯାତ୍ରାର ଦୃଶ୍ୟ ଭୁଲିବାର ନୁହେଁ ।....."

ସେ ମୋର ପିଲାଦିନର କଥା ସମ୍ବଲପୁର ସହରରେ ଶୋଭାଯାତ୍ରା । ବାଲିବନ୍ଧା ଘାଟରେ କେତେଥର ସଭା । ବିଦେଶୀ କପଡ଼ା ଜମା କରି ପୋଡ଼ିବାର ଦୃଶ୍ୟ । ପଣ୍ଡିତ ଗୋପବନ୍ଧୁ, ପଣ୍ଡିତ ନୀଳକଣ୍ଠ, ଭଗୀରଥ ମିଶ୍ର, ଲକ୍ଷ୍ମୀନାରାୟଣ ମିଶ୍ର ଆଦିଙ୍କର ଓଜସ୍ୱିନୀ ବକ୍ତୃତା—ଅଳ୍ପ ଅଳ୍ପ ମନେ ଅଛି ।

ସମ୍ବଲପୁର ସହରରେ ଏକମାତ୍ର ଥିଲା ଇଂରେଜୀ ସରକାରୀ ବିଦ୍ୟାଳୟ, ଜିଲ୍ଲା ସ୍କୁଲ । ସେ ସ୍କୁଲରୁ ଅନେକ ଛାତ୍ର ବାହାରି ଆସିଲେ ଅସହଯୋଗର ଡାକରା ପାଇ । ସେ ବିଷୟରେ ପଣ୍ଡିତ ମହାଶୟ ଲେଖିଛନ୍ତି:—

"ଏଣେ ସ୍କୁଲକୁ ଖାଲି କରି ଛାତ୍ରମାନଙ୍କୁ ଜାତୀୟ ବିଦ୍ୟାଳୟକୁ ଆଣିବାକୁ ହେବ । ଦିନକର ଶୋଭାଯାତ୍ରା ମନେ ଅଛି । ମୁଁ ଆଗେ ଆଗେ ଚାଲିଥାଏ । ସହଯୋଗୀ ଓ ଛାତ୍ରମାନେ ପଛରେ ଚାଲିଥାନ୍ତି । ମୁଁ ସେତେବେଳେ ଗୀତ ଲେଖୁଥାଏ । ସେ ଗୀତ ଶୋଭାଯାତ୍ରାରେ ବୋଲା ହେଉଥାଏ । ଗୋଟିଏ ଗୀତ ମୋ ମନେ ପଡ଼ୁଛି । କାହିଁକନା ସେଇ ଗୀତଟି ବୋଲି ପାଦ ପକାଇ ଚାଲିଲାବେଳେ ଛାତ୍ରମାନେ, ଜିଲା ସ୍କୁଲରୁ ହେଡ଼ମାଷ୍ଟର ଓ ଅନ୍ୟ ମାଷ୍ଟରମାନଙ୍କୁ ନ ମାନି ସ୍କୁଲରୁ ବାହାରି ଆମ ସଙ୍ଗେ ଚାଲିଲେ । ମନେ ଅଛି ପୁରୀ ଜିଲ୍ଲା ନିମାପଡ଼ାର ସ୍ୱର୍ଗତ ଶ୍ରୀ ମଧୁସୂଦନ ଦାଶ ଥାନ୍ତି ହେଡ଼ମାଷ୍ଟର । ସେ ମଧ୍ୟ ବାହାରକୁ ଆସି ଖାଲି ମତେ ଚାହିଁ ରହିଲେ । ପିଲାଏ ଛାଡ଼ି ଆସିବାରେ ତାଙ୍କ କରୁଣ ଦୃଶ୍ୟ ଓ ସମବେଦନା ବ୍ୟାପକ ଆଗ୍ରହ ବ୍ୟକ୍ତିତ ମୁଖ ଏବେ ବି ମନେ ପଡ଼ୁଛି । ସେ ଗୀତର ଦୁଇଟି ମାତ୍ର ପଦ ମନେ ହେଉଛି । ଗୀତଟି ଓଡ଼ିଆ ମିଶା ହିନ୍ଦୀରେ ଲେଖା କହୁଛି—

"ସ୍ୱରାଜ ଭାୟା ଅଲବତ୍ତ୍ ହୋଗା
ଛୋଡ଼କେ ଆଓ ଗୋଲମୀ
ଭାରତ ଲଡ଼୍କା ଗଲମ ହୋକେ
କାହେ କରେ ବଦନାମୀ । ୧ ।
ସ୍କୁଲ, କଚେରୀ, କାଉନସିଲ କୋ
ଇସ୍ତାଦ ରଖ୍‌ଖୋ ବାବୁଜୀ,
ମାୟା ଏସବ୍ ଗୋଲମୀକା
ଇସମେ ନାହିଁ ଭୁଲେଜୀ । ୨ ।"

Digitized by srujanika@gmail.com

ସମ୍ବଲପୁର ଫ୍ରେଜର କ୍ଲବରେ ଜାତୀୟ ବିଦ୍ୟାଳୟ ସ୍ଥାପିତ ହେଲା । ପଣ୍ଡିତ ମହାଶୟ ଏହାର ହେଡ଼ମାଷ୍ଟର ଥିଲେ । ଏ ବିଦ୍ୟାଳୟର ବିଶେଷତ୍ୱ ଥିଲା-ଏଥିରେ ପାଠ ସହିତ ଧର୍ମମୂଳକ ଶିକ୍ଷା ଦିଆଯାଉଥିଲା । ସୂତାକଟା, ଲୁଗାବୁଣା ଓ ବଢ଼େଇକାମ ମଧ୍ୟ ଏଠାରେ ଶିକ୍ଷା ଦିଆଯାଉଥିଲା ।

ମୋ ବାପା ଜଣେ ସ୍ୱଦେଶ ପ୍ରେମୀ ଥିଲେ । ସେ କଂଗ୍ରେସ ସଭ୍ୟ ସଂଗ୍ରହ କରିବାରେ ଖୁବ୍ ପରିଶ୍ରମ କରୁଥିଲେ । ଏ ବିଷୟଟି ମଧ୍ୟ ପଣ୍ଡିତ ମହାଶୟ ଉଲ୍ଲେଖ କରିଛନ୍ତି ।

ପଣ୍ଡିତ ନୀଳକଣ୍ଠ ସମ୍ବଲପୁରରେ ଜାତୀୟ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ରୂପେ ମାତ୍ର ନଅମାସକାଳ ହେଡ଼ମାଷ୍ଟର ଥିଲେ । ଏହି ଅଳ୍ପ ସମୟ ମଧ୍ୟରେ ସେ ପ୍ରଧାନ ଶିକ୍ଷକତା ଓ ରାଜନୈତିକ ଆନ୍ଦୋଳନ ଛଡ଼ା ସମାଜ ସେବାରେ ମଧ୍ୟ ଉଲ୍ଲେଖଯୋଗ୍ୟ ଆଦର୍ଶ ସ୍ଥାପନ କରିଥିଲେ । ସେ ବିଷୟରେ ସେ ଲେଖିଛନ୍ତି—

"ମଫସଲ ଗାଁମାନଙ୍କରେ ହଇଜା ଓ ବସନ୍ତ ପ୍ରଭୃତି ମହାମାରୀର ଭୀଷଣ ଭୟ ସେତେବେଳକୁ ବଡ଼ ଉଗ୍ର ଭାବରେ ଥାଏ । ସେ କଥା ଆଜି ଲୋକ କଳ୍ପନା କରି ପାରିବେ ନାହିଁ । କାହାକୁ ହଇଜା ହେବାର ଦେଖାଗଲେ ଲୋକେ ସେ ଘର ପାଖଅଖ ଛାଡ଼ି ପଳାନ୍ତି । ବେଳେ ବେଳେ ଗୋରୁରେ ଦଉଡ଼ାବାନ୍ଧି ସେଥିରେ ହଇଜା ମଢ଼କୁ ବାନ୍ଧି ଛାଡ଼ି ଦିଅନ୍ତି । ସେ ମଢ଼ ଘୋଷାରି ହୋଇ ବାଟରେ ମରି ଗାଁ ବାହାରକୁ ଚାଲି-ଯାଏ । ରୋଗୀଙ୍କି କେହି ପାଣି ମୁନ୍ଦାଏ ହେଲେ ଦେବାକୁ ନ ଥାଏ । ଅଧିକ ବର୍ଣ୍ଣନା କରି ପାରିବି ନାହିଁ । ଏହାର ବର୍ଣ୍ଣନା ଶୁଣିଲି । ଶୁଣିଲି ମଫସଲର କେତେ ଗାଁ ମାନଙ୍କରେ ହଇଜା ଲାଗିଛି । ସ୍କୁଲ ପିଲଙ୍କୁ ସାଙ୍ଗରେ ଧରି ମୁଁ ହୋମିଓପାଥି ବାକସ ଆଉ ଫିନାଇଲ, ପଟାସପରମାଙ୍ଗାନେଟ କିଛି ଧରି ସେ ଗାଁକୁ ଚାଲିଲି । ଲୋକେ ଚକିତ । କେବଳ ସହର ନୁହେଁ, ଦୂର ମଫସଲ ପିଲାଏ ବି ଅଛନ୍ତି । ବଡ଼ ଧନୀ ଲୋକଙ୍କ ପିଲାଏ ବି ସାଙ୍ଗରେ ଅଛନ୍ତି । କେହି କିଛି କହିଲେ ନାହିଁ । ମୁଁ ଯାଇ ରୋଗୀମାନଙ୍କ ଘରେ ଦେଖି ସବୁ ପରିଷ୍କାର କରି ଧୂପଦେଇ ରୋଗୀକୁ ପାଣି ଦେଲି, ଡାକାକଲି, ଫିନାଇଲ, ପାଟାସ-ପାରମାଙ୍ଗାନେଟ ପ୍ରଭୃତିର ବ୍ୟବହାର ଶିଖାଇଲି । ଔଷଧ ଯାହାବି ଦେଲି, ସେତ ନଇ ବଟିକ ଦିଅଙ୍କ ଗୁଣ । କିନ୍ତୁ ସେଥିରେ ଅଦ୍ଭୁତ ଫଳ ହେଲା । ଯେଉଁଠାରେ ମୁଁ ଯାହା କରୁଥିଲି, ଲୋକେ ସବୁ ମାନୁଥିଲେ । ଭୟ, ଘୃଣା ଛାଡ଼ି କାମରେ ଲାଗି ଯାଉଥିଲେ ।"

ପଣ୍ଡିତଜୀ ସମ୍ବଲପୁରରେ ନଅମାସ ମାତ୍ର କାର୍ଯ୍ୟ କଲା ପରେ ୧୯୨୧ ମସିହା ସେପ୍ଟେମ୍ବର ବା ଅକ୍ଟୋବର ମାସରେ ସମ୍ବଲପୁର ଛାଡ଼ି ଚାଲିଗଲେ । ତାଙ୍କର ସମ୍ବଲପୁର ଅବସ୍ଥିତି କାଳରେ 'ସେବା' ନାମକ ଏକ ସାପ୍ତାହିକ ପତ୍ରିକା ଜାତୀୟ ଆନ୍ଦୋଳନର ମୁଖପତ୍ର ରୂପେ ଭଗୀରଥ ମିଶ୍ରଙ୍କର ସମ୍ପାଦନାରେ ପ୍ରକାଶିତ ହୋଇଥିଲା ।

Digitized by srujanika@gmail.com

୧୯୫୨ ମସିହାରେ ପଣ୍ଡିତ ମହାଶୟ "୧୯୦୧ରେ ସମ୍ବଲପୁରରେ ନଅମାସ" ଶୀର୍ଷକ ଏକ ପ୍ରବନ୍ଧ ଲେଖିଥିଲେ ଓ ଏହି ପ୍ରବନ୍ଧଟି ସେ କାଳର ଛାତ୍ର ସଂସଦର ମୁଖପତ୍ର "ଜଣକସ୍ୱ" ରେ ପ୍ରକାଶିତ ହୋଇଥିଲା । ଏହି ପ୍ରବନ୍ଧରେ ପଣ୍ଡିତ ମହାଶୟଙ୍କର ଉକ୍ତ ପ୍ରବନ୍ଧରୁ ଉଦ୍ଧୃତମାନ ଦିଆଯାଇଛି ।

ସେ ଯୁଗ ଥିଲା ତ୍ୟାଗର ଯୁଗ । ଉତ୍ସର୍ଗୀକୃତ ଜୀବନର ପରିଚୟ ଆମେ ପାଉ ତାଙ୍କର ଉପରବର୍ଣ୍ଣିତ ପ୍ରବନ୍ଧରୁ । ଅଠରଶଣି ବର୍ଷ ବୟସର ଯୁବକଙ୍କର ଆକାଂକ୍ଷା ଓ ଆଦର୍ଶ "ଦେଶ ପାଇଁ କିଛି କାମ କରିବା"-ଏଥିରେ ପ୍ରତିଫଳିତ ହୋଇଛି ।

—୨—

ଆହୁରି ଷୋହଳ ବର୍ଷ ଆଗର କଥା । ପଣ୍ଡିତ ନୀଳକଣ୍ଠଙ୍କର ସହପାଠୀ ସମ୍ବଲପୁର (ବା ବଲାଙ୍ଗୀର)ର ସ୍ୱର୍ଗତ ଭରତଚନ୍ଦ୍ର ନାୟକଙ୍କର ଦ୍ରୁତୀତ "ମୋର ପୂର୍ବ ସ୍ମୃତି କଥା"ରେ ପଣ୍ଡିତ ମହାଶୟଙ୍କର ବିଷୟରେ ଯେଉଁ ଉଲ୍ଲେଖ ଅଛି, ତାହା ତାଙ୍କର ପ୍ରଥମ ଯୌବନରେ ସ୍ୱଦେଶ ପ୍ରେମର ପ୍ରଥମ ଉନ୍ମେଷର ପରିଚୟ ଦିଏ ।

୧୯୦୫ ମସିହା ଅକ୍ଟୋବର ୧୬ ତାରିଖ । ଓଡ଼ିଶା ତଥା ଭାରତ ଇତିହାସରେ ଏକ ସ୍ମରଣୀୟ ଦିବସ । ସେତେବେଳେ ରେଭେନସା କଲେଜ କଟକ କାଠଯୋଡ଼ି ନଦୀ କୂଳରେ ଅବସ୍ଥିତ ଥିଲା । ନୀଳକଣ୍ଠ ଓ ଭରତଚନ୍ଦ୍ର ସେହି କଲେଜର ଦୁଇଜଣ ଛାତ୍ର ।

ସେହିଦିନଠାରୁ ସମ୍ବଲପୁର ଲୋକଙ୍କର ଆକାଂକ୍ଷା ପୂରଣ ହୋଇ ଜିଲ୍ଲାଟି ମଧ୍ୟପ୍ରଦେଶରୁ ବିଚ୍ଛିନ୍ନ ହୋଇ ଓଡ଼ିଶାରେ ମିଶିଲା । କୋର୍ଟ, କଚେରୀରେ ହିନ୍ଦୀ ଭାଷାର ପ୍ରଚଳନ ବାଧ୍ୟତାମୂଳକ ହୋଇଥିବା ଆଦେଶକୁ ଉଠାଇ ନିଆଯାଇ ଓଡ଼ିଆ ଭାଷାର ପୁନଃ ପ୍ରଚଳନ ହେଲା । ସମ୍ବଲପୁରୀ ଯୁବକ ଛାତ୍ରମାନଙ୍କ ମନରେ ଆନନ୍ଦର ପ୍ଲାବନ ହେବା ସ୍ୱାଭାବିକ । ସେଦିନ ପୁଣି ସ୍ୱତନ୍ତ୍ର ଉତ୍କଳପ୍ରଦେଶର ବୀଜ ବୁଣା ହେଲା ସମ୍ବଲପୁରରେ, ଯାହାର ଫଳ ଫଳିଲା ୩୧ ବର୍ଷ ପରେ ।

ଯାହା ହେଉ, ଏହିଦିନ ବଙ୍ଗଦେଶକୁ ଦୁଇଭାଗ କରି ପଶ୍ଚିମବଙ୍ଗ, ବିହାର ଓ ଓଡ଼ିଶାକୁ ନେଇ ଏକ ପ୍ରଦେଶ ଓ ପୂର୍ବବଙ୍ଗ, ଆସାମ ଆଦି ଅଞ୍ଚଳ ନେଇ ପୂର୍ବବଙ୍ଗ-ପ୍ରଦେଶ ଗଠନ କରାଗଲା । ବଙ୍ଗଦେଶରେ ପ୍ରବଳ ଉତ୍ତେଜନା ଓ ଆନ୍ଦୋଳନ ଦେଖାଦେଲା । ଦେଶବ୍ୟାପୀ ପରାଧୀନତା ବିରୁଦ୍ଧରେ ଯେଉଁ ଜନଜାଗରଣ ଦେଖା-ଯାଉଥିଲା, ତାହାକୁ ବଙ୍ଗ ବିଭାଜନ ଶକ୍ତିବଧ କଲା । ଏହି ବଙ୍ଗ ଆନ୍ଦୋଳନର ପ୍ରତିଛବିସ୍ୱା ରେଭେନସା କଲେଜରେ ମଧ୍ୟ ଦେଖାଦେଲା । ସେ ସମ୍ବନ୍ଧରେ ଏକ ସୁନ୍ଦର ବର୍ଣ୍ଣନା ଦେଇଛନ୍ତି, ଭରତଚନ୍ଦ୍ର ।

Digitized by srujanika@gmail.com

ସେ ଦିନ ସଞ୍ଜାକୁ ଦଳେ ବଙ୍ଗାଳୀ ଯୁବକ ଆସି ହଷ୍ଟେଲରେ ସବୁ ଛାତ୍ରମାନଙ୍କ ହାତରେ ରକ୍ଷୀ ସିନ୍ଧାଇ ଦେଇ କହିଲେ, "ଆଜି ନଗ୍ନପଦରେ ନଦୀରୁ ଗାଧୋଇ ଆସି, ସାରାଦିନ ଉପବାସ ରହିବାକୁ ହେବ ।" ଏହି ବଙ୍ଗାଳୀ ଯୁବକମାନଙ୍କର ନେତୃତ୍ୱ ନେଇଥିଲେ ନୀଳକଣ୍ଠ । ନୀଳକଣ୍ଠ ସମ୍ବଲପୁରୀ ଛାତ୍ରମାନଙ୍କର ସହଯୋଗ କାମନା କରିଥିଲେ, ଏହି ବ୍ରତରେ । କିନ୍ତୁ ସମ୍ବଲପୁରୀ ଛାତ୍ରମାନେ ଏଥିରେ ରାଜି ହେଲେ ନାହିଁ, କାରଣ ସେ ଦିନ ଥିଲା, ତାଙ୍କର ଆନନ୍ଦର ଦିନ । ସେମାନେ ଶୋକ ପାଳନ କରିବାକୁ ପ୍ରସ୍ତୁତ ନ ଥିଲେ । ଏକୋଇଶ ବର୍ଷ ବୟସରେ ପଣ୍ଡିତ ମହାଶୟ ଛାତ୍ରମାନଙ୍କୁ ରାଜନୈତିକ ନେତୃତ୍ୱ ଦେଇଥିବାର ଏହା ଏକ ନିଦର୍ଶନ ।

—୨—

ରାଜନୈତିକ ଜୀବନରେ ଅନେକ ସୁଖ ଦୁଃଖ ମଧ୍ୟରେ, ଅନେକ ଝଡ଼ଝଞ୍ଜା ଭିତରେ ପଣ୍ଡିତ ନୀଳକଣ୍ଠ ଗତି କରିଛନ୍ତି । ସେ ଯୁଗର ନେତାମାନଙ୍କ ପରି ତାଙ୍କୁ ବହୁଦିନ ଜେଲ ଭୋଗିବାକୁ ପଡ଼ିଛି । ସେ କେନ୍ଦ୍ର ବିଧାନସଭାରେ ଏକ ସମ୍ମାନଜନକ ଆସନ ଲାଭ କରିଥିଲେ ଓ କଂଗ୍ରେସ ଦଳ ନେତା ସ୍ୱର୍ଗତ ଭୁଲାଭାଇ ଦେଶାଇଙ୍କର ଦକ୍ଷିଣ ହସ୍ତ ରୂପେ କାର୍ଯ୍ୟ କରିଥିଲେ । ବହୁ ବର୍ଷ ବିଧାନସଭାର ଅଭିଜ୍ଞତା ତାଙ୍କର ପାଣ୍ଡିତ୍ୟ ଓ ବାଗ୍ମିତା ଦ୍ୱାରା ସମୃଦ୍ଧ ଥିଲା ।

ତା'ପରେ ମନେପଡ଼େ, ୧୯୩୭ର ନିର୍ବାଚନ କଥା । ଏହାହିଁ ଥିଲା ସର୍ବ-ଭାରତୀୟ ସ୍ତରରେ ଜାତୀୟ କଂଗ୍ରେସ ଦଳର ଲୋକପ୍ରିୟତାର ଏକ ଅଗ୍ନି ପରୀକ୍ଷା । ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ରୂପେ ପଣ୍ଡିତଙ୍କ ଉପରେ ନିର୍ବାଚନ ପରିଚାଳନାର ଦାୟିତ୍ୱ ନ୍ୟସ୍ତ ଥିଲା । ସେ ମାତ୍ର ୮ ହଜାର ଟଙ୍କାରେ ସମଗ୍ର ପ୍ରଦେଶରେ କଂଗ୍ରେସ ଦଳକୁ ଓଡ଼ିଶା ରାଜ୍ୟରେ ସଂଖ୍ୟା ଗରିଷ୍ଠତା ହାସଲ କରାଇ ବିଶ୍ୱନାଥ ଦାସ ମନ୍ତ୍ରିମଣ୍ଡଳ ଗଠନ କରାଇଲେ । ସମ୍ବଲପୁର ଜିଲ୍ଲାରେ ଫକୀର ବେହେରା, ପ୍ରହ୍ଲାଦ ରାୟ ଲାଠଙ୍କ ଭଳି ଅନାମଧେୟ ଅଥଚ ତ୍ୟାଗପୂତ କଂଗ୍ରେସ ପ୍ରାର୍ଥୀ, ମହାରଥୀ ପ୍ରତିଦ୍ୱନ୍ଦ୍ୱୀ-ମାନଙ୍କୁ ପରାଜିତ କଲେ । ସେ ଯୁଗରେ ତ୍ୟାଗର ମର୍ଯ୍ୟାଦା ଅର୍ଥ, ଆଭିଜାତ୍ୟ, ଶିକ୍ଷାଜନିତ ଯୋଗ୍ୟତା ଆଦିଠାରୁ ଲୋକଙ୍କର ହୃଦୟରେ ଉଚ୍ଚତର ଆସନ ଲାଭ କରିଥିଲା । ପଣ୍ଡିତ ନୀଳକଣ୍ଠ ଯେ ଯୋଗ୍ୟବ୍ୟକ୍ତିମାନଙ୍କୁ ପ୍ରାର୍ଥୀରୂପେ ବାଛିଥିଲେ ଓ ନିର୍ବାଚନେ ଉଦ୍ଧଯାନକୁ ସୁପରିଚାଳିତ କରି ପାରିଥିଲେ, ତାହା ପ୍ରମାଣିତ ହେଲା ।

ଦ୍ୱିତୀୟ ମହାଯୁଦ୍ଧ ଘୋଷଣା ପରେ ଦେଶରେ ସବୁ କଂଗ୍ରେସ ମନ୍ତ୍ରିମଣ୍ଡଳ ଇସ୍ତଫା ଦେଲେ । ଏହା ପରେ ପଣ୍ଡିତ ନୀଳକଣ୍ଠ ଓ ପଣ୍ଡିତ ଗୋଦାବରୀଶ କଂଗ୍ରେସରୁ ଇସ୍ତଫା ଦେଲେ ଓ ପଣ୍ଡିତ ଗୋଦାବରୀଶ ପାରଳା ମନ୍ତ୍ରିମଣ୍ଡଳରେ ଶିକ୍ଷାମନ୍ତ୍ରୀ ଭାର ଗ୍ରହଣ କଲେ ।

Digitized by srujanika@gmail.com

ଆନୁଗତ୍ୟର ଦ୍ୱନ୍ଦ୍ୱ ରାଜନୀତିରେ ଅନେକ ସମୟରେ ଅପରିହାର୍ଯ୍ୟ ହୁଏ ଓ ସେଥିପାଇଁ ଲୋକପ୍ରିୟତା ମଧ୍ୟ ହରାଇବାକୁ ପଡ଼େ । ଓଡ଼ିଶାର ଦୁଇ ବିଶିଷ୍ଟ ପଣ୍ଡିତ ମହାଭାରତୀୟ ଆନୁଗତ୍ୟ ଛାଡ଼ି ଓଡ଼ିଶା ପ୍ରତି ଆନୁଗତ୍ୟ ପ୍ରକାଶ କରିବା ଶ୍ରେୟସ୍କର ମନେ କଲେ ।

ସେଥିପାଇଁ ୧୯୪୭ ନିର୍ବାଚନରେ ସେମାନେ ଭୋଟ ରାଜନୀତିରୁ ଦୂରେଇ ରହିଲେ ।

ମାତ୍ର ୧୯୫୨ ସାଧାରଣ ନିର୍ବାଚନ ପୂର୍ବରୁ ସେମାନେ ସ୍ୱାଧୀନ ଜନସଂଘ ନାମକ ଏକ ପ୍ରାଦେଶିକ ଦଳ ଗଠନ କଲେ ଓ ଏହି ଦଳର କୃଷ୍ଣଜଣ ସଭ୍ୟ ମାତ୍ର ନିର୍ବାଚିତ ହେଲେ । ସାବାଳକ ଭୋଟରେ ନିର୍ବାଚିତ ହେବା କଠିନ ଥିଲା । ମାତ୍ର ଗୁଣାତ୍ମକ ଦୃଷ୍ଟିରୁ ଏହି ଦଳ ସଫଳ ଥିଲା ବୋଲି କୁହାଯାଇପାରେ, କାରଣ ଏ ଦଳରୁ ପୁରୀ ଜିଲ୍ଲାରୁ ପଣ୍ଡିତ ନୀଳକଂଠ ଓ ପଣ୍ଡିତ ଗୋଦାବରୀଶ, ଗଞ୍ଜାମ ଜିଲ୍ଲାରୁ ଆଡଭୋକେଟ ଶ୍ରୀ ରାମଚନ୍ଦ୍ର ମିଶ୍ର ଓ ଶ୍ରୀ ଦଣ୍ଡପାଣି ଦାସ ନିର୍ବାଚିତ ହେଲେ ।

୧୯୫୨ ମସିହାର ଓଡ଼ିଶା ବିଧାନସଭା ଥିଲା ସମଗ୍ର ଓଡ଼ିଶାର ସାବାଳକ ଭୋଟ ଦ୍ୱାରା ନିର୍ବାଚିତ ପ୍ରଥମ ବିଧାନସଭା । ଏଥିରେ କଂଗ୍ରେସ ଦଳ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ଲଭି ନଥିଲେ ମଧ୍ୟ ମନ୍ତ୍ରିମଣ୍ଡଳ ଗଠନ କରିପାରିଥିଲା । ଏହି ବିଧାନସଭାକୁ ଓଡ଼ିଶାର ବହୁ ବିଶିଷ୍ଟ ବ୍ୟକ୍ତି ନିର୍ବାଚିତ ହୋଇଥିଲେ । ସେମାନଙ୍କ ମଧ୍ୟରେ ପ୍ରାଣକୃଷ୍ଣ ପରିଜା ପଣ୍ଡିତ ନୀଳକଂଠ, ପଣ୍ଡିତ ଗୋଦାବରୀଶ, ଦିବାକର ପଟ୍ଟନାୟକ, ଗୋବିନ୍ଦ ପ୍ରଧାନ, ନିଶାମଣି ଖୁଣ୍ଟିଆ ଆଦି ବିରୋଧୀ ଦଳର ଆସନକୁ ଅଳଙ୍କୃତ କରିଥିଲେ । ମୁଁ ବିରୋଧୀ ଦଳର ନେତା ଥିଲି ଓ ବରିଷ୍ଠ ବିଧାୟକ ପଣ୍ଡିତ ନୀଳକଂଠ, ପଣ୍ଡିତ ଗୋଦାବରୀଶ ଓ ଦିବାକର ବାବୁଙ୍କର ଅଭିଜ୍ଞତାରୁ ମୁଁ ଯଥେଷ୍ଟ ଉପକୃତ ହୋଇଥିଲି । ଉଭୟ ପଣ୍ଡିତ ମୋତେ ପୁତ୍ରତୁଲ୍ୟ ସ୍ନେହ କରୁଥିଲେ । ପଣ୍ଡିତ ନୀଳକଂଠଙ୍କ ଜ୍ୟେଷ୍ଠପୁତ୍ର ଅଶୋକ ମୋର ସହପାଠୀ ।

ପଣ୍ଡିତ ଗୋଦାବରୀଶଙ୍କ ବସା ପାଖରେ ମୁଁ ରହୁଥିଲି ଓ ପଣ୍ଡିତ ନୀଳକଂଠଙ୍କ ଘରକୁ ମୁଁ ଅନେକ ଥର ଯାଇଛି । ଉଭୟ ପଣ୍ଡିତଙ୍କର ଦୈନନ୍ଦିନ ଜୀବନଯାତ୍ରାର ପାର୍ଥକ୍ୟ ମୋତେ ଅଭିଭୂତ କରିଥିଲା । ପଣ୍ଡିତ ନୀଳକଂଠଙ୍କର ବୟସ ସେତେବେଳେ ୬୭ ବର୍ଷ । କିନ୍ତୁ ମୋର ମନେ ହୁଏ, ସେ ସ୍ୱାସ୍ଥ୍ୟରକ୍ଷାର କୌଣସି ନିୟମ ବୋଧହୁଏ ମାନୁ ନ ଥିଲେ । ବହୁତ ରାତି ପର୍ଯ୍ୟନ୍ତ ପଢ଼ିବା ତାଙ୍କର ଅଭ୍ୟାସ ଥିଲା । ତାଙ୍କର ଦୁଇଟି ମାତ୍ର ବ୍ୟସନ–ପାଠ ଓ ମାଛ । ପଣ୍ଡିତ ଗୋଦାବରୀଶଙ୍କ ଜୀବନଯାତ୍ରା ପ୍ରାୟ ଠିକ ଓଲଟା । ଅତି ସକାଳୁ ଉଠି ବୁଲନ୍ତି ଓ ପିଇଁଆ ପରିବା ଖାଆନ୍ତି । ନିୟମ ଓ ସମୟର ବଡ଼ ଅନୁବର୍ତ୍ତୀ ହୋଇ ଚଳନ୍ତି । ସ୍ୱାସ୍ଥ୍ୟ ପ୍ରତି ଖୁବ୍ ସଚେତନ । ତଥାପି ପଣ୍ଡିତ ନୀଳକଂଠ ୮୪ ବର୍ଷ ଆୟୁଷ୍ଯ ପାଇ ଅଧିକ ଦୀର୍ଘଜୀବୀ ହେଲେ । ପ୍ରୋଟିନ୍ ତାଙ୍କର ରକ୍ଷାକବଚ ଥିଲା ବୋଲି ମନେ ହୁଏ । ପଣ୍ଡିତ ଗୋଦାବରୀଶ ତାଙ୍କର ବହୁ ପୂର୍ବରୁ ୭୦ ବର୍ଷ ବୟସରେ ଦେହତ୍ୟାଗ କରିଥିଲେ ।

Digitized by srujanika@gmail.com

୧୯୫୫ ମସିହାରେ ପଣ୍ଡିତ ନୀଳକଣ୍ଠ ବିରୋଧୀ ଦଳ ଛାଡ଼ି କଂଗ୍ରେସ ଦଳରେ ଯୋଗ ଦେଲେ । ଆମ୍ଭେମାନେ କ୍ଷୁବ୍ଧ ହେଲୁଁ । କିନ୍ତୁ ଉପାୟ କଣ ? ସ୍ୱାଧୀନ ଜନସଂଘ ଦଳର ମୂଳଦୁଆ ଗଲେ । ଦଳଟି ଭାଙ୍ଗିଗଲା । ପଣ୍ଡିତ ଗୋଦାବରୀଶ ଆମର ଗଣତନ୍ତ୍ର ପରିଷଦ୍‌ରେ ଯୋଗଦେଲେ । ଆମେ ତାଙ୍କୁ ଦଳର ସଭାପତି କଲୁଁ । ସେ ତାଙ୍କ ଜୀବନର ଶେଷ ପର୍ଯ୍ୟନ୍ତ ଆମ ଦଳର ସଭାପତି ହୋଇ ରହିଥିଲେ ।

୧୯୫୨ ମସିହା ଭୋଟରେ ଓଡ଼ିଶାରେ କଂଗ୍ରେସ ଦଳର ଦୁର୍ବଳତା ଜଣା ପଡ଼ିଥିଲା । ୧୯୫୭ ମସିହା ଭୋଟରେ କଂଗ୍ରେସ ଦଳ ଆହୁରି ଦୁର୍ବଳ ହୋଇପଡ଼ିଲା । ତଥାପି ପଣ୍ଡିତ ନୀଳକଣ୍ଠ କଂଗ୍ରେସ ଦଳରୁ ବିଧାନସଭାକୁ ନିର୍ବାଚନରେ ନିର୍ବାଚିତ ହେଲେ ଓ ବାଚସ୍ପତି ଆସନ ଅଳଙ୍କୃତ କଲେ ।

— ୮ —

ପଣ୍ଡିତ ନୀଳକଣ୍ଠଙ୍କ ସାହିତ୍ୟ ସେବା ବିଷୟରେ ଲେଖିବା ମୋ ପକ୍ଷରେ ଧୃଷ୍ଟତା ମାତ୍ର । ତାଙ୍କ ପ୍ରଣୀତ ଗ୍ରନ୍ଥାବଳୀରୁ ତାଙ୍କର ପାଣ୍ଡିତ୍ୟ, ତାଙ୍କର ସାହିତ୍ୟ ସାଧନାର ଯଥେଷ୍ଟ ପରିଚୟ ମିଳେ । ଓଡ଼ିଶାରେ ବହୁ ଅଳ୍ପ ଲୋକ ସାହିତ୍ୟ ଓ ରାଜନୀତି ଉଭୟ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଛନ୍ତି । ଲୋକେ ରାଜନୈତିକ ଖ୍ୟାତିକୁ କାଳକ୍ରମେ ଭୁଲିଯାଆନ୍ତି । ସାହିତ୍ୟ ଚିରସ୍ଥାୟୀ ହୋଇ ରହେ । ପଣ୍ଡିତ ଗୋପବନ୍ଧୁ, ପଣ୍ଡିତ ନୀଳକଣ୍ଠ, ପଣ୍ଡିତ ଗୋଦାବରୀଶ ଓ ଡକ୍ଟର ହରେକୃଷ୍ଣ ମହତାବଙ୍କୁ ଛାଡ଼ିଦେଲେ ଓଡ଼ିଶାରେ ଉଭୟ କ୍ଷେତ୍ରରେ ସ୍ମରଣୀୟ ହେବା ଭଳି ଆଉ କିଏ ଅଛନ୍ତି ?

ଯାହାହେଉ, ଏ ସ୍ମୃତିତର୍ପଣରେ କେତେକ ବ୍ୟକ୍ତିଗତ କଥା କହିବାକୁ ମନ ହେଉଛି । ପଣ୍ଡିତ ନୀଳକଣ୍ଠ 'ନବଭାରତ'ର ସମ୍ପାଦକ ଥିଲେ । ସେତେବେଳେ ମୁଁ କଲେଜରେ ଛାତ୍ର ଥିଲି । ଡକ୍ଟର ସଦାଶିବ ମିଶ୍ର (ସେତେବେଳକୁ ଡକ୍ଟର ହୋଇ ନ ଥାନ୍ତି) 'ଲୁଣ କର' ବୋଲି ଏକ ପ୍ରବନ୍ଧ 'ନବଭାରତ'ରେ ପ୍ରକାଶ କଲେ-ଲୁଣକରର ସମର୍ଥନରେ । ସେତେବେଳକୁ ମହାତ୍ମା ଗାନ୍ଧୀଙ୍କର ଲବଣ ସତ୍ୟାଗ୍ରହ ହୋଇ ସାରିଥାଏ । ମୁଁ ସେହି ସମୟରେ Economic Conquest of India ନାମକ ଏକ ପୁସ୍ତକ ପଢ଼ିଥାଏଁ । ସେଥିରେ ଏ ଦେଶକୁ କପଟ ଓ କାହିଁକି ବିଲାତର ଲିଭରପୁଲରୁ ଲୁଣ ଆସି ଭାରତରେ ବିକି ହେଉଥିଲା-- ଅବିଶ୍ୱାସ୍ୟ ହେଲେ ବି ସତ୍ୟ) ସେ ବିଷୟରେ ଓ ଅନ୍ୟାନ୍ୟ ଅନେକ ଚିତ୍ତାକର୍ଷକ ତଥ୍ୟ ଥିଲା । ମୁଁ ସେ ସବୁ ବିଷୟ ଲେଖି ଗୋଟିଏ ପ୍ରବନ୍ଧ 'ନବଭାରତ'ରେ ପ୍ରକାଶ ପାଇଁ ଦେଲି । ଏହା ପରେ 'ପ୍ରଥମ ମହାଯୁଦ୍ଧ ଓ ଭାରତ' ନାମକ ଆଉ ଏକ ଅର୍ଥନୀତି ସମ୍ପର୍କୀୟ ପ୍ରବନ୍ଧ ମୁଁ 'ନବଭାରତକୁ' ପଠାଇଥିଲି ଓ ଉଭୟ ପ୍ରବନ୍ଧ ପ୍ରକାଶିତ ହୋଇଥିଲା । 'ନବଭାରତ ମାସିକ ପତ୍ରର ମାନ ଅତି ଉଚ୍ଚ ଥିଲା । ତେଣୁ ମୋ ଭଳି ଜଣେ ଯୁବକର ପ୍ରବନ୍ଧ ସେଥିରେ ପ୍ରକାଶିତ ହୋଇଥିବାରୁ ମୁଁ ବଡ଼ ଆତ୍ମପ୍ରସାଦ ଲାଭ କରିଥିଲି, ସେମିତି ପଣ୍ଡିତ ନୀଳକଣ୍ଠଙ୍କର ଅନୁମୋଦନ ଲାଭ କରିଥିଲି ବୋଲି ।

Digitized by srujanika@gmail.com

# ପଣ୍ଡିତ ନୀଳକଣ୍ଠ ଦାସ

ଶ୍ରୀ ଗୋପୀନାଥ ମହାନ୍ତି

୧୯୨୦ କି ୧୯୨୧ ହୋଇଥିବ । ଗାଁରେ ଥାଏଁ, ବୟସ ସାତ ବର୍ଷ, ଇସ୍କୁଲରେ ପଢ଼ି ନ ଥାଏଁ । ସ୍ୱାଧୀନତା ଆନ୍ଦୋଳନର ସଜ ପବନରେ ଆମ ଗାଁ ବି ଦୋହଲୁଥାଏ । ଚରଖା ଘୂରୁଥାଏ । କେତେ ନୂଆ ଖବର ଖେଳୁଥାଏ । କେତେ ଜଣ ଯୁବକ ନିଜ ନିଜ ଘରୁ ବହି ଆଣି ଏକାଠି ଠୁଳକରି ଗୋଟିଏ ସାନ କୁଡ଼ିଆଘରେ 'ଲାଇବ୍ରେରୀ' ଖୋଲିଲେ । ସେଇଠି ଜଣେ ମତେ ପଢ଼ିଦେଇଥିଲେ 'କୋଣାର୍କେ', ଜଣେ ଭାବୋଚ୍ଛ୍ୱାସରେ ଭାସି ଭାସି ବୁଝେଇଥିଲେ ମୂଳରୁ କିଛି ବାଟ । ଅତୀତରେ ଯୁଗଯୁଗଯାକେ କେତେ ସମୃଦ୍ଧି, କେତେ ଗୌରବ ଥିଲା ଏ ଦେଶର, ଭାଙ୍ଗିପଡ଼ିଛି. ଆମେ ସବୁ, ଏ ଦେଶର ଲୋକେ, ସେହି ଅତୀତକୁ ପାଶୋରି ଶୋଇପଡ଼ିଛୁ । ନିଦରୁ ଉଠାଇ ସେହି ଗୌରବ କଥା ଚେତେଇ ଦେଉଛନ୍ତି କବି, ତା'ର ଯୋଗ୍ୟ ହେବାକୁ ପଡ଼ିବ ।

"ଶୋଇ ପଡ଼ିଛ ତ ବାପା ହେ ....."

ମନରେ ରହିଗଲା । ଏ ପଣ୍ଡିତ ନୀଳକଣ୍ଠ ଦାସଙ୍କ ସଙ୍ଗେ ସେହି ମୋର ପ୍ରଥମ ପରିଚୟ, ଗୋଟିଏ ଗ୍ରେଷ୍ଠ ପିଲାର ପରିଚୟ ଜଣେ ଦେଶପ୍ରେମୀ କବିଙ୍କ କାବ୍ୟ ବ୍ୟକ୍ତିତ୍ୱ ସହିତ ।

ଆସିଲା କଟକରେ ମୋର କଲେଜ ଜୀବନ, ୧୯୩୦ ଓ ତା'ପରେ । ଓଡ଼ିଶାର ଗଣ-ଚେତନାରେ ସେତେବେଳେ ଯୋଡ଼ିଏ ପ୍ରଧାନ ଧାରା-ଭାରତ ସ୍ୱାଧୀନ ହେବ, ବିଭିନ୍ନ ଓଡ଼ିଆଭାଷୀ ଅଞ୍ଚଳ ମିଶି ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବ । ଉଭୟ କ୍ଷେତ୍ରରେ ଯେଉଁମାନଙ୍କୁ ବରେଣ୍ୟ ନେତା ବୋଲି ଦେଶ ମାନୁଥିଲା, ପଣ୍ଡିତ ନୀଳକଣ୍ଠ ସେହି କତିପୟମାନଙ୍କ ମଧ୍ୟରେ ଅନ୍ୟତମ, ଏ ଧାରଣା ଆମ ସମସ୍ତଙ୍କର ଥିଲା । ତାଙ୍କ ପୃଷ୍ଠ-ଭୂମିରେ ଥିଲା 'ସତ୍ୟବାଦୀ'ର ସ୍ମୃତି । ସେ ଦୂରରୁ ନମସ୍ୟ । ପ୍ରଥମେ କେବେ ତାଙ୍କୁ ଦେଖିଲି ମନେ ନାହିଁ, କିନ୍ତୁ ଗୋଟିଏ ସ୍ମୃତି ମନେ ପଡ଼ୁଥାଏ—ଜେଲରୁ ଫେରିଲା ପରେ କଟକ ଷ୍ଟେସନରୁ ପଦଯାତ୍ରା କରି ସେତେବେଳେ ନେତାଙ୍କୁ କଟକ ସହରକୁ ଅଣା ଯାଉଥାଏ, - ସଙ୍ଗରେ ଲୋକାରଣ୍ୟ । ତାଙ୍କର ସେ ଚେହେରା, ସେ ବ୍ୟକ୍ତିତ୍ୱ ମନେ ରହିଗଲା । ଗର୍ବ ହୁଏ-ଏ "ଆମର" । ସାଙ୍ଗେ ସାଙ୍ଗେ ମନେପଡ଼େ "ଏ ଅସାଧାରଣ", ମାଡ଼ି ପଡ଼େ, ପାଖକୁ ଯିବାକୁ ଭରସା ହୁଏ ନାହିଁ ।

Digitized by srujanika@gmail.com



୧୯୩୭ର ପ୍ରଥମ ନିର୍ବାଚନ ପୂର୍ବରୁ ପଣ୍ଡିତ ନେହେରୁଙ୍କ ସହିତ ପଣ୍ଡିତ ନୀଳକଣ୍ଠ

Digitized by srujanika@gmail.com

କେବେ ତାଙ୍କର କେଉଁ ବକ୍ତୃତା ଆଗ ଶୁଣିଥିଲି ମନେ ନାହିଁ । କିନ୍ତୁ ମନେ ରହିଗଲା, ସେ ବାଗ୍ମୀ, ଅତ୍ୟନ୍ତ ବିଦ୍ୱାନ, ନିର୍ଭୀକ, ସ୍ପଷ୍ଟବାଦୀ, ନିଜ ମତକୁ ବଳିଷ୍ଠ ଭାବେ ବ୍ୟକ୍ତ କରନ୍ତି, ପ୍ରତ୍ୟେକ ଉକ୍ତି ସପକ୍ଷରେ ନାନା ଯୁକ୍ତି ବାଢ଼ନ୍ତି, ଲାଗେ ଯେପରି କି ସେ ନିଜ ବାଗରେ ମୂଳରୁ ଖିଅ ବାଛି ବାଛି ନିଜ ମତ ଠିକଣା କରିଛନ୍ତି, ତାଙ୍କର ନିଜର 'ମୁଁ' ପଣର ଆଣ୍ଠୁ ଅଛି, ସେ ବାଛି ଦେବେ, ହାରିବେ, ଧରିବେ, ଆଖିବୁଜି ବିଶ୍ୱାସ କରିବା ଲୋକ ସେ ନୁହନ୍ତି । ତାଙ୍କ ସମ୍ବନ୍ଧରେ ଗୋଟିଏ 'ପୁରୁଣା ମୁରବ୍ବି' ଧାରଣା ମନରେ ରହିଗଲା, ପାଖକୁ ଗଲେ ଭାବି ଚିନ୍ତି କଥା କହିବା ଦରକାର ପଡ଼ିବ ।

କ୍ରମେ ତାଙ୍କର ଲେଖା ପଢ଼ିଲି, ତାଙ୍କ 'ନବଭାରତ'ରେ ମୋର କିଛି ଲେଖା ଛପା ହେଲା । କିନ୍ତୁ ସେତେବେଳେ ମୋର ତାଙ୍କ ସଙ୍ଗେ ସମ୍ପର୍କ ନ ଥାଏ, ସମ୍ପର୍କ ଥାଏ ଶ୍ରୀ ଚନ୍ଦ୍ରମଣି ମିଶ୍ରଙ୍କ ସଙ୍ଗେ । ମୋ ଲେଖା ବିଷୟରେ ପରୋକ୍ଷରେ ତାଙ୍କ ମନ୍ତବ୍ୟ ଶୁଣିଲି, ଉତ୍ସାହିତ ହେଲି । 'ନବଭାରତ'ରେ 'ଭଲ ପାଇବାର ଶେଷ କଥା' ବୋଲି ଗୁଡ଼ିଏ ଲେଖା ଆରମ୍ଭ କଲି । ମୋର ଲେଖା ଛପା ହୁଏ, ତା ଉତ୍ତରରେ ରାଜକିଶୋର ପଟ୍ଟନାୟକ ଲେଖନ୍ତି, ଛପା ହୁଏ, ଏଇପରି ଚାଲେ । ଆମେ ଦୁହେଁ କଥା ହୋଇଥିଲୁ । ସେହି ଆଲୋଚନା ସରିଲା ଉତ୍ତାରୁ ପଣ୍ଡିତ ନୀଳକଣ୍ଠ ଦାସ ବି ସେ ବିଷୟରେ ଲେଖାଟିଏ ଛପାଇଲେ, ତାଙ୍କ ଲେଖାର ଆଭିମୁଖ୍ୟ ଜଡ଼ବାଦ ଓ ସଂପୂର୍ଣ୍ଣ ଭିନ୍ନ ଥିଲା ବୋଲି ମନେ ପଡ଼ୁଛି । କିନ୍ତୁ ଆଶ୍ଚର୍ଯ୍ୟ ଲାଗିଲା ଯେ, ଯେ ତତ୍ତ୍ୱ, ଦର୍ଶନ, ଭାଷା, ପ୍ରାଚୀନ ସଂସ୍କୃତି ଆଦି ଓଜନ ଓଜନ ବିଷୟରେ ଗମ୍ଭୀର ଭାଷାରେ ପ୍ରବନ୍ଧମାନ ଲେଖୁଥିଲେ, ସେ ଆମ ଲେଖା ପଢ଼ୁଥିଲେ ଓ ନିଜେ ସେ ବିଷୟରେ କିଛି ଲେଖିବାକୁ ମନ କରିଥିଲେ ।

୧୯୫୬ରେ ମୋର ଭୁବନେଶ୍ୱର ବଦଳି ହେଲା, ମୁଁ ଇଉନିଟ ୨ରେ ବସା ପାଇଲି ୧୯୬୧ ଯାଏ ସେଠି ଥିଲି । ସେତିକିବେଳେ ସେ ବି ୟୁନିଟ ୬ରେ ଥିଲେ । ଥରେ ତାଙ୍କୁ ଦେଖିବାକୁ ଗଲି । ତା ପୂର୍ବରୁ ସେ କଟକରେ ଥିଲାବେଳେ ୧୯୫୧ ରେ ବି ଥରେ ଯାଇଥିଲି । ଅଳ୍ପ ସମୟ କଥାବାର୍ତ୍ତା ହୋଇଥିଲା । ଭୁବନେଶ୍ୱରରେ ତାଙ୍କ ସଙ୍ଗେ ମୋର ପ୍ରଥମ ସାକ୍ଷାତବେଳେ ସେ ମୋର 'କୁଇକନ୍ଧ ଭାଷାତତ୍ତ୍ୱ' କଥା କହିଲେ ଅନୁନ୍ନତ ଆଦିବାସୀ 'କୁଇକନ୍ଧ'ଙ୍କ ଭାଷାକୁ ଶୁଣି ଶୁଣି ଶିଖି, ଲେଖି, ଶବ୍ଦମାନଙ୍କ ଭିତରେ ସୂତ୍ର ଖୋଜି ମୁଁ କିପରି ସଂସ୍କୃତ ବ୍ୟାକରଣ ପଦ୍ଧତିରେ ସେ ଭାଷାର ଗୋଟିଏ ବ୍ୟାକରଣ ଲେଖିଛି, ଶବ୍ଦକୋଷ ଲେଖିଛି ଓ ତାର ବ୍ୟବହାର ବୁଝାଇବାକୁ ସେ ଭାଷାରେ ନାନା ବାକ୍ୟ ଲେଖିଛି, ସେ ସେହି କଥା କହି ଖୁବ୍ ଖୁସି ହେଲେ ଓ ବହିଟିକୁ ଖୁବ୍ ଗୁରୁତ୍ୱ ଦେଲେ । ବହିଟି ତାର ବହୁ ବର୍ଷ ପୂର୍ବରୁ ଲେଖା ହୋଇଥିଲା ଏବଂ ସେତେବେଳକୁ ବର୍ଷେ ଦେଢ଼ ବର୍ଷ ହେବ ଛପା ହୋଇଥିଲା । କିନ୍ତୁ ସେ ପର୍ଯ୍ୟନ୍ତ ଓଡ଼ିଶାର ଅନ୍ୟ କୌଣସି ପଣ୍ଡିତ ସେ ବିଷୟରେ ମତେ କିଛି କହି ନ ଥିଲେ ।

Digitized by srujanika@gmail.com

ଯେଉଁମାନେ ମୋର କୌଣସି ଲେଖା ବିଷୟରେ କହନ୍ତି, ସେମାନେ ସାଧାରଣତଃ କହିଥାନ୍ତି ମୋର ଗଳ୍ପ, ଉପନ୍ୟାସ କଥା । ପଣ୍ଡିତ ନୀଳକଣ୍ଠ ଦାସ ବହୁତ ବହି ପଢ଼ିଥିଲେ, ବହୁତ ବହି ରଖିଥିଲେ ଓ କେଉଁଠି କଣ ଆଖି ଦିଶିଆ ହୋଇ ସାହିତ୍ୟ କ୍ଷେତ୍ରରେ ନୂଆ ସୃଷ୍ଟି ହେଲା, ତାକୁ ଜାଣିବାକୁ ତାଙ୍କର ଖୁବ୍ କୁତୂହଳ ଥିଲା । ବହୁତ ବେଳଯାଏ ବହି ପଢ଼ିବା ତାଙ୍କୁ ଆନନ୍ଦ ଦେଉଥିଲା ।

ତାପରେ ସେଠିକି ମୁଁ ଆହୁରି କେତେଥର ଯାଇଛି । ଗଲେ ସେ ଖୁସି ହୁଅନ୍ତି, କୌଣସି ସାଂସ୍କୃତିକ ବିଷୟରେ ଆଲୋଚନା କରିବାକୁ ଭଲ ପାଆନ୍ତି । ଆଲୋଚନାରେ ମତେ ବେଶୀ କିଛି କହିବାକୁ ପଡ଼େ ନାହିଁ, କଣ ଏଣୁ ତେଣୁ ଦି'ପଦ କହି କହି ସେ ଆରମ୍ଭ କରି ଦିଅନ୍ତି, ସେଇଠୁ ସୁଅ ଛୁଟେ, କେତେ ବହିରୁ କେତେ କଥା, କେତେ ଉଦ୍ଧୃତାଂଶ, କେତେ ମତ ଓ ତାର ଖଣ୍ଡନ, ସବୁ ତାଙ୍କର ତୁଣ୍ଡେ ତୁଣ୍ଡେ, ଭାବିବାକୁ ଦରକାର ପଡେ ନାହିଁ । ମୁଁ ଯାଉଥିଲି ତାଙ୍କଠୁ ଶୁଣିବା ପାଇଁ, ନିଜେ କହିବା ପାଇଁ ନୁହେଁ । ଏପରି ନୁହେଁ ଯେ, ସେ ଯାହା ଯାହା କହୁଥିଲେ, ତାଙ୍କର ସବୁ ମତ କି ସବୁ ଯୁକ୍ତି ମୋ ମନକୁ ପାଉଥିଲା । ଯଥା—ଗୋଟିଏ, ଆସିରିଅନ୍ ସଭ୍ୟତା ସହିତ ଓଡ଼ିଶାର ସଭ୍ୟତାର ସାଦୃଶ୍ୟ । ଆଉ ଗୋଟିଏ ଗୌଡ଼ୀୟ ବୈଷ୍ଣବ ପନ୍ଥା ପ୍ରତି ତାଙ୍କର ଘୋର ବିତୃଷ୍ଣା ଓ କ୍ରୋଧ । ଲାଗୁଥାଏ ନାନା ଧାରଣା ତାଙ୍କଠି ବଦ୍ଧମୂଳ ହୋଇଯାଇଛି ଓ ସେହି ପ୍ରକାରେ ସେ ଅନ୍ୟାନ୍ୟ ବିଷୟକୁ ଅର୍ଥ କରିଯାଆନ୍ତି । କିନ୍ତୁ ତାଙ୍କର ସେହିସବୁ ଧାରଣା କି ମତାମତକୁ ଛାଡିଦେଲେ ଅନ୍ୟାନ୍ୟ ବିଷୟରେ ସେ ଯେଉଁ ବାଟରେ ପ୍ରତି କଥାର 'କଣ' ଓ 'କାହିଁକି'ର ଖିଅ ଖୋଜୁଥିଲେ, ତାର ପ୍ରମାଣ ଓ ଯୁକ୍ତି ଖୋଜି ଖୋଜି, ନାନା ବିଷୟକୁ ଏକାଠି ଦେଖି ତାର ପରସ୍ପର ଭିତରେ ସମ୍ବନ୍ଧରୁ ଅର୍ଥ ଖୋଜୁଥିଲେ, ଗତାନୁଗତିକ ସିଦ୍ଧାନ୍ତ ଆଡକୁ ନ ଯାଇ ନିଜ ବାଟରେ କିଛି ନୂଆ ସିଦ୍ଧାନ୍ତରେ ପହଞ୍ଚିବାକୁ ଚେଷ୍ଟା କରୁଥିଲେ । ତାଙ୍କର ସେ ଆଲୋଚନା ଶୁଣିଲେ କିଛି ସଜ, ନୂଆ କଥା ଶୁଣିବାର ଆନନ୍ଦ ମିଳୁଥିଲା । ବୟସ ଓ ଶାରୀରିକ ଅସୁବିଧା ସତ୍ତ୍ୱେ ତାଙ୍କ ମନ ସବୁବେଳେ ଚେଇଁଥିଲା । ଭଲ ଲାଗୁଥିଲା । ସେ ଅନ୍ଧବିଶ୍ୱାସକୁ ଚିଡୁଥିଲେ, ସ୍ୱପ୍ନିଳ ଭାବୋଚ୍ଛ୍ୱାସକୁ ହୀନ ଭାବୁଥିଲେ, ଶରୀର, ସଂସାର ଓ ବାସ୍ତବତାକୁ ସ୍ୱୀକାର କରୁଥିଲେ, ତାଙ୍କ କଥା, ଭାଷାରେ ମର୍ଯ୍ୟାଦା ଦେଉଥିଲେ । ଉନ୍ନତ ଚରିତ୍ରବତ୍ତା, କର୍ତ୍ତବ୍ୟ ପରାୟଣତା, ନୀତିମତ୍ତା, ବୁଦ୍ଧି ବିଚାର, ଜ୍ଞାନ ଓ ଶ୍ରମକୁ । ସେ ଟାଣ ଟାଣ କରି ଶାଣିଦିଆ କଥା କହୁଥିଲେ, ଠୋଠା, ସିଧାସଳଖ, ଯାହା ଭାବିଲେ ତା ଟାଣ କରି କହିଲେ, ଯେ ଯାହା ଭାବୁ, ଯାହା କହୁ, ସେ, ସେ, ଗୋଟିଏ ବଳିଷ୍ଠ ବିଶିଷ୍ଟ 'ମୁଁ' ପଣ । ତାଙ୍କ ଲେଖାରେ ବି ତାଙ୍କର ସେହି ବିଶିଷ୍ଟତା । ଅତୀତରେ ସତ୍ୟବାଦୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ତ ସେ ଥିଲେ, ଓଡ଼ିଶାରେ ଯେଉଁମାନେ କଂଗ୍ରେସର ମୂଳଦୁଆ ପକାଇଲେ, ସ୍ୱାଧୀନତା ସଂଗ୍ରାମର ନେତୃତ୍ୱ

Digitized by srujanika@gmail.com

ନେଲେ ନାଙ୍କ ଭିତରେ ଥିଲେ ସେ । କିନ୍ତୁ ତାପରେ ଓଡ଼ିଶା ରାଜନୀତିରେ ତାଙ୍କର ଆଉ ସେ ଭୂମିକା ଦେଖା ଯାଇ ନ ଥିଲା, ଯଦିଓ ରାଜନୀତିରୁ ସେ ସଂପୂର୍ଣ୍ଣ ବିଚ୍ଛିନ୍ନ ବୋଲି କୁହାଯାଇ ପାରିବ ନାହିଁ । ଯେଉଁ ଅମଳରେ ଓଡ଼ିଶାରୁ ଖୁବ୍ ଅଳ୍ପଲୋକ ଏମ. ଏ. ପଢ଼ୁଥିଲେ, ସେ କାଳରେ ଜଣେ ଏମ. ଏ. ଚାକିରି ଛାଡ଼ି ଦେଶ କାମ କରିବା ପୂର୍ବରୁ ଶୁଣା ନ ଥିଲା । କିଛିଦିନ ଅଧ୍ୟାପକ ହୋଇଥିଲେ । ତାଙ୍କର ଯେଉଁ ପାଣ୍ଡିତ୍ୟ ଥିଲା, ଲେଖିବାକୁ ଯେଉଁ ସ୍ପୃହା ଥିଲା, ତାଙ୍କର "ଓଡ଼ିଆ ସାହିତ୍ୟର କ୍ରମ ପରିଣାମ"ରୁ ତାଙ୍କର ଯେଉଁ ପ୍ରତିଭାର ପ୍ରମାଣ ମିଳେ, ଲାଗେ ସେ ଯଦି କେବଳ ସାହିତ୍ୟ ସୃଷ୍ଟିରେ ଲାଗି ରହିଥାନ୍ତେ, ତାହାହେଲେ ଓଡ଼ିଆ ସାହିତ୍ୟକୁ ଆହୁରି କେତେ କେତେ ଗୁଣେ ସମୃଦ୍ଧ ନ କରିଥାନ୍ତେ ।

ତାଙ୍କ ସଙ୍ଗେ ପୁଣି ଦେଖା ସେ ଅସୁସ୍ଥ ଥିଲାବେଳେ । ତା'ପରେ ଶେଷଥର, ଯେତେବେଳେ ଖବର ପାଇ ଘରେ ଯାଇ ଓଡ଼ିଶା ଆସେମ୍ବ୍ଲି ହତାରେ ଅପେକ୍ଷା କରିଥିଲି, ଗାଡ଼ି ଆସିଲା, ଫୁଲମାଳ ଲଦିହୋଇ, ସେହି ଶରୀର, କିନ୍ତୁ ସେ ନ ଥିଲେ ।

ଗୋଟିଏ ବିଶିଷ୍ଟ, ବଳିଷ୍ଠ, ବୁଦ୍ଧିଦୀପ୍ତ, ନିର୍ଭୀକ ବ୍ୟକ୍ତିତ୍ୱ । ତାଙ୍କର ସେହି ସ୍ମୃତିକୁ ନମସ୍କାର କରୁଛି ।

( ତା ୫ । ୧୧ । ୭୯ )

"ଜୀବନ ମରଣ ମମ ସବୁ ସେ ତୁମ୍ଭର
ଜୀବନ ବ୍ୟସନ ପାପ ପୁଣ୍ୟ ଅନୁଷ୍ଠାନ,
ନିରଣ ଅନ୍ତରେ ଯାଏ ତବ ନାମ ଧରି
ଦୁର୍ବଳ ମୁଁ ତବ ବଳେ ମହା ବଳୀୟାନ ।"

—ନୀଳକଣ୍ଠ

Digitized by srujanika@gmail.com

# ପଣ୍ଡିତ ନୀଳକଣ୍ଠଙ୍କ ସ୍ମୃତି-ତର୍ପଣ

ଶ୍ରୀ ନବକିଶୋର ଦାସ

ପଣ୍ଡିତ ନୀଳକଣ୍ଠ ଏକ ବ୍ୟକ୍ତିତ୍ୱ, ଅନୁଷ୍ଠାନ ଓ ଭାବୁକ । ସେ ଏକାଧାରରେ କବି, ପଣ୍ଡିତ ଓ ଦାର୍ଶନିକ । ସ୍ୱାଧୀନତା ଲଭ-ପାଇଁ ବହୁ ଚିନ୍ତାଶୀଳ ବ୍ୟକ୍ତି ନିଜ ନିଜ ଶିକ୍ଷକତା ଓ ସାହିତ୍ୟିକ ଜୀବନ ଛାଡ଼ି ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ । ପଣ୍ଡିତ ନୀଳକଣ୍ଠ ଓ ପଣ୍ଡିତ ଗୋଦାବରୀଶ ଏପରିକି ପଣ୍ଡିତ ଗୋପବନ୍ଧୁ ମଧ୍ୟ [illegible]-ପଣ ଦେଶସେବା ବ୍ରତ ଗ୍ରହଣ କରିଥିଲେ । ପଣ୍ଡିତ ନୀଳକଣ୍ଠ ଅସିଗଲେ ଅହିଂସ-ସମରର ଜଣେ ସୈନିକ ଓ ପରେ ସେନାପତି ହେବା ପାଇଁ ।

ମୁଁ ବି. ଏ. ପରୀକ୍ଷା ଦେଇ ସାଧାରଣ କ୍ଷେତ୍ରକୁ ଆସିଲାବେଳେ ଓଡ଼ିଶାରେ ପ୍ରଥମ ମନ୍ତ୍ରିମଣ୍ଡଳ ଗଠନ ହୋଇଥିଲା । ସେତିକିବେଳେ ପଣ୍ଡିତ ନୀଳକଣ୍ଠ ପ୍ରାଦେଶିକ କଂଗ୍ରେସ କମିଟିର ସଭାପତି ଥିଲେ ମଧ୍ୟ ଶାସକଗଣଙ୍କ ସହ ନୀତିଗତ ପାର୍ଥକ୍ୟ ପ୍ରକଟିତ ହୋଇଯାଇଥିଲା । ସ୍ୱର୍ଗତ ଲିଙ୍ଗରାଜ ପାଣିଗ୍ରାହୀଙ୍କ ଅପତ୍ତି ଅଭିଯୋଗ ନେଇ ଖୋଦ ଡକ୍ଟର ରାଜେନ୍ଦ୍ର ପ୍ରସାଦଙ୍କ କଟକରେ ଆବିର୍ଭାବ ହୋଇଥିଲା । ଏହି ସମୟକୁ ସିଂହଭୂମିର ଜାମସେଦପୁର ସହରରୁ ଟାଟା କମ୍ପାନୀ ଓଡ଼ିଆ ଭାଷା ଲୋପ କରିଦେଇଥିଲେ । ତହୁଁ ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ, ନିତ୍ୟାନନ୍ଦ ମହାପାତ୍ର ଓ ମୁଁ ସିଂହଭୂମି ଯାଇଥିଲୁ । ଓଡ଼ିଆ ଭାଷା ରକ୍ଷା ପାଇଗଲା । ମାତ୍ର ମୁଁ ଅନୁଭବ କଲି ସିଂହଭୂମିରେ ଜଣେ ଟାଣୁଆ କର୍ମୀ ନ ବସିଲେ ସିଂହଭୂମି ରକ୍ଷା ହୋଇ ପାରିବ ନାହିଁ । ପଣ୍ଡିତ ନୀଳକଣ୍ଠ ଓ ପଣ୍ଡିତ ଗୋଦାବରୀଶ ଯେ ବିଚ୍ଛିନ୍ନ ଓଡ଼ିଆଅଞ୍ଚଳ ପାଇଁ ବରାବର ଭାବୁଥିଲେ ଓ ସେଥିପାଇଁ କାର୍ଯ୍ୟ କରି ଆସୁଥିଲେ, ସେଥି ନିମନ୍ତେ ଉତ୍କଳ ସମ୍ମିଳନୀରେ ଯୋଗ ଦେଇଥିଲେ, ଏହା ଜଣାଶୁଣା କଥା । ସିଂହଭୂମି ଯିବାରେ ପଣ୍ଡିତ ନୀଳକଣ୍ଠ ଓ ପଣ୍ଡିତ ଗୋଦାବରୀଶ ମତେ ବହୁତ ସାହାଯ୍ୟ କରିଥିଲେ । ମୋର ସେବା କେନ୍ଦ୍ର ମାତୃମନ୍ଦିର ପ୍ରତିଷ୍ଠା ପାଇଁ ପଣ୍ଡିତ ନୀଳକଣ୍ଠ ୨୫୦ ଟଙ୍କା ସାହାଯ୍ୟ ଦେଇଥିଲେ । ପଣ୍ଡିତ ଗୋଦାବରୀଶ ସାଧାରଣକ୍ଷେତ୍ରରୁ ଆଣି ମତେ ବରାବର ଅର୍ଥ ସାହାଯ୍ୟ କରୁଥିଲେ । ଜନଗଣନାରେ 'ସନ୍ଦେହଜନକ ସଂଖ୍ୟା' କମାଇ ଓଡ଼ିଆମାନଙ୍କ ସଂଖ୍ୟା ବଢ଼ାଇବା ଆମର ଅସଲ କାର୍ଯ୍ୟ ହେଲା । ସବୁଠାରୁ ବଡ଼ କଥା ଥିଲା ଯେ, ସିଂହଭୂମି ଜିଲା ଉପରି ଓଡ଼ିଶା ପ୍ରଦେଶ କମିଟି ଅଧୀନରେ ତିନି ସଭ୍ୟ ଏ. ଆଇ. ସି. ସି.କୁ ପଠାଇ ପାରିବ । ମୁଁ ଏହି କାର୍ଯ୍ୟ ସିଂହଭୂମିରେ ମାତ୍ର ତିନିମାସ ମଧ୍ୟରେ କରିଦେଇ ସେହି ଜିଲ୍ଲାରୁ ଓଡ଼ିଶା ପ୍ରାଦେଶିକ କଂଗ୍ରେସ କମିଟିକୁ ୯ ଜଣ ସଭ୍ୟ ଆଣିଥିଲି ଏବଂ ସେ ବର୍ଷ ମୁଁ କଂଗ୍ରେସ ପ୍ରାଦେଶିକ କମିଟିର ସଭ୍ୟ ରହିଥିଲି । ମାତ୍ର ପ୍ରାଦେଶିକ କମିଟିରେ

Digitized by srujanika@gmail.com

ଏପରି ଦଳାଦଳି ଚାଲିଲା ଯେ ମୋତେ କଂଗ୍ରେସରେ ରହିବା ସୁବିଧାକର ଲାଗିଲା ନାହିଁ । ଡକ୍ଟର ରାଜେନ୍ଦ୍ର ପ୍ରସାଦ ଏପରି ସ୍ପଷ୍ଟମତ ଦେଲେ ଯେ ଏକ ରାଜନୈତିକ ସୀମାଗତ ରାଜ୍ୟରୁ କୌଣସି ଜିଲ୍ଲା ଆସି ଓଡ଼ିଶା ବା କୌଣସି ଅନ୍ୟ ରାଜ୍ୟର ପ୍ରାଦେଶିକ କମିଟି ଭୁକ୍ତ ହୋଇ ପାରିବ ନାହିଁ । ପଣ୍ଡିତ ନୀଳକଣ୍ଠ ଏଥିରେ ରାଜେନ୍ଦ୍ର ବାବୁଙ୍କ ସହିତ ବହୁତ ଲଢ଼ିଥିଲେ ଓ ବହୁ ଅକାଟ୍ୟ ଯୁକ୍ତି ଦେଇଥିଲେ । ମାତ୍ର ସିଂହଭୂମି ଓ ମେଦିନୀ-ପୁର, ଫୁଲଝର ପ୍ରଭୃତି ଓଡ଼ିଶା କଂଗ୍ରେସ ମଧ୍ୟରେ ରହି ପାରିଲେ ନାହିଁ ।

ପଣ୍ଡିତ ନୀଳକଣ୍ଠଙ୍କୁ ଯେତେବେଳେ ମୁଁ ବହୁ ଦୂରରୁ ଦେଖୁଥିଲି, ସେ 'ନବଭାରତ' ମାସିକ ପତ୍ରିକାଟି ନିଜ ସଂପାଦନାରେ ପ୍ରକାଶ କରୁଥିଲେ, ତହିଁରେ ମୁଁ 'ବିଶ୍ୱସାହିତ୍ୟ' ନାମରେ ଧାରାବାହିକ ନୋବେଲ ପୁରସ୍କାରପ୍ରାପ୍ତ ଲେଖକ ଓ ସାହିତ୍ୟର ବିଶ୍ଳେଷଣାତ୍ମକ ପ୍ରବନ୍ଧମାନ ଲେଖୁଥିଲି । ଏହି ସମୟରେ ମୁଁ ସମଗ୍ର ଓଡ଼ିଶାର ୨୬ଟି ଗଡ଼ଜାତ ସାଇକେଲରେ ଭ୍ରମଣ କରିଥିଲି ଓ ପଣ୍ଡିତ ନୀଳକଣ୍ଠଙ୍କ ସମ୍ପର୍କରେ ଗୋଟିଏ କଥା ସୋନପୁର ରାଜଦରବାରରେ ଜାଣିପାରିଲି ଯେ, ସେ ଗୋଟିଏ କାବ୍ୟ ସଂସ୍କୃତରୁ ଅନୁବାଦ କରି ଅମିତ୍ରାକ୍ଷର ଛନ୍ଦରେ ଲେଖି ସୋନପୁର ମହାରାଜାଙ୍କୁ ୮୦୦ ଟଙ୍କାରେ ବିକ୍ରୟ କରିଥିଲେ । କାବ୍ୟଟି ମହାରାଜାଙ୍କ ନାମରେ ପ୍ରଣୀତ ବୋଲି ଲେଖାଥିଲେ ହେଁ ଏହି କାବ୍ୟ ପଢ଼ିଲା କ୍ଷଣି ମୁଁ ଜାଣି ପାରିଥିଲି, ଏହା ପଣ୍ଡିତ ନୀଳକଣ୍ଠଙ୍କ ଲେଖା । ପଣ୍ଡିତ ନୀଳକଣ୍ଠଙ୍କୁ ପରେ ମୁଁ ପଚାରିବାରେ ସେ ଏହା ସ୍ୱୀକାର କରିଥିଲେ ।

ଆଉ ଗୋଟିଏ କଥା, ଯେତେବେଳେ ୧୯୩୪ରେ ମନସ୍ୱୀ ମଧୁସୂଦନଙ୍କ ଶେଷ କାଳ ଆସିଥିଲା, ସେ ପଣ୍ଡିତ ନୀଳକଣ୍ଠଙ୍କୁ ଖୁବ୍ ଖୋଜୁଥିଲେ । କାରଣ ପଣ୍ଡିତ ନୀଳକଣ୍ଠଙ୍କୁ ସେ ଓଡ଼ିଶାର ଭବିଷ୍ୟତ ନେତା ରୂପେ ବାଛୁଥିଲେ । ପଣ୍ଡିତ ନୀଳକଣ୍ଠ ତାଙ୍କ ପାଖେ ଯାଇ ଯେତେବେଳେ ପହଞ୍ଚିଲେ, ସେଠି ଅନ୍ୟାନ୍ୟ ବହୁ ବିଶିଷ୍ଟ ବ୍ୟକ୍ତି ଥିଲେ । ମାତ୍ର ପଣ୍ଡିତ ନୀଳକଣ୍ଠଙ୍କୁ ଦେଖିବା ମାତ୍ରେ ସେ କହିଥିଲେ, ମୁଁ ମଲା ପରେ ନୀଳକଣ୍ଠ ରହିବ । ସେ ଓଡ଼ିଶାର ସବୁ କାମ କରିବ—ତାକୁ ଧରି ତୁମେ ଚଳିବ ।

ଓଡ଼ିଶାରେ ପ୍ରଥମ କଂଗ୍ରେସ ସରକାର ପଣ୍ଡିତ ନୀଳକଣ୍ଠଙ୍କ ଚେଷ୍ଟା ଓ ନେତୃତ୍ୱରେ ସାଫଲ୍ୟ ଲାଭ କରିଥିଲେ ମଧ୍ୟ ପରେ କଂଗ୍ରେସରେ ଡକ୍ଟର ମହତାବ ଓ ପଣ୍ଡିତ ନୀଳକଣ୍ଠଙ୍କ ଦ୍ୱନ୍ଦ୍ୱରୁ ବହୁବାର ଘଟଣା ବିଘଟଣା ହୋଇଥିଲା । ଏହିସବୁ ଘଟଣାର ପରିଣତି ହୋଇଥିଲା ପଣ୍ଡିତ ନୀଳକଣ୍ଠ ଓ ପଣ୍ଡିତ ଗୋଦାବରୀଶଙ୍କର କଂଗ୍ରେସ ପରିତ୍ୟାଗ କରି ପାରଳାଖେମୁଣ୍ଡି ମହାରାଜାଙ୍କ ସହ ହାତ ମିଳାଇ ମିଳିତ ମନ୍ତ୍ରିମଣ୍ଡଳ ଗଠନ କରିବା ଓ ପଣ୍ଡିତ ନୀଳକଣ୍ଠଙ୍କର ଦୈନିକ 'ନବଭାରତ' କାଗଜ ପ୍ରକାଶ କରିବା ଏବଂ ପାଞ୍ଚବର୍ଷ ପାଇଁ ରାଜନୀତିରୁ ବିଦାୟ ନେବା । ପରେ ଗୋଦାବରୀଶ ଗଣତନ୍ତ୍ର ପରିଷଦରେ ଯୋଗଦେଲେ ଓ ପଣ୍ଡିତ ନୀଳକଣ୍ଠ ପୁଣି କଂଗ୍ରେସରେ ଯୋଗଦେଇ ବାଚସ୍ପତି ହୋଇ ବିଦାୟ ନେଲେ ।

Digitized by srujanika@gmail.com

ତାଙ୍କ ରଚିତ 'ଗୀତାଭାଷ୍ୟ' ତାହାଙ୍କ ଅଗାଧ ପାଣ୍ଡିତ୍ୟର ପ୍ରତୀକ । ପଣ୍ଡିତ ନୀଳକଣ୍ଠ ପିଲମାନଙ୍କ ପାଇଁ ପ୍ରଥମେ ରାମାୟଣ, ମହାଭାରତ ଓ ଭାଗବତ ସରଳ ଭାଷାରେ ଲେଖିଥିଲେ, ପାଠ୍ୟ ପୁସ୍ତକ ମଧ୍ୟ ପିଲମାନଙ୍କ ପାଇଁ ଲେଖିଥିଲେ ଏବଂ ସେ 'ନବଭାରତ' ମାସିକ ପତ୍ରିକାରେ ବୃଦ୍ଧିମନ୍ତ ତଥା ସାହିତ୍ୟକ୍ଷେତ୍ରରେ ଏକ ନୂତନ ଦିଗନ୍ତ ଉନ୍ମୋଚନ କରିଥିଲେ ।

ପଣ୍ଡିତ ନୀଳକଣ୍ଠ ରାଷ୍ଟ୍ରନୀତିରେ ପୂର୍ଣ୍ଣ ଯୋଗ ଦେଇ ପାର୍ଲିଆମେଣ୍ଟ ସଭ୍ୟ ହୋଇଥିଲେ । ରାଜନୀତିରେ ପୂର୍ଣ୍ଣପ୍ରାଣରେ ଯୋଗ ଦେଇଥିଲେ ମଧ୍ୟ ସାହିତ୍ୟ ପ୍ରତି ତାଙ୍କର ସେବା ଓ ଶକ୍ତି ବିନିଯୋଗ କରିବାରେ ସେ କୌଣସି ଅବହେଳା କରି ନଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟ ଗଠନ ପାଇଁ ସେ ପ୍ରଥମେ ଜନମତ ସୃଷ୍ଟି କରି ପରେ ସେ ଏହି କମିଟିର ଚେୟାରମ୍ୟାନ ହୋଇଥିଲେ । ପଣ୍ଡିତ ନୀଳକଣ୍ଠଙ୍କର ଓଡ଼ିଆ ସାହିତ୍ୟ ପ୍ରତି ଦାନ ଅତୁଳନୀୟ । ସେ ଯେ ଜଣେ ଶ୍ରେଷ୍ଠ ସାହିତ୍ୟିକ ଭଳି କେବଳ କବିତା ଉପନ୍ୟାସ, କାବ୍ୟ, କବିତା ରଚନା କରିଥିଲେ ତା ନୁହେଁ, ତାଙ୍କର ପ୍ରାଧାନ୍ୟ ଓ ବିଶେଷତ୍ୱ ଥିଲା ପାଣ୍ଡିତ୍ୟପୂର୍ଣ୍ଣ ପ୍ରବନ୍ଧାବଳୀ ଓ ସମ୍ପାଦକୀୟ ଲେଖାରେ । ସେ ଜଣେ ମୌଳିକ ଭାବୁକ ଥିଲେ ଓ ତାଙ୍କର ଭାଷା ଶୈଳୀର ଏକ ସ୍ୱତନ୍ତ୍ରତା ଥିଲା ।

ପଣ୍ଡିତ ନୀଳକଣ୍ଠ ଯେଉଁ ସମୟରେ ଦେଶସେବା କରିବାକୁ ବାହାରିଥିଲେ, ସେତେବେଳେ ନେତୃତ୍ୱ ବିଦ୍ୟା-ବୁଦ୍ଧି ବ୍ୟତୀତ ସେବା ଓ ତ୍ୟାଗ ଉପରେ ପ୍ରତିଷ୍ଠିତ ହୋଇଥିଲା । ୧୯୦୩ ରୁ ୧୯୨୧ ଯାଏ ମଧୁସୂଦନ ଓ ପରେ ପରେ ଗୋପବନ୍ଧୁ, ନୀଳକଣ୍ଠ ପ୍ରଭୃତି ଯେଉଁମାନେ ଓଡ଼ିଆ ଆନ୍ଦୋଳନର ସୂତ୍ରପାତ କରିଥିଲେ, ତାହା ଏକ ବୌଦ୍ଧିକ ଏବଂ ସାଂସ୍କୃତିକ ଆନ୍ଦୋଳନ ଥିଲା । ମଧ୍ୟବିତ୍ତ ଶିକ୍ଷିତ ସଂପ୍ରଦାୟ ଏହାଦ୍ୱାରା ପ୍ରଭାବିତ ହୋଇଥିଲେ । ଅବଶ୍ୟ ଏକଭାଷୀ ଓଡ଼ିଆ ଅଞ୍ଚଳକୁ ଏକ-ଶାସନାଧୀନ ବା ରାଜ୍ୟ ଅଧୀନ କରିବା ରାଷ୍ଟ୍ରୀୟ କାର୍ଯ୍ୟ ହେଲେ ମଧ୍ୟ ଏହାଦ୍ୱାରା ବ୍ରିଟିଶ ସରକାରଙ୍କର ମୂଳ ଉତ୍ପାଟନ ହେବା ଆଶଙ୍କାରେ ସେମାନେ ଏହା ଗ୍ରହଣ ନଥିଲେ । ଦ୍ୱିତୀୟତଃ ୧୯୦୩ ରୁ ୧୯୨୧ ଯାଏ ଯେଉଁ ଆର୍ଥିକ କାର୍ଯ୍ୟକ୍ରମ ଉତ୍କଳ ସମ୍ମିଳନୀ ମଞ୍ଚରେ ପ୍ରଚାରିତ ହୋଇଥିଲା, ଏହା ମହାତ୍ମାଗାନ୍ଧୀଙ୍କ ଆନ୍ଦୋଳନ ଭଳି ବ୍ୟାପକ ବା ଲୋକମୁଖୀ ହୋଇପାରି ନ ଥିଲା । ସମସ୍ତ ସମ୍ମିଳନୀର କାର୍ଯ୍ୟକ୍ରମ ପ୍ରାୟ କେତୋଟି ସହରରେ ଆବଦ୍ଧ ରହିଥିଲା । ହେଲେହେଁ ଓଡ଼ିଶାରେ ଶିକ୍ଷିତ ଲୋକେ ଏହି ଦେଶମିଶ୍ରଣ ଆନ୍ଦୋଳନର ଆଦର୍ଶ ଗ୍ରହଣ କରି ନେଇଥିଲେ ।

୧୯୨୧ ପରେ ଓଡ଼ିଶା ତଥା ଭାରତରେ ରାଷ୍ଟ୍ରୀୟ ଦୃଷ୍ଟିକୋଣର ଆମୂଳଚୂଳ ପରିବର୍ତ୍ତନ ହୋଇଗଲା, ପୂର୍ଣ୍ଣ ସ୍ୱାଧୀନତା କଂଗ୍ରେସର ଲକ୍ଷ୍ୟ ହେଲା ଏବଂ ଏଥିପାଇଁ ଓଡ଼ିଶାରୁ ଯେଉଁ ତ୍ୟାଗ ଓ ସେବାମୂଳକ ନେତୃତ୍ୱର ଅଭ୍ୟୁଦୟ ହୋଇଥିଲା, ତନ୍ମଧ୍ୟରେ ମୁଖ୍ୟ ଥିଲେ ପଣ୍ଡିତ ଗୋପବନ୍ଧୁ ଓ ସେମାନଙ୍କର ନିକଟତମ ସହକର୍ମୀ ଥିଲେ ପଣ୍ଡିତ

Digitized by srujanika@gmail.com

ନୀଳକଣ୍ଠ, ପଣ୍ଡିତ ଗୋଦାବରୀଶ ଓ ଅନ୍ୟାନ୍ୟ ନେତାଙ୍କର । ପଣ୍ଡିତ ନୀଳକଣ୍ଠ ସ୍ୱାଧୀନତାର ଲଢ଼େଇରେ ଯୋଗ ଦେଲେ ମଧ୍ୟ ଓଡ଼ିଶାରେ ଓଡ଼ିଆ ଭାଷାଭାଷୀ ବିଚ୍ଛିନ୍ନାଞ୍ଚଳର ମିଶ୍ରଣ ତାଙ୍କର ଏକାନ୍ତ କାମ୍ୟ ଥିଲା । ସାଇମନ କମିଶନକୁ କଂଗ୍ରେସ ବହିଷ୍କାର କଲେ ମଧ୍ୟ ପଣ୍ଡିତ ନୀଳକଣ୍ଠ ତଥା ଓଡ଼ିଆ ଆନ୍ଦୋଳନର କର୍ମୀ ଓ ନେତୃବୃନ୍ଦ ତାଙ୍କ ସହ ସହଯୋଗ କରି ଓଡ଼ିଶା ପାଇଁ ଅନ୍ତତଃ ଗୋଟିଏ ଖଣ୍ଡିଆ ରାଜ୍ୟ ପାଇ ପାରିଥିଲେ ।

ଉତ୍ତରକାଳରେ ପଣ୍ଡିତ ନୀଳକଣ୍ଠ ପୁଣି କଂଗ୍ରେସରେ ଯୋଗଦେଇ ବାଚସ୍ପତି ହୋଇଥିଲେ । ଏତେବେଳକୁ ନାନା ଘାତ ପ୍ରତିଘାତରେ ଓଡ଼ିଶା ରାଜନୀତିରେ ଏକ ମହା ମନ୍ଥନର ସୂତ୍ରପାତ ହୋଇଥିଲା ଏବଂ ପାଟଣାର ମହାରାଜା ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓ ତାହାଙ୍କ ପ୍ରତିପତ୍ତି ବଳରେ ପୁଣି ଓଡ଼ିଶା ରାଜନୀତିରେ ମୁଖ୍ୟସ୍ଥାନ ଅଧିକାର କରି ମୁଖ୍ୟମନ୍ତ୍ରୀ ହୋଇ ପାରିଥିଲେ । ପଣ୍ଡିତ ନୀଳକଣ୍ଠ, ପଣ୍ଡିତ ଗୋଦାବରୀଶ ଏହି ନେତୃତ୍ୱକୁ ସୁଦୃଷ୍ଟିରେ ଦେଖୁଥିଲେ । ସେଥିପାଇଁ ଓଡ଼ିଶାରେ କଂଗ୍ରେସର ବିରୁଦ୍ଧଦଳ ଅତିଶୀଘ୍ର ସୁସଙ୍ଗଠିତ ହୋଇ କଂଗ୍ରେସ ଦଳକୁ ଚାଲେଞ୍ଜ କରି ଏକଚ୍ଛତ୍ରିଆ ଓ ଏକ-ଦଳୀୟ ଶାସନରୁ ହଟାଇଦେବାକୁ କ୍ଷମ ହୋଇଥିଲା । ମୋର ମନେ ହେଉଛି ପଞ୍ଜାବ, ମାନ୍ଦ୍ରାଜ (ତାମିଲନାଡୁ) ପଛକୁ ଓଡ଼ିଶା ଏ ଦିଗରେ ନିଜର ସ୍ଥାନ ସୃଷ୍ଟି କରି ପାରିଥିଲା ।

ଓଡ଼ିଶା ଗଠନ ସମୟରେ ଓଡ଼ନେଲ କମିଟି ଆସିଲାବେଳେ ପଣ୍ଡିତ ନୀଳକଣ୍ଠ ଯେପରି ମୁଖ୍ୟ ଭାଗ ନେଇଥିଲେ, ସେହିପରି ସୀମା ଆନ୍ଦୋଳନ ଓ ସରାଇକେଲା—ଖରସୁଆଁ ଆନ୍ଦୋଳନରେ ପଣ୍ଡିତ ଗୋଦାବରୀଶ ମୁଖ୍ୟ ନେତୃତ୍ୱ ନେଇ କାରାବରଣ ମଧ୍ୟ ଅତି ବୃଦ୍ଧ ଅବସ୍ଥାରେ ଆଗ୍ରହର ସହିତ ଗ୍ରହଣକରି ନେଇଥିଲେ । ପଣ୍ଡିତ ନୀଳକଣ୍ଠ ସବୁବେଳେ ଆଗରେ ନଥିଲେ ମଧ୍ୟ ସର୍ବଦା ଏହାର ପୃଷ୍ଠପୋଷକତା କରୁଥିଲେ ।

ପଣ୍ଡିତ ନୀଳକଣ୍ଠ ଥିଲେ ଏକ ବିରାଟ ବ୍ୟକ୍ତିତ୍ୱ ଓ ଖାଣ୍ଟି ଓଡ଼ିଆ । ଓଡ଼ିଶାର ଇତିହାସ, ପରଂପରା, ଭାଷା, ସାହିତ୍ୟ, ସଂସ୍କୃତି ତାହାଙ୍କ ଚିନ୍ତାଧାରା ଓ ଲେଖାବଳୀକୁ ରସାଣିତ କରିଥିଲା । ସେ ଭାରତୀୟ ନେତୃତ୍ୱ ସଙ୍ଗେ ସଙ୍ଗେ ନିଜ ରାଜ୍ୟର ହିତ ଓ ଗୌରବ ରକ୍ଷା ପାଇଁ ପ୍ରତିଜ୍ଞାବଦ୍ଧ ଥିଲେ ।

ପଣ୍ଡିତ ନୀଳକଣ୍ଠଙ୍କ ସମ୍ପର୍କରେ ଏତେ ନିବିଡ଼ ଭାବରେ ମୁଁ ଆସିଥିଲି ଯେ ସବୁ ଟିକିନିଖି କରି ଲେଖିଲେ ବଡ଼ ବହିଟିଏ ହୋଇଯିବ । ଏତିକି ମୋର ଦର୍ଶାଇବା କଥା ଯେ, ସେ ଏକ ବଳିଷ୍ଠ ବ୍ୟକ୍ତିତ୍ୱ ଓ ନେତୃତ୍ୱ । ପଣ୍ଡିତ ନୀଳକଣ୍ଠଙ୍କ ସାହିତ୍ୟ ଏବଂ ତାଙ୍କ ଲେଖାବଳୀ ଏ ଯୁଗରେ ମଧ୍ୟ ଓଡ଼ିଆଙ୍କୁ ସବୁମନ୍ତ୍ରେ ଅନେକ ଯୋଗାଇବ । ଜାତିକୁ ଉଠାଇବାକୁ ହେଲେ ପଣ୍ଡିତ ନୀଳକଣ୍ଠଙ୍କ ଭଳି ବଳିଷ୍ଠ ବ୍ୟକ୍ତିତ୍ୱ ଓ ନେତୃତ୍ୱ ହିଁ ଏବେ ନିତାନ୍ତ ଆବଶ୍ୟକ ।

Digitized by srujanika@gmail.com

# ପଣ୍ଡିତଜୀଙ୍କୁ ମୁଁ ଯେପରି ଜାଣେ

ଶ୍ରୀ ବନମାଳୀ ମିଶ୍ର,
ଓଡ଼ିଶା ଆସେମ୍ବ୍ଲି, ଭୁବନେଶ୍ୱର

ମନସ୍ୱୀ ପଣ୍ଡିତ ନୀଳକଣ୍ଠ ଓଡ଼ିଶାର ରାଜନୀତି, ସାହିତ୍ୟ, ସମାଜ ସଙ୍ଗଠନ ସୁପରିଚିତ । ତାଙ୍କ ପ୍ରତିଭାର ବିଭିନ୍ନ ଦିଗ୍‌ଦର୍ଶନର ଅଲୋକନ । ମାତ୍ର ଏବେ ଅନେକ ହୋଇଛି କୌଣସି ପ୍ରତିଭାବାନ୍ ବ୍ୟକ୍ତିର ଜୀବଦ୍ଦଶାରେ ତାଙ୍କ କୃତିର ନିରପେକ୍ଷ ଆଲୋଚନା ହୋଇ ନ ଥାଏ ।

ପଣ୍ଡିତ ନୀଳକଣ୍ଠଙ୍କୁ ସେକାଳେ କେହି କେହି 'ଦୁର୍ବାସା' କହୁଥିଲେ । କାରଣ ସେ କ୍ଷଣକୋପୀ ବୋଲି ସାଧାରଣରେ ଧାରଣା ହୋଇଥାଏ । କିନ୍ତୁ ଏ ଧାରଣା ଭ୍ରମାତ୍ମକ । ତାଙ୍କର ବାହାର, ଭିତର ମଧ୍ୟରେ ବହୁ ପ୍ରଭେଦ । ତେଣୁ ହଠାତ୍ ତାଙ୍କୁ ଦେଖି ବୁଝିବା କଷ୍ଟସାଧ୍ୟ । ସେ ଚିନ୍ତା, କଥା ଓ କର୍ମରେ ଥିଲେ ଅନନ୍ୟସାଧାରଣ । ଗଡ୍ଡାଳିକା ପ୍ରବାହରେ ସେ କଦାପି ଚାଳିତ ହୁଅନ୍ତି ନାହିଁ । ସେଥିଲାଗି ସେ ସବୁକ୍ଷେତ୍ରରେ ତୀବ୍ର ମତଭେଦର ସମ୍ମୁଖୀନ ହୋଇଥାଆନ୍ତି । ଯାହା କିଛି ସତ୍ୟ ବୋଲି ସେ ବୋଧ କରନ୍ତି, ଯେତେ କଟୁ ହେଲେ ମଧ୍ୟ ସେ କୌଣସି ବ୍ୟକ୍ତିର ମୁହେଁ ମୁହେଁ କହି ପକାନ୍ତି । ଫଳରେ ବହୁ ଲୋକ ତାଙ୍କୁ ଭୁଲ ବୁଝି ବସନ୍ତି ।

ମୋ ଜୀବନର ଦୀର୍ଘ କୋଡ଼ିଏ ବର୍ଷ କାଳ ତାଙ୍କ ଗହଣରେ ଅତିବାହିତ ହୋଇଛି । ପ୍ରତି ସ୍ତରରେ ତାଙ୍କର ବହୁମୁଖୀ ପ୍ରତିଭାର ସୂଚନା ମୁଁ ଦେଖିବାକୁ ପାଇଛି, ତାହା ଏଠାରେ ବ୍ୟକ୍ତ କରିବା ସମ୍ଭବ ନୁହେଁ । ତେବେ ଗୋଟିଏ ଦୁଇଟି ଘଟଣା ଏଠାରେ କହି ବସିଲେ ଅପ୍ରାସଙ୍ଗିକ ହେବ ନାହିଁ ।

ମୋର ମନେପଡ଼େ, ୧୯୪୭ ମସିହାର ଘଟଣା ପଣ୍ଡିତଜୀ ସକ୍ରିୟ ରାଜନୀତିରୁ କିଛି ଆଡ଼େଇ ବସିଥାନ୍ତି । ନବଚରଧ ସଣଲ । ୧୯୪୭ ମସିହାରେ ବାଲେଶ୍ୱର କଲେଜରେ ସାଂସ୍କୃତିକ ସପ୍ତାହ ପାଳିତ ହେଉଥାଏ । ପଣ୍ଡିତଜୀ ସେହି ସପ୍ତାହରେ ଦିନେ ଓଡ଼ିଆ ସାହିତ୍ୟର ମୂଲ୍ୟ ସ୍ଥାନ ବିଷୟରେ ବକ୍ତୃତା ଦେବାକୁ ନିମନ୍ତ୍ରଣ ପାଇଲେ । ତାହା ୨୧।୧।୪୭ ତାରିଖ ହେବ । ମୋତେ ପଣ୍ଡିତଜୀ ବକ୍ତୃତାଟିକୁ ତରତରରେ ଡାକିଦେଲେ । ସେହି ବକ୍ତୃତାଟି ବାଲେଶ୍ୱରରେ ପଢ଼ିସାରି ଫେରିଲେ । ସେ ବକ୍ତୃତାଟି ଛପାଇବା ପାଇଁ ବାଲେଶ୍ୱର କଲେଜର ତତ୍କାଳୀନ ଅଧ୍ୟକ୍ଷ ସ୍ୱର୍ଗୀୟ ଗିରିଜାଶଙ୍କର ରାୟ ଓ କେତେକ

Digitized by srujanika@gmail.com

ଶ୍ରୋତା ଅନୁରୋଧ କଲେ ଏବଂ ଛାପାଖର୍ଚ୍ଚ ପାଇଁ ସ୍ୱର୍ଗୀୟ ଗସ୍ତ କିଛି ଟଙ୍କା ମଧ୍ୟ ଯୋଗାଡ଼ କଲେ । ବକ୍ତୃତାରେ ଓଡ଼ିଆ ସାହିତ୍ୟର କ୍ରମପରିଣାମର ବିଷୟବସ୍ତୁ ସୂଚନାରେ ମାତ୍ର କୁହାଯାଇଥିଲା । ଏହି ବିଷୟବସ୍ତୁକୁ ଆଧାର କରି ଓଡ଼ିଆ ସାହିତ୍ୟ ତଥା ଜାତିର ଏକ ସାଂସ୍କୃତିକ ଇତିହାସ ଲେଖିବା ପାଇଁ ଅଧ୍ୟାପକ ଡକ୍ଟର କୃଷ୍ଣଚନ୍ଦ୍ର ପାଣି, କବି ଗଡ଼ନାୟକ ଓ ମୁଁ ପଣ୍ଡିତଜୀଙ୍କୁ ଅନୁରୋଧ କଲୁ । ଫଳରେ ପଣ୍ଡିତଜୀ ଡାକିଲେ, ମୁଁ ଲେଖିଲି । ଏହିପରି ୧୯୪୮ ରେ 'ଓଡ଼ିଆ ସାହିତ୍ୟର କ୍ରମପରିଣାମ' (ପ୍ରଥମ ଭାଗ) ପୁସ୍ତକ ଆକାରରେ ପ୍ରକାଶିତ ହେଲା । ତତ୍ପରେ ବନ୍ଧୁ ଶୁଭେଚ୍ଛୁ ବନ୍ଧୁଙ୍କ ଅନୁରୋଧକ୍ରମେ ପଣ୍ଡିତଜୀ ଦ୍ୱିତୀୟଭାଗଟି ଲେଖିଲେ । କିନ୍ତୁ ପଣ୍ଡିତଜୀଙ୍କ ସ୍ୱାସ୍ଥ୍ୟହାନି ହେତୁ ପ୍ରଥମଭାଗ ପ୍ରକାଶିତ ହେବାର ପାଞ୍ଚବର୍ଷ ପରେ ଦ୍ୱିତୀୟଭାଗ ଆଲୋକ ଦେଖିଲା ।

ଏହିସବୁ ପୁସ୍ତକ ପଣ୍ଡିତଜୀ ଡାକନ୍ତି, ମୁଁ ଲେଖିଥାଏ । କେତେକ ସ୍ଥଳରେ ପଣ୍ଡିତଜୀଙ୍କ ମତବାଦ ଟିକିଏ ଉଗ୍ର ହୋଇପଡ଼େ । ମୁଁ ପଣ୍ଡିତଙ୍କୁ ସେଠାରେ ଟିକିଏ ସୂଚନା ଦେଇଥାଏ । ପଣ୍ଡିତଜୀ ଟିକିଏ ଚିନ୍ତା କରି ତାହା ବଦଳାଇ ଦିଅନ୍ତି । ତାହା ପରେ ଯାହା ଲେଖାହୁଏ, ତାହା ପଣ୍ଡିତଜୀଙ୍କ ଉପସ୍ଥିତିରେ ସ୍ୱର୍ଗୀୟ ଅଧ୍ୟାପକ ବାନାମ୍ବର ଆଚାର୍ଯ୍ୟ, କବି ରାଧାମୋହନ ଗଡ଼ନାୟକ, ଶ୍ରୀ ସୁରେନ୍ଦ୍ର ମହାନ୍ତି ଏମ ପି. ଓ ଆଡ୍‌ଭୋକେଟ ଶ୍ରୀ ମଧୁସୂଦନ ମହାନ୍ତିଙ୍କ ପରି କେତେକ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପାଖରେ ପଢ଼ାଯାଏ । ସେମାନଙ୍କ ଭିତରୁ କେହି କୌଣସି ସ୍ଥାନରେ ପରିବର୍ତ୍ତନ କରିବାକୁ ଚାହିଁଲେ, ପଣ୍ଡିତଜୀ ସଙ୍ଗେ ସଙ୍ଗେ ବଦଳାଇ ଦିଅନ୍ତି । ପଣ୍ଡିତଜୀ ବରାବର କହନ୍ତି, "ମୁଁ ନିଜ ପାଇଁ ଲେଖୁନାହିଁ । ଅନ୍ୟ ପାଇଁ ଲେଖୁଛି । ଯଦି ସେ କେହି ବନ୍ଧୁଙ୍କର କୌଣସି ଲେଖା ମନୋମତ ନ ହେଲା, ତାହା ବଦଳାଇବାରେ ମୋର କୁଣ୍ଠା ନାହିଁ ।"

ପଣ୍ଡିତଜୀ ଖୁବ୍ ଅମାୟିକ ଓ ସରଳ, ଯେ କୌଣସି ଲୋକକୁ ସେ ସାଙ୍ଗେ ସାଙ୍ଗେ ବିଶ୍ୱାସ କରନ୍ତି । ସେ ଅନେକ ବେଳେ ଏଥିପାଇଁ ଅସୁବିଧାରେ ପଡ଼ିଛନ୍ତି । କିନ୍ତୁ ସେଥିଲାଗି ତାଙ୍କର ଭ୍ରୂକ୍ଷେପ ନ ଥାଏ । ସେ ନିଜ ଲୋକ ଓ ଅନ୍ୟ ଲୋକଙ୍କୁ ସମାନ ବ୍ୟବହାର କରନ୍ତି—ଯାହା କହନ୍ତି ତାଙ୍କର 'ଆପଣା ପର' ଭେଦ ନ ଥାଏ । ସେଥି-ନିମନ୍ତେ କେତେକ ସମୟରେ ତାଙ୍କର ନିଜ ଲୋକ ଅସନ୍ତୋଷ ପ୍ରକାଶ କରିଥାନ୍ତି । ତାଙ୍କର ତିରୋଧାନର ୧୧ବର୍ଷ ପୂରି ଦ୍ୱାଦଶ ବର୍ଷ ଚାଲିଛି । ସେ ରାଜନୀତି, ସାହିତ୍ୟ ଓ ସାମ୍ବାଦିକତା ସବୁକ୍ଷେତ୍ରରେ ନିଜର ପ୍ରତିଭା ଓ ପ୍ରତିଷ୍ଠା ରଖିଯାଇଛନ୍ତି । ଓଡ଼ିଆ ଜାତି ନିକଟରେ ସବୁଦିନ ଲାଗି ସେ ମହାନ ଆତ୍ମା ଅମର ହୋଇ ରହିଛନ୍ତି ଓ ରହିବେ ।

('ସମାଜ'—ତା ୬ । ୧୧ । ୭୯)

Digitized by srujanika@gmail.com

# ଯଶୋବନ୍ତ ପୁରୁଷ

ଶ୍ରୀ ଜଗନ୍ନାଥ ମହାପାତ୍ର

ଆଜିକାଲି ଆମ ଦେଶରେ ବହୁତ ଶିକ୍ଷିତ ଲୋକ ଦେଖାଯାଆନ୍ତି ବି. ଏ. ଓ ଏମ. ଏ. ପଢ଼ିଛନ୍ତି, ଉଚ୍ଚ ଉପାଧି ପାଇଛନ୍ତି, କେହି କେହି ବିଦେଶ ଯାଇ ବିଶେଷ ଜ୍ଞାନ ଲାଭ କରିଛନ୍ତି । ମାତ୍ର ସେମାନଙ୍କ ମଧ୍ୟରେ ଯଥାର୍ଥ ଜ୍ଞାନ ଅର୍ଜନ କରିବା ବ୍ୟକ୍ତି କ୍ୱଚିତ ଦେଖାଯାଆନ୍ତି । ଜ୍ଞାନ ଲାଭ କରିବା ଏକ ସୌଭାଗ୍ୟର କଥା । ସେଥିପାଇଁ ଏକପ୍ରକାର ତପସ୍ୟା ଲୋଡ଼ା । ସକଳପ୍ରକାର ବିଳାସବ୍ୟସନ ପ୍ରତି ବୀତଶ୍ରଦ୍ଧ ହୋଇ କେବଳ ଜ୍ଞାନ ଅର୍ଜନ ପାଇଁ ରଙ୍କ ପରି ହୋଇଥିଲେ ପଣ୍ଡିତ ପ୍ରବର ନୀଳକଣ୍ଠ ଦାସ । ଛାତ୍ରଜୀବନରୁ ସେ ସେଥିଲାଗି ବ୍ୟାକୁଳ ଥିଲେ ।

'ଅଜର ଅମରବତ୍ ପ୍ରାଜ୍ଞ' ବୋଲି ଯେଉଁ କଥା ଅଛି, ସେ ତାହାକୁ ଅନୁସରଣ କରି ଶେଷପର୍ଯ୍ୟନ୍ତ ଜ୍ଞାନ-ଲାଭରେ ବ୍ରତୀ ଥିଲେ । ସତ୍ୟବାଦୀ ବନବିଦ୍ୟାଳୟର ଶିକ୍ଷକ ଥିବାବେଳେ ବିଦ୍ୟାଳୟର ବିରାଟ ଗ୍ରନ୍ଥାଗାରରେ ଯେତେ ସୁପାଠ୍ୟ, ଦୁର୍ବୋଧ ଓ ଦୁର୍ଭେଦ୍ୟ ଗ୍ରନ୍ଥ ଥିଲା, ସେଥିରୁ ଅଧିକାଂଶ ପଢ଼ିଥିଲେ କେବଳ ସେହି । ତାଙ୍କର ସହକର୍ମୀ ଅନ୍ୟ କୃତବିଦ୍ୟ ଶିକ୍ଷକମାନଙ୍କର ଜ୍ଞାନପିପାସା ଯେ ନ ଥିଲା ତାହା ନୁହେଁ, ମାତ୍ର ଏହାଙ୍କ ଠାରେ ସେ ସଦ୍‌ଗୁଣ ଅଦ୍ଭୁତ ଭାବରେ ଦେଖାଯାଏ । ଶୁଣାଯାଏ, ଦିନେ ଦିନେ ସବୁକାମ ସାରି ରାତିରେ ପଢ଼ି ପଢ଼ି ନିଶାର୍ଦ୍ଧ ହୋଇଯାଏ, କେବେ ନିଶା ଶେଷ ହୋଇଯାଏ, ପଢ଼ିବା ତାଙ୍କର ଏକ ସାଧାରଣ ନିଶା । ସେ ସେଥିରେ କେବେ ପରିତୃପ୍ତି ଲାଭ କରି ପାରନ୍ତି ନାହିଁ । ଯେତେବେଳେ ଯେଉଁ କର୍ମକ୍ଷେତ୍ରରେ ଥାଆନ୍ତି, ଜ୍ଞାନ ଅର୍ଜନ କରିବା ଦିଗରେ ସୁବିଧା ଖୋଜୁଥାଆନ୍ତି । ଏପରିକି ଅସହଯୋଗ ଆନ୍ଦୋଳନ ବେଳେ କାରାଗାର ଭିତରେ ରହି ମଧ୍ୟ ଜ୍ଞାନଚର୍ଚ୍ଚାରୁ ବିରତ ହୋଇ ନ ଥିଲେ । ତାଙ୍କପରି ଜ୍ଞାନଗର୍ଭ ବ୍ୟକ୍ତି ଖାଲି ଓଡ଼ିଶାରେ ନୁହେଁ, ସମଗ୍ର ଭାରତବର୍ଷରେ ମଧ୍ୟ ବିରଳ । ଧର୍ମ, ଦର୍ଶନ, ଇତିହାସ, ରାଜନୀତି ପ୍ରଭୃତି ବିବିଧ ଶାସ୍ତ୍ରରେ ତାଙ୍କର ଅଗାଧ ପାଣ୍ଡିତ୍ୟ ଥିଲା ।

ବନବିଦ୍ୟାଳୟର ବକୁଳ, ଚୁରିଅନା ନିକୁଞ୍ଜ ଭିତରେ ବସି, ସରଳ, ସୁକୁମାର ଛାତ୍ରମାନଙ୍କୁ ଜ୍ଞାନ ଦାନ କରିବାରେ ସେ ନିଶ୍ଚିନ୍ତ ନ ଥିଲେ । ସେ ବୁଝିଥିଲେ-ଏ ଜାତିର ଶିକ୍ଷା ଅତି ଅନୁନ୍ନତ ଅବସ୍ଥାରେ ଅଛି । ବିଭିନ୍ନ ଉପାୟରେ ଲୋକଙ୍କ ଭିତରେ ଶିକ୍ଷାର ପ୍ରସାର କରିବା ପ୍ରତ୍ୟେକ ଶିକ୍ଷିତ ଲୋକଙ୍କର ଗୋଟିଏ ମୁଖ୍ୟ କର୍ତ୍ତବ୍ୟ । ଉପଯୁକ୍ତ ଶିକ୍ଷା ନ ପାଇଲେ ଆମ ଦେଶରେ ଜାତୀୟ ଜୀବନ ଗଠନ କରିବା ନିମନ୍ତେ ଅସମ୍ଭବ ହୋଇ

Digitized by srujanika@gmail.com

ପଡ଼ିବ । ସେଥିପାଇଁ ସେ ନାନା ଉପାଦେୟ ପୁସ୍ତକ ଲେଖି, ସଭା ସମିତିରେ ସୁବକ୍ତା ରୂପେ ବହୁ ବିଷୟ ଆଲୋଚନା କରି ଜ୍ଞାନ ବିତରଣ କରୁଥିଲେ । ଶିକ୍ଷକ ଅବସ୍ଥାରେ ଛାତ୍ରମାନଙ୍କୁ ଧରି ନାନା ଦର୍ଶନୀୟ ସ୍ଥାନ ଭ୍ରମଣ ପାଇଁ ଯାଉଥିଲେ । ସେତେବେଳେ ସୁବିଧା ସୁଯୋଗ ଦେଖି ବାଟଘାଟରେ କଥାବାର୍ତ୍ତା ଓ ଗଳ୍ପ ଛଳରେ ଛାତ୍ରମାନଙ୍କୁ ଦେଶର ଐତିହାସିକ ଓ ପୌରାଣିକ କାହାଣୀମାନ ଶୁଣାଉଥିଲେ । ବିଶ୍ରାମ ସମୟରେ ମଧ୍ୟ ସେହି କଥା । ସେ କୌଣସି ମୁହୂର୍ତ୍ତକୁ ମଧ୍ୟ ବୃଥାରେ କଟାଉ ନ ଥିଲେ । ସମୁନ୍ନତ ଜାତୀୟ ଜୀବନ ଗଠନ କରିବା ଦିଗରେ ସେ ଜଣେ ସିଦ୍ଧହସ୍ତ ବ୍ୟକ୍ତି ଥିଲେ ।

ପଣ୍ଡିତ ନୀଳକଣ୍ଠ ଏକାଧାରରେ ଗୋଟିଏ ଜୀବନ୍ତ ଗ୍ରନ୍ଥାଗାର ଥିଲେ । ଜୀବନ କାଳ ଭିତରେ ଅଧ୍ୟବସାୟ ବଳରେ କେତେ ଜ୍ଞାନ ଯେ ସଞ୍ଚୟ କରିଥିଲେ, ତାହା କଳ୍ପନା କରି ହେବ ନାହିଁ । କାହାରି କୌଣସି ବିଷୟରେ ସନ୍ଦେହ ଜାତ ହେଲେ ସେ ସହଜରେ ସମାଧାନ କରି ପାରୁଥିଲେ । ସେପରି ପ୍ରତିଭାଶାଳୀ ବ୍ୟକ୍ତି ଇହଧାମରୁ ଚାଲିଯିବା ଦ୍ୱାରା ଗୋଟିଏ ମୂର୍ତ୍ତିମାନ ଗ୍ରନ୍ଥାଗାର କାଳ ବକ୍ଷରୁ ଲୋପ ପାଇଗଲା କହିବାକୁ ହେବ । ଆଉ କାହା ପକ୍ଷରେ ସେ ସ୍ଥାନ ପୂରଣ କରିବା ସମ୍ଭବ ନୁହେଁ ।

ସେହି ଜ୍ଞାନରଙ୍କ, ଜାତୀୟଜୀବନ ସ୍ରଷ୍ଟାଙ୍କର ଶୁଦ୍ଧପୂତ ଚରିତ୍ର ଆଦର୍ଶସ୍ଥାନୀୟ । ଜ୍ଞାନସମ୍ପଦ ସହିତ ଚରିତ୍ରବଳରେ ସମାବେଶ ତାଙ୍କଠାରେ ସ୍ପଷ୍ଟ ରୂପେ ଦେଖାଯାଉ ଥିଲା । ସ୍ୱନାମଧନ୍ୟ, ଦେଶପ୍ରେମୀ, ମନୀଷୀ ନୀଳକଂଠ ଏବେ ନାହାନ୍ତି, ତାଙ୍କର ଶୋକଗ୍ରସ୍ତା ଦେଶକୁ ଅଭିଭୂତ କରିପକାଇଛୁ । ଯାହାହେଲେ ମଧ୍ୟ ସେ ଆଉ ଫେରିବେ ନାହିଁ । କିନ୍ତୁ ଏହି ମହାର୍ଘ ସମ୍ପନ ଯେନ ସେ ଦେଶରେ ଯଶୋବନ୍ତ ପୁରୁଷ ରୂପେ ସବୁବେଳେ ପୂଜା ପାଉଥିବେ ।

( 'ସମାଜ'—ତା ୬ । ୧୧ । ୭୮ )

"ଚଷାର ପରମ ଭାଗ୍ୟ, ଜଗତ ଲାଗିଥାଏ
ଉପୁଜାଏ ଧାନ ସେହୁ, କିଏ କେତେ କିଏ ସେ ।
ତାହା ବଂଶଠା ଭୁଞ୍ଜେ ସୁଖ ଶାନ୍ତି ଏ ମହୀ,
ତାହାରି କରମ ଫଳେ, ରାଜ୍ୟ ଲକ୍ଷ୍ମୀ ହସଇ ।"

—ନୀଳକଣ୍ଠ

Digitized by srujanika@gmail.com

# ସାହିତ୍ୟର ସଭାପତି ଓ ମୁଁ

ଶ୍ରୀ ରାଜକିଶୋର ରାୟ

ଏକପ୍ରକାର ବରଗଛ ମୂଳେ ଆଶ୍ରୟ ନେଇଥାଏ । ଡାକବଙ୍ଗଳାର ଗୋଟିଏ ରୁମ୍, ସବୁବେଳେ ଭୟ ହେଉଥାଏ, କିଏ ମତେ ସେ କକ୍ଷରୁ ବେଦଖଲ କରିଦେବ, କାରଣ ମୁଁ ପ୍ରଥମଶ୍ରେଣୀୟ ଅଫିସର ନ ଥିଲି । ଅଧ୍ୟାପନାରୁ ଆସି ସାହିତ୍ୟ ଏକାଡେମୀର ପ୍ରଥମ ସମ୍ପାଦକ ହେବାର ସୌଭାଗ୍ୟ ଲାଭ କଲି ।

ପୁରୁଣା ଭୁବନେଶ୍ୱରର ସେଇ ଡାକବଙ୍ଗଳା । ଦୀର୍ଘପଥ ଅତିକ୍ରମ କରିଆସିଲେ ନୂଆରାଜଧାନୀକୁ ଯାଇ ସୁଧୀରବାବୁ (ଘୋଷ)ଙ୍କର ଦପ୍ତରଖାନାରେ ବସେ । ପୁରୁଣା ସାଇକେଲ ଏକମାତ୍ର ଯାନ । ପିଲାମାନେ ଦିନଯାକ ସେଇ ଡାକବଙ୍ଗଳାରେ ରହିଥାନ୍ତି । ରାତିରେ ସେମାନେ ଏକମାତ୍ର ପଢ଼ିଶା ଘରକୁ ଯାଆନ୍ତି । ନିର୍ଜନ ସ୍ଥାନ । ମୁଁ ମୋର କର୍ମକ୍ଷେତ୍ରରୁ ଫେରୁ ଫେରୁ ବହୁତ ରାତି ହୋଇଯାଏ ।

ଏ ସମ୍ପାଦକ କାମ କଅଣ ମୁଁ ଯେପରି ଜାଣି ନ ଥିଲି, ମୋ ପିଲାମାନେ ବି ଜାଣି ନ ଥିଲେ କି ସାରା ଓଡ଼ିଶାରେ କେହି ଏହାର ରୂପରେଖ ସମ୍ବନ୍ଧରେ କିଛି ଜାଣି ନ ଥିଲେ । ସୁଧୀରବାବୁ ଅବଶ୍ୟ ଆଶ୍ୱାସନା ଦେଉଥିଲେ ସବୁ ଠିକ୍ ହୋଇଯିବ । ସାହିତ୍ୟ ଏକାଡେମୀର ଘର ନାହିଁ । ସମ୍ପାଦକଙ୍କର ଘର ନାହିଁ । ଏକାଡେମୀ କହିଲେ କେହି କିଛି ବୁଝନ୍ତି ନାହାନ୍ତି । ବହୁଗୁଣା ସାହେବ କହିଲେ, "ଏ ଏକ ବେସରକାରୀ ସଂସ୍ଥା । ଏହାର ବଜେଟ ଅଟକଳ ଇତ୍ୟାଦି କିଛି ହୋଇନି । ସରକାର ନିଜେ ଜାଣନ୍ତିନି ଏ ଏକାଡେମୀ କିପରି ପରିଚାଳିତ ହେବ । ସମସ୍ତ ଦରକାର ।"

ମୁଁ ଦରମା ପାଉ ନ ଥାଏ । ଲୋକସମ୍ପର୍କ ଅଫିସରେ ଖଣ୍ଡିଏ ଚେୟାରରେ ବସି ଓଡ଼ିଶାର ବିରାଟ ସାହିତ୍ୟ ସୌଧ ନିର୍ମାଣ କରିବାକୁ ମତେ ଯେ ଆଦେଶ ମିଳିଛି, ସେହି ନିଯୁକ୍ତିପତ୍ର କେବଳ ଦେଖୁଥାଏ । ସେଥିରେ ପୂର୍ବତନ ଡ଼. ପି. ଆଇ. ବାମାଚରଣ ଦାସଙ୍କର ଫୁଟ୍‌ନୋଟ୍ ଥାଏ ଯେ, ଯଦି ମୁଁ ଅକ୍ଟୋବର ଦୁଇ ତାରିଖ ଭିତରେ ସାହିତ୍ୟ ଏକାଡେମୀର ଉଦଘାଟନ ଉତ୍ସବ ଭାରତ ବର୍ଷର ଜଣେ ମନୀଷୀଙ୍କଦ୍ୱାରା କରାଇ ପାରିବି, ତେବେ ଓଡ଼ିଶା ସରକାରଙ୍କର ସୁଦୃଷ୍ଟିରେ ରହିବ ।

ଏଇ ସୁଦୃଷ୍ଟି ପାଇଁ ମୁଁ ଜୀବନଯାକ କେବେ ବିଚଳିତ ହୋଇନି । କାରଣ ମୋର କର୍ମ ପଦ୍ଧତିରେ ମୁଁ କାହାର ମନକୁ ପରିତୋଷ କରିବା ଭଳି ଯୋଜନା କରିପାରେ ନାହିଁ । ସତ୍ୟ ଓ ନ୍ୟାୟ ପଥରେ ଯାଉ ଯାଉ ଯଦି କୁଦୃଷ୍ଟିର ଦିଗ୍‌ବଳୟରେଖା ଭିତରେ ପଡ଼ିଯାଏ, ତେବେ ବି ମୁଁ ବିବ୍ରତ ବୋଧକରେ ନାହିଁ । ସେପ୍ଟେମ୍ବର

Digitized by srujanika@gmail.com

ପହିଲାରେ ନିଯୁକ୍ତ, ଅକ୍ଟୋବର ଦୁଇ ତାରିଖରେ ଉଦଘାଟନ ଉତ୍ସବ ଏ ତ ଅସମ୍ଭବ କଥା । ମାତ୍ର ଆତ୍ମବିଶ୍ୱାସ ଥାଏ ମୁଁ କରିପାରିବି । ଯଦି ଠିକ୍ ସେଇ ତାରିଖରେ ନ ହେବ, ତେବେ ହେବ ମାସେ ବା ଦୁଇ ମାସ ଭିତରେ ।

ସାହାଭରସା ରହିଥିଲେ ହୋମ ଡିପାର୍ଟମେଣ୍ଟର ସେକ୍ରେଟାରୀ ଅଧୁନା ଅବସର-ପ୍ରାପ୍ତ ଶ୍ରୀ ପ୍ରାଣନାଥ ମହାନ୍ତି । ସେ ବି ଆଶ୍ୱାସନା ଦଉଥାନ୍ତି ଯେ, ସବୁ ଠିକ୍ ହୋଇଯିବ । କିନ୍ତୁ କିଛି ଠିକ୍ ହେଉ ନ ଥାଏ । ପ୍ରାଣନାଥବାବୁଙ୍କ ପରାମର୍ଶରେ ମୁଁ ପ୍ରଥମେ ଭୁବନେଶ୍ୱରର ଗଳିକନ୍ଦି ବୁଲିଗଲି ଘର ଖଣ୍ଡେ ପାଇଁ । ମିଳିଲା ନାହିଁ । ନୂଆ ରାଜଧାନୀରେ କ୍ୱାର୍ଟର ମିଳିବ ନାହିଁ । କାରଣ କ୍ୱାର୍ଟରବାସୀ ବା ଯେ କ୍ୱାର୍ଟରରେ ରହିବେ, ତାଙ୍କ ଭିତରେ ସାହିତ୍ୟ ଏକାଡେମୀର ସମ୍ପାଦକଙ୍କ ନାଁ ନାହିଁ । ତେଣୁ ହୋଇପାରିବ ନାହିଁ ।

ମୋର ସଭାପତି, କହିବାକୁ ଗଲେ ସମଗ୍ର ରାଜ୍ୟର ସାହିତ୍ୟ-ସଭାପତି ପଣ୍ଡିତ ନୀଳକଣ୍ଠ ଦାସଙ୍କ କ୍ୱାର୍ଟରକୁ ଯାଇ ତାଙ୍କ ପାଖରେ ବସିଗଲି ମାତ୍ରେ ସେ ଘଣ୍ଟା ଘଣ୍ଟା ଧରି ସାହିତ୍ୟ ଓ ସଂସ୍କୃତି ବିଷୟ ଚର୍ଚ୍ଚା କରନ୍ତି । କେତେ ଅଜଣା ଅଶୁଣା କଥା କହନ୍ତି । ପୃଥିବୀର ବର୍ତ୍ତମାନ ନଷ୍ଟହୁଆ ସଭ୍ୟତା ବିଷୟରେ ସେ ଯେତେବେଳେ ଆଲୋଚନା କରୁଥାନ୍ତି, ତାଙ୍କ ଆଖି ଉଜ୍ଜ୍ୱଳ ହୋଇଯାଉଥାଏ ।

ସେତେବେଳକୁ ଭାରତବର୍ଷର ବଡ ବଡ଼ ଇଂରାଜୀ କାଗଜରେ ପଣ୍ଡିତ ନୀଳକଣ୍ଠ ନୂତନ ପ୍ରତିଷ୍ଠିତ ଓଡ଼ିଆ ସାହିତ୍ୟ ଏକାଡେମୀର ସଭାପତି ହୋଇଥିବାରୁ ଆନନ୍ଦ ପ୍ରକାଶ କରି ଲେଖା ବାହାରୁଥାଏ, ମୋ ନାଁ ବି ଥାଏ । କୁସୁମ ଲାଗି ପାଟ ନସ୍ତରେ ଭଳି ମୁଁ ନସ୍ତର ଯାଉଥାଏ । ଏ ଯେଉଁ ସାହିତ୍ୟ ଓ ସଂସ୍କୃତିର ଚର୍ଚ୍ଚା ତାଙ୍କ ଆବାସରେ ହେଉଥାଏ ଓ ମତେ ଦେଖିବା ମାତ୍ରେ ପଣ୍ଡିତ ନୀଳକଣ୍ଠ ଯେପରି ଉଚ୍ଛ୍ୱସିତ ହୋଇ ସେ ସବୁ ଆଲୋଚନା କରନ୍ତି, ସେଥିରୁ ମୁଁ କମେ ବୁଝିଲି ମୋ ଗୁରୁତ୍ୱ ବେଶୀ ହେବ ନାହିଁ, କାରଣ ମୁଁ ତ ଆଉ ଆସିନି ପଣ୍ଡିତଙ୍କ ସଙ୍ଗେ ଏଇସବୁ ଦୀର୍ଘ ଆଲୋଚନା କରି ମୋ କର୍ତ୍ତବ୍ୟ ସାଙ୍ଗ କରିବାକୁ ।

ମୁଁ ଆସିଛି, ଶତାଧିକ ନାଲି ଫିତା ଫାଇଲ ସୃଷ୍ଟି କରିବି । ସେଥି-ଥିରୁ ଓଡ଼ିଆ ସାହିତ୍ୟର ଜ୍ୟୋତି ଚାରିଆଡ଼କୁ ବିକିରଣ କରିବ । ପରିଚାଳନା ସମିତି, ସାଧାରଣ ସମିତି ସୃଷ୍ଟି କରିବି । ଟଙ୍କା ପଇସା ବାଣ୍ଟିବି । ଗଞ୍ଜାମକୁ ବେଶୀ ଦେବି କି କଟକକୁ ଦେବି, କି ଗଞ୍ଜାମ ପ୍ରେସ ତୁଳନାରେ କଟକ ପ୍ରେସଗୁଡ଼ାକ ବେଶୀ ଭୁଲ ଏଇ ସମ୍ବାଦସୂତ୍ର ଭାବନାକୁ ଗ୍ରହଣ କରି ନେବି । ଏ ସବୁ ବିଚାର କରିବି କି ପଣ୍ଡିତଙ୍କ ପଦ୍ଧତି ରୀତି ନାହିଁ ହେବ ନାହିଁ ତାଙ୍କର ଜୀବନଚରିତଠାରୁ ଆରମ୍ଭ କରି ବିଶ୍ୱ ସାହିତ୍ୟ ପରିକ୍ରମା କରିବି ? ମାତ୍ର କରୁଥାଏ ବୋଲି ମୁଁ ଆନନ୍ଦରେ ବିଭୋର ରହିଥାଏ ।

ଯେଉଁଦିନ ସେ ଜାଣିଲେ ଯେ, ମୁଁ ବି ଆଉ ଗୋଟାଏ ପଦବୀ ଧରିଛି, ଅର୍ଥାତ୍ ମୁଁ ନାଚଗାନର ସେକ୍ରେଟାରୀ, ସେତେବେଳେ ତାଙ୍କ ରଜତ ଧବଳ ଶୁଭ୍ର ଫୁଲି ଉଠିଲା, ସେ ହୁଂକାର ଟେଲିଫୋନ ଧରି ଚକ୍କାର କଲେ,

Digitized by srujanika@gmail.com

"ମହତାବ, ତୁମେ ରାଜକିଶୋରଙ୍କୁ ଆଉ ଗୋଟାଏ କଣ ସେକ୍ରେଟାରୀ କରିଛ. ସଙ୍ଗୀତ ନାଟକ ? ଏ କି ପାଗଳ ? ସେ ଜଣେ ସାହିତ୍ୟିକ, ମୁଁ ଚାହୁଁଛି ତାଙ୍କୁ ନେଇ ମୁଁ ଏକାଡେମୀ ଗଢ଼ିବି, ଏ କଅଣ, ତାହାହେଲେ ମୁଁ ଏପରିସ୍ଥିତିରେ ରହି ପାରିବିନି । ଆଉ ସେ ଘର ପାଉ ନାହାନ୍ତି, ଗୋଟାଏ କଗୁଡ଼ିଆ ଜାଗାରେ ପିଲାମାନଙ୍କୁ ନେଇ ପଡ଼ିଛନ୍ତି, କିଏ ତାଙ୍କ କଥା ବୁଝିବ ? ମୋ କ୍ୱାଟର ପାଖରେ ତାଙ୍କୁ କ୍ୱାଟର ଦିଅ । ଏ ସବୁ ନ ହେଲେ ମୁଁ ରହିପାରିବି ନା । ମୋର ଅନ୍ୟ ବହୁତ କାମ ଅଛି । ଏକାଡେମୀର ବନାନ ଅଶୁଦ୍ଧି ଲେଖା ଚାଲିଛି, କିଏ ହେଉଟା ପରି ଫରାସୀ ଭାଷା ! ଆଚ୍ଛା ରହିଲି ।"

ମହତାବ କଅଣ କହିଲେ ମୁଁ ଜାଣିପାରିଲି ନାହିଁ । ନାଚ ଗାନର ସେକ୍ରେଟାରୀ ମୁଁ ରହିଲି । ଏବେ ତା ସଙ୍ଗେ ଲଳିତକଳା ବି ମିଶିଛି ।

ଉଦ୍‌ଘାଟନ ଉତ୍ସବ ହେଲା ।

ଏଥିପାଇଁ ରାଷ୍ଟ୍ରପତି ବାବୁ ରାଜେନ୍ଦ୍ର ପ୍ରସାଦ ଆସିଲେ । ଏ ଉତ୍ସବ ହେବା ପୂର୍ବରୁ ମୁଁ କ୍ୱାଟର ପାଇଲି ଓ ଘରେ ମଧ୍ୟ ଟେଲିଫୋନ ଲାଗିଗଲା । ପଣ୍ଡିତ ମହାଶୟ ସେ ବିରାଟ ସଭାରେ ଯେପରି ପ୍ରାଞ୍ଜଳ ଭାବରେ କଳିଙ୍ଗ ସଂସ୍କୃତିର ଜୀବନ୍ୟାସ ଦେଲେ, ତାହା ଅପୂର୍ବ ଥିଲା । ସମଗ୍ର ଶ୍ରୋତୃମଣ୍ଡଳୀ ରୋମାଞ୍ଚିତ ହୋଇ ଯାଇଥିଲେ । ମୁଁ ମୋର ସମ୍ପାଦକ ଭାବରେ ଇଂରାଜୀରେ ବିବରଣୀ ପଢ଼ିଥିଲି । ମୋର ପଢ଼ିବା ରୀତିରେ ସମସ୍ତେ ଆନନ୍ଦ ପାଇଥିଲେ ବି ସ୍ୱର୍ଗତ ଗୋଦାବରୀଶ ମହାପାତ୍ର ନିଆଁ ଖୁଣ୍ଟାରେ ଲେଖିଥିଲେ । ସମ୍ପାଦକ ଶ୍ରୀ ରାଜକିଶୋର ରାୟ ରେବେଇ ରେବେଇ ନାଟକୀୟ ଭାବରେ ଇଂରାଜୀ ଶବ୍ଦ ଉଚ୍ଚାରଣ କରି ପଢ଼ିଥିଲେ ।

ପଣ୍ଡିତ ନୀଳକଂଠ ତାଙ୍କର ବାଚସ୍ପତି ଦପ୍ତରଟି ସାହିତ୍ୟ ଏକାଡେମୀର ଅଫିସ ପାଇଁ ଛାଡ଼ି ଦେଲେ । ମୋ ଦୁଃଖ ସେ ବୁଝିଲେ, କାରଣ ସୁଧୀରବାବୁଙ୍କ ପାଖେ ବସି ବସି ମୁଁ ସମ୍ପର୍କ ରକ୍ଷା କଲି ସିନା, ସାହିତ୍ୟ ସମ୍ପର୍କିତ ହୋଇପାରିଲି ନାହିଁ । ସେଇ ବାଚସ୍ପତି ଦପ୍ତର ହେଲା ଏକାଡେମୀର ପ୍ରଥମ ଦପ୍ତର ।

ସେତେବେଳର ରାଜନୈତିକ ଗଗନ ବେଶ ମେଘମେଦୁର ଥିଲା । ଆମ ଭଳି ନୈର୍ବ୍ୟକ୍ତିକ କର୍ମଚାରୀମାନେ ବି ସେ ଝଡ଼ବତାସରେ ଆଘାତ ପାଉଥିଲୁ ।

ତତ୍‌କାଳୀନ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହିତ ମୋର ମତାନ୍ତର ଘଟିଲା । ଯିଏ ସଙ୍ଗୀତ ନାଟକ ଏକାଡେମୀର ସଭାପତି ରହିଥିଲେ, ତାହାର ଗୋଟିଏ ବେସରକାରୀ ଅନୁଷ୍ଠାନ ନ୍ୟାସନାଲ ମ୍ୟୁଜିକ୍ ଆସୋସିଏସନର ସଭାପତି ବି ଥିଲେ । ସର୍ବସାଧାରଣରେ ତାହା ସମାଲୋଚିତ ହେବାରୁ ମୁଁ ତାଙ୍କୁ ଜଣାଇଲି । ସେତେବେଳେ ସେ ଅନୁଷ୍ଠାନ ତାଙ୍କ ଶୁଭ ଦୃଷ୍ଟିରେ ଥିବାରୁ ନାନାପ୍ରକାର ଗ୍ରାଣ୍ଟ ତାକୁ ମିଳୁଥିଲା । ଅଥଚ ତାହାଠାରୁ ସୁପରିଚାଳିତ

Digitized by srujanika@gmail.com

ଓ ସୁପ୍ରତିଷ୍ଠିତ ଅନୁଷ୍ଠାନଗୁଡ଼ିକ ସେ ସୌଭାଗ୍ୟରୁ ପ୍ରାୟ ବଞ୍ଚିତ ହେଉଥିଲେ । ମୁଁ କିନ୍ତୁ ଭବିଷ୍ୟତ ବାଣୀ ଶୁଣାଇଥିଲି ଯେ, ଏ ଅନୁଗ୍ରହ ପାଉଥିବା ସଂସ୍ଥାଙ୍କ ଆସୋସିଏସନ ଅବଶେଷରେ ବିଲୁପ୍ତ ହୋଇଯିବ । ଆଜି ତାହା ହିଁ ଘଟିଛି ।

ସବୁ ଦୁଃଖ ମୋର ମୁଁ ପଣ୍ଡିତ ନୀଳକଂଠଙ୍କୁ କହିଥାଏ । ସେ ଶୁଣି ମତେ କହନ୍ତି 'ରାଜକିଶୋର, ରାଜନୀତି, ପଙ୍କିଳ ରାଜନୀତି ଏ ଦେଶକୁ ଛାରଖାର କରିଦେବ ।" ମୁଁ ଅବଶ୍ୟ ଜାଣେନା କିଭଳି ରାଜନୀତି ଏ ଦେଶକୁ ଛାରଖାର କରୁଛି । ମାତ୍ର ମୁଁ ଏତିକି ଜାଣିଥିଲି ଯେ, ସବୁ ଭିତରେ ମୁଁ କଲାକୁ ଧଳା କରି ବେଶୀ ବାଟ ଚାଲିପାରିବିନି ।

ପଣ୍ଡିତ ନୀଳକଂଠ ଥରେ ଖୁବ୍ ରାଗିକରି କହିଲେ--"ତାହା ଅନୁମତିରେ ଏ ଶରଦ ଓ ବସନ୍ତ ରାସ ବହି ଛପା ଚାଲିଛି ? ଏତେ ଅଶୁଦ୍ଧି !" ମୁଁ ଦେଖିଛି ଶୁଦ୍ଧ ସାହିତ୍ୟ ରଚନା ପାଇଁ ସେ କେତେ ପରାମର୍ଶ ଦେଉଥିଲେ । ଶବ୍ଦ କେଉଁଠୁ ଆସିଲା, ତାର ପ୍ରୟୋଗ କିଏ, ଇତ୍ୟାଦି ବହୁତଥ୍ୟ ସେ ପ୍ରକାଶ କରୁଥିଲେ ।

ରାସଗୁଡ଼ିକ ଛପା ଚାଲିଥିବା ଅବସ୍ଥାରେ ମୁଁ ବିଦାୟ ନେଇ ଆସିଲି । ତାକୁ ଶ୍ରୀ ଗୌରୀକୁମାର ବ୍ରହ୍ମା ପୂର୍ଣ୍ଣାଙ୍ଗ କଲେ ଓ ମୁଖବନ୍ଧ ଲେଖିଲେ । ସାହିତ୍ୟ ଏକାଡେମୀର ପ୍ରଥମ ପ୍ରାଣପ୍ରତିଷ୍ଠା ବେଳରେ ମୁଁ ବହୁ ଅସୁବିଧା, ଅସହଯୋଗ ଓ ରାଜନୈତିକ କନ୍ଦଳ-ଜନିତ ଦୁର୍ଭୋଗ ଭୋଗିଲେ ବି, ପଣ୍ଡିତ ନୀଳକଂଠଙ୍କର ମୋ ପ୍ରତି ପ୍ରଗାଢ଼ ସ୍ନେହ ପୁତ୍ରୋପମ ବାତ୍ସଲ୍ୟ ଓ ସହନଶୀଳତା ମୁଁ ଭୁଲି ପାରିବି ନାହିଁ ।

ଥରେ ବିସରେ ସ୍ୱର୍ଗତ ଗୋଦାବରୀଶ ମହାପାତ୍ର ମୋର ସହଯାତ୍ରୀ ଥାଇ କହିଲେ-ଆପଣ ଯେପରି ଭାବରେ ବହୁ ପ୍ରତିକୂଳ ଅବସ୍ଥାର ସମ୍ମୁଖୀନ ହୋଇ ଏକା-ଡେମୀର ସମ୍ପାଦକ ଭାବରେ କାମ କରୁଛନ୍ତି, ତାହା ପ୍ରଶଂସନୀୟ । ଯଦି ଆପଣଙ୍କ ବିବେଚନା ଓ ଆଦର୍ଶ ଅନୁଯାୟୀ ସେଠାରେ କାର୍ଯ୍ୟ ନ ହୁଏ, ତେବେ ଆପଣଙ୍କର ଇସ୍ତଫା ଦେଇଦେବା ଉଚିତ, ତାହାହେଲେ ଆପଣ ଆହୁରି ସମ୍ମାନିତ ହେବେ ।

ମୁଁ ନୀରବ ରହିଲି । ସେତେବେଳେ ଏ କଥାର ମୁଁ ମର୍ମ ଭଲଭାବରେ ବୁଝିପାରି ନ ଥିଲି । ଏ ସାକ୍ଷାତକାରର ସାତ ଦିନ ଭିତରେ ତାଙ୍କର ଜାମାତା ମୋର ଆସନ ଗ୍ରହଣ କରି ମୋଠାରୁ ଆହୁରି ସମ୍ମାନିତ ହେଲେ ।

ମୋର ବିଦାୟ ବେଳେ ମୁଁ ପଣ୍ଡିତ ନୀଳକଣ୍ଠଙ୍କୁ ମୁଣ୍ଡିଆ ମାରି ଫେରି ପଡ଼ିବା ସମୟରେ ସେ କହିଥିଲେ-"ଦୁଃଖ କର ନାହିଁ । କେବେ ଆତ୍ମବିଶ୍ୱାସ ହରାଇବ ନାହିଁ ।" ଏହି ପଦକ କଥା ଆଜି ମୋର ସ୍ମରଣରେ ଆସୁଛି । ଜୀବନରେ ବହୁ କ୍ଷେତ୍ରରେ ଯେ ସେ ପ୍ରଥମ ପ୍ରତିଭାବାନ ମନୀଷୀ ଭାବରେ ଯେପରି ପରିଶୋଭିତ ରହିଥିଲେ, ସାହିତ୍ୟ ଏକାଡେମୀର ପ୍ରଥମ ସଭାପତି ଭାବରେ ସେହିପରି ଏହାର ପ୍ରାଣପ୍ରତିଷ୍ଠା କରିଥିଲେ ।

( ପ୍ରଜାତନ୍ତ୍ର—ତା ୧୫ । ୧୧ । ୭୭ )

Digitized by srujanika@gmail.com

# ପଣ୍ଡିତ ନୀଳକଣ୍ଠ ସ୍ମରଣେ

ଶ୍ରୀମତୀ ସରଳା ଦେବୀ

ଉତ୍କଳର ଶ୍ରେଷ୍ଠତମ ନେତା ଶ୍ରୀ ନୀଳକଣ୍ଠ ଦାସ ଆମମାନଙ୍କୁ ଶୋକରେ ଭସାଇ ଦେଇ, ଉତ୍କଳ ଅନ୍ଧକାର କରି ମହାପ୍ରସ୍ଥାନ କଲେ । ମନୁଷ୍ୟ ଜନ୍ମିଲେ ମୃତ୍ୟୁ ତାର ପଛେ ପଛେ ରହି କାଳକ୍ରମେ ତାକୁ ନେଇଯାଏ । କିନ୍ତୁ ଯେଉଁ ମନୁଷ୍ୟ ଦେଶର ଦଶଜଣଙ୍କ କଥା ଭାବେ, ଦେଶ ପାଇଁ ତ୍ୟାଗକରି କାମ କରେ ସେ ମରି ମଧ୍ୟ ଅମରତ୍ୱ ଲାଭ କରେ । କହିବାକୁ ଗଲେ ଉତ୍କଳଗୌରବ ମଧୁସୂଦନ ଓ ଉତ୍କଳମଣି ଗୋପବନ୍ଧୁଙ୍କ ପରେ ଯଦି ବହୁମୁଖୀ ପ୍ରତିଭାବନ୍ତ କେଉଁ ବ୍ୟକ୍ତି ଉତ୍କଳବାସୀଙ୍କର ମନେ ରଖିଲା ପରି କାର୍ଯ୍ୟ କରିଥାନ୍ତି, ସେ ହେଲେ ପଣ୍ଡିତ ନୀଳକଣ୍ଠ । ରୋଗ ଶଯ୍ୟାରେ ଶୋଇ ଜ୍ଞାନ ଥିବା ତକ କିଏ ସାହିତ୍ୟ ସେବା କରେ ? କିଏ ରାଜନୀତି ଖବର ରଖି ମନ୍ତବ୍ୟ ଦିଏ ? ୧୯୩୭ ନିର୍ବାଚନ ବେଳେ ଯେଉଁ କଂଗ୍ରେସ ସରକାର ଓଡ଼ିଶା ଶାସନ କରିଥିଲେ ତାହା ପଣ୍ଡିତଙ୍କ ସୃଷ୍ଟି । ଉତ୍କଳ ବିଚ୍ଛିନ୍ନାଞ୍ଚଳର ଏକତ୍ରୀକରଣ ପାଇଁ କାର୍ଯ୍ୟ କରିଥିଲେ, ଉତ୍କଳ ଭାଷାଭାଷୀମାନଙ୍କ ବିଚ୍ଛିନ୍ନତା ଅବସ୍ଥା ତାଙ୍କୁ ବଡ଼ କ୍ଷିପ୍ତ କରୁଥିଲା । କଂଗ୍ରେସରେ ଶ୍ରେଷ୍ଠତମ ନେତା ଥାଇ ବୁଙ୍ଗ କଂଗ୍ରେସ ନେତା ଓ ସେମାନଙ୍କ ତଥା-କଥିତ ନିଖିଳ ଭାରତୀୟ ଆନ୍ତର୍ଜାତିକ ନୀତିକୁ ଅନ୍ଧ ଭାବରେ ନିର୍ବିଘ୍ନରେ ଗ୍ରହଣକରି ସବୁଥିରେ ହାଁଜୀ କରିବାରେ ସେ ବିରୋଧ କରୁଥିଲେ । ସେ କଂଗ୍ରେସ ନୀତିକୁ ଭ୍ରୂକ୍ଷେପ ନକରି ଓଡ଼ିଆ ଜାତିର ସର୍ବାଙ୍ଗୀନ ମଙ୍ଗଳ ପାଇଁ କାମ କରିଥିଲେ । ସୁଭାଷ ବୋଷ ଓ ପଟ୍ଟାଭିଙ୍କ ଭିତରେ କଂଗ୍ରେସ ସଭାପତି ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା ଲାଗିବାରୁ ପଟ୍ଟାଭି ସୀତାରାମାୟାଙ୍କୁ ଗାନ୍ଧିଜୀ ସମର୍ଥନ କରୁ ନ ଥିଲେ ହେଁ ପଣ୍ଡିତେ ଯେ କେବଳ ତାହାର ବିରୋଧ କରି ସୁଭାଷ ବୋଷଙ୍କୁ ଭୋଟ ଦେଇଥିଲେ ତାହା ନୁହେଁ, ଆମ ସମସ୍ତଙ୍କୁ ମଧ୍ୟ ତାଙ୍କର ମତ ଜଣାଇଥିବାରୁ ଅଧିକାଂଶ ଆମ୍ଭେମାନେ ସୁଭାଷ ବୋଷଙ୍କୁ ଭୋଟ ଦେଇଥିଲୁ ।

୧୯୩୫ ନିର୍ବାଚନ ବେଳେ ସେ ଏକା ପ୍ରାର୍ଥୀ ବାଛୁଥିଲେ ଓ ତହିଁ ମଧ୍ୟରୁ ମତେ ଓ ଲକ୍ଷ୍ମୀବାଈଙ୍କୁ ବାଛିଥିଲେ । ତାଙ୍କର ନିର୍ବାଚନ ପ୍ରଚାର ବେଳେ ମତେ ସେ ଓଡ଼ିଶାର ବହୁସ୍ଥାନକୁ ନିଜ ସାଙ୍ଗରେ ନେଇ ବକ୍ତୃତା କରାଇଥିଲେ । କଂଗ୍ରେସରେ ଗୁଡ଼ିଏ ହିଂସୁକ ଈର୍ଷାପର ଲୋକ ତାଙ୍କୁ ସହିପାରୁ ନ ଥିଲେ । ଅର୍ଥାତ୍ ତାଙ୍କର ଟାଣୁଆ ଯୁକ୍ତି ଓ ସିଦ୍ଧାନ୍ତକୁ ଡରୁଥିଲେ । ତେଣୁ ତାଙ୍କ ପରି ଲୋକଙ୍କୁ ଚକ୍ରାନ୍ତ ପୂର୍ବକ ନେତୃତ୍ୱରୁ ଉଠାଇ ଦିଆଗଲା । କଂଗ୍ରେସରେ ଯେଉଁ ଦୁଇଦଳ ଲୋକ ହୋଇଗଲେ ମୂଳରୁ ଶେଷ ଯାଏ, ମୁଁ ଓ ଶ୍ରୀ ଯଦୁମଣି ମଙ୍ଗରାଜ ତାଙ୍କର ପୂର୍ଣ୍ଣ ସମର୍ଥକ ଥିଲୁ

Digitized by srujanika@gmail.com

ଯେତେବେଳେ କଂଗ୍ରେସ ଲୋକେ ଯୁଦ୍ଧ ବିରୋଧ କରି ଜେଲ ଗଲେ, ସେତେବେଳେ ପଣ୍ଡିତେ ଗଲେ ନାହିଁ । ୧୯୪୦ରେ ମୁଁ ସର୍ବାଗ୍ରେ ଯୁଦ୍ଧ ବିରୋଧ ଧ୍ୱନି କରି ଜେଲ ଯାଇଥିଲି । ମାତ୍ର ଯୁଦ୍ଧ ବିରୋଧ କରି ଜେଲ ଯିବାଟାକୁ ପଣ୍ଡିତେ ଆଦୌ ପସନ୍ଦ କରି ନ ଥିଲେ । ସେ ସମୟରେ ତାଙ୍କରି ନେତୃତ୍ୱରେ ପାରଳା ମନ୍ତ୍ରିମଣ୍ଡଳ ପ୍ରତିଷ୍ଠିତ ହୋଇଥିଲା । ପଣ୍ଡିତ କହୁଥିଲେ ଜଣକ ମୁହଁ ଅସୁନ୍ଦର ବୋଲି କରି ସେ ନାକ କାଟି ଦେବ । ଯୁଦ୍ଧର ବିରୋଧ କରି ଅସହଯୋଗ କଲେ କରି ଆମର ଲୋକେ ଇଂରାଜଠୁଁ ସ୍ୱାଧୀନତା ପାଇ ପାରିବେ ? ବରଂ ଆମର ଲୋକଙ୍କ ମାନ, ଜନ, ସମ୍ପଦ ଜୁର କରି ତାଙ୍କରି ଯୁଦ୍ଧ ସ୍ୱାର୍ଥ ଆମର ବଳରେ ସାଧନ କରିବେ । ଆମ ଲୋକେ ଭୋକ ଉପାସରେ ମରିଯିବେ । ବରଂ ଇଂରାଜ ସହିତ ଆମର ଦେଶର ସ୍ୱାଧୀନତା ପାଇଁ ଚୁକ୍ତି କରି ସେ ଯେ ସୁବିଧା ଆମକୁ ଦେଇଛନ୍ତି ତାହା ଉପଯୋଗ କରି ନୌକର ଶାହି ଉପରେ ଆମର କବ୍ଜା ରଖି ଚଳିଲେ ସେମାନେ ଆମକୁ ଡରିବେ, ଖାତିର କରିବେ । ଆମର ଶକ୍ତି ସମ୍ବନ୍ଧେ ସେମାନେ ଚେତାବନୀ ପାଇଲେ ଆମର ସ୍ୱାଧୀନତା ଲଭ ପାଇଁ ଯେ ସଂଗ୍ରାମ ତାକୁ ମୂଲ୍ୟ ଦେବେ । ତାଙ୍କର ମନମୁଖୀ ଶାସନକଳକୁ ଚଳାଇବାକୁ ଆମେ ମନ୍ତ୍ରୀତ୍ୱ ଗ୍ରହଣ କରି କେତେକ ପରିମାଣରେ ରୋକ ପାରିବୁ । ଦେଶବନ୍ଧୁ ଚିତ୍ତରଞ୍ଜନ କଂଗ୍ରେସ ଲୋକ ଥାଇ ଯେପରି ଶ୍ରେଷ୍ଠନେତା ଗାନ୍ଧିଜୀଙ୍କ ବିରୋଧରେ ସ୍ୱର ଉଠାଇ ଅସହଯୋଗ ଆନ୍ଦୋଳନ ବିରୋଧରେ କାର୍ଯ୍ୟ କରି କାଉନ୍‌ସିଲ ବର୍ଜନକୁ ନାକଚ କରି ଭାରତର ତତ୍କାଳୀନ ନୈରାଶ୍ୟମୟ ଅକର୍ମଶୀଳ ଜୀବନରେ ନୂଆ ତେଜ ଓ ରକ୍ତ ପ୍ଲାବନ ଆଣିଥିଲେ, ଓଡ଼ିଶାରେ ପଣ୍ଡିତ ନୀଳକଣ୍ଠ ମଧ୍ୟ ଦେଶର ସେହି ସମୟର ଦୟନୀୟ ଅବସ୍ଥାରେ ଦେଶକୁ ଉତ୍କୃଷ୍ଟ ନେତୃତ୍ୱ ଦେଇଥିଲେ ଓ ମନ୍ତ୍ରିମଣ୍ଡଳ ଗଠନ କରାଇଥିଲେ । ଭାରତଛାଡ଼ ଆନ୍ଦୋଳନକୁ ସେ ମୋଟେ ପସନ୍ଦ କରୁ ନ ଥିଲେ ଓ ତାହା ଭାରତରେ ଆତ୍ମଘାତୀ ନୀତି ହେବ ବୋଲି କହୁଥିଲେ । କାର୍ଯ୍ୟତଃ ସେ ତହିଁରୁ ଅଲଗା ରହୁଥିଲେ । ତାଙ୍କର ସାଧାରଣ ବୁଦ୍ଧି ଓ ବ୍ୟକ୍ତିତ୍ୱ ଅତି ଉଚ୍ଚକୋଟୀର ଥିଲା । ତେଣୁ ତାଙ୍କ ସହିତ ଯୁକ୍ତି ତର୍କଣା କରିବା ଭଳି ଲୋକ ତାଙ୍କ ସମୟରେ କଂଗ୍ରେସ ବା କଂଗ୍ରେସ ବାହାରେ କେହି ନ ଥିଲେ । ତାଙ୍କର ବ୍ୟକ୍ତିତ୍ୱବୋଧ ଓ ଆତ୍ମସମ୍ମାନ ପ୍ରଚଣ୍ଡ ଥିଲା । ମତେ ସେ ବ୍ୟକ୍ତିଗତ ଭାବେ ବେଶ ପସନ୍ଦ କରୁଥିଲେ ଓ ସ୍ନେହ କରୁଥିଲେ ଯେ ତାଙ୍କରି ନିର୍ଦ୍ଦେଶରେ ମୁଁ ପଟ୍ଟଭିଙ୍କ ଭାରତର ଜାତୀୟ କଂଗ୍ରେସର ଇତିହାସ ବହି ମାସେକାଳ ତାଙ୍କ ଘରେ ବସି ୧୦ଟାରୁ ୫ଟା ଯାଏ ଶ୍ରମକରି ଅନୁବାଦ କରିଥିଲି । ସେ ବହିର ଦ୍ୱିତୀୟ ଭାଗ କଂଗ୍ରେସର ପଇସା ଅଭାବରୁ ଛପାହୋଇ ପାରିବ ନାହିଁ ବୋଲି କହି ମୋତେ ଆଉ କାମ ଦେଲେ ନାହିଁ । ଓଡ଼ିଶାରେ ଯେତେ ନେତା ହୋଇଛନ୍ତି ସେମାନଙ୍କ ନେତୃତ୍ୱ ମୂଳରେ ନୀଳକଣ୍ଠ ଦାସଙ୍କର ପ୍ରେରଣା, ଶୁଭେଚ୍ଛା ମୁଖ୍ୟ ବା ଗୌଣ ଭାବେ ଥିଲା । ମୁଁ ତାଙ୍କଛଡ଼ା ଆଉ କାହାକୁ ଉତ୍କଳର ଯଥାର୍ଥ ନେତା ବୋଲି କେବେ ସ୍ୱୀକାର କରି ନାହିଁ । ମୋତେ ଏମ ଏଲ ଏ. ବାଛୁଥିଲେ । ନିର୍ବାଚନ ଟଙ୍କା ଖର୍ଚ୍ଚ ପାଇଁ ଦୁଇ ହଜାର) ମୋତେ ଯାଚୁଥିଲେ । ମୁଁ ନେଇ ନ ଥିଲି । ୨୩୦୦ ଟଙ୍କା ହାତରୁ ଖର୍ଚ୍ଚ

Digitized by srujanika@gmail.com

କଥ ନିର୍ବାଚନରେ ବିଜୟିନୀ ହୋଇଥିଲି । ପଣ୍ଡିତଙ୍କ ଭାରତ ବିଧାନ ସଭା (Assembly) ନିର୍ବାଚନବେଳେ ଯେତେବେଳେ ଭୋଟର ଯୋଗ୍ୟତା ୧୬ଟଙ୍କା ଚୌକିଦାରୀ ଟିକସ ଥିଲା ସେ ସମୟରେ କଟକ ସହରରେ ସବୁ ନାରୀଭୋଟରମାନଙ୍କ ନିକଟକୁ ଯାଇ ତାଙ୍କ ସପକ୍ଷରେ ଭୋଟ କରାଇଥିଲି । ତେଣୁ ସେ ଜାତ ମତେ ମିଠାଇ ପଠାଇଥିଲେ । ୧୯୨୮ ବାଲେଶ୍ୱରଠି ଅନୁଷ୍ଠିତ ହୋଇଥିବା କଂଗ୍ରେସର କାର୍ଯ୍ୟକାରୀ ସଭାରେ ସେ ସଭାପତି ହୋଇଥିଲେ । ସାଧାରଣସଭା ଓ ମହିଳାସଭାରେ ସେ ଭାଷଣ ଦେଇ, ମୋର ପରିଚୟ ଦେଇ, ମୋର ଅଳ୍ପ ପ୍ରତିଭାକୁ ଓ ଅଳ୍ପ ଗୁଣକୁ ବହୁତ ବଡ଼ କରି କହିଥିଲେ । ମୋର ପ୍ରକାଶିତ ସାରଳା ମହାଭାରତୀୟ ନାରୀଚରିତ ବହିରେ ସେ ଅତି ଉଚ୍ଚକୋଟୀର ମୁଖବନ୍ଧ ଲେଖିଛନ୍ତି । କହିବାକୁ ଗଲେ ଉତ୍କଳ ପ୍ରୀତି, ଜାତୀୟ ଭାବଧାରା ଓ ପାଣ୍ଡିତ୍ୟ, ସଦାଚାର, ନୈତିକତା, ନିର୍ଭୀକତା, ସ୍ପଷ୍ଟବାଦିତା ଓ ଇଂରାଜୀ, ସଂସ୍କୃତ ଓ ଓଡ଼ିଆ ଭାଷା ସାହିତ୍ୟରେ ଅପୂର୍ବ ପାଣ୍ଡିତ୍ୟ ଓ ବ୍ୟକ୍ତିତ୍ୱ ପାଇଁ ମୁଁ ତାଙ୍କୁ ବିଶେଷ ଭକ୍ତି କରୁଥିଲି । ସେ ମତେ କନ୍ୟାବତ୍ ସ୍ନେହ କରୁଥିଲେ ଏବଂ ତାଙ୍କର ମନର ସବୁକଥା ଅକପଟରେ ମତେ କହୁଥିଲେ । ସେ ମନସ୍ୱୀ ଥିଲେ । ପଢ଼ିବା, ପଢ଼ାଇବା, ଲେଖିବା, ଲେଖାଇବା ତାଙ୍କର ପ୍ରିୟ ଥିଲା । 'ନବଭାରତ'ର ଦୈନିକ ସମ୍ପାଦକୀୟ ସେ ନିଜେ ଡାକି ମତେ ଲେଖାଉଥିଲେ । 'ନବଭାରତ'ର ମଧ୍ୟ ନିଜେ ସମ୍ପାଦନା କରୁଥିଲେ । ମୋ ହାତରେ ସମ୍ପାଦକୀୟ ଲେଖାନ୍ତି । ନିତି ମୋ ଆଖି ଆଗରେ ମୁଁ ତାଙ୍କ ବାଗ୍ମିତା ଓ ପାଣ୍ଡିତ୍ୟ ଦେଖେ । ସେ କାହାକୁ ଭୀତ ହେଉ ନ ଥିଲେ କି ତାଙ୍କର ସ୍ୱାର୍ଥ ନାଶହେବ ବୋଲି କୋଉ ପଦ ପଦବୀ ମିଳିବ ବୋଲି କାହାକୁ ଖୋସାମତ କରୁ ନ ଥିଲେ । ତାଙ୍କ ପରି ଏତେ ଉଚ୍ଚକୋଟୀର ଉତ୍କୃଷ୍ଟ ନିର୍ଭୀକ ବ୍ୟକ୍ତିତ୍ୱ କେଉଁ ଓଡ଼ିଆଙ୍କ ଭିତରେ ଦେଖାଯାଏ ନାହିଁ । ଭାରତର ପରି ତାଙ୍କର ଉଦୟାସ୍ତ । ସେ ଏକାକୀ ।

ମୋର ରାଜନୈତିକ ଜୀବନର ସ୍ଥିତି ଥିଲା ତାଙ୍କରି ପାଇଁ । ଓଡ଼ିଶା କଂଗ୍ରେସରେ ପ୍ରେରଣାଦାତା ଥିଲେ ପଣ୍ଡିତେ । ତାଙ୍କ ନିକଟକୁ ଗଲେ ସେ ଘଣ୍ଟା ଘଣ୍ଟା ଦେଶ ଦୁଃଖ କହି ମତେ ବସାଇ ରଖୁଥିଲେ । ସେ ବଡ଼ ଗଳ୍ପପ୍ରିୟ ଲୋକ ଥିବାରୁ ଯେ ତାଙ୍କ ନିକଟକୁ ଗଲା ସେ ଆଉ ସେଇକ୍ଷଣି ଫେରିବା କଥା ନ ଥିଲା । ମହାତ୍ମାଗାନ୍ଧୀଙ୍କ ମହାପ୍ରୟାଣ ବେଳେ କଟକରେ ହଠାତ୍ କାହାକୁ ବକ୍ତା ନ ପାଇବାରୁ ମୋତେ ରେଡ଼ିଓବାଲା ଡାକି ନେଇଥିଲେ । ସେଠି ଜାତୀୟପିତାଙ୍କ ସମ୍ବନ୍ଧରେ ଭାଷଣ ଦେବା ବେଳେ ମୁଁ କାନ୍ଦିଥିଲି । ଉତ୍କଳ ସାହିତ୍ୟ ସମାଜରେ ମଧ୍ୟ ଅଶ୍ରୁ କଣ୍ଠରୋଧ କଲାରୁ କିଛି କହିପାରି ନ ଥିଲି । ଆଜି ପଣ୍ଡିତଙ୍କ ମୃତ୍ୟୁରେ ମୋର ଖେଦ ରଖିବା ସ୍ଥାନ ନାହିଁ ।

ପଣ୍ଡିତେ ଦେବତା, ଠାକୁର ପୂଜା, ଉପାସନା ଇତ୍ୟାଦିକୁ ମାନୁ ନ ଥିଲେ । ଧର୍ମଗ୍ରନ୍ଥର ତତ୍ତ୍ୱ ମୀମାଂସକ ଭାବରେ ସେ ଶାସ୍ତ୍ରକାରମାନଙ୍କ ମତାମତକୁ ନ ଗ୍ରହି ନିଜର ମତ ବ୍ୟକ୍ତ କରୁଥିଲେ । ପରିବାରର ପିଲାଙ୍କୁ ସେ ସତ୍ୟ କହିବ, ଭଲ ମଣିଷ ହେବ, ସଦାଚାରୀ ହେବ, ଏକଥା ଉପଦେଶ ଦେଉଥିଲେ । ମାତ୍ର ଶିବ, ଦୁର୍ଗା, ରାମ,

Digitized by srujanika@gmail.com

କୃଷ୍ଣ, ଠାକୁର ଠାକୁରାଣୀମାନଙ୍କୁ ବିଶ୍ୱାସ କରିବାକୁ, ପୂଜା ପ୍ରାର୍ଥନା କରିବାକୁ ଉପଦେଶ ଦେଉ ନ ଥିଲେ ।

ତାଙ୍କର ବୟସାଧିକ୍ୟ ସମୟରେ ଶ୍ରୀଜଗନ୍ନାଥ ବଡ଼ଦେବତା ଓ ଠାକୁରାଣୀ ମାନିବାକୁ, ଉପାସନା କରିବାକୁ କହୁଥିଲେ । ଜଗନ୍ନାଥ ସଂସ୍କୃତି ଓଡ଼ିଆ ଜାତିର ମୂଳ ସଂସ୍କୃତି ବୋଲି ତାଙ୍କର ଧାରଣା ହୋଇଥିବାରୁ ସେହି ମତକୁ ସେ ବ୍ୟକ୍ତ କରୁଥିଲେ । ସଂସାରର କର୍ତ୍ତା, ସୃଷ୍ଟିକର୍ତ୍ତା କେହି ନାହାନ୍ତି, ସବୁ ପ୍ରକୃତି ଚଳାଉଛି. ଏକଥା ତାଙ୍କର ଧାରଣା ଥିଲା । ସେ କ୍ରିୟାକାଣ୍ଡ କର୍ମ ଇତ୍ୟାଦିକୁ ମାନୁ ନ ଥିଲେ, ମାତ୍ର ମାନବିକତାର ପୂଜାରୀ ଥିଲେ । ମନୁଷ୍ୟତା, ତ୍ୟାଗ, ଦୟା, ସ୍ନେହ, କ୍ଷମା, ଦାକ୍ଷିଣ୍ୟ ଏସବୁ ଗୁଣରେ ଚରିତ୍ରକୁ ସେ ପୂଜା, ସେବା, ଜପ, ତପଠାରୁ ବଡ଼ ମନେ କରୁଥିଲେ । ସେ ସମାଜର କୁପ୍ରଥା, କୁସଂସ୍କାର ବିରୋଧିଥିଲେ । ଧର୍ମର ଆଚାର ବିଚାରକୁ ସେ ମାନୁ ନ ଥିଲେ । ମାତ୍ର ଧର୍ମର ତତ୍ତ୍ୱ ଅନ୍ତର୍ନିହିତ ସତ୍ୟକୁ ସ୍ୱୀକାର କରୁଥିଲେ । ସେ ବଡ଼ ବନ୍ଧୁବତ୍ସଳ ପରୋପକାରୀ ଥିଲେ । ଆଜି ମୋର ଅନ୍ତର ବେଦନାତୁର, ଚକ୍ଷୁ ଅଶ୍ରୁସିକ୍ତ । ମୋର ଦୁଃଖସୀମା ଲଙ୍ଘିଛି । ସେ ଓଡ଼ିଶାକୁ ବହୁଯୁଗ ପାଇଁ ଅନ୍ଧାର କରି ଗଲେ । ଓଡ଼ିଆଙ୍କ ଭିତରେ ତାଙ୍କଭଳି ଖାଣ୍ଟିଆ, ଲଢ଼ୁଆ ପୁଅ ନାହାନ୍ତି ଏହା ସତ୍ୟ । ମୋର ମନ, ହୃଦୟ ମଧ୍ୟ ଅନ୍ଧାର ହୋଇ ଯାଇଛି । ପଣ୍ଡିତଙ୍କ ସ୍ନେହର ଡାକ 'ସରଳା' ଆଉ ମତେ କେହି ଶୁଣାଇବ ନାହିଁ । ସେ ଗୋଟିଏ ମହାନ୍ ଜୀବ ଥିଲେ । ଲୋକଙ୍କର ମଙ୍ଗଳ କାମନା ଉତ୍କଳର ଅଭ୍ୟୁଦୟ ତାଙ୍କର ଜପ, ଧ୍ୟାନ ଥିଲା । ଦେଶର ଭଲ କଥା ଶୁଣିଲେ ସେ ଆନନ୍ଦରେ ନାଚୁଥିଲେ । ଖରାପ କଥା, ନୀଚ ଷଡ଼ଯନ୍ତ୍ର, ଅଶ୍ଳୀଳ ସାହିତ୍ୟ, ଅନୈତିକ, ଅଶ୍ଳୀଳ ଜୀବନକୁ ସେ ଘୃଣା କରିଥିଲେ । ଶ୍ରମଭଳି ତାଙ୍କର ଅଖଣ୍ଡ ମନସ ଶକ୍ତି ଓ ବ୍ୟକ୍ତିତ୍ୱ ପ୍ରଣିଧାନର ବିଷୟ । ଓଡ଼ିଶାରୁ ତାଙ୍କର ମର ସଂସାରରୁ ବିଦାୟ ପ୍ରତିଓଡ଼ିଆର ମର୍ମଦାହକ । ଦେଶ ସ୍ୱାର୍ଥବିରୋଧୀ ଲୋକଙ୍କୁ ସେ ବଡ଼ ଘୃଣା କରୁଥିଲେ, ବିରକ୍ତ ହେଉଥିଲେ । ସେ ଅସ୍ପୃଶ୍ୟତା ମାନୁ ନ ଥିଲେ । ଆମ ଛୁଆଁ ଖାଦ୍ୟ ଖାଉଥିଲେ । ଦେଶରୁ ତାଙ୍କର ତିରୋଧାନ ବାତ୍ୟା ଓ ବନ୍ୟାଠାରୁ ଏ ଯୁଗରେ, ଏ କାଳରେ ଓଡ଼ିଆ ଜୀବନକୁ ଏକ ଅଭିଶାପର ସଙ୍କେତ ଦେଇଗଲା ।

(ପ୍ରଜାତନ୍ତ୍ର—ତା ୧୫ । ୧୧ । ୬୭ )

"ଜଗନ୍ନାଥେ ପୁଣି ଅଛନ୍ତି ସବୁଠି,
ମନେ ରଖିଥିବ ସବୁବେଳେ
ସବୁ ଭୟ ଦଳା ତାଙ୍କର ଉପରେ
ଫିଙ୍ଗି ଦେଇ ରହ ସୁଖେ ଘରେ ।"

'ଦାସନାଏକ'—ନୀଳକଣ୍ଠ

Digitized by srujanika@gmail.com

"ପୃଥିବୀରେ ସବୁଠି ଧର୍ମ ବୋଇଲେ ଭକ୍ତି କରିବା, ପାପରୁ ତ୍ରାଣ ପାଇବା ପାଇଁ ଈଶ୍ୱରଙ୍କଠାରେ ଆତ୍ମ ସମର୍ପଣ କରିବା । ଏକମାତ୍ର ଭାରତରେ ଦାର୍ଶନିକ ଶ୍ରେୟୋପାସନାର "ନିର୍ବାଣ" ଓ ବ୍ରହ୍ମୋପାସନାର "ମୁକ୍ତି"ରେ ତା'ନାହିଁ ।"

'ସଂସ୍କୃତ ଓ ସଂସ୍କୃତି'-ନୀଳକଣ୍ଠ

"ଆଶାର ଛଳନା ବର୍ଷଏ ପୀରତି
ବିଳସେ ତରୁଣ-ତରୁଣୀ-ପ୍ରାଣେ,
ଜୀବନେ ଲୁଟଇ କ୍ଷଣେ କ୍ଷଣେ, ପୁଣି
କ୍ଷଣେ କ୍ଷଣେ ଉଠେ-ମରଣ-ହନେ ।
ପାଇଲେ ମଣଇ 'ହଜିଯିବ ଧନ';
ହଜିଗଲେ ମଣେ, 'ପାଇବ ପୁଣି',
ସଞ୍ଚି ଯଥା ଧନ ମଣଇ କୃପଣ
ତେସନେ ପ୍ରଣୟେ ପରାଣ ବାଣୀ ।"

'ମାୟାଦେବୀ'—ନୀଳକଣ୍ଠ

"ମମ ବଇଭବେ ଅଛଇ କି ସୁଖ ?
ବସନ୍ତେ ସିନାଏ ପରାଣ ଖେଳେ,
ଉଦଯେ ହସଇ କାନନ ଧରଣୀ
ରଜନୀ-ତାମସ-ସ୍ମରଣ ବେଳେ ।"

'ମାୟାଦେବୀ'—ନୀଳକଣ୍ଠ

Digitized by srujanika@gmail.com

ସ୍ମୃତି ଓ ଶ୍ରଦ୍ଧାଞ୍ଜଳି

# କବିତାବଳୀ

Digitized by srujanika@gmail.com

Digitized by srujanika@gmail.com

# କାହିଁ ଚାଲିଗଲ

ଜାତୀୟ କବି ବୀରକିଶୋର

ଯେତେ ଭୁଲାଇଲେ ନ ଭୁଲେ ମୋ ମନ
ଆଖି ଆଗେ ତୁମେ ଯାଉଛ ଦିଶି
କାହୁଁ ଆସି ତୁମେ କାହିଁ ଚାଲିଗଲ
କାହା ସାଥେ ଗୁରୁ ଚାହିଁଲ ମିଶି । ପ ।

ଥିଲ ତୁମେ ଆମ ଦେଶ ଅଭିଧାନ
ହେତୁ ହେଲ ତନୁ ସଦା ଦେଶପ୍ରାଣ
ଉଆଁସ ଜଣିରେ ମଶାଲ ଜଳାଇ
ଆଗୁଆ ହୋଇଲ ଯୁଗ-ମନୀଷୀ । ୧ ।

ତରୁଣ ବୟସୁ ସାଜିଲ ବିପ୍ଳବୀ
ବିପ୍ଳବୀ ଆଙ୍କଇ ବିଶ୍ୱେ ନୂଆ ଛବି,
ସମାଜ ସାର୍ଥୀରେ ତାଳ ପକାଇଲ
କଣ୍ଟକି ପଥରେ ନାଚ କି କଥି । ୨ ।

ଜାତୀୟତା ମନ୍ତ୍ରେ ହେବାକୁ ଦୀକ୍ଷିତ
ବହୁ ଯୁବାଜନେ କରାଇ ଶିକ୍ଷିତ
ପଞ୍ଚସଖା ତମେ ଏକା-ମନ କଲ
ଝୁଣଅନା କୁଞ୍ଜ ଉଠିଲ ହସି । ୩ ।

ଦେଲ ଇତିହାସ ତୁମକୁ ସନ୍ଧାନ
ଖାରବେଳ ଦେଶ ନୋହେ କେବେ ହୀନ
ତାର କୀର୍ତ୍ତିରାଜି ବହିଅଛି ଆଜି
ସାଗର ପନ୍ଥାରେ ଉଠ ଲହଣୀ । ୪ ।

ବଦଳ ମନସ୍କ ଖେଳିଲ ବାସନା,
ପୂର୍ଣ୍ଣ କରିବାକୁ ଦେଶର କାମନା
ଚେତନା ସୁତ ଦାଗ ହେଲ ଆତ୍ମହରା
ଉଛୁଳା ନଈରେ ପଡ଼ିଲ ଝାସି । ୫ ।

Digitized by srujanika@gmail.com

ଗାଇଲ "ସ୍ୱରାଜ୍ୟ ପାଇବ ଏ ଦେଶ
ଗୋଲମି କ ତୁଣ୍ଡ ବେଗେ ଯାଇ ଆସ"
ତମ ଭବିଷ୍ୟତ ବାଣୀ ହେଲା ସତ
ଆମ ଦେଶୁ ଫେରିଗଲେ ବିଦେଶୀ । ୬ ।

ହରିଜନଙ୍କ ଛୁଟିଅଛୁ ମୋହ
ଉଠିବ କି ଅଉ ତାଙ୍କ ପ୍ରାଣେ କୋହ ?
ଅନାଥର ନାଆଁ ଲିଭାଇବା ଲାଗି
ଭୁଲନ୍ତୁ ଆଜ ସେ ହୋଇ ଉପାସୀ । ୭ ।

ଗୁରୁ ଗୋପବନ୍ଧୁ, ଯେବେ ଶିଷ୍ୟ ଶତ
ଜଣାଇବା ଲାଗି ତୁମକୁ ସ୍ୱାଗତ
ସ୍ୱତକ ପରାଣେ ସ୍ୱର୍ଗେ ବସିଥିଲେ
ହେଉଥିବେ ଆଜ ସଭିଏଁ ଖୁସି । ୮ ।

( ପ୍ରଜାତନ୍ତ୍ର—ତା: ୧୫ । ୧୧ । ୬୭ )

"ଏହି ଭୂମି ଦେଖି ଆସି ତ ଥିଲ ସ୍ୱର୍ଗରୁ ତୁମ୍ଭେ ?
ନୀଳାଚଳ ନାଥ ଦେଖି ତ ଏଠା ଆସିଲେ ଭବେ ?
ଏହି ଭୂମି ସେନ୍ତ ଆଦର ଥିଲେ ସିଦ୍ଧ ସାଧକ ?
ଏହି ଭୂମିରେ ତ ବିପ୍ଳବ ହେଲା ସବୁ ଅଳୀକ ?
ଏହି ତ କୃଷକ ସଇନ୍ୟ ଥିଲେ କୁମ'ସ୍ତ କଲେ ?
ଏହି-ଦେଶ-ଭେଷ ଶୁଭ୍ର ତ ଥିଲ ହିମାଦ୍ରି ତଳେ ?"

"ରାମଚଣ୍ଡୀଠାରେ ରାତ" କୋଣାର୍କେ—ନୀଳକଣ୍ଠ

Digitized by srujanika@gmail.com

# ମହାପ୍ରୟାଣ

ଶ୍ରୀ ବାଞ୍ଛାନିଧି ଦାସ

ଶୂନ୍ୟ ହେଲା   ପୂର୍ଣ୍ଣ ସ୍ଥାନ   ମନୀଷୀ ମହାନ୍
ଅନ୍ତର୍ଦ୍ଧାନ   କି ବିରାଟ   ଦୀପ୍ତ ଜ୍ୟୋତିଷ୍ମାନ
ତୁମେ ତୁମର ତୁଳନା
ପ୍ରଦୀପ କି   କରିପାରେ   ସୂର୍ଯ୍ୟର ତୁଳନା । ୧ ।
ନୀଳକଣ୍ଠ   ନୀଳକଣ୍ଠ   ଜ୍ଞାନମଗ୍ନ ଶିବ
ତ୍ୟାଗ କ୍ଷେତ୍ର   ଯୋଗେଶ୍ୱର   ଦେବ ମହାଦେବ
ଯେବେ ନରଦେହ ଧରେ
ମର୍ତ୍ତ୍ୟମଣ୍ଡଳେ   ଜନ୍ମିଲେ   ଦେବତା ବି ମରେ ।୨।
ମରଣ ନୁହଇ   ଏତ   ମୃତ୍ୟୁ—ପରାଭବ
ଅମର ହବ୍ୟ   ଜୀବନ   ପୂର୍ଣ୍ଣ ସମ୍ଭବ
ନୀଳକଣ୍ଠ ମୃତ୍ୟୁଞ୍ଜୟ
ଗରଳ କଣ୍ଠରୁ   ଚାଲୁ   ଫିଙ୍ଗି ବାଧାଭୟ ।୩।
ଭୀଷ୍ମତେଜ   ଭୀଷ୍ମପଣ   ଭୀଷ୍ମ ପ୍ରତିମୂର୍ତ୍ତି
ଭୀଷ୍ମ ଓଜ   ଶକ୍ତି ପ୍ରଜ୍ଞା   ଭୀଷ୍ମ ବ୍ରତ ଧୃତ
କୀର୍ତ୍ତିମାନ ମହାଯଶା ।
ଶରଶଯ୍ୟା   ତେଜି ଉର୍ଦ୍ଧ୍ୱେ   ଚଳାଇଲ ଅଶ୍ୱ ।୪।
ସତ୍ୟବାଦୀ   ସତ୍ୟସନ୍ଧ   ପଞ୍ଚପ୍ରାଣ ସଖା
ସାରଥିର   ମହାରଥୀ   ଧନୁର୍ଦ୍ଧର ସଖା
ଦେଶ ଜାତି ସେବା ଧର୍ମେ
'ଧର୍ମକ୍ଷେତ୍ରେ   କୁରୁକ୍ଷେତ୍ରେ'   ମନ୍ତ୍ର ହେଲା ମର୍ମେ ।୫।
ହେ ନମସ୍ୟ !   ନରୋତ୍ତମ !   ବ୍ୟାସ ସରସ୍ୱତୀ
କବି ବାଗ୍ମୀ   ସୁ ପଣ୍ଡିତ   କୋଣାର୍କ ଭାରତୀ,
ଜ୍ଞାନ ବିଶ୍ୱରୂପେ ସତେ
ଅତୁଳ ରତ୍ନ ବିଭୂତି   ବାଣ୍ଟିଗଲ ପାଥେ ।୬।
ସା ସାଇତିବା ଲଗି   ତବ ବଂଶଧର
ଉତ୍କଳର ପୁତ୍ର-ପୁତ୍ରୀ   ହେଉ ସୁଖଜନ
ଦେବ ! ମାଗେ ଏଇ ଭିକ୍ଷା
ପଞ୍ଚପ୍ରାଣ   ମହାପ୍ରାଣ ବ୍ରହ୍ମ ବହ୍ନିଶିଖା ।୭।   (ସମାଜ—ତା ୧୨।୧୧।୮)

Digitized by srujanika@gmail.com

# ଶୋକାଞ୍ଜଳି

ଶ୍ରୀ ଭୁବନେଶ୍ୱର ମିଶ୍ର

"ଏହିତ ଉତ୍କଳ ଧରଣୀ; ଏହି ସିକତା ବେଳା
ନୀଳ ମହୋଦଧି ସମ୍ମୁଖେ ତୁଙ୍ଗ ସେ ଗିରିମାଳା ।
ଏହିତ ତଟିନୀ ଯାଉଛି ବହି ନୀଳ ସାଗରେ
ଏହିତ କୃଷକ ବସିଛି ହଳ ପାଟେ ପ୍ରାନ୍ତରେ ।"
ଏହି ସେ ଅମର ଲେଖନୀ କେତେ ଯାଇଛି ଲେଖି
ସ୍ରଷ୍ଟା କୋଣାରକେ ରଖିଛି କେତେ ପାଷାଣ ସାକ୍ଷୀ ।
ମରଣ ସାଗରେ ମିଳିଛି, ତା'ର ଜୀବନ ସୁଅ,
ଦେଶବାସୀ ବସି ଝୁରଇ, ଛୁଟେ ନୟନୁ ଲୁହ ।
ସାହିତ୍ୟ ସରସ କଣ୍ଠରେ କଏ ମଣ୍ଡିବ ଆଉ ?
ବିପଥରେ ପଥ ସୃଜିବ ସିଦ୍ଧ ସମାଜ-ଡାଉ ।
ଭାରତ ଭୂଇଁରେ ପ୍ରଚୁର 'ନବଭାରତ'--ବାଣୀ,
ସରଜିବ ନୂଆ ସରଣୀ ପଥ କଣ୍ଟକ ହାଣି,
'ବାପା' ବୋଲି କଏ ଡାକିବ ପଥଶ୍ରାନ୍ତ ବାଳକେ
କାହା ଗଉରବ ଗୀତିକା ଆପି ଚିତ୍ତ—ଫଳକେ ?
ବକୁଳ ବନେ କେ ପୂଜକ ନେବ ଆଶ୍ରମ ଭାର
ଦେଶ ମାତୃକାର ପୂଜନେ ରଚି ପୂଜା ସମ୍ଭାର ?
ଢଗ ଦର୍ଶାଇବ କଏ ସେ ସମାଲୋଚନା ପାଇ ?
ସତ୍ୟର ବଜ୍ର ଭାଷଣେ ଭସ୍ମ ନାଇଁରେ ନାଇଁ ।
ସାହିତ୍ୟ-ରତନ-ଭଣ୍ଡାର କଏ ତୁଳିବ ବସି,
ଭଲ ଭେଲ ସୃଷ୍ଟି ବସ୍ତୁରେ ହେଲେ କଳିବ କଷି ।
ପଛ ପଥଭ୍ରଷ୍ଟ ପାଇଁ ଯେ ଆଗେ ଦେଲି ଆଲୋକ
ସେ ମହାପୁରୁଷ ପ୍ରୟାଣେ କାହା ନୁହଇ ଶୋକ ।
ନୀଳକଣ୍ଠ-କଣ୍ଠସ୍ୱର କି ଆଉ ଶୁଭିବ ନାହିଁ
ପ୍ରାଣେ ପ୍ରାଣେ ଗୁରୁ ଗମ୍ଭୀରେ ପ୍ରତିଧ୍ୱନି ଜଣାଇ !
ଲକ୍ଷ ଲକ୍ଷ ଚକ୍ଷୁ ଫିଟାଇ ଶେଷେ ମୁଦିଲି ଡୋଳା,
କାନ୍ଦେ ବନଭୂମି, କାନ୍ତାର, କାନ୍ଦେ ସାଗର ବେଳା ।
କାନ୍ଦଇ ଉତ୍କଳ ଜନନୀ, ଶୋକ ବିହ୍ୱଳା ବାଣୀ
ବରପୁତ୍ର ପାଇଁ ବଳପେ କଳା ପରଦା ଟାଣି—
ଯୁଗ ଯବନିକା-ପାତନେ ତୋଳି କରୁଣ ତାନ
ଜନତାର ଲୁହେ ଗାଏ ସେ କବି-ଅନ୍ତିମ ଗାନ ।
ଯାଅ ନାହିଁ ଗୁରୁ ଆଅହେ ଆମ ହୃଦସ୍ଥଳୀରେ
ଆଲୋକର ସ୍ତମ୍ଭ ପରାଏ କାହା-ମୋହ ତମିରେ

(ସମାଜ—ତା ୧୬।୧୦।୬୭)

Digitized by srujanika@gmail.com

# ମହାନ୍ ଆତ୍ମା

ଶ୍ରୀ ସ୍ୱରେନ ପ୍ରତାପ ଦାସ

ସତ୍ୟବାଦୀର ନିବିଡ଼ ବକୁଳ
ଛୁସ୍ୱଥନା ତରୁ ତଳେ
ଶାନ୍ତ ସୈନିକ ମୁକ୍ତ ପ୍ରହସ୍ୱ
ଶେଷ ଚିତା ତୁମ ଜଳେ ।
ହେ ସାଧୁ ତାତ୍ତ୍ୱିକ ମହର୍ଷି ସାଧକ
ଦେଶ ପ୍ରାଣ କର୍ଣ୍ଣଧାର
ଜାତିର ସାରଥି ମହାବୀର ରଥୀ
ଉତ୍କଳ ଭରତୀ ହାର ।
ଜୀବନ ସଂଗ୍ରାମେ ମରଣର ଧାମେ
ହାରି ନାହିଁ ଭୀରୁ ଭଳି
ଜନତା ସ୍ୱାର୍ଥରେ ପ୍ରତିଟି ମୁହୂର୍ତ୍ତ
ଜୀବନକୁ ଦେଲ ଢାଳି ।
ହେ ମହାମାନବ ମହା ଗଉରବ
ମହାଜାତି ମେରୁ ପ୍ରାଣ
ଝରଇ ବିପିନ ତରୁ ତପୋବନ
ସବୁଜ ଗହନ ବନ ।

(ମାତୃଭୂମି ତା ୧୬।୧୧।୬୭)

# ଦଧୀଚିର ମୃତ୍ୟୁ

ଶ୍ରୀମତୀ ତୁଳସୀ ଦାସ, କବି ନିକେତନ, କୁଜଙ୍ଗ, କଟକ

ବସନ୍ତ ଯାଇଛି ହଜି
ସୌରଭର ସଉତ ଲୁଟାଇ
ପ୍ରଦୀପ ଯାଇଛି ଲିଭି
ଜ୍ୱଳନର ସ୍ମୃତି ସେ ରଖାଇ···
ମୁରଲୀ ଯାଇଛି ଭାଜି
ମୂର୍ଚ୍ଛନା ଶୁଭେ ବ ଶସ୍ୱନେ
ଦଧୀଚି ଯାଇଛି ମରି
ସାଧନା ଓ ସେବାର ଅସ୍ୱନେ ··

(ସମାଜ ତା ୫।୧୧।୭୮)

Digitized by srujanika@gmail.com

# 'ସତ୍ୟବାଦୀ'ର ସନ୍ଥ ହେ !

ଶ୍ରୀ ରବିନାରାୟଣ ସେନାପତି

କୋଟିଏ ଜନତା ଶୋକାକୁଳ ଆଜି ବଚନ ନ ସ୍ଫୁରଇ
ମହାରଥୀ ମହା-ପ୍ରସ୍ଥାଣ ରଚିଛୁ ନିର୍ବେଦ ଯାଏ ବହି ।
ଗଗନ, ପବନ, କି ଅବା କାନନ ଅବା କି ସରିତ ଗିରି
ଶୋକାକୁଳ ହୋଇ ରହିଛୁ ଅନାଇ ସବୁ ଆଜି ହତଶିଶ୍ୱ ।
ଶୋକ ବିହ୍ୱଳା ଉତ୍କଳମାତା ତମ ଯିବା ପଥ ଚାହିଁ
ରହିଗଲା ତବ କାମ ଅପୂରଣ ଚାଲିଗଲ ଦୂରେ କାହିଁ ।
ସତ୍ୟବାଦୀର ସନ୍ଥ ହେ ।
ଫେରିଆସ ଭଲା ଏକାଳେ ଆମକୁ ଦେଖାଇବା ଲାଗି ପନ୍ଥ ହେ ।୧।

ବନ୍ୟା ମରୁଡ଼ି କମିନାହିଁ ଦେଶୁ ଲିଭିନ ଦୁଃଖଗାର
ଅଭାବର ଦାଉ କମିନାହିଁ, ଅଉ ଶୁଭେ ଦେଶେ ହା'ହା'କାର
ଅନ୍ନ ବିହୁନେ ଚିତ୍କାର ଉଠେ ଆର୍ତ୍ତ ପୀଡ଼ିତ ମୁଖେ
ଅନ୍ୟାୟ ଆଉ ଅତ୍ୟାଚାର ଯେ ଚାଲିଅଛି ଦେଶ ବୁକେ
ଜୀବନଟାଯାକ କାନ୍ଦିଛ ତୁମେ ଏ ଦେଶ ଜାତି ଲାଗି ପାଇଁ
ଯାଉଅଛ କିଆଁ ଛାଡ଼ି ଏହି ମାଟି କାମ ତବ ସରିନାହିଁ ।
ସତ୍ୟବାଦୀର ସନ୍ଥ ହେ !
ଫେରିଆସ ଭଲା ଏକାଳେ ଆମକୁ ଦେଖାଇବା ଲାଗି ପନ୍ଥ ହେ ।୨।

ଉତ୍କଳ ବାଣୀପୀଠରେ ହେ କବି ! କରିଗଲ ଅର୍ଚ୍ଚନା
ପରମ ସାଧକ ! କେତେ କଥା ଗୀତି କରିଗଲ ସର୍ଜନା
'କୋଣାର୍କେ' ବସି ଗାଇଛ ଯେ ଗାଥା ରହିବ ତା ଅମଳିନ
କରୁଅଛୁ ଆଜି ଏ ଓଡ଼ିଆ ଜାତି ତବ ଗୁଣ କୀର୍ତ୍ତନ
ହେ କବି, ହେ ଋଷି, ପରମ ସାଧକ, କରୁଅଛୁ ପ୍ରଣିପାତ
ଦିଅ ଶୁଭାଶିଷ ଓଡ଼ିଆ ଜାତିରେ ଶିରଗୁଁ ବଢ଼ାଇ ହାତ
ସତ୍ୟବାଦୀର ସନ୍ଥ ହେ ।
ଫେରିଆସ ଭଲା ଏକାଳେ ଆମକୁ ଦେଖାଇବା ଲାଗି ପନ୍ଥ ହେ ।୩।

( ସମାଜ—ତା ୧୨ । ୧୧ । ୬୭ )

Digitized by srujanika@gmail.com

# ନୀଳକଣ୍ଠ ସ୍ମରଣେ

ଶ୍ରୀ ପଦ୍ମନାଭ କର

ଶୋକ ଗଦ ଗଦ ଜନେ କହୁଛନ୍ତି
ନୀଳକଣ୍ଠ ଗଲେ ଚାଲି
କେଣେ ଭଲ ଯିବେ ମୁଁ ଜାଣିଛି ସେ ତ
ଦେବ ମୃତ୍ୟୁଞ୍ଜୟ ବୋଲି ।
ତନୁ ମନ ପ୍ରାଣ ସବୁ କର୍ମମୟ
ଏ ଉତ୍କଳ ମାଟି ଲାଗି
ଜ୍ଞାନ ଗହ୍ୱରରେ ବଶ୍ୱସ୍ଥାନ ହୋଇ
ମାଟି ଲାଗି ଯୋଗୀ ତ୍ୟାଗୀ
ବକୁଳ ବନରେ ରଚିଲେ ସାଧନା
ଜାଳିଲେ ପ୍ରଦୀପ ଶିଖା
ଏ ଜାତି ସମାଜ ଶିକ୍ଷା ସ୍ୱଜନୀତି
ନବ ରୂପେ ଦେଲା ଦେଖା ।
'କୋଣାରକେ' କବି ଗାଇଲି ଭାରତୀ
ନାହିଁ ତାର ପଟାନ୍ତର
ମାଟି ବର ପୁଅ ନୀଳକଣ୍ଠ ତୁମେ
ପୁଣ୍ୟାତ୍ମା ଚିର ଅମର । (ସମାଜ -- ତା ୧୨ । ୧୧ । ୬୭ )

# ଫେରିଆସବାରେ ଏ ଦେଶ କୋଳେ

ଶ୍ରୀମତୀ ରମା ଦେବୀ

କାହୁଁ ଆସିଥିଲ କାହିଁ ଚାଲିଗଲ
କେଉଁ ଦେଶେ ଅବା ରହିଲ କାହିଁ
କହନ୍ତୁ ପରା ସେ ସରଗ ଭୁବନ
ମରତ କି ମନେ ପଡଇ ନାହିଁ ? ।୧।
ମର୍ତ୍ତେ ପାପ ଭରା ହୋଇଚଲ ଅଧିକ
ଆସନ୍ତୁ ଓହ୍ଲାଇ ଦେବତାକୁଳ
ଆସିଥିଲ ପରା ପରାଧୀନ ଦେଶ
ଜାତିର ଦୁର୍ଦ୍ଦଶା କରିବ ଦୂର ।୨।
ତୁମେ ଗଲ ସିନା ଉତ୍କଳ ଜନନୀ
ପାଇଛଚି ତୁମ କୀରତିମାନ
ସବୁଦିନ ପାଇଁ ବାଣୀ ଗନ୍ତାଘରେ
ରଖିଯାଇଚ ଯେ ଅମୂଲ୍ୟ ଧନ ।୩।

Digitized by srujanika@gmail.com

ଭାରତ ସମରେ ଅର୍ଜ୍ଜୁନ ଆଗରେ
'ଭଗବତ୍ ଗୀତା' ଗାଇଲ କେତେ,
'ସାହିତ୍ୟର କ୍ରମ- ପରିଣାମ' ଗାଏ
ଓଡ଼ିଆ ଭାଷାର ଅତୀତ ଯେତେ ।୪।

ପ୍ରଣୟୀ ତାହାର ପ୍ରଣୟ ବାରତା
ପଠାଇଲ ଯାହା କୋଇଲି ହାତେ,
ଗବାକ୍ଷ ପାଶରେ ଗାଇଲ, ଗାଇଲ
ପ୍ରଣୟିନୀ କାବ୍ୟ ସମ୍ରାଟ୍‌ର ପଦେ ।୫।

କୁଆଁର ପୁନେଇଁ ତୁମ ଗୃହକୂଳ
ରାମଚଣ୍ଡୀଠାରେ ଅଟକି ଗଲେ
ମାଆ ଭଉଣୀଙ୍କ ଆଦର ସୁମନ
ପ୍ରବୋଧିଲ କେତେ ସେ ବାଳୁତରେ । ।୬।

''ଶୋଇଥାଆ ବାବୁ ଆସିମେ ବିଶ୍ରାମ
ମିଶୁ ପଥଶ୍ରମ" କେତେ ବୋଇଲ
ଭାସିଗଲ ନେତ୍ରେ, ଅତୀତ ବିଭବ
'କୋଣାର୍କେ'ର କବି ଚିର ଅମର । ।୭।

କ୍ଷୁଦ୍ର ମନ୍ଦିର ସେ ମାୟାଦେବୀ ବୁକେ
ଭଗ୍ନ ରହିଛି ଯେ ପୀରତି ଗାଥା,
ଓଡ଼ିଆ ରାଜାର ବିରହ କାହାଣୀ,
ମରମ ଫଟା ସେ ବିଚ୍ଛେଦ କଥା । ।୮।

ଏ ଦେଶ ସଂସ୍କୃତି ଜଗନ୍ନାଥ ଧର୍ମ
ଓଡ଼ିଆ ଜାତିର ନିଜସ୍ୱ ମାନ,
ଗାଇ ବଖାଣିଛ କେତେ ତା' ଅତୀତ
ଫୁଲିଉଠେ ଶୁଣି ଓଡ଼ିଆ ପ୍ରାଣ । ।୯।

ବଙ୍ଗ ପଣ୍ଡିତଙ୍କ ଲାଗି ନୂଆ ତତ୍ତ୍ୱ
ବାଢ଼ିଲ ହେ କେତେ ନିର୍ଭୀକ ଚିତ୍ତ
ମୋ ଦେଶ ପିଲଙ୍କୁ ଗୂଢ଼ ତଥ୍ୟମାନ
ଶିଖାଇଲ ଲେଖି "ପିଲଙ୍କ ଗୀତ"। ।୧୦।

ବାପ ସାଥେ ପୁଏ ନେଇ ଶିଖାଇଲ
ବୁଝାଇଲ "ଭାଗ୍ୟ ନିନ୍ଦି କି ଲାଭ ?"
ସିଦ୍ଧାର୍ଥଙ୍କ ଶିକ୍ଷା "ରକ୍ଷେ ଯେ ଜୀବନ
ଶର-ବିଦ୍ଧ ହଂସ ତାହାରି ହେବ ।" ।୧୧।

ସନ୍ତାନ ଶୋକରେ ବିଧୁର ବିଧବା
ବୃଦ୍ଧଙ୍କର କଲା ଗଣି ନ ପାଇ,

Digitized by srujanika@gmail.com

ଯାହେ ଗଳ୍ପ ଲେଖି        ବୁଝି ଗୂଢ଼ ତତ୍ତ୍ୱ
ବାଳୁତରେ ଦେଲ ଯତ୍ନେ ବୁଝାଇ । ।୧୨।
ଚଢ଼େଇ ମୁହଁରେ        ବତାଇଲ "ଗୀତ
ଗାଇ ପୋଷା ହେବା ନୁହେଁ ମୋ କାମ"
ପରାଧୀନତାରୁ        ମୃତ୍ୟୁ ସିନା ଶ୍ରେୟ
ଉପାୟ ନ ବାଧେ ବନ୍ଧନ ଯମ" । ।୧୩।
ଶିଶୁ ସାହିତ୍ୟକୁ        ଅନୁପମ ଦାନ
"ମୋଅର ଗାଈ ସେ ଯାତ," "ମୋ ନେତ,"
"ଆ ମୋ' ପାଠ        କଅଁଳେ ସମ୍ବୋଧି
କେତେ ପିଲଙ୍କର ହରଣତ ଚିତ୍ତ ? ।୧୪।
'ସଦା ସ୍ୱର୍ଗ ସୁଖ        ସୁଖ ନ ଲଗନ୍ତେ
ଆସନ୍ତି ମରତେ ଦେବତା କୁଳ,
ଗାଇତ ତ ନଜେ        ଏ ଗହନ ତଥ୍ୟ
ଆଜ କମା ରହ ସରଗେ ଖେଳ ? ।୧୫।
ସ୍ୱର୍ଗସୀ କୂଳର        ସଙ୍କଳ୍ପ ଯେ ପାଠି
ଦେଶୁଁ ସେ ଦାରିଦ୍ର୍ୟ ହୋଇନ ଦୂର,
କ୍ଷମତା କବ୍ଜାରେ        ବ୍ୟାପୃତ ସରବେ
ଦେଶକୁ ନଜର ନାହିଁ କାହାର । ।୧୬।
'ଦାସ ନାଏକ'ର        ଦାସ ଗଳ୍ପ ଝୁଲି
ମେଳାର ସକଳ ଶୁଭ ମନାସି,
କେମନ୍ତେ ପିଲାଏ        କଟାଇଲେ କାଳ
ଗାଇବ ଏବେ କେ ଅହେ ମନୀଷୀ ! ।୧୭।
ରଣାଙ୍ଗନେ ଯେତେ        ପୀରତ କାହାଣୀ
ଗାଇ ଯାଇଅଛ 'ଖାରବେଳ'ରେ
ଧ୍ୱସି ଖାରବେଳେ        ତ୍ରୁଟି ଯାଇଅଛ
'ଉତ୍ସବ ଶଭବେ କୃଷକ ପୂରେ' । ।୧୮।
ଗାଇବ କେ ତାଙ୍କ        ମିଳନ ଭାରତୀ
କଳିଙ୍ଗ କେଶରୀ ବଜସ୍ୱ ଗୀତ,
ମୋଗଲ ପଠାଣ        ଇଂରେଜ ଆସିଲେ
ଟେକିଥିଲ ଧ୍ୱଜା କେଉଁଠେ ଏ ଜାତି ? ।୧୯।
ପ୍ରାଚ୍ୟ ସଂସ୍କୃତି ଯେ        ଲଭି ଲଭି ଆସେ
ସାତ୍ତ୍ୱିମନ୍ତ ହେବ ସେ କାହାବଳେ,
ରୂମର ଉତ୍କଳ        ଢାଳେ ଅଶ୍ରୁ ଅର୍ଘ୍ୟ
ଫେରିଆସ ବାରେ ତାହାର କୋଳେ । ।୨୦।

Digitized by srujanika@gmail.com

# ନୀଳକଣ୍ଠ ସ୍ମରଣେ

ଶ୍ରୀ ଲିଙ୍ଗରାଜ ମିଶ୍ର

ପ୍ରଜ୍ଞାର ଆକାର ଆହେ ବିଜ୍ଞାନୀ ବୀର
ଗଲ, ଶୂନ୍ୟ କଲ ଆମ ଜ୍ଞାନ ଭଣ୍ଡାର

ଆଉ କି ନ ବିଶ୍ୱସିବ
ଭଣ୍ଡାର ଏମନ୍ତ ଥିବ ।
ଘାରୁ ହେଉଥିବ କିବା ଦେଶ ତୁମର ? ।୧।

ଉତ୍କଳେ ଜନମି ଥିଲ
ପଞ୍ଚସଖା ମେଳ ହେଲ
ଦୃଢ଼ ରନ୍ଧ୍ର ସମାଜର କଲ ସଂସ୍କାର । ୨ ।

ତେଜି ଲୋଭ ସ୍ୱୀକରଣର
ବରିଲ ସେବା ଦେଶର
ଭୋଗି କାରାଦଣ୍ଡ ସ୍ୱାଧୀନତା ଆଣିଲ । ୩ ।

ଉତ୍କଳର ଉତ୍କର୍ଷତା
ଭାଷା, ସାହିତ୍ୟ, ସଭ୍ୟତା
ସଂସ୍କୃତି, ଶିଳ୍ପ, ସ୍ଥାପତ୍ୟେ ଉଚ୍ଚେ ଗାଇଲ । ୪ ।

'କୋଣାର୍କେ' ହୃତ ଗୌରବ
ନବଲ୍ଲରତ ବିଭବ
ସୃଷ୍ଟିଏ ପଣ୍ଡିତ ଧନ୍ୟ ନାମ ଆଦ୍ୟର । ୫ ।

ବାଣୀ ଆରାଧନେ ରସି
ସେବ ଦେବୀ ଭବାନଣୀ
ସାହିତ୍ୟକ ନୀଳକଣ୍ଠ ଚିର ଭାସ୍ୱର । ୬ ।

ସରଗେ ବିରାଜୁ ଥିବ
ଉତ୍କଳେ ଭୁଲି ନ ଯିବ
ଘେନ ଆମ ପ୍ରଣିପାତ ଆଶିଷ କର । ୭ ।

Digitized by srujanika@gmail.com



ପଣ୍ଡିତ ନୀଳକଂଠଙ୍କୁ ଉତ୍କଳ ବିଶ୍ୱବିଦ୍ୟାଳୟ 'ଡକ୍ଟରେଟ' ଉପାଧିରେ ଭୂଷିତ କରୁଛନ୍ତି ।

Digitized by srujanika@gmail.com

# ବୀରର ସଂକେତ

ଶ୍ରୀ ଗୋପୀନାଥ ସେନାପତି ବାଣପୁର

ଲକ୍ଷ ଜନତାର ଜମିଥିଲା ଯବେ କୋଠଗଦ ଗଡ଼େ ଭିଡ଼,
ଶଙ୍ଖ ବହ୍ନି ରଣଝଙ୍କାର ମାଟି ନେବ କେଉଁ ମୋଡ଼ ?
କମ୍ପନ ଦେଲା ବୀରଭୂମି ବକ୍ଷେ କାଳର ବକ୍ଷ ଚିରି,
ନିର୍ବାଚନର ଉଦ୍ଦୀପନାରେ ଉତ୍ତୁଙ୍ଗ ସେଇ ଯେ ଭେରୀ !
ବାଣପୁର ପଣପାଟୀ
ଚମକି ଉଠିଲା ଆଶା-ଆଶଂକାରେ କୋଠଗଦ ଗଡ଼ ମାଟି ! । ୧ ।
ନିର୍ବାଚନର ସଭା ସମ୍ଭାର ନ ଥିଲା ଯେତେ ହେଁ ବଡ଼,
ପ୍ରିୟ ନେତାଙ୍କର ଦର୍ଶନ ଆଶା ତହିଁରୁ ପ୍ରବଳତର;
କୁଣ୍ଟାବାହାନେ ଅଗଣିତ ଜନ ଠୁଳ ଯେତେ ନରନାରୀ,
ଚରଣେ ତୁମର ଲୁଣ୍ଠିତ ଶିରେ ଅର୍ଚ୍ଚନା ଦେଲେ ଢାଳି !
ବାଣପୁର ପଣପାଟୀ
ଚମକି ଉଠିଲା ବୀର ଦର୍ପରେ କୋଠଗଦ ଗଡ଼ ମାଟି ! । ୨ ।
ସେଦିନ ସଭାର ସଭାପତି ତୁମେ ଫୁଲରେ ଗଲ ହେ ବୁଡ଼ି,
ସର୍ବେ ନିର୍ନିମେଷ ନୟନେ ରହିଲେ କରପଟକୁ ଯୋଡ଼ି,
ଲକ୍ଷେ ଜନତାର ହୃଦମନ୍ଦିର ସ୍ପନ୍ଦିତ ହେଲା ଖାଲି,
କି ହେବ ଯେବେ ଏ ଦେଶସେବୀଙ୍କର ଲଲାଟ ନ ହୁଏ ନାଲି !
ବାଣପୁର ପଣପାଟୀ
ଚମକି ରହିଲା ଆଶା-ଆଶଂକାରେ କୋଠଗଦ ଗଡ଼ ମାଟି । । ୩ ।
ଅର୍ବାଚୀନ ଜଣେ ନିର୍ବାଚନର ସଭା ମଧ୍ୟେ ଉଠେ କହି,
ମହାନୁଭବ ହେ ପଣ୍ଡିତବର ପାର କି ଉତ୍ତର ଦେଇ,
"ଏକ ଜନସଂଘ ଓଡ଼ିଶା ରାଜ୍ୟେ, ମାତ୍ର ତୁମ୍ଭେ ବେନି ଜନ
ପାରି ଉଠିବ କି ବିଶାଳ କଂଗ୍ରେସେ କୂଟ କୌଶଳପୂର୍ଣ୍ଣ ।"
ବାଣପୁର ପଣପାଟୀ
ଚମକି ଉଠିଲା ଆତଙ୍କିତ ପ୍ରାଣେ କୋଠଗଦ ଗଡ଼ମାଟି । ୪ ।
ସ୍ଫୁରିତ ନୋହୁଣୁ ପ୍ରଶ୍ନବଚନ ପ୍ରଶ୍ନକାରୀର ମୁଖୁ
ଚମକି ଉଠିଲ ସିଂହ ବିକ୍ରମେ ତେଜୋଦୀପ୍ତ ହେଲା ଚକ୍ଷୁ;
କମ୍ପି ଉଠିଲା ଶୃଙ୍ଖଳ ମୁକ୍ତ ସ୍ଫୁରିଲା କି ଅଗ୍ନିବାଣ,
"ସମ୍ମୁଖେ ମୋର ଠିଆ ହୁଅ ଏବେ କହୁଛି ମୁଁ ଯାହା ଶୁଣ ।"
ବାଣପୁର ପଣପାଟୀ
ଚମକି ଉଠିଲା ରଣ ହୁଂକାରେ କୋଠଗଦ ଗଡ଼ ମାଟି । ୫ ।

Digitized by srujanika@gmail.com

ଗୁରୁ ଗମ୍ଭୀର ନିନାଦେ କହିଲ ବଦନ ଅଗ୍ନି ସମ,
"ପ୍ରଥ ପକ୍ଷର ଆସନେ ବସିବୁ ଯେବେ ଆମେ ଦେଶୀ ଜନ;
ଗୋଦାବରୀ କୂଳେ ନୀଳକଂଠ ମୁଁ, ଆମର କଟାକ୍ଷ ପାତେ
କୂଟ କୌଶଳ ବୁଦ୍ଧି ହଜିଯିବ ବାନର ସେନାର ମାଥେ ।"
ବାଣପୁର ପଣପାଟୀ
ଚମକି ଉଠିଲା ଉଲ୍ଲସିତ ପ୍ରାଣେ କୋଠଗଦ ଗଡ଼ ମାଟି । ୬ ।

"ଝଙ୍କାଳିଆ ଯେ କଳ୍ପତରୁ ତଳେ ପାଣ୍ଡମାଙ୍କର ଦଳ,
ବସିଥିବା ବେଳେ ରଢ଼ି ଦଏ ଯେବେ ଗୋଟିଏ ବି ମହାବଳ;
ଝିଙ୍କି ପଡନ୍ତ୍ର କି ନାହିଁ ଆହେ ବନ୍ଧୁ, ପାରିବ କି ମୋତେ କହି,
ଦୁଇ ଦୁଇଟାର ରଢ଼ି ହୁଂକାର ସମ୍ଭାଳିବେ କି ସେହି ?"
ବାଣପୁର ପଣପାଟୀ
କମ୍ପି ଉଠିଲା ବୀର ଦର୍ପରେ କୋଠଗଦ ଗଡ ମାଟି । ୭ ।

ଉଚ୍ଛ୍ୱସିତ ସେ ଜନ ପାରାବାର ସତେ କି ପାଗଳ ଏବେ,
ଘନ ଘନ ଝାଳି ଦେଲେ କରତାଳି କମ୍ପାଇ ପାତାଳ ନଭେ;
ସେ ଦିନର ସ୍ମୃତି ଅନ୍ତରେ ଆମ ଉଦ୍‌ବେଳନ ଯେ ତୋଳେ
ପ୍ରଣତି ଯେଜନ ଅର୍ଚ୍ଚନା ରଚୁ ଚରଣ ପଦ୍ମ ତଳେ ।
ବାଣପୁର ପଣପାଟୀ
କମ୍ପିବାକୁ ଦଅ ଶକ୍ତି ବୀରଦର୍ପେ କୋଠଗଦ ଗଡ଼ ମାଟି । ୮ ।

*

"ସରଗେ ତ ବାରୁ    ଅଛୁ ଚିର ସୁଖ
ଚିର ଯଉବନ, ସଂଯୋଗ ଚିର
ନନ୍ଦନେ ମଳୟ    ଚିର-ବଇଭବ
ଚିର ଚନ୍ଦ୍ର ଶୁଭ୍ର ତପନ କର ।
ମର୍ତ୍ତ୍ୟ ଲୋକେ କେତେ    ସହିକେ ଆସନ୍ତି
ସରଗ୍ର ଦେବତା ସୁର ସୁନ୍ଦରୀ,
ଏ ମରତେ ପୁଣି    ଆଦର ବସନ୍ତ
ତୀର୍ଥ ନାମେ ପୁର, ବିପିନ ଗିରି ।"

—ନୀଳକଣ୍ଠ

Digitized by srujanika@gmail.com

# ନେତା ନୀଳକଣ୍ଠ

ଶ୍ରୀ ମଧୁସୂଦନ ଦାଶ

ମହାଯୁଦ୍ଧ ଏବେ ବିଶ୍ୱରେ ହେଲା ଦୁଃସହ ଅତି,
ଲଢ଼ିଲେ ଦୁର୍ଦ୍ଦାନ୍ତ ଜର୍ମାନୀ ସଙ୍ଗେ ଇଂରେଜଜାତି ।
ଜର୍ମାନୀ ଯୁଦ୍ଧରେ ଜିଣିବ ଜଣାଇଲେ ସ୍ପଷ୍ଟ
ସହଜେ ଆମର ଭାରତେ ହୋଇ ଯିବେ ପ୍ରବେଶ
ତାହା ଆଗୁ ଦରକାର ତ ସ୍ୱାଧୀନତା ପାଇବା
ଚିନ୍ତିତ ହୁଅନ୍ତି ସୁଭାଷ କି ଉପାୟ କରିବା !
ଅଛି ଦେଶେ ଯୁବଶକ୍ତି ବହେ ବିପ୍ଳବ-ବାୟୁ
ଲୋଡ଼ା ଯନ୍ତ୍ରକୌଶଳ ସାହାଯ୍ୟ ବହିର୍ଦ୍ଦେଶରୁ ଅଛ ।
ଜର୍ମାନୀ ଅଥବା ରୁଷରୁ ମିଳିପାରଇ ତାହା
ମାତର ତାଙ୍କରେ ସମ୍ପର୍କ ରଖିବାକୁ କି ରାହା ?
କଂଗ୍ରେସ ବାହାରେ ଗଢ଼ିଲେ ଯେଉଁ ଫରୱାର୍ଡ଼ ବ୍ଲକ
ସାରା ଦେଶେ ତାହା ଆଣିଲା ଏକ ମହାଚମକ ।
ମୁସଲିମ ଲିଗ୍ ସେକାଳେ ପାକିସ୍ଥାନ ଚାହିଁଲେ
ଭାରତରୁ ଏକ ପୃଥକ ଦେଶ ଦାବୀ କରିଲେ
ସୁବିଚାର କରି ସୁଭାଷ ବୋଷ କହିଲେ ଭଲେ
"ମୁସଲମାନଙ୍କ ସହିତ ମନ୍ତ୍ରିମଣ୍ଡଳ କଲେ,
ପୃଥକହେବାର ପ୍ରବୃତ୍ତି କମିଯିବ ତାଙ୍କର,
କ୍ଷୁଣ୍ଣ ହେବ ନାହିଁ ଦେଶରେ ଆମ ଏକତା ବଳ ।
ପାକିସ୍ଥାନ ଦାବୀ ତାଙ୍କର ଯିବ ଫସରଫାଟି
ଅବିଭାଜ୍ୟ ହୋଇ ରହିବ ଆମ ଦେଶର ମାଟି
ଏ ସମସ୍ତେ ହେବ ସୁବିଧା ଯଦି ପୂର୍ବସୀମାନ୍ତେ
ରାଜ୍ୟମାନଙ୍କରେ ଶାସନ ଥିବ ଆମର ହାତେ ।"
ଧରି ସେ ମୁସଲମାନଙ୍କୁ ବଙ୍ଗ-ଆସାମ ଦେଶେ
ଗଢ଼ିଥାନ୍ତି ମନ୍ତ୍ରିମଣ୍ଡଳ ଏବେ ଏଇ ଉଦ୍ଦେଶ୍ୟେ ।
ମୋ ସହିତ ଗୋଦାବରୀଶ ଉଚ୍ଚାକର ଆଦରେ
ଉଦ୍‌ବୋଧିଲେ ମନ୍ତ୍ରିମଣ୍ଡଳ ଗଢ଼ିବାକୁ ଏଠାରେ ।
ଯୁଦ୍ଧରେ ସାହାଯ୍ୟ ନ ଦେଇ ସରକାରଙ୍କୁ ତେବେ
ବ୍ୟକ୍ତି-ସତ୍ୟାଗ୍ରହେ ପ୍ରବୃତ୍ତ ହେଲେ କଂଗ୍ରେସ ଏବେ ।
ସତ୍ୟାଗ୍ରହୀ ହେଲେ ବିନୋବା, ଜବାହର ତା'ପରେ
ଆଛା ଆଛା ଗୁଣ ନେତାଏ ବନ୍ଦୀ ହେଲେ ଅଚିରେ ।

Digitized by srujanika@gmail.com

ସମର ବିରୋଧୀ ଧ୍ୱନିରେ କଲେ କାରିବରଣ,
ନ କହନ୍ତି କେବେ ଇଂରେଜ ଛାଡ଼ିଯିବେ ଶାସନ ।
ଶାସନ ନ ଆସେ ହାତକୁ ଯେବେ ନ କହୁଁ ଆମେ
ଯୁଦ୍ଧରେ ସାହାଯ୍ୟ କରିବୁ ପୂରି ବଳ ବିକ୍ରମେ ।

ଲୋକେ ପଚାରିଲେ ସାହାଯ୍ୟ ଆମେ ଦେବୁ ଯୁଦ୍ଧରେ,
ସେଇ ସୂତ୍ରେ ଯୁଦ୍ଧକୌଶଳ ଶିଖାଇବୁ ଦେଶରେ ।
ସ୍ୱାଧୀନତା ସେଇ ସୂତ୍ରରେ ଲାଭ କରିବୁ ଆମେ,
ଏ ଦେଶ ଶାସନ ରହିବ ନାହିଁ ଇଂରେଜ ନାମେ,

ଛଳନାର କଥା ଲୋକରେ ବୁଝାଇବା କି କଷ୍ଟ,
ଏବେ ବି ଆମରେ ଦୋଷନ୍ତି ଲୋକେ ନ ହୋଇ ତୁଷ୍ଟ ।
ଗଢ଼ି ଲି ପାରଲା ରଜାଙ୍କୁ ଧରି ମନ୍ତ୍ରି ମଣ୍ଡଳ
ମନ୍ତ୍ରୀ ହେଲେ ଗୋଦାବରୀଶ, ଶୋଭାନ ଖାଁ ଲଗର
ମାନବେନ୍ଦ୍ର ରାୟ, ଆନେଙ୍କୁ ଆମ ଦେଶରେ ଆଣି
ବଖାଣିଥିଲି ମୁଁ ଲୋକରେ ଆମ ଦଳ କରଣୀ ।

ଏଇ ପ୍ରସଙ୍ଗରେ ଉନକ କଥା କହିବି କିସ ?
ସ୍ଥିର ହୋଇଯାଏ ଗସ୍ତରେ ଯିବେ ଗୋଦାବରୀଶ ।
ଆସିଲା ଖବର ପଥରେ କଳାପତାକା ଜନେ
ଦେଖାଇ ବିକ୍ଷୋଭ କରନ୍ତି, ତେବେ ଯିବେ କେମନେ ?
ଭାବିତ ହୋଇଲେ ମନ୍ତ୍ରୀ ଏ ହେଲା ଗସ୍ତ ବାଧକ,
ଶୁଣି ମୁଁ ଚମକି ବୋଇଲି "ଆହା ଏ କିସ କଲ !
ଲୋକଙ୍କୁ ଡରିବା ଯେବେଠି ଛାଡ଼ ମନ୍ତ୍ରିତ୍ୱମୋହ
ନତୁବା ଭେଟିବା ତାଙ୍କରେ, ଯିବା ତତ୍ପର ହୁଅ ।
ବିଳମ୍ବ ନ କରି ତକ୍ଷଣେ ଆମେ ହେଲୁ ବାହାର
ପଛଆଡ଼ ଜଣ ଚିତ୍କାର "ଦେଶଦ୍ରୋହୀଏ ଫେରି ।"
କଥା କି ଶୁଣନ୍ତି ଜନତା ଖାଲି କରନ୍ତି ଗୋଳ,
କହିଲି "ଟିକିଏ ଶୁଣନ୍ତୁ" ତୋଳି ଗମ୍ଭୀର ସ୍ୱର ।
ବାରମ୍ବାର ଏହା ବୋଲନ୍ତେ ଶେଷେ ଆସେ ଉତ୍ତର
"କିଛୁ ଶୁଣିବନି ଏଠାରୁ ଦେଶଦ୍ରୋହୀଏ ଫେରି ।"
"ଆସିଚୁ ତ ଯିବୁ ଆଗକୁ, କିଆଁ ନ ଯିବୁ କହ
ଦେଶଦ୍ରୋହ କିବା କରିଲୁ ମୋତେ ବୁଝାଇ ଦିଅ ।"
"କହନ୍ତୁ ବୁଝାଇ କିମ୍ପାଇଁ, ଇଂରେଜରେ ଯୁଦ୍ଧରେ
ବଳ ଦେଉଚନ୍ତି, ନୁହେଁ କି ମନ୍ତ୍ରିତ୍ୱର ମୋହରେ ?"

Digitized by srujanika@gmail.com

"ଆସ ଦଶ ଜଣ ବସିବା କଥା ପକାଇ ଦବା
ଗୋଟିଏ ମାତର ସର୍ତ୍ତରେ ଏବୁ ରାଜି ହୋଇବା ।
ଆମ ଦୋଷ ଥିଲେ ଏଠାରୁ ଆମେ ବାହୁଡ଼ିଯିବୁ
ନଡୁବା ଆମର ସଙ୍ଗତେ ଆମେ ତୁମରେ ନବୁ ।"
ଶୁଣିଲା ବଖୋଭ, ବସିଲେ, ଥୋକେ କଂଗ୍ରେସବାଲା
ଆଗଡ଼ ଉସ୍ତ୍ରକେ ଆଆନ୍ତ କେତେ କଂଗ୍ରେସଚେଲା ।
କତାପଟ ହେଲା ଆମର ତହୁଁ ଗସ୍ତରେ ଗଲୁ
ମୁଖିଆ ମୁଖିଅ କେତେଙ୍କୁ ଆମ ସଙ୍ଗତେ ନେଲୁ ।
ଜାତୀୟ ସମର ସାମୁଖ୍ୟ ନେତା ଥିଲ ମୁଁ ଯେବେ,
କଟକର ଏକ ଘଟନା ଥରେ ସଭାମଣ୍ଡପେ
ବୋଇଲ, "ଉଠାଅ, ସମାଟେ ପ୍ରଭୁ ରକ୍ଷା କରନ୍ତୁ,
ଆମର ନୁହଇ ଉଦ୍ଦେଶ୍ୟ ଏଠି ଇଂରେଜ ଆନ୍ତୁ ।"
ବଗିଡ଼ଲେ ଲାଟ ମୋ ପ୍ରତି ଦେଲ ଇସ୍ତଫା ମୁହିଁ,
ମାତର ଶାସନ ଆମର ସୁରୁଖ୍ୟରେ ଗ୍ଭଲଇ ।

( ପ୍ରଥମ ବାର୍ଷିକ ଶ୍ରାଦ୍ଧଦିବସ ଉପଲକ୍ଷେ ପ୍ରକାଶିତ ପୁସ୍ତକ "ସେ ପଥେ ପଣ୍ଡିତ ନୀଳକଂଠ"ର କେତେ ଅଂଶ )

⁂ 'ସମାଜ' ତା ୫।୧୦।୬୮

"ତରୁଣ-ତରୁଣୀ- ପସ୍ୱଣ ପଲକେ
ମିଶଇ ପୀରତି-ଅନନ୍ତ-ସୁଖେ;
ଗଗନ-ମେଦିନୀ- ଶକତି ସେ କବା
ମିଶଇ-ବିଜୁଳି-ଚମକ-ଲେଖେ !
ବିଶାଲ ପବନ ଦେଉଥାଏ ବାଧା
ପ୍ରଚଣ୍ଡ ତପନେ ଚମକ ଲୁଟେ;
ମିଶିଯାଏ କ୍ଷଣେ ମେଦିନୀ ଗଗନ
ଉଦନ୍ତ ବିଶ୍ୱସେ ଅନଳ ଫୁଟେ ।
ହୃଦ ଝର ଧର ଉଠଇ ଗଗନେ
ମୃଦର-ଶିକରେ ପଡ଼ଇ ନଭ
ଗୁରୁ ପ୍ରତିବନ୍ଧେ ପ୍ରଚଣ୍ଡ ତେସନ
ତରୁଣ-ଇଙ୍ଗିତ-ତରଳ-ଭବ ।"

'ମାସ୍ତାଦେବୀ' - ନୀଳକଣ୍ଠ

Digitized by srujanika@gmail.com

# ମନୀଷୀ ନୀଳକଣ୍ଠ

ଶ୍ରୀ ରମାନନ୍ଦ ସାହୁ

ସେ ଏକ ମହାସାଗର—
ସୁବିସ୍ତୀର୍ଣ୍ଣ ସୁଗଭୀର !
ତାର ଦୈର୍ଘ୍ୟ, ପ୍ରସ୍ଥ ଅବା ଗଭୀରତା,
ତା'ର ପରିମିତ ଅବା ବିସ୍ତୃତତା-
କଳନା କରିବା ନିତାନ୍ତ ଧୃଷ୍ଟତା,
ଆମେ ଯେତେ ବେଳାଭୂମିବାସୀ,-
ଆଜି ଯାଏ ନିରେଖିଲୁ ତା'ର ତଟେ ବସି
ନିର୍ବିଶେଷ ନୟନରେ, ବିସ୍ମୟ ପ୍ରକାଶି,
ସେ ବିରାଟ ଅର୍ଣ୍ଣବର ସ୍ଥିତି, ପରିବ୍ୟାପ୍ତ
ପ୍ରଶାନ୍ତ ଗାମ୍ଭୀର୍ଯ୍ୟ ତୁଲେ ବର୍ଣ୍ଣୋଜ୍ଜ୍ୱଳ ଦୀପ୍ତ ।
ଗର୍ଭେ ତା'ର ସହସ୍ର ଆଶ୍ରିତ—
ଜଳଚର ପ୍ରାଣିକୁଳ—କ୍ଷୁଦ୍ର ବା ବୃହତ ।
ସଭିଙ୍କୁ ସେ ଅତି ଶ୍ରଦ୍ଧାଭରେ
ଖାଦ୍ୟ ଦେଇ, ଜଳ ଦେଇ ପାଳିଥିଲା,
ଆପଣା କୋଳରେ ।

କେତେ ତିମି, ମଗର, ହାଙ୍ଗର
ତା' ଜଠରେ ଜନ୍ମ ନେଲେ, ତା'ପ୍ରସାଦେ
କେତେ ହେଲେ ବଡ ।

ସେ ଏକ ମହାସମୁଦ୍ର,
ବାହ୍ୟ ରୂପ କ୍ଷଣେ ଶାନ୍ତ, କ୍ଷଣେ ଅବା ରୁଦ୍ର
ସୁଗଭୀର ଅନ୍ତଃସ୍ଥଳ—ରତ୍ନ-ଭଣ୍ଡାଘର,
ପୂର୍ଣ୍ଣ ଯହିଁ ମଣିମୁକ୍ତା—ଅମୂଲ୍ୟ, ଅପାର ।
ସେ ଅନନ୍ୟ, ଅତୁଳନୀୟ,
ସେ ମହାନ, ଅକଳନୀୟ
ସେ ଚିର ଦୀପ୍ତିମାନ, ଚିର ଆନୁଷ୍ଠାନ,
ଆପଣା ଗୌରବେ ଚିର ଗସ୍ୱସ୍ଥାନ ।

( 'ସମାଜ'—ତା ୮।୧୧।୬୭ )

Digitized by srujanika@gmail.com

# ନୀଳକଣ୍ଠ ସ୍ମରଣେ

ଶ୍ରୀ ବାଞ୍ଛାବନ୍ଧୁ ଦାଶ

ସାକ୍ଷୀ ଗୋପୀନାଥ    ସୌମ୍ୟ ମୂରତି
ଶୋଭିତ ମନ୍ଦିର    ରମ୍ୟ ଭାରତି—
ଯହିଁ ସତ୍ୟବାଦୀ    ଜନବସତି,
ମଞ୍ଜୁଳ ବକୁଳ    ବନ ସମ୍ପତ୍ତି,
ସେଥି ବନ ବିଦ୍ୟାଳୟ
ସ୍ଥାପିଲେ ଯତନେ ପୁଣ୍ୟ ଗୋପବନ୍ଧୁ ଆଦର୍ଶ ଶିକ୍ଷା-ନିଳୟ ।
ତହିଁ ପଞ୍ଚସଖା    ମହତ ବ୍ୟକ୍ତି
ଏକୁଁ ଏକ ବଳି    ସାହିତ୍ୟ ରଥୀ,
ଉତ୍କଳ ତାମସ—    ନାଶନେ ବ୍ରତୀ,
କଲେ ଶିକ୍ଷା ଦାନ    ପବିତ୍ର ଅତି;
ଶିକ୍ଷକ ସେ ନୀଳକଂଠ
ପଣ୍ଡିତ, ଭାବୁକ, ସୁବକ୍ତା, ସାଧକ, ସୁଜ୍ଞାନୀ-ସୁଧୀ-କର୍ମଠ ।
ମହାତ୍ମା-କୃତ-    ଅହିଂସା ସମର,
ଅସହଯୋଗର    ମହା ମନ୍ତ୍ରର
ସତ୍ୟାଗ୍ରହୀ, ବନ୍ଦୀ,    ନେତା ଆବର
ଦେଶ କାମ ଲାଗି    ହେଲେ ତତ୍ପର;
ମାନି କଂଗ୍ରେସ ନିୟମ
ପଶିଲେ ସମରେ ଲଢ଼ି ନିରନ୍ତରେ, ସୁଖ୍ୟାତି କଲେ ଅର୍ଜନ !
ବିଶ୍ୱ ମହାଯୁଦ୍ଧେ    କର୍ମ ତତ୍ପର,
ପ୍ରଚଣ୍ଡ ମାର୍ତ୍ତଣ୍ଡ    ସମଭାସ୍ୱର
ତେଜ ପରକାଶି    ନିଜ କର୍ମର
ଗଢ଼ିଲେ ପାରଳା    ମନ୍ତ୍ରିମଣ୍ଡଳ
ଉତ୍କଳ ହିତ ପାଇଁଲେ
କଂଗ୍ରେସ ତେଜିଲେ, ଦଳ ସେ ଗଢ଼ିଲେ, ଉନ୍ନତି କର୍ମେ ଲାଗିଲେ ।

ଲେଖନୀରେ ଲେଖା    କଲେ ପ୍ରକାଶ
ଭଗବଦ୍ ଗୀତା    ଭାଷ୍ୟ ବିକାଶ,
ଦାମ୍ଭିକ ସ୍ୱଭାବେ    ରଖି ବିଶ୍ୱାସ,
କର୍ମ କରି ନେଲେ    ଶେଷନିଃଶ୍ୱାସ;
ରଖିଲେ ଅତୁଳ ସ୍ମୃତି
ମହାନ ଭାବନା, ବିବିଧ ପ୍ରେରଣା, ଯୋଗ୍ୟତମ ଅନୁଭୂତି । * ।

Digitized by srujanika@gmail.com

# ପଣ୍ଡିତ ନୀଳକଣ୍ଠଙ୍କ ମହାପ୍ରୟାଣେ

ଶ୍ରୀ ନାରାୟଣ ମହାପାତ୍ର

ତମ୍ଭ ନ ହୁଏ ଧର,
ଉତ୍କଳ ମେଘାସନ ଗଲ କି ଟଳି ।

ହେ ଗୋପବନ୍ଧୁ ପ୍ରାଣପ୍ରିୟ ଅନୁଜ
ସୁଧୀ ଗୋଦାବରୀଶ ଯୋଗ୍ୟ ଅଗ୍ରଜ । ୧ ।
ମଞ୍ଜୁଳ ତୁରଅନା କୁଞ୍ଜ ରସିକ
ଉତ୍କଳ-ମାତା-ହୃଦ-ସ୍ମୃତି-ପଦକ । ୨ ।
ଉତ୍କଳ ଦ୍ୱୈପାୟନ ଜ୍ଞାନୀଶେଖର
ବାଗ୍‌ଦେବୀ ବରପୁତ୍ର ବିଦ୍ୟା-ସାଗର । ୩ ।
ସାଧକ ଶିରୋମଣି ହେ କର୍ମବୀର
ନିର୍ଭୀକ ନିରଳସ ବାଗ୍ମୀ ପ୍ରବର । ୪ ।
ଜନନୀ ଜନ୍ମଭୂମି ସରଗୁଁ ବଳି
ଏ ଭବ୍ୟ ଭାବ ଥିଲା ଅନ୍ତରେ ପୂରି । ୫ ।
ଦେଶମାତୃକା ସେବା ଜୀବନେ ପଣ
କରି ବରିଛ କେତେ ଦୁଃଖ କଷଣ । ୬ ।
ଦେଶ ପ୍ରେମ ବର୍ତ୍ତିକା ଜାଳି ଅନ୍ତରେ
ଜଳାଇଥିଲ ଦେଶବାସୀ ଅନ୍ତରେ । ୭ ।
ହେ ଯୋଗଜନ୍ମା ତୁମ୍ଭେ ଚିର ଅମର
ବାଣୀ ଭଣ୍ଡାରେ ତବ କୀର୍ତ୍ତି ଭାସ୍ୱର । ୮ ।
ତୁମ୍ଭ ପ୍ରତିଭାଲୋକ ଝଲି ଉତ୍କଳେ
ଜାଳିବ ଜ୍ଞାନଦୀପ ପ୍ରତି ଅନ୍ତରେ । ୯ ।
ଅମର-ସରଣୀର ହେ ଶ୍ରେଷ୍ଠ ଯାତ୍ରୀ,
ଯେନ ଏ ହୀନବଳ ଜାତି ପ୍ରଣତି । ୧୦ ।

"ବିଭସ୍ତ୍ର-ତସ୍କର ଅପଯଶ ଲଭି
ପର-ଧନେ କିମ୍ପା ପିପାସା ତବ ?
ସ୍ୱଳ୍ପ-ନିଜ-ଧନେ ଗୃହ-କୋଣେ ପଡ଼ି
ମରିବାଟି ସିନା ବୀର-ବିଭବ !"

'ମାୟାଦେବୀ'—ନୀଳକଣ୍ଠ

Digitized by srujanika@gmail.com

## ପଣ୍ଡିତ ନୀଳକଣ୍ଠଙ୍କ ରଚନାରୁ
## କାବ୍ୟାଂଶ

Digitized by srujanika@gmail.com

Digitized by srujanika@gmail.com

# ଭାର୍ଗବୀ ନଦୀକୂଳରେ ଆମର ପ୍ରତିଜ୍ଞା

ପଣ୍ଡିତ ନୀଳକଣ୍ଠ ଦାସ

ଦେବୀ ମନ୍ଦିରକୁ ଲାଗିଚି ଭାର୍ଗବୀ ନଦୀର ବନ୍ଧ । ବନ୍ଧ ତଳକୁ ପାଣି । ପାଣି ପରେ ନଈ ଭିତର ବାଲି । ସେଇ ବାଲି ଭିତରେ ହୁଏ ବାଲିପୁର ମୌଜାର ଶ୍ମଶାନ । ସେଦିନ ସନ୍ଧ୍ୟାବେଳକୁ ଜହ୍ନ ପଡ଼ିଗଲା । ଆକାଶ ପରିଷ୍କାର । କଳା ଭ୍ରମର ପରି ପାଣି ଧାଉଁଚି ପରେ ରୂପାଙ୍କିତ ବସ୍ତ୍ର ବୁଣା ହେଲାପରି ବାଲି ଦାଉ ଦାଉ ଦିଶୁଚି । ସେତେବେଳେ ସେ ଅଞ୍ଚଳରେ ଭାରି ବାଡ଼ି (ହଇଜା) ପଡ଼ୁଥାଏ । ବାଲିପୁରରେ ବେଶୀ ଲାଗିଥାଏ । ଲୋକେ ମୁର୍ଦ୍ଦାର ପୋଡ଼ି ପାରୁ ନ ଥାନ୍ତି । କେହି କେହି ଶ୍ମଶାନରେ ଦରପୋଡ଼ା କରି ଛାଡ଼ିଯାନ୍ତି । ଅନ୍ୟ ଗରିବ ଲୋକେ ହୁଏତ ମୁର୍ଦ୍ଦାର ମୁହଁରେ ନିଆଁ ଦେଇ ଘରକୁ ଚାଲିଯାନ୍ତି । ଦୁର୍ଭିକ୍ଷ ବା ମଡ଼କ ପଡ଼ିଲେ ଅନେକ ଗ୍ରାମରେ ଏଇପରି ହୁଏ । ସେଦିନ ନଈ ବନ୍ଧଉପର ବରଗଛମୂଳ ଢାଳଚଣ୍ଡି ନିକଟ ଗ୍ରୁଇରେ ଗୋପବନ୍ଧୁ ଦାସଙ୍କୁ ଘେନ ଆମେ ଚାରିଜଣଯାକ ଝଣ୍ଡିଏ ଦୋପଟା ଗୁଞ୍ଜି ପକାଇ ସନ୍ଧ୍ୟା ପରେ ସେଇ ବରଗଛମୂଳେ ବସିଲୁ । ଆରପାଖେ ବିଲୁଆ ସବୁ କଳାକଳି ଦରପୋଡ଼ା ମଡ଼ା ଓଟାରୁଥାନ୍ତି । ମୁର୍ଦ୍ଦାରଙ୍କ କୋକେଇ (coffin)ର କନାକନିସବୁ ପଡ଼ିଚାରି ଦିଶୁଥାଏ । ଆମର ଗପ ଚାଲିଲା । ଗୋପବନ୍ଧୁ ଦାସଙ୍କ ପରି ଗଳ୍ପକରି ଭୁଲାଇବା ଲୋକ ବଡ଼ କମ ଅଛନ୍ତି । ବିଶେଷରେ ଆମେ ପିଲା । ସେ ରାତି ଗଳ୍ପର ଚିତ୍ରସବୁ ପ୍ରାଣରେ ଆଙ୍କି ହୋଇଗଲା । ଚନ୍ଦ୍ର ବୁଡ଼ିଗଲେ । ରାତି ବି ସକାଳ ହୋଇ ଆସିଲା । ଆମେ ତନ୍ମୟ । ଶେଷକୁ ଠିକ ହେଲା, "ଆମେ ପାଠପଢ଼ି ସରକାର ଚାକିରି କରିବା ନାହିଁ । ଦେଶପାଇଁ କିଛି କରିବା । ଜନ୍ମବେଳେ ଦେଶକୁ ଯାହା ଦେଖିଥାଉଁ ତା'ଠାରୁ ଉନ୍ନତ ଦେଖି ମରିବା ।"

*

"ବ୍ରତତି ନାହିଁଲେ ତରୁ-କୁଞ୍ଜ ମାଳେ
ସୁନ୍ଦର ଦିଶଇ ଶବଳ ବକ୍ଷ;
ଶ୍ରମ ପରେ ଯିବା ଆଶ୍ରମ--ସମ୍ପଦ
ପ୍ରବୀଣତା ଯିବା ଲୋଡ଼ଇ ଯୁବା ।

—ନୀଳକଣ୍ଠ

Digitized by srujanika@gmail.com

# ଓଡ଼ିଶା ଆସେମ୍ବ୍ଲିର ଆଦ୍ୟ ନିର୍ବାଚନ
# (୧୯୩୭)

ପଣ୍ଡିତ ନୀଳକଣ୍ଠ ଦାସ

୧୯୩୬ ଏପ୍ରିଲ ପହିଲାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠିତ ହୋଇଥିଲା । ଭାରତର କୌଣସି କୌଣସି ରାଜନୀତିକ ଯେତେବେଳେ କହୁଥିଲେ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ କରିବାପାଇଁ ଇଂରେଜଙ୍କ ବିଶେଷ କିଛି ଆଗ୍ରହ ନଥିଲା । ମାତ୍ର ପ୍ରଦେଶକୁ ସ୍ୱତନ୍ତ୍ର କରି ଆଉ ଗୋଟିଏ ମୁସଲମାନ ପ୍ରଦେଶ ଭାରତରେ ଗଢ଼ିବାପାଇଁ କୌଣସି କାରଣରୁ ସେତେବେଳର ଇଂରେଜମାନେ ବଦ୍ଧପରିକର ଥିଲେ । ତେଣୁ ସେହି ରାଜନୀତିକମାନେ ଓଡ଼ିଶାକୁ କହୁଥିଲେ, ସିନ୍ଧୁ ପ୍ରଦେଶ କରୁ କରୁ ମନକୁ ବାହାରିଥିବା ଗୋଟିଏ ହିନ୍ଦୁ ପ୍ରଦେଶ (Biproduct of Sind) ।

୧୯୩୭ ମସିହାର ଭାରତୀୟ ସାଧାରଣ ନିର୍ବାଚନ ବେଳେ ମୁଁ ଉତ୍କଳ ପ୍ରାଦେଶିକ କଂଗ୍ରେସର ସଭାପତି ଥିଲି । ଏହା ପୂର୍ବରୁ ଟିକିଏ ଇତିହାସ ଅଛି । ୧୯୩୪ ମସିହା ଶେଷକୁ ପ୍ରଥମେ ଇଂରେଜର ୧୯୩୫ ମସିହା ଶେଷ ଭାରତ ଶାସନ ଆଇନ ଅନୁସାରେ ନିର୍ବାଚିତ ହୋଇଥିଲା । ସେତେବେଳକୁ ମୁଁ ସଭାପତି ଥାଇ କେନ୍ଦ୍ର ଆସେମ୍ବ୍ଲିକୁ ନିର୍ବାଚନ ହୋଇଥିଲି । ଇଂରେଜଙ୍କ ସେ ଆଇନରେ କଥା ଥିଲା ମୁସଲମାନ, ହିନ୍ଦୁ, ଦୁହେଁ ଦେଶୀୟ ରାଜ୍ୟର ରାଜାମାନଙ୍କୁ ଘେନି ଭାରତପାଇଁ ଗୋଟିଏ ମିଳିତ ଶାସନ ଫେଡେରେସନ) ଗଢ଼ିବା, ଏହି ମିଳିତ ଶାସନ ଗଢ଼ାହୋଇ ପାରିଲେ ଭାରତରେ ସବୁପ୍ରକାର ଅର୍ଥାତ୍ ସାଂପ୍ରଦାୟିକ, ଅର୍ଥନୀତିକ ଦଳ ଆଡ଼କୁ ବାଟ ଫିଟିଯିବ ବୋଲି ଇଂରେଜ ବଡ଼ ଉଦ୍‌ବିଗ୍ନ ଥାଏ । ଫଳରେ ତା' ହୋଇପାରି ନ ଥିଲା ଓ ପ୍ରାଦେଶିକ ନିର୍ବାଚନ ହେବାର ସ୍ଥିର ହେଲା ।

ଏହି ଦୁରାଗ୍ରହ ଭିତରେ ଅନ୍ୟାନ୍ୟ ପ୍ରଦେଶ ପରି ଓଡ଼ିଶାରେ ମଧ୍ୟ ନିର୍ବାଚନ ଉଦ୍ୟମ କରିବାକୁ ହୋଇଥିଲା । ମାତ୍ର ଓଡ଼ିଶାର ରାଜନୀତିକମାନେ ଅତି ସନ୍ଦେହରେ ଥିଲେ । ପ୍ରଥମ-କଥା ରାଜା, ଜମିଦାର ପ୍ରଭୃତିଙ୍କ ବିରୁଦ୍ଧରେ ଲଢ଼ି ଜୟୀ ହେବାରେ ସେମାନଙ୍କର ଭରସା ନ ଥିଲା । କଂଗ୍ରେସର କେତେକ ପ୍ରଧାନ ରାଜନୀତିକ ଏକଥା ମଧ୍ୟ ପ୍ରକାଶ କରିଥିଲେ । ଦ୍ୱିତୀୟ କଥା-ଅନୁଗୁଳ, ସମ୍ବଲପୁର ଓ କୋରାପୁଟ ପ୍ରଭୃତି ଇଂରେଜ ସରକାରଙ୍କ ହସ୍ତମୁଦ ମହାଲମାନଙ୍କରେ ପଶି ଭୋଟ ସଂଗ୍ରହ କରିବାପାଇଁ କେତେକଙ୍କର ସାହସ ହେଉ ନ ଥିଲା । ସଭାପତି ଭାବରେ ଏହିପରି

Digitized by srujanika@gmail.com

ଏକ ଗୋଲକ ଧନ୍ଦାରେ ପଡ଼ିଥିଲେ ହେଁ, ମୁଁ ଅତି ଦୃଢ଼ଭାବରେ କଂଗ୍ରେସର ନିର୍ବାଚନ ଓଡ଼ିଶାରେ ଜିତିବ ଓ କୃତକାର୍ଯ୍ୟ ହେବ ବୋଲି ବାହାରିଥିଲି ।

ଆଉ ଗୋଟିଏ କଥା, ଅର୍ଥର ମଧ୍ୟ ସେତେବେଳେ ଏକାନ୍ତ ଅଭାବ ଥିଲା । ଗଞ୍ଜାମର ରାଜା ଏବଂ ଜମିଦାରମାନେ ସଂଗଠିତ ହୋଇ ପ୍ରାୟ ଲକ୍ଷେ ଟଙ୍କା ସଂଗ୍ରହ କରି ଶୃଙ୍ଖଳିତ ଭାବରେ କାର୍ଯ୍ୟାରମ୍ଭ କରିଥିଲେ । କଂଗ୍ରେସକୁ ଟଙ୍କା ମିଳିବାର ଓଡ଼ିଶାର ଜଳବାୟୁରେ ସେତେବେଳେ ବିଶେଷ କାରଣ ନ ଥିଲା । କେହି କଂଗ୍ରେସକୁ ବିଶ୍ୱାସ କରି ଚାନ୍ଦା ଦେବାକୁ ପ୍ରସ୍ତୁତ ନ ଥିଲେ । ସାଧାରଣତଃ ଲୋକେ କେବେ ବିଶ୍ୱାସ କରୁ ନଥିଲେ ଯେ, କଂଗ୍ରେସ ରାଜା, ଜମିଦାରଙ୍କୁ ଜିଣିବ । ସେତେବେଳେ ପୁଣି ଇଂରେଜର ରାଜ୍ୟ ଓ ଅନାଦରରେ ଗଠିତ ହୋଇଥିବା ଓଡ଼ିଶା ଗୋଟିଏ ନୂଆ ପ୍ରଦେଶ ।

୧୯୩୬ ଅକ୍ଟୋବର ମାସରେ ସିମଲାରେ କେନ୍ଦ୍ର ବ୍ୟବସ୍ଥାପକର ଶରତ୍‌କାଳୀନ ଅଧିବେଶନ ହେଉଥାଏ । ମୁଁ ମଧ୍ୟ ସେଠାକୁ ଯାଇଥିଲି । ସେତିକି ନୁହେଁ, ଠିକ୍ ସେତିକିବେଳେ ମଧ୍ୟ ପ୍ରକାଶକମାନଙ୍କ ଦ୍ୱାରା ଅନୁରୁଦ୍ଧ ହୋଇ 'ଗୀତା ପ୍ରବେଶ' ବହି ଶୀଘ୍ର ଶୀଘ୍ର ଲେଖୁଥାଏ. ଏଣେ ନିର୍ବାଚନ କଥା ମଧ୍ୟ ଭାବୁଥାଏ ।

ପ୍ରଥମ କଥା ଟଙ୍କା । ସେତେବେଳେ ସ୍ୱର୍ଗତ ଭୁଲାଭାଇ ଦେଶାଇ ଆମର କେନ୍ଦ୍ର ଆସେମ୍ବ୍ଲି କଂଗ୍ରେସ ଦଳର ନେତା, ବର୍ତ୍ତମାନର ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଗୋବିନ୍ଦ ବଲ୍ଲଭ ପନ୍ତ ଉପସଭାପତି, ଏ ଦୁହେଁ ମଧ୍ୟ ଭାରତୀୟ କଂଗ୍ରେସର ପାର୍ଲିମେଣ୍ଟାରୀ ଦଳର ସଭାପତି ଓ ଉପସଭାପତି ଥିଲେ । ମନେଅଛି, ମୁଁ ଦିନେ ସିମଲା ଉପର ରାସ୍ତା ମଲରେ (Moll) ଏ ଦୁହିଁଙ୍କ ସଙ୍ଗେ ସାନ୍ଧ୍ୟ ଭ୍ରମଣ କରୁ କରୁ ଏକାନ୍ତରେ ଭୁଲାଭାଇଙ୍କୁ ୬ ହଜାର ଟଙ୍କା ନିର୍ବାଚନ ଖର୍ଚ୍ଚ ନିମନ୍ତେ ମାଗିଲି । ସେଥିରେ ୩ ହଜାର ଟଙ୍କା ଗୋଟିଏ ସାପ୍ତାହିକ ପ୍ରଚାରପତ୍ର ଲୋକମତ) ପାଇଁ ଥିଲା । ଭୁଲାଭାଇଙ୍କୁ ଅତ୍ୟନ୍ତ ଅପସନ୍ଦ ଲାଗିଲା । ସେ ଗୋବିନ୍ଦବଲ୍ଲଭ ପନ୍ତଙ୍କୁ ଡାକି କହିଲେ, "ଏମାନେ ତ ନିର୍ବାଚନଟାକୁ ବଡ ସହଜ କାମ ବୋଲି ମନେ କରନ୍ତି । ନୀଳକଣ୍ଠ ଦାସ ମତେ ଗୋଟିଏ ସାପ୍ତାହିକ ପ୍ରଚାରପତ୍ର ପାଇଁ ୩ ହଜାର ଓ ନିର୍ବାଚନ ଖର୍ଚ୍ଚ ପାଇଁ ମାତ୍ର ଆଉ ୩ ହଜାର ଟଙ୍କା ମାଗୁଛନ୍ତି ।"

ମୁଁ ଟିକିଏ ଲଜ୍ଜିତ ହେଲି । ତଥାପି କହିଲି, ''ଆପଣ ଦିଅନ୍ତୁ । ଦରକାର ପଡ଼ିଲେ ପରେ ଆଉ କିଛି ନେବି । କିନ୍ତୁ ମୁଁ ଅନୁରୋଧ କରୁଛି ନିର୍ବାଚନ ଶେଷ ହେବା ପର୍ଯ୍ୟନ୍ତ ଆପଣ ଏ ଟଙ୍କା ମତେ ଦେଇଛନ୍ତି ବୋଲି ପ୍ରକାଶ କରିବେ ନାହିଁ । ପରେ ମୁଁ ହିସାବ ଦେବି ।

Digitized by srujanika@gmail.com

ଏ ଟଙ୍କା ବାଦ ଫଇଜପୁର କଂଗ୍ରେସ ପରେ ମୁଁ ଆଉ ଦୁଇହଜାର ଟଙ୍କା ଆଣିଥିଲି । ଏହାବ୍ୟତୀତ ସେତେବେଳର କଂଗ୍ରେସ ସଭାପତି ପଣ୍ଡିତ ଜବାହାରଲାଲଙ୍କୁ ଆଣି ଓଡ଼ିଶାରେ ବୁଲାଇ ଅଉ ପ୍ରାୟ ଦୁଇହଜାର ଟଙ୍କା ସରିକ ତାଙ୍କୁ ଥଳି ଦେବାରେ ସାହାଯ୍ୟ କରିଥିଲି ।

ଜବାହାରଲାଲଙ୍କର ୧୯୩୬ ମସିହା ଶେଷକୁ ଏହା ହେଉଛି ପ୍ରଥମ ଓଡ଼ିଶା ଭ୍ରମଣ । ଜବାହାରଲାଲଙ୍କୁ ଦେଖିଛି ସେଦିନୁ ସେ ଯାହା କରନ୍ତି ପ୍ରାଣପଣେ କରନ୍ତି ଓ ସବୁବେଳେ ସେ ଲୋକଙ୍କର ଲୋକ । ଯେତେବେଳେ ବ୍ରହ୍ମପୁରଠାରୁ ତାଙ୍କୁ ଇଚ୍ଛାପୁରକୁ ନେଇଗଲି ଓ କହିଲି "ଆପଣ ଏବେ ଅନ୍ଧ୍ର ବନ୍ଧୁମାନଙ୍କ ହାତକୁ ଯାଅନ୍ତି ।" ମୁଁ ଭୁଲି ପାରିବି ନାହିଁ ଜବାହାରଲାଲଙ୍କର ସେତେବେଳେକ ଭାବପରିବର୍ତ୍ତନ । ସେ କହିଲେ "କ'ଣ ଏଇଠାରୁ ଓଡ଼ିଶା ସରିଲା ?" କ'ଣ ମନେକରି ସେ ଏହା କହିଲେ ମୁଁ କହି ପାରିବି ନାହିଁ, କେବଳ ତାଙ୍କର ଭାବପରିବର୍ତ୍ତନ ମୋର ମନେଅଛି । ତା'ପରେ ସେ ଭାଇଜାଗ-ରାୟପୁର ରେଲରେ ଗଲାବେଳେ ଆଉଥରେ ସେତେବେଳେ ନୂଆହୋଇ ଓଡ଼ିଶାରେ ସାମିଲ ହୋଇଥିବା ଝଡ଼ଆଳ ଜମିଦାରୀ ଦେଖିଥିଲେ ଓ ସେଠାରୁ ଯାହା ଥଳି ପାଇଥିଲେ ଅତି କମ ହେଲେ ମଧ୍ୟ ତା' ଆନନ୍ଦରେ ଗ୍ରହଣ କରିଥିଲେ ଓ ମୋ ପାଖକୁ ପଠାଇ ଦେଇଥିଲେ । ଜବାହାରଲାଲ ଜଗତପୁର (ଏବର କେନ୍ଦ୍ରାପଡ଼ା ଜେଲ୍ଲେ) ଗଡରେ ଓହ୍ଲାଇ ସକାଳୁ ସାଲେପୁର ବାଟେ କେନ୍ଦ୍ରାପଡ଼ା ଯାଇ ଫେରିଥିଲେ । ତା'ପରେ ବୋଟରେ ଦିନ ଭୋଜନ କରି କଟକରେ ନାନା ଅନୁଷ୍ଠାନରେ ମଣ୍ଡ ଉପସ୍ଥିତ ହେବାରେ ସେ ଦିନ କଟିଥିଲା । ରାତିରେ ଭୁବନେଶ୍ୱରରେ ବିରାଟ ଶୋଭାଯାତ୍ରା ଓ ସଭା । ତା'ପରେ ସକାଳୁ ପୁରୀ ବାଟରେ ସତ୍ୟବାଦୀ ଓ ପିପିଲି । ତା'ପରେ ପୁନଶ୍ଚ ରେଳଯୋଗେ ଖୋର୍ଦ୍ଧାରୋଡ଼ । ସେଠାରୁ ପୁଣି ମୋଟରରେ ଖୋର୍ଦ୍ଧ ଓ ସେଇଠାରୁ ଝଲକୋଟ ବାଟେ ଆସ୍କା । ମନେଅଛି ଖଲିକୋଟ ସହରରେ ଗଲାବେଳେ ଗୋ' ଦୋକାନ ଖୋଲାହେବା କଥା ଦୂରେ ଥାଉ ଗୋଟିଏ ଲୋକର ଦୁଆର ମଧ୍ୟ ଫିଟି ନଥିଲା । ତା'ର ସମସ୍ତ କାରଣ ମୁଁ ଜବାହାରଲାଲଙ୍କୁ ବୁଝାଇ ଦେଇଥିଲି । କିନ୍ତୁ ଜବାହାରଲାଲଙ୍କ ବାଟରେ ବରାବର ଲୋକ ସମାଗମ ଦେଖୁଥାଆନ୍ତି ଓ ମଝେ ମଝେ ମୋଟରରୁ ଓହ୍ଲାଇ ତାଙ୍କର ଗ୍ରାମମାନ ବୁଲୁଥାଆନ୍ତି । ରାଜଧାନୀ ଅଠଗଡ଼କୁ ଲୋକଙ୍କ ସଙ୍ଗେ ଯାଇ ଗୋଲ ଉପରେ ସୁଦ୍ଧା ଚଢ଼ି ଭାଷଣ ଦେଇଥିଲେ ।

ସନ୍ଧ୍ୟାବେଳକୁ ଆସ୍କାରେ ବିରାଟ ସଭା । ଏହାପୂର୍ବରୁ ଓଡ଼ିଶାରେ ଏତେ ସଭା ମୁଁ ଦେଖିନଥିଲି । ଡାକବାଜ ଯନ୍ତ୍ରରେ ଜବାହାରଲାଲ ଭାଷଣ ଦେଉଥାନ୍ତି । ଦିବାକର ପଟ୍ଟନାୟକ ତାହା ଓଡ଼ିଆରେ ବୁଝାଉଥାନ୍ତି । ଲୋକେ ସ୍ଥିରଆଡ଼େ ସାନ୍ତ ଭାବରେ ବସିଥାନ୍ତି । ତା'ପରେ ବ୍ରହ୍ମପୁରରେ ସେହି ରାତିରେ ବିରାଟ ଶୋଭାଯାତ୍ରା ଓ ସଭା, ସକାଳୁ ଇଚ୍ଛାପୁର ।

Digitized by srujanika@gmail.com

ମୁଁ ସିମିଲାରୁ ଆସି ଯେଉଁ ପ୍ରାର୍ଥୀମାନେ ଅଗରୁ ଛୁଡ଼ା ହୋଇ ଯାଉଥିଲେ ସେହି ୧୯ ଜଣଙ୍କୁ ବଢ଼ାଇ ବଢ଼ାଇ ୩୭ ଜଣ ପ୍ରାର୍ଥୀ ଓଡ଼ିଶା କଂଗ୍ରେସରୁ ଛୁଡ଼ା କରାଥିଲା । ସେତେବେଳର ଓଡ଼ିଶା ଆସେମ୍ବ୍ଲିର ମୋଟ ମେମ୍ବର ସଂଖ୍ୟା ଥିଲା ୬୦ । ସେଥିରୁ ୪ଜଣ ସରକାରଙ୍କ ଦ୍ୱାରା ଆଦିବାସୀ ପ୍ରଭୃତିଙ୍କ ପାଇଁ ମନୋନୀତ । ଅପର ଭିତରେ ବହୁ ପ୍ରତିବାଦ ସତ୍ତ୍ୱେ ଅନୁଗୁଳ, ସମ୍ବଲପୁର ଓ କୋରାପୁଟରେ ସବୁ ପ୍ରାର୍ଥୀ ଛୁଡ଼ା କରାଇଥିଲା । ସେମାନେ ଏହି ୩୭ ଜଣଙ୍କ ମଧ୍ୟରେ । ୩୭ ଜଣଙ୍କ ଭିତରୁ ୩୬ ଜଣ ନିର୍ବାଚିତ ହେଲେ । କେବଳ ଧର୍ମଶାଳାର ପ୍ରାର୍ଥୀ କୌଣସି ବିଶେଷ କାରଣରୁ ମାତ୍ର ୭୨ଟି ଭୋଟରେ ପରାସ୍ତ ହୋଇଥିଲେ ।

ଏବର ନିର୍ବାଚନ ଓ ସେତେବେଳର ନିର୍ବାଚନ ଭିତରେ ପ୍ରଭେଦ ବହୁତ । ସେତେବେଳର ଜୟପୁର, ପାରଳା ଓ କନିକା ପ୍ରଭୃତିଙ୍କ ନେତୃତ୍ୱରେ ଗଢ଼ା ହୋଇଥିବା ରାଜା ଓ ଜମିଦାରଙ୍କ ଦଳଛଡ଼ା ଅନ୍ୟ ରାଜନୈତିକ ଦଳ ବୋଲି ପ୍ରାୟ କିଛି ନ ଥିଲା । ମୁସଲମଲିଗ୍ କେବଳ ଉତ୍ତରପ୍ରଦେଶ ବ୍ୟତୀତ ଅନ୍ୟତ୍ର ମୁଣ୍ଡ ଟେକି ନ ଥିଲା । ଆଜି ଯାହାଙ୍କୁ ସୋସାଲିଷ୍ଟ ଓ କମ୍ୟୁନିଷ୍ଟ ବୋଲି ଚିହ୍ନାଯାଉଅଛି, ସେତେବେଳେ ସେମାନେ କଂଗ୍ରେସରେ ଥିଲେ । ରାଜା, ଜମିଦାରଙ୍କ ପଛରେ କେବଳ ବିରାଟ ଇଂରେଜ ଶକ୍ତି ଥିଲା ।

ମନେ ରଖିବାର ଅଛି, ସେତେବେଳର କଂଗ୍ରେସ ଏବର କଂଗ୍ରେସ ଏକ ଜିନିଷ ନୁହେଁ । ସେତେବେଳେ ଭାରତ ସ୍ୱାଧୀନତା ପାଇଁ ଲଢ଼ୁଥିଲା । ତେଣୁ କଂଗ୍ରେସ ଗୋଟାଏ ଥିଲା । ଇଂରେଜ ଓ ତାଙ୍କ ତଳିଆ ଲୋକେ କଂଗ୍ରେସ ନାମ ଶୁଣିଲେ ତା'କୁ ଘୋର ବିରୋଧରେ ଭାଙ୍ଗୁଥିଲେ । ଜନସାଧାରଣ ବହୁ ପରିମାଣରେ କଂଗ୍ରେସ ପ୍ରତି ଅନୁକମ୍ପାଶୀଳ ଥିଲେ ମଧ୍ୟ ନିଜର ମନୋଭାବ ପ୍ରକାଶ କରୁନଥିଲେ । ଯେଉଁମାନେ ଜେଲ, ଜୋରିମାନା ଏପରିକି ଫାଶିକୁ ମଧ୍ୟ ନ ଡରି ବାହାରୁଥିଲେ, ସେହିମାନେ ହେଉଥିଲେ କଂଗ୍ରେସ ।

ଏହି ସଂଘବଦ୍ଧ ଜମିଦାର ଶ୍ରେଣୀର ଗୋଟାଏ ବିରାଟ ପଟର୍ମ୍ବରେ ଏ ଦେଶକୁ ଗଢ଼ିବା ସେତେବେଳେ ସେତେ ଦରକାର ହେଉ ନ ଥିଲା । ଇଂରେଜମାନେ ଆମକୁ ନିଜେ ନିଜକୁ ଶାସନ କରିବା ଶିଖାଇବା ପାଇଁ ଯେଉଁ ଉଦ୍ୟମ କରୁଥିଲେ, ସେଥିରେ ଯୋଗ ଦେବାକୁ କଂଗ୍ରେସ ଲୋକ ଯାଉନଥିଲେ । ସେଥିରେ ଯୋଗ ଦେଉଥିଲେ ରାଜା, ଜମିଦାରଙ୍କ ସଙ୍ଗଠିତ ଦଳ । ତାଙ୍କର ପଟରୁ ସରକାରଙ୍କ ଧନରେ ସାପ୍ତାହିକ ସବୁ ବାହାରୁଥିଲା । ସେହିମାନେ ବିଶେଷରେ ଇଂରେଜଙ୍କଠାରୁ ଉପାଧିମାନ ପାଉଥିଲେ ।

ଏବେ ଦେଶକୁ ଗଢ଼ିବାର ଦିନ । କଂଗ୍ରେସର ଗୋଟିଏ ଦୋଷ ହେଲେ ସମସ୍ତ କଂଗ୍ରେସସେଥିପାଇଁ ଅଭି ଦାୟୀ ନୁହନ୍ତି । କଂଗ୍ରେସ ଭିତରେ ଦଳଭେଦ ଓ

Digitized by srujanika@gmail.com

ମତଭେଦ ଅଛି । ତାକୁଇ ବ୍ୟବହାର କରି ଦେଶରେ ସଙ୍ଗଠନରେ ନିଜର ଶକ୍ତି ନିଃସ୍ୱୀକୃତ କରିବା ଏବେ ହେଉଛି କଂଗ୍ରେସର ମୁଖ୍ୟକାର୍ଯ୍ୟ । ଦଳବହୁତ ଅଛନ୍ତି । କିନ୍ତୁ ଏ ସବୁ ଦଳର ବର୍ତ୍ତମାନ ଗଠନ ଢଙ୍ଗରେ କେବଳ କଥାର କଥା ଯାହାକୁ କହନ୍ତି ସେଇଆ ।

ବିରୋଧ ତିଆରି କରିବାପାଇଁ ଆଜି ଦଳପତିମାନେ ଶାସକମାନଙ୍କୁ ଅନୁରୋଧ କରୁଛନ୍ତି । ଅନ୍ୟମନେ ଶାସକଙ୍କର ଦୋଷବାଛି ପ୍ରଚାର କରିବାରେ ଅତ୍ୟନ୍ତ ବାହାଦୁରି ଏସବୁ ଏବେ କିଛି ଦରକାର ନାହିଁ । ବିଦେଶର ହାଓ୍ୱାକୁ ଶିଙ୍ଘରେ ଏସବୁ ଅନୁକରଣ କରିବା ବୃଥା କଥା । କଂଗ୍ରେସ ଗଢ଼ିବାକୁ ଯାଉଛି । ତା'ର ଭ୍ରମ ସଂଶୋଧନ କଂଗ୍ରେସ ଭିତରୁ କିପରି ବାହାରିବ ସେ ଉଦ୍ୟମ ସମସ୍ତଙ୍କ କର୍ତ୍ତବ୍ୟ ଫଳରେ ସ୍ୱାଧୀନତା ପାଇଁ ଲଢ଼ିବାବେଳେ କଂଗ୍ରେସ ଯେପରି ଗୋଟାଏ ଥିଲା, ଆଜି ଦେଶଗଠନ ବେଳେ କଂଗ୍ରେସକୁ ସେହିପରି ଗୋଟାଏ କରି ରଖି ନିଜ ଭିତରେ ଆତ୍ମଶୋଧନର ଉପାଦାନ ଜାଗ୍ରତ ରଖିବାକୁ ହେବ ।

ଏହିପରି କରିପାରିଲେ କଂଗ୍ରେସ ସେତେବେଳେ ଯେଉଁ ଆଦର୍ଶବାଦରେ ଉଦ୍‌ବୁଦ୍ଧ ହୋଇ ଦେଶକୁ ଆଣିବାପାଇଁ ଆପଣା ଭିତରେ ଶତ ମତଭେଦରେ ଉପାଦାନ ସତ୍ତ୍ୱେ ଗୋଟାଏ ହୋଇ ପୃଥିବୀ ଆଗରେ ଛିଡ଼ା ହୋଇଥିଲା ଆଜି ସେହି ଅବସ୍ଥା ଆସିଯିବ । ସେହି ଉତ୍ସାହରେ ଦେଶ ଗଢ଼ି ଯିବ । ଭଗବାନ କହିଛନ୍ତି, "ମତେ ଯେ ଭଜେ, ମୁଁ ତାର 'ଯୋଗକ୍ଷେମ' ଅର୍ଥାତ ପାଇବା, ସମ୍ଭାଳିବା ନିଜର କରି ଗ୍ରହଣ କରେ । ତେଣୁ ମୁଁ କହେ ପାଇବା ଦିନ ଯାଇଛି । ଆଜି ସମ୍ଭାଳିବା ଦିନ । ପାଇବାରେ ଆମେ ଯାହା ଥିଲେ, ସମ୍ଭାଳିବାରେ ସେଇଆ ରହିପାରିଲେ ପୃଥିବୀ ଆଗରେ ଏବେ ମଧ୍ୟ ଭାରତ 'ଭାରତ' ହୋଇ ଛିଡ଼ା ହେବ । ଅନୁକରଣରେ ଦଳ ଗଢ଼ିଲେ ବିଶେଷ କିଛି ହେବନାହିଁ । ପରାଧୀନତାର ଅନୁକରଣ ବହୁତ ହୋଇ ଯାଇଛି । ସେଥିରେ ନିଜତ୍ୱ ଆସିନାହିଁ, ଆସିବ ନାହିଁ । ଶୁଭମସ୍ତୁ ।

(୧୯୫୭ ନିର୍ବାଚନର ପ୍ରାକ୍‌କାଳରେ ପ୍ରକାଶିତ । 'ପ୍ରଜାତନ୍ତ୍ର'-ତା ୨୫।୨।୫୭)

*

"ଦିନୁ ଦିନ ବଢ଼ି ଯାଉଛି ଜୀବନ;
ଯଉବନ ଭେଦ, ଆସଇ ଜରା;
ପଞ୍ଜୁରିରୁ ପକ୍ଷୀ— ପରି ଉଡ଼ିଯାଏ
ଜୀବନ, ଛାଡ଼ି ଏ ଶରୀର-କାରା ।"

( ମାସ୍ୱାଦେବୀ )

Digitized by srujanika@gmail.com



ପଣ୍ଡିତ ନୀଳକଂଠଙ୍କୁ ଅଶୀତିତମ ଜନ୍ମଦିବସରେ ସମ୍ବର୍ଦ୍ଧନା ( ତା ୫।୮।୭୩)
ବାମପାଖରେ ଆଚାର୍ଯ୍ୟ ହରିହର ଓ ଡାହାଣପାଖରେ ଅଧ୍ୟାପକ ବିପିନବିହାରୀ ରାୟ ।
ପଛରେ ଡଃ ରାଧାନାଥ ରଥ.. ଓ ଡଃ [illegible]

ଭାରତ ଦୁ'ଭାଗ କର । ହିନ୍ଦୁ ଭାରତ ହିନ୍ଦୁଙ୍କୁ ଛାଡ଼ । ମୁସଲମ ଭାରତ ବା ପାକିସ୍ତାନ ମୁସଲମାନଙ୍କୁ ଛାଡ଼ ।" Quit Indiaର ଶେଷକୁ ଏଇ ହେଲା ଫଳ ବା ପରିଣାମ । ଜବାହରଲାଲଙ୍କ ମୁସଲମାନଙ୍କ ପ୍ରତି ରାଜନୀତିକ ବ୍ୟବହାର, ଆମକୁ ତଥା ସୁଭାଷ ଓ ସୁଭାଷପନ୍ଥୀଙ୍କୁ କେବେ ସନ୍ତୋଷ ଦେଇ ନ ଥିଲା । ଏବେ ସୁଭାଷ ଡାକ ପଠାଇଲେ-ଆମକୁ-ମୁଁ, ଗୋଦାବରୀଶ ମିଶ୍ରେ ଓ ଯଦୁମଣି ମଙ୍ଗରାଜ କଲିକତା ଗଲୁ । ସେ କହିଲେ, ଲିଗ୍ ମୁସଲମାନଙ୍କ ସଙ୍ଗେ କୋଆଲିସନ ସରକାର ଛଡ଼ା ଗତି ନାହିଁ । ସେ ଏହା ଆସାମରେ ବରଦୋଲଇ-ସା'ଦୁଲ୍ଲା ସରକାର ଗଢ଼ି ତାରେ କରି ଆସିଥିଲେ । ବଙ୍ଗରେ ଫଜଲୁଲହକ-ଶରତ ବୋଷଙ୍କୁ ଧରି ଶୀଘ୍ର ଗଢ଼ିବାର ଠିକ କରିଛନ୍ତି । ଓଡ଼ିଶାରେ ଆମେ ତା କରିବୁ ଓ ସେ ନିଜେ ଯାଇ ବିହାରରେ କରିବେ । ମତାନ୍ଧ କଂଗ୍ରେସୀମାନେ ଏଥିରେ ଆମକୁ ଦେଶଦ୍ରୋହୀ ବୋଲି କହିବେ । ସେଥିପାଇଁ ସବୁ ବାମପନ୍ଥୀଙ୍କୁ ଧରି ସମାନ୍ତରାଳ ସରକାର ଗଢ଼ିବା ପାଇଁ ରହିବେ 'ଫରଓ୍ୱାର୍ଡ ବ୍ଲକ' । ସେଇଦିନ ସେଇଠାରେ—ସେଇ ୩୮।୨ ଏଲଗିନ ରୋଡ଼ରେ—ସୁଭାଷ କହିଲେ, "ତେବେ ଗୋଦାବରୀଶବାବୁ ଓ ଯଦୁମଣି ଯାଆନ୍ତୁ ଓଡ଼ିଶା ଲିଗକୁ ଧରି କୋଆଲିସନ ମନ୍ତ୍ରିମଣ୍ଡଳ ଗଢ଼ିବେ । ନୀଳକଣ୍ଠବାବୁ, ନିଖିଳ ଭାରତ ଫରଓ୍ୱାର୍ଡ ବ୍ଲକକୁ ଯାଆନ୍ତୁ ।" ଗୋଦାବରୀଶ ଓ ଯଦୁମଣି ସେଥିରେ ଜମା ମଙ୍ଗିଲେନାଇ, କହିଲେ ମୁଁ ନ ରହିଲେ ସେ ଦୁହେଁ ମନ୍ତ୍ରିମଣ୍ଡଳ ଗଢ଼ି ପାରିବେ ନାଇ । ସେଠୁ ଦିବାକରଙ୍କୁ ଟେଲିଗ୍ରାମ ହେଲା । ତହିଁ ପରଦିନ ସଂଧ୍ୟାକୁ ସେ ପହଞ୍ଚିଲେ । ସେ ଗଲେ ନିଖିଳ ଭାରତ ଫରଓ୍ୱାର୍ଡ ବ୍ଲକକୁ । ସେଥିରେ ସେ ଏବେ ଅଛନ୍ତି । ଆମେ ତିନିହେଁ ଆସି ଓଡ଼ିଶା ମୁସଲମ ଲିଗ୍ ସେକ୍ରେଟାରୀ ଶୋଭାନ ଖାଁକୁ ଧରି ମନ୍ତ୍ରିମଣ୍ଡଳ ଗଢ଼ିଲୁ । ନିଖିଳ ଭାରତ ଫରଓ୍ୱାର୍ଡ ବ୍ଲକ ନାଗପୁର ଅଧିବେଶନରେ ଆମ ମିଳିତ ମନ୍ତ୍ରିମଣ୍ଡଳକୁ ଅଭିବାଦନ ଜଣାଇ ଥିଲେ । ସେତେବେଳର ଭାରତ ସରକାରଙ୍କ ପ୍ରଚାର ବିଭାଗ ଅଧ୍ୟକ୍ଷ ରସବ୍ରୁକ୍ ଉଇଲିୟମସ୍ ଏ ପରିସ୍ଥିତିକୁ ହିନ୍ଦୁ ମୁସଲମାନ ସମସ୍ୟା ସମାଧାନର ବାଟ ବୋଲି କହି ପ୍ରଶଂସା କରି ପ୍ରଚାର କରିଦେଲେ । ହୁଏତ ଏହାର ଫଳରେ, ଶରତ ବୋଷ କୋଡ଼ାଇକାନାଲରେ ବନ୍ଦୀ ହେଲେ ଓ କିଛିଦିନ ପରେ ସୁଭାଷ ଅନ୍ତର୍ଦ୍ଧାନ ହେଲେ—କଣ ପାଇଁ କିଏ କହିବ ? ଏହା ପରେ ମୁଁ ଦେଖିଲି ଆଉ ମତାନ୍ଧ କଂଗ୍ରେସକୁ ବୁଝାଇବା ଧ୍ୱଂସି ହେବ ନାଇ ! ଏ କଂଗ୍ରେସ ଏ ଭାରତକୁ ଦୁଇ ଭାଗ ନ କରି ଛାଡ଼ିବ ନାଇ । ତେଣୁ ମୁଁ ମିଳିତ ମନ୍ତ୍ରିମଣ୍ଡଳ ଭାଙ୍ଗି ଦେବାକୁ ବାହାରିଲି ।

"ଯେ ଯା'ହା ନିସୃତ ଯେଣୁ, ଯିବେ ଭବେ,
ବହିବ ତଟିନୀ ସାଗର-ମୁଖେ,
ଯେତେକାଳେ ଭବେ ଭୁଲିବେ ସରବେ
ବିପଦ ସମ୍ପଦ ବିଷାଦ ସୁଖେ ।" (ମାୟାଦେବୀ)—ନୀଳକଣ୍ଠ

Digitized by srujanika@gmail.com

# ବିଧାନସଭାର ସ୍ୱାତନ୍ତ୍ର୍ୟ

ଡଃ ପଣ୍ଡିତ ନୀଳକଣ୍ଠ ଦାସ

ଓଡ଼ିଶାରେ ଏହି ବୟୋବୃଦ୍ଧ ରାଜନୀତିକ ଓ ବିଧାନସଭା ବାଚସ୍ପତି ପଣ୍ଡିତ ନୀଳକଂଠ ଦାସଙ୍କୁ ଆସେମ୍ବ୍ଲିର ନୂତନ ଭବନ ଉଦଘାଟନ ଉତ୍ସବ ଉଦ୍ଦେଶ୍ୟରେ ଗୋଟିଏ ବାର୍ତ୍ତା ଦେବାପାଇଁ 'ପ୍ରଜାତନ୍ତ୍ର'ର ପ୍ରତିନିଧି ଅନୁରୋଧ କରିବାରେ ସେ ଇଂରାଜୀରେ ଯାହା କହିଥିଲେ, ଏହା ହେଉଛି ତା'ର ଓଡ଼ିଆ ରୂପାନ୍ତର ।

(ସମ୍ପାଦକ—'ପ୍ରଜାତନ୍ତ୍ର')

ରାଜ୍ୟ ବିଧାନସଭାମାନଙ୍କ ମଧ୍ୟରେ କେବଳ ଆମ ବିଧାନସଭା ଭାରତୀୟ ସମ୍ବିଧାନର ୧୮୭(୧) ଧାରା ଅନୁଯାୟୀ ଏକ୍‌ଜିକ୍ୟୁଟିଭ ଶାସନଠାରୁ ସ୍ୱତନ୍ତ୍ର ହୋଇଛି । ଆଶ୍ଚର୍ଯ୍ୟର କଥା ଯେ, ଏ ପର୍ଯ୍ୟନ୍ତ ଏହା ଏକ ସ୍ୱତନ୍ତ୍ରବିଭାଗ ଭାବରେ ଗଠିତ ନ ଥିଲା । ଘରୋଇ ବିଭାଗ ଅଧୀନରେ ଏକ ଉପ-ବିଭାଗ ବା ସେହିପରି ଏକ ଅବସ୍ଥାରେ ରହିଥିଲା । ଅଥଚ ଭାରତରେ ଅନ୍ୟ କେଉଁଠି ଏପରି ଅବସ୍ଥା ନ ଥିଲା । କିନ୍ତୁ ବର୍ତ୍ତମାନ ନୂତନ ଗୃହକୁ ଆସୁଥିବା ଆମ ବିଧାନସଭାକୁ ଉପଯୁକ୍ତ ମର୍ଯ୍ୟାଦା ଓ ସ୍ଥାନ ଦେବାପାଇଁ ମୋତେ ପ୍ରାୟ ଦୁଇବର୍ଷ କାଳ ଉଦ୍ୟମ କରିବାକୁ ପଡ଼ିଛି । ମୋର ଆଶା ଦେଶବାସୀ ଏହା ହୃଦୟଙ୍ଗମ କରିବେ । ଏହି ଦୃଷ୍ଟିରୁ ବିଧାନସଭା ବା ଆସେମ୍ବ୍ଲି ବିଭାଗ ବର୍ତ୍ତମାନ ଏକ୍‌ଜିକ୍ୟୁଟିଭ ଶାସନର ବିଭିନ୍ନ ବିଭାଗ ସହିତ ସମାନ୍ତରାଳ ଭାବରେ ଏକ ସ୍ଥାନ ପାଇଛି । ଏକଜିକ୍ୟୁଟିଭ ଶାସନ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ ଯେପରି ସମ୍ବିଧାନ ଅନୁଯାୟୀ ରାଜ୍ୟମାନଙ୍କୁ ପରାମର୍ଶ ଦେବେ, ଆବଶ୍ୟକ ହେଲେ ଆସେମ୍ବ୍ଲି ବିଭାଗ ସଂକ୍ରାନ୍ତରେ ବାଚସ୍ପତି ମଧ୍ୟ ସେହିପରି ତାଙ୍କୁ ପରାମର୍ଶ ଦେବେ । ଏହା କେବଳ ଓଡ଼ିଶାରେ ହୋଇଛି ।

ଅନ୍ୟାନ୍ୟ ରାଜ୍ୟରେ ପୁରାତନ ପ୍ରଥା ଏବେ ସୁଦ୍ଧା ଚାଲିଛି ଏବଂ ଅଧିକାଂଶ କ୍ଷେତ୍ରରେ ଆଇନବିଭାଗ ଅଧୀନରେ ଆସେମ୍ବ୍ଲି ବିଭାଗ ରହିଛି । କିନ୍ତୁ କେନ୍ଦ୍ରରେ ୧୯୨୮-୨୮ ଅର୍ଥାତ ପ୍ରେସିଡେଣ୍ଟ ପଟେଲଙ୍କ ଅମଳରୁ ଏ ସ୍ୱାତନ୍ତ୍ର୍ୟ ରହି ଆସିଛି । ସଂବିଧାନ ପ୍ରଣୀତ ହେଲାବେଳେ ୧୮୭ ଧାରା ସେଥିରେ ଯୋଗ କରାଗଲା ଏବଂ ଏହାର ପ୍ରଣେତା ଡଃ ଆମ୍ବେଦକର କହିଥିଲେ ଯେ, କେନ୍ଦ୍ର ପରି ରାଜ୍ୟ ବିଧାନସଭାମାନଙ୍କୁ ସମାନ ମର୍ଯ୍ୟାଦା ଓ ସ୍ୱାତନ୍ତ୍ର୍ୟ ଦେବା ଏହାର ଉଦ୍ଦେଶ୍ୟ । ଏହି ଉଦ୍ଦେଶ୍ୟରେ ଏହି ନୂତନ ଧାରାଟିର ପରିକଳ୍ପନା କରାଯାଇଥିଲା ।

ମୁଁ, ସଦସ୍ୟବୃନ୍ଦ ଓ ସମ୍ପୃକ୍ତ ଅନ୍ୟ ସମସ୍ତଙ୍କୁ ମୋର ଆଶୀର୍ବାଦ ଓ ସଦିଚ୍ଛା ଦେଉଛି । ମୋର ବିଶ୍ୱାସ, ବର୍ତ୍ତମାନ ଏହି ନୂତନ ଗୃହ ସେମାନଙ୍କର ଆବଶ୍ୟକତା

Digitized by srujanika@gmail.com

ଦୃଷ୍ଟିରୁ ଉପଯୁକ୍ତ ହେବ ଏବଂ ସେମାନେ ଗୃହର ସ୍ୱାତନ୍ତ୍ୟ ଓ ସ୍ୱାଧୀନତାର ସଦ୍ୱ୍ୟବହାର କରିବେ ।

## ବିଧାନସଭାର ସ୍ୱାତନ୍ତ୍ୟ ସଂମ୍ପର୍କରେ ସରକାରୀ ଘୋଷଣା

କୌଣସି ବିଧାନ, ପ୍ରଥା, ବ୍ୟବସ୍ଥା, କାର୍ଯ୍ୟାନୁଷ୍ଠାନ ପ୍ରଭୃତି ଏହାର ପ୍ରତିକୂଳ ଥିବା ସତ୍ତ୍ୱେ ସଚିବଙ୍କ ସମେତ ସମସ୍ତ ସଚିବାଳୟ କର୍ମଚାରୀ, ଅର୍ଥାତ୍ ଓଡ଼ିଶା ବିଧାନ ସଭାର ସଚିବାଳୟ ସମ୍ବିଧାନର ୧୮୭ (୧) ଧାରାଗତ ବ୍ୟବସ୍ଥାନୁସାରେ ଏକ ସ୍ୱତନ୍ତ୍ର ବିଭାଗ ହୋଇ ରହିବ, ଅର୍ଥାତ୍ ଯେ କୌଣସି ପ୍ରକାର କାର୍ଯ୍ୟାଦାୟୀ ନିୟନ୍ତ୍ରଣରୁ ମୁକ୍ତହୋଇ ଅଧ୍ୟକ୍ଷଙ୍କ ଏକମାତ୍ର ଓ କେବଳ ପ୍ରଶାସନୀ ନିୟନ୍ତ୍ରଣାଧୀନରେ ରହିବ । ଓଡ଼ିଶା ବିଧାନସଭା ସହିତ ସମ୍ପୃକ୍ତ ସମସ୍ତବିଷୟ ଓ ଜିନିଷ ପତ୍ରର ଅଧ୍ୟକ୍ଷ ଚୂଡ଼ାନ୍ତ ଅଧିକାରୀ ଅଟନ୍ତି । ଅଧ୍ୟକ୍ଷ ବିଧାନସଭା ପାଇଁ ଆବଶ୍ୟକ ହେବା କର୍ମଚାରୀଙ୍କ ସଂଖ୍ୟା ସ୍ଥିର କରିବେ । ବିଧାନସଭା ସଚିବାଳୟ ପାଇଁ ସମସ୍ତ ନିଯୁକ୍ତି ଅଧ୍ୟକ୍ଷଙ୍କ ଦ୍ୱାରା କିମ୍ବା ତାଙ୍କ କର୍ତ୍ତୃତ୍ୱାଧୀନରେ କରାଯିବ ।

ସମ୍ବିଧାନର ୧୯୪ (୩) ଧାରା ଅନୁଯାୟୀ ବ୍ରିଟିଶ୍ ହାଉସ ଅଫ୍ କମନ୍ସ ତାର ସଭ୍ୟବୃନ୍ଦ ଓ ବିଭିନ୍ନ କମିଟିର କ୍ଷମତା, ସ୍ୱାଧୀକାର ଓ ବିଶେଷାଧିକାରରୁ ଉତ୍ପନ୍ନ କିମ୍ବା ତା' ସହିତ ସମ୍ପୃକ୍ତ ଓ ସମସ୍ତ ପ୍ରଥା ଓ ପରମ୍ପରା ଆବଶ୍ୟକୀୟ ପରିବର୍ତ୍ତନ ସହ ଓଡ଼ିଶା ବିଧାନସଭା ପ୍ରତି ପ୍ରଯୋଜ୍ୟ ହେବ । ବ୍ରିଟିଶ ହାଉସ ଅଫ କମନ୍ସ ପରି ଅଧ୍ୟକ୍ଷ ଓଡ଼ିଶା ବିଧାନସଭାର ପ୍ରତିନିଧିତ୍ୱ କରନ୍ତି । ଓଡ଼ିଶା ବିଧାନସଭା ସଚିବାଳୟ ସେହି ବିଭାଗ ପାଇଁ ବଜେଟ ପ୍ରସ୍ତୁତ କରିବେ । ତାହା ଅର୍ଥ ବିଭାଗ ଦ୍ୱାରା ଏକ ପୃଥକ ଅନୁଦାନ ଶୀର୍ଷ (Head)ରେ ସାଧାରଣ ବଜେଟର ଅନ୍ତର୍ଭୁକ୍ତ ହେବ ଓ ସୁବିଧାନୁଯାୟୀ ମୁଖ୍ୟମନ୍ତ୍ରୀ କିମ୍ବା ଅର୍ଥ ମନ୍ତ୍ରୀଙ୍କ ଦ୍ୱାରାବିଧାନ ସଭାରେ ଆଗତ କରାଯିବ ।

ବିଧାନ ସଭା ବିଭାଗର ଆର୍ଥିକ ପ୍ରସ୍ତାବମାନ ସେଇ ବିଭାଗର ସଚିବଙ୍କ ଦ୍ୱାରା ସିଧା ଅର୍ଥବିଭାଗକୁ ପଠାଯିବ ଓ ଅର୍ଥବିଭାଗ ତାକୁ ଅଧ୍ୟକ୍ଷଙ୍କ ପ୍ରସ୍ତାବ ହିସାବରେ ଆନୁଷ୍ଠାନିକ ଭାବେ ମଞ୍ଜୁର କରିବେ । ଯଦି କୌଣସି କାରଣରୁ କୌଣସି ପ୍ରକାର ମତଦ୍ୱୈଧ ଉପୁଜେ ଓ ସଚିବାଳୟ ସ୍ତରରେ ତାର ସମାଧାନ ନ ହୁଏ, ତେବେ ଉକ୍ତ ବିଷୟ ବିଚାରାର୍ଥେ ଅଧ୍ୟକ୍ଷଙ୍କ ନିକଟକୁ ପଠାଯିବ ଓ ଅଧ୍ୟକ୍ଷ ଅର୍ଥମନ୍ତ୍ରୀ କିମ୍ବା ଦରକାର ହେଲେ ମୁଖ୍ୟମନ୍ତ୍ରୀଙ୍କ ସହିତ ପରାମର୍ଶ କରି ତାହା ସମାଧାନ କରିବେ ।

ବିଧାନସଭାର ବଜେଟ୍ ଅନୁଦାନ ମଧ୍ୟରେ ଯେ କୌଣସି ବ୍ୟୟ ମଞ୍ଜୁର କରିବା କ୍ଷମତା ଅଧ୍ୟକ୍ଷଙ୍କର ରହିବ ଓ ଯଦି ଦରକାର ପଡ଼େ ଅଧ୍ୟକ୍ଷ ଅର୍ଥର ଆବଶ୍ୟକ ପୁନର୍ବିନିଯୋଗ କରିପାରିବେ ।

---

Digitized by srujanika@gmail.com

# ଜଗନ୍ନାଥଙ୍କ ଦହିଖିଆ

ପଣ୍ଡିତ ନୀଳକଣ୍ଠ ଦାସ

ଜଗତର ନାଥ ଜଗନ୍ନାଥ ନିଜେ
ସହ ବଳଦେବ ଭାଇ
ଧଳା କଳା ଘୋଡ଼ା ଆରୋହି ସେ କାଳେ
ଯୁଝିଲେ ଓଡ଼ିଆ ପାଇଁ ।
ବାଟ ଅଧରେ ଲୋ ଚିଲିକାର କୂଳେ
ଦେଖନ୍ତେ ପସରା ଦହି
ମନଇଚ୍ଛା କେତେ ଖାଇଲେ ସୁଖେ ସେ
ଗଛ ଛାଇ ତଳେ ରହି ।
ଗଉଡୁଣୀ ଝିଅ ମାଣିକା ବସ୍ତ୍ରେ
ମାଗନ୍ତେ ଦହିର ମୂଲ,
ଅଣ୍ଟାଳି ଅଣ୍ଟା ଲୋ ନ ପାଇ ପଇସା
ବେନି ହେଲେ ହରବର ।
ଗଜପତି ସେନା ଗଜପତି ସହ
ଆସିବାର ଜାଣି ପଛେ,
ବେନି ଭାଇ ତହିଁ ବୁଦ୍ଧି ଏ ପାଞ୍ଚିଲେ
କହିଲେ ଏସନ ମିଛେ—
"ଦୁଇ ଭାଇ ଆମେ ରାଜାଙ୍କ ସିପାହି
ଯାଉଛୁ ବାରତା ଘେନି
ଯୁଦ୍ଧ ପରା କାଲି ନ ଚଳେ ନ ଗଲେ
ତରବର ତେଣୁ ବେନି;
ରଖ ଏ ମୁଦ୍ରିକା ଆସିଲେ ରାଜନ
ଦେଖାଇ ଘେନିବ ମୂଲ ।"
ହାତେ ଧରି ମୁଦି ରହିଛି ମାଣିକା
ଗଲେ ଚଳି ବେନି ବୀର ।
ହାତେ ପାଇ ମଣି କାଚ ବୋଲି ସିନା
ଦେଲା ଫିଙ୍ଗି ଦୂରେ ବାଳା
ସରଳା ଗୋପାଳୀ ସେ କିବା ବୁଝେ ଲୋ
ଦେବଦେବୀ ମାୟା ଲୀଳା ?
ଗଜପତି ଯେବେ ଦେଖିଲେ ମୁଦ୍ରା ଲୋ
ଚିହ୍ନିଗଲେ ଅଳପକେ,
ବୋଇଲେ-"ମାଣିକା ତୁମେ ସିନା ଏକା
ଭାଗ୍ୟବତୀ ଏହି ଲୋକେ ।"
ବୋଲି ଏହା ତାରେ ଦହି ମୂଲ ରୂପେ
ଦେଲେ ସେ ଗୋଟିଏ ଗାଆଁ

Digitized by srujanika@gmail.com

ଶିଳ୍ପକାର କୂଳେ ଏବେ ମଧ୍ୟ ତାର
'ମାଣିକ ପାଟଣା' ନାଆଁ ।
ଏବେ ମଧ୍ୟ ଚିହ୍ନ ମିଳଇ ଯେ ଦନ୍ତ
ଓଡ଼ିଶା ମୂଳକେ ସାର,
ଏବେ ମଧ୍ୟ ସେହି ପାଟଣାଟି କହେ
"ଦେବ-ଭୂମି ଏ ଉତ୍କଳ ।"

---

# ପିଲା ଓ ଚଢ଼େଇ

ପଣ୍ଡିତ ନୀଳକଣ୍ଠ ଦାସ

ପିଲା—ଆସ ଆସ ଚଢ଼େଇ ମୋ ପିଞ୍ଜରାରେ ବସ
ଖାଇବାକୁ ଦେବ ଚଟେ ନଡ଼ିଆ ରସ;
ପିଇବାକୁ ଦେବ ବେଣ୍ଟ ପୋଖରୀ ପାଣି
ରହିବାକୁ ଦେବ ସୁନା ପଞ୍ଜୁରି ଆଣି ।
ଚଢ଼େଇ—ବୁଲୁଛି ବନସ୍ତେ ମୁହିଁ ଡାଳକୁ ଡାଳ
ଖାଇବାକୁ ଅଛି କେତେ ପାଚିଲା ଫଳ,
ପାହାଡ଼ ଝରଣା ପାଣି ପିଏ ମୁଁ ନିତି,
ପତ୍ର ଗହଳରେ ଶୋଇ ପୁହାଏ ରାତି ।
ପିଲା—ଉଡ଼ି ଉଡ଼ି ବାଧିବଟି ଡେଣାକୁ ତୋର,
ଶତ୍ରୁ ଛଞ୍ଚାଣ ଦେଖି ମାଡ଼ିବ ଡର
କିମିତ ରଖିବୁ ତୁମ୍ଭ ପତର ତଳେ,
ପିଲା କିଏ ସମ୍ଭାଳିବ ବୁଲି ତୁ ଗଲେ ?
ଚଢ଼େଇ—ବାଧିଯିବ ଯେବେ ଡେଣା କାହିଁକି ଥଛୁ,
ଶତ୍ରୁ ଛଞ୍ଚାଣ ଜଗି ସୁଖେ ବୁଲୁଛୁ ।
ତୁମ୍ଭ, ପିଲା ସମ୍ଭାଳିବ କଣ ମୁଁ ବସି
ପିଲା ଯେ ଦେଉଛୁ, ସେହି ଏକା ଭରସା ।
ପିଲା—ଆସୁଛି ବରଷା କାଳ ଶ୍ରାବଣ ଧାରା,
ଖାଇବାକୁ ନ ମିଳିବ ଦିବସ ସାରା ।
ବସି ଗୀତ ଗାଉଥିବୁ ମୋ ଘରେ ସୁଖେ,
କଉତୁକେ ଧରିଥିବି ତୋତେ ମୁଁ ବୁକେ ।
ଚଢ଼େଇ—ଡେଣା ପିଟି ଖାଉଛି ମୁଁ ଇଚ୍ଛାରେ ଚରି,
ଉପାସ ବାଧିବ ନାହିଁ ବନ୍ଧନ ପରି;
ଗୀତ ଗାଇ ପୋଷା ହେବା ନୁହେଁ ମୋ କାମ,
ପ୍ରଭୁ ମନ ଯୋଗାଇବା ବଡ଼ ବିଷମ ।

Digitized by srujanika@gmail.com

# ରାମଚଣ୍ଡୀଠାରେ ରାତି

ପଣ୍ଡିତ ନୀଳକଣ୍ଠ ଦାସ

( ୧ )

କି କରାଳ ଆଜି ରଜନୀ ! ବହେ ଝଞ୍ଜା ପବନ ।
ତାରା ନ ଦିଶଇ ଗଗନେ, ଶୁଭେ ଘନ ଗର୍ଜନ ।
ମୂଷଳ-ଧାରାରେ ଝଟିକା ଦିଏ କରୁଛି କେବେ ।
ଶୋଇପଡ଼ିଛତ ବାପା ହେ ଜାଣୁ ନଥିବ ନବେ ।
ଆଜି ଯେ କୁଆଁର ପୁନଅଁ କେତେ ସୁଖ-ଶରଧା ।
ମାଆ ଭଉଣୀଙ୍କ ଆଦର, ନବ-ବସନ-ପିନ୍ଧା,
ମନେପଡ଼େ, ନାହିଁ ବାବୁ ହେ, ଲାଗିଯାଇଛି ନିଦ,
ମାଆ ଭଉଣୀଏ ଭବନେ ଭଜୁଥିବେ ବିଷାଦ ।
ଲୁଗାରେ ହଳଦୀ ଲଗାଇ ରୁନ୍ଧିଥିବେ ଜନନୀ ।
ପିଠାପଣା ଖାଉ ନ ଥିବ ସୁଖେ ଆଜି ଭଗିନୀ ।
ପବନ-ଝଙ୍କାରେ ଶୁଣୁ ଯେ ଥିବ ଡାକ ଡୁମ୍ବର ।
ପଲକେ ପଲକେ ଚମକି ହେଉଥିବେ କାତର ।
ଫାଟିଯାଉଥିବ ଜାହାଜ ତାଙ୍କ ହୃଦ-ସାଗରେ ।
ନିରାଶାରେ ଆଶା-ଚମକେ ଥିବେ ଯେହୁ ଜାଗରେ ।
ଜନନୀର ଗୁରୁବେଦନା, ଭଗିନୀର ବିଷାଦ ।
ସୁମଣ ସପନେ ଚମକି ଭାଙ୍ଗି ଯିବଟି ନିଦ ।
ଶୁଅ ଶୁଅ ଧନ, ଆରାମେ ଶୋଇଥାଅରେ ଶିଶୁ;
ପଥଶ୍ରମ କରି ଆସିଛ, ଶ୍ରମେ ବିରାମ ମିଶୁ ।

( ୨ )

ବନ୍ଧୁ ବାଳବନ୍ଧୁ ତେଜିଁ ହେ, ଆଜି ଆସିଛ ଚାଲି ।
ସଇକତ-ନଦୀ-ଗରଭେ ପଶି ହୋଇଛ ପାରି ।
ଉରଗ-କୁଟିଳତଟିନୀ ଭରା ଆସାର-ନୀରେ
ବିସ୍ମୟ ସୋହାଗେ ଭେଟିଛ କେତେ ବାଙ୍କେ ପ୍ରାନ୍ତରେ
ବାଟ ଭୁଲି କେତେ ଅନ୍ଧାରେ ସହି ବରଷାଧାରା
ନବ ଗୁଡ଼ିକଙ୍କ ଲଡ଼କା ମାଡ଼ି ଚାଲିଛ ପରା !
କାହିଁ ଘର ବନ୍ଧୁ, ଏସବୁ ପଥେ ସହି ନିରତେ ।
କୁତୂହଳେ ପୁଣି ଶାମୁକା ସାଉଁଟିଛ ହେ କେତେ ।
ନୂଆ ଜୀବଟିଏ ଅନ୍ଧାରେ ଦେଖି ନଈ-ମୁହାଣେ,
ନାଚି ଉଠିଥିଲ କି ଭାବ ବନ୍ଧୁ ଶିଶୁ ପରାଣେ ।
ସେ ଭାବ ମୋହର କାହିଁ ହେ, କାହୁଁ ବୁଝିବ ମୁହିଁ ?
ଶିଶୁ ମେଳେ ସିନା ବୁଲୁଛ, କାଳ ଯାଉଛି ବହି !

Digitized by srujanika@gmail.com

ଭ୍ରମଣଲେ ପଦ ବେଦନା ଜ୍ୱର ନ ପଶେ ମତେ;
ଜ୍ୱରଟିଏ ନେବ ଭାବିଲେ ପାଦ ନ ପଡ଼େ ହାତେ ।
ନିରର୍ଥକ ସେ ତ ଶାମୁକା, କାହିଁ ରୁଚି ମୋହର !
କି ଅଛୁ ତହିଁରେ, କମ୍ପାଇ ବେଳା କଲ ହେ ଜୁର ?
ବୁଝାଇ ଦେବ କି ବାଳକେ, ଥରେ ଶୁଣିବ ମୁହିଁ ? ।
ଶିଖାଉଚ ଯଦି, ଶିଖିବ ଆଜି ପରାଣ ଦେଇ ।
ପ୍ରବୀଣ-ସ୍ୱରହେ ଉଠିବ ଶିଶୁ ହୃଦସ୍ଥ ନାଚ,
ଭ୍ରମଣ ଫୁରିବ, ଆସିଛୁ ମୁହିଁ ବେଳା ମୁଦୁଛୁ ।

( ୩ )

ରହ ରହ ବାଆ ବତାସି, ରହ ଶ୍ରାବଣ ଧାର;
କୁଆଁର ପୁନଅଁ ହେଉରେ ଆଜି ରଜନୀ ସାର ।
ଉଠିଆସୁ ନୀଳଲହରୀ ଭେଦି ତାରକା ରାଜି;
ନିଶାମଣି ସୋହୁ ଗଗନେ ମହା-ମୁକୁର ମାଜି;
ସରଗୁ ରଜତ କିରଣ ଖେଳି ଯାଉ ଭୂ-ତଳେ;
ସରସ-ବାଲୁକା-ବିତାନ ହସୁ ଜୋଛନା-ଛଳେ ।
ପାଦପ-ପତର-ଗହଳେ ଝଲ-ଚଣ୍ଡୁଲ-ଗ୍ରନ୍ଥି,
ଦୂର ଚକ୍ରବାଳ-ସୀମନ୍ତ, ଭଗ୍ନ ମନ୍ଦର ଚହିଁ,
ପୁନଅଁ-ଜୁଆର-ପୁଲକେ ଭରା ତଟିନୀ-ମୁଖ,
ମୃଦୁଳ-ଲହରୀ-ହିଲ୍ଲୋଳେ ଗ୍ଲଥୁ ଗ୍ଲାନ ମୟୂଖ,
ବିହ୍ୱଳିତ-ନଦୀ-ଉରସେ ନଭ-ବିମଳ-ରୁଚି,
ବନ୍ତ ଚୂଳେ ଶିଶୁ ଦେଖିବେ; ହୃଦ ଉଠିବ ନାଚି ।
ମୁହିଁ ଯବେ ଶିଶୁ ଥିଲଇଁ, ମନେପଡ଼ୁଛୁ ମୋର;
ବସି ଶିଶୁ ମେଳେ ଦେଖନ୍ତି ଏ ବିଭବ ରୁଚିର !

( ୪ )

ଅସ୍ତ ହୁଅନ୍ତୁ କି ବତାସ, ମେଘ ଯାଆନ୍ତୁ ଗୁଳି;
ପୁନଅଁ-ଜ୍ୟୋତିରେ ବୁଲନ୍ତେ ଶିଶୁ ଏଥି ବାହାରି;
ଜ୍ୟୋତିନୀ ଧବଳ ବତାନେ, ସିକତିଳ ପ୍ରାନ୍ତରେ ।
'ଶିଶୁ ସଙ୍ଗେ ବସି ପୁହାନ୍ତି ରାତି ମୁଁ ଉଜାଗରେ ।
କଳକଳେ ନଦୀ ତରଙ୍ଗ ଚୁମ୍ବି ଯାଆନ୍ତା ବକ୍ଷ;
ଅର୍ଦ୍ଧ ନିଦ୍ରାବେଶେ ରହନ୍ତି ସୁଖେ ଆଦରି ମହୀ;
ନିରବେ ଶିଶିର-ମୟୂଖେ ବରଷନ୍ତା ଶିଶିର;
ସିକତା ପଖାଳି ଉଠନ୍ତା ମୋର ସୁପ୍ତ ଶରୀର ।

———

Digitized by srujanika@gmail.com

# ଆଲୋଚନାତ୍ମକ ପ୍ରବନ୍ଧ

Digitized by srujanika@gmail.com

Digitized by srujanika@gmail.com

# ସଂସ୍କାରକ ଶ୍ରୀ ନୀଳକଣ୍ଠ ଦାସ

ଅଧ୍ୟାପକ ଶ୍ରୀ ନଟବର ସାମନ୍ତରାୟ

( ୧ )

ଓଁ ବ୍ରହ୍ମତ୍ୱ ବୁଢ଼ିଗଳ୍ପ ମନ୍ତ୍ରସ୍ୟ, ଜାଡ଼ ପାଠକ ଋଷିଃ, ଅଟକଦେବା ଛନ୍ଦଃ, ଈର୍ଷାବୀଜଂ, ଫମ୍ପଲ ଶକ୍ତି, ଖଙ୍ଗଖଟେ ଠେଙ୍ଗା ନିୟୋଜନଂ କୀଳକଂ, ବଡ଼ ବଡ଼ ଉପାଧି ଦେବତା, ଜଣଧାଙ୍ଗି-ସଗୋଷ୍ଠସ୍ୟ ମମ ଅଯଥା ପ୍ରଦୀପନେ ଅଜ୍ଞାତ ବଶ୍ରୁତ ଜଣସ୍ତବାଦେଯ୍ୟେ ବନିଯୋଗଃ ।

ଓଁ ଗଳା ଅଙ୍ଗୁଷ୍ଠଭ୍ୟାଂ ନମଃ, ବୁଢ଼ି ତର୍ଜନୀଭ୍ୟାଂ ସ୍ୱାହା, ସବୁ ମଧ୍ୟମାଭ୍ୟାଂ ବୌଷଟ୍, କଣ୍ଠାଦାଢ଼ି ଜଣେ ସିନା ଅନାମିକାଭ୍ୟାଂ ହୁଁ, ବ୍ରାହ୍ମଣ ଧର୍ମସମ୍ପଦଃ କନିଷ୍ଠାଭ୍ୟାଂ ବଷଟ୍, କୁଳାଙ୍ଗାର କୁଳନିନ୍ଦ୍ୟା କରତଳ କରପୃଷ୍ଠାଭ୍ୟାଂ ଫଟ୍ ।

## ଏବମଙ୍ଗନ୍ୟାସଃ

ଧ୍ୟାନଂ । ଓଁ ଧ୍ୟେୟଃ ସଦା ମକାରମଣ୍ଡଳ ମଧ୍ୟବର୍ତ୍ତୀ, ଉତ୍କଳ ସ୍ୱଧାଙ୍ଗି ଦେବୀପ୍ରସାଦାତ୍ ସୁରକ୍ଷିତ ପ୍ରତାପଃ, ଚଣ୍ଡାଂଶୁକ୍ଲୀକୃତ ମୁଣ୍ଡଃ, ଟିପକେଶବନ୍ୟଃ, ଝିକଚ୍ଛଧାଙ୍ଗି, ଗ୍ରାମୈକଦେଶେନ ଭୂଲୋକଦୃଷ୍ଟା, ସନ୍ଧପୂଜ ଅଖ୍ୟାତ ପାଠେନ ସର୍ବଶାସ୍ତ୍ରୋପଶ ସ୍ତୁପ୍ରଶାସ୍ତ୍ର ବିଶାରଦ, ଯେନକେନାପି ଉପାଧିମାତ୍ରେଣ ସମାଜନେତାରଂମନ୍ୟ, ଉତ୍କଳ ସଲ୍ଲକାଢ଼-ଶୁଭ୍ରତାଜୁତ୍ୱମ୍ପିତନିକଳେବରଃ, ତେନୈବ ମହାବାହ୍ମଣମ୍ୟ, ନିର୍ନିଶଃ, ମୂକ୍ଲାଙ୍ଗ, ପଡ଼ୋଶୀ ଦୁଷ୍ଟକର୍ମ ବ୍ୟଞ୍ଜନମେଣ, ସମାଜନାଶବ୍ୟାକୁଳଚିତ୍ତା ଅଯାଚିତ ପ୍ରାୟଶ୍ଚିତ୍ତ ବ୍ୟବସ୍ଥାତା, ଶୂଦ୍ରାଦୀନାଂ ପ୍ରାୟଶ୍ଚିତ୍ତ ବ୍ୟବସ୍ଥାସ୍ୱୀ କବିକାବାନ୍, ସଦୈବ ପ୍ରଚ୍ଛଗ୍ରନ୍ଥଭକ୍ଷା, ଦନ୍ଧଚୂଡ଼ାଦି ଶାସ୍ତ୍ରାନୁମୋଦିତ ବ୍ରହ୍ମଣକର୍ମୋପଦେଷ୍ଟା, ପାଣ୍ଡିତ୍ୟାଭିଷଣଚିତ୍ତା, ବ୍ରାହ୍ମଣଧର୍ମୀନାଂ କଳେବରଳେ କୌଶଳେ ନୈବ, ଶ୍ଳୋକପାଠାଦିନା ଧନଙ୍କ୍ଷାଡିତ୍ପ୍ରିତ ତଦୋପଜୀବୀ ତଥା ନୀଚ ପ୍ରଚ୍ଛଗ୍ରନ୍ଥ କୀବୀ, ଧମଧ୍ୱଜୀବ୍ରାହ୍ମଣ ପୁଙ୍ଗବୋଽସୌ ପୁରୁଷୋତ୍ତମ ସ୍ୱୟଂ ରାଜା ଭୂବଃ ସୁବର୍ଣାଂ ଜପମନ୍ତ୍ରଃ । ଓଁ ଗଳ୍ପ ବୁଢ଼ି ସବୁ

କଣ୍ଠା ଦାଢ଼ି ଜଣେ ସିନା
ବ୍ରାହ୍ମଣ ଧର୍ମ ସମ୍ପଦଃ
କୁଳାଙ୍ଗାର କୁଳନିନ୍ଦ୍ୟାଃ । ଓଁ ଭଢ଼ । (ଗାୟତ୍ରୀ ଛନ୍ଦାସୀ) ଶତମଷ୍ଟୋତ୍ତରଂ ଜପେତ୍ ।

Digitized by srujanika@gmail.com

ବିସର୍ଜନ ମନ୍ତ୍ରଃ । ଗୃହାଣ ମୋ ମନ୍ତ୍ର ମୃମାଜଗ୍ରାଜ
ଶିକ୍ଷାପ୍ରବୃତ୍ତିରେ ତୁ ମହା ଅକାର୍ଯ୍ୟଁ !
ପଶ୍ଚଶ ଦ୍ୱେଷୁଂ ସବୁ ଧର୍ମନାଶଃ
ବାପସ୍ୟ କାର୍ଯ୍ୟନ୍ତ୍ୱନୁ ବର୍ତ୍ତିଷ୍ୟାମଃ ।

ସ୍ତୋତ୍ରଂ—ନମସ୍ତେ ଜଣଦେବାୟ ନମୋ ବ୍ରହ୍ମତ୍ୱ ରୂପିଣେ
ଉତ୍କେ ସଂସ୍କାର ରୂପାୟ ଅଯଥା ସ୍ଥାପନାନ୍ତ୍ ସତେ ।
ମୋ ସୌଭାଗ୍ୟାନ୍ତ୍ ସିନା ଦେଖ କେତେ ଲୋକ ନାହାନ୍ତି ହେ
ତବ ଭକ୍ତସ୍ତୁ ସଂସାରେ ସ୍ଥାନାୟ ସଦସ୍ୟୋ ଭବାନ୍ ।
ଗର୍ବିତାସ୍ମି ସିନା ଏକା ତବ ଭକ୍ତ ବଶ୍ୟରୁ ମୁଁ
ମହାମନତସ୍ୟାବଳିଃ ଉତ୍କଳେ ବ୍ରାହ୍ମଣେ ପ୍ରଭୋ
ଏବେ ସବୁ କ୍ଷୀପିତୋଽସି କୃପୟା ଗୃହୁଣା ତବ
ପ୍ରଭବେ ତବ ଦେବାତ୍ମନ୍ ପୂର୍ବଭକ୍ତ ଅଛନ୍ତି ତ ।
ପରଭକ୍ତା ଭବିଷ୍ୟନ୍ତି, ଭବନ୍ତି ତୁ ଅହର୍ନିଶ
ଏ ପ୍ରବନ୍ଧେ ରୂତଂ ବତ୍ମି ଗଲ୍ପ ମୋ ମମତା ତହିଁ
ଦସ୍ୟାକଣ ମହାରୂପି ନାକଦେଶ-ନିବାସି ହେ
ସ୍ଥୁଡ଼ିତା ଅସ ଭ୍ରିବଚନ୍ତ୍ର ମହତ୍ତ ମମତା ହୃଦ୍ୟେ ।
ସ୍ତ୍ରୀ ଲିଙ୍ଗନ୍ତେ ଉପାସନ୍ତି ଦେବୀନାମେ ମହାଜନା
ବହୁବୋପଣ୍ଡିତା ଦେବ ପ୍ରଶଂସା ମୁଗ୍ଧ ତା ପ୍ରଭୋ ।
କୃତ୍ୱା ତ୍ୱପାସିନାଂ ତସ୍ୟାଃ ମହାଉତ୍କଳ ବ୍ରହ୍ମଣ ।
ଅଟନ୍ତି ସର୍ବଥା ସର୍ବେ ଜାତିଧର୍ମ ସମନ୍ୱିତାଃ ।
ସ୍ତ୍ରୀଲିଙ୍ଗ ତେ ରୁ ବର୍ତ୍ତମାନା ମହାବ୍ୟାପିନ୍ ସଦ ଭବାନ୍
ବୀରକେଶରୁ ନାମ୍ନାହେ କଥଂ ବହୁତ୍ୱ ନାଶକଃ ।
ଏ ମାୟା ତବ ମାୟାଙ୍କ ନ ଜାଣେ ମୁଁ ଅଟେ ପିଲ୍ଲ
ପଶ୍ଚଶ ପଣ୍ଡିତାନ୍ ସର୍ବାନ୍ ବ୍ୟଥିତ ସ୍ତୁଦ୍ଧର ବନା ।
ମହାବ୍ୟାପିନ କୃଷ୍ଣ ରୂପିନ ଭକ୍ତାନାଂ ଚିତ୍ତକର୍ଷକଃ ।
ଅର୍ଯ୍ୟାନାଂ ଲକ୍ଷତାଂ ବ୍ରହ୍ମ ଉତ୍କଳେ ବ୍ରହ୍ମହା ଶିବ ।
ଅଜ୍ଞାନୋହଂ ବାଳକୋହଂ ତାର ମାଂ ନାକରାଜ ହେ
ଶେଷୋକ୍ତଂ ସ୍ୱ ବଳମ୍ୱଂ ତୁ ଏତନ୍ତ୍ର ନାମାଷ୍ଟକଂ ଶୁଭଂ ।
ତ୍ରିସନ୍ଧ୍ୟାଂ ଯଃ ପଠେନ୍ନିତ୍ୟଂ ଧର୍ମିକଂ ପ୍ରସ୍ୟ ନଶ୍ୟନ୍ତି
ଶତ୍ରୁସୈନ୍ୟ କ୍ଷୟଂ ଯାତି ଦୁଃସ୍ୱପ୍ନଂ ସ୍ୱପକର୍ଷିତ ।
ପ୍ରଭାରେ ମରଣଂ ଚୈବ ଦୃଢାଭକ୍ତସ୍ତ କେଶରେ
ନୈଶବଦ୍ୟା ପ୍ରବୋଧସ୍ତ ତସ୍ମାନ୍ନରଂ ପଠେନ୍ନରଂ ।

ଇତି ଶ୍ରୀ ଉତ୍କଳ ବ୍ରହ୍ମବୈବର୍ତ୍ତି (ବ୍ରାହ୍ମଣନାମିକରେ ବିବର୍ତ୍ତି ଅର୍ଥତ୍ ସଂସ୍କାର ପଦ୍ଧତିରେ) ପ୍ରସଙ୍ଗେ ଜଣନାମାଷ୍ଟକଂ ସଂପୂର୍ଣ୍ଣ । ( ୧୯୧୧ ଡିସେମ୍ବର ) ।

Digitized by srujanika@gmail.com

୨

"ଉତ୍କଳ ସାହିତ୍ୟ" ମାସିକ ପତ୍ରିକାର ୧୯୧୧ ସାଲ ସେପ୍ଟେମ୍ବର ସଂଖ୍ୟାରେ "ଟିକଏ ଶୁଣିବେ କି ?" ଏଇ ଶିରୋନାମାରେ ଶ୍ରୀ ଲକ୍ଷ୍ମୀଧର ମହାନ୍ତି, ବି. ଏଲ୍. ଙ୍କର କଟକ ବଙ୍ଗାଳିସାହିରୁ ତା ୧୭।୮।୧୯୧୧ ର ଗୋଟିଏ କ୍ଷୁଦ୍ର ବିଜ୍ଞାପନ ପ୍ରକାଶ ପାଇଛି । ପରିବର୍ତ୍ତନଶୀଳ ସମାଜ ମଧ୍ୟରେ ଯେଉଁମାନେ ସାମାଜିକ ରୀତିନୀତିକୁ ଅପରିବର୍ତ୍ତନୀୟ ବୋଲି ମନେକରନ୍ତି, ସେମାନଙ୍କ ବିରୁଦ୍ଧରେ ଗୋଟିଏ ସମିତି ଗଠିତ ହୋଇଥିବାର ସୂଚନା ସେଇ ବିଜ୍ଞାପନରେ ଦେଖିବାକୁ ମିଳେ । ସେଇ ସମ୍ପର୍କରେ ଲକ୍ଷ୍ମୀଧର ବାବୁ ଲେଖିଛନ୍ତି, "ଅତଏବ ପ୍ରାର୍ଥନା ଯେ ଯେଉଁମାନେ ଉକ୍ତ ସଂହତିରେ ଯୋଗଦେବାକୁ ଇଚ୍ଛା କରନ୍ତି, କିମ୍ବା ଯେଉଁମାନଙ୍କର ସମାଜିକ ନୀତି ବା ଅନୁଷ୍ଠାନାଦିର ଆଲୋଚନରେ କେବେ କିଛି ସନ୍ଦେହ ଜନ୍ମିଅଛି, ସେମାନେ ସେସବୁ ପତ୍ରଦ୍ୱାରା ଶ୍ରୀଯୁକ୍ତ ନୀଳକଣ୍ଠ ଦାସ ଏମ୍. ଏ., ସତ୍ୟବାଦୀ ପୋ. ଅ କିମ୍ବା ନିମ୍ନସ୍ୱାକ୍ଷରକାରୀଙ୍କୁ ଜଣାଇଲେ ଆଲୋଚନାର ସୁବିଧା ହେବ ।" ୧୯୧୦ ସାଲରୁ ଓଡ଼ିଶାରେ ସାମାଜିକ କୁସଂସ୍କାର ବିରୁଦ୍ଧରେ ଯେଉଁ ମସୀଯୁଦ୍ଧର ଆୟୋଜନ ହୋଇଥିଲା ସେଇ ଯୁଦ୍ଧର ଅଧିନାୟକ ଥିଲେ 'ହଣ' ପ୍ରବନ୍ଧର ଲେଖକ ଶ୍ରୀ ନୀଳକଣ୍ଠ ଦାସ । ବର୍ତ୍ତମାନ ପ୍ରବନ୍ଧର ସମଗ୍ର ପ୍ରଥମ ଭାଗଟିରେ 'ହଣି' ପ୍ରବନ୍ଧରୁ ଯେଉଁ ଦୀର୍ଘ ଉଦ୍ଧୃତି ଦିଆଯାଇଛି, ତାହା ସଂସ୍କାରକ ନୀଳକଣ୍ଠଙ୍କ ଅଭିଯାନର ଯଥାର୍ଥ ସ୍ୱରୂପ ଉପରେ ଆଲୋକପାତ କରିବା ପାଇଁ ଉଦ୍ଦିଷ୍ଟ । ଚିରବିଦ୍ରୋହୀ ନୀଳକଣ୍ଠଙ୍କ ବିପ୍ଳବାତ୍ମକ ଚିନ୍ତାବୃତ୍ତିର ପ୍ରକୃଷ୍ଟ ପରିଚୟ ପାଇବାକୁ ହେଲେ ତାଙ୍କଦ୍ୱାରା ଲିଖିତ ସମସ୍ତ ପ୍ରବନ୍ଧ ଅନୁଧ୍ୟାନ କରିବା ଉଚିତ । ଏଇ ସଂସ୍କାର-ଆନ୍ଦୋଳନ ଊନବିଂଶ ଶତାବ୍ଦୀରେ ଆରମ୍ଭ ହୋଇ ବିଂଶ ଶତାବ୍ଦୀରେ ନୀଳକଣ୍ଠଙ୍କଠାରେ କିପରି ଚରମ ସାର୍ଥକତା ଲାଭ କରିଥିଲା, ତାହା ଜାଣିଲେ ସଂସ୍କାରକ ନୀଳକଣ୍ଠଙ୍କର ଅବଦାନ ଉପରେ କିଛି ଧାରଣା ଦେଇପାରିବ, ସେଇ ଆଶାରେ ସେ ଆନ୍ଦୋଳନ ଇତିହାସର ଏକ ସୂକ୍ଷ୍ମ ପରିଚୟ ଏଠାରେ ଦିଆଯାଉଛି ।

ମିସନାରୀ ପତ୍ରିକା 'ତାରକା ଓ ଶୁଭବାର୍ତ୍ତା'ର ୧୮୮୮ ସାଲ ମେ ସଂଖ୍ୟାରେ ଆମେ ଦେଖିବାକୁ ପାଉଁ, ଓଡ଼ିଶା ମହାକ୍ଷେତ୍ର । ତହିଁରେ ଦେବପୂଜା ରୂପ ଅନ୍ଧକାର ବହୁକାଳରୁ ଘୋଟିଅଛି । ଏହି ଦେବପୂଜା ରୂପ ମହାରଣ୍ୟ କାଟି ଖ୍ରୀଷ୍ଟଙ୍କର ଧର୍ମରୂପ ବିହନ ବୁଣିବା ନିମନ୍ତେ ଅଦ୍ୟ ମିସନାରୀମାନେ ଅତି ଅଳ୍ପ ଅସ୍ତ୍ର ପାଇଥିଲେ, ଯଦ୍ଦ୍ୱାରା ସେମାନେ ବହୁ କାର୍ଯ୍ୟ ଦେଇ ମହାମଙ୍ଗଳ କରିଅଛନ୍ତି । ସେ ଅସ୍ତ୍ର ମଧ୍ୟରେ ପ୍ରଧାନ ଅସ୍ତ୍ର ମଙ୍ଗଳ ସମାଚାର, ତହିଁ ଉତ୍ତାରୁ ନିସ୍ତାର ରତ୍ନାକର, ଦଶାଜ୍ଞା ଓ ଖ୍ରୀଷ୍ଟ ବିବରଣାମୃତ । ଏହି ଖଣ୍ଡଖଣ୍ଡ ପୁସ୍ତକ ଧରି ହାଟବଜାର ଓ ଯାତ୍ରାମାନଙ୍କରେ ଘୋଷଣା କରିବା ଦ୍ୱାରା ଏ ମହାରଣ୍ୟ ଦେବପୂଜାକୁ କାଟି ଧର୍ମରୂପ ବିହନ ବୁଣିଲେ ।" "ଦେବପୂଜାରୂପ ମହାରଣ୍ୟ କାଟି ଖ୍ରୀଷ୍ଟଙ୍କର ଧର୍ମରୂପ ବିହନ ବୁଣିବା ନିମନ୍ତେ" ଅଦ୍ୟ ମିସନାରୀମାନେ ଯେଉଁ ପ୍ରଣାଳୀର ଆଶ୍ରୟ ନେଇଥିଲେ, ତାହା ତଦାନୀନ୍ତନ ହିନ୍ଦୁ ହୃଦୟକୁ ଅତିଶୟ ଆଘାତ

Digitized by srujanika@gmail.com

ଦେଇଥିଲେ । ଗୋଟିଏ ନୂତନ ଧର୍ମର ପ୍ରଚାର ପାଇଁ ଅନ୍ୟ ଏକ ପ୍ରତିଷ୍ଠିତ ଧର୍ମ ଉପରେ ଅତର୍କିତ ଆକ୍ରମଣ ନୂତନ ଧର୍ମ ଅଭିବୃଦ୍ଧି ପକ୍ଷରେ ଆଦୌ ଅନୁକୂଳ ନୁହେଁ-ପ୍ରତିକ୍ରିୟା ହିଁ ଏଦ୍ୱାରା ଅବଶ୍ୟମ୍ଭାବୀ ପରିଣତି । ରାଜା ରାମମୋହନ ରାୟଙ୍କ ବ୍ରାହ୍ମ ମଧ୍ୟ ଏ ପ୍ରତିକ୍ରିୟାର କବଳରୁ ବାହାରି ନାହିଁ । ରାମମୋହନଙ୍କ ମୃତ୍ୟୁ (୧୮୩୩) ପରେ ଦେବେନ୍ଦ୍ରନାଥ ଠାକୁର ଓ ପରେ କେଶବଚନ୍ଦ୍ର ସେନ ଓ ପଣ୍ଡିତ ଶିବନାଥ ଶାସ୍ତ୍ରୀ ପ୍ରଭୃତିଙ୍କ ବ୍ରାହ୍ମନେତାମାନେ ଏ ଧର୍ମକୁ ଓ ଏ ଦେଶ ମାଟିରେ ସୁପ୍ରତିଷ୍ଠା କରିବା ଦିଗରେ ଯତ୍ନଶୀଳ ହୋଇ ଉଠିଥିଲେ । ୧୮୬୦ ସାଲ ବେଳକୁ ମହର୍ଷି ଦେବେନ୍ଦ୍ରନାଥ ଠାକୁର ଓଡ଼ିଶାରେ ବ୍ରାହ୍ମଧର୍ମ ପ୍ରଚାରର ମୂଳପତ୍ତନ ଦେଇଥିଲେ ଯଦିଓ ଏ ଧର୍ମ ୧୮୬୯ ସାଲଠାରୁ ଏଠାରେ ବିଧିବଦ୍ଧଭାବେ ପ୍ରଚାରିତ ହୋଇଥିବାର ଦେଖିବାକୁ ମିଳେ । "ଉତ୍କଳ ବ୍ରାହ୍ମ ସମାଜ"ର ସମ୍ପାଦକ ଶ୍ରୀ ଦୀନନାଥ ବନ୍ଦୋପାଧ୍ୟାୟ ୧୮୬୭ ସାଲ ମାର୍ଚ୍ଚ ମାସ ତା ୨୨ରେ ଏହି ସମାଜ କର୍ତ୍ତୃକ ଲିଖିତ ସାମାଜିକ ନିୟମମାନ ସଭ୍ୟମାନଙ୍କ ପାଇଁ ପ୍ରଚାର କରିଥିଲେ । କୌଣସି ବ୍ୟଭିଚାର ଦୋଷାଶ୍ରିତ ବ୍ୟକ୍ତି କୌଣସି ଅଶ୍ଳୀଳଭାଷୀ, କୌଣସି ଉତ୍କୋଚଗ୍ରାହୀ, ମଦ-ଗଞ୍ଜେଇ ଚରସ-ଅହିଫେନ-ସେବୀ, କୌଣସି ମିଥ୍ୟା ଅନୁଷ୍ଠାନକାରୀ ବ୍ୟକ୍ତି ବ୍ରାହ୍ମସମାଜର ଅନ୍ତର୍ଭୁକ୍ତ ହୋଇପାରିବ ନାହିଁ ବୋଲି ଏହି ପ୍ରଚାର ପତ୍ରରେ ଘୋଷିତ ହୋଇଥିଲା । ଶେଷରେ ସେଥିରେ କୁହାଯାଇଛି ଯେ, କୌଣସି ଉତ୍କଳ ବ୍ରାହ୍ମସମାଜସ୍ଥ ସଭ୍ୟଙ୍କର ଉଲ୍ଲିଖିତ ଚରିତ୍ରଦୋଷ ପ୍ରକାଶ ପାଇବ, ତାହାକୁ ପ୍ରଥମେ ଗୋପନରେ ଚରିତ୍ର ସଂଶୋଧନ କରିବାକୁ କୁହାଯିବ । ତହିଁ ଉତ୍ତାରେ ସଙ୍ଗତ ସଭାରେ ତାହାକୁ ତଦ୍ରୂପ ଦୋଷର ନିବୃତ୍ତହେବାର ଅନୁରୋଧ କରାଯିବ । ତହିଁରେ ଯଦି ତଦ୍ରୂପ ଦୋଷ ପ୍ରକାଶ ପାଏ, ତାହାହେଲେ ତାହାଙ୍କ ନାମ ସମାଜର ସଭ୍ୟ ଶ୍ରେଣୀଭୁକ୍ତ ରଖାଯିବ ନାହିଁ । ବ୍ରାହ୍ମସମାଜ ଭୁକ୍ତ ସଭ୍ୟମାନଙ୍କର ବ୍ୟକ୍ତିଗତ ଚରିତ୍ର ସଂଶୋଧନ ପାଇଁ ଏ ନିୟମମାନ ପ୍ରଣୀତ ହୋଇଥିଲେ ହେଁ ଦେଶର ବୃହତ୍ତର ସମସ୍ୟାମାନ ସଂଶୋଧନ କରିବା ପାଇଁ ସାମୂହିକ ଭାବେ ଏହି ବ୍ରାହ୍ମମାନେ ମଧ୍ୟ ଅସୀମ ଅଧ୍ୟବସାୟ କରିଥିଲେ । ସତୀଦାହ ପ୍ରଥା ବିଲୋପଠାରୁ ଆରମ୍ଭ କରି ବାଲ୍ୟବିବାହ ନିରୋଧ ଓ ବିଧବା ବିବାହ ପ୍ରଚଳନ ପର୍ଯ୍ୟନ୍ତ ସବୁଥିରେ ଏହି ବ୍ରାହ୍ମମାନେ ନେତୃତ୍ୱ ନେଇଥିଲେ । ଯୁଗ ଯୁଗ ଧରି ସଞ୍ଚିତ ଅନ୍ଧ କୁସଂସ୍କାର ଏ ସମାଜର ପ୍ରାଣକେନ୍ଦ୍ରକୁ ଯକ୍ଷ୍ମା ରୋଗ ପରି ଯେପରି ଧ୍ୱଂସ କରିବାରେ ଲାଗିଥିଲା, ତାର ପ୍ରଥମ ଗତି ରୋଧ କଲେ ଏହି ବ୍ରାହ୍ମମାନେ । ୧୮୬୦ ସାଲଠାରୁ ଓଡ଼ିଶାରେ ଏ ଧର୍ମର ପ୍ରଚାର ଫଳରେ ଏ ଦେଶର ସଂସ୍କାରରେ ଏକ ଉଜ୍ଜ୍ୱଳ ଅଧ୍ୟାୟ ଉଦ୍ଘାଟିତ ହୋଇଥିଲା । ସମଗ୍ର ଊନବିଂଶ ଶତାବ୍ଦୀରେ ଏ ସଂସ୍କାରର ଯଥାର୍ଥ ସ୍ୱରୂପ ଜାଣିବାକୁ ହେଲେ ଆମକୁ ନିମ୍ନଲିଖିତ ତିନୋଟି ବିଷୟ ମନେ ରଖିବାକୁ ହେବ ।

ପ୍ରଥମ ଗତ ଶତାବ୍ଦୀରେ ସାମାଜିକ ସଂସ୍କାର ନାମରେ ଯାହା ପ୍ରବର୍ତ୍ତିତ କରାଯାଇଥିଲା ତାହା କେବଳ ପ୍ରଚାରଠାରେ ସୀମିତ ଥିଲା ଅର୍ଥାତ୍ ସେସବୁ ଥିଲା ପ୍ରଚାରମୂଳକ ଲେଖା । ସାଧାରଣ ନିୟମକାନୁନ ପ୍ରଚାର ସାମୟିକଭାବେ ଅଭିମତ ପ୍ରକାଶ କିମ୍ବା ଚଳନ୍ତିଶେଷରେ ବ୍ୟଙ୍ଗାତ୍ମକ କବିତା ରଚନା— ଏହି ଥିଲା ସେସବୁ ଲେଖାର ପ୍ରକୃତି ।

Digitized by srujanika@gmail.com

ମାଇକେଲ ମଧୁସୂଦନ ଦତ୍ତ ଓ ଦୀନବନ୍ଧୁ ମିତ୍ରଙ୍କର ପ୍ରହସନ ପରି ରାମଶଙ୍କର ରାୟ ଓଡ଼ିଆରେ ଯେଉଁ 'କଳିକାଳ' (୧୮୮୩) ଓ 'ବୁଢ଼ାବର' (୧୮୯୬) ପ୍ରହସନ ଲେଖିଥିଲେ ସେମିତି ସାହିତ୍ୟ ସୃଷ୍ଟି ଏହି ସମୟରେ ପ୍ରାୟ ନ ଥିଲା କହିଲେ ଚଳେ । ସେହି ଦୃଷ୍ଟିରୁ ସଂସ୍କାରର ଇତିହାସ ଜାଣିବା ପାଇଁ ଏସବୁ ଲେଖାର ଆବଶ୍ୟକତା ଥିଲେ ସୁଦ୍ଧା ସେମାନଙ୍କର କୌଣସି ସାହିତ୍ୟିକ ମୂଲ୍ୟ ଯେ ନ ଥିଲା ଏହା ନିଃସନ୍ଦେହରେ କୁହାଯାଇପାରେ । କିନ୍ତୁ ବିଂଶ ଶତାବ୍ଦୀର ଆରମ୍ଭରୁ ଲେଖକମାନେ ସେହି ଦୃଷ୍ଟିର ଭାବଧାରାକୁ ସାହିତ୍ୟିକ ରସଧର୍ମରେ ରସାଣିତ କରିବାକୁ ଚେଷ୍ଟିତ ହୋଇଥିଲେ । ଫକୀରମୋହନଙ୍କ କ୍ଷୁଦ୍ର ଗଳ୍ପ 'ପ୍ରାୟଶ୍ଚିତ୍ତ' ଉପନ୍ୟାସ ଓ ଅନ୍ୟାନ୍ୟ ବହୁ ଲେଖକଙ୍କର ଗଳ୍ପ, କବିତା, ସମାଲୋଚନା ଭିତରେ ଏହି ସଂସ୍କାର ଭାବଧାରା ସାର୍ଥକ ସୌ-ସମ୍ପଦରେ ବ୍ୟାହତ ହୋଇ ନ ଥିବାର ଦେଖିବାକୁ ମିଳେ ।

ଦ୍ୱିତୀୟ ଗତ ଶତାବ୍ଦୀରେ ସଂସ୍କାର କାର୍ଯ୍ୟରେ ଯେଉଁମାନେ ଆତ୍ମନିୟୋଗ କରିଥିଲେ, ସେମାନଙ୍କ ମଧ୍ୟରେ ମିସନାରୀମାନେ ହେଉଛନ୍ତି ପ୍ରଥମ । କିନ୍ତୁ ଖ୍ରୀଷ୍ଟଧର୍ମ ପ୍ରଚାର ସେମାନଙ୍କର ମୁଖ୍ୟ କର୍ମ ଥିବାରୁ ସେମାନେ ହିନ୍ଦୁଧର୍ମକୁ ବହୁଦିଗରୁ ଆକ୍ରମଣ କରିବାରେ ପଶ୍ଚାତ୍ପଦ ହେଉ ନ ଥିଲେ । ସ୍ୱନଷ୍ଟ ସେ ସମୟରେ ଓଡ଼ିଶାରେ ଉଚ୍ଚ-ଶିକ୍ଷିତ ହିନ୍ଦୁମାନେ ଖ୍ରୀଷ୍ଟାନ୍ ଧର୍ମରେ ଦୀକ୍ଷିତ ହେଉ ନ ଥିଲେ । ତେଣୁ ଧର୍ମ ପ୍ରଚାର ଅବସରରେ ମିସନାରୀମାନେ ଯେଉଁ ସଂସ୍କାରର ଭାବ ପ୍ରଥମେ ଏ ଦେଶରେ ବିତରଣ କଲେ ତା ପ୍ରତି ଏ ଦେଶର ଲୋକେ ଆଦୌ ଆକୃଷ୍ଟ ହୋଇପାରି ନ ଥିଲେ । ମିସନାରୀମାନଙ୍କ ପରେ ଏ ଦିଗରେ ବ୍ରାହ୍ମମାନେ ଅଗ୍ରସର ହୋଇଥିଲେ । କିନ୍ତୁ ସେ ସମୟରେ ବ୍ରାହ୍ମମାନେ ହିନ୍ଦୁସମାଜ ମଧ୍ୟରେ ଏକ ସ୍ୱତନ୍ତ୍ର ଗୋଷ୍ଠୀରୂପେ ବିବେଚିତ ହେଉଥିବାରୁ ଏମାନଙ୍କ କ୍ରିୟାକଳାପ ସାମୂହିକଭାବେ ହିନ୍ଦୁ ସମାଜକୁ ପ୍ରଭାବିତ କରିପାରି ନ ଥିଲା । ଖ୍ରୀଷ୍ଟାନ୍ ବ୍ରାହ୍ମ ନ ହୋଇ ଓ ଏହି ହିନ୍ଦୁସମାଜ ଭିତରେ ରହି ସାମାଜିକ କୁସଂସ୍କାର ଦୂର କରିବା ପାଇଁ ମଧ୍ୟ କେହି କେହି ଚେଷ୍ଟା କରିଥିଲେ । ଯେପରିକି ନରସିଂହ ଚରଣ ଦାସ ଓ ତାଙ୍କ ପୁତ୍ର ନନ୍ଦକିଶୋର ଦାସ (ଏ 'ଉତ୍କଳ ସମ୍ମିଳନ ସଭା' ତା ୧।୧।୧୮୮୯ରେ ସ୍ଥାପନ କରିଥିଲେ) କରଣମାନଙ୍କ ବିବାହ ସମସ୍ୟାର ଅଯଥା ବ୍ୟୟକୁ ବନ୍ଦ କରିବା ପାଇଁ ଚେଷ୍ଟା କରିଥିଲେ । ଗୋବିନ୍ଦଚନ୍ଦ୍ର ମହାପାତ୍ର ମଧ୍ୟ ବ୍ରାହ୍ମଣସମାଜରେ ଏମିତି ସଂସ୍କାର ହେବା ଉଚିତ ବୋଲି ଧାରାବାହିକ ଭାବେ କେତେକ ଲେଖା ପ୍ରକାଶ କରିଥିଲେ । ସମସାମୟିକ କେତେକ ସାଂସ୍କୃତିକ ଅନୁଷ୍ଠାନ ମାଧ୍ୟମରେ ଏହି ସଂସ୍କାର-ଚେତନା ଉଦବୁଦ୍ଧ କରାଯାଇ ଥିବାର ଦେଖିବାକୁ ମିଳେ । ସେଥିରୁ କେତୋଟି ଅନୁଷ୍ଠାନ ଦେଖନ୍ତୁ (କ) ଷ୍ଟୁଡେଣ୍ଟସ ଆସୋସିଏସନ (୧୮୮୨) (ଖ) ବୀରନରସିଂହପୁର ଶାସନର ଆର୍ଯ୍ୟନୀତି ପ୍ରଦୀପ ସଭା (ଅଗଷ୍ଟ ୧୮୮୩) (ଗ) ଶ୍ରୀରାମଚନ୍ଦ୍ରପୁର ଶାସନର ଉତ୍କଳ ଧର୍ମସୁଧାନିଧି ସମାଜ (ତା ୨୩।୭।୧୮୮୫), (ଘ) ଶାସନ ଦାମୋଦରପୁରର ସତ୍ୟଧର୍ମ ପ୍ରକାଶିକା ସଭା (୧୮୮୭) (ଙ) ରୂପଦେଈପୁର ଶାସନର ବିଦ୍ୟୋନ୍ନତି ସମିତି (୧୮୯୦), (ଚ) ବାମଣ୍ଡାର ସନାତନ ଧର୍ମ ରକ୍ଷିଣୀ ସଭା (୯।୪।୧୮୯୦) (ଛ) ପୁରୀର ସନାତନ ଧର୍ମ-

Digitized by srujanika@gmail.com

ରକ୍ଷିଣୀ ସଭା (୧୮୯୬), (ଜ) ପୁରୀର ଜଗନ୍ନାଥ ସଂସ୍କୃତ ସମିତି (ତା ୧୫।୬।୧୮୯୩), (ଝ) ପୁରୀର ଲନ୍ଟେନିସ କ୍ଲବ (ଡ଼ିସେମ୍ବର ୧୮୯୪), (ଞ) ଗ୍ରାମ ହରେକୃଷ୍ଣପୁରର ସନ୍ମିଳନୀ ସଭା (ତା ୨।୭।୧୮୯୬), (ଟ) ମାର୍କଣ୍ଡେଶ୍ୱର ସାହି ସୁଶିକ୍ଷା ପ୍ରଦାୟିନୀ ସଭା ତା ୨୧।୧।୧୮୯୮) ଓ ଠ) ପୁରୀ ବାଲିସାହି ଜଗନ୍ନାଥ ସମିତି (୧୮୯୮)। ଏଥିରୁ ଗ୍ରାମ ନରସିଂହପୁରର ଆର୍ଯ୍ୟନୀତି ପ୍ରଦୀପ ସଭାରେ ବାଲ୍ୟବିବାହ ନିରୋଧ ଓ ବିଧବା ବିବାହ ପ୍ରଚଳନ ଉପରେ ୧୮୮୫ ସାଲର ଗୋଟିଏ ଅଧିବେଶନରେ ବହୁ ବାଦାନୁବାଦ ହୋଇଥିବାର ସମ୍ବାଦ ଶୁଣିବାକୁ ମିଳେ। ମିଶନାରୀ, ବ୍ରାହ୍ମଧର୍ମାବଲମ୍ବୀ, ଏପରି କି ନନ୍ଦକିଶୋରଙ୍କ ପରି ବ୍ରାହ୍ମଣେତର ଲୋକଙ୍କର ସଂସ୍କାର-ଆହ୍ୱାନ ବ୍ରାହ୍ମଣ ଶାସିତ ସାମାଜିକ ସଂସ୍ଥା ମଧ୍ୟରେ ବିଶେଷ ପରିବର୍ତ୍ତନ ଆଣିପାରିବା ସମ୍ଭବପର ନ ଥିଲା। ବ୍ରାହ୍ମଣମାନେ ମଧ୍ୟ ସେ ସମୟରେ ଉଚ୍ଚ ଶିକ୍ଷାରେ ଶିକ୍ଷିତ ନ ଥିବାରୁ ଯେଉଁଠି ଏ ସଂସ୍କାର ଧ୍ୱନି ଉଠୁଥିଲା, ସେଠି ତାହା ମଧ୍ୟ ବ୍ୟାପକ ପ୍ରଭାବ ଲୋକଙ୍କ ଉପରେ ପକାଇ ପାରି ନ ଥିଲା। ବ୍ରାହ୍ମଣମାନେ ଥିଲେ ସମାଜର କର୍ଣ୍ଣଧାର, ଊନବିଂଶ ଶତାବ୍ଦୀରେ ତାଙ୍କର ଏ କର୍ଣ୍ଣଧାରମାନେ ଏ କ୍ଷେତ୍ରରେ ଦେଖାଦେଇ ନ ଥିବାରୁ ସଂସ୍କାର ଆନ୍ଦୋଳନ ସେ ସମୟରେ ସନ୍ତୋଷଜନକଭାବେ ଅଗ୍ରଗତି କରିପାରି ନ ଥିଲା। ବିଂଶଶତାବ୍ଦୀର ଆରମ୍ଭରୁ ଏ କର୍ମରେ ହାତ ଦେଲେ ଖୋଦ୍ ବ୍ରାହ୍ମଣମାନେ। ପୁରୀ ଜିଲ୍ଲା ଷୋଳଶାସନ ବିଂଶ ଜରବାଡ଼ର କେତେକ ବ୍ରାହ୍ମଣ ସନ୍ତାନ ଯେତେବେଳେ ଆଧୁନିକ ଉଚ୍ଚଶିକ୍ଷାରେ ଦୀକ୍ଷିତ ହୋଇ ଖୋଲାଖୋଲି ଭାବେ ସାମାଜିକ କୁସଂସ୍କାର ବିରୁଦ୍ଧରେ ଅଭିଯାନ ଆରମ୍ଭ କରିଥିଲେ, ସେତେବେଳେ ସମଗ୍ର ଦେଶରେ ଏକ ପ୍ରଳୟଙ୍କରୀ ବିପ୍ଳବ ବହ୍ନି ଜଳି ଜଳି ଉଠିଥିଲା। ସଂସ୍କାରକ ନୀଳକଣ୍ଠ ହେଉଛନ୍ତି ଏହି ଅଭିଯାନର ପ୍ରଥମ ଓ ସାର୍ଥକ କର୍ଣ୍ଣଧାର। ରାମଶଙ୍କର ରାୟଙ୍କ 'ଲୀଳାବତୀ' ନାଟକ (୧୯୧୬)ଟି ଏହି ସଂସ୍କାରପ୍ରିୟ ବ୍ରାହ୍ମଣମାନଙ୍କ ଆଶ୍ରୟରେ ରଚିତ ଓ ସେଥିରେ ଥିବା ନୀଳକଣ୍ଠ ନାୟକ ଚରିତ୍ର, ମନେ ହୁଏ। ନୀଳକଣ୍ଠ ଦାସଙ୍କ ବ୍ୟତୀତ ଅନ୍ୟ କେହି ନୁହେଁ।

ନୂତନ-ଆଧୁନିକ ଶିକ୍ଷା ଓ ସଂସ୍କାର ଚେତନ ମନୋବୃତ୍ତି ଏ ଉଭୟ ପରସ୍ପର ଘନିଷ୍ଠଭାବେ ସମ୍ପୃକ୍ତାନ୍ବିତ। ପାଶ୍ଚାତ୍ୟ-ଜ୍ଞାନ-ବିଜ୍ଞାନ-ସାହିତ୍ୟ, ପାଶ୍ଚାତ୍ୟ ଚିନ୍ତାଧାରା ଓ ଜୀବନପ୍ରଣାଳୀକୁ ଆଧୁନିକ ଶିକ୍ଷା ପ୍ରଥମ ଥର ପାଇଁ ଏ ଦେଶ ଲୋକଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲା। ଏ ଶିକ୍ଷାଦ୍ୱାରା ନୂତନ ଭାବେ ଗଢ଼ି ଉଠିଥିବା ମନୋବୃତ୍ତି ଜୀବନରେ ନୂତନ ଚେତ-ବୋଧ ଅନୁଭବ କରି ଦୃଢ଼ଭାବେ କୁସଂସ୍କାର ବିରୁଦ୍ଧରେ ବିଦ୍ରୋହୀ ହୋଇ ଉଠିଥିଲା। ପରମ୍ପରା ନ୍ୟାୟରେ ଏ ଦେଶରେ କେତେକ ସାମାଜିକ ଅପଚାର ମାନବ ଜୀବନରେ ଏକମାତ୍ର ଅନୁକରଣୀୟରୂପେ ମର୍ଯ୍ୟାଦା ପ୍ରତିଷ୍ଠା ପାଇ ଆସୁଥିଲା, ତାହା ଯେ ସୁସ୍ଥ ସମାଜ-ବିକାଶର ପରିପନ୍ଥୀ ମଧ୍ୟ, ପାଶ୍ଚାତ୍ୟ ଶିକ୍ଷାର ଅବାଞ୍ଛିତ ଫଳରୂପେ ଦେଖାଦେଇଥିବା ମଦ୍ୟପାନ ବେଶ୍ୟାଶକ୍ତି ଓ ଗୁରୁଜନମାନଙ୍କ ପ୍ରତି ଉପେକ୍ଷା-ମନୋଭାବ ବିରୁଦ୍ଧରେ ଏହି ଶିକ୍ଷିତ ଯୁବକମାନେ ଅଭିଯାନ କରିଥିଲେ। ଏହି ଉଭୟବିଧ କୁସଂସ୍କାର ବିରୁଦ୍ଧରେ କେବଳ

Digitized by srujanika@gmail.com



ନେତାଜୀ ସୁଭାଷଙ୍କ ସହିତ ପଣ୍ଡିତ ନୀଳକଂଠ

Digitized by srujanika@gmail.com

ଶିକ୍ଷିତ ଲୋକ ଦଣ୍ଡାୟମାନ ହୋଇପାରିବାର ସମ୍ଭାବନା ଅଧିକ, ତେଣୁ ଏଇ ସଂସ୍କାର-ମନୋବୃତ୍ତି ପ୍ରାଚ୍ୟ-ପାଶ୍ଚାତ୍ୟ ଶିକ୍ଷାର ସଂଘର୍ଷ ହେତୁ ଯେ ତତ୍ତ୍ୱରେ ଦେଖାଦେଇଥିଲା, ତାହା ଅସ୍ୱୀକାର କରାଯାଇ ନ ପାରେ । ଏ ଶିକ୍ଷା ଯେତିକି ଅଧିକ ଅଗ୍ରଗତି କରୁଛି, ସଂସ୍କାର ପାଇଁ ଏ ତତ୍ତ୍ୱ-ସଂଘର୍ଷ ସେତିକି ଅଧିକ ତୀବ୍ରତର ହୋଇ ଉଠିଛି । ଓଡ଼ିଶାରେ ପ୍ରଥମେ ଶିକ୍ଷା ବିସ୍ତାର ଲାଭ କରି ନ ଥିବାରୁ ଏ ସଂସ୍କାର-ଆନ୍ଦୋଳନ ଏଠି ଅତି ବିଳମ୍ବରେ ଦେଖା ଦେଇଥିଲା । ୧୮୫୭-୫ ସାଲରେ ପୁରୀ ଜିଲ୍ଲାସ୍କୁଲକୁ ନିରୀକ୍ଷ୍ୟ କରି ଇନ୍‌ସପେକ୍ଟର ଡକ୍ଟର ରୋର ସାହେବ ନିମ୍ନଲିଖିତ ମନ୍ତବ୍ୟଟି ଦେଇଥିଲେ—

"The Pooree School moreover, has to encounter the avowed hostility of the wealthier part of the inhabitants of education Most of them are, in some way or other connected with the temple and seem to believe that education would sap the hold they have on the people, and diminish the sources of their income. Although this is not the case at present, as pilgrims come from all parts of India to the shrine of Jaganath, as the pilgrims can only cease with the enlightenment of whole India, yet, they cannot divest themselves of the impression that the school in Pooree is a powerful engine in destroying the darkness of Superstition. The consequence is that the Pandas and Mahants, the Priests and the principal officers of the temple and the host of their followers do not send their children to the School which is attended by the sons of Amlas, traders and emigrants from Bengal X X Pooree is unquestionably the great bulwork of superstititon in its lowest and most hideous form, and it may be difficult to find throughout India a place where it has spread deeper roots without any extenuating circumstance, such for instance as the study of the Hindu Sastras, of which there are but feeble trace in Pooree. Notwithstanding those obstacles, I think the School will do well in time and produce even then a change for the better, by raising a generation which, from their superior education and position, will influence all the classes of the people"

ପୁରୀର ଅଧିବାସୀମାନେ ବହୁ ବର୍ଷଧରି ଆଧୁନିକ ଶିକ୍ଷା ପ୍ରତି ଅତି ଉଦାସୀନ ରହିଥିବାର ବହୁ ପ୍ରମାଣ ଦେଖିବାକୁ ମିଳେ । ଏମାନେ ପୁରୀ ସ୍କୁଲ ନିର୍ମାଣ ପାଇଁ କୌଣସି ଆର୍ଥିକ ସାହାଯ୍ୟ ମଧ୍ୟ ଦେଇ ନଥିଲେ । ଏପରି କି ୧୮୬୦ ସାଲରେ ପୁରୀ ଜିଲା ସ୍କୁଲର ପଣ୍ଡିତ ସଦାଶିବ ମିଶ୍ରଙ୍କୁ ସାହେବ ସ୍କୁଲରେ ଶିକ୍ଷକତା କରୁଥିବା ଅପରାଧ ପାଇଁ ସମାଜଚ୍ୟୁତ ହେବାକୁ ପଡ଼ିଥିଲା । ସମଗ୍ର ଊନବିଂଶ ଶତାବ୍ଦୀରେ ବ୍ରାହ୍ମଣମାନଙ୍କୁ ଅତି କମ୍ ସଂଖ୍ୟାରେ ସରକାରୀ କର୍ମରେ ଦେଖିବାକୁ ମିଳେ । ନୀଳମଣି ବ୍ରହ୍ମା ଖୋର୍ଦ୍ଧାର ଡେପୁଟି ମାଜିଷ୍ଟ୍ରେଟ ଥିଲେ । ପଣ୍ଡିତ ବିଶ୍ୱମ୍ଭର ବିଦ୍ୟାଭୂଷଣ ପ୍ରଥମେ କଟକ ଇଂରାଜୀ ସ୍କୁଲର ଶିକ୍ଷକ (ନିଯୁକ୍ତ ସମୟ ତା ୨୨।୮।୧୮୪୧ ଓ ପରେ ଯାଜପୁରର ମୁନସିଫ୍

Digitized by srujanika@gmail.com

ହୋଇଥିଲେ । ତାଙ୍କର କନିଷ୍ଠ ଭ୍ରାତା ଗୋବିନ୍ଦଚନ୍ଦ୍ର ମହାପାତ୍ର ପ୍ରଥମେ ପୁରୀର ଡେପୁଟି ଇନସପେକ୍ଟର ଓ ପରେ ମୟୂରଭଞ୍ଜ ମହାରାଜାଙ୍କ ଗୃହଶିକ୍ଷକ ଥିଲେ । ପୁରୀବାସୀ ବିଶେଷତଃ ବ୍ରାହ୍ମଣମାନଙ୍କ ମଧ୍ୟରେ ଆଧୁନିକ ଶିକ୍ଷା କିପରି ଅନାଦୃତ ଥିଲା, ତାହା ସେମାନଙ୍କ ସ୍ୱଳ୍ପ ସରକାରୀ କର୍ମଗ୍ରହୀ ସଂଖ୍ୟାରୁ ସ୍ପଷ୍ଟ ଅନୁଭୂତ ହୁଏ । ତେବେ ଡକ୍ଟର ଗ୍ରେର ସାହେବଙ୍କ ଉପରୋକ୍ତ ଅଭିମତର ପ୍ରଥମାଂଶରେ ସତ୍ୟତା ବହୁପରିମାଣରେ ଥିବାର ଦେଖିବାକୁ ମିଳେ । କିନ୍ତୁ ସବୁ ସମୟ ଧରି ଦେଶରେ ଏ ଅବସ୍ଥା ରହିପାରି ନାହିଁ । ଶିକ୍ଷା ପ୍ରସାର ସଙ୍ଗେ ସଙ୍ଗେ ଲୋକେ ପାଶ୍ଚାତ୍ୟ ବିଦ୍ୟାଳୟ ପ୍ରତି ଆକୃଷ୍ଟ ହୋଇ ପଡ଼ିଛନ୍ତି । ଗ୍ରେର ସାହେବଙ୍କ ଉକ୍ତିର ଅର୍ଦ୍ଧଶତାବ୍ଦୀ ପରେ ସେଇ ପୁରୀ ଜିଲାର କେତେକ ବ୍ରାହ୍ମଣ ସନ୍ତାନ ଯଥା, ଗୋପବନ୍ଧୁ, ନୀଳକଣ୍ଠ ପ୍ରଭୃତି ନବଶିକ୍ଷାରେ ଦୀକ୍ଷିତ ହୋଇ ଦେଶରେ ନବବାଣୀର ପ୍ରଚାର କରିଥିଲେ । ଏହାର ମୂଳରେ ସେଇ ପୁରୀ ଜିଲାସ୍କୁଲ ଯେ କାର୍ଯ୍ୟ କରିଥିଲା, ତାହା ଅସ୍ୱୀକାର କରାଯାଇପାରିବ ନାହିଁ । ତେଣୁ ମନେହୁଏ, ଗୋପବନ୍ଧୁ ଓ ନୀଳକଣ୍ଠ ଯେପରି ଗ୍ରେର ସାହେବଙ୍କ ଶେଷାଂଶକୁ ସତ୍ୟରୂପେ ପ୍ରମାଣ କରିବାକୁ ଏ ଦେଶରେ ଜନ୍ମଗ୍ରହଣ କରିଥିଲେ । ଏମାନେ ଉଚ୍ଚଶିକ୍ଷା ବଳରେ ସମଗ୍ର ଜାତିକୁ ପ୍ରଭାବିତ କରିପାରିଥିଲେ—କ୍ଷମତା ପରିବର୍ତ୍ତେ ଏମାନଙ୍କର ଅସ୍ତ୍ର ଥିଲା ସ୍ନେହ, ପ୍ରୀତି ଓ ବଳିଷ୍ଠ ମାନବିକତା ।

( ୩ )

ସମାଜ-ସଂସ୍କାର-ମନୋଭାବ ଓ ଜାତୀୟତା ଭାବ, ଏ ଉଭୟ ଗତ ଶତାବ୍ଦୀରେ ଜନ୍ମଲାଭ କରି ବିଂଶ ଶତାବ୍ଦୀର ଆରମ୍ଭରୁ ଓଡ଼ିଆ ସାହିତ୍ୟରେ ଏକ ସାର୍ଥକ ରୂପ-ସମ୍ପଦରେ ଧରା ଦେଇଛନ୍ତି । କାବ୍ୟ, ନାଟକ, ଉପନ୍ୟାସ, କ୍ଷୁଦ୍ରଗଳ୍ପ, କ୍ଷୁଦ୍ର କବିତା, ସମାଲୋଚନା ଆଧୁନିକ ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ଏହି ଉଭୟ ଚିନ୍ତାଦ୍ୱାରା ବିଶେଷଭାବେ ପ୍ରଭାବିତ । ଗୋଦାବରୀଶ ମିଶ୍ର, କୃଷ୍ଣପ୍ରସାଦ ଚୌଧୁରୀ, ଗୋପାଳଚନ୍ଦ୍ର ପ୍ରହରାଜ, ରାମଶଙ୍କର ରାୟ, ଶ୍ରୀବତ୍ସ ପଣ୍ଡା, ଫକୀରମୋହନ ସେନାପତି, ଶ୍ୟାମସୁନ୍ଦର ଚକ୍ରବର୍ତ୍ତୀ, ହରିହର ଦାଶ, ବାଲୁକେଶ୍ୱର ମିଶ୍ର, ନନ୍ଦକିଶୋର ବଳ ପ୍ରଭୃତି ବହୁ ପ୍ରଖ୍ୟାତ ଲେଖକ ସାମାଜିକ କୁସଂସ୍କାର ବିରୁଦ୍ଧରେ ମସୀ ଅସ୍ତ୍ର ଉତ୍ତୋଳନ କରିଥିଲେ । ତେଣୁ ଏ କ୍ଷେତ୍ରରେ ନୀଳକଣ୍ଠଙ୍କର ଆବିର୍ଭାବ ଆଦୌ ଆକସ୍ମିକ କିମ୍ବା ନୂତନ ନୁହେଁ । ପୁନଶ୍ଚ, ଏ ସମୟର ଅଧିକାଂଶ ଲେଖକ ବହୁ ଦିଗରୁ କେବଳ ବ୍ରାହ୍ମଣ ସମାଜ ଉପରେ ଆକ୍ରମଣ ଚଳାଉଥିଲେ । ନନ୍ଦକିଶୋରଙ୍କର ଭିକ୍ଷୁକ ବ୍ରାହ୍ମଣ (ଯାହା ତାଙ୍କ ଗ୍ରନ୍ଥାବଳୀରେ ସ୍ଥାନ ପାଇନି) କବିତାରେ ଏ ଆକ୍ରମଣର ଏକ ଉଗ୍ର ରୂପ ଦେଖିବାକୁ ମିଳେ । 'ଶୂଦ୍ର ଓ ବେଦାଧିକାର' (୧୯୧୬ ଜୁନ) ପ୍ରବନ୍ଧରେ ଫକୀରମୋହନ ଲେଖିଛନ୍ତି, "ହେ ବ୍ରାହ୍ମଣମଣ୍ଡଳ ! ଜ୍ଞାନ-ବିଜ୍ଞାନ-ସମ୍ପନ୍ନ, ସାମ୍ୟ-ମୈତ୍ରୀ ସ୍ୱାଧୀନତା-ପ୍ରବର୍ତ୍ତିକା, ବିଂଶ ଶତାବ୍ଦୀରେ ଆପଣମାନଙ୍କ ସ୍ୱାର୍ଥ-କଳୁଷିତ ଅନୁଦାର ମତ କାହିଁ ଭାସିଗଲାଣି । ପ୍ରତ୍ୟକ୍ଷ ଦେଖୁ ନାହାନ୍ତି ଅପୂର୍ବ ରମେଶ ଦତ୍ତଙ୍କ ବୈଦିକ ଟୀକାର କେତେ ସହସ୍ର ବା ଲକ୍ଷ ବ୍ରାହ୍ମଣ ସନ୍ତାନ ଶିକ୍ଷାର୍ଥୀ ? କେତେ ଶୂଦ୍ର ପ୍ରଫେସରଙ୍କ ସମ୍ମୁଖରେ ଶିକ୍ଷାର୍ଥୀ ବ୍ରାହ୍ମଣ

Digitized by srujanika@gmail.com

ସନ୍ତାନଗଣ କରଯୋଡ଼ ଦଣ୍ଡାୟମାନ । ଆଉ ଗ୍ରଜପଦ ? ବାବୁ ଗ୍ରଜକଣୋର ଦାସ ହାକମ—ଗୋବନ୍ଦ ପାଣ୍ଡେ, ଗୋପୀ ଚହ୍ଲାଡ଼ିଏ ତାଙ୍କର ଅର୍ଦ୍ଦଳୀ ଓ ସେପେଛଆ ପଣ୍ଡା ! ଆଉ କ'ଣ ଲେଡ଼ା ?" ଆଉ ଯାହା ଲେଡ଼ା ତାହା ଦେଇଛନ୍ତି ଶ୍ରୀ ନୀଳକଣ୍ଠ ଦାସ ନିମ୍ନଲିଖିତ ପ୍ରବନ୍ଧମାନଙ୍କରେ, ଯଥା:—(କ) ତନ୍ତ୍ର ଉପାସନା ସମ୍ବନ୍ଧରେ ଦୁଇ ଏକ କଥା (୧୯୦୯ ମାର୍ଚ୍ଚ ; (ଖ) 'ଅନ୍ଧୁ' ଓ 'ହେବୁ' (ଦୁଇ ଭାଗ : ଡିସେମ୍ବର ୧୯୦୯ ଓ ଫେବୃୟାରୀ ୧୯୧୦); (ଗ) ନୀତି ଓ ପ୍ରକୃତି (୧୯୧୦ ମେ) ; (ଘ) ପ୍ରତିମା ପୂଜା ଓ ପ୍ରତିମା ପୂଜା (୧୯୧୦ ଜୁଲାଇ), (ଙ) 'ମୋ ଜଣ' (ସେପ୍‌ଟେମ୍ବର ୧୯୧୧ ଓ ଡିସେମ୍ବର ୧୯୧୧) ଓ (ଚ) ଆମ୍ଭର ଥିଲା ଓ କାରଣ ଆଇପାରେ ବା ସମାଜିକ କୁସଂସ୍କାର (୪ଟି ସଂଖ୍ୟାରେ ପ୍ରକାଶିତ—ଅକ୍ଟୋବର ୧୯୧୦ରୁ ଜୁଲାଇ ୧୯୧୧ ଭିତରେ ।)

ବ୍ରାହ୍ମଣମାନଙ୍କ ମଧ୍ୟରେ ଥିବା ବିଭିନ୍ନ କୁସଂସ୍କାର ଭିତରୁ ପ୍ରଥମେ ତନ୍ତ୍ରସାଧନା ଉପରେ ନୀଳକଣ୍ଠଙ୍କର ଦୃଷ୍ଟିପାତ ହୋଇଛି । ଧର୍ମର ଦୋହାଇ ଦେଇ ତନ୍ତ୍ର ମାଧ୍ୟମରେ ସମାଜରେ ଭ୍ରଷ୍ଟାଚାର ହିଁ ପ୍ରତିଷ୍ଠା କରାଯାଇଥାଏ । 'କୁରୁଚି ବ୍ୟଞ୍ଜକ ଓ ପାପୋଦ୍ଦୀପକ' ତନ୍ତ୍ର-ଶ୍ଳୋକ-ନିରୂପଣ, ଭ୍ରଷ୍ଟ-ଚରିତ୍ର, ଗଞ୍ଜାମଦ୍ୟ-ସେବୀ ଉଦ୍ଧୃତ ଦୁଃଖାବତାର, ସ୍ୱାର୍ଥପରାୟଣ, ଶାସ୍ତ୍ରୀୟବଚନ-ବିଶ୍ୱାସୀ, ଫଳଲାଭ ଲୋଭୀ ଏଇ ତାନ୍ତ୍ରିକମାନଙ୍କ କ୍ରିୟା କଳାପ ଉପରେ ସେ ଲେଖିଛନ୍ତି, "ଦେବୀଙ୍କର ତୃପ୍ତି ସମ୍ପାଦନରେ ତାନ୍ତ୍ରିକ ଯେଉଁ ଫଳର ଆଶା କରେ ତାହା କୌଣସି ସାତ୍ତ୍ୱିକ ସ୍ୱଭାବାପନ୍ନ ବ୍ୟକ୍ତିର ଅଭିପ୍ରେତ ହେବ ନାହିଁ । ଦେବୀ ସାହାଯ୍ୟରେ ତାନ୍ତ୍ରିକ ଯାହା କାମନା କରେ ତାହା ଗୋପନୀୟ ହେଲେ ହେଁ ପ୍ରାୟଶଃ ସମସ୍ତେ ଜାଣନ୍ତି । "ଅଗମ୍ୟାଗମନା ଚୈବ ମଦ୍ୟଗ୍ରାସ ସେବନମ୍" ଇତ୍ୟାଦି ଯାହା ଶୁଣିଲେ ମନୁଷ୍ୟ ପାପଯୁକ୍ତ ହେବ, ତାହା ହିଁ ତାନ୍ତ୍ରିକର ମୋକ୍ଷ ସାଧନା । 'ପଶମୁକ୍ତୋ ସଦାଶିବଃ' ହୋଇ ଯେତେବେଳେ "ମାତୃମେଥିନ ତ୍ୟଜେତ୍" ଧ୍ୟାନ କରାଯାଏ, ସେତେବେଳେ ତାନ୍ତ୍ରିକର ମୋକ୍ଷ ହୁଏ । ବଙ୍ଗ ଓ ଉତ୍କଳରେ ବିଶେଷତଃ ବ୍ରାହ୍ମଣ ସମାଜରେ ଏହାର ଦୃଷ୍ଟାନ୍ତ ବିରଳ ନୁହେଁ । ଏହାର ଯେଉଁ ଅଶୁଭ କ୍ରିୟା ଲୋକଙ୍କ ଉପରେ ପଡ଼ିଥିଲା ତାହା ହେଉଛି ନିଶା-ସେବା । ଥରେ ଲେଖକ ନୀଳକଣ୍ଠ ହିସାବ କରି ଦେଖିଥିଲେ ଯେ, "ପୁରୀ ଜିଲାର ଗୋଟିଏ ଅତି କ୍ଷୁଦ୍ର ବ୍ରାହ୍ମଣ ଶାସନରେ ହାରାହାରି ଜଣପ୍ରତି ବର୍ଷକୁ ୧୬ ଟଙ୍କା ଅଫିମ ଓ ୪ ଟଙ୍କା ଭାଙ୍ଗ ଖର୍ଚ୍ଚ ପଡ଼ିଥିଲା ।"

ତନ୍ତ୍ରସାଧନା ପରି ଏକ କୁତ୍ସିତ ସାମାଜିକ ଅପରାଧର ସଂସ୍କାର ତେଣେ କରିବାକୁ ତନ୍ତ୍ରଭାଷା ଓ ତାର ଲକ୍ଷ୍ୟକୁ ଭେଦ କରି ନୀଳକଣ୍ଠ ସମାଲୋଚନା ଆରମ୍ଭ କରିଥିଲେ, କିନ୍ତୁ ଏଠି ତାଙ୍କର ତାତ୍ତ୍ୱିକ ଦୃଷ୍ଟିଭଙ୍ଗୀର ଅଭାବ କେତେକ ପରିମାଣରେ ଦେଖିବାକୁ ମିଳେ । ଏ ଦୃଷ୍ଟିଭଙ୍ଗୀର ସ୍ପଷ୍ଟ ବିକାଶ ସାଧିତ ହୋଇଛି ତାଙ୍କର ପରବର୍ତ୍ତୀ 'ଅନ୍ଧୁ' ଓ 'ହେବୁ' ପ୍ରବନ୍ଧରେ । ତାଙ୍କ ମତରେ ମନୁଷ୍ୟର ଦୁଇଟି ବିରୁଦ୍ଧାତ୍ମକ ଶକ୍ତି ଅଛି । ଯଥା ରକ୍ଷଣଶୀଳତା ଓ ପରିବର୍ତ୍ତନପ୍ରବଣତା । ଗୋଟିକର ମୂଳପିଣ୍ଡ ହେଲା 'ଆମ୍ଭେମାନେ ଚିରଦିନ ପୁରୁଷାନୁକ୍ରମେ

Digitized by srujanika@gmail.com

ଏହିପରି ଚାଲି ଆସୁଅଛୁଁ, ସୁଖରେ ଅଛୁଁ । ଏହିପରି ଥିବୁ ।" ଅପରଟି ହେଲା, 'ଏପରି ଅଛି ସତ୍ୟ, କିନ୍ତୁ ଏପରି ହେବା ଉଚିତ ନୁହେଁ । ଅତଏବ ଯେପରି ଉଚିତ ସେହିପରି ହେବୁ ।" ଅଛି ଶକ୍ତିର ପ୍ରଧାନ ଲକ୍ଷଣ ହେଉଛି ସ୍ଥିରତା, ଆଳସ୍ୟ ଓ ସ୍ୱାଧୀନ ଚିନ୍ତାର ଅଭାବ । ଏ ଶକ୍ତି ପ୍ରାଚୀନ ପରମ୍ପରାଗତ ସମାଜ ଉପରେ ଅତିଶୟ ପ୍ରବଳ ଥାଏ । ତାର କାରଣ "ପରମ୍ପରାଗତ ଅଭ୍ୟାସ" ସଂପ୍ରଦାୟ ବିଶେଷ ବା ସଂପ୍ରଦାୟର ବ୍ୟକ୍ତିବିଶେଷଙ୍କ ପିତୃ ପିତାମହଙ୍କ ରକ୍ତବଳରେ ବଳୀୟାନ ହୋଇଥାଏ । ଏ ଶକ୍ତି ତିନିଭାଗରେ ବିଭକ୍ତ; ଯଥା—(କ) ଶାରୀରିକ, (ଖ) ମାନସିକ ବା ବୁଦ୍ଧିବୃତ୍ତି ସମ୍ବନ୍ଧୀୟ ଏବଂ (ଗ) ନୈତିକ । ଏଥିରୁ ପ୍ରଥମଟି ଜଡ଼ତାର, ଦ୍ୱିତୀୟଟି ଯୁକ୍ତି ବିତଣ୍ଡାର ଓ ଶେଷଟି ନୈତିକହୀନତାର ମୋହରେ ପର୍ଯ୍ୟବସିତ ରହିଅଛି । ଏଥିରୁ ପ୍ରଥମଟି ସମାଜର ପଙ୍ଗୁକଳ୍ପ ଅକ୍ଷତମହାବୃତ୍ତି ଓ ଘୋର ରକ୍ଷଣଶୀଳ, ନିମ୍ନତମ ସ୍ତରର ଅନ୍ତର୍ଗତ । ଦ୍ୱିତୀୟ ଅର୍ଥାତ୍ ବିତଣ୍ଡାର ଗୋଟିଏ ଉଦାହରଣ ଲେଖକ ଦେଇଛନ୍ତି । "ଯାହା ଅଛି ତାଙ୍କ ମତରେ ତାହା କୌଣସି ଅଭ୍ରାନ୍ତ ଈଶ୍ୱରପ୍ରତିମ ଲୋକଦ୍ୱାରା ଉପଦିଷ୍ଟ । ସେଇ ହେତୁରୁ ପ୍ରାୟ ଗତ ୧୫ ବର୍ଷ ମଧ୍ୟରେ ସୃଷ୍ଟି ଓ ପ୍ରଚଳିତ ଚଳମସମୂଳ ଜିନାଥ ମେଳାର ଆଜି ସମାଜରେ ଏତେ ପ୍ରତିପତ୍ତି ଏବଂ ତାହାର ମଧ୍ୟ ସ୍ଥାନେ ସ୍ଥାନେ ଉତ୍ତମ ବ୍ୟାଖ୍ୟା ଏବଂ ଅନ୍ୟାନ୍ୟ କାରଣ ଥାଇପାରେ ଇତ୍ୟାଦି ଶୁଣାଗଲଣି ।" ତୃତୀୟ ଶକ୍ତି ଉପରେ ଲେଖକ କହନ୍ତି, "ଏହା ଅଛୁଁ ଠାରୁ ହେବୁ ଆଡ଼କୁ ଯିବାର ତୃତୀୟ ସୋପାନ, ଏହା ଫଳତଃ ଅଛୁଁ ଓ ହେବୁର ସନ୍ଧିସ୍ଥଳ । 'ଅଛୁଁ' ସଂପୂର୍ଣ୍ଣ ଗ୍ରାହ୍ୟ ନାହିଁ କିନ୍ତୁ 'ହେବୁ' ଆସି ପଡ଼ିଅଛି, ଏପରି ଅବସ୍ଥାରେ ଏହାର ଉତ୍ପତ୍ତି ଓ ଅବସ୍ଥିତି ।" ସଂସ୍କାରକମାନଙ୍କ ଶୁଣାକଥାରେ ସ୍ୱଳିତ ହୋଇ ଲୋକ ଯେତେବେଳେ 'ଅଛୁଁ'କୁ ପରିହାର କରିଦିଏ ଓ ତା ଶୂନ୍ୟସ୍ଥାନରେ ଅନ୍ୟ ହିତକାରୀ ନୂତନ କାମନା ପ୍ରସ୍ତୁତ କରିବା କିମ୍ବା ନୂତନ ବିଶ୍ୱାସ ସ୍ଥାପନ କରିବାକୁ କିଛି ପାଏ ନାହିଁ, ସେତେବେଳେ ଏଇ ଅବସ୍ଥା ଘଟେ, ମାନବ ତଥା ସମାଜର କଲ୍ୟାଣ ସାଧନ କରିବାକୁ ହେଲେ ଲେଖକଙ୍କ ମତରେ 'ସଂସ୍କାର ନୀତି ବା ଉନ୍ନତିମୁଖୀ' ହେବୁ-ନୀତି-ଶୂନ୍ୟ ହେବା ଉଚିତ ନୁହେଁ । ପ୍ରାଚୀନତା ଠାରୁ ଏକାବେଳକେ ବିଚ୍ଛିନ୍ନ ହୋଇପଡ଼ିଲେ ସମାଜ ବା ବ୍ୟକ୍ତି କାହାରି ଇଷ୍ଟ ସାଧିତ ହୁଏ ନାହିଁ । ତେଣୁ ପ୍ରାଚୀନ ଠାରୁ ଉପାଦାନ ଗ୍ରହଣ କରି ତାକୁ ନୂତନ ଆଦର୍ଶରେ ସମାଜ ଗଠନରେ ଲଗାଇଦେବା ପ୍ରୟୋଜନ । କେବଳ ପ୍ରାଚୀନତା ପ୍ରାଚୀନତା ବୋଲି 'ହେବୁ' ଶବ୍ଦକୁ ଭଣ୍ଡି ଦେଲେ ଆମ୍ଭେମାନେ ନିଜେ ନିଜେ ଆତ୍ମବିବେଚନାରେ ପଡ଼ି ନଷ୍ଟ ହେବା, କାହାରି କିଛି ଲାଭ ହେବ ନାହିଁ ।

ସମାଲୋଚକର ଯଥାର୍ଥ ବିଶ୍ଳେଷଣାତ୍ମକ ମନୋବୃତ୍ତି ଆମେ 'ନୀତି ଓ ପ୍ରକୃତି' ପ୍ରବନ୍ଧରେ ଦେଖିବାକୁ ପାଉ । ଲେଖକଙ୍କ ମତରେ "ପ୍ରକୃତି ଓ ମନୁଷ୍ୟର ଜୀବତ୍ୱ ଓ ନୀତି ତାହାର ପ୍ରକୃତ ମନୁଷ୍ୟତ୍ୱ ବା ଦେବତ୍ୱ ପ୍ରତିପାଦନ" କରେ । ମନୁଷ୍ୟ ମନର ଦୁଇଟି ବିଭାଗ ଅଛି, ଯଥା—ଜନ୍ତୁବୃତ୍ତି ଓ ଦେବତ୍ୱ । "ଦେବତ୍ୱକୁ ସାଂସାରିକ ଭାଷାରେ ତାର ସାମାଜିକ ପ୍ରାଣ ବୋଲିଯାଇପାରେ ଏବଂ ଏହି ଦେବତ୍ୱ ବା ସାମାଜିକ ପ୍ରାଣ ନିଜ ମଧ୍ୟରେ ପରିସ୍ଫୁଟ କରିବା ତାହାର ଆଦର୍ଶ ବା ନୀତିଗତ ଜୀବନର ଉଦ୍ଦେଶ୍ୟ । ନୀତି

Digitized by srujanika@gmail.com

ସେହି ଆଦର୍ଶର କର୍ମପନ୍ଥା ।" କର୍ମରେ ଜ୍ଞାନ ଖଟାଇବା ମନୁଷ୍ୟର ପ୍ରକୃତ ହେଲେ ହେଁ ରକ୍ଷଣଶୀଳତା, ଆତ୍ମପ୍ରବଞ୍ଚନା, ମୋହଗତ ପ୍ରବୃତ୍ତି ହେତୁ ଅନୁସରଣ ଭିତରେ ସେ କେବଳ ପରାଧୀନତାର ବଶୀଭୂତ ହୋଇପଡ଼େ । ସାହସୀ, ସତ୍ୟପିପାସୁ ଓ ସତ୍ୟନିଷ୍ଠ ବ୍ୟକ୍ତି ହିଁ କେବଳ ନିଜର ବିବେକାନୁମେ ଉଚିତ କାର୍ଯ୍ୟ କରିବାରେ ତତ୍ପର ହୋଇଥାଏ । ଯଥାର୍ଥ ବିଚାରବୁଦ୍ଧି ପ୍ରୟୋଗ ନ କଲେ ନାନାବିଧ ସାମାଜିକ ଅପଚାର ଦେଖାଦେବା ସମ୍ଭବପର ତା ପୁରାଣବର୍ଣ୍ଣିତ ଦେବତାମାନଙ୍କର ବିଳାସପରାୟଣତା ଓ ବାଦଚ୍ଛିଦ୍ର, ସ୍ୱର୍ଗରେ 'ବାଈନାଚ', ଦେବୀଙ୍କ ନରବଳି ପ୍ରଥା ଏଇ ବିଚାର ବିଭ୍ରମ ଓ ନୀତିର ଅପପ୍ରୟୋଗର ଚୂଡ଼ାନ୍ତ ନିଦର୍ଶନ । ଏ ସମ୍ପର୍କରେ ଲେଖକ କହିଛନ୍ତି, "ବିଷ୍ଣୁଙ୍କର ମଧ୍ୟ 'ଖଟଣୀ ବେଶ୍ୟା ବା ମାହାରୀ' ରହିଅଛନ୍ତି । ମନୁଷ୍ୟର କଥା ତ ଯଥା ଦେବେ ତଥା ଦେହେ' ଦେବତା କେବଳ କାମନା ଭୋଗ କରିବେ ସିନା କିନ୍ତୁ ପ୍ରକୃତ ଭୋଗ ତ ମନୁଷ୍ୟ ପାଇଁ । କୃଷ୍ଣଙ୍କର 'ବସ୍ତ୍ରହରଣ' ଓ 'ଗୋପୀପ୍ରେମ' ସିନା ପୁରାଣକାରଙ୍କ ମସ୍ତିଷ୍କରେ ଥିଲା, କିନ୍ତୁ ବୈଷ୍ଣବପୁଙ୍ଗବଙ୍କର କଳଶୋଷା ପୂଜା ତ ଜଗତରେ ଉପଭୋଗ୍ୟ ବସ୍ତୁ । ମନୁଷ୍ୟର ଜନ୍ମବୃତ୍ତି ଯଥାର୍ଥ ଦେବତ୍ୱରେ ପରିଣତ ନ ହେଲେ ସୁସ୍ଥ ସମାଜର କଳ୍ପନା ଅସମ୍ଭବ ।" ତେଣୁ ପ୍ରକୃତି ସହିତ ନୀତିର ସମ୍ପର୍କ ପ୍ରତିଷ୍ଠା ପାଇଁ ଲେଖକ କହିଛନ୍ତି, "ପ୍ରକୃତି ବ୍ୟତୀତ ନୀତିର କାର୍ଯ୍ୟ କରିବାର ବସ୍ତୁ ନାହିଁ କିମ୍ବା ନୀତି ବିନା ପ୍ରକୃତି ମାନବ-ପ୍ରକୃତି ହୋଇ ନ ପାରେ । ନୀତିର ଅବଲମ୍ବନରେ ପଶୁପ୍ରକୃତିର ସୁପରିଚାଳନା ଦ୍ୱାରା ଆମ୍ଭେମାନେ ପ୍ରକୃତ ମନୁଷ୍ୟତ୍ୱ ଲାଭ କରୁ । ପଶୁ ପ୍ରକୃତି ବିହୀନ ଶୁଷ୍କ ଆଦର୍ଶମୟ ଶୂନ୍ୟଜୀବନ କଦାପି ମନୁଷ୍ୟର ଉଦ୍ଦେଶ୍ୟ ନୁହେଁ । ଏହା ଠିକ ନୀତିହୀନ ପ୍ରକୃତି ପରି ପରିହାର୍ଯ୍ୟ ଏବଂ ଦୁହିଁଙ୍କର ସମନ୍ୱୟ ହିଁ ମନୁଷ୍ୟର ମନୁଷ୍ୟତା ।"

ସମାଲୋଚକଙ୍କ ବିଶ୍ଳେଷଣପ୍ରବଣ ମନୋବୃତ୍ତିର ଅନ୍ୟ ଏକ ରୂପ 'ପ୍ରତୀକ ପୂଜା ଓ ପ୍ରତିମା ପୂଜା' ପ୍ରବନ୍ଧରେ ପରିଦୃଷ୍ଟ ହୁଏ । ତାଙ୍କ ମତରେ, 'ପ୍ରତୀକପୂଜା ଶକ୍ତି ଉପାସନା ଓ ପ୍ରତିମାପୂଜା ମୂର୍ତ୍ତି ଉପାସନା'ର ନାମାନ୍ତର ମାତ୍ର । ବ୍ୟକ୍ତିଠାରେ ପ୍ରତୀକ-ରୂପକ ଗୁଣ ଥାଏ । ଅଲକ୍ଷିତରେ ଭଲ ଆଡ଼କୁ ଆକୃଷ୍ଟ ହେବା ମନୁଷ୍ୟର ଗୋଟିଏ ସହଜାତ ପ୍ରବୃତ୍ତି । ଯେଉଁଠି ଏଇ ପ୍ରତୀକ ଅଛି, ସେଠି ଅର୍ଥାତ୍ ଉପାସ୍ୟ ବସ୍ତୁଠାରେ ଅଲୌକିକତ୍ୱ କଳ୍ପନା ବା ଆରୋପ କରି ମନୁଷ୍ୟ ଚିରଦିନ ଉପାସ୍ୟ ବା ପୂଜ୍ୟବସ୍ତୁର ଗୁଣସବୁ ନିଜର ଅଲଭ୍ୟ ମନେ କରି ଆତ୍ମଗ୍ଳାନିରେ ନିମଜ୍ଜିତ ହୋଇଥାଏ । ତେଣୁ "ଏହିଠାରେ ପ୍ରତୀକ ପୂଜା ସ୍ପଷ୍ଟ ଭାବରେ ପ୍ରତିମା-ପୂଜାରେ ପରିଣତ ହୁଏ । ଏହାରି ମୂଳରେ ଅଛି ଶକ୍ତିର ଉପାସନା ବା ଗୁଣର ପୂଜା ।" ଲେଖକଙ୍କ ମତରେ ଏଇ ପ୍ରତିମା ପୂଜାର ପରିଣତି ହେଉଛି ଅତି ଅନିଷ୍ଟକର । ଏଇ ନୀତି ସର୍ବଶେଷରେ "ଯଥା ଦେହେ ତଥା ଦେବେ"ର ପ୍ରକୃଷ୍ଟ ଧାରଣା କରେ । ଫଳରେ ଏହା "ଷୋଳ ସହସ୍ର ଗୋପ-ବାଳା" ଠାରୁ ଜଗନ୍ନାଥ ମନ୍ଦିରର "ଖଟଣି ମାହାରୀ" ପର୍ଯ୍ୟନ୍ତ ବ୍ୟାପିଯାଏ । ସମସ୍ତରେ ଧର୍ମ ନାମରେ ବହୁବିଧ ସମାଜିକ ଅପଚାର ଦେଖା ଦେଇଆନ୍ତି । ପ୍ରତିମା ପୂଜା ଅତିଶୟ ନିନ୍ଦନୀୟ । ଏହାର ଜନ୍ମ ପ୍ରତିମା ପୂଜାରୁ ଆରମ୍ଭ ହେଲେ ହେଁ, ଯଥାର୍ଥ ବିଚାରବୁଦ୍ଧି ପ୍ରୟୋଗରେ ଏହାକୁ ସାର୍ଥକ ମାର୍ଗରେ ପରିଚାଳନା କରାଯାଇପାରେ । ସେ ସମ୍ପର୍କରେ

Digitized by srujanika@gmail.com

(କ)ଏହା ଗୁଣ ପରିବର୍ତ୍ତିରେ କେବଳ ଗୁଣବାନ ବସ୍ତୁର ପୂଜା ହୋଇପାରେ । ଏହା ହିଁ ସାମାଜିକ ଅଧୋଗତିର ସଙ୍କେତ ଦିଏ । କାରଣ ଏଥିଦ୍ୱାରା ସ୍ପଷ୍ଟତଃ ଏହି ପୂଜା ପ୍ରତିମା ପୂଜାରେ ପର୍ଯ୍ୟବସିତ ହୋଇଥାଏ । (ଖ କିମ୍ବା ବସ୍ତୁହୀନ ଶୂନ୍ୟ ଗୁଣର ପୂଜା ବା ଆଦର ଗୋଟିଏ ପ୍ରଣାଳୀ ହୋଇପାରେ । ଏ ପ୍ରକାର କଳ୍ପନା ସାଧାରଣଙ୍କ ପକ୍ଷରେ ସମ୍ଭବପର ନୁହେଁ । କାରଣ, ''ବ୍ୟକ୍ତିତ୍ୱ ବ୍ୟତୀତ ଗୁଣରେ ଧାରଣା କରିବା ମନୁଷ୍ୟ ପକ୍ଷରେ ସମ୍ଭବପର ନୁହେଁ ।" ଗ) କିମ୍ବା ଶେଷତଃ ଦୁଇଟିର ସମବାୟ ହୋଇପାରେ । ଲେଖକଙ୍କ ମତରେ ଏହା ହିଁ ହେଉଛି ସର୍ବଶ୍ରେଷ୍ଠ ପନ୍ଥା । ସେ କହିଛନ୍ତି, ''ଜଡ଼ବସ୍ତୁରେ ପ୍ରତିମା ପୂଜା ଓ ଶୂନ୍ୟଗୁଣରେ ପ୍ରତୀକପୂଜା, ସ୍ଥୂଳତଃ କେବଳ ପ୍ରତିମା ଓ କେବଳ ପ୍ରତୀକ ପୂଜା କୌଣସିଟି ଠିକ ନୁହେଁ । ଦୁହିଁଙ୍କର ସମବାୟରେ ପ୍ରକୃତ ପ୍ରତୀକ-ପୂଜାର ତତ୍ତ୍ୱ ଅଛି ।" କାରଣ ଗୁଣ ଓ ବସ୍ତୁ ପରସ୍ପର ଆପେକ୍ଷିକ, ଏମାନଙ୍କର ସ୍ୱତନ୍ତ୍ର ସତ୍ତା ପୃଥକ ଭାବେ କଳ୍ପନା କରିବା ଅସମ୍ଭବ । ଗୁଣବ୍ୟତୀତ ବସ୍ତୁ ଓ ବସ୍ତୁ ବ୍ୟତୀତ ଗୁଣ କାହାରି ବାସ୍ତବ ରାଜ୍ୟରେ ଅସ୍ତିତ୍ୱ ନାହିଁ । ଏ ଉଭୟଙ୍କର କ୍ରିୟା ଉପରେ ସମାଦୃତ ହେବା ଉଚିତ ସେ ବିଷୟରେ ଲେଖକ ସୂଚନା ଦେଇଛନ୍ତି, "ଗୁଣରେ କ୍ରିୟା ସ୍ଥାୟୀ ଭାବେ ତାହାର (ଲୋକର' ମନକୁ ପ୍ରଭାବିତ କରିପାରିଲେ ପ୍ରକୃତ ପ୍ରତୀକ ପୂଜା ପ୍ରତିଷ୍ଠିତ ହୁଏ । କିନ୍ତୁ ଅସଂଲଗ୍ନ ଗୁଣ ସ୍ଥାୟୀ ଭାବରେ ମନୁଷ୍ୟର ଚରିତ୍ର ଉପରେ କିଛି କାର୍ଯ୍ୟ କରିପାରେ ନାହିଁ । ତେଣୁ ଏହି ଗୁଣ ମଧ୍ୟରେ ଗୋଟିଏ ବ୍ୟକ୍ତିତ୍ୱ ବା ଏକତ୍ୱ ନୀତିର ଧାରଣା ଆବଶ୍ୟକ । ଏହି ଏକତ୍ୱ ନୀତି ହିଁ ମନୁଷ୍ୟର ପ୍ରକୃତ ବସ୍ତୁ ଧାରଣା ।" ଏହି ଭାବଧାରାକୁ ଲେଖକ ପରବର୍ତ୍ତୀ ସ୍ଥଳରେ ଅଧିକ ସ୍ପଷ୍ଟ କରି ଦେଇଛନ୍ତି, ପ୍ରତିମା ପୂଜା ଓ ପ୍ରତୀକପୂଜା ସେହି ବ୍ୟକ୍ତିତ୍ୱଯୁକ୍ତ ପ୍ରତୀକ ପୂଜାର ଦୁଇଟି ବିଭବ ମାତ୍ର । ଏକ ଦିଗରେ ପ୍ରତିମା ବ୍ୟତୀତ ପ୍ରତୀକ ରହି ନ ପାରେ । ଅନ୍ୟଆଡ଼େ କେବଳ ପ୍ରତୀକ ବା କେବଳ ପ୍ରତିମା ପୂଜା କରିବା ସମୀଚୀନ ନୁହେଁ, ଏପରି ସ୍ଥଳରେ ପ୍ରତୀକର ବ୍ୟକ୍ତିତ୍ୱ ଧାରଣା କରି ସମସ୍ତ ଶକ୍ତିରେ ସେହି ବ୍ୟକ୍ତିତ୍ୱ ଅନୁଭବ କରି ପ୍ରକୃତ ପ୍ରତୀକ ପୂଜାରେ ଦୀକ୍ଷିତ ହେବାକୁ ହେବ । ଅନ୍ତତଃ ସମାଜରେ ତାହା ହିଁ ଆଦର୍ଶ ହେବା ବାଞ୍ଛନୀୟ ।"

କଳଙ୍କିତ ସମାଜର ମନୁଷ୍ୟ ସୃଷ୍ଟି ବହୁବିଧ ଅପସ୍ୱରର ଦୂରୀକରଣ ଓ ତା ସ୍ଥଳରେ ଏକ ସୁସ୍ଥ ଆଦର୍ଶ ସାମାଜିକ ଜୀବନ ପ୍ରତିଷ୍ଠା-ଏହା ହିଁ ଥିଲା ନୀଳକଣ୍ଠଙ୍କ ଅନ୍ତରରେ ପ୍ରଧାନ ଆଭିମୁଖ୍ୟ । ସେଇ ଲକ୍ଷ୍ୟରେ ସେ ଉପରୋକ୍ତ ଚାରୋଟି ପ୍ରବନ୍ଧରେ ଯେଉଁ ତାତ୍ତ୍ୱିକ ଆଲୋଚନା କରିଛନ୍ତି, ସେ ଆଲୋଚନା ଶେଷୋକ୍ତ ତିନୋଟି ପ୍ରବନ୍ଧରେ କେବଳ ଭିନ୍ନ ଭିନ୍ନ ରୂପରେ ସ୍ଥାନ ପାଇଛି; କିନ୍ତୁ ସେଇ ତିନୋଟି ପ୍ରବନ୍ଧର ଅନ୍ତଃସ୍ୱରଟି ମାତ୍ର ଗୋଟିଏ ଅଶିକ୍ଷାରୁ ଅଜ୍ଞତ୍ୱ ଜନ୍ମଲାଭ କରି ଭ୍ରଷ୍ଟାଚାରର ପ୍ରସାର କରେ ଓ ଯଥାର୍ଥ ଶିକ୍ଷାଲାଭ କରି ବିଚାର-ବୁଦ୍ଧି ସହ କାମ କଲେ ବଳିଷ୍ଠ ସୁସ୍ଥ ସମାଜ ପ୍ରତିଷ୍ଠିତ ହୁଏ । ଏହି ତିନୋଟି ପ୍ରବନ୍ଧରେ ଯେଉଁ ଦୁଇ ଦୁଇଟି ବିରୁଦ୍ଧ ପ୍ରକୃତିର ଶକ୍ତି ନିର୍ବାଚିତ ହୋଇଛି ସେମାନଙ୍କ ଭିତରେ ମଧ୍ୟ ବିଶେଷ ସାମଞ୍ଜସ୍ୟ ପରିଲକ୍ଷିତ ହୁଏ । ମନୁଷ୍ୟର ଆଦିମ ପ୍ରକୃତି ''ଅହଂ" ଶକ୍ତି ରକ୍ଷଣଶୀଳତାର ଦ୍ୟୋତକ; ଏହା ହିଁ ମନୁଷ୍ୟର ଜଡ଼ "ପ୍ରକୃତି" ଯାହା ଜନ୍ତୁବୃତ୍ତିର

Digitized by srujanika@gmail.com

ନ ମାନ୍ତର ମ ତ । ଏ ପ୍ରକୃତ କେବଳ "ପ୍ରତିମା ପୂଜା"ର ଏକାନ୍ତ ଅନୁକୂଳ; କିନ୍ତୁ ବଦ୍ଧ ଚକ୍ଷଣଶୀଳତାର ଦାଗଫାସରୁ ରକ୍ଷା ପାଇବାକୁ ହେଲେ ମନୁଷ୍ୟକୁ "ହେତୁ" ଶବ୍ଦର ଅଧିନ ଆଶ୍ରୀ ହେବାକୁ ପଡ଼ିବ, କିନ୍ତୁ "ହେତୁ" ଶବ୍ଦ ବା ପରିବର୍ତ୍ତନ—ପ୍ରବଣତାର ଆଶ୍ରୟ ନେଲବେଳେ କର୍ମକୁ "ନୀତି" ଦ୍ୱାରା ନିୟନ୍ତ୍ରଣ କରିବା ଉଚିତ । ନୀତି-ନିୟନ୍ତ୍ରିତ "ହେତୁ" ଶବ୍ଦରେ ଭୂଷିତ ହୋଇ ମନୁଷ୍ୟ ବସ୍ତୁରବୁଦ୍ଧି ବଳରେ କାର୍ଯ୍ୟାକାର୍ଯ୍ୟ ନିରୂପଣ କଲେ 'ପ୍ରତିଭା ପୂଜା" ରେ ଅଦ୍ଭୁ ପ୍ରମାଦ ଘଟିବ ନାହିଁ । ତେଣୁ "ଅନ୍ଧ" ଓ "ହେତୁ" 'ପ୍ରକୃତି" ଓ "ନୀତି" ଏବଂ "ପ୍ରତିମା ପୂଜା" ଓ "ପ୍ରତିଭା ପୂଜା"--ଏମାନେ ପରସ୍ପର ଭିନ୍ନମୁଖୀ ନୁହନ୍ତି, ସୁସ୍ଥ ସମାଜ ପ୍ରତିଷ୍ଠା ପାଇଁ ଦ୍ୱି ଶକ୍ତି ଏକାନ୍ତ ଆବଶ୍ୟକ ହେଲେ ହେଁ, ଏହାର କଳ୍ପନା ପ୍ରଥମଟି ବିନା ସଂପୂର୍ଣ୍ଣ ଅସମ୍ଭବ । ନୀଳକଣ୍ଠଙ୍କର ଲେଖାରେ ସେହି ହେତୁରୁ ଏ ଦୁଇ ବିରୁଦ୍ଧ ନୂନ ଉପାଦାନର ସମୀକରଣ ବା ସମନ୍ୱୟ ଭିତ୍ତି ଉପରେ ବିଶେଷ ଜୋର ଦିଆଯାଇଥିବାର ଦେଖିବାକୁ ମିଳେ ।

ଉପରୋକ୍ତ ସ୍ୱଗ୍ରୋକ୍ତି ପ୍ରବନ୍ଧରେ ଲେଖକ ତତ୍ତ୍ୱମୂଳକ ଆଲୋଚନାପ୍ରବୃତ୍ତ ହୋଇ-ଥିବାର କୁହାଯାଇଛି । ସମାଜର ବିଭିନ୍ନ ସ୍ତରରେ ଥିବା ଅନ୍ଧ କୁସଂସ୍କାରଛନ୍ନ ସାମାଜିକ ଅପରାଧର ସ୍ୱରୂପ ଓ ତାର ଯଥାର୍ଥ ହେତୁ ସମୀକ୍ଷା ପ୍ରସଙ୍ଗରେ ସେ ମନୁଷ୍ୟର ମନ ବା ଚିତ୍ତକୁ ପ୍ରଧାନ ଭାବେ ବିଶ୍ଳେଷଣ କରିଛନ୍ତି । ଫଳରେ ସେ ଲେଖା ସବୁ ତାର୍କିକର ଶୁଷ୍କ ବିଶ୍ଳେଷଣରେ ପରିପୂର୍ଣ୍ଣ ହୋଇ ଉଠିଛି । ତଥ୍ୟ ଉପରେ ସେ ତାତ୍ତ୍ୱିକ ଆଲୋଚନା ପ୍ରତିଷ୍ଠିତ ହୋଇଥିଲେ ହେଁ, ତାହା କେତେକ ପରିମାଣରେ ସର୍ବଜନସ୍ପୃହଣୀୟ ସାହିତ୍ୟିକ ବାତାବରଣରୁ ବଞ୍ଚିତ ହୋଇଯାଇଛି । କିନ୍ତୁ ତାଙ୍କର ଶେଷ ଦୁଇଟି ପ୍ରବନ୍ଧ 'ମୋ ନିଶ' ଓ 'ସାମାଜିକ କୁସଂସ୍କାର'—ପ୍ରଥମ ଲେଖାମାନଙ୍କଠାରୁ ଏକ ଏକ ବ୍ୟତିକ୍ରମ ରୂପେ ଦେଖାଯାନ୍ତି । ସେଠାରେ ତାତ୍ତ୍ୱିକ ଆଲୋଚନା କଥୋପକଥନ ଭଙ୍ଗୀ ହେତୁ ଅତୀବ ରୁଚିକର ହୋଇପାରିଛି । ବିଶେଷତଃ ଏ ଦୁଇ ପ୍ରବନ୍ଧରେ ଥିବା ଅତି ଉଚ୍ଚକୋଟୀର ବିଦ୍ରୂପ ବା ସାଟାୟାର ଏମାନଙ୍କୁ ରସସିକ୍ତ କରି ତୋଳିଛି । ସମାଜ-ସଂସ୍କାର ଯୁଗରେ ଯେଉଁମାନେ ସାହିତ୍ୟର ଏଇ ବିଭାଗରେ ହାତ ଦେଇଥିଲେ ସେମାନଙ୍କ ଭିତରୁ ଫକୀରମୋହନ ବର୍ତ୍ତମାନ ଜଣେ ଅଦ୍ୱିତୀୟ ସ୍ରଷ୍ଟା ରୂପେ ଗୃହୀତ ହୋଇଛନ୍ତି । କିନ୍ତୁ ସଂସ୍କାରକ ନୀଳକଣ୍ଠଙ୍କର ଏଇ ଦୁଇ ପ୍ରବନ୍ଧରେ ସାଟାୟାର ଯେଉଁରୂପେ ଦେଖିବାକୁ ମିଳେ, ତାହା ସେନାପତିଙ୍କ ଲେଖାରେ ନାହିଁ । ସମଗ୍ର ଓଡ଼ିଆ ସାହିତ୍ୟରେ ଏହାର ତୁଳନା ମିଳିବା ମଧ୍ୟ ସମ୍ଭବପର ନୁହେଁ ।

'ମୋ ନିଶ' ପ୍ରବନ୍ଧରେ ପ୍ରଥମ ଭାଗରେ ଲେଖକ ପ୍ରତ୍ୟେକ ସାମାଜିକ ଆଚାର ବିଚାର ଉପରେ ସମ୍ୟକ୍ ଜ୍ଞାନ ଅର୍ଜନ ପାଇଁ 'କାରଣ'ମାନ ପଚାରିଛନ୍ତି । ତାଙ୍କ ଗାଁରପାଣି ଧୋବାର ମାଛୁଆପାତକଠାରୁ ଆରମ୍ଭ କରି କେଳା ବେଠିହେବାର ଗୋବଧ ପର୍ଯ୍ୟନ୍ତ ବହୁ ମହାପାତକର ପ୍ରାୟଶ୍ଚିତ୍ତ ହେବା ଲେଖକ ଦେଖିଛନ୍ତି । କିନ୍ତୁ ସଙ୍କର୍ଷଣପୁରର ଗୁନା ରଥେ ନିଜ ବଳରେ ବାଡ଼ୁଙ୍ଗା ଓ ଘାସ ବାହୁଳବେଳେ ବୁଢ଼ୀ ଗାଈକୁ ମାରଦେଇ ନିଷ୍ପାପ

Digitized by srujanika@gmail.com

ହୋଇଛନ୍ତି । ଏ ସମ୍ପର୍କରେ ଲେଖକ କହୁଛନ୍ତି, "ରଥଙ୍କର ବଡ଼େଇ ଦୁଃଖ; ରକ୍ତପିତ୍ତ ଠେଙ୍ଗାଟି ଭାଙ୍ଗିଗଲା ବୋଲି ଲୋମ୍ଭ ଠେଙ୍ଗାର ଭଙ୍ଗ ଆଉ ସେପରି ଅଣ୍ଡା କରୁ ନାହିଁ ।" ସମାଜପତିଙ୍କର ବସ୍ତୁରବୈଷମ୍ୟ ପ୍ରତି କପଟ ଭାଷା ବ୍ୟବହାରରେ କିପରି କଟାକ୍ଷପାତ କରାଯାଇଛି, ତାହା ଏଠାରେ ଲକ୍ଷ୍ୟ କରିବା କଥା । ଲେଖକଙ୍କର ଆତ୍ମୀୟ ପଣ୍ଡିତ କୃଷ୍ଣଚନ୍ଦ୍ର ତ୍ରିପାଠୀ ପରଦେଶାଗତ ସାମାଜିକ ବିଧି ବ୍ୟବସ୍ଥାକୁ ଯେଉଁ ତିନୋଟି କାରଣରୁ ରକ୍ଷା କରିଛନ୍ତି, ତାହା ଲେଖକଙ୍କ ଭାଷାରେ ହେଉଛି (କ) ତାହା ନ କଲେ ଚଳିନାହିଁ, ବା ସାଧାରଣ ଲୋକର ରୁଚିକର ନୁହେଁ, ତାହା କରିବା ଅବହୃତ । (ଖ) ମନୁଷ୍ୟ ଜନ ସାଧାରଣର ପ୍ରଶଂସା ଉଦ୍ଦେଶ୍ୟ ରଖି କାର୍ଯ୍ୟ କରିବ ଓ (ଗ) ଯାହା ନିଜର ସାଂସାରିକ ସ୍ୱାର୍ଥସାଧନର ଉପଯୋଗୀ ନୁହେଁ, ତାହା କରି କି ଲାଭ ? ଲେଖକ ଅତି ନିଷ୍ଠୁରତାର ସହ ଉପରୋକ୍ତ ତିନୋଟି ଯୁକ୍ତିର ଅସାରତା ଏହି ପ୍ରବନ୍ଧରେ ପ୍ରମାଣ କରିଛନ୍ତି । ଦ୍ୱିତୀୟ ଯୁକ୍ତିର ଅସାରତା ପ୍ରତିପାଦନ ପାଇଁ ଲେଖକ ଯେଉଁ ପରିହାସ ଓ ବିଦ୍ରୂପର ଆଶ୍ରୟ ନେଇଛନ୍ତି, ତାର ଗୋଟିଏ ଉଦାହରଣ ଦେଉଛୁ । "କେବଳ ବାପେ ବଡ ବାପେ, ଯାହା କରିଅଛନ୍ତି ବୋଲି ଆମ୍ଭର ଧାରଣା ହୋଇଅଛି ଏବଂ ଲୋକେ ଯାହା କରୁଅଛନ୍ତି, ତାହା ହିଁ ଶାସ୍ତ୍ର, ତାହା ହିଁ ସତ୍ୟ । ବାସ୍ତବିକ ପଣ୍ଡିତମାନଙ୍କ ଯୁକ୍ତି ଏ ବିଷୟରେ ସମୀଚୀନ । ବାପାଙ୍କଠାରୁ ତ ଆମ୍ଭେମାନେ ଜନ୍ମ ପାଇଛୁଁ । ତାଙ୍କ ବୁଦ୍ଧିଠାରୁ ତ ଆମ୍ଭର ଅଳ୍ପ ହେବାର କଥା । ଯେଉଁମାନେ ପିତୃପୁରୁଷଙ୍କଠାରୁ ବେଶି ବୁଦ୍ଧିମାନ ବୋଲି ଆପଣାକୁ କହନ୍ତି, ସେମାନେ ପିତୃଭକ୍ତିବିହୀନ । ତେବେ ଯାହା କେତେକାଳ ତଳରୁ ହୋଇଯାଇଛି, ତାହାର ଆଉ କାରଣ ବୁଝିବା ପ୍ରୟୋଜନ କଣ ? ପୁଣି ଯାହା ବହୁତ ବର୍ଷ ତଳରୁ ହୋଇଗଲାଣି, ତାହାର କାରଣ ବା ଆମ୍ଭେ କିପରି ପାଇବା ? ବୁଦ୍ଧିରୁ ବୁଦ୍ଧି ବାହାରି କମି ? ଆମ୍ଭ ବୁଦ୍ଧି କମିନ ଗଲାଣି । ଏହା ଭାଙ୍ଗିବା ଦରକାର ।"

"ଆମ୍ଭର ଥିଲା ଓ କାରଣ ଥାଇପାରେ" ନୀଳକଣ୍ଠଙ୍କ ଏକ ଦୀର୍ଘ ପ୍ରବନ୍ଧ । ଏହା ପତ୍ରିକାରେ ସାତୋଟି ସଂଖ୍ୟାରେ ପ୍ରକାଶିତ । କୌଣସି ସାମାଜିକ ରୀତି ବା ବିଧି ଈଶ୍ୱର ସମ୍ପାଦିତ ଅନୁଜ୍ଞାର ଅନୁବର୍ତ୍ତୀ ନୁହେଁ, ମଧ୍ୟ "ସ୍ୱୟଂ ଈଶ୍ୱରୋପମ ବ୍ୟକ୍ତିଦ୍ୱାରା ଆଦିଷ୍ଟ" ସମୟରେ ସାମାଜିକ ରାଜନୀତି ଲୋକଙ୍କଦ୍ୱାରା ସୃଷ୍ଟି ହୁଏ । ଏହାର ମୂଳ ମଧ୍ୟ ଚିରନ୍ତନ ନୁହେଁ । ତଥାପି ଅତି କୁସଂସ୍କାରଚ୍ଛନ୍ନ ପ୍ରବୃତ୍ତି ତାଠାରେ ଗଭୀର ସମ୍ମାନ ପ୍ରଦର୍ଶନ କରି ତାର ସ୍ଥିତିକୁ ସୁଦୃଢ଼ କରିଥାଏ । ଏଥିପାଇଁ ସେ ଯେଉଁ ସାତୋଟି ଯୁକ୍ତିର ଆଶ୍ରୟ ନିଏ, ଲେଖକଙ୍କ ମତରେ, ତାହା ହେଉଛି (କ) ପୂର୍ବପୁରୁଷମାନେ ଈଶ୍ୱରପ୍ରତିମ ଲୋକ ଏବଂ ସେମାନେ ଏକ କାଳରେ ଯାହା କରି ଯାଇଅଛନ୍ତି, ତାହା ସର୍ବକାଳର ଉପଯୋଗୀ । ଆମ୍ଭର ସବୁ ଥିଲା ଅର୍ଥାତ୍ ଆମ୍ଭର ନ ଥିଲା ଏପରି ଦ୍ରବ୍ୟ ନାହିଁ । (ଖ) ଆମ୍ଭେମାନେ ପତିତ ଏବଂ କୌଣସି ସାମାଜିକ ବିଷୟରେ ଆମ୍ଭମାନଙ୍କର କୌଣସି ସିଦ୍ଧାନ୍ତ କରିବାର ଶକ୍ତି ଏକାବେଳକେ ନାହିଁ । ଶାସ୍ତ୍ରାଦିରେ ଯାହା ଅଛି ବା ଆମ୍ଭେମାନେ ଯାହା କାରଣ ଜାଣି ବା ନ ଜାଣି କରି ଆସୁଅଛୁଁ, ତାହାହିଁ ଆମ୍ଭମାନଙ୍କ ପକ୍ଷରେ ଯଥେଷ୍ଟ । (ଗ) ଆମ୍ଭେମାନେ ଯାହାର କାରଣ ପାଉ ନାହୁଁ, ତାହା ପରିହାର କରିବା ଉଚିତ ନୁହେଁ । ସେସବୁ ଥିଲେ

Digitized by srujanika@gmail.com

କାରଣ ନିଶ୍ଚୟ ଅଛି । ତା' ନ ହେଲେ ଏତେ ଲୋକ ଏତେ କାଳ ତାହାର ଅନୁଷ୍ଠାନ କରନ୍ତେ କିପରି ? (ଘ) ଯଦି କାରଣ ନାହିଁ ବୋଲି ଆମ୍ଭେମାନେ ଅନୁଷ୍ଠାନାଦି ଛାଡ଼ି ଦେଉଁ ଏବଂ ସେଥିରେ ହୁଏତ କାରଣ ଥାଇପାରେ । ତେବେ ଆମ୍ଭର କି ଅକାର୍ଯ୍ୟ ହେବ ? ଅତଏବ ସମ୍ୟକ୍ ନ ବୁଝିବା ଯାଏ କିଛି ଛାଡ଼ିଦେବା ଉଚିତ ନୁହେଁ । ଏ ସ୍ତରେ ଏଟି ପ୍ରକାର ଅସାରତା ପ୍ରମାଣ କରାଯାଇଛି । ହାସ୍ୟରସପୂର୍ଣ୍ଣ ପରିହିତ, ବିଦ୍ରୂପାତ୍ମକ ଭାଷା ଓ କଥନ ଭଙ୍ଗୀର ବୈଚିତ୍ର୍ୟ ମାଧ୍ୟମରେ । 'ଶ୍ରୀପଞ୍ଚମୀ' (୧୯୧୨ ଜାନୁଆରୀ) କବିତାରେ ନୀଳକଣ୍ଠ ଯଥାର୍ଥରେ କହିଛନ୍ତି—

"ଭାରତ ପତିତ ଆଜ, ହୀନ ଆର୍ଯ୍ୟ ହିନ୍ଦୁ,
ହରାଇଛି ଜ୍ଞାନର ସେ ସ୍ନେହ,
ଭୂଲରେ ପ୍ରତିମା ରଚି ନାଶକେଳପରେ
ଗଢନ୍ତେ ତେଣୁ ଭୌତିକ ବିଗ୍ରହ ।
ସୁସ୍ୱାଦୁ ମିଷ୍ଟାନ୍ନ ଖାଇ ଉପବାସ କରେ,
ଅର୍ଚ୍ଚନା ସେ କରଇ ଜ୍ଞାନର
ଭୂତ ଅତି-ଭୂତ ଭେଦ ଭୁଲିଣ ସତତ,
ହୋଇଅଛି ଅଜ୍ଞାନ ବର୍ବର ।
\+ \+ \+ \+
'ଥିଲା', 'ଥିଲା' ବୋଲି ପଡ଼ି କୁସଂସ୍କାର ଜାଲେ
ଦେଶସାରା ଜଡ଼ପିଣ୍ଡମୟ,
ନାହିଁ ଆଜ ବିଜ୍ଞାନର ସେ ପୁଣ୍ୟ ବିଭବ,
କର୍ମଯୋଗେ ଶକ୍ତିର ସଞ୍ଚୟ ।"

( ୪ )

ଶ୍ରୀ ନୀଳକଣ୍ଠ ଦାଶ ଏମ ଏ ପଣ୍ଡିତ ନୀଳକଣ୍ଠ ଦାସ ଓ ନୀଳକଣ୍ଠ ଦାସ-ସାହିତ୍ୟ ସାଧକ ନୀଳକଣ୍ଠଙ୍କର ଏଇ ତିନୋଟି ବିଶିଷ୍ଟ ବ୍ୟକ୍ତିତ୍ୱ ନୀଳକଣ୍ଠ-ସାହିତ୍ୟ-ସୃଷ୍ଟିର ପ୍ରଧାନ ହେତୁ । ୧୯୨୦ ସାଲ ପର୍ଯ୍ୟନ୍ତ ଯେଉଁସବୁ କୃତୀ ଏ ଦେଶର ସାହିତ୍ୟ ଓ ସାମାଜିକ ନୀତି ନିୟମ ଭିତରେ ଏକ ପ୍ରଳୟଙ୍କରୀ ଝଞ୍ଜା ସୃଷ୍ଟି କରିଥିଲା, ସେସବୁ ନୀଳକଣ୍ଠ-ଜୀବନର ପ୍ରଥମ ପର୍ଯ୍ୟାୟର ଅନ୍ତର୍ଭୁକ୍ତ । ୧୯୧୧ ସାଲଠାରୁ ୧୯୩୪ ସାଲ ପର୍ଯ୍ୟନ୍ତ (ନବଭାରତ ସମ୍ପାଦନା ପର୍ଯ୍ୟନ୍ତ) ପ୍ରାୟ ୧୫ ବର୍ଷ କାଳ ଅ.ମେ ସ୍ରଷ୍ଟା ଓ ସଂସ୍କାରକ ନୀଳକଣ୍ଠଙ୍କୁ ସମାଜସେବୀ ଓ ସ୍ୱାଧୀନତା-ସଂଗ୍ରାମ-ପ୍ରୟାସୀ ନୀଳକଣ୍ଠ ରୂପରେ ଦେଖିବାକୁ ପାଉଁ । ସାହିତ୍ୟ ଦୃଷ୍ଟିରୁ ବିଚାର କଲେ ଏ ଦ୍ୱିତୀୟ ନୀଳକଣ୍ଠଙ୍କର କୌଣସି ଉଲ୍ଲେଖଯୋଗ୍ୟ ଅବଦାନ ଏ ସାହିତ୍ୟକୁ ଅଛି ବୋଲି ମନେହୁଏ ନାହିଁ । ୧୯୩୪ ସାଲ ପରେ ବିଶେଷତଃ ନୀଳକଣ୍ଠ ଦାସ, ଶାନ୍ତ, ସୁସମାହିତ, ଶୁଦ୍ଧ-ଚୈତନ୍ୟ, ବୃଦ୍ଧ ନୀଳକଣ୍ଠଙ୍କ

Digitized by srujanika@gmail.com

ଗତ ଦଶ ବର୍ଷର ରଚନା ହୁଏତ ନୀଳକଣ୍ଠ ସାହିତ୍ୟ- ସାଧନାର ଏକ ବିଶିଷ୍ଟ ନିରୂପ ଉପରେ ନିର୍ଭୁଲ ଓ ଅଭ୍ରାନ୍ତ ଧାରଣା ଦେବାକୁ ସମର୍ଥ ହେବ ନାହିଁ । କିନ୍ତୁ ଦୀର୍ଘ ୪୮ ବର୍ଷର ସାହିତ୍ୟିକ ଜୀବନ ଧାରାବାହିକଭାବେ ପର୍ଯ୍ୟାଲୋଚନା କଲେ ତାଙ୍କ ଅବଦାନ ଭିତରେ ଏଇ ନିରୂପକୁ ସନ୍ଦର୍ଶନ ନ କରି ଆମ୍ଭେମାନେ ରହିପାରିବୁ ନାହିଁ । ଦେଖିବାର କଥା, ଏ ତିନୋଟି ରୂପ ପରସ୍ପର ସମ୍ବନ୍ଧରହିତ ବା ଅସଂଲଗ୍ନ ନୁହନ୍ତି । ଏମାନଙ୍କ ଭିତରୁ ଗୋଟିଏ ଅନ୍ୟଟିର ପୃଷ୍ଠଭୂମି ମାତ୍ର । ସାହିତ୍ୟ-ସ୍ରଷ୍ଟା ଓ ସମାଜ-ସଂସ୍କାରକ ନୀଳକଣ୍ଠ ନିଜ ଜୀବନର ଅପ୍ରମାରମ୍ଭରେ ଯେଉଁ କ୍ଷେତ୍ର ପ୍ରସ୍ତୁତ କରିଥିଲେ, ପରବର୍ତ୍ତୀ ୧୫ ବର୍ଷ ଭିତରେ ତାହା ତାଙ୍କୁ ଜାତୀୟ ନେତା ଓ ରାଜନୀତି-ବିଶାରଦ ପଣ୍ଡିତ ନୀଳକଣ୍ଠ ଦାସ ରୂପରେ ଏ ଦେଶ ଆଗରେ ଉପସ୍ଥାପନ କରିଥିଲା । ଦାର୍ଶନିକ, ସାହିତ୍ୟ-ସମାଲୋଚକ, ଓଡ଼ିଶୀ ସଂସ୍କୃତି ପ୍ରଖ୍ୟାପକ, ଉଗ୍ର ଜାତୀୟତାର ପ୍ରକାଶ ନୀଳକଣ୍ଠ ଦାସଙ୍କର ଜୀବନ-ଇତିହାସ ପୂର୍ବୋକ୍ତ ଦୁଇଟି ଜୀବନ-ପୃଷ୍ଠଭୂମି ଉପରେ ପ୍ରତିଷ୍ଠିତ ବରଂ ଏହା ନିଃସନ୍ଦେହରେ କୁହାଯାଇପାରେ ଯେ, ସ୍ରଷ୍ଟା, ସଂସ୍କାରକ ଓ ନେତା ନୀଳକଣ୍ଠ-ଜୀବନର ଏହା ହିଁ ହେଉଛି ଏକ ପ୍ରାକୃତିକ ଓ ଦୁର୍ଲଂଘନୀୟ ପରିଣତି ମାତ୍ର । ବର୍ତ୍ତମାନ ପ୍ରବନ୍ଧରେ ସାହିତ୍ୟ-ସ୍ରଷ୍ଟା ନୀଳକଣ୍ଠଙ୍କ ଅପେକ୍ଷା ସଂସ୍କାରକ ନୀଳକଣ୍ଠଙ୍କ ଅବଦାନ ଉପରେ ସାମାନ୍ୟ ଆଲୋକପାତ କରାଯାଇଛି କିନ୍ତୁ ଜୀବନର ପ୍ରଥମ ପର୍ଯ୍ୟାୟରେ ଦେଖା ଦେଇଥିବା ତାଙ୍କ ସାହିତ୍ୟ-ସୃଷ୍ଟି ଉପରେ କୌଣସି ମତାମତ ଦିଆଯାଇ ନାହିଁ । ଯେ 'ନିଶ' ପ୍ରବନ୍ଧର ନୀଳକଣ୍ଠଙ୍କୁ ଚିହ୍ନି ନାହିଁ, ସେ 'ଓଡ଼ିଆ ସାହିତ୍ୟର କ୍ରମପରିଣାମ'ର ନୀଳକଣ୍ଠଙ୍କୁ ବୁଝିବ କିପରି ?

———

"ସନ୍ତାନ ଜୀବନ ସନ୍ତାନଟି ଧନ
ସନ୍ତାନ ରମଣୀ-ପରମ-ତପ,
ସନ୍ତତି-ବୋଇତେ ସ୍ନେହ ପାରାବାରେ
ଜଳଇ ଜଗତେ ଜୀବନ ଦୀପ ।
ମମତା ଫୁଟଇ ଜନନୀ ହୃଦୟେ,
ଅନନ୍ତ-ରସରେ ଭରଇ ଧରା,
ସେହି ସ୍ନେହେ ଝରି ପଡ଼େ ପୟୋଧର
ଫୁଟଇ ଗଗନେ ତପନ ତାରା ।"

(ମାତୃଦେବୀ,—ନୀଳକଣ୍ଠ)

Digitized by srujanika@gmail.com

# ସଫଳ ଜୀବନର ଅଫଳ ସ୍ୱପ୍ନ

ଜଷ୍ଟିସ୍ ହରିହର ମହାପାତ୍ର

ମହାଦେବ ଗରଳ ଭକ୍ଷଣ କରି ଜୀର୍ଣ୍ଣ କରି ପାରିଥିଲେ ବୋଲି ଦେବକୁଳରେ ତାଙ୍କର ଅସାଧାରଣ ଖ୍ୟାତି ସ୍ଥାପିତ ହେଲା । ବିଷ ଜଠରାନଳରେ ଭସ୍ମ ହେଲା ସତ, କିନ୍ତୁ କଂଠଦେଶରେ ତାହାର ଚିହ୍ନ ଚିରକାଳ ପାଇଁ ରହିଗଲା । ଗୌରବର୍ଣ୍ଣ ଅବୟବରେ ମହେଶଙ୍କୁ ଗରଳର ନୀଳରଙ୍ଗ ବହନ କରିବାକୁ ହେଲା । ନାମ ମଧ୍ୟ ପରିବର୍ତ୍ତିତ ହେଲା ନୀଳକଣ୍ଠ । ବିଜୟ କାହାର ହେଲା, ଏ ପ୍ରଶ୍ନର ସମାଧାନ ଏ ପର୍ଯ୍ୟନ୍ତ ହେଲା ନାହିଁ । ଗରଳ କହେ, ବିଷରେ ଦଗ୍ଧ ହୋଇଥିଲେ, ତମେ ନିଶ୍ଚିହ୍ନ ହୋଇଥାଆନ୍ତ । କାଳକ୍ରମେ ସମସ୍ତେ ଭୁଲି ଯାଇଥାଆନ୍ତେ । ତମର ପରାଜୟ । କିନ୍ତୁ ମୋର ବିଜୟଟୀକା ସବୁ ଦିନ ପାଇଁ ତୁମର ପ୍ରତିକ୍ଷଣର ନିଶ୍ୱାସ, ପ୍ରଶ୍ୱାସ ସଙ୍ଗେ କଣ୍ଠସ୍ଥଳରେ ସ୍ୱୀକାର ଉକ୍ତି ରୂପେ ଜାଜ୍ୱଲ୍ୟମାନ ରହିବ । ହାରିବାଠାରୁ ହାରି ମାନିବା ଅଧିକ ଲଜ୍ଜାକର । ତ୍ରିନେତ୍ରଙ୍କ କୋପଦୃଷ୍ଟି ଅଧିକ କୋପାନ୍ୱିତ ହୁଏ । ଡମ୍ବରୁ ବଜାଇ କହନ୍ତି, ଦହନର ଶେଷ ଚିହ୍ନ ଭସ୍ମ ପବନରେ ଉଡ଼ିଗଲେ, ବାହକ ପ୍ରମାଣଶୂନ୍ୟ ହୁଏ । ଚିରକାଳର ଚେତନା ପାଇଁ ଯାହାକୁ ଅବଲୀଳାକ୍ରମେ ଗର୍ଭସ୍ଥ କରିଛୁ, ତାହାର ସ୍ୱସଂକେତ ଗଣ୍ଡଦେଶରେ ପ୍ରକାଶ କରିଛୁ । ବହନର ଶକ୍ତି ଦହନରେ ଅକ୍ଷତ ରହିଛି, ତେଣୁ 'ନୀଳକଂଠ' ନାମ ଗ୍ରହଣ କଲି ।

ପରବର୍ତ୍ତୀ କାଳରେ ସେ ପଣ୍ଡିତ 'ନୀଳକଂଠ ଦାସ' ହେଲେ । ବୋଧହୁଏ ଏହି ଉଦ୍ଦେଶ୍ୟରେ ତାଙ୍କର ନାମକରଣ ହୋଇଥିଲା, 'ନୀଳକଂଠ'—ବହୁ ଗରଳର ସମ୍ମୁଖୀନ ହେବା ପାଇଁ । ସମାଜ, ସାହିତ୍ୟ, ଶାସନ, ସବୁ କ୍ଷେତ୍ରରେ ବିଦ୍ୱେଷ ବିଷ ତାଙ୍କୁ ଘାରିଛି ସଂହାର କରିପାରି ନାହିଁ । ବ୍ୟୂହ ଭେଦ କରିବାର ସୂତ୍ର ସେ ନିଜର ଉର୍ବର ମସ୍ତିଷ୍କରୁ ବାହାର କରିଥିଲେ । କାରଣ ଅଭିମନ୍ୟୁଙ୍କ ପରି ମାତୃଗର୍ଭରେ ତାହାର ସନ୍ଧାନ ପାଇବାର ସୁଯୋଗ ତାଙ୍କର ନଥିଲା । କିନ୍ତୁ ବ୍ୟୂହର ପ୍ରତ୍ୟାବର୍ତ୍ତନ ପାଇଁ ବାଟ ପାଇଲେ ନାହିଁ । ଅଭିମନ୍ୟୁଙ୍କର ସେଇଆ ଘଟିଥିଲା । ସହାୟତା ଅଭାବରେ ତାଙ୍କୁ ଶେଷରେ ବିଧାନସଭାର ବାଚସ୍ପତିରୂପକ ଶରଶଯ୍ୟାରେ ଶାୟିତ ହେବାକୁ ପଡ଼ିଲା । ଦୂରରେ ଥାଇ କେବଳ ବାଚନିକ ପ୍ରଶଂସାରେ ମନସ୍ୱୀ, ତେଜସ୍ୱୀଙ୍କର ପ୍ରତିଭା ପୂଜା ସାଙ୍ଗ ହେଲା । ତାଙ୍କର ୮୦ ବର୍ଷ ପୂର୍ତ୍ତିରେ ଯେଉଁ ଜୟନ୍ତୀ ସମ୍ବର୍ଦ୍ଧନାର ଆୟୋଜନ ହୋଇଥିଲା, ଭବିଷ୍ୟତ ଗବେଷକ ସେଥିରୁ ବହୁତ ତଥ୍ୟ ଉଦ୍‌ଘାଟନ କରିପାରିବେ । ମୃତ୍ୟୁ ପରେ ଯେଉଁ ଅଭିନନ୍ଦନ ଉତ୍ସ ବାହାରିଛି, ବାହାରୁଛି ଏବଂ ବାହାରିବ, ତାହା ତାଙ୍କର ପାଦଧୌତ କରିପାରିବ ନାହିଁ, ଯଦିଓ ସେଥିରେ ଅବଗାହନ କରି ଅନେକ ପୁଣ୍ୟ ସଞ୍ଚୟ କରିବେ । ସେ ଶୀତଳ ଜଳର ସ୍ପର୍ଶକାତର ଥିଲେ ।

Digitized by srujanika@gmail.com

ଅନେକେ ଏକମତ ହେବେ ନାହିଁ, କିନ୍ତୁ ସେ ଏମ. ଏ. ପାଶ କରି କଲିକତାରୁ ଆସି ଯେଉଁଦିନ ପ୍ରଥମ ସତ୍ୟବାଦୀ ସ୍କୁଲରେ ଯୋଗଦେଇ ଆମ କ୍ଲାସରେ ସର୍ବାଦୌ କାର୍ଯ୍ୟ ଆରମ୍ଭ କଲେ, ସେହିଦିନଠାରୁ ତାଙ୍କ ଜୀବନର ଶେଷପର୍ଯ୍ୟନ୍ତ ମୋ ମାନସପଟରେ ଯେଉଁ ଚମକ ରେଖାପାତ ହୋଇଛି, ସେଥିର ସମଷ୍ଟି ବିଷୟରେ ସାହିତ୍ୟ ନୀଳକଣ୍ଠଙ୍କ ଜୀବନ ଓ ପ୍ରତିଭାରେ ଗୌଣ ସ୍ଥାନ ଅଧିକାର କରିଥିଲା, ଯଦିଓ ଲୋକଦୃଷ୍ଟି ତାଙ୍କ ସାହିତ୍ୟ ଉପରେ ପଡ଼ିଥିଲା ବା ପଡ଼ିବାର ପ୍ରୟାସ ହୋଇଥିଲା । ଖରା, ପାଣିରୁ ରକ୍ଷା ପାଇବା ପାଇଁ ଘର ଉପରେ ଚାଳ ପଡ଼େ । ବର୍ଷକୁ ବର୍ଷ ଛପର ହୁଏ । ତାହା ଘରର ମୁଖ୍ୟ ଅଂଶ । ଚାଳ ଉପରକୁ ଯେଉଁ ଲାଉ କି ପାଣିକଖାରୁ ଡଙ୍କ ମାଡ଼େ, ତାହା ଗୌଣ । କିନ୍ତୁ ଦୃଷ୍ଟି ଲୋକଙ୍କର ବେଶୀ ପଡ଼େ କେତେ ଲାଉ ଫଳିଛି, କେତେ ପାଣିକଖାରୁ ଗଡ଼ୁଛି । ତାହା ହିଁ ମୁଖ୍ୟ ରୂପେ ପ୍ରତୀତ ହୁଏ ବାହାର ଲୋକଙ୍କୁ । ଘରବାଲା ମଧ୍ୟ କ୍ରମଶଃ ସେଥିରେ ପରିତୃପ୍ତି ବୋଧ କରେ । ଅସଲ ଚାଳ କଥା ରହିଯାଏ ସମସ୍ତଙ୍କର ମନର ଅନ୍ତରାଳରେ—ଯେପରି ତାହାର ସ୍ଥିତି, ନ ଥିଲା ପରି । ଲାଉର ମୂଲ୍ୟ ଅଛି, ପାଣିକଖାରୁ ଆଦରର ଖାଦ୍ୟସାମଗ୍ରୀ । କିନ୍ତୁ ଗୁରୁତ୍ୱରେ ଚାଳ ଅଗ୍ରସ୍ଥଳୀ ।

୧୯୧୧ ଅକ୍ଟୋବର ୧୧ ତାରିଖରେ ସେ ଯେତେବେଳେ ବନ୍ଧୁ ଲାଭ, ଲୋଭ ପଛକୁ ପକାଇ, ଦୃଢ଼ ମନରେ ଜୀବନ-ନଉକାର ମଙ୍ଗ ଗଙ୍ଗାଧାରରୁ ତ୍ରେନଚରି ନାଳକୁ ମୋଡ଼ିଥିଲେ, କେଉଁ ସାହିତ୍ୟ ରଚନା କରିବା ପାଇଁ ? ଗଙ୍ଗାସାଗରରେ, ମହାନଦୀ କୂଳରେ, କାଠଯୋଡ଼ି ବନ୍ଧରେ ତାହା ଅକ୍ଳେଶରେ ହୋଇପାରିଥାଆନ୍ତା । ସେତେ-ବେଳେ ଏମ ଏ. ପାଶ କଲେ ଉଚ୍ଚ ସରକାରୀ ଚାକିରି ଅଗ୍ରେ ଧାବତି ଧାବତି । ଓକିଲାତି ପଢ଼ିବ ପାଇଁ କଲିକତାକୁ ସେ ଯାଇଥିଲେ ବୃତ୍ତିପାଇ । ସେହି ବୃତ୍ତି ବଳରେ 'ଲ', ଓ ଏମ. ଏ. ଉଭୟ ସେ ପଢ଼ିଲେ । ପାଶ୍ କଲେ ଏମ. ଏ. । ପରୀକ୍ଷା ଦେଇ ନ ଥିଲେ ବି. ଏଲ. । ଇଚ୍ଛା କରିଥିଲେ ଅକ୍ଳେଶରେ ଦେଇପାରିଥାଆନ୍ତେ ଏବଂ ପାଶ୍ ମଧ୍ୟ ନିଶ୍ଚିତ ହୋଇଥାଆନ୍ତା । ତାଙ୍କ ସହପାଠୀମାନେ ସେଠାରୁ ଓକିଲାତି ପାଶ୍ କରି ସେହି ସମୟରେ ଆସି ପୁରୀ, କଟକରେ ପସରା ମେଲାଇଲେ । ଯୌକ୍ତିକ ବୁଦ୍ଧିରେ ସେ ଥିଲେ ଧୁରନ୍ଧର । ବିଶ୍ଳେଷଣ ରୀତିରେ ତାଙ୍କର ସହଜାତ ରୁଚି । ଓକିଲାତିରେ ଯଶସ୍ୱୀ ହୋଇପାରିବେ ବୋଲି ତାଙ୍କର ଅବଶ୍ୟ ଧାରଣା ଥିବ । ସାହିତ୍ୟ କୃତୀ ଅଭିଳାଷ ଥିଲେ ସେ ପନ୍ଥାରେ ସମୟ ଓ ସୁଯୋଗର ଅଭାବ ଘଟି ନ ଥାନ୍ତା । ତାଙ୍କ ସାଙ୍ଗର ଦିବ୍ୟସିଂହ ପାଣିଗ୍ରାହୀ, ମଦନମୋହନ ପଟ୍ଟନାୟକ ଦୃଷ୍ଟାନ୍ତ ତ ତାହା କରିପାରିଲେ । ପୁରୀ ଜିଲାସ୍କୁଲରେ ପଢ଼ିଲା ବେଳେ ସ୍ୱର୍ଗଦ୍ୱାର କୂଳରେ ଦାସେଆପଣେ (ଗୋପବନ୍ଧୁ ଦାସ), ହରିହରଭାଇନା (ଆଚାର୍ଯ୍ୟ ହରିହର ଦାସ), ଆଉ ଅନନ୍ତ ମିଶ୍ରଙ୍କ (ଉତ୍କଳ ସମ୍ମିଳନୀ ପ୍ରସ୍ତାବକ ଅନନ୍ତ ମିଶ୍ର) ସଙ୍ଗେ ସେ ଯେଉଁ ପ୍ରତିଜ୍ଞାବଦ୍ଧ ହୋଇଥିଲେ, ତାହା କଣ କାବ୍ୟ, କବିତା ଲେଖିବା ପାଇଁ ? ଶପଥ ଥିଲା—ଦେଶ ସେବା, ଦେଶ ଯେତେବେଳେ ଯାହା ଥିଲା, ତାହାଠାରୁ ତାକୁ ଉନ୍ନତ କରିବା—ସଂସ୍କାର । ୧୯୦୯ରେ ବି. ଏ. ପାଶ୍ କରିସାରି ସେହି ବର୍ଷ କୁମାର ପୂର୍ଣ୍ଣିମାକୁ ଭଲ ଦିନ ବାଛି ସତ୍ୟବାଦୀ ବକୁଳ ବନରେ ନୂଆ ସ୍କୁଲ

Digitized by srujanika@gmail.com

ସ୍ଥାପନ କରିବା ପାଇଁ ଶ୍ରୀ ରାମଚନ୍ଦ୍ରପୁର ଗାଁର ସ୍କୁଲ ଘରୁ ବେଞ୍ଚ, ଚୌକି, ଦୁଆରି, କଲମ ସବୁ ବୋହି ଆଣିଲା ବେଳେ କେଉଁ ପ୍ରେରଣାରେ ସେ ତତ୍ପର ହୋଇଥିଲେ ? 'ଗୀତା'ର ଟିକା ସଜାଇବା ପାଇଁ ନୁହେଁ । ଅଧିକ ଶିକ୍ଷା ପାଇଁ କଲିକତା ଗଲେ, ନୂଆ ସ୍କୁଲର ଦାୟିତ୍ୱ ନେବା ପାଇଁ । ନେତୃତ୍ୱ ତାଙ୍କ ଜୀବନ-ପ୍ରଣାଳୀର ମୂଳଭିତ୍ତି । ନିରୀକ୍ଷଣଶକ୍ତି, ମୌଳିକ ଚିନ୍ତା, ଓଜସ୍ୱିନୀ ଭାଷା ସାଙ୍ଗକୁ ତାଙ୍କର ଥିଲା ବାସ୍ତବ ପରିସ୍ଥିତିର ଅଭ୍ରାନ୍ତ ବିଶ୍ଳେଷଣ ଓ ପରିବର୍ତ୍ତନର ଯୁକ୍ତିଯୁକ୍ତ ଧାରା ନିର୍ଣ୍ଣୟ କରିବାର ଅଦ୍ଭୁତ ଶକ୍ତି ।

ବିଦ୍ୟାଳୟର ମାଧ୍ୟମରେ ଯୁବଶକ୍ତିର ବିନିଯୋଗଦ୍ୱାରା, ସମାଜର ସବୁ ସ୍ତରରେ ଐତିହ୍ୟସମ୍ବଳିତ, ବିଜ୍ଞାନସମ୍ମତ ଚେତନା ଜାଗ୍ରତ କରିବା ତାଙ୍କ ଜୀବନର ମୁଖ୍ୟସଂକଳ୍ପ ଥିଲା । ଆତ୍ମବିଶ୍ୱାସପୂର୍ଣ୍ଣ ଦୃଷ୍ଟିଭଙ୍ଗୀ ତାଙ୍କର ପ୍ରତ୍ୟେକ କାର୍ଯ୍ୟରେ ଯେପରି ବାରି ହେଉଥିଲା, ସମସାମୟିକ ଘଟଣାବଳୀକୁ ଅପ୍ରତିରୋଧ ଆୟତ୍ତ କରିବା ସେହିପରି ତାଙ୍କ ପକ୍ଷରେ ସହଜ ଦେଖାଯାଉ ଥିଲା । ଜ୍ଞାନଦୀପ୍ତ କର୍ମ, ଯୁକ୍ତିଯୁକ୍ତ ଧର୍ମ, ଭେଦଭିନ୍ନ ସମାଜ, ତାଙ୍କର ଜୀବନ ଦର୍ଶନ । ସେଥିପାଇଁ ଯେକୌଣସି କଷ୍ଟ, ତ୍ୟାଗ ତାଙ୍କର ବରଣୀୟ ଥିଲା । ସଞ୍ଚାଳକ ହେବା ପାଇଁ ସେ ଯୋଗ୍ୟ ଥିଲେ । ସଞ୍ଚାଳିତ ହେବାର ବିଡ଼ମ୍ବନା ତାଙ୍କର ଅସହ୍ୟ ହୁଏ । ନେତା ହେବା ଥିଲା ତାଙ୍କ ସ୍ୱଭାବ-'ନୀତି' ହେବା ପାଇଁ ନୁହେଁ । ପ୍ରଥମ ଦିନ ସେ ବନବିଦ୍ୟାଳୟକୁ ଆସିବା ସଙ୍ଗେ ସଙ୍ଗେ ପ୍ରାଧାନ୍ୟ ତାଙ୍କର ସହଚର ଆପେ ଆପେ ହୋଇଗଲା । ଅଲକ୍ଷ୍ୟରେ ତାହା ଘଟିବାର ସମସ୍ତେ ଲକ୍ଷ୍ୟ କଲେ-ଆମେ ପିଲମାନେ ମଧ୍ୟ । ଶିକ୍ଷକ ଗୋଷ୍ଠୀରେ ତାଙ୍କର ପୂର୍ବ ଶିକ୍ଷକ, ବୟସ୍କ ବ୍ୟକ୍ତିମାନେ ଥାଆନ୍ତି । କିନ୍ତୁ ସେ ସ୍କୁଲରେ ସୁପରିଣ୍ଟେଣ୍ଡେଣ୍ଟ ହେବାରେ କାହାର ସହଯୋଗ, ସମର୍ଥନରେ କୁଣ୍ଠା ଆସିଲା ନାହିଁ । ପବନ ବୋହିଲେ ଯେତେ ବଡ ଗଛ ହେଉ, ତା ଡାଳପତ୍ର ପବନର ଗତିମୁଖରେ ଢଳେ । ସୁପରିଣ୍ଟେଣ୍ଡେଣ୍ଟଙ୍କ ଉତ୍ସାହରେ ସମସ୍ତେ ମାତିଲେ, ଶିକ୍ଷକ, ଛାତ୍ର, ଅଫିସର, କିରାଣୀ, ମେସର ପୂଝାରି ପର୍ଯ୍ୟନ୍ତ । ସକାଳୁ ମଧ୍ୟରାତ୍ରି ପର୍ଯ୍ୟନ୍ତ ସବୁ କଥାର ସବୁଚିନ୍ତା ତାଙ୍କର । ଏହି ନେତୃତ୍ୱ ଓ କର୍ତ୍ତୃତ୍ୱ ଯାହା ତାଙ୍କର ମୁଖ୍ୟ ଅଂଶ ଥିଲା, ସତ୍ୟବାଦୀ ସ୍କୁଲକୁ ନୀତିବୋଧ ଓ ରୀତିଜ୍ଞାନର ଏକ ଅପରିସୀମ ପରୀକ୍ଷାଗାରରେ ପରିଣତ କରିଦେଲା । ସେଠାରୁ ବାହାରିଲା ବିସ୍ତାରିତ ଜନସେବାର ବିଭିନ୍ନ ଦିଗ, ଧର୍ମ ନାମରେ ପ୍ରଚଳିତ କୁସଂସ୍କାରର ପ୍ରତିରୋଧ, ଅଯଥା ବ୍ୟୟବହୁଳ ସାମାଜିକ ଚଳଣିରେ ଅସହଯୋଗ, ନିଶାନିବାରଣର ପ୍ରଚେଷ୍ଟା । ପିଲଙ୍କ ଭିତରେ ଆରମ୍ଭ ହେଲା ପାଠରେ ନିଷ୍ଠା, କାର୍ଯ୍ୟରେ ଶୃଙ୍ଖଳା, ବୋର୍ଡିଂ ପରିଚାଳନାରେ ପ୍ରତ୍ୟକ୍ଷ ଦାୟିତ୍ୱ, ଖାଦ୍ୟ, ପାକ ଓ ପରିବେଷଣରେ ଅଂଶଗ୍ରହଣ, ଖେଳ ବ୍ୟାୟାମରେ ପ୍ରତିଯୋଗିତା, ଆଲୋଚନା ସଭା, ବକ୍ତୃତା, ଶ୍ଳୋକାନ୍ତ, ମ୍ୟାଚ୍ ଇତ୍ୟାଦି । ବୋର୍ଡ଼ିଂରେ ଆଚଣ୍ଡାଳ ବ୍ରାହ୍ମଣ ଏକ ପଙ୍କ୍ତିରେ ଭୋଜନ କରିବାକୁ ଲାଗିଲେ । ସ୍କୁଲ ବୋର୍ଡିଂ ଭିତର ଯେପରି ଗର୍ଜି ଉଠିଲା, ସେହିପରି ବାହାରର ସମାଜ ମଧ୍ୟ ଆଲୋଡ଼ିତ ହୋଇ ପଡ଼ିଲା । ସମସ୍ତେ ଦେଖିଲେ, ସରକାର ଶୁଣିଲେ, ଜନଚେତନାରେ ବନ୍ୟା ଉଚ୍ଛୁଳିଲା । ମାତ୍ର ବର୍ଷକ ଭିତରେ ଈର୍ଷାକୁ ଅସହିଷ୍ଣୁ, ଲୋକେ ଅତିଷ୍ଠ ହୋଇପଡ଼ିଲେ । ୧୯୧୬ ମାର୍ଚ୍ଚ ମାସ ଦୁଇ ତାରିଖ ଦିନ ସ୍କୁଲ ଘରେ

Digitized by srujanika@gmail.com

ନିଆଁ ଲଗାଇ ଭସ୍ମୀଭୂତ କରିଦେଲେ, ସବୁ । ଭାବିଲେ, "ମୂଳକୁ ମାରିଲେ ଯିବ ସରି, ଦେବଙ୍କ ସଙ୍ଗେ କର୍ମୀ ଦଳ ।" ଫଳ ହେଲା ବିପରୀତ । ନଡ଼ିଆବଡ଼େଡ଼ା ଗୃହ ଗୁମୁଣ୍ଡିଆ ତଳୁ, କୁରିଅନା ଗଛମୂଳୁ, ନୀଳକଣ୍ଠଙ୍କର ଉଠିଲା ପ୍ରଖରତର ଯୋଜନା । ସମବାୟ ସମିତି, ସାହିତ୍ୟ ସମାଜ, ଉତ୍କଳ ସମ୍ମିଳନୀ ଇତ୍ୟାଦି କର୍ମ-ପରିସର ଅନ୍ତର୍ଭୁକ୍ତ ହେଲା । ଲୋକେ ଦମିଲେ, ୟୁନିଭରସିଟି ଚଳିଲା, ସରକାର ମାନିଲେ—ବନବିଦ୍ୟାଳୟ ଅଧିକ କର୍ମମୁଖର ହେଲା । ତାଙ୍କ ନେତୃତ୍ୱର ପରିପ୍ରକାଶ କେବଳ ସାକ୍ଷୀଗୋପାଳ ଅଞ୍ଚଳ ନୁହେଁ, ଉତ୍କଳର ସବୁ ସ୍ଥାନରେ ଏବଂ ବାହାର ଶୃଙ୍ଖଳା ସୃଷ୍ଟି କରିଥିଲା । ତାହାହିଁ ତାଙ୍କ ଜୀବନର ସର୍ବୋତ୍କୃଷ୍ଟ ସମୟ ଓ ଅବଦାନ । ସେ ସୁଯୋଗ ମାତ୍ର ରହିଲା ସାତୋଟି ବର୍ଷ । ୧୯୧୧ ଅକ୍ଟୋବର ୧୧ ତାରିଖରୁ ସେ ଯେଉଁ ଦାୟିତ୍ୱ ଓ ନେତୃତ୍ୱ ନେଇଥିଲେ ୧୯୧୮ ଅକ୍ଟୋବର ୧୦ ତାରିଖରେ ସେଥିରୁ ତାଙ୍କୁ ଅବ୍ୟାହତି ଦିଆହେଲା । କେଉଁ କାରଣରୁ ଓ କିପରି ତାହା ହେଲା ଏଠାରେ ବିଚାର୍ଯ୍ୟ ନୁହେଁ । କିନ୍ତୁ ଏତିକି ସ୍ପଷ୍ଟ, 'ନେତୃତ୍ୱ ଯିବା ପରେ ସେ ପ୍ରାୟ ଅକ୍ଷମ ହୋଇପଡ଼ିଲେ । କର୍ମତତ୍ପରତା ଆଉ ଉଧେଇଲା ନାହିଁ । ବନବିଦ୍ୟାଳୟ ପରିକଳ୍ପନାର ମୂଳଭିତ୍ତି ଦୋହଲିଗଲା । ପଣ୍ଡିତ ଗୋପବନ୍ଧୁ ମଧ୍ୟ ଅସହାୟ ମଣିଲେ । ଦଶବର୍ଷ ଭିତରେ ପ୍ରଦୀପ୍ତ ଦୀପଶିଖା ସ୍ତିମିତ ହେବାକୁ ନଇଁଆସି ୧୯୨୧ରେ ସ୍କୁଲ ଅସହଯୋଗ ଆନ୍ଦୋଳନର ଦାୟିତ୍ୱାବଦ୍ଧ ବିଦ୍ୟାପୀଠରେ ପରିଣତ ହେଲା । ନୀଳକଣ୍ଠ ଚାଲିଗଲେ ୧୯୨୦ ସେପ୍ଟେମ୍ବରରେ କଲିକତା ବିଶ୍ୱବିଦ୍ୟାଳୟକୁ ଓଡ଼ିଆ ସାହିତ୍ୟର ଅଧ୍ୟାପକ ହୋଇ । ତିନିମାସ ନ ପୂରୁଣୁ ତାଙ୍କୁ ଛାଡ଼ି ଗଲେ ସମ୍ବଲପୁର ଅସହଯୋଗର ବର୍ତ୍ତିକା ଧରି । ସେଠାରେ ବନବିଦ୍ୟାଳୟ ଆଦର୍ଶରେ ଗୋଟିଏ ସ୍କୁଲ ବସାଇ ଚମକ ସୃଷ୍ଟି କରିପାରିଲେ ନିଜର ନିଷ୍ଠାପର କର୍ତ୍ତୃତ୍ୱ ବଳରେ । କିନ୍ତୁ ଘଟଣାଚକ୍ରରେ ବର୍ଷକ ପୂର୍ବରୁ ଫେରିଲେ ସତ୍ୟବାଦୀ ବିଦ୍ୟାପୀଠକୁ (କଲେଜ) ଅଧ୍ୟାପନା ପାଇଁ । ତାହା ମଧ୍ୟ ଅଧପନ୍ତରିଆ—କର୍ତ୍ତୃତ୍ୱ ବିହୀନେ ନୀଳକଣ୍ଠ କର୍ମବିମୁଖ । ମନ୍ଦିରରେ ସବାକ୍ ଦେବବିଗ୍ରହ ନ ହେଲେ, ପୂଜାରେ ତାଙ୍କର ଆଗ୍ରହ ନ ଥାଏ । ଶିକ୍ଷାସୃଜନରୁ ସବୁଦିନ ପାଇଁ ବିଦାୟ ଘଟିଲା । ଜୀବନର ମୁଖ୍ୟସଂକଳ୍ପ ଓ କଳ୍ପନାରେ ଯବନିକା ପଡ଼ି, ଅନ୍ୟଯାତ୍ରା ପାଇଁ ରାଜନୀତିର ପଙ୍କିଳ କୁଟିଳ ପଥ ଧରିଲେ । କେନ୍ଦ୍ରୀୟ ବିଧାନସଭାକୁ ନିର୍ବାଚନ ଲଢ଼ି ୧୯୨୪ରେ ଗଲେ ଏବଂ ପ୍ରାୟ ୨୧ ବର୍ଷ କାଳ ସେ କେନ୍ଦ୍ର ଆସେମ୍ବ୍ଲିରେ ତତ୍କାଳୀନ ଓଡ଼ିଶାର ପ୍ରତିନିଧିତ୍ୱ କରୁଥିଲେ, ଦେଶକୁ ସ୍ୱାଧୀନତା ଆସିବା ପର୍ଯ୍ୟନ୍ତ । ସେଥିରେ ପାରଦର୍ଶିତାର ଝଲକ ନ ଆସିଛି ନୁହେଁ, କିନ୍ତୁ ସତ୍ୟବାଦୀ କାଳର ବିମୁଗ୍ଧତା ଦିଶି ନାହିଁ । ତାହାର କାରଣ ସେ କ୍ଷେତ୍ରରେ ମଧ୍ୟ ସେ ନେତୃତ୍ୱ ସ୍ଥାନ ପାଇଲେ ନାହିଁ । ସେ ଥିଲେ ସେନାପତି । ସେ ଆସନ ନ ମିଳିଲେ ତାଙ୍କର କର୍ମସ୍ପୃହା, କୌଶଳ ପରିପାଟୀ ମ୍ରିୟମାଣ ହୋଇପଡ଼େ ।

ଲକ୍ଷ୍ୟ କରିବାର କଥା, ସତ୍ୟବାଦୀ କାଳରେ ସେ ସାହିତ୍ୟ ସାଧନାରେ ବ୍ୟାପୃତ ନ ଥିଲେ । ଯାହା କିଛି ପ୍ରବନ୍ଧାଦି ଲେଖିଥିଲେ, ତାହା ବନବିଦ୍ୟାଳୟ ପରିକଳ୍ପନା ଓ ଆଭିମୁଖ୍ୟ ସଂକ୍ରାନ୍ତ ବା ସମାଜ ସଂସ୍କାର ପରିପୂରକ ଯୁକ୍ତି । ଧର୍ମାଚରଣ ବିଷୟରେ ବୈଦିକ ଆତ୍ମିକ ଧର୍ମତତ୍ତ୍ୱକୁ ଯେପରି ଅଗ୍ରାଧିକାର ଦେଇ ଅଭିଯାନ ଆରମ୍ଭ

Digitized by srujanika@gmail.com

କରିଥିଲେ, ସ୍କୁଲର କର୍ଣ୍ଣଧାର ଥାଇ ଯେତେ ସେ ଆଉ କେତେ ବର୍ଷ ଜ୍ଞାନବେଦୀକୁ ବେଦଗାନରେ ଝଂକୃତ କରିପାରିଥାନ୍ତେ; ଦ୍ଵିଜମୋହନ ରାୟ, ସ୍ଵାମୀ ଦୟାନନ୍ଦଙ୍କ ପରି ନୂତନ ଚନ୍ତାର ଅଗ୍ରଦୂତ ରୂପେ ସ୍ଵୀକୃତି ଲାଭ କରିପାରିଥାନ୍ତେ । ସେ ସମୟରେ ସେ ଲିପି ସଂସ୍କାରର ଯେଉଁ ଉଦ୍‌ବୋଧନ ଉଠାଇଥିଲେ ତାହାର ସମ୍ଭାବନା ଦେଖିଥିଲେ, କେବଳ ଓଡ଼ିଆ ଭାଷାରେ ନୁହେଁ, ଭାରତୀୟ ଅନ୍ୟ ଭାଷାରେ ଓ ଲିପିରେ ମଧ୍ୟ ଯୁଗ ପରିବର୍ତ୍ତନ ସମ୍ଭବ ହୋଇଥାଆନ୍ତା । ପୁରାତନ ଗୁରୁକୁଳ ଅବଲମ୍ବନରେ ଆଧୁନିକ ବିଦ୍ୟାଭ୍ୟାସ ସମାଜର ଆର୍ଥିକ ଅବସ୍ଥା ଉପଯୋଗୀ ହୋଇପାରିବାର ଯେଉଁ ସଫଳ ପରୀକ୍ଷା ସତ୍ୟବାଦୀରେ ଘଟିଥିଲା, ତାହାର ପ୍ରସାର ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନକୁ ବ୍ୟାପିଥାଆନ୍ତା, ନୀଳକଂଠ ଆଉ କିଛି କାଳ ନିୟାମକ ରହିଥିଲେ । ସାର ଆଶୁତୋଷ ମୁଖାର୍ଜି ସ୍କୁଲ ଦେଖି ଲେଖି ଯାଇଥିଲେ, ବଙ୍ଗଦେଶରେ ସତ୍ୟବାଦୀ ସ୍କୁଲପରି ଅନୁଷ୍ଠାନ ହେଉ । ଗ୍ରେଟଲିଟ ବନବିଦ୍ୟାଳୟର ଉପଯୋଗିତା ମଧ୍ୟ ସ୍ଵୀକାର କରି ଯାଇଥିଲେ । କିନ୍ତୁ ସହିଲ ନାହିଁ, ନୀଳକଣ୍ଠଙ୍କର ଶିକ୍ଷାକ୍ଷେତ୍ରରେ ଅଗ୍ରଗାମିତ୍ଵକୁ ।

ସତ୍ୟବାଦୀର ନେତୃତ୍ଵ ପରେ ଆଉ ସେ ସୁଯୋଗ ତାଙ୍କୁ ଦେଲନାହିଁ ଦେଶ । ୧୯୨୮ରେ ଗୋପବନ୍ଧୁଙ୍କ ମୃତ୍ୟୁ ପରେ 'ସମାଜ' ପତ୍ରିକାର ସମ୍ପାଦନା ସ୍ଵତଃ ତାଙ୍କ ଉପରକୁ ଆସିଲା । ବ୍ୟବସ୍ଥାପକସଭାର କାର୍ଯ୍ୟ ଅପେକ୍ଷା ତାହା ଅଧିକ ହୃଦୟଗ୍ରାହୀ ହେବାର କଥା । ନାୟକତ୍ଵ ଗ୍ରହଣରେ ସେ ଆଗ୍ରହୀ ଓ ଦକ୍ଷ । କିନ୍ତୁ ଅତି ଅଳ୍ପ ସମୟ ମଧ୍ୟରେ ସେଠାରୁ ତାଙ୍କୁ ଅପସରି ଯିବାକୁ ହେଲା । କାରଣ ବ୍ୟାଖ୍ୟାନ ଅପ୍ରାସଙ୍ଗିକ । ପୁଣି ଯେତେବେଳେ ସେ ସମ୍ପାଦନା କାର୍ଯ୍ୟକୁ ଆସିଛନ୍ତି, 'ନବଭାରତ'ରେ ଓ ସମ୍ବାଦପତ୍ରରେ ତାଙ୍କର ଭାସ୍ଵର ପ୍ରତିଭାର ସଙ୍କେତ ମିଳୁଛି । 'ସମାଜ' ପତ୍ରିକାର ବୃଦ୍ଧିଭିତ୍ତି ଓ ବିସ୍ତୃତ ପ୍ରସାର ସେ ପ୍ରତିଭାକୁ ଅଧିକ ସକ୍ରିୟ କରିପାରିଥାଆନ୍ତା । ତାହା ହେବାର ସୁଯୋଗ ହେଲା ନାହିଁ ।

ରାଜନୀତି କ୍ଷେତ୍ରକୁ ଆସିଲେ । ସେଠାରେ ତଦ୍ରୂପ ବିଡ଼ମ୍ବନା । ସୂର୍ଯ୍ୟର ପ୍ରଖର ତାପ, ଉଜ୍ଜ୍ଵଳ ଆଲୋକକୁ ଛଡ଼ା ଆଡ଼୍ୟାଲ ସ୍ଵାଭାବିକ । କେନ୍ଦ୍ରୀୟ ବିଧାନସଭାରେ ଯେଉଁ ଦଳରେ ସେ ଯୋଗ ଦେଲେ, ସେଥିରେ ସେକ୍ରେଟାରୀ ପଦ କେବଳ ମିଳିଲା । ମୁଖ୍ୟ ଅଧିକାର ନେଲେ, ଥରେ ମୋତିଲାଲ ନେହେରୁ, ଆଉ ଥରେ ଭୂଲାଭାଇ ଦେଶାଇ ସେକେଣ୍ଡ ଫିଡ଼ଲରେ ସ୍ଵର ଉଠେ, ଝଙ୍କାର ତୋଳି ହୁଏ ନାହିଁ ।

ଓଡ଼ିଶା ରାଜନୀତିରେ ବ୍ୟବହାର ଅଧିକ ଦୁଃଖପ୍ରଦ । ନିଷ୍ଠା, ତ୍ୟାଗ, ତେଜସ୍ଵୀ ଓ ସାମର୍ଥ୍ୟରେ ସେ ଯେ ସମସ୍ତଙ୍କୁ ବଳିଥିଲେ, ଏହା ଚିନ୍ତାଶୀଳ ନିରପେକ୍ଷ ମହଲରେ ସ୍ଵୀକୃତ । ମେଣ୍ଢା ନିନାନ୍ତି, ଆଗରେ କଥାଏ, ପଛରେ ବିଧାଏ, ଏ ସବୁରେ ସେ ପାରଙ୍ଗମ ନଥିଲେ । ଯେଉଁ ଦୁଇଥର ସେ କଂଗ୍ରେସ କାରବାରର ଓଡ଼ିଶାରେ ଅଳ୍ପ ସମୟ ପାଇଁ ନେତୃତ୍ଵ ପାଇଥିଲେ, ଆଶାତୀତ ସଫଳତାର ମୋହର ଜାହିର ହୋଇଥିଲା । ୧୯୩୬ରେ ଓଡ଼ିଶା ସ୍ଵତନ୍ତ୍ର ପ୍ରଦେଶ ହେବା ପରେ ୧୯୩୭ରେ ପ୍ରାଦେଶିକ ବିଧାନସଭା ପାଇଁ ଯେଉଁ

Digitized by srujanika@gmail.com

ନିର୍ବାଚନ ହେଲା, କଂଗ୍ରେସ ତରଫରୁ ତାହା ପରିଚାଳନା କରିବା ଭାର ନୀଳକଣ୍ଠ ବାବୁଙ୍କ ଉପରେ ଆସିଲା—ସେ ପ୍ରାଦେଶିକ କଂଗ୍ରେସ କମିଟିର ସଭାପତି । ଅବମିଶ୍ର ସଂଖ୍ୟା-ଗରିଷ୍ଠତା ସେ କଂଗ୍ରେସଦଳକୁ ଆଣିଲେ ଷାଠିଏରୁ ଛତିଶ । ସମଗ୍ର ଭାରତବର୍ଷରେ ଓଡ଼ିଶାର ଫଳାଫଳ ପ୍ରଥମ ପ୍ରକାଶ ପାଇଥିଲା । ସେହି ନିର୍ବାଚନରେ ଜବାହରଲାଲ ନେହେରୁ ପ୍ରକୃତରେ ସାହାଯ୍ୟ କରିବାକୁ ଆସିଥିଲେ । ନୀଳକଣ୍ଠବାବୁଙ୍କ ସଙ୍ଗେ କଟକ ପୁରୀ, ଗଞ୍ଜାମ ଗସ୍ତ କଲେ । ପୁରୀରେ ମାର୍କଣ୍ଡେଶ୍ୱର ସାହିର ଶ୍ରୀଯୁକ୍ତ ଜଗନ୍ନାଥ ମିଶ୍ରଙ୍କ ଘରେ ପ୍ରାତଃଭୋଜନ ସମୟରେ ନୀଳକଣ୍ଠବାବୁଙ୍କ ନେତୃତ୍ୱ, ପ୍ରକୃତ କୌଶଳ ଓ କଷ୍ଟ ସହିଷ୍ଣୁତାର ଭୂୟସୀ ପ୍ରଶଂସା କରିଥିଲେ । (ପୁରୀ ଜିଲାରେ ଯେଉଁ ଦିନଟି କଟାଇଲେ ସେ ଦିନ ନେହେରୁଙ୍କ ସ୍ନାନ, ଖାଦ୍ୟପେୟ, ଯାତ୍ରା ଆଦି ଦେଖିବାର ଭାର ମୋ ଉପରେ ଥିବାରୁ ମୁଁ ପ୍ରାତଃ ଭୋଜନ କାଳରେ ଉପସ୍ଥିତ ଥିଲି । )

ଆଉ ଥରେ ନେତୃତ୍ୱର ସୁଯୋଗ ଆସିଥିଲା, ୧୯୩୨ରେ କଂଗ୍ରେସ ଅଧିବେଶନ ଓଡ଼ିଶାରେ ହେବା ପ୍ରସଙ୍ଗରେ । ଅଭ୍ୟର୍ଥନା ସମିତିର ସେ ସଭାପତି ନିର୍ବାଚିତ ହୋଇଥିଲେ । ପୁରୀରେ କଂଗ୍ରେସ ବସିବାର ଥିଲା । ଜାତୀୟ ସ୍ତରରେ ଏକ ବିପୁଳ କାର୍ଯ୍ୟରେ ତାଙ୍କର ଦକ୍ଷତା ଯେପରି ପ୍ରକାଶ ପାଇଥାନ୍ତା ବା ସ୍ୱୀକୃତ ହୋଇଥାନ୍ତା, ତାହା ଉପରେ କେତେ ଭାବରେ ହୁଏତ ନିର୍ଭର କରିଥାନ୍ତା, ତାଙ୍କର ରାଜନୈତିକ ଭବିଷ୍ୟତ । ସେ ସୁଯୋଗ ମଝିରୁ ମଉଳିଗଲା । ଜାନୁଆରୀ ମାସରେ ସରକାର କଂଗ୍ରେସକୁ ବେଆଇନ ଘୋଷଣା କରିଦେଲେ । ଅଭ୍ୟର୍ଥନା ସମିତିର କାର୍ଯ୍ୟ ବନ୍ଦ, କଂଗ୍ରେସ ଅଧିବେଶନ ହେବାର ନୋହିଲା ।

ପ୍ରଥମ ପ୍ରାଦେଶିକ ବିଧାନସଭା ନିର୍ବାଚନରେ ସଂଖ୍ୟାଗରିଷ୍ଠ ଦଳ ହୋଇ କଂଗ୍ରେସ ଶାସନ ଭାର ନେବାର କଥା । ନିର୍ବାଚନରେ ଜିଣିବା କୃତିତ୍ୱ ନୀଳକଣ୍ଠବାବୁଙ୍କର । ବର୍ଷୀୟାନ, ଯୋଗ୍ୟତାସମ୍ପନ୍ନ ବ୍ୟକ୍ତି; କେନ୍ଦ୍ରୀୟ ବିଧାନସଭାରେ ପ୍ରାୟ ୧୪ ବର୍ଷ ରହି ସାରିଛନ୍ତି । ପୁଣି ପ୍ରାଦେଶିକ କଂଗ୍ରେସର ସଭାପତି । ସେ ଦଳପତି ଭାବରେ ମୁଖ୍ୟମନ୍ତ୍ରୀ (ସେତେବେଳେ ପ୍ରଧାନମନ୍ତ୍ରୀ କହୁଥିଲେ) ହେବା ସମସ୍ତେ ଆଶା କରିବା ସ୍ୱାଭାବିକ ଥିଲା । ନିର୍ବାଚିତ ପ୍ରତିନିଧିଙ୍କ ମନରେ ମଧ୍ୟ ସେହି ଧାରଣା ସେମାନଙ୍କ ମଧ୍ୟରୁ ବହୁ ସଂଖ୍ୟକଙ୍କର ପ୍ରକାଶ୍ୟ ସମର୍ଥନ ଅଛପା ନ ଥିଲା । କିନ୍ତୁ ଚକ୍ରାନ୍ତର ଶିକାର ହେଲେ ସେ । ଖୁଣ କାଢ଼ିଲେ କେହି କେହି ଯେ ସେ ନିର୍ବାଚନରେ ପ୍ରାର୍ଥୀ ହୋଇ ନ ଥିଲେ ନିର୍ବାଚିତ ନ ହୋଇ ଦଳପତି ହେବା ବା ମନ୍ତ୍ରିତ୍ୱ ଗ୍ରହଣ କରିବା ଗଣତନ୍ତ୍ରସମ୍ମତ ନୁହେଁ । ନିର୍ବାଚନ ପରିଚାଳନାରେ ଅବାଧ ସମୟ, ଶକ୍ତି ଦେବା ପାଇଁ ସେ ପ୍ରାର୍ଥୀ ହୋଇ ନ ଥିଲେ । ସଂଖ୍ୟାଗରିଷ୍ଠତା ହାସଲ କରିପାରିଲେ, ମନ୍ତ୍ରିମଣ୍ଡଳ ଗଢ଼ି ସାରିଲେ, ଛଅ ମାସ ଭିତରେ ନିଜେ ନିର୍ବାଚିତ ହୋଇ ଆସିବେ, ଏହି ଥିଲା ସମସ୍ତଙ୍କର ସୁବିଦିତ ପରିକଳ୍ପନା । ସେ ଥାଆନ୍ତି ସେତେବେଳେ କେନ୍ଦ୍ରୀୟ ବିଧାନସଭାର ସଭ୍ୟ । ସେଥିରୁ ଇସ୍ତଫା ଦେଇ ପ୍ରାଦେଶିକ ସ୍ତରକୁ ଆସିଥାଆନ୍ତେ, ଏଥିରେ ଅନ୍ତରାୟ ସୃଷ୍ଟି ହେବାର ଆଶଙ୍କା ନ ଥିଲା, କିନ୍ତୁ ହେଲା । କାହାର କୁଟିଳ ପ୍ରରୋଚନାରେ ଏହା ଘଟିଲା, ତାହାର ଆଲୋଚନା ଏଠାରେ ଅନାବଶ୍ୟକ । ପ୍ରାପ୍ୟ ନେତୃତ୍ୱ ସେ ହରାଇଲେ ।

Digitized by srujanika@gmail.com



ଅନ୍ତିମ ଶଯ୍ୟାରେ ପଣ୍ଡିତ ନୀଳକଂଠ ତା ୬ । ୧୧ । ୧୯୬୭ ମସିହା

Digitized by srujanika@gmail.com

ସେ ଶାସନରେ କର୍ତ୍ତୃତ୍ୱ ପାଇଥିଲେ ସତ୍ୟବାଦୀ ପରିକଳ୍ପନାର ବହୁ ଅଂଶ ଦେଶରେ କାର୍ଯ୍ୟକାରୀ ହୋଇଥାଆନ୍ତା । ଗୋପବନ୍ଧୁଙ୍କର ସ୍ୱପ୍ନ ରୂପାୟିତ ହେବାର ସମ୍ଭାବନା ଅଧିକ ଥାଆନ୍ତା । ସାମାଜିକ ଅର୍ଥନୀତିର ମୌଳିକ ଢାଞ୍ଚା ପଲ୍ଲୀବାସୀ ଉପଯୋଗୀ ହୋଇପାରିଥାଆନ୍ତା । ଦୁଇଥର ସେ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ଶେଷଥର ଯେତେବେଳେ (୧୯୫୭)ରେ ସେ ବିନା ପ୍ରତିଦ୍ୱନ୍ଦ୍ୱିତାରେ ଆସିଲେ, ତାଙ୍କୁ ପୁରସ୍କାର ସ୍ୱରୂପ ନେଇ ବସାଇଲେ ବିଧାନସଭାର ବାଚସ୍ପତି କରି—ଶାସନ ନୀତିର ମୂକସାକ୍ଷୀ ରୂପେ ! ତାଙ୍କର କ୍ଷୋଭ, ଦେଶର ଦଳୀୟ ରାଜନୀତିର ଗୁମ୍ଫ ଭେଦକରି ଯେତିକି ପର୍ଯ୍ୟନ୍ତ ଗଲେ । ସଫଳ ପ୍ରତ୍ୟାବର୍ତ୍ତନର ବାଟ ପାଇଲେ ନାହିଁ । ପରବର୍ତ୍ତୀ ନିର୍ବାଚନ ବେଳକୁ ସେ ଅଲୋଡ଼ା । ରାଜନୀତିର ସମାପ୍ତି ସେହିଠାରେ । ୧୯୬୪ ଠାରୁ ୧୯୭୦ ପର୍ଯ୍ୟନ୍ତ ଏହି ପର୍ଯ୍ୟାୟରେ ସେ ଗୌଣ ଭୂମିକା କେବଳ ଗ୍ରହଣ କରିଛନ୍ତି । ଫଳତଃ ତାଙ୍କର ଶ୍ରେଷ୍ଠ ଅବଦାନରୁ ଦେଶ ଓ ଭବିଷ୍ୟତ ବଞ୍ଚିତ ରହିଲା । ବ୍ୟକ୍ତିତ୍ୱର ବିକାଶ ଅଧିକ ସଂକୁଚିତ ହୋଇଗଲା । ଜୀବନର ପ୍ରାକ୍‌କାଳରେ ଯେଉଁ ମୁଖ୍ୟ ଅବଦାନ ସତ୍ୟବାଦୀ କେନ୍ଦ୍ରରୁ ଆରମ୍ଭ କରିଥିଲେ, ତାହା ମାତ୍ର ସାତବର୍ଷ ବ୍ୟାପୀ । ସେ ସୁଯୋଗ ସେ ଆଉ ପାଇନାହାନ୍ତି । କର୍ମପ୍ରବଣ ପ୍ରତିଭା ଅଧିର ହୋଇ ଅନ୍ୟ ପଥର ଆଶ୍ରୟ ନେଲା—ସାହିତ୍ୟ ସୃଷ୍ଟି । ତାହା ପ୍ରକୃତପକ୍ଷରେ ସମୟ କ୍ଷେପଣ ପାଇଁ, ଆଶ୍ୱାସନା ପାଇଁ, କନିଷ୍ଠମାନଙ୍କ ପ୍ରେରଣା ପାଇଁ ! ଅବଶ୍ୟ ରଜତ ରଶ୍ମି ପର୍ଯ୍ୟଙ୍କର ସ୍ୱର୍ଣ୍ଣ ଅକ୍ଷରେ ତାହା ସାଫଲ୍ୟମଣ୍ଡିତ ହୋଇଛି । ଅଭିନନ୍ଦନରୁ ମୁଖ୍ୟବସ୍ତୁରୂପେ ତାହା ସ୍ୱୀକୃତ ହେଉଛି । ସେଥିରେ କିନ୍ତୁ ତାଙ୍କ ଜୀବନଦର୍ଶନର ପୂର୍ଣ୍ଣ ପ୍ରକାଶ ହୋଇପାରି ନାହିଁ । କାରଣ ତାହା ତାଙ୍କର ପ୍ରଧାନ ଭୂମିକା ନ ଥିଲା । ତା ହୋଇଥିଲେ ସତ୍ୟବାଦୀ ସ୍କୁଲ ପରେ ସେ ଲାଗି ପାରିଥାନ୍ତେ ସାହିତ୍ୟ ରଚନାରେ । ସେଥିପାଇଁ ଉପାଦାନରେ ସେ ଅଭାବୀ ନ ଥିଲେ । କିନ୍ତୁ ମୁଖ୍ୟ ସଂକଳ୍ପର ତାଡ଼ନା ତାଙ୍କୁ କେବଳ ସ୍ୱପ୍ନ ରାଜ୍ୟରେ ହିଁ ସଫଳତାର ଅନୁସନ୍ଧାନ କରିବାରେ ବ୍ୟାପୃତ ରଖିଥିଲା । ସେ ଥିଲେ ଆଶାବାଦୀ, ସ୍ୱପ୍ନ ଯେ ବିଫଳ ହେବ ସେ ଆଶଙ୍କା ଆସିଲା ତାଙ୍କ ଜୀବନର ସାୟାହ୍ନରେ ।

———

Digitized by srujanika@gmail.com

# ସତ୍ୟବାଦୀ ତଥା ଓଡ଼ିଆ ସାହିତ୍ୟରେ ନୀଳକଣ୍ଠ

ଅଧ୍ୟାପକ ଶ୍ରୀ ଚନ୍ଦ୍ରମଣି ଦାଶ

ନୀଳକଣ୍ଠ ଅଜାତଶତ୍ରୁ ନୁହନ୍ତି. ନଥିଲେ ଏବଂ ମୃତ୍ୟୁ ପରେ ବି ନୁହନ୍ତି । ସେ ସତ୍ୟବାଦୀର ଆଚାର୍ଯ୍ୟ ହରିହରଙ୍କ ପରି ପ୍ରଶାନ୍ତଚେତା ନ ଥିଲେ । ସେ ଥିଲେ ଉଗ୍ର ବିପ୍ଳବ ପଥର ପଥିକ । ସେ କୌଣସି ବାଧା ବିପଦରେ ମୁହ୍ୟମାନ ହେବା ଲୋକ ନୁହନ୍ତି । ସେ ସମାଜ-ସଂସ୍କାର, ସାହିତ୍ୟ, ରାଜନୀତି ଓ ସେବାକାର୍ଯ୍ୟରେ ଅଗ୍ରଣୀ, ଅପ୍ରତିଦ୍ୱନ୍ଦ୍ୱୀ, ଅଥଚ ବିପକ୍ଷ ପକ୍ଷର ବାସ୍ତବରେ ଅକ୍ଷମତା । ସେ ୧୯୧୧ ପୂର୍ବରୁ 'ମୋ ହିଶ' ଏବଂ ଆମ୍ଭେ 'ଅଛୁ' ଓ 'ହେବୁ' ପ୍ରଭୃତି ଯେଉଁ ସଂସ୍କାରମୂଳକ ପ୍ରବନ୍ଧମାନ 'ଉତ୍କଳ-ସାହିତ୍ୟ' ଓ 'ମୁକୁର' ପ୍ରଭୃତି ମାସିକ ପତ୍ରିକାରେ ଲେଖି, ପୁରୀ ଶାସନ ତଥା ମୁକ୍ତିମଣ୍ଡପ ସଭାର 'ସନାତନପନ୍ଥୀ' ବ୍ରାହ୍ମଣମାନଙ୍କ ବିରୁଦ୍ଧରେ ପ୍ରବଳ ଆନ୍ଦୋଳନ ଚଳାଇଥିଲେ, ସେଥିରେ ତାଙ୍କୁ କେତେ ତାଡ଼ନା ଓ ତିରସ୍କାର ସହିବାକୁ ପଡ଼ିଛି । ପୁରୀ ଜିଲ୍ଲା ସ୍କୁଲର ହେଡ଼ପଣ୍ଡିତ ତାଙ୍କର ପରମାରାଧ୍ୟ ସଦାଶିବ ମିଶ୍ରଙ୍କ ବିରୁଦ୍ଧରେ ତାଙ୍କୁ ବାକ୍‌ଯୁଦ୍ଧ କରିବାକୁ ପଡ଼ିଛି । ତଥାପି ସେଥିରେ ସେ ଗମ୍ଭୀର, ଅଟଳ ଅଚଳ । କାହାର ବିଦ୍ରୋହ ବା ପରିହାସ ତାଙ୍କୁ ସ୍ପର୍ଶ କରିପାରି ନାହିଁ । ଏହି ଶତ୍ରୁମାନେ ୧୯୧୭ ମସିହା ମାର୍ଚ୍ଚ ୨୨ ତାରିଖରେ ସତ୍ୟବାଦୀ ବିଦ୍ୟାଳୟରେ ଅଗ୍ନି ସଂଯୋଗ କରି ବିଦ୍ୟାଳୟଟିକୁ ଭସ୍ମସାତ୍ କରିଦେଲେ । ଏଥିରେ ନୀଳକଣ୍ଠଙ୍କ ସଂଗୃହୀତ ଅନେକ ମୂଲ୍ୟବାନ ଗ୍ରନ୍ଥ ପୋଡ଼ି ପାଉଁଶ ହୋଇଗଲା, ତଥାପି ସେଥିରେ ନୀଳକଣ୍ଠ ବିଚଳିତ ନ ହୋଇ ସେହି ବିଦ୍ୟାଳୟର ଧ୍ୱଂସସ୍ତୂପ ଉପରେ ଠିଆ ହୋଇ କହିଥିଲେ, "ଏଥିରେ ସତ୍ୟବାଦୀ ବିଦ୍ୟାଳୟ ଭାଙ୍ଗିଯିବ ନାହିଁ । ସେ ପୁଣି ଗୌରବରେ ମୁଣ୍ଡଟେକି ଉଠିବ । ଛାତ୍ରମାନେ, ଭୟରେ ତୁମ୍ଭେମାନେ ଭାଙ୍ଗିପଡ଼ ନାହିଁ । କାଲି ଏହିଠାରେ ଗଛମୂଳେ ପାଠପଢ଼ା ଠିକ ପୂର୍ବପରି ହେବ ।"

ସତ୍ୟବାଦୀ ବିଦ୍ୟାଳୟର କ୍ରମୋନ୍ନତି ଦେଖି ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବ୍ୟଙ୍ଗ ବିଦ୍ରୂପ କରି କହିଥିଲେ, ଗୋପବନ୍ଧୁ, ନୀଳକଣ୍ଠ ଫର୍ଗୁସନ କଲେଜ ସତ୍ୟବାଦୀରେ ଗଢ଼ିଦେବେ । କିନ୍ତୁ ନୀଳକଣ୍ଠ ଏହି ବିଦ୍ରୂପରେ ଅବିଚଳିତ ରହିଥିଲେ । ଓଡ଼ିଶାର ପରମ ବରେଣ୍ୟ କୁଳବୃଦ୍ଧ ମଧୁସୂଦନଙ୍କ ଭାଷାରେ "ଗୋପବନ୍ଧୁ, ତୁ ସତ୍ୟବାଦୀରେ ଗୋଟିଏ ନାଲନ୍ଦା ବିହାର ଗଢ଼ିଦେଲୁ ।" ଗୋପବନ୍ଧୁ ଏହାର ଉତ୍ତରରେ କହିଲେ, "ମୁଁ ନୁହେଁ, ନୀଳକଣ୍ଠ ।" ଓଡ଼ିଶାରେ ଗୋପବନ୍ଧୁ ଓ ନୀଳକଣ୍ଠଙ୍କ ବିରୁଦ୍ଧରେ ଏହିପରି ପ୍ରତିକୂଳ ସମାଲୋଚନା ଚାଲିଥିବାବେଳେ ତେଣେ ବଙ୍ଗ ପ୍ରଦେଶର ସାମ୍ବାଦିକମାନେ ତାଙ୍କ

Digitized by srujanika@gmail.com

ସମ୍ବାଦପତ୍ରମାନଙ୍କରେ ବିଦ୍ୟାଳୟ ପରିଦର୍ଶନ କରି ଯାଇ ଲେଖିଲେ—"ସତ୍ୟବାଦୀ ସ୍କୁଲ ଗୋଟିଏ ଆଶ୍ଚର୍ଯ୍ୟ ସୃଷ୍ଟି । X X ଗୋପବନ୍ଧୁ, ନୀଳକଣ୍ଠ ଯେପରି ପୁନାର ଗୋଖଲେ, ପାରଂଜପେ ଏବଂ ବଙ୍ଗର ବିଦ୍ୟାସାଗର ସେହିପରି । କଲିକତା ବିଶ୍ୱବିଦ୍ୟାଳୟର କୁଳପତି ସୁନାମଧନ୍ୟ ଆଶୁତୋଷ ମୁଖାର୍ଜି ୧୯୧୭ ଜୁନ ୨ତାରିଖରେ ଲେଖିଥିଲେ—

"One cannot but wish that every village in Bengal should possess a genuine place of instruction like the Satyabadi School".

ସେତେବେଳେ ଓଡ଼ିଶାର ମୁଖ୍ୟ ଲୋକମାନଙ୍କର ଶରବ୍ୟ ହୋଇ ମଧ୍ୟ ନୀଳକଣ୍ଠ ନିଜ ଲକ୍ଷ୍ୟରେ ଦୃଷ୍ଟି ନିବଦ୍ଧ କରି ସତ୍ୟବାଦୀରେ ଶିକ୍ଷା ପ୍ରସାରରେ ପ୍ରଯତ୍ନଶୀଳ ।

କେବଳ ଶିକ୍ଷା ଜଗତରେ ସେ ଦେଶବାସୀଙ୍କ ଦ୍ୱାରା ଉତ୍ପୀଡ଼ିତ ହୋଇନାହାନ୍ତି, ପରବର୍ତ୍ତୀ ଜୀବନରେ ରାଜନୈତିକ କ୍ଷେତ୍ରରେ ମଧ୍ୟ ଷଡ଼ଯନ୍ତ୍ରର ସମ୍ମୁଖୀନ ହୋଇଅଛନ୍ତି ସେମାନେ କିଏ କିଏ ଏହି ଷଡ଼ ନୀଳକଣ୍ଠଙ୍କ ବିରୁଦ୍ଧରେ ସୃଷ୍ଟି କରିଥିଲେ, ତାହା ଓଡ଼ିଶାର ଅନେକ ଲୋକ ଜାଣନ୍ତି । ତେଣୁ ସେମାନଙ୍କର ନାମୋଲ୍ଲେଖ କରିବା ନିଷ୍ପ୍ରୟୋଜନ । ଦଳେ ତାଙ୍କୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ କରାଇ ଦେଲେ ନାହିଁ ତ, ଆଉ ଦଳେ ତାଙ୍କୁ କଂଗ୍ରେସରୁ ବିତାଡ଼ିତ କରିବାକୁ ଯଥାସାଧ୍ୟ ଉଦ୍ୟମ କଲେ । ତେଣୁ ରାଜନୀତି କ୍ଷେତ୍ରରେ ସେ ମଧ୍ୟ ଅଜାତଶତ୍ରୁ ନୁହନ୍ତି ।

ଏହି ରାଜନୀତି କ୍ଷେତ୍ରରେ ନୀଳକଣ୍ଠଙ୍କ ପ୍ରତି ଯେଉଁ ଈର୍ଷାନଳ ପ୍ରଜ୍ୱଳିତ ହେଲା ତାହା ତାଙ୍କ ସାହିତ୍ୟିକ ଚିନ୍ତା ଓ କର୍ମକ୍ଷେତ୍ରରେ ମଧ୍ୟ ପ୍ରବେଶ କଲା । ଜଣେ ଏବେ ଜୀବିତ ଥିବା ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ ପ୍ରଚାର କଲେ "ନୀଳକଣ୍ଠଙ୍କ 'ଭଗବତ ଗୀତା' ଟିକାଟି ସଂପୂର୍ଣ୍ଣରୂପେ ବାଲ ଗଙ୍ଗାଧର ତିଲକଙ୍କ ବହିର ଅବିକଳ ନକଲ ।" ସେ ଥିବା ବେଳେ ତାଙ୍କ ସାହିତ୍ୟର ପ୍ରବଳ ପରିପନ୍ଥୀମାନେ ଶାଣିତ କୃପାଣ ଧରି ବିଦ୍ୟମାନଥିଲେ, ତାହା ନୁହେଁ ଏବେ ମଧ୍ୟ ଲୋକେ ଅଛନ୍ତି । ଯେଉଁମାନେ କହିପାରନ୍ତି—"ନୀଳକଣ୍ଠଙ୍କର ମୂଲ୍ୟ କାହିଁ ? ରାଧାନାଥଙ୍କ 'ଉଷା', 'ଚନ୍ଦ୍ରଭାଗା' ଓ 'କେଦାର-ଗୌରୀ, ପରି ଏକ ଇଂରେଜ କବି ଟେନିସନଙ୍କ "The Princess"କାବ୍ୟ କପରି ଅନୁବାଦ କରିଅଛନ୍ତି ସତ୍ୟବାଦୀ ସାହିତ୍ୟ କେବଳ ମିଥ୍ୟାରେ ପୂର୍ଣ୍ଣ ଏବଂ ସତ୍ୟବାଦୀ ଗୋଷ୍ଠୀଙ୍କର ଦେଶାତ୍ମ-ବୋଧ କେବଳ ରାଧାନାଥଙ୍କ କାବ୍ୟକବିତାରୁ ସମ୍ଭୂତ" ସେହି ଲେଖକ ଜାଣି ନାହାନ୍ତି, ଗୋପବନ୍ଧୁ ଓ ନୀଳକଣ୍ଠ ପ୍ରଭୃତିଙ୍କର ସ୍ୱଦେଶପ୍ରୀତି ସହଜାତ ଏବଂ ସ୍ୱତଃସ୍ଫୂର୍ତ୍ତ । ଏହି ଦେଶାତ୍ମବୋଧ ନାନା ଧାରାରେ ପ୍ରବାହିତ, ଏଥିପାଇଁ ସେମାନେ ମାସିକ ଟଙ୍କା ମାତ୍ର ବେତନ ନେଇ ଦେଶସେବାରେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ ଏବଂ ଏହି ମହନୀୟ ଆଦର୍ଶରେ ଛାତ୍ରସମାଜକୁ ଅନୁପ୍ରାଣିତ କରୁଥିଲେ । ମହାତ୍ମା ଗାନ୍ଧିଙ୍କ ପ୍ରବର୍ତ୍ତିତ ଅସହ-ଯୋଗ ଆନ୍ଦୋଳନ ଏହାର ଜ୍ୱଳନ୍ତ ସାକ୍ଷ୍ୟ । ତାଙ୍କର ସାହିତ୍ୟିକ ଶତ୍ରୁ ବି ଅଳ୍ପନାହାନ୍ତି

Digitized by srujanika@gmail.com

ଅରେ ଉତ୍କଳ-ବିଶ୍ୱବିଦ୍ୟାଳୟର ଏକ ପୁସ୍ତକ ନିର୍ବାଚନ କମିଟିରେ ଜଣେ ବର୍ଷୀୟାନ ଅଧ୍ୟାପକ କହି ପକାଇଲେ "ଆରେ ନୀଳକଣ୍ଠ ଦାସଟା ପାଗଳ ହୋଇଗଲାଣି" । ଏହାର ଉଦ୍ଦେଶ୍ୟ ହେଉଛି, ସେ କାହିଁକି ଗୌଡ଼ୀୟ ବୈଷ୍ଣବ ଧର୍ମ ବିରୁଦ୍ଧରେ ତାଙ୍କ ସାହିତ୍ୟର କ୍ରମପରିଣାମ ବହିରେ ଲେଖାଲେଖି କରୁଛନ୍ତି । ଏହା ନୀଳକଣ୍ଠଙ୍କର ଏକ ମହାପାପ । ଏହି 'ମହାପାପ' ସକାଶେ ଓଡ଼ିଆ ସାହିତ୍ୟର କ୍ରମପରିଣାମ ବହି ପାଇଁ ସେହି ବୃଦ୍ଧ ଅଧ୍ୟାପକଙ୍କ ପ୍ରବଳ ପ୍ରଚେଷ୍ଟା ଫଳରେ ନୀଳକଣ୍ଠ ସେ ବର୍ଷ ଭାରତୀୟ ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିପାରିଲେ ନାହିଁ । ଆହୁରି ମଧ୍ୟ ଶ୍ରୀ ଚନ୍ଦ୍ରମଣି ଅଗ୍ରଣୀ ଉତ୍କଳ ବିଶ୍ୱ-ବିଦ୍ୟାଳୟର କୁଳପତି ଥିବା ବେଳେ ଜଣେ ଓଡ଼ିଆ ଏମ. ଏ. ପରୀକ୍ଷାର୍ଥୀଙ୍କୁ ନୀଳକଣ୍ଠ ୭୦ ନମ୍ବର ଦେଇଥିବା ବେଳେ ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ସେହି ମୁଖ୍ୟ ପରିଚାଳକ ଘୋର ଆପତ୍ତି କରି ୭୦ ନମ୍ବରକୁ ୪୦ ନମ୍ବର କରାଇଦେଲେ । ଚନ୍ଦ୍ରମଣି ବାବୁଙ୍କଠାରୁ ଏ ସମ୍ବାଦ ପାଇ ଆଉ ନୀଳକଣ୍ଠ ପରୀକ୍ଷକ ହେବାକୁ ଆକାଂକ୍ଷିତ ହେଲେ ନାହିଁ । ଏହିପରି ଭାବରେ ତାଙ୍କର ସକଳ କର୍ମର ଚତୁର୍ଦ୍ଦିଗରେ ସେ ଶତ୍ରୁ ପରିବେଷ୍ଟିତ ହୋଇ ନିଜର ଅକ୍ଳାନ୍ତ ସାଧନାରେ ଅଗ୍ରସର ହୋଇଅଛନ୍ତି । ଆଜି ସେହି ବିଶ୍ୱ-ବିଦ୍ୟାଳୟର ଅନ୍ୟତମ ପ୍ରତିଷ୍ଠାତା ନୀଳକଣ୍ଠଙ୍କ ନାମରେ Fellowship ସେହି ବିଶ୍ୱବିଦ୍ୟାଳୟରେ ଦେବାର ବ୍ୟବସ୍ଥା କରାଯାଇଛି । କିନ୍ତୁ ପ୍ରଶ୍ନ ଉଠେ ଏ କାର୍ଯ୍ୟ କାହା ଉପରେ ନ୍ୟସ୍ତ କରାଯିବ । ପାଞ୍ଚବର୍ଷର କଠୋର ତପସ୍ୟା ପରେ ନୀଳକଣ୍ଠଙ୍କ ସାହିତ୍ୟର ଅଧ୍ୟାପନା ଓ ଗବେଷଣାରେ ହାତଦେବା ସମୀଚୀନ ବୋଲି ମନେହୁଏ । କେବଳ 'ନୀଳକଣ୍ଠ'ଙ୍କର ମୃତ୍ୟୁ ନାହିଁ, ଏତିକି କହି ବହିର ଶେଷ ଭାଗରେ ଗୋଟିଏ ଅଧ୍ୟାୟ ଯୋଡ଼ି ଦେଲେ ହେବନାହିଁ । 'ସା ବିଦ୍ୟା ଯା ବିମୁକ୍ତୟେ' ଏହି ପ୍ରାଚୀନ ଆପ୍ତବାକ୍ୟର ଅର୍ଥ ଯାହାର ଅବବୋଧ ହୋଇ ନାହିଁ, ସେ ନୀଳକଣ୍ଠଙ୍କ ସାହିତ୍ୟରେ ମୋଟେ ପ୍ରବେଶ କରିପାରିବ ନାହିଁ । ଏହି ଉତ୍କଳ ଖଣ୍ଡରେ ଜଣେ ମାତ୍ର ତାଙ୍କର ସାହିତ୍ୟ ଅବବୋଧ କରିଥିଲ । ସେ ଆଜି ଅଭିଧାନରୁ ଅପସୃତ । ସେ ହେଉଛନ୍ତି ଡକ୍ଟର ମାୟାଧର ମାନସିଂହ ଯେ ତାଙ୍କର 'କୋଣାର୍କେ' କାବ୍ୟଟି ଆମୂଳଚୂଳ ପଢ଼ି ଲେଖିଛନ୍ତି—

୧—"କିନ୍ତୁ ସ୍ଥାପତ୍ୟ ଦେଖାଏ ସିନା, କାବ୍ୟ କଥା କହେ । ପ୍ରାଚୀନ ଉତ୍କଳ କେଉଁଠି କଥା କହୁଛି, ତାହାର ବହୁ ଅନୁସନ୍ଧାନ ମୁଁ ନିଜେ କରିଛି । ପଣ୍ଡିତ ନୀଳକଣ୍ଠଙ୍କ 'କୋଣାର୍କେ' କାବ୍ୟଯୁଗରେ ପୁରାଣ ଉତ୍କଳର ପ୍ରାଣର ବାଣୀ ଯେପରି ସ୍ପଷ୍ଟ ଭାବରେ ମୋର ଶ୍ରୁତିଗୋଚର ହୋଇଛି, ତାହା ଓଡ଼ିଆ, ଇଂରାଜୀ ବା ଅନ୍ୟ କୌଣସି ଭାଷାର କୌଣସି ଲେଖାଠାରୁ ମୁଁ ପାଇପାରିନି ।"

୨—"ଓଡ଼ିଆରେ ସାଧାରଣତଃ ଯେପରି କାବ୍ୟ ଆମ୍ଭେମାନେ ପଢ଼ିବାକୁ ପାଉ ସେଗୁଡ଼ିକର ଗତାନୁଗତିକ ସ୍ଥାପତ୍ୟଠାରୁ 'କୋଣାର୍କେ' କାବ୍ୟର ସ୍ଥାପତ୍ୟ ସଂପୂର୍ଣ୍ଣ ଭିନ୍ନ ଏହାର କାରୁ ଶିଳ୍ପ ଅନେକାଂଶରେ ନିଜର ହୋଇଥିବାରୁ ଏ କାବ୍ୟ ଜନ-ସାଧାରଣଙ୍କର ପ୍ରିୟ ନ ହୋଇପାରେ । କିନ୍ତୁ ଠିକ୍ ସେହି କାରଣରୁ ହିଁ ଚତୁର

Digitized by srujanika@gmail.com

ଛାତ୍ରମାନଙ୍କ ନିକଟରେ ଏହାର ମୂଲ୍ୟ ବେଶୀ । ଗତାନୁଗତିକତାଠାରୁ ଭିନ୍ନ ହୋଇଥିବାରୁ ହିଁ ଏହି ବହିଟି ମୋତେ ସ୍ୱତନ୍ତ୍ର ଲାଗେ ।"

ଅଥଚ ଏହା ପୂର୍ବରୁ ଥରେ ମାନସିଂହ ଯେ ନିଜକୁ ଓଡ଼ିଶାରେ ଜଣେ ବଡ଼ କବି ଓ ଲେଖକ ବୋଲି ସ୍ୱୀକାର କରନ୍ତି, ସେ ଥରେ ନୀଳକଣ୍ଠ ଦାସଙ୍କୁ ଲକ୍ଷ୍ୟକରି ଲେଖିଥିଲେ, "ଯେ କେତେଟା ଇଂରେଜୀ ବହି ପଢ଼ିଛନ୍ତି ଯେ, ଏପରି ଲେଖିବାର ଅଧିକାର ସେ କେଉଁଠାରୁ ପାଇଲେ "

"ବିଦ୍ୟାସ୍ମୃତମଶ୍ନୁତେ' ବିଦ୍ୟାଦ୍ୱାରା ମନୁଷ୍ୟ ଅମୃତର ଆସ୍ୱାଦନ କରିପାରେ । ଏହି ପ୍ରାଚୀନ ଶାସ୍ତ୍ରବାକ୍ୟର ପ୍ରକୃତ ଅର୍ଥ, ମର୍ଯ୍ୟାଦା, ଗାମ୍ଭୀର୍ଯ୍ୟ ଓ ଗୌରବ, ଗାରିମାର ତାତ୍ପର୍ଯ୍ୟ ଆମ ଦେଶରେ ନୀଳକଣ୍ଠ ଯେପରି ବୁଝିଥିଲେ, ଆଜି ସେପରି କେହି ବୁଝିଛନ୍ତି କି ନାହିଁ ସନ୍ଦେହ । ସମସ୍ତେ ଅର୍ଥର ଦାସ, ଅର୍ଥ ମୁଖ୍ୟ—ଜ୍ଞାନାର୍ଜନ ଗୌଣ । ବର୍ତ୍ତମାନ ସାରା ଭାରତରେ ଏହି ଉକ୍ତିର ସାରବତ୍ତା ପ୍ରତିପନ୍ନ ହେବାକୁ ବସିଲାଣି । ତେଣୁ, ଅଧ୍ୟାପକ ଓ ଛାତ୍ରମାନଙ୍କର ସମ୍ପର୍କ କେଉଁ ସ୍ତରକୁ ଯେ ଗଡ଼ୁଛି ତାହା ବର୍ତ୍ତମାନ ବିସ୍ମୟ ଲାଗିବାର କଥା ।

ନୀଳକଣ୍ଠ ସତ୍ୟବାଦୀ ବନ-ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଥିବା ସମୟରେ ସେ ଗୋଟିଏ ବହି ଲେଖିଥିଲେ ତାର ନାମ "passages for translation'. ଏଥିରେ କେତେକ ନିର୍ବାଚିତ ଓଡ଼ିଆ ଗଦ୍ୟାଂଶ ଦିଆଯାଇଛି । ତାହାର ଅନୁବାଦ କିପରି କରାଯିବ ତାର ସୂଚନା ଛାତ୍ରମାନଙ୍କୁ ଦିଆଯାଇଛି । କାରଣ ସେତେବେଳେ (୧୯୧୯) ପାଟଣା ବିଶ୍ୱବିଦ୍ୟାଳୟ ଅନ୍ତର୍ଭୁକ୍ତ ହାଇସ୍କୁଲମାନଙ୍କରେ ଇଂରେଜୀ ପ୍ରଥମ ଭାଗରେ ଓଡ଼ିଆକୁ ଇଂରେଜୀରେ ଅନୁବାଦ କରିବାରେ ୭୦ ନମ୍ବର ଥିଲା । ବାକି ୩୦ ନମ୍ବର ପ୍ରବନ୍ଧ ରଚନା ଉଦ୍ଦେଶ୍ୟରେ । ସେପରି ବହି ସେତେବେଳେ କେହି ଲେଖି ନ ଥିଲେ । ଏଥିରେ ନୀଳକଣ୍ଠଙ୍କ ନାମ ନଥିଲା, ଥିଲା "Passages for Translation by Satyabadi School." ସେ ବହି ବର୍ତ୍ତମାନ ଦୁଷ୍ପ୍ରାପ୍ୟ । କିନ୍ତୁ ସେଥିରେ ଓଡ଼ିଆ ପ୍ରମେୟ କିମ୍ବା ଅନୁଚ୍ଛେଦଗୁଡ଼ିକ ଏତେ ଶିକ୍ଷଣୀୟ, ଲୋଭନୀୟ ଓ ମର୍ମସ୍ପର୍ଶୀ ଯେ ତାହା ଗୋଟିଏ ସ୍ୱତନ୍ତ୍ର ପାଠ୍ୟପୁସ୍ତକ ରୂପେ I. A କିମ୍ବା B. A. ଶ୍ରେଣୀ ପାଇଁ ସ୍ୱଚ୍ଛନ୍ଦରେ ନିର୍ବାଚିତ ହୋଇପାରେ । ସେହିପରି ସତ୍ୟବାଦୀ ସ୍କୁଲରୁ ପ୍ରକାଶିତ ଆଉ ଗୋଟିଏ ପୁସ୍ତକ 'ପ୍ରବନ୍ଧ ପ୍ରବେଶ' । ଏଥିରେ ସନ୍ନିବେଶିତ ପ୍ରବନ୍ଧମାନଙ୍କର ମୌଳିକତା ସର୍ବଜନସ୍ୱୀକୃତ, ଯଥା 'ବନବିଦ୍ୟାଳୟ,' 'ରେଳପଥରେ ଭ୍ରମଣ' ଓଡ଼ିଶାର ପ୍ରାଚୀନ ସାମନ୍ତକେତା ଏବଂ "ଆତ୍ମତ୍ୟାଗ" ପ୍ରଭୃତି । ଏ ସବୁ କିନ୍ତୁ ନୀଳକଣ୍ଠଙ୍କର ନିଜ ଲେଖା ନୁହେଁ । ଏସବୁ ସତ୍ୟବାଦୀ ବିଦ୍ୟାଳୟର ଶିକ୍ଷକମାନଙ୍କର ସମବେତ ପ୍ରଚେଷ୍ଟାର ଫଳ । କିନ୍ତୁ ଏହି ପୁସ୍ତକମାନଙ୍କର ପଶ୍ଚାତ୍‌ଭାଗରେ ନୀଳକଣ୍ଠ ଓଡ଼ିଆ ସାହିତ୍ୟର ଅପ୍ରତିହତ ଭାବରେ ବିଦ୍ୟମାନ—ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ ।

Digitized by srujanika@gmail.com

ଏଣେ ସତ୍ୟବାଦୀ ବିଦ୍ୟାଳୟର ଶିକ୍ଷାର ବହୁମୁଖୀ ଯୋଜନାର ଗୁରୁଦାୟିତ୍ୱ, ତେଣେ ଅବିଶ୍ରାନ୍ତ ସାହିତ୍ୟ ଚର୍ଚ୍ଚା ଏବଂ ରାତି ୪ଟା ପର୍ଯ୍ୟନ୍ତ ମୌଳିକ ଗ୍ରନ୍ଥମାନଙ୍କର ଅଧ୍ୟୟନ ଓ ଅନୁଶୀଳନ-ଏହି ତ୍ରିବିଧ କର୍ମରେ ନୀଳକଣ୍ଠ କିପରି ବ୍ୟାପୃତ ଥିଲେ ତାହାର ଜ୍ୱଳନ୍ତ ପ୍ରମାଣ ବହନ କରେ ସତ୍ୟବାଦୀରୁ ପ୍ରକାଶିତ ଏବଂ ଗୋପବନ୍ଧୁଙ୍କ ସମ୍ପାଦିତ ମାସିକ ସାହିତ୍ୟ ପତ୍ରିକା 'ସତ୍ୟବାଦୀ'। ଏହା ପ୍ରାୟ ଛ' ବର୍ଷ ପର୍ଯ୍ୟନ୍ତ ଜୀବିତ ଥିଲା। କିନ୍ତୁ ନୀଳକଣ୍ଠ ଥିଲେ ଏହାର ଜୀବନନାଡ଼ିକା। ଗୋଟିଏ ଗୋଟିଏ ସଂଖ୍ୟାରେ ତାଙ୍କର ଦୁଇ କିମ୍ବା ତହିଁରୁ ଅଧିକ କାବ୍ୟ, କବିତା ଧାରାବାହିକ ଭାବରେ ପ୍ରକାଶ ପାଉଥିବା ଅମୂଲ୍ୟ ଓ ଉପାଦେୟ ଗ୍ରନ୍ଥ 'ଆର୍ଯ୍ୟ ଜୀବନ' ଯାହାକି ଦିନେ ଉତ୍କଳ ବିଶ୍ୱ-ବିଦ୍ୟାଳୟର ଏମ୍. ଏ ଶ୍ରେଣୀରେ ପାଠ୍ୟପୁସ୍ତକ ରୂପେ ନିର୍ବାଚିତ ହୋଇଥିଲା, ସେହି ଦୁର୍ବୋଧ ଅଥଚ ଉପାଦେୟ ପୁସ୍ତକ, 'ଲାବଣ୍ୟବତୀ'ର ସମାଲୋଚନା, ଏହାକୁ 'ସମାଲୋଚନା' ନ କହି 'ଲାବଣ୍ୟବତୀ' କାବ୍ୟର 'ଅନ୍ତଃତତ୍ତ୍ୱ ପ୍ରକାଶ' ବୋଲି କହିଲେ କୌଣସି ଅପ୍ରାସଙ୍ଗିକ କଥାର ଉଲ୍ଲେଖ କରାଗଲା ବୋଲି କହିହେବ ନାହିଁ। ଇଂରେଜ କବି ଟେନିସନଙ୍କ "The Princess" କାବ୍ୟର ଅନୁବାଦ ନୁହେଁ-ଅନୁବାଦ ଛଳରେ ଏହା ରାଜଗୃହ ନିକଟବର୍ତ୍ତୀ ନାଳନ୍ଦା ବିଶ୍ୱବିଦ୍ୟାଳୟର ଶିକ୍ଷା ଓ ସଂସ୍କୃତିର ମନ୍ତ୍ର ବହନ କରିଥିବା କାବ୍ୟଗ୍ରନ୍ଥ-ଏସବୁ ନୀଳକଣ୍ଠ 'ସତ୍ୟବାଦୀ'ର ଗୋଟିଏ ସଂଖ୍ୟାରେ ଲେଖିପାରିଥିଲେ। ସାହିତ୍ୟର ଅନ୍ୟାନ୍ୟ ଆଦର୍ଶବାଦ ଦେଲେ ବି ଏତେ କର୍ମନିଷ୍ଠା ଓଡ଼ିଆ ସାହିତ୍ୟରେ ଆଉ କେଉଁ ଲେଖକଙ୍କଠାରେ ଦେଖିବାକୁ ମିଳେ ? ଏହା କ'ଣ ସାଧାରଣ ମନୁଷ୍ୟ ପକ୍ଷରେ ସମ୍ଭବ ? ଏହା ତାଙ୍କର ସ୍ୱତଃସ୍ଫୂର୍ତ୍ତ ପ୍ରତିଭା ଓ ମନୀଷାର ଫଳ। ଏପରି ପ୍ରଜ୍ଞାଶାଳୀ ପ୍ରତିଭାବାନ ମନୀଷୀ ଏବେ ଓଡ଼ିଶାରେ ଅଛନ୍ତି କାହାନ୍ତି ? ଓଡ଼ିଆ ସାହିତ୍ୟ କ୍ଷେତ୍ରକୁ ତାଙ୍କର ବିଶିଷ୍ଟ ଓ ସର୍ବପ୍ରଥମ ଅବଦାନ ହେଲା 'ଉଦ୍ଭିଦ ରହସ୍ୟ'। ଏହି ଉଦ୍ଭିଦ-ବିଦ୍ୟା ସମ୍ବନ୍ଧରେ ସେ ଛାତ୍ରମାନଙ୍କୁ ଶିକ୍ଷାଦେବା ନିମନ୍ତେ 'Plant Life' ନାମକ ଅନେକଗୁଡ଼ିଏ ବହି ବିଦ୍ୟାଳୟକୁ ଅଣାଇଥିଲେ। ଏହା 'ସତ୍ୟବାଦୀ'ର ପ୍ରଥମ ଖଣ୍ଡରେ ତାଙ୍କର ଅନ୍ୟାନ୍ୟ ଲେଖାମାନଙ୍କ ସହିତ ଧାରାବାହିକ ଭାବରେ ପ୍ରକାଶ ପାଉଥିଲା। ସେତେବେଳେ ଉଦ୍ଭିଦ ତତ୍ତ୍ୱବିତ୍ ପ୍ରାଣକୃଷ୍ଣ ପରିଜା ବିଜ୍ଞାନ କ୍ଷେତ୍ରରେ ଦେଖା ଦେଇ ନଥିଲେ। ଆମ୍ଭମାନଙ୍କର ଏତିକିମାତ୍ର ମନେ ଅଛି, ଶ୍ୟାମଚନ୍ଦ୍ର ତ୍ରିପାଠୀ ଓ ପ୍ରାଣକୃଷ୍ଣ ପରିଜା ଏ ଉଭୟେ ବିଲାତରୁ ଫେରି ରେଭେନସା କଲେଜର ଅଧ୍ୟାପକ ହୋଇ ବନବିଦ୍ୟାଳୟର କାର୍ଯ୍ୟକଳାପ ଦେଖିବାକୁ ଥରେ ଏଠାକୁ ଆସିଥିଲେ। ଆସି ଏହିପରି ଗୋଟିଏ ଅଭିନବ ମନୁଷ୍ୟ-ଗଠନକାରୀ ବିଦ୍ୟାଳୟ ଦେଖି ବିସ୍ମିତ ଓ ବିମୋହିତ ହୋଇଥିଲେ। ନୀଳକଣ୍ଠ ଏହି ଉଦ୍ଭିଦ ରହସ୍ୟ ଲେଖିବା ଅନୁପ୍ରେରଣା ବୋଧହୁଏ ପାଇଥିଲେ ରେଭେନସା କଲେଜର ତାଙ୍କର ହିତୈଷୀ ଓ ପରମପୂଜ୍ୟ ପ୍ରଫେସର ବିଦ୍ୟାନିଧି ରାୟବାହାଦୁର ଯୋଗେଶ ଚନ୍ଦ୍ର ରାୟଙ୍କଠାରୁ। ନୀଳକଣ୍ଠଙ୍କୁ ସତ୍ୟବାଦୀ ବିଦ୍ୟାଳୟରେ ଦେଖି ସେ ମହାଶୟ ସମବେଦନା ପ୍ରକାଶ କରି ଲେଖିଥିଲେ "କିନ୍ତୁ କି ଗୁରୁ ପରିଶ୍ରମ ଶିକ୍ଷକମାନଙ୍କୁ କରିବାକୁ ପଡ଼ୁଛି। ନବ୍ୟ ଶିକ୍ଷକମାନେ ଛାତ୍ରାବସ୍ଥାରେ ଯେପରି ହୃଷ୍ଟପୁଷ୍ଟ ଥିଲେ, ସେପରି ବର୍ତ୍ତମାନ ସେମାନଙ୍କୁ

Digitized by srujanika@gmail.com

ଦେଖିଲ ନାହିଁ । ସେ ତନ ସତ୍ୟବାଦୀରେ ସେମାନଙ୍କ ଶୀର୍ଣ୍ଣ ଦେଖି କଷ୍ଟ ହେଲା । ଗୋଟିଏ ଦିନରେ, ଗୋଟିଏ ବର୍ଷରେ ପରୀକ୍ଷା ପରିଚୟ ଆସେ ନାହିଁ । ଆମ୍ଭେମାନେ ନଗଣ୍ୟ-ନର୍ଜ୍ଜନ, ଅଥଚ (ଶିକ୍ଷା ଓ ସାହିତ୍ୟ ସମ୍ବନ୍ଧରେ କ'ଣ କରିପାରୁ) ଏହି ଚିନ୍ତାରୁ ବିଦ୍ୟାଳୟ ପ୍ରତିଷ୍ଠା ଚେଷ୍ଟା ସଫଳ ହେବ କି ନାହିଁ, ଆଦର୍ଶ ଠିକ୍ ହୋଇଛି କି ନାହିଁ, କିଏ ଜାଣେନ-କିନ୍ତୁ ଏଇଟା ଠିକ୍ ଯେ ପ୍ରେମ ବ୍ୟତୀତ ଆଉକିଛି ଦେବାକୁ ଆମର ନାହିଁ ।”

ସେହି ‘ଉଦ୍ଭିଦ ରହସ୍ୟ’ର ‘ବୃକ୍ଷାଦିର ବିବାହ’ ପରିଚ୍ଛେଦରେ ସେ ଉପସଂହାର ରେ ଲେଖିଥିଲେ, ବୃକ୍ଷ ଆମ୍ଭମାନଙ୍କ ପରି ବର କନ୍ୟା ପ୍ରସଙ୍ଗ ପେନ ବର ଓ କନ୍ୟା ଖୋଜି ବୁଲି ପାରିବ ନାହିଁ । ସେଥିପାଇଁ ପରମପିତା ଫୁଲରେ ସୁବାସ, ସୌନ୍ଦର୍ଯ୍ୟ ଓ ମଧୁ ଦେଇଅଛନ୍ତି । ସେଥିରେ ତାର ପରମ୍ପରା ଦୃଢ଼ତର ହେଉଅଛି ଏବଂ ସେହି ସୂତ୍ରରେ ସୃଷ୍ଟି ପ୍ରକ୍ରିୟା ଦିନକୁ ଦିନ ଉନ୍ନତ ଓ ବିକାଶ ଲଭୁଅଛି ।

ନୀଳକଣ୍ଠଙ୍କ ସାହିତ୍ୟରେ ପଦେ ପଦେ ଦେଖିବାକୁ ମିଳେ, ଚତୁର୍ଥ ଶତାବ୍ଦୀର ସାହିତ୍ୟ ସମାଲୋଚକ ଗ୍ରୀସନବାସୀ Longinusଙ୍କର (The Frist Romantic Critic) ବାଣୀ ଏଠାରେ ଉଲ୍ଲେଖଯୋଗ୍ୟ । କାବ୍ୟ କବିତା ସମ୍ବନ୍ଧରେ ତାଙ୍କର ବାଣୀ ହେଉଛି The sublime । ଏହି sublime ର ସ୍ୱରୂପ ସମ୍ବନ୍ଧରେ ସେ କହିଛନ୍ତି—

“The Sublime consists in a certain leftiness and consummation of language and it is by this only that the greatest poets and prose writers have won preeminence and lasting fame”.

ସ୍ୱଚାର ଏହି ମହାନ ଗାମ୍ଭୀର୍ଯ୍ୟ ଓ ଉନ୍ନତ ଭୂମିକା ନୀଳକଣ୍ଠଙ୍କ ସାହିତ୍ୟରେ ପ୍ରଚୁର । ଏକାଦଶ ଶତାବ୍ଦୀର ଆଲଂକାରିକ କୁନ୍ତକଙ୍କର ମତ ମଧ ଏହାର ସଂପୂର୍ଣ୍ଣ ପରିପୂରକ । “ଅର୍ଥ ସହୃଦୟାହ୍ଲାଦକାରୀ ସ୍ୱସ୍ପନ୍ଦସୁନ୍ଦରଃ ।” ଅନ୍ୟ କେତେକ ବାଚକ ଥିଲେ ସୁଦ୍ଧା ଯାହା ବିବକ୍ଷିତ ଅର୍ଥାତ୍ ଅଭିପ୍ରେତ ଅର୍ଥର ଏକମାତ୍ର ବାଚକ ହୁଏ, ତାହାହିଁ ଶବ୍ଦ । ସହୃଦୟ ହୃଦୟରେ ଆହ୍ଲାଦ ଜନ୍ମାଇ ଯାହା ସୁନ୍ଦର ହୁଏ, ତାହିଁ ଅର୍ଥ ଯଥା ‘କୋଣାର୍କ’ରେ ସୂର୍ଯ୍ୟୋଦୟର ବର୍ଣ୍ଣନା—

ବୃଦ୍ଧହଂସ ପରି ଦଶିଲ
ଉଠି ଅର୍କ-ମଣ୍ଡଳ
ବର୍ତ୍ତୁଳିତ-ପ୍ରାନ୍ତ ତମ୍ବୁରୁ
କ୍ରମେ ଦିଶେ ସୁନ୍ଦର,
ଉଠିଆସେ ବମ୍ଭ ଅଳପେ
ଲଗି ରହିଲା ନୀରେ ।
ହାଟକ-କଳସ ଝମ୍ପିଲା
ବୁଡ଼ି ମୃଖ ସାଗରେ ।

ଶବ୍ଦ ଓ ଅର୍ଥର ଏପରି ଅଲୌକିକ ଓ ଅଦ୍ୱିତୀୟ ମିଳନର ବହୁ ଉଦାହରଣ ନୀଳକଣ୍ଠଙ୍କ ଗଦ୍ୟ ଓ ପଦ୍ୟ—ସାହିତ୍ୟରୁ ଦିଆ ଯାଇପାରେ ।

Digitized by srujanika@gmail.com

# ପଣ୍ଡିତ ନୀଳକଣ୍ଠଙ୍କ 'ବୀରପେଶା' ଓ କାଳେସୀ ଛଡ଼ା

ଶ୍ରୀମତୀ ଇନ୍ଦିରା ଦେବୀ

(ପଣ୍ଡିତ ନୀଳକଣ୍ଠଙ୍କ ସମାଜ ସଂସ୍କାର ବିଷୟରେ ଗୋଟିଏ ଦୁଇଟି କଥା ମନେ ପଡ଼ୁଛି । ସେ ମୋ ନନା, ପିଲାଦିନେ ମତେ ଓ ମୋ ସାନଭଉଣୀ ରମାକୁ ବହୁତ ଗପ କହନ୍ତି । ସେଥିରୁ ଏହା ଗୋଟିଏ ଦୁଇଟି ମାତ୍ର । ପ୍ରଥମଟି ବେଳକୁ ମୋର ଜନ୍ମ ହୋଇଥାଏ ।)

ଥରେ ଆମ ଗାଁରେ ଜଣକ ଘରେ 'ବୀର' ପେଶିଥିଲା । ସେ ଥିଲେ ଜଣେ ବୃଦ୍ଧ ଓ ତାଙ୍କର ଉପଯୁକ୍ତ ପୁଅଝିଅ ଥାଇ ସ୍ତ୍ରୀଙ୍କ ମୃତ୍ୟୁପରେ ସେ ଗୋଟିଏ ତରୁଣୀକୁ ବିବାହ କରିଥିଲେ । ସେଇ ସ୍ତ୍ରୀଲୋକଟିକୁ 'ବୀର' ଲାଗିଲା । ଆଖପାଖର ବହୁ ଲୋକ ତାକୁ ଘେରିକରି ଜଗି ରହିଲେ । ତଥାପି ତାଙ୍କ ଘର ଲୋକେ ଖାଇ ବସିଲା ବେଳେ ଓ ସେ ସ୍ତ୍ରୀଲୋକଟି ମଧ୍ୟ ତାଙ୍କ ସାଥିରେ ଖାଉଥିବା ଅବସ୍ଥାରେ ଖାଉଥିବା ଥାଳିରେ ମେଞ୍ଚା ମେଞ୍ଚା ଝାଡ଼ା ଆସି ପଡ଼ିବ । ଭାତ ବା ଡାଲି, ତରକାରୀ, ଚୂଲି ଉପରେ ସିଝୁଥିବା ଅବସ୍ଥାରେ ସେଥିରେ ଝାଡ଼ା ଖସୁଥିବ । ଏ ସବୁ ଅଦ୍ଭୁତ ଘଟଣାରେ ଭୟଭୀତ ହୋଇ ସମସ୍ତେ ଚୁପ୍‌ଚାପ୍ ଏକାଠି ବସିଥିବେ, ହଠାତ୍ ଗୁଡ଼ାଏ ହାଡ଼ ଆସି ସେମାନଙ୍କ ପାଖରେ ବା ମଝିରେ ପଡ଼ିବ । ହାଡ଼ସବୁ ଉପରୁ ଖସୁଥିବା ଦେଖାଯିବ, କିନ୍ତୁ କିଏ ପକାଉଛି ଦେଖିହେବ ନାହିଁ । ଏପରିକି ଜଗିଥିବା ଲୋକେ ପାଖରେ ଥାଇ ମଧ୍ୟ ସବୁ ଦେଖୁଥାନ୍ତି, କିନ୍ତୁ ମଇଳା ହାଡ଼ କୁଆଡ଼ୁ ଆସୁଛି ଓ କିଏ ପକାଉଛି ଜାଣି ପାରୁ ନଥାନ୍ତି । ଏପରି ୪।୫ ଦିନ ଜଗିବା ପରେ ତାଙ୍କର ପୂର୍ଣ୍ଣ ବିଶ୍ୱାସ ଆସିଲା ଯେ, କେହି ଗୁଣିରେ ଏପରିସବୁ କଷ୍ଟ କରୁଛି । ତା ପରେ ଗୁଣିଆମାନେ ଆସି ବହୁ ଚେଷ୍ଟା କଲେ, କିନ୍ତୁ ଫଳ କିଛି ହେଉ ନଥାଏ । ଘର ଓ ବାହାର ଲୋକେ ବଡ଼ ବ୍ୟସ୍ତ ହୋଇ ପଡ଼ିଲେ । ପଣ୍ଡିତ ନୀଳକଣ୍ଠ (ନନା) ସାଧାରଣତଃ ଗାଁରେ ନଥାନ୍ତି-ହଠାତ୍ ସେ ଦିନ ଗାଁରେ ପହଞ୍ଚି ଏ ଘଟଣା ଶୁଣିଲେ । କିଛି ବେଳ ପରେ ଖାଇ ପିଇ ତାଙ୍କ ଘରକୁ ଗଲେ । ସେଠି ପହଞ୍ଚି ସମସ୍ତଙ୍କୁ ଡାକି କହିଲେ, "ପିଲାଏ ତମେ ବ୍ୟସ୍ତ ହେଲଣି, ସମସ୍ତେ ମତେ ଜଗିବାକୁ ଛାଡ଼ି ଦେଇ ଘରକୁ ଯାଅ । ମୁଁ ଆଜି ଜଗିବି ।" ଏତକ କହି ଭିତରପଟେ ଅଗଣାରେ ଯାଇ ଠିଆ ହେଲେ । ସେତିକିବେଳେ ହଠାତ୍ ଗୋଟିଏ ଗହଣା ବାକସ ଆସି ତାଙ୍କ ଗୋଡ଼ପାଖେ ପଡ଼ି ସେଥିରୁ ଗହଣାଯାକ ବାହାରିହୋଇ ପଡ଼ିଲା । ଏହା କିଏ କଲା ସେ କାହାକୁ ଦେଖିପାରିଲେ ନାହିଁ । ମାତ୍ର ସେ ଦୃଢ଼ସ୍ୱରରେ କହିଲେ, "ମୁଁ ବୀର ନ ଛଡାଇ ଏଠୁ ଯାଉନାହିଁ, ଏହି ପିଣ୍ଡାରେ ବସିଲି ।" ଗୋଟିଏ

Digitized by srujanika@gmail.com

ସ୍ୱଳ୍ପ ମହିଣା ମଗାଇ ସେହି ଜାଗାରେ ଦୁଇଦିନ ବସି ରହିଲେ । ଆସ୍ତେ ଉପଦ୍ରବ କେତେକ ମାସରେ କମିଗଲା । ସେ ବିଷୟ ଅନୁସନ୍ଧାନ କରି ସେହି ବୃଦ୍ଧଙ୍କ ସ୍ତ୍ରୀ ଏସବୁ କରୁଥିବାର ଜାଣିପାରିଲେ । ତେଣୁ ନନା ତାଙ୍କୁ ୧୫ ଦିନ ପାଇଁ ଅନ୍ୟତ୍ର ପଠାଇ ଦେଇ ଘରକୁ ଚାଲିଆସିଲେ । ଆଉ ସେବେଠୁ ତାଙ୍କ ପରେ 'ଖାର' ଲାଗିଲା ନାହିଁ କି ଏସବୁ କିସ୍ମା ଆଉ କିଛି ହେଲା ନାହିଁ ।

ସେହିପରି କାଳେସୀ ଲାଗିବା, ଯାହାକୁ ଠାକୁରାଣୀ ବିଜେ ହେବା କି କହନ୍ତି, ତାକୁ ମଧ୍ୟ ସେ ଛଡ଼ାଇ ଦେଇଥିଲେ । ବୋଧହୁଏ ୧୯୧୨ ମସିହା କଥା, ଯେତେବେଳେ ଜଗନ୍ନାଥଙ୍କ ନବକଳେବର ବର୍ଷ ପ୍ରସ୍ତିରେ ଭୀଷଣ ହଇଜା ଲାଗିଥିଲା । ସ୍ୱା ଆଗରୁ ନନା ବହୁଆଡେ ହଇଜା ରୋଗୀଙ୍କ ସେବା କରି ଗାଁରେ ପହଞ୍ଚିଥାନ୍ତି । ଗାଁରେ ମଧ୍ୟ ହୋମିଓପାଥି ଚିକିତ୍ସା କରି ଓ ଘରୁ ଜନେ ଦାଲ କରି ନେଇ ରୋଗୀଙ୍କୁ ଦେଇ ଓ ସେମାନଙ୍କ ସେବା କରି ରୋଗୀଙ୍କୁ ଭଲ କରୁଥାନ୍ତି । ରୋଗୀଙ୍କର ମଧ୍ୟ ତାଙ୍କ ଉପରେ ବିଶ୍ୱାସ ବଢ଼ିଥାଏ । ଏଥିକବେଳେ ଏକ ଆଶ୍ଚର୍ଯ୍ୟ କଥା ଘଟିଥିଲା । ଔଷଧ ସରିଗଲେ ଅବସ୍ଥା ସମ୍ଭାଳିବାକୁ ନନା ସେଇ ଶିଶି କିଛି ପାଣି ସେଇ ଅଧଗିଲାସ ପାଣିରେ ୧୦ ଟୋପା ଶିଶି-ପାଣି ମିଶାଇ ଅଧଘଣ୍ଟାରେ ଖାଇବାକୁ ଦିଅନ୍ତି । ରୋଗୀ ସେଥିରେ କି ଭଲ ହୋଇଯାନ୍ତି । ଆହୁରି ମଧ୍ୟ "କିଣ ଆସିଲାଣି ମୁଁ ଭଲ ହୋଇଯିବି" ଏଇ ଆତ୍ମବିଶ୍ୱାସ ବଳରେ କି କେହି କେହି ଭଲ ହୋଇ ଯାଉଥାନ୍ତି । ଏଇପରିସ୍ଥିତିରେ ହଇଜା ପ୍ରାୟ ଗାଁରୁ କମି, ଅବସ୍ଥା ସମ୍ଭଳି ପଡ଼ିଆସୁଥିବା ବେଳେ, ଦାଣ୍ଡମୁଣ୍ଡିଠି ଦିନେ କାଳେସୀ ବିଜେ ହେଲେ । (ଆମ ଗାଁ ଦୁଇଖଣ୍ଡିରେ ବିଭକ୍ତ. ଠିକ୍ ଗାଁ ମଝିରେ ଦୁଇଟି ଲମ୍ବା ବାଉଁଶ ପୋତା ହୋଇଥାଏ, ଖଣ୍ଡିଏ ସଂକେତ ସ୍ୱରୂପ ଓ ସେଇଠୁ ପ୍ରଥମ ଏବଂ ଦ୍ୱିତୀୟ ଖଣ୍ଡି କୁହାଯାଏ । ଦରକାର ପଡ଼ିଲେ ଗ୍ରାମଦେବତା ହରଚଣ୍ଡୀଙ୍କର ସେଠି ଭୋଗରାଗ ମଧ୍ୟ କରାଯାଏ । ନନା ଓ ତାଙ୍କ 'ବଡ଼ ଆପଣେ' ମଧୁସୂଦନ ମିଶ୍ରେ (ଯେ କି ତାଙ୍କ ପିଲାଦିନର ଶିକ୍ଷକ ଥିଲେ ଓ କିଛି କାଳ ସତ୍ୟବାଦୀ ବନବିଦ୍ୟାଳୟରେ ଶିକ୍ଷକତା କରିଥିଲେ ।) ଆମ ପିଣ୍ଡାରେ ବସି କଥାବାର୍ତ୍ତା ହେଉଥାନ୍ତି । କାଳେସୀ ବିଜେ ହେବା ଶୁଣି ଦୁହେଁ ଖୁବ୍ ଚିନ୍ତିତ ହୋଇପଡ଼ିଲେ । ତାଙ୍କ ଭିତରେ ଆଲୋଚନା ହେଲା, ଏ କୁସଂସ୍କାର ବନ୍ଦ ନ କଲେ ଲୋକେ ପୋକମାଛି ପରି ମରିଯିବେ । ଥରେ 'କାଳେସୀ' କଥାରେ ବିଶ୍ୱାସ କରିଗଲେ ଲୋକଙ୍କୁ ଏଥିରୁ ମୁକ୍ତ କରି ବଞ୍ଚାଇବା ଅସମ୍ଭବ ହେବ । ହଇଜା ପୁଣି ଜୋରରେ ଲାଗିଯିବ—ଏହାର କିଛି ପ୍ରତିକାର ଦରକାର । ଏହିପରି ଭାବି ଭାବି ନନା ହଠାତ୍ ଉଠିପଡ଼ି କହିଲେ, "ମୁଁ ଦାଣ୍ଡମୁଣ୍ଡିକୁ ଯାଉଛି—ହଇଜା ବନ୍ଦ କରିବି । ଆପଣ ବସିଥାଆନ୍ତୁ ।" ଏତିକି କହି ନାନା ପିଣ୍ଡାରୁ ଓହ୍ଲାଇ ଦାଣ୍ଡଆଡ଼କୁ ଚାଲିଲେ । ତାଙ୍କ ପଛେ ପଛେ ବଡ଼ ଆପଣେ ମଧ୍ୟ ଗଲେ । ମାତ୍ର ନନା ତାଙ୍କୁ ଦେଖି ନ ଥାନ୍ତି । ନନା ଦାଣ୍ଡପଟେ ପହଞ୍ଚିଲା ବେଳକୁ ଚାରିପଟେ ଲୋକ ଜମା ହୋଇ ଥାଆନ୍ତି ।

Digitized by srujanika@gmail.com

ଗାଁର ୧୦।୧୫ ଜଣ ସରକ ମୁଖିଆ ଲୋକ ହାତଯୋଡ଼ି କାଳେଶୀକୁ ପଚାରୁଥାନ୍ତି, "ମା ତୋ ମନରେ ଆଉ କ'ଣ ଅଛି କହିଦେ ।" ଖୁବ୍ ଜୋରରେ ବାଜା ବାଜୁଥାଏ । ଠାକୁରାଣୀଙ୍କ ମାଳୀ ସିଙ୍ଘିଆ ବାଜାର ତାଳେ ତାଳେ ଦେହ ମୁଣ୍ଡକୁ ଖୁବ୍ ଝୁଙ୍କାଇ ନାଚୁଥାଏ । ( ନନା, ନିଜେ ମୁଣ୍ଡ ଓ ଦେହ ଝୁଙ୍କାଇ କହୁଥିବା ଆଖିରେ ଦିଶିଯାଉଛି ) ତା ବେକରେ ବେଶ ମୋଟା ମୋଟା ଫୁଲମାଳ ଓ କପାଳରେ ବଡ଼ବଡ଼ ସିନ୍ଦୁର ଟୋପା ଅଣ୍ଟାରେ ଖଣ୍ଡେ ଗାମୁଛା ଭିଡ଼ା ହୋଇଥାଏ, ଫୁଙ୍ଗୁଳା ଦେହରୁ ଝାଳ ନିଗିଡ଼ି ପଡ଼ୁଥାଏ । ଆଖି ମନ୍ଦାର ଫୁଲ ପରି ଲାଲ ଓ ହାତରେ ୪ଫୁଟ ଲମ୍ବାର ଯୋଡ଼ବେତ । ତା ଚାରିପାଖରେ ପଣା ହାଣ୍ଡିମାନ ଥୁଆ ହୋଇଛି । ଧୂପ, ଦୀପ, ଝୁଣାରେ ଷୋଡ଼ଶୋପଚାର ପୂଜା ଚାଲିଛି । ଗାଁର ଆବାଳ-ବୃଦ୍ଧ ରୁଣ୍ଡ ହୋଇ ସିଙ୍ଘିଆ ମାଳୀକୁ କାଳେଶୀ ଲାଗିବା ଦେଖୁଥାନ୍ତି । ନନା ପହଞ୍ଚିଲା ବେଳକୁ ଜଣେ ବ୍ରାହ୍ମଣ ବେକରେ ଗାମୁଛା ପକାଇ କାଳେଶୀ ଗୋଡ଼ତଳେ ଲମ୍ବ ହୋଇ ପଡ଼ି ତାକୁ ପଚାରୁଥାନ୍ତି, "ମା, ଏ ଗାଁ ତ ପଦା ହେବା ଉପରେ—ଆଉ କେତେ ମୁଣ୍ଡ ଖାଇବାର ଇଚ୍ଛା ।" କାଳେଶୀ ତାଙ୍କୁ ରଡ଼ନିଆ ଭଳି ଜଳୁଥିବା ଆଖିରେ ଚାହିଁ କହିଲା, "ଆରେ ଏତିକରେ କଣ ହେଲାଣି ? ଆମେ ୭ ଭଉଣୀ ଏଥର ବାହାରିଛୁ । ତୁମମାନଙ୍କ କାମରେ ମୁଁ ବଡ଼ ବିରକ୍ତ । ଏ ଗାଁର ଗୋଟେ ଲୋକ ମତେ ବୋଦା ଯାତ ଦେଇ ନାହିଁ, କେତେ କଏ ଭୋଗ, ପଣା ଯାତ ବି ଦେଇ ନାହାନ୍ତି ।" ଏପରି ସବୁ କହି ଶେଷରେ କହିଲା, "ମୁଁ ସେଇ ରାଗରେ ଏ ଗାଁ ବୁଲି ବାହାରିଛି । ଆଗରୁ ବାହାରି ଏ ଗାଁ ଜଗୁଥିଲି, (ନନା କହୁଥିଲେ ଗାଁରେ ବୟସ୍କ ଲୋକେ ସେବେ କହିଲେ, ଏ ହରଚଣ୍ଡୀ ଠାକୁରାଣୀ ନିତି ଅଧରାତିରେ ବାହାରି ଗାଁଯାକ ବୁଲନ୍ତି ଓ ନାଲି ଶାଢ଼ୀ ପିନ୍ଧି ମୁଣ୍ଡରେ ଦୋହରା ପଇସାରୁ ବଡ଼ ଗୋଟାଏ ସିନ୍ଦୁର ଟୋପା ଲଗାଇ ହାତରେ ଦୀପ ଧରି ଗାଁର ଏମୁଣ୍ଡରୁ ସେମୁଣ୍ଡକୁ ଯାଉଥିବାର ସେମାନେ ଦେଖିଛନ୍ତି ବୋଲି । ପୁଣି ଠାକୁରାଣୀ ଯିବାବେଳେ ଏମାନେ କଏ କେତେବେଳେ ବାଟକୁ ଉଠୁଥିବାର ଠାକୁରାଣୀ ଜାଣିପାରିଲେ ଯେଉଁ ଦୀପ ଧରିଥାନ୍ତି, ତାକୁ ଲିଭାଇ ଦେଇ ସ୍ୱାଙ୍କ ଡେଇଁ କିଛି ବାଟ ଚାଲିଯାଇ ପୁଣି ଦୀପ ଜଳାଇ ଯାନ୍ତି ଇତ୍ୟାଦି) କିନ୍ତୁ ତୁମମାନଙ୍କର ଏଇସବୁ ଅନାଚାରରେ ମୁଁ ଆଜି ଚଣ୍ଡିମୁଖୀ । ଏ ଗାଁରୁ ଆଉ ୧୫୦ ଲୋକଙ୍କ ମୁଣ୍ଡ ଖାଇବି ।" ନନା ଏସବୁ ଶୁଣି ବଡ଼ ବ୍ୟସ୍ତ ଓ ଟିକଏ ଚିନ୍ତିତ ହୋଇ ପଡ଼ିଲେ । ହଠାତ୍ କାଳେଶୀ ପଛପଟକୁ ଚାଲିଯାଇ ତା ପିଠିକୁ ଖୁବ ଜୋରରେ ଗୋଟାଏ ଧକକା ମାରିଲେ । କାଳେଶୀ ରାଗରେ ଚାଲିପଡ଼ି 'କଏ'.. ବୋଲି ଚିତ୍କାରଟାଏ କଲା । ସେମିତି ନନାଙ୍କ ଆଡକୁ ସେ ମୁହଁ ବୁଲାଇଛି, ନନା ତା ଗାଲକୁ ଏପରି ଏକ ଗୋଇଠା ମାରିଲେ ଯେ, ସେ କଟା କଦଳୀଗଛ ପରି ଖଣ୍ଡେ ଦୂରରେ ଗୁଣ୍ଡି ହୋଇଯାଇ ପଡ଼ିଲା । ପୁଣି ସେଉଠିକବେଳେ ଜଣେ ଲୋକ କାଳେଶୀ ହାତରୁ ଯୋଡ଼ବେତଟା ଛଡ଼ାଇ ନେଇ ସେଥିରେ କାଳେଶୀକୁ ପିଟିବାକୁ ଲାଗିଲା । ନନା ଦେଖିଲାବେଳକୁ ତାଙ୍କ 'ବଡ଼ଆପଣେ' ସେ କାମଟି କରୁଛନ୍ତି । ବେତଟି କାଳେଶୀ ଦେହରେ ଖଣ୍ଡ ଖଣ୍ଡ ହୋଇ

Digitized by srujanika@gmail.com

ଗଲା । ସେ ଟ୍ସୁର ଘ୍ସୁର ଯାଇ ତା ନିଜ ଘର ପାହାଚ ତଳେ ପଡ଼ି ଅଚେତ ହୋଇ ଗଲା । ନନା ଓ ବଡ଼ଆପଣେ କାହାକୁ କିଛି ନ କହି ଆମ ଘରକୁ ଫେରି ଆସିଲେ । ବାଟରେ ମୁଖିଆ ବ୍ରାହ୍ମଣମାନେ ତାଙ୍କୁ ଭୀଷଣ ଗାଳିଦେଉଥାନ୍ତି, କେହି କେହି କହୁଥାନ୍ତି, “ରାତି ପାହିଲା ବେଳକୁ ଏ ଦୁଇଟା ଆଉ ନଥିବେ ଠାକୁରାଣୀ ସ୍ୱାଙ୍କୁ କଣ୍ଟା ଟେଇବରେ ।”

ଘରେ ଆସି ନନା ବଡ଼ଆପଣଙ୍କୁ ପଚାରିଲେ, “ଆପଣ କେମିତି ଜାଣିଲେ, ମୁଁ କାଳେସୀକୁ ମାରିବାକୁ ଯାଉଛି ?” ଆପଣେ ଟିକିଏ ହସି ଦେଇ କହିଲେ, “ରେ ପଗ୍ ମୋ ଗ୍ରନ୍ଥ, ମୁଁ ଜାଣିପାରି ଥିଲି ପିଲା ଲୋକ, କାଳେସୀକୁ ମାରିଲା ବେଳେ କାଳେ ଡରିଯିବ, ଏ ଲୋକଙ୍କ ଭିତରେ ତ କୁସଂସ୍କାର ଭର୍ତ୍ତି; ସେମାନଙ୍କ ଗାଳିରେ ବି ଡରିଯାଇ ପାରେ । ତୋ ମନ ବୁଝିପାରି ଆଉ ଏଠି ବସି ନ ରହି ତୋ ପଛେ ପଛେ ଗଲି ।

ଏ ଘରର ଘଟଣା ଟିକିଏ କହିଦେବା ଅପ୍ରାସଙ୍ଗିକ ହୋଇ ନ ପାରେ । ନନା ତ ସେ ମାଳୀର ଦେହସାରା ବେତମାଡ଼ରେ ଫାଟି ରକ୍ତ ବାହାରୁଥିବା ଦେଖିଆସିଥିଲେ । ତା ପାଖକୁ ଏବେ ଜଣଙ୍କ ହାତରେ ଦୁଇଟି ଟଙ୍କା ଦେଇ ଘିଅ ଓ କଇଡ଼ କିଣି ତାକୁ ଏକାଠି ଫୁଟାଇ ଅଧେ ଖାଇବାକୁ ଓ ଅଧେ ଦେହରେ ମାଲିସ କରିବାକୁ କହି ପଠାଇଲେ । ଦୁଇଦିନ ପରେ ସିଙ୍ଗିଆ ଟିକିଏ ସୁସ୍ଥ ହେବାରୁ ନନା ତାକୁ ଡକାଇ ପାଖରେ ବସାଇ ପଚାରିଲେ, “ତୁ ଏସବୁ କାହିଁ କରୁଥିଲୁ ?” ସେ କାନ୍ଦପକାଇ କହିଲା “ଆଜ୍ଞା ଏପରି ନ କଲେ ଲୋକେ ଆଉ କାହିଁକି ଆମକୁ ମାନିବେ, ଠାକୁରାଣୀଙ୍କ ମହିମା କେମିତି ପ୍ରଚାର ହେବ, ମୋ ପିଲା କୁଟୁମ୍ବ ବଞ୍ଚିବେ ବା କିମିତି ? ସେ ପୁଣି କହିଲା, “ଆଜ୍ଞା, ଜଳନ୍ତା ବଳିତା ପାଟିରେ ପୂରାଇବା ବା ଦ’ହାଜ ଗରା ପଣା ପିଇବା ତ ଭାଙ୍ଗ ନିଶାରେ କିଛି ନୁହେଁ, ତା’ ଆଳ ଅନ୍ନ ଭୋଗ ମଧ୍ୟ ଖାଇଦେବା ବଡ଼କଥା ନୁହେଁ । ଭାଙ୍ଗ ନିଶାରେ ଯେ କୌଣସି କାମ କରିହେବ ଟିକିଏ ଅଭ୍ୟାସ କଲେ । ଅଛି ‘ବଳୀ’ର କଞ୍ଚା ରକ୍ତ ପିଇବାକୁ ବି ମନରେ ବିକାର ଆସିବନି । ଆଜ୍ଞା, ଯା ପରେ ମୋ ପିଲେ କେମିତି ବଞ୍ଚିବେ କହନ୍ତୁ ।” ତା’ପରେ ଗାଁ ମହାଦେବଙ୍କୁ ଭୋଗ ଲଗାଇ ସେ ଚଳିବା ପାଇଁ ନନା ଗାଁ ସଭା ଡକାଇ କିଛି ଜମି ବନ୍ଦୋବସ୍ତ କରି ଦେଇଥିଲେ । ଗାଁ ପାଖଆଖରେ ବି ଆହୁରି ୮।୧୦ଟି ଜାଗାରେ ନନା ନିଜେ ବା ତାଙ୍କ ସତ୍ୟବାଦୀ ସ୍କୁଲ ଛାତ୍ରମାନେ କାଳେସୀ ଛଡ଼ାଇ ଦେଇଥିଲେ । ତା ପରଠାରୁ ଆମ ଗାଁ ପାଖଆଖ ଗ୍ରାମ ଦୂର ଦୂରାନ୍ତରେ ମଧ୍ୟ ଆଉ କାଳେସୀ ବିଜେ ହେଉ ନ ଥିଲେ । ଶୁଣିଛି, କାହିଁ କେଉଁଠି ବିଜେ ହେଉଥିଲା ବେଳେ “ନୀଳକଣ୍ଠ ବାବୁ ଆସିଲେଣି” ଶୁଣିଲା କ୍ଷଣି ‘କାଳେସୀ’ କୁଆଡେ ପଳାଇ ଏପରି ଲୁଚୁଥିଲା ଯେ ସେଦିନ ଆଉ ତାକୁ ଦେଖିବାକୁ ମିଳୁ ନଥିଲା ।

———

Digitized by srujanika@gmail.com

# ଓଡ଼ିଆ ସାହିତ୍ୟର ଆଦ୍ୟ ସମୀକ୍ଷକ ପଣ୍ଡିତ ନୀଳକଣ୍ଠ

ଡକ୍ଟର କୃଷ୍ଣଚରଣ ସାହୁ

ଓଡ଼ିଶାରେ ନୀଳକଣ୍ଠଙ୍କ ପ୍ରସିଦ୍ଧି ବହୁ ଦୃଷ୍ଟିରୁ ଦେଖିହୁଏ । ଦେଶ ଓ ଜାତିର ସେବା ପାଇଁ ତାଙ୍କର ଆତ୍ମୋତ୍ସର୍ଗ, ଉଚ୍ଚ ଶିକ୍ଷା ସତ୍ତ୍ୱେ ସରକାରୀ ଚାକିରି ବର୍ଜନ, ସତ୍ୟବାଦୀର ଜାତୀୟ ବିଦ୍ୟାଳୟରେ ଶିକ୍ଷକବୃତ୍ତି ଗ୍ରହଣ, ସ୍ୱାଧୀନତା ସଂଗ୍ରାମର ବରେଣ୍ୟ ସତ୍ୟାଗ୍ରହୀ, ପୁଣି ସମାଜ ସଂସ୍କାରକ, ଏହିପରି ନାନା କ୍ଷେତ୍ରରେ ଓ ନାନା ଦିଗରେ ଆଗୁଆ ହୋଇ ସେ ଜାତୀୟ ଜୀବନରେ ପ୍ରତିଷ୍ଠିତ ହୋଇ ପାରିଥିଲେ । ଏ ସବୁ ସାଙ୍ଗକୁ ତାଙ୍କୁ ଆହୁରି ଉଜ୍ଜ୍ୱଳ କରି ପ୍ରକାଶ କରିଥିଲା ତାଙ୍କର କବିତ୍ୱ, ତାଙ୍କର ପାଣ୍ଡିତ୍ୟ, ପୁଣି ଅନର୍ଗଳ ଭାଷଣ ଦେବାର କଳା । ମୋଟ ଉପରେ ସମାଜରେ ପ୍ରତିଷ୍ଠିତ ହେବା ପାଇଁ, ସାଧାରଣତଃ ଯେଉଁସବୁ ଗୁଣ ଆବଶ୍ୟକ ହୋଇଥାଏ, ପଣ୍ଡିତ ନୀଳକଣ୍ଠ ତା'ଠାରୁ ଅତି ମାତ୍ରାରେ ଅଧିକ ଗୁଣୀ ଥିଲେ । କିନ୍ତୁ ସ୍ୱାଧୀନତା ପ୍ରାପ୍ତି ପରେ ତାଙ୍କ ବ୍ୟକ୍ତିତ୍ୱ ବିଦୀର୍ଣ୍ଣ ହୋଇଗଲା । ସବୁ ଗୁଣ ଥାଇ ମଧ୍ୟ ସେ ମନ୍ତ୍ରୀଟିଏ ବି ହେଲେ ନାହିଁ । ସେତେବେଳେ ତାଙ୍କୁ ବଞ୍ଚେଇ ରଖିଥିଲା ଓଡ଼ିଶାର ସଂସ୍କୃତି ଓ ସାହିତ୍ୟର ଆଲୋଚନା ଏବଂ ସେତିକି ବେଳେ ସେ ଲେଖିଥିଲେ, ତାଙ୍କର ପ୍ରସିଦ୍ଧ ଗ୍ରନ୍ଥ, "ଓଡ଼ିଆ ସାହିତ୍ୟର କ୍ରମ ପରିଣାମ ।"

ପଣ୍ଡିତ ନୀଳକଣ୍ଠ ତାଙ୍କ ଗ୍ରନ୍ଥରଚନା କଲାବେଳକୁ ଓଡ଼ିଆ ସାହିତ୍ୟର ଆଲୋଚନାରେ କୌଣସି ନିର୍ଦ୍ଦିଷ୍ଟ ରୂପ ନ ଥିଲା । କବିମାନଙ୍କର କାଳ ନିରୂପଣ ଓ କେତେକ ପଦ୍ୟର ବ୍ୟାଖ୍ୟା ହିଁ ଥିଲା ଆଲୋଚନା । ସାମାଜିକ ଓ ଧାର୍ମିକ ପରିବେଶ ଭିତରୁ କବିଙ୍କ ଅନ୍ତରାତ୍ମା ଖୋଜି ବାହାର କରିବା ପାଇଁ କେହି ଚେଷ୍ଟା କରି ନଥିଲେ । କେଉଁ ପରିସ୍ଥିତିରେ ସାରଳା ଦାସ କି ବଳରାମ ଦାସ ମୂଳ ମହାଭାରତ ଓ ରାମାୟଣର କଥାକୁ ଭାଙ୍ଗି ନୂଆ ରୂପ ଦେଲେ, ସେ ତତ୍ତ୍ୱ ଦେଖିବା ତ ଦୂରର କଥା, ତୁଳନାତ୍ମକ ଦୃଷ୍ଟିରୁ ମଧ୍ୟ ଆଲୋଚନା ହୋଇ ନଥିଲା । ଉପେନ୍ଦ୍ରଙ୍କ ପରି ପ୍ରସିଦ୍ଧ କବିଙ୍କୁ ଲୋକେ ଯେଉଁଠି ପାଉଥିଲେ, ସେଠି ନିଜର ସୀମିତ ଦୃଷ୍ଟିକୋଣରୁ ଗାଳି ଦେଉଥିଲେ ବା ଖୁବ ପ୍ରଶଂସା ଅଜାଡ଼ି ପକାଉଥିଲେ । କବିର ଆଲୋଚନା ନିନ୍ଦା ଓ ପ୍ରଶଂସା ମଧ୍ୟରେ ହିଁ ସୀମାବଦ୍ଧ ଥିଲା । ପଣ୍ଡିତ ଗୋପୀନାଥ ନନ୍ଦ ଏ ଦୃଷ୍ଟିରୁ ଟିକେ ଆଗେଇଥିଲେ ବି ତାଙ୍କର ଦୃଷ୍ଟିକୋଣ ଥିଲା ତୁଳନାତ୍ମକ । ସଂସ୍କୃତ ଗ୍ରନ୍ଥର ତୁଳନାରେ ସେ ସାରଳା, ବଳରାମ ଓ ଜଗନ୍ନାଥଙ୍କୁ ଦେଖିଛନ୍ତି, ଓଡ଼ିଶାର ଧର୍ମ, ଚଳଣି ବା ସଂସ୍କୃତି ଦୃଷ୍ଟିରୁ ନୁହେଁ ।

Digitized by srujanika@gmail.com

ସେ ଓଡ଼ିଆ ସଂସ୍କୃତିର ସ୍ୱକୀୟତାକୁ ବହୁ ଦୃଷ୍ଟିରୁ ପରୀକ୍ଷା କରି ନିଖୁଣ ଦେଖିବାକୁ ଚେଷ୍ଟା କଲେ ଓ ତା'ର ଭିତରୁ ଓଡ଼ିଆଙ୍କୁ ଚହ୍ନିଲେ, ଓଡ଼ିଆ ସାହିତ୍ୟକୁ ପରୀକ୍ଷା କଲେ । ତାଙ୍କର ପାଣ୍ଡିତ୍ୟ ତାଙ୍କୁ ଏ ବାଟରେ ବହୁତ ସାହାଯ୍ୟ କରିଥିଲା ।

ସାହିତ୍ୟର ସିଧା ଆଲୋଚନା କରିବା ପରିବର୍ତ୍ତେ ସାହିତ୍ୟକୁ ଚହ୍ନିବା ପାଇଁ ସେ ମୁଖ୍ୟତଃ ଦୁଇଟି ଉପାଦାନର ପରୀକ୍ଷା କଲେ । ପ୍ରଥମ ଥିଲା, ଓଡ଼ିଆଙ୍କର ଏବର ଚଳଣି ଓ ଅନ୍ୟଟି ଥିଲା କିମ୍ବଦନ୍ତୀ । ପ୍ରଥମ ପର୍ଯ୍ୟାୟରେ ଆସେ କଂଗ୍ରେସର ପୁରୀ ଅଧିବେଶନରେ ପ୍ରକାଶ ପାଇଥିବା ପୁରୀର ଅତିଥେୟତାଠାରୁ ଆରମ୍ଭକରି ପଣ୍ଡାଙ୍କ ସଙ୍ଗେ କଥାବାର୍ତ୍ତା, ପଣ୍ଡାଙ୍କ କାର୍ଯ୍ୟ, ଛେରାପହଁରା, ଚନ୍ଦନ ଯାତ୍ରା, ଟୋକାଙ୍କର କର୍ମ ପ୍ରଭୃତି ଚଳଣି ଓ ଦ୍ୱିତୀୟ ପର୍ଯ୍ୟାୟରେ ଆସେ ଦେଉଳ ତୋଳା କଥା, ହାତୀ ଘୁନାକଳସ ଟାଣିବା, ବାରଣ ବଟେଶ୍ୱରେ ଦାସ୍ତୁ କି ପୁଅରେ ଦାସ୍ତୁ, ଆଇ କାଣିଆ କପିଳାର କି ଭେଟ ? ପୋଇଲି ପୁଅ ପୁରିଆ, କଣ୍ଡ ବପ୍ର, ଗ୍ରେଟ ଵଫ କଥା, ଲକ୍ଷ୍ମୀ ଉପାଖ୍ୟାନ ପ୍ରଭୃତି ପ୍ରଚଳିତ କିମ୍ବଦନ୍ତୀ । ଏସବୁକୁ ବିଶ୍ଳେଷଣ କରି ଦେଖିଲେ, ଓଡ଼ିଆ ସଂସ୍କୃତିର ମୂଳରୂପ ଅତି ପ୍ରାଚୀନ । ଏବେ ଯାହା ଦେଖାଯାଉଛି, ସେଥିରେ ବହୁ ପରଳ ତାଙ୍କ ଉପରେ ପ୍ରାବରଣ ମାଡ଼ିଯାଉଛି । ସେ ସବୁକୁ କାଢ଼ି ଦେଖିଲେ ଜଣାଯିବ, ଓଡ଼ିଆଙ୍କର ମୂଳତତ୍ତ୍ୱ କେଉଁଠି, କାହିଁ ବାବିଲନ ଓ ଆସିରୀୟ ସଭ୍ୟତାରେ ଥିଲା । ପୁରୀର ଚତୁର୍ଦ୍ଧାମୂର୍ତ୍ତି, ବାଇଶିପାହାଚ, ଚନ୍ଦନ ଯାତ୍ରା, କାଞ୍ଚି ଅଭିଯାନରେ ଧଳା ଓ କଳା ଘୋଡ଼ାରେ ଯାଇଥିବା ବଳଦେବ ଓ ଜଗନ୍ନାଥେ ଏବଂ ଏହିପରି ଆହୁରି ବହୁତ କଥାର ମୂଳ ଥିଲା, ସେହି ପ୍ରାଚୀନ ସଭ୍ୟତାରେ ତିନି ହଜାର କି ଚାରି ହଜାର ବର୍ଷ ତଳେ । ଓଡ଼ିଆଙ୍କ ପ୍ରାଚୀନତାର ମୂଳ ଖୋଜି ବାହାର କରି ସଫା କରି ଦେଖିବା ପରେ, ସେ ଦେଖିଲେ ଯେ, ଏହି ମୂଳତତ୍ତ୍ୱକୁ ଲୋକେ ଆଉ ବୁଝି ପାରୁ ନାହାନ୍ତି । ବୌଦ୍ଧ, ଜୈନ, ସନ୍ଥନିଆ, ଶେଷରେ ବଙ୍ଗୀୟ ବୈଷ୍ଣବଙ୍କ କରାମତି ଫଳରେ ଏସବୁ ଘୋଡ଼ାଇ ହୋଇପଡ଼ିଛି । ସେଥିପାଇଁ ସେ ତାଙ୍କ ଗ୍ରନ୍ଥରେ ବାରମ୍ବାର କହିଲେ, "ପ୍ରାବରଣ କାଢ଼ି ଦେଖ, ସଫାକରି ଦେଖ, ବିଶେଷ ଆଲୋଚନା କରି ଦେଖ ।"

ଓଡ଼ିଆ ସାହିତ୍ୟର ପ୍ରକୃତ ଆରମ୍ଭ ହୁଏ ସାରଳା ଦାସଙ୍କଠାରୁ । ସେ ପଣ୍ଡିତ ପୁଅ ନ ଥିଲେ । ସଂସ୍କୃତ ପଢ଼ି ଓଡ଼ିଆରେ ମହାଭାରତ ଲେଖିବା ପାଇଁ ବା ସଂସ୍କୃତ ମହାଭାରତକୁ ଓଡ଼ିଆରେ ଅନୁବାଦ କରିବା ପାଇଁ ଯେଉଁ ପାଣ୍ଡିତ୍ୟ ଆବଶ୍ୟକ ତା ହୁଏତ ତାଙ୍କ ପାଖରେ ନ ଥିଲା । ସଂସ୍କୃତ ମହାଭାରତର କଥା ସବୁ ଶୁଣି, ଏପରି ଖଣ୍ଡେ ଗ୍ରନ୍ଥ ଓଡ଼ିଆରେ ହେଲେ ଭଲ ହୁଅନ୍ତା—ଏହି ଇଚ୍ଛା ନେଇ ସେ ବୋଧହୁଏ ତାଙ୍କ ମହାଭାରତ ଲେଖିବାକୁ ଆରମ୍ଭ କଲେ । ଏ ବାଟରେ ସଂସ୍କୃତ କଥା ଅପେକ୍ଷା ଓଡ଼ିଆ ସମାଜ ଓ ଚଳଣି ତାଙ୍କୁ ବେଶୀ ସାହାଯ୍ୟ କଲା । ସଂସ୍କୃତ ମହାଭାରତର ମୂଳ କଥାକୁ ଗ୍ରହଣ କରି ସେ ଏହାକୁ ଓଡ଼ିଆ ଛାଞ୍ଚରେ ପକାଇଲେ । ତେଣୁ ତାଙ୍କ ଗ୍ରନ୍ଥରେ ଓଡ଼ିଆଙ୍କ ପ୍ରକୃତ ସ୍ୱରୂପ ଯେତେ ବେଶୀ ଭାବରେ ଦେଖି ହୁଏ, ସଂସ୍କୃତ ଜାଣିଥିବା ପଣ୍ଡିତଙ୍କ

Digitized by srujanika@gmail.com

ଓଡ଼ିଆ କାବ୍ୟରେ ତାହା ସେତେ ଦେଖିହୁଏ ନାହିଁ । ପଣ୍ଡିତ ନୀଳକଣ୍ଠ ଏ କଥା ଠିକ୍ ଭାବେ ବୁଝି ପାରିଥିଲେ । ସେଥିପାଇଁ ସେ ତାଙ୍କ ଗ୍ରନ୍ଥରେ ସବୁଠାରୁ ବେଶୀ ଆଲୋଚନା କଲେ ଶାରଳା ଦାସଙ୍କୁ ।

ସେ 'ଓଡ଼ିଆ ସାହିତ୍ୟର କ୍ରମପରିଣାମ' ଲେଖିବା ବେଳକୁ ଶାରଳା ମହାଭାରତର ଯେଉଁ ଛପା ବହି ମିଳୁଥିଲା, ସେଥିରେ ବହୁ ପାଠ ବିକୃତ ହୋଇ ପ୍ରକାଶ ପାଉଥିଲା । ସେଥିରୁ ଗୋଟିଏ ଦୁଇଟିକୁ ପରୀକ୍ଷା କରି ଦେଖିବା ପରେ, ପଣ୍ଡିତ ନୀଳକଣ୍ଠଙ୍କର ହୃଦବୋଧ ହେଲା ଯେ, ମୂଳ ସାରଳା ମହାଭାରତରେ ବହୁ ପ୍ରକ୍ଷେପ କାଳକ୍ରମେ ପ୍ରବେଶ କରିଯାଇଛି । ପରବର୍ତ୍ତୀ ଓଡ଼ିଆ ସାହିତ୍ୟର ଗତି ଓ ପ୍ରକୃତିକୁ ବାରି ସେ ଠିକ କରି ନେଲେ ଯେ, ଏ ସବୁ ଗୌଡ଼ୀୟ ବୈଷ୍ଣବଙ୍କ ପ୍ରଚାରର ଫଳ । ପଣ୍ଡିତ ନୀଳକଣ୍ଠଙ୍କ ଉଗ୍ର ଜାତୀୟତା, ଏ ଦିଗରେ ତାଙ୍କୁ ଆହୁରି ପ୍ରୋତ୍ସାହିତ କଲା । ଛାତ୍ର ଜୀବନରୁ ବଙ୍ଗାଳୀ-ମାନଙ୍କର ଓଡ଼ିଆ ବିଦ୍ୱେଷକୁ ସେ ସହ୍ୟ କରିପାରୁ ନ ଥିଲେ । ପୁଣି ଯେତେବେଳେ ସେ ଦେଖିଲେ ଯେ, ବଙ୍ଗାଳୀମାନେ ଓଡ଼ିଆଙ୍କୁ କେବଳ ଯେ ଘୃଣା କରୁଛନ୍ତି, ତାହା ନୁହେଁ, ଚୈତନ୍ୟଙ୍କ ପ୍ରତିପତ୍ତିର ସୁଯୋଗ ନେଇ ସେମାନେ ବିଗତ ପାଞ୍ଚଶ ବର୍ଷ ଧରି ଓଡ଼ିଆ ଜାତୀୟଜୀବନକୁ କଳୁଷିତ କରିଛନ୍ତି, ସେତେବେଳେ ସେ ଆଉ ସମ୍ଭାଳି ହୋଇ ରହି-ପାରି ନାହାନ୍ତି । କ୍ରୋଧାଗ୍ନିର ବିସ୍ଫୋରଣରେ ସବୁକୁ ଏକାଥରକେ ଜାଳିଦେବାକୁ ଇଚ୍ଛା କଲେ । ସେତେବେଳେ ତାଙ୍କୁ ଦେଖାଗଲା ଯେ, ବଙ୍ଗାଳୀମାନେ ମୁସଲମାନଙ୍କ ଠାରୁ ଆହୁରି ବିପଦଜନକ । ମୁସଲମାନ ଯାହାକରେ ଆଖି ଆଗରେ କରେ । "ସେମାନେ ଦୁରନ୍ତ ଓ ଦୁର୍ଦ୍ଧର୍ଷ-ଯାହା କରନ୍ତି, ତା ଦାଣ୍ଡରେ କହନ୍ତି କରନ୍ତି । ତାଙ୍କର ଦର୍ଶନ ନାହିଁ କି ତନ୍ତ୍ର ନାହିଁ, କି ଯୁକ୍ତି ନାହିଁ । କିନ୍ତୁ ଗୌଡ଼ୀୟଙ୍କ ସମସ୍ତ ମୂଢ଼ତା ଓ ଦୁଷ୍କ୍ରିୟା ପଛରେ ଅଛି ଦର୍ଶନର ଦ୍ୱୈତାଭାସ, ତାଙ୍କର ଘୋର ଅହଂକାରର ଆବରଣ ହେଉଛି ଆଦର୍ଶ ବିନୟର ପ୍ରତାରଣା । ମନୁଷ୍ୟକୁ ଭାବାନ୍ଧ କରି, ଅଦ୍ଭୁତ ନିଷ୍ଠାର ହଠକାରିତାରେ ଭୁଲାଇ ସେମାନେ କ୍ଷୟ ରୋଗର ଜୀବାଣୁ ପରି ମାନବ ସମାଜରେ ପଶନ୍ତି ।" ପଣ୍ଡିତେ ଯାହା କହିଲେ, ସେଥିରେ ସତ ଯେ ନାହିଁ, ଏ କଥା ନୁହେଁ; କିନ୍ତୁ ଏହି ଦୃଷ୍ଟିକୋଣରୁ ସାହିତ୍ୟକୁ ଦେଖିବା ଫଳରେ ସାରଳା ମହାଭାରତର ଅଧିକାଂଶ ଭାଗ ତାଙ୍କୁ ପରବର୍ତ୍ତୀ ପ୍ରକ୍ଷେପ ପରି ଜଣାଗଲା ଓ ସେସବୁକୁ ସେ ଗୌଡ଼ୀୟ ବୈଷ୍ଣବଙ୍କ ଦୁଷ୍କର୍ମରୂପେ ଗ୍ରହଣକରି ନେଲେ । ଫଳ ଯାହାହୁଏ ତାହାହିଁ ହେଲା । ସେ ମିଥ୍ୟାର ଆବରଣରୁ ସତ୍ୟକୁ ଖୋଜି ଖୋଜି ସତକୁ ମିଥ୍ୟା କରିଦେଲେ । କେବଳ ଗୋଟିଏ ଉଦାହରଣରୁ ଏ କଥା ସ୍ପଷ୍ଟ ହେବ ।

"ଅଲେଖ ତିଳକ ହୋଇ ରାଧାବହିର୍ଭାବ,
ସୁମରଇ ମନ ଏକ କରି ବାସୁଦେବ ।"

ଏହାର ଅର୍ଥ କରି ପଣ୍ଡିତ ନୀଳକଣ୍ଠ କହିଲେ, "ଏଠାରେ ଅଲେଖ ତିଳକ ହୋଇ" ଅର୍ଥାତ୍, ଅଲେଖପନ୍ଥୀ ତିଳକ କାଟି ରାଧା ନିଜ ଦୂତୀ ସହଜ ସୁନ୍ଦରୀ'କୁ

Digitized by srujanika@gmail.com

ପଚାରୁଛନ୍ତି—ଏ କଥାକୁ ମଧ୍ୟ ଲକ୍ଷ୍ୟ କରିବାର ଅଛି । (ଓଡ଼ିଆ ସାହିତ୍ୟର କ୍ରମ ପରିଣାମ, ଦ୍ୱିତୀୟ ଭାଗ, ପୃ-୫୭୯) ।

ସାରଳା ଦାସ କେବଳ ଯେ ରାଧାଙ୍କ ରୂପ ବର୍ଣ୍ଣନା କଲାବେଳେ 'ଅଲେଖ ତିଳକ' କହିଛନ୍ତି । ଅନ୍ୟ ରୂପ ବର୍ଣ୍ଣନାରେ ବି ଏହା ଅଛି । ତୁଳନା ପାଇଁ ବିଦ୍ୟାପତି ରଚିତ 'କୀର୍ତ୍ତିଲତା'ରୁ ଗୋଟିଏ ପଦ ଉଦ୍ଧାର କରାଗଲା—

"ଚାହ୍ନଂ ବେଣୀହ୍ନଂ କରେ ମୁଖସୀର ମଣ୍ଡନେ
ଅଲକା ତିଲକା ପତ୍ରାବଲୀ ଖଣ୍ଡନେ ।
ଦିବ୍ୟାମ୍ବର ପିନ୍ଧନେ, ଉଭରି ଉଭରି କେଶପାଶ ବନ୍ଧନେ ।

—୨-୧୩୭, ୧୩୭

ବଙ୍ଗଳାରେ କୃତ୍ତିବାସ ମଧ୍ୟ ଲେଖିଛନ୍ତି—

ଚନ୍ଦ୍, ଚନ୍ଦ୍, ଗୋରୋଚନା ଶୋଭା କରେ ଅତି,
ଅଲକା ତିଲକା ରେଖା ଅର୍ଦ୍ଧ-ଅର୍ଦ୍ଧ ପାତି ।

(କୃତ୍ତିବାସ ରାମାୟଣ, କିଷ୍କିନ୍ଧ୍ୟା କାଣ୍ଡ—୨୦୦)

ବିଦ୍ୟାପତି ଓ କୃତ୍ତିବାସଙ୍କ ପ୍ରଯୁକ୍ତ 'ଅଲକା ତିଲକ' ହେଉଛି ସାରଳା ଦାସଙ୍କ 'ଅଲେଖ ତିଳକ' । ଅଲକା ଶବ୍ଦ ଏଠି 'ଅଲେଖ'ରେ ପରିଣତ ହୋଇଛି । ଏହାର ଅର୍ଥ ହେବ, ମୁଖ ଉପରେ ଗୋରୋଚନା, ଚନ୍ଦନ ଆଦିଦ୍ୱାରା ରଚିତ ଅଳଙ୍କରଣକୁ 'ଅଲକା ତିଲକ' ବା 'ଅଲେଖ ତିଳକ' କୁହାଯାଏ । ଏହାର ସାଧାରଣ ଓ ସ୍ୱାଭାବିକ ଅର୍ଥକୁ ବାଦ ଦେଇ 'ଅଲେଖ'କୁ ଅଲେଖପନ୍ଥୀକୁ ଗ୍ରହଣ କରିନେବା—ସତ୍ୟକୁ ମିଥ୍ୟା କରିବା ପରି । କେବଳ ଗୋଟିଏ ସ୍ଥଳରେ ନୁହେଁ, ବହୁ ସ୍ଥାନରେ ସେ ତାଙ୍କର ଉଗ୍ର ଜାତୀୟ ମନୋଭାବ ଯୋଗୁ ଭୁଲ କରି ବସିଛନ୍ତି । ସେ ଓଡ଼ିଆଙ୍କୁ ଅତ୍ୟନ୍ତ ଚରିତ୍ରବାନ ଓ ସଂଯମୀ ଜାତି ରୂପେ ଗ୍ରହଣ କରି ନେବା ପରେ ସାରଳା ମହାଭାରତରେ ଅଗ୍ନି କାର ମହର୍ଷିଙ୍କ ଉପାଖ୍ୟାନ ପରି ଅତି ସ୍ୱାଭାବିକ କଥା ତାଙ୍କୁ ଅଡୁଆରେ ପକାଇ ଦେଇଛି ।

ଏ ସବୁ ସତ୍ତ୍ୱେ ପଣ୍ଡିତ ନୀଳକଣ୍ଠ ହେଉଛନ୍ତି ଓଡ଼ିଆ ସାହିତ୍ୟର ଆଦ୍ୟ ସମୀକ୍ଷକ । ସେ ସାହିତ୍ୟକୁ ଖାଣ୍ଟି ସାହିତ୍ୟ ଦୃଷ୍ଟିରୁ ବିଚାର କରିବାର ଭୁଲ କରି ନାହାନ୍ତି । ତା ହୋଇପାରେ ନାହିଁ । ଧର୍ମ ଓ ସଂସ୍କୃତି ପ୍ରଭାବିତ ସାହିତ୍ୟକୁ ଧର୍ମ ଓ ସଂସ୍କୃତି ଛାଡ଼ି ବିଚାର କଲେ, ପ୍ରାଚୀନ ସାହିତ୍ୟ ପ୍ରତି ଯେଉଁ ଘୋର ଅନ୍ୟାୟ ହୁଏ, ପଣ୍ଡିତ ନୀଳକଣ୍ଠ ସେଥିରୁ ଓଡ଼ିଆ ସାହିତ୍ୟକୁ ରକ୍ଷା କରିଛନ୍ତି । ଓଡ଼ିଆ ସାହିତ୍ୟକୁ ଯେଉଁ ଦୃଷ୍ଟିରୁ ବିଚାର କଲେ, ଏହାର ପ୍ରକୃତ ପ୍ରାଣ ପ୍ରକାଶ ପାଇବ, ପଣ୍ଡିତ ନୀଳକଣ୍ଠ ସେହି ଦୃଷ୍ଟିରୁ ଏହାର ବିଚାର କରିଛନ୍ତି । ସେଥିପାଇଁ ସେ ଚିରଦିନ ପାଇଁ ଓଡ଼ିଆ ଜାତିର ନମସ୍ୟ ହୋଇ ରହିବେ, ଏହା ନିଃସନ୍ଦେହ ।

Digitized by srujanika@gmail.com

# ରୋମାଣ୍ଟିକ୍ କବି ନୀଳକଣ୍ଠ

ଅଧ୍ୟାପିକା ପ୍ରତିଭା ଶତପଥୀ

ସତ୍ୟବାଦୀ ଜାତୀୟ ଚେତନାର ପୃଷ୍ଠଭୂମିରେ ଦେଖାଦେଇଥିଲେ କବି ନୀଳକଂଠ । ସମ୍ମୁଖରେ ତାଙ୍କର ରାଧାନାଥୀ ସାହିତ୍ୟର ବିପୁଳ ଭଣ୍ଡାର, ଯାହାକି କଳ୍ପନାପ୍ରବଣତା, ପ୍ରେମ ଓ ଜାତୀୟପ୍ରୀତିର ବିଭବରେ ମହାର୍ଘ । କବି ନୀଳକଣ୍ଠ କିନ୍ତୁ ରାଧାନାଥୀ ପ୍ରେମ, ଜାତୀୟତା ଓ କଳ୍ପନା ପ୍ରବଣତାକୁ ପ୍ରକାଶ୍ୟରେ ଘୃଣା କରିଥିଲେ । କୈଶୋର କାଳରେ ରାଧାନାଥୀ କାବ୍ୟସମ୍ଭାରର ସେ ଜଣେ ମୁଗ୍ଧ ଗ୍ରାହକ ହୋଇଥିଲେ ହେଁ ବୟୋବୃଦ୍ଧି ସଙ୍ଗେ ସଙ୍ଗେ ତାଙ୍କର ଏକାନ୍ତ ଜାତୀୟବାଦୀ ଚିନ୍ତାଧାରା ରାଧାନାଥୀ ସାହିତ୍ୟର ବିଲକ୍ଷଣ-ଗୁଡ଼ିକ ଦେଖିପାରିଥିଲେ । ଏହି ଦୃଢ଼ ପରିବର୍ତ୍ତିତ ଦୃଷ୍ଟିଭଙ୍ଗୀ ସମ୍ପର୍କରେ କବି 'କୋଣାର୍କେ' କାବ୍ୟର ମୁଖବନ୍ଧରେ କହିଛନ୍ତି, ମୁଁ ଦେଖିଲି ରାଧାନାଥଙ୍କ ସମ୍ବନ୍ଧରେ ମୋର ପିଲାଦିନର ଅନେକ ଧାରଣା ବଦଳିଗଲା । X X ତାର (କେଦାର ଗୌରୀ) ଆଦର୍ଶ ଭାରତୀୟ ନୁହେଁ । ତା ପୁଣି ଭୁବନେଶ୍ୱର ତୀର୍ଥର ପବିତ୍ର କେଦାରଗୌରୀ ପୀଠର ମୂଳରୂପେ କୁହାଯାଉଛି ।" ଏହା ସତ୍ତ୍ୱେ କବିତାଶୈଳୀ ଓ କାବ୍ୟବସ୍ତୁ ପରିକଳ୍ପନାରେ ସେ ରାଧା-ନାଥଙ୍କର ଜଣେ ମୁଖ୍ୟ ଉତ୍ତରସାଧକ ରୂପେ ପରିଗଣିତ ହୁଅନ୍ତି । (୧) ସତ୍ୟବାଦୀର ଉଗ୍ର ଜାତୀୟତାବୋଧରେ ଅନୁପ୍ରାଣିତ କବି ନୀଳକଣ୍ଠ ଅତୀତର ଗୌରବ ଗାନ କରିବା ଉଦ୍ଦେଶ୍ୟରେ 'କୋଣାର୍କେ' ଓ ଖାରବେଳ, ରଚନା କରିଥିଲେ ହେଁ, ତାଙ୍କର ଜାତୀୟ ଚେତନା ଓ ରାଧାନାଥୀ ଜାତୀୟତା ବସ୍ତୁତଃ ଭିନ୍ନ ନ ଥିଲା । (୨) କବି ନୀଳକଣ୍ଠ ମୁଖ୍ୟତଃ ଦୁଇଟି ଉପାୟରେ ରାଧାନାଥୀ କାବ୍ୟ-ଭାବନା ପ୍ରତି ନିଜର ଅନାଦର ଓ ବିମୁଖତା ପ୍ରକାଶ କରିଛନ୍ତି । ପ୍ରଥମତଃ 'କେଦାରଗୌରୀ' ଓ 'ଚନ୍ଦ୍ରଭାଗା' ଆଦି କାବ୍ୟରେ ନିଜର ପୁରାଣ ଓ ଇତିହାସକୁ ବିଦେଶୀୟ କାହାଣୀ ସଂଯୋଗରେ ପରିବର୍ତ୍ତିତ କରିଥିବା ହେତୁ (୩)

---

(୧) "ନୀଳକଣ୍ଠଙ୍କ ରଚନାଶୈଳୀ ଅନେକତ୍ର ରାଧାନାଥୀୟ ଶବ୍ଦ ପ୍ରୟୋଗ, କଳା ଓ ଛନ୍ଦ ସୁଷମାକୁ ସ୍ୱୀକାର କରିନେଇଛି" ।-'କାବ୍ୟ ସମ୍ବାଦ' ଅଧ୍ୟାପକ ଶ୍ରୀ ଦାଶରଥି ଦାସ ପୃ ୩୧୩ ।

(୨) "ଅତୀତର ଜାତୀୟ ଗୌରବର ଉଦବୋଧନ, ଆତ୍ମମର୍ଯ୍ୟାଦାବୋଧର ଉଦ୍ରେକ କରିବା, ଭବିଷ୍ୟତର ଉଜ୍ଜ୍ୱଳ୍ୟକୁ ଦେଖିବା ନିମିତ୍ତ ଆଶା ଓ ବିଶ୍ୱାସ ସ୍ଥାପନ କରିବା ସେତେବେଳର ଜାତୀୟତାର ଏକ ମୁଖ୍ୟ ଧାରା ଥିଲା । ତେଣୁ ରାଧାନାଥୀ ଓ ସତ୍ୟବାଦୀ ଜାତୀୟତାର ସ୍ୱରୂପରେ ବସ୍ତୁତଃ ଗଭୀର ସାମ୍ୟ ନିହିତ ଥିଲା" । ରାଧାନାଥ ଓ ନୀଳକଣ୍ଠଙ୍କ ଜାତୀୟତ୍ୱବୋଧ ଚେତନା'— ତତ୍ରୈବ ପୃ. ୩୦୦ ।

(୩) "ଚନ୍ଦ୍ରହାସେ ବାଳା ଆସିବେ ଚନ୍ଦ୍ରଭାଗା ସୁନ୍ଦରୀ;  
ଯବନାନୀ କବି—ନାୟିକା ନାଟିତକ ଆଚରି ।  
ବିଦେଶୀ ସୁମନ୍ୟୁ ଆସିବେ ଢଳେ ନାଚଣା ଖେଳେ,  
ଗୃହେଁ ଗୃହେଁ ପୁଣି ମିଶିବେ ନୀଳ-ଜଳଧି-ଜଳେ" ଗ୍ରମଚଣ୍ଡୀରେ ଗ୍ରନ୍ଥ ୧୩-  
୧ମ ସଂ (୧୯୬୩) ଗ୍ରନ୍ଥାବଳୀ ପୃ. ୩୧୪

Digitized by srujanika@gmail.com

ଦ୍ୱିତୀୟତଃ ନାୟିକା, ଯଯାତି, ସୂର୍ଯ୍ୟ ଆଦିଙ୍କର ସଂଗମବର୍ଣ୍ଣନ, ଅନ୍ଧପ୍ରେମାକୁଳତାର ଚର୍ଚ୍ଚାରେ ଆମର ପରମ୍ପରାକୁ ଦୂଷିତ କରିଥିବା ହେତୁ (୪) ଏହା ସତ୍ତ୍ୱେ କବି ନୀଳକଣ୍ଠଙ୍କ କାବ୍ୟରଚନା, କବି ରାଧାନାଥଙ୍କ କାବ୍ୟରଚନାର ଅନୁରୂପ । ରାଧାନାଥୀ କାବ୍ୟରେ କଳ୍ପନାର ଦିଗନ୍ତବିସ୍ତାରୀ ପ୍ରଭାବ ନୀଳକଣ୍ଠଙ୍କ କାବ୍ୟରେ କୁତ୍ରାପି ବ୍ୟାହତ ହୋଇନାହିଁ । ସ୍ୱପ୍ନ, ଦୈବୀବାଣୀ, ଅତିଭୌତିକ ଉପାଦାନ ଆଦି ସଂଯୋଗରେ ନୀଳକଣ୍ଠଙ୍କ କାବ୍ୟ ସଂଯୋଜନା ସର୍ବଥା ରାଧାନାଥଙ୍କ ଅନୁସରଣ କରିଛି । (୫)

କଳ୍ପନା ପ୍ରବଣତା ଓ ସ୍ୱପ୍ନପ୍ରୟାସ—

'କୋଣାର୍କେ' କାବ୍ୟରେ କଳ୍ପନାଶକ୍ତିର ଅଖଣ୍ଡ ପ୍ରାଧାନ୍ୟ ଦେଖିବାକୁ ମିଳେ । ଏହି କଳ୍ପନାଶକ୍ତି ଅନେକତ ଇତିହାସ ଓ ସତ୍ୟ ଉପରେ ପ୍ରଭାବ ବିସ୍ତାର କରିଛି । ଏହି ପ୍ରଭାବକୁ ମୁଖ୍ୟତଃ ତିନୋଟି ପର୍ଯ୍ୟାୟରେ ଆଲୋଚନା କରାଯାଇପାରେ । (କ) ଇତିହାସ ଓ କଳ୍ପନା, (ଖ) ସ୍ୱପ୍ନଦର୍ଶନ ଓ (ଗ) ଅତିଭୌତିକ ଉପାଦାନ, ଅଶରୀରୀ ବାଣୀ, ଶୂନ୍ୟବାଣୀ ।

(କ) 'ମାୟାଦେବୀ' କାବ୍ୟ ସଂପୂର୍ଣ୍ଣରୂପେ ଜନଶ୍ରୁତିର ପୀଠିକା ଉପରେ ପର୍ଯ୍ୟବେସିତ । କେଦାରଗୌରୀ ମନ୍ଦିରକୁ ଯଦି ଏକ ପ୍ରେମସାଧନା ପୀଠରୂପେ ଜନ-ନେତ୍ରରେ ଚର୍ଚ୍ଚିତ କରି ରାଧାନାଥ ଦୋଷଯୁକ୍ତ ହୋଇପାରନ୍ତି, ତେବେ କୋଣାର୍କ ଭଳି ଏକ ଐତିହାସିକ ବିଜୟସ୍ତମ୍ଭକୁ ପ୍ରେମସ୍ମୃତି ସୌଧରୂପେ ସ୍ୱୀକାର କରି କବି ନୀଳକଣ୍ଠ ଦାସ ସେ ଦୋଷରୁ ନିଜକୁ ମୁକ୍ତ କରିପାରିବେ ନାହିଁ । ନୀଳକଣ୍ଠଙ୍କ କଥାରେ ପ୍ରେମିକ ନରସିଂହ ପ୍ରେମିକା ମାୟାଦେବୀଙ୍କ ମୃତଶରୀର ଯେଉଁଠି ପ୍ରାପ୍ତ ହେଲେ ସେହି ସ୍ଥାନରେ କୋଣାର୍କ ମନ୍ଦିର ତୋଳାଇଲେ—"ଶିବେଇ ସାମନ୍ତା

---

(୪) "ଘର ଗୁଡ଼ି କମ୍ପା ଯିବେ ସେ ଝର ବାଳା ନାୟିକା,
ସହକାର-ଦ୍ରୁମ-ଗହଳେ ଭେଦି କ୍ଷୀଣ ଚନ୍ଦ୍ରିକା ?
କଇଁଫୁଲ ଗଙ୍ଗ ଧବଳ ଏହି ନୟନେ ନାଚେ;
କବିଙ୍କି ସୁନ୍ଦର ବସରେ ମୁଖ ଫେରାଇ ପଛେ ।"

ରାମଚଣ୍ଡୀରେ ରାତି—୧୫-ପୃ: ୩୧୬

(୫ "× × ରାଧାନାଥ ସାହିତ୍ୟର ପ୍ରତିବାଦ କରିବାକୁ ଯାଇ ସେହି ରୋମାଂଟିକ ଦୃଷ୍ଟି ବଳୟରେ ତରୁଣ ନୀଳକଣ୍ଠ ମଧ୍ୟ ବନ୍ଦୀ ହୋଇଛନ୍ତି । ରାଧାନାଥଙ୍କ ପରି ଅତିମାନବିକ ଓ ଅତି ଭୌତିକ ବସ୍ତୁ ପଦ୍ଧତିର ଆଶ୍ରୟ ନେଇଛନ୍ତି । ସ୍ୱପ୍ନବାଣୀ ଓ ମୃତ୍ୟୁପରେ ଦୈବୀ ନିର୍ଦ୍ଦେଶ (ଯାହା 'ଉଷା'ରେ ସ୍ପଷ୍ଟ) ପରି କେତେକ ଆତ୍ମିକ ଓ କାବ୍ୟିକ ପଦ୍ଧତି ପାଖରେ ଅଲକ୍ଷ୍ୟରେ ଆତ୍ମସମର୍ପଣ କରିଛନ୍ତି ।"

—'ମାୟା ଦେବୀ, ଏକ ମାନସିକ ଦ୍ୱନ୍ଦ୍ୱ'—ନୀଳକଣ୍ଠ ସ୍ମରଣିକା ପୃ ୧୪୧-୧୪)

ଅଧ୍ୟାପକ ନିତ୍ୟାନନ୍ଦ ଶତପଥୀ

Digitized by srujanika@gmail.com

ଶୀବେଇ ସାମନ୍ତ                ହକରା ଲଭିଲେ
କୁଶଳ ସୁପଥ ଆସିଲେ ଘରେ
ମାୟାଦେବୀ ପୁରେ                ମୂଳ କର ଶୁଭ
ତୋଳିଲେ କୋଣାର୍କ ଚଟିମା ଜିଲେ ।''

—'ମାୟାଦେବୀ' ପୃ-୪୦୪

ମାତ୍ର ଐତିହାସିକ ବସ୍ତୁରେ କୋଣାର୍କ ରାଜା ଲାଙ୍ଗୁଳା ନରସିଂହ ଦେବଙ୍କ ବିଜୟସ୍ମାରକୀ । ରାଜତ୍ୱର ପ୍ରଥମାବସ୍ଥାରେ ଉତ୍ତର ଦିଗରେ ପଠାଣମାନଙ୍କ ଉପରେ ବିଜୟ ହାସଲର ଏହା ଏକ କୀର୍ତ୍ତିସ୍ତମ୍ଭ । (୭) କାବ୍ୟର ବିଷୟବସ୍ତୁଟି କବି ଏକ ଭଟ୍ଟ-ମୁଖରୁ ଶୁଣିଥିଲେ । ଏହା ଏକ ଜନଶ୍ରୁତି ଏବଂ ଇତିହାସ ଏହାକୁ ସମର୍ଥନ କରେ ନାହିଁ । ପୁନଶ୍ଚ ଅତୀତ ଓଡ଼ିଶାରେ ବୀରପୁରୁଷ ଖାରବେଳଙ୍କଠାରେ ଏକନିଷ୍ଠ ପ୍ରଣୟର ଛବି ହିଁ କବି ଦେଖିଛନ୍ତି । ଶିଳାଲେଖରୁ ଖାରବେଳଙ୍କ ରାଣୀ 'ଧୂସି'ଙ୍କ ନାମ ମିଳିଛି ଓ ଉତ୍କଳର ବାଣିଜ୍ୟ ସମ୍ବନ୍ଧରେ କିଛି ସୂଚନା ରହିଛି । କିନ୍ତୁ ଏହି ସାମାନ୍ୟ ଉପାଦାନକୁ ଭିତ୍ତିକରି 'ଖାରବେଳ' କାବ୍ୟ ସମ୍ପୂର୍ଣ୍ଣ କରିବାରେ କବି କଳ୍ପନା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବଣିକ କନ୍ୟା ଧୂସି ଛଦ୍ମଯୁବକବେଶରେ ଯୁଦ୍ଧକ୍ଷେତ୍ରରେ ଅବତୀର୍ଣ୍ଣ ହେବା ନୀଳକଣ୍ଠଙ୍କ କଳ୍ପନାବଳରେ ସମ୍ଭବ ହୋଇଛି । ନାରୀ ଯୁଦ୍ଧକ୍ଷେତ୍ରରେ ଅବତୀର୍ଣ୍ଣ ହେବା ବିଶ୍ୱ-ଇତିହାସରେ ନୂତନ ନୁହେଁ । କିନ୍ତୁ ଯେଉଁ ପରିସ୍ଥିତିରେ ଧୂସି ଛଦ୍ମବେଶ ଧାରଣ କରିଛି, ତାହା କେବଳ ପ୍ରେମ କାହାଣୀ ସଂଯୋଜନା ପାଇଁ ଏକ ଅନୁକୂଳ ପରିବେଶ । ଏ ପ୍ରକାର କଳ୍ପନାର ଅନୁସରଣ "କୋଣାର୍କେ"ରେ ଯେତେ ସଫଳ ହୋଇଛି, 'ଖାରବେଳ'ରେ ଅବଶ୍ୟ ତାହା ହୋଇପାରି ନାହିଁ ।

'ମାୟାଦେବୀ'ର ବହୁ ଅଂଶ ସ୍ୱପ୍ନ ଦ୍ୱାରା ନିୟନ୍ତ୍ରିତ । ଜମ୍ବୁ ଜେମା ସ୍ୱପ୍ନଦର୍ଶନ ବଳରେ ଉତ୍କଳର ରାଜପୁତ୍ରଙ୍କୁ ବିବାହ କରିବାର ସୂଚନା ଲାଭ କରିଛନ୍ତି । ସ୍ୱପ୍ନରେ ଏକ ଯୁବାପୁରୁଷ ଜମ୍ବୁ ଜେମାଙ୍କୁ ଅଭୟ ଦେଇଛନ୍ତି ଓ ପୁରୀକ୍ଷେତ୍ରର ପରିଚୟ ମଧ୍ୟ ଦେଇଛନ୍ତି । (୭) ୧୯୧୯ରେ ପ୍ରକାଶିତ 'କୋଣାର୍କେ' କାବ୍ୟ କବିଙ୍କ ୧୯୧୭ର ଏକ ସ୍ମୃତି ଉପରେ ଲିଖିତ । ୧୯୧୭ ମସିହା କୁମାର ପୂର୍ଣ୍ଣିମାରେ ଛାତ୍ରଗଣଙ୍କ ସହିତ ଶିକ୍ଷକ ନୀଳକଣ୍ଠ

---

(୭) "ଏହା ଯୁଦ୍ଧୋତ୍ତର ସମୟର କୀର୍ତ୍ତି ଓ ଏହା ତାଙ୍କର (ରାଜା ଲାଙ୍ଗୁଳା ନରସିଂହଙ୍କର) ଏକପ୍ରକାର କୀର୍ତ୍ତିସ୍ତମ୍ଭ ମଧ୍ୟ । ଏଣୁ ବଙ୍ଗ ଯୁଦ୍ଧର ସ୍ମୃତି ଚିହ୍ନ ଏଥିରେ ପ୍ରତିଫଳିତ ହୋଇଥିବା ବିଚିତ୍ର ନୁହେଁ ।"—'ପ୍ରବନ୍ଧ ମାନସ'—ଡଃ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ପୃ: ୧୬୯

(୭) ସ୍ୱପନେ ଆସି ସେ ଶ୍ରୀକରେ ମୋକର । ଧଇଲେ, ଗଲି ମୁଁ ପୁଲକେ ଥରି;
କହିଲେ 'ସୁନ୍ଦରୀ ଭରସ କପାଇଁ । ଦୁରଂତ ଯବନ କପାରେ କରି ?
ଉଚ୍ଛୁଳି ପୁଲକେ ଭାସିଲି ଶରୀର । ଅଶରଣୀ କର-ପଲ୍ଲବ ସୁଖେ,
'ଦେଖ, ଦେଖ ଦୂରେ ନୀଳଗିରି-ଶୀର୍ଷ । ଚନ୍ଦ୍ରିବ ଆସନେ ଶିଖରୀ ଶିଖେ ।"

—ମାୟାଦେବୀ ପୃ ୩୪୮

Digitized by srujanika@gmail.com

କୋଣାର୍କ ଯାଇଥିଲେ । ପ୍ରତିକୂଳ ପାଗ ହେତୁ ସ୍ଥାନଟିକୁ ଉପଭୋଗ କରି ନ ପାରି ରାମଚଣ୍ଡୀଠାରେ ରାତି କଟାଇଲେ । କବି-ସ୍ମୃତିରେ ତାହା ଜୀବିତ ରହିଛି । ପୁନଶ୍ଚ ଝଡ଼ପବନକୁ କବି ଅନୁରୋଧ ଜଣାଇଛନ୍ତି ଅତ୍ୟନ୍ତ ଆବେଗାତିଶଯ୍ୟରେ

“ରହ ରହ ବାଆ ବତାସି ରହ ବରଷା ଧାର
କୁଆଁ ର ପୁନଅଁ ହେଉରେ ଆଜ ରଜନୀ ସାର ।
××ଅସ୍ତ ହୁଅନ୍ତୁ କି ବତାସି, ମେଘ ଯାଆନ୍ତୁ ଗୁଳି
ପୁନଅଁ ବହାରେ ବୁଲନ୍ତେ ଶିଶୁ ଏଥି ବାହାରି ।”

—ରାମଚଣ୍ଡୀରେ ରାତି—୩—ପୃ ୩୦୮

ନଦୀ ଜଳରେ ପ୍ରତିବିମ୍ବିତ ଚନ୍ଦ୍ର ତାରକିତ ଆକାଶକୁ ଗ୍ରାମମାନେ ଓ ନିଜେ କବି କଳ୍ପନାରେହିଁ ସନ୍ଦର୍ଶନ କରିଛନ୍ତି । ପୁନଶ୍ଚ ଏହି ଝଡ଼ବର୍ଷାର ପରିବେଶରେ କବିପ୍ରାଣରେ ଶୈଶବ ସ୍ମୃତି ଚେଇଁଉଠିଛି ଓ ଶୈଶବାସ୍ଥ ଆଗ୍ରହନେଇ ସେ ଉପରୋକ୍ତ ପରିବେଶ ଉପ-ଭୋଗ କରିବା ନିମିତ୍ତ ଆକୁଳତା ପ୍ରକାଶ କରିଛନ୍ତି । ତାଙ୍କର ପ୍ରୌଢ଼ମନ ଶୈଶବର ରୋମନ୍ଥନ କରିଛି । ଏତାଦୃଶ ଶୈଶବାନୁଭୂତିର ଚିତ୍ରଣରେ କବି ଓ୍ୱର୍ଡସଓ୍ୱର୍ଥଙ୍କ ଭାବାନୁ-ସରଣ କରିବାର ଲକ୍ଷ୍ୟ କରାଯାଏ (୮) । ରାମଚଣ୍ଡୀଠାରେ ନିଦ୍ରାଭିଭୂତ ଗ୍ରାମମାନଙ୍କୁ ଲକ୍ଷ୍ୟ କରି ଶିକ୍ଷକ ନୀଳକଣ୍ଠଙ୍କ କଳ୍ପନା କ୍ରମେ ଓଡ଼ିଶାର ଇତିହାସ ଓ ଅତୀତର ସଞ୍ଚାର ପଥରେ ଭ୍ରମଣରତ ହୋଇଛି । ଗ୍ରାମମାନଙ୍କର ନିଦ୍ରା କ୍ରମେ ଗାଢ଼ତର ହୋଇଛି ଓ ସେମାନଙ୍କୁ ଦୀର୍ଘ ଧାରାବାହିକ ସ୍ୱପ୍ନ ମାଧ୍ୟମରେ କବି ଅତୀତର ଗୌରବ, ଉତ୍ଥାନ

---

(୮) “There was a time when meadow, grove and stream.
The earth and every common sight.
To me did seem, apparelled in celestial light.
The glory and freshness of a dream.”
—Ode to Intimations of Immortality
—W. Wordsworth.

---

ଏହା ସହିତ ଭାବସାମ୍ୟ ରକ୍ଷା କରୁଥିବା ପଂକ୍ତିଗୁଡ଼ିକ—

“ଗୃହିଣୀ ଧବଳ ବତାନେ ସିକତିଳ ପ୍ରାନ୍ତରେ
ଶିଶୁ ସଙ୍ଗେ ବସି ପୁହାନ୍ତି ରାତି ମୁଁ ଉଜାଗରେ,
କଲକଲେ ନଦୀ ଚରଣ ଛୁଇଁ ଯାଆନ୍ତାବହି ।
ଅଙ୍କେ ନିଦ୍ରାବେଶେ ରହି°ତିସୁଖେ ଆଦରି ମହୀ
××ସ୍ୱପନେ ଶୁଣନ୍ତି ସଙ୍ଗୀତଦିବ୍ୟ ବ୍ୟୋମବିମାନେ ।
ଥରି ଥରି ଭାସି ଯାଆନ୍ତା ମୃଦୁ-ବାତ-ସ୍ପନ୍ଦନେ

ରା. ଚ. ରାତି ପୃ ୩୦୮

“ରହି ତାରା-ଜନେ ସଭାସି, ଫେରିଆସେ ପଲକେ ।
ନାହାରିକା ଭେଦ କ୍ଷଣକେ ଆସେ ମନୁଷ୍ୟ ଲୋକେ” ପୃ ୩୧୩ ।

Digitized by srujanika@gmail.com

ଓ ପଡନର ଚିତ୍ରଆଙ୍କୁ ମୁହାଁଇ ଦେଇଛନ୍ତି । ତେଣୁ ଏଠାରେ ସ୍ୱପ୍ନ ମୁଖ୍ୟସ୍ତ୍ରୀ'ଙ୍କ ଅଧିକାର କରିଛି । ତାହାର ପ୍ରସ୍ତବ—

"ଗନ୍ଧ ତାପ-କନେ ସମ୍ପ୍ରାପ୍ତି, ଫେରିଆସେ ପଲକେ,
ମାହାରକା ଭେଦ କ୍ଷଣକେ ଆସେ ମନୁଷ୍ୟଲୋକେ ।"

—'ଗ ଗଢ', ପୃ ୩୦୮

ଏହି ବର୍ଣ୍ଣନା କବି କୋଲରିଜଙ୍କ Kubla Khanର ବର୍ଣ୍ଣନା ସହିତ ସାମ୍ୟ ସ୍ଥାପନ କରେ (୯) ।

ଅଲୌକିକ ଉପାଦାନ :—

ବହୁ ଅଲୌକିକ ଓ ଅତିଭୌତିକ ଉପାଦାନର ସଂଯୋଗରେ 'ମାୟାଦେବୀ' ସଙ୍ଗଠିତ । ଅଦୃଷ୍ଟ ଶୂନ୍ୟବାଣୀ ଶ୍ରବଣ କରି ମାୟାଦେବୀ ପ୍ରେମର ଭାବୀ ଅସଫଳତା ସମ୍ବନ୍ଧରେ ଅବଗତ ହୋଇଛନ୍ତି—

"ଉଠିଲି ପଲଙ୍କୁ ଦେଖିଲି ମୁଁ ପରେ
ଦେବ ଜ୍ୟୋତି-ଭରା-ଲପନେ-ଯୁବା
କହିଲେ ସେ ମୋରେ ଭବେ ନରସିଂହ
ନ ଲଭିବେ ତବ ଚରଣ ସେବା ।"

ଅଭିଶାପ ବଳରେ ସ୍ୱର୍ଗର ଦେବାଦେବୀ ମର୍ତ୍ତ୍ୟରେ ଜନ୍ମଲାଭ କରିବା ଓ ମୃତ ଶରୀର ଜୀବନ୍ତ ହୋଇଉଠିବା ଆଦି ଅଦ୍ଭୁତ ଘଟଣା ଏଥିରେ ସମାବିଷ୍ଟ । ରାଧାନାଥଙ୍କ 'ଉଷା' କାବ୍ୟର ଅଲୌକିକ ସଂଯୋଜନା ସହିତ ମାୟାଦେବୀର ଏହି ସଂଯୋଜନା

---

(୯) "A mighty fountain momently was forced
Amid whose swift half-intermitted burst
Huge fragments vaulted like re-bounding hail,
Or chaffy grain beneath the thresher's flail,
It flung upimomently the sacred river,"
—Coleridge—'Kubla Khan'

ତୁଳନୀୟ—
'ହିମ ତରଂଗିଣୀ ବହିଲ ଦ୍ରୁତ ମରୁ-ପ୍ରସାରେ । ଦ୍ରବିନ ସକଳ ଭାସଇ ତାବ୍ର ଚଂଡ଼ାଂଶୁକରେ କାଳ ସଙ୍ଗେ ଜନ ଆସଇ ଭାସି ହିମ ଶିଖରୁ । ଦ୍ରବିନ-ପୀଡ଼ନେ ଯେସନେଖଣ୍ଡ ଶଣ୍ଢଳଗିରୁ ଉପକଣ୍ଠେ ପୁଣି ଉଦରେ ହିମ ଯାଏ ତରଳି । ଚରଣ-ସମ୍ପଦ ତଟିନୀ ବକ୍ଷେ ଯାଏଟି ସରି
—କୋଣାର୍କେ—୧୬-ପୃ ୩୨୩

Digitized by srujanika@gmail.com

ସଂପୂର୍ଣ୍ଣ ସାମ୍ୟ ସ୍ଥାପନ କରେ । 'ଉଷା'ରେ ଉଷା ଓ ଜୟଚନ୍ଦ୍ରର କରସ୍ପର୍ଶରେ ଉଭୟଙ୍କର ମୃତ୍ୟୁ ଘଟିଲାଭଳି ଅନୁରୂପ ଭାବେ ଜମ୍ବୁ କେମାଙ୍କ କରସ୍ପର୍ଶରେ ମାୟାଦେବୀଙ୍କ ମୃତ୍ୟୁ ପରିକଳ୍ପିତ ହୋଇଛି—

"ପ୍ରସାରିଲେ ମାୟା କମ୍ରକର-ଲତା
ଆଲିଙ୍ଗି ଧଇଲେ ଜମ୍ବୁ ନନ୍ଦନୀ
ପଲକେ ଚମକ ଅଶରଗଲେ ବାଳା
ଖସିଗଲା ଦୃଢ଼ ବାହୁ-ବନ୍ଧନୀ ।"

ସ୍ୱର୍ଗର ଦେବଦେବୀ ମର୍ତ୍ତ୍ୟରେ ଜନ୍ମ ହେବାର ବୃତ୍ତାନ୍ତ ମଧ୍ୟ ରାଧାନାଥୀ କାବ୍ୟ-ଚେତନାର ପ୍ରଭାବରେ ସମ୍ଭବ ହେବାର ଜଣାଯାଏ :—

"ନରସିଂହ ଥିଲେ ତପନ ଏ ଭବେ
ମାୟା ଥିଲେ ଛାୟା ତପନଜାୟା
ଜମ୍ବୁ କେମା ଥିଲେ ବିଶ୍ୱକର୍ମା-ସୁତା
ଆଦରି ମରତେ ମାନବ କାୟା ।"

ମୃତ୍ୟୁର ବହୁ ଦିନ ପରେ ମଧ୍ୟ ମାୟାଦେବୀଙ୍କ ଶବ ନରସିଂହଙ୍କ କରସ୍ପର୍ଶରେ ଜୀବନଲାଭ କରିବା ଭଳି ଅଲୌକିକ କଳ୍ପନାରେ ନୀଳକଂଠ ରାଧାନାଥଙ୍କୁ ମଧ୍ୟ ଅତିକ୍ରମ କରି ଯାଇଛନ୍ତି । (୧୦) ପ୍ରନଷ୍ଟ ଅମରାବତୀର ବର୍ଣ୍ଣନା ଓ ହିମାଳୟର ବର୍ଣ୍ଣନାରେ କବିଙ୍କ ରୋମାଣ୍ଟିକ କାଳ୍ପନିକତା ଲକ୍ଷ୍ୟ କରାଯାଇପାରେ । ହିମାଳୟକୁ ସୁରବାଳା ଆସନ୍ତି ତାଙ୍କ ହାତରୁ ସ୍ୱର୍ଣ୍ଣ ଶତଦଳ ତୁଷାରସ୍ରୋତରେ ଭାସିଆସେ । ଗନ୍ଧର୍ବନଗର ସ୍ପଷ୍ଟ ଦିଶୁଥାଏ—

"ସାରସ୍ୱତ ନେତ୍ରେ ସପ୍ତର୍ଷି ନିରତ
ଭ୍ରମି ଭ୍ରମି ମେରୁ ଆସନ୍ତି ଗୃହ
ଅମାନିଶା ଭେଦି ଗନ୍ଧର୍ବନଗର
ଅରୁଣ-ବିଭାସେ ଭାସଇ ତହିଁ ।"

---

୧୦ । ଯାଇ ନରସିଂହ ଛୁଇଁଲେ ଶରୀର
ଶୁଣିଛି, ଉଠିଲା ଜୀବନେ ବାଳା;
ଅନ୍ଧାର ଦିଶିଲା ମଧ୍ୟାହ୍ନ ସେ ପୁରେ
କେହି ନ ଜାଣିଲେ ତହିଁ କି ହେଲା" ।

—"ମାୟାଦେବୀ"

Digitized by srujanika@gmail.com

ଏ କଳ୍ପନା କେତେ ଦୂରଗାମୀ (fan fetched) ଓ ସ୍ୱପ୍ନପ୍ରବଣ ତାହା ବୁଝାଇବା ବାହୁଲ୍ୟମାତ୍ର ।

ପ୍ରେମଚେତନା :—

କବି ନୀଳକଣ୍ଠଙ୍କ କାଳକୁ ରାଧାନାଥ-ସାହିତ୍ୟର ପ୍ରଚଣ୍ଡ ପ୍ରଭାବ ତଥାପି ଅପ୍ରତିହତ ଥିଲା । ସେ ରାଧାନାଥଙ୍କ କାବ୍ୟର ସଂଯମହୀନ ପ୍ରେମ ଓ ଦୈହିକ ଲାଳସାର ଚିତ୍ରକୁ ଅତ୍ୟନ୍ତ ଘୃଣା କରୁଥିଲେ । ଏଥିନିମିତ୍ତ ନନ୍ଦିକା ଓ ଗଙ୍ଗେଶ୍ୱରଙ୍କ ଚରିତ୍ର ପ୍ରତି ବୀତଶ୍ରଦ୍ଧ ହୋଇ ଛାତ୍ରମାନଙ୍କ ସମକ୍ଷରେ କବି ରାଧାନାଥଙ୍କୁ ନିନ୍ଦା କରୁଥିଲେ । (୧୧) ଗୌରବାବହ ଅତୀତ ଉତ୍କଳର ବୀର ଓ ବୀରବାଳାମାନଙ୍କ ଚରିତ୍ର ଓ ଦେବତା ଚରିତ୍ରରେ ଭ୍ରଷ୍ଟାଚାରର ସହଜ ଚିତ୍ର ଦେଖି ସହ୍ୟ କରିବା କବି ନୀଳକଣ୍ଠଙ୍କ ପକ୍ଷରେ ସମ୍ଭବ ହୋଇ ନ ଥିଲା । ତେଣୁ ନୀଳକଣ୍ଠ ଯେ ପ୍ରେମରେ ଧୈର୍ଯ୍ୟ, ସଂଯମ ଓ ସାମାଜିକତାକୁ ସ୍ୱୀକାର କରୁଥିଲେ ଏହା ସ୍ପଷ୍ଟ ହୋଇଉଠେ । ତ୍ୟାଗପୂତ, ମହିମାମଣ୍ଡିତ ବିଦେହୀ ପ୍ରେମକୁ ପ୍ରାଧାନ୍ୟ ଦେଇ ସେ କାବ୍ୟରଚନା କରିଛନ୍ତି । ଏପରି କି ତାଙ୍କର ଅନୂଦିତ କାବ୍ୟରେ ମଧ୍ୟ ମୁଖ୍ୟତଃ ଏହି ଆଦର୍ଶ ପ୍ରେମର ଚିତ୍ର ଦେଖିବାକୁ ମିଳେ । ଏହି ଆଦର୍ଶ ପ୍ରେମ ସାଧନା ପାଇଁ ଆକୃଷ୍ଟ ହୋଇ Enock Ardenର ଅନୁବାଦ କରିବାକୁ ପ୍ରୟାସ କରିଥିବା କବି ନିଜେ ପ୍ରକାଶ କରିଛନ୍ତି (୧୨) । ରାଧାନାଥଙ୍କ କାବ୍ୟ-ଆତ୍ମିକ ସମ୍ପର୍କରେ ରାଧାନାଥୋତ୍ତର କାଳରେ ଯେଉଁ ସଚେତନ ପ୍ରତିକ୍ରିୟା ପରିଲକ୍ଷିତ ହୋଇଥିଲା, ତାହା ପ୍ରତି ଫକୀରମୋହନ, ଗଙ୍ଗାଧର ଓ ନନ୍ଦକିଶୋର ଆଦି କବିଗଣ ମୌନସମର୍ଥନ ପ୍ରଦର୍ଶନ କରିଛନ୍ତି । ଗଙ୍ଗାଧରଙ୍କ ନିକଟକୁ ୧୯୧୧ରେ ନନ୍ଦକିଶୋର ଦେଇଥିବା ଚିଠିରୁ ଏହା ସ୍ପଷ୍ଟ ହେବ । ୧୩ । ତେଣୁ ଅନୁମାନ କରାଯାଇପାରେ ଯେ

---

(୧୧) ପାଦଟୀକା (୪) ଦ୍ରଷ୍ଟବ୍ୟ ।

(୧୨) "ମାତ୍ର ଏ କାବ୍ୟରେ ନାରୀର ସ୍ୱଭାବସୁନ୍ଦର ସତୀତ୍ୱ ପାଖେ ପୁରୁଷର ସାଧୁ ଓ ସୁକଠୋର ପ୍ରୀତିସାଧନ ସାହିତ୍ୟ ରାଜ୍ୟରେ ଗୋଟିଏ ନୂତନ ବିଭବ । ଏ ବିଭବ ମଧ୍ୟରେ ମୋର ଏ କାବ୍ୟ ପ୍ରତି ଆଦର ବଢ଼ାଇଥିଲା ।"—ଭୂମିକା, 'ଦାସ ନାଏକ' ପୃ ୪୬୯

(୧୩) "ଉତ୍କଳ ସାହିତ୍ୟରେ ଆଦର୍ଶ ଚରିତ୍ର ଚିତ୍ରଣ ନାହିଁ କହିଲେ ଚଳେ । କବିବର ରାଧାନାଥଙ୍କ ଗ୍ରନ୍ଥାବଳୀରେ ଯେଉଁ ଅଭାବ ରହିଯାଇଛି ତା'ର ପ୍ରପୂର୍ତ୍ତି କିପରି ହେବ ? ନାରୀ ପ୍ରଣୟ ବ୍ୟତୀତ ମାନବ ଚରିତ୍ରର ଅନ୍ୟ ମହତ ଭାବ କିମ୍ବା ନିର୍ମଳ ସଂଯତ ପ୍ରଣୟ ଚିତ୍ରଦ୍ୱାରା ପରିଣତିକୃତ କାବ୍ୟର ଅଭାବ ଉତ୍କଳ ସାହିତ୍ୟରେ ଅଛି । "ଚିଲିକା", "ମହାଯାତ୍ରା"ରେ ଯେପରି ପ୍ରକୃତି ଚିତ୍ରଣରେ ପରାକାଷ୍ଠା ପ୍ରଦର୍ଶିତ ହୋଇଛି । ସେହିପରି ମାନବ ଚରିତ୍ର ଚିତ୍ରଣରେ ଉଚ୍ଚ ଆଦର୍ଶ କିଏ ପୂରଣ କରିବ ?"

'ପଲ୍ଲୀକବି ନନ୍ଦ କିଶୋରଙ୍କ ପତ୍ର"

Digitized by srujanika@gmail.com

ନୀଳକଣ୍ଠ ତତ୍କାଳୀନ ସାହିତ୍ୟିକ ପରିବେଶ ଓ ପରିସ୍ଥିତି ପ୍ରତି ଅତ୍ୟନ୍ତ ସଚେତନ ଥିଲେ । ସେଥିପାଇଁ ସେ ମୌଳିକ ଓ ଅନୁବାଦ ଉଭୟ କାବ୍ୟରେ ଅତ୍ୟନ୍ତ ସତର୍କତାର ସହିତ ନାୟକଠାରେ କଠୋର ପ୍ରୀତିସାଧନା ତଥା ସାଧୁ ମନୋବୃତ୍ତିର ବିକାଶ ଘଟାଇଛନ୍ତି । ପ୍ରେମିକ ନରସିଂହ ପ୍ରେମସ୍ମୃତିରେ କୋଣାର୍କ ନିର୍ମାଣ କରାଇଛନ୍ତି, ଖାରବେଳ ମଧ୍ୟ ଏକ ହୃଦୟବାନ ପ୍ରେମିକରୂପେ ପ୍ରତିଷ୍ଠିତ ହୋଇଛନ୍ତି । ଏହି ପ୍ରେମର ପରାକାଷ୍ଠା ପ୍ରକାଶ ନିମିତ୍ତ ନୀଳକଣ୍ଠ 'ମାୟାଦେବୀ' ଓ 'ଖାରବେଳ' ରଚନା କରିଥିବା ନିଶ୍ଚିତ । 'ମାୟାଦେବୀ'ରେ ବୀରତ୍ୱ ଓ ସ୍ୱଦେଶପ୍ରୀତିର ଅଭାବ ନ ଥିଲେ ମଧ୍ୟ ରୋମାଣ୍ଟିକ ପ୍ରଣୟ ହିଁ ମୁଖ୍ୟ ରୂପେ ପ୍ରତୀତ ହୁଏ । ବୀରତ୍ୱ ଓ ପ୍ରେମ କିପରି ପରସ୍ପରର ପରିପୂରକ ତାହା କବି ବର୍ଣ୍ଣନା କରିଛନ୍ତି—

"କବିତ୍ୱର ସ୍ୱପ୍ନେ ବୀରତ୍ୱ କାହାଣୀ
ଲେଖିଲ ପ୍ରେମ-ଧାରେ ପଡ଼ଇ ଝରି
କି କହିବି ମୁହିଁ ପ୍ରବୀଣ ଏ ସ୍ୱପ୍ନେ
ଅତୀତେ ସୁମରି, ହୁଅଇ ଝୁରି ।"

ବୀରର ପ୍ରେମରେ ତେଣୁ ମିଳନ-ଲାଳସା ପ୍ରଧାନ ନ ହୋଇ କର୍ତ୍ତବ୍ୟବୋଧ ପ୍ରାଧାନ୍ୟ ଲାଭ କରିଅଛି । କବି ଯେଉଁ ପ୍ରେମର ଚିତ୍ର ଦେଇଛନ୍ତି, ତାହା ଦେହାତୀତ; ଆଦର୍ଶ ସଂଯମ ଓ କର୍ତ୍ତବ୍ୟସାଧନାରେ ଏହା ମହିମାମଣ୍ଡିତ । ୧୪ ।

କବିଙ୍କ ପ୍ରେମଚେତନାରେ ତେଣୁ ସୂକ୍ଷ୍ମ ମିଳନାନୁଭବ ଓ ଦେହାତୀତର ପ୍ରେମ ଯୁଗପତ୍ ଉତ୍ତୀର୍ଣ୍ଣ ହୋଇଛି । ନରସିଂହ ଓ ମାୟାଦେବୀଙ୍କ ସୂକ୍ଷ୍ମ ପ୍ରେମାନୁଭୂତି ଓ ହୃତ୍ସ୍ପନ୍ଦନ ଅତି ମାର୍ମିକଭାବେ ପ୍ରକାଶ ଲାଭ କରିଛି—

"ଚାହୁଁଥାଏ ବାଳା ଅପାଙ୍ଗେକୁମାରେ
କୁମାର ଚାହିଁଲେ ଫେରାଏ ମୁଖ ।"

ପ୍ରେମପ୍ରବୃତ୍ତ ହୃଦୟ ଝରଣାର ଜଳବେଣୀ ଭଳି ପ୍ରକମ୍ପିତ ହେଉଥାଏ—

"ଜଳବେଣୀ କମ୍ପେ ଝରଇ ତଟିନୀ
ବୃକ୍ଷେ କେବେ କମ୍ପେ ଶଇଳ ଶିଖା ।"

---

(୧୪) "ନିର୍ମଳ ପ୍ରେମର ପ୍ରକାଶ-ବୈଚିତ୍ର୍ୟ ହିଁ ଏ କାବ୍ୟର ଯଥାର୍ଥ ସୃଷ୍ଟି ଗୌରବ । ଏ ପ୍ରେମପ୍ରକାଶ ସ୍ୱଚ୍ଛ ସଂଯତ ଓ ଅକୃତ୍ରିମ—ଉଦ୍‌ବେଳିତ ତରଳ ତରଙ୍ଗର ସ୍ଖଳନ କେଉଁଠି ନାହିଁ—ଆ. ଓ. ସା. ଇ.—ଡକ୍ଟର ନଟବର ସାମନ୍ତରାୟ ପୃ ୭୦୧ ।

Digitized by srujanika@gmail.com

ପ୍ରେମ ତରୁଣ ତରୁଣୀଙ୍କର ଅନ୍ତରର ଏକ ସ୍ୱାଭାବିକ ରସୋଦ୍ଗୀର୍ଣ୍ଣ ଅନୁଭବ । ସକାଳର ସୂର୍ଯ୍ୟୋଦୟ ଭଳି ସ୍ୱାଭାବିକ ।୧୫। ପ୍ରୀତି ପୁଣି ଏ ମାଟିର କଳୁଷରେ ଲିପ୍ତ ନୁହେଁ ଓ ମରଣଶୀଳ ନୁହେଁ—

"ପୀରତି ତାରକା ପୀରତି-ଜୋଛନା
ପୀରତି ତପନ ନିରତେ ହସେ
ପ୍ରାବୃଟ ପ୍ରଦୋଷ କୁହୁଡ଼ି ଭେଦ ଫୁଟେ
ବିମଳ ପୀରତି ଶାଶ୍ୱତ ହାସେ ।"

ଏହି ସ୍ୱର୍ଗୀୟ ପ୍ରେମକୁ ପ୍ରାଧାନ୍ୟ ଦେବା ପାଇଁ ଦେହାତୀତ ଭାବନାକୁ କବି ଗୁରୁତ୍ୱ ଦେଇଛନ୍ତି । ମାୟାଦେବୀ ପ୍ରକୃତି ମଧ୍ୟରେ ସର୍ବଦା ନିଜ ପ୍ରେମିକର ସତ୍ତା ଅନୁଭବ କରିଛନ୍ତି । ଶରୀର ସେଠାରେ ଗୌଣ, ଆତ୍ମା ମୁଖ୍ୟ । ତେଣୁ ନରସିଂହଙ୍କ ଅବର୍ତ୍ତମାନରେ ମଧ୍ୟ ମାୟା ତାଙ୍କ ଆଲିଙ୍ଗନ ଅନୁଭବ କରୁଥିବା ବର୍ଣ୍ଣିତ—

"ରବଇ କୋକିଳ ଡାକନ୍ତି ସେ ଯହିଁ
ସମୀରଣେ ଛୁଇଁ ଯାଆନ୍ତି ମୋତେ
ଏହି ପଲଙ୍କରେ ବସିଥିଲେ ସେହି
ସୁମର, ମୁଁ ତହିଁ ପଡ଼ଇ କେତେ ।"

ପୁରୁଷର ପ୍ରୀତିସାଧନା ଏଠାରେ ଅତୀବ କଠୋର । ସ୍ୱର୍ଗୀୟ ପ୍ରେମରେ ତେଣୁ ପ୍ରେମିକଠାରେ ରାଜପୁରୁଷର ଉଚ୍ଛୃଙ୍ଖଳତା ଦେଖାଦେଇ ନାହିଁ । ଏପରି କି ପ୍ରେମିକାର ମୃତ୍ୟୁ ସମ୍ବାଦ ଶ୍ରବଣରେ ମଧ୍ୟ ନରସିଂହ ଧୈର୍ଯ୍ୟ ଓ ବେଦନାର ଏକ ମିଶ୍ରିତ ବିଗ୍ରହ ଭଳି ଦେଖା ଦେଇଛନ୍ତି ।୧୬। ଏତାଦୃଶ ପ୍ରେମର ନିଷ୍ଠା ଓ ଆନ୍ତରିକତା 'ଖାରବେଳ' କାବ୍ୟରେ ଖାରବେଳ ଓ ଧୂସିଙ୍କ ସୂକ୍ଷ୍ମ ପ୍ରେମାନୁଭବରେ ଅତ୍ୟନ୍ତ ମନୋଜ୍ଞ ଓ ରସୋଦ୍ଗୀର୍ଣ୍ଣ-

---

(୧୫) ଉଷାଦେଖି ହସିଉଠେ ବସୁଂଧରା
ଆସଇ ତପନ କନକ ହାସେ
ପୀରତି ତେସନ ଉଠଇ ପରାଣେ
ତରୁଣୀ-ତରୁଣ-ପରାଣ ରସେ"

ମାୟାଦେବୀ (ପୃ ୩୮)

(୧୬) "କରମ-କଠୋର ସଂଯମ ଲୁଟାଇ । ବାଷ୍ପ ଗଦଗଦ ଫିଟିଲା ଗଳେ;
ଭୂକମ୍ପିତ ନଦୀ ଆନ ଧାରେ ଆସି । କଳ୍ପିତ ଭେଦ ଲୁଡ଼ାଏ ବଳେ ।"

Digitized by srujanika@gmail.com

"ଫୁଲିଗଲା ନାସା ଫିଟିଲା ରୋମାଞ୍ଚ
ରହିଗଲେ ଶିର ମରମେ ଥିର
ତରଳ ଲୋତକେ ତରଳି କି ଯିବେ
ପଦେ ପରଶିଲେ କଣ୍ଟକ ନାଶି ।"

ମୃତ୍ୟୁ ପରେ ପ୍ରେମିକର ଶରୀର ସ୍ପର୍ଶାଭିଳାଷ ପାଇଁ ମାୟାଦେବୀଙ୍କର ଉତ୍କଣ୍ଠା ଯେତିକି କରୁଣ ସେତିକି ଆନନ୍ଦ-ଘନ । ମୃତ ଶରୀରକୁ କାଠ ସିନ୍ଧୁକରେ ରଖି ଦୟାନଦୀ ଧାରରେ ଭସାଇ ଦିଆଯିବାକୁ ମାୟା ଆଶା ପ୍ରକାଶ କରିଛନ୍ତି । ତଦ୍ଵାରା ସେ ସମୁଦ୍ରରେ ପହଞ୍ଚିବେ ଓ ଜଳଦସ୍ୟୁଙ୍କ ସହ ଯୁଦ୍ଧରତ ତାଙ୍କର ପ୍ରେମିକ ତାଙ୍କୁ ସ୍ପର୍ଶ କରିପାରିବେ—

"ଭେଟିବ ସାଗର ସାଗରେ ସଜନ
ଯୋଜନ ଛୁଇଁବେ ମୋତେ ଶରୀରେ ।"

କବିଙ୍କର ପ୍ରଥମ ପ୍ରକାଶିତ କବିତା 'ଆଦର୍ଶତାରା' ଓ 'ପ୍ରୀତି ରହସ୍ୟ (ସତ୍ୟବାଦୀ ୪।୧୨ ସଂଖ୍ୟା) ଦୁଇଟି ବିଶିଷ୍ଟ ପ୍ରେମ କବିତା । ବସ୍ତୁତଃ ଏ ଦୁଇଟି ସୃଷ୍ଟି ନୀଳକଣ୍ଠଙ୍କ ପ୍ରେମଚେତନାର ସଫଳ ପ୍ରତିନିଧିତ୍ୱ କରେ । ୧୭। । କଳ୍ପନା ମାଧ୍ୟମରେ ଏଠାରେ କବି ପ୍ରଣୟିନୀକୁ ଅନୁଭବ କରିଛନ୍ତି ଓ ଦେହାତୀତ ପ୍ରଣୟରେ ନିମଜ୍ଜିତ ରହିଛନ୍ତି । ପ୍ରେମିକା ଏଠାରେ ରକ୍ତମାଂସର ନୁହେଁ, ଧୂଳି ଧରଣୀର ନୁହେଁ, ସେ ଏକ ଉଚ୍ଚତର ଆକାଶର ଅପ୍ରାପ୍ତ ବସ୍ତୁ । କଳ୍ପନାରେହିଁ ତାର ସ୍ପର୍ଶ କବି ଲାଭ କରନ୍ତି । କବିଙ୍କ ପ୍ରେମିକାର ବିଳାସ ନାହିଁ । ୧୮ ।

---

(୧୭) "ଏଥିରେ ପ୍ରେମର ନିଷ୍ଠା, ଆଦର୍ଶ ଓ ଆନ୍ତରିକତା ସହ ନିର୍ମଳତା, ରକ୍ତମାଂସର ଆକର୍ଷଣ ଅପେକ୍ଷା ଏକ ଉଚ୍ଚ ଆଦର୍ଶର ଭାବ ସୁପରିସ୍ଫୁଟ ।"

—'ଆଧୁନିକ ଓଡ଼ିଆ ସାହିତ୍ୟର ଇତିହାସ'
ଡଃ ନଟବର ସାମନ୍ତରାୟ ପୃ ୬୦୭

(୧୮) "ସଂସାରେ ନ ଥିଲା ମୋର ସୁଖଭୋଗ କାମନା
ଧିଆନତ ଥିଲା ସଦା ତାର ସଙ୍ଗ ବାସନା
ଫୁଟିଥିଲା ହସି ହସି ଉଠୁ ନଥିଲା ଭରସି
ବଦନରେ ମୁଖ ତା'ର ଲୁଚାଇ ଲୁଚାଇରେ
× × ଦେଖି ମନ ଭୁଲିଯିବ ପ୍ରାଣପ୍ରେମ ଉଚ୍ଛୁଳିବ
ଆଶାଫଳେ ନବତେଜେ ନବଗୀତ ଗାଇରେ
ନିରାଶାର ବାଣୀ ଆଉ କହିବ ମୁଁ କାହିଁରେ
ପ୍ରେମିକ ପରାଣମୋର ଏକା ତାହା ପାଇଁରେ ।

—'ଆଦର୍ଶ ତାରା' ଉତ୍କଳ ସାହିତ୍ୟ ଜାନୁଆରୀ ୧୯୦୯-ପୃ ୩୦

Digitized by srujanika@gmail.com

ଜାତିପ୍ରୀତି :—

କବି ନୀଳକଣ୍ଠଙ୍କର ଜାତୀୟଚେତନା ମୁଖ୍ୟତଃ ଦ୍ୱିବିଧ ଭାବରେ ପ୍ରକାଶ ଲାଭ କରିଛି । ପ୍ରଥମତଃ କବି ଅତୀତ ଗୌରବ ଓ ବିଭବକୁ ସ୍ମରଣ କରି ସ୍ୱପ୍ନମାଧ୍ୟମରେ ଛାତ୍ରମାନଙ୍କୁ ଅତୀତ ବୀରମାନଙ୍କ ଚାରିତ୍ରିକ ମହତ୍ତ୍ୱ, ଅତୀତର ରଣକୌଶଳ, ଶିଳ୍ପ, ବାଣିଜ୍ୟ ଓ ଧର୍ମର ମହତ୍ତ୍ୱ ପ୍ରଖ୍ୟାପନ କରିଛନ୍ତି । ଦ୍ୱିତୀୟତଃ ବୀର ଚକ୍ରଙ୍କ ମୁଖରେ ଦେଶମାତୃକା ପ୍ରୀତିର ପରିଚୟ ପ୍ରଦାନ କରିଛନ୍ତି । ପ୍ରଥମ ଚେତନାଟି ରାଧାନାଥ କାବ୍ୟର ଅନୁସରଣ ଓ ଦ୍ୱିତୀୟଟି ଚଳିତ ଶତାବ୍ଦୀର ପ୍ରାରମ୍ଭରେ ହୋଇଥିବା ଜାତୀୟ ଜାଗରଣର ପୀଠିକା ଉପରେ ପ୍ରତିଷ୍ଠିତ ।

'କୋଣାର୍କେ' କାବ୍ୟଟି ଅତୀତ ଉତ୍କଳର ବୀରତ୍ୱ ଓ ଶିଳ୍ପନୈପୁଣ୍ୟରେ ଉଜ୍ଜ୍ୱଳ ଏକ ପୀଠ(କୋଣାର୍କ)କୁ ପୃଷ୍ଠଭୂମି ରୂପେ ଗ୍ରହଣକରିଛି । ଏହି ସ୍ଥାନର ମହତ୍ତ୍ୱ ଛାତ୍ରଗଣ ବାସ୍ତବରେ ହୃଦୟଙ୍ଗମ କରିପାରି ନ ଥିଲେ ହେଁ, କବି ନୀଳକଣ୍ଠ ସ୍ୱପ୍ନ ମାଧ୍ୟମରେ ତାହା ପ୍ରଖ୍ୟାପିତ କରିଛନ୍ତି । କୋଣାର୍କ ଅତୀତର ଏକ ମହିମାମୟ କୀର୍ତ୍ତି, ଯାହାର ନିଃଶେଷ-ପ୍ରାପ୍ତ ଅବଶେଷ ହିଁ ପ୍ରତ୍ୟେକ ଜାତିପ୍ରାଣ କବି ଅନ୍ତରକୁ ଗଭୀର କାରୁଣ୍ୟରେ ଆନ୍ଦୋଳିତ କରେ । ସ୍ୱପ୍ନରେ ଛାତ୍ରମାନେ ଅତୀତ ଧର୍ମଗରିମା ବିଷୟରେ ଜାଣିବାକୁ ପାଇଛନ୍ତି । ବିଦ୍ୟାପତିଙ୍କ କର୍ତ୍ତୃକ ଶବର ନୀଳମାଧବ ଉତ୍କଳକୁ ଆସନ୍ତି, ଅଶୋକ ଓ ଖାରବେଳଙ୍କ ଧର୍ମାନୁଶାସନରେ ଉତ୍କଳ ମହୀୟାନ୍ ହୋଇଉଠେ । ଦେଶପ୍ରାଣ କବି ଅତୀତ ଗୌରବର ମହିମା ପ୍ରଖ୍ୟାପନରେ ଅକ୍ଳାନ୍ତ । ସ୍ୱପ୍ନ ପରେ ସ୍ୱପ୍ନ ଆସି ଅତୀତରେ ଶିଳ୍ପ, ବାଣିଜ୍ୟ, ଧର୍ମ ଓ ବୀରତ୍ୱର ଗରିମାକୁ ଛାତ୍ରଙ୍କ ସମକ୍ଷରେ ବର୍ଣ୍ଣନା କରିଯାଏ ଏବଂ ଅତୀତର ଧନ-ଧାନ୍ୟଭରା ଐଶ୍ୱର୍ଯ୍ୟମୟ ବାଣିଜ୍ୟ ସମ୍ପର୍କରେ ଅବଗତ ହେବା ନିମିତ୍ତ ଛାତ୍ରମାନେ ସ୍ୱପ୍ନରେ ବିଭିନ୍ନ ଦ୍ୱୀପକୁ ଭାସିଯାଆନ୍ତି । କୁଶଳୀ ପୂର୍ବପୁରୁଷଗଣଙ୍କ ସାନ୍ନିଧ୍ୟ ଲାଭ କରନ୍ତି । ବୀର-ରାଜା ଖାରବେଳ ଦିଗ୍ୱିଜୟରେ ବହିର୍ଗତ ହେବାର ଚିତ୍ର କବି ପ୍ରକାଶ କରିଛନ୍ତି । ଅତୀତ ଓଡ଼ିଶାର ବିଭବକୁ ଇତିହାସ ଓ କିମ୍ବଦନ୍ତୀର ସମନ୍ୱୟରେ କବି ବର୍ଣ୍ଣନା କରି-ଛନ୍ତି । ତାଙ୍କ ପାଇଁ ଇତିହାସ ଯେତିକି ସତ୍ୟ, କିମ୍ବଦନ୍ତୀ ସେତିକି ନିର୍ଭରଯୋଗ୍ୟ ! ଆକୁଳ ଜାତିପ୍ରୀତିରେ ଓତପ୍ରୋତ କବି ନୀଳକଣ୍ଠ କିମ୍ବଦନ୍ତୀ ପ୍ରସିଦ୍ଧ କାଞ୍ଚି-କାବେରୀ ଯୁଦ୍ଧର ବର୍ଣ୍ଣନା କରିଛନ୍ତି । ଗଜପତି ଓ ସୈନ୍ୟମାନଙ୍କ ଯୁଦ୍ଧସଜ୍ଜା ଓ ପୁରାଣ ଉତ୍କଳ-ଭୂମିର ଗୋଟିକ ପରେ ଗୋଟିଏ ଉଜ୍ଜ୍ୱଳ ଅଧ୍ୟାୟ ସେ ଯେପରି ଖୋଲି ରଖିଛନ୍ତି, ତାର ପଟାନ୍ତର ନାହିଁ । (୧୯) ନିଜର ସମମର୍ମୀ ବନ୍ଧୁମାନଙ୍କ ସମ୍ମୁଖରେ କହୁ କହୁ କବି

---

[୧୯] "ପଣ୍ଡିତ ନୀଳକଣ୍ଠ ଦାସଙ୍କ 'କୋଣାର୍କେ' କାବ୍ୟ-ଯୁଗ୍ମରେ ପୁରାଣ ଉତ୍କଳ ପ୍ରାଣର ବାଣୀ ଯେପରି ସ୍ପଷ୍ଟଭାବରେ ମୋର ଶ୍ରୁତିଗୋଚର ହୋଇଛି ତାହା ଓଡ଼ିଆ, ଇଂରାଜୀ ବା ଅନ୍ୟ କୌଣସି ଲେଖାଠାରୁ ମୁଁ ପାଇ ପାରିନି ।" ଭୂମିକା-"କୋଣାର୍କେ" ଡଃ ମା ମାନସିଂହ ।

Digitized by srujanika@gmail.com

ନିଜର ପରିଚୟ ଦେଇ ଯାଇଛନ୍ତି । (୨୦) ଦେଶ ପ୍ରେମର ଉଚ୍ଛୁଳ ସ୍ରୋତରେ ଭାସି ଯାଉ ଯାଉ ଜଡ଼ଚେତନାର ସୀମାରେଖାକୁ ମଧ୍ୟ ବିସ୍ମୃତ ହୋଇ ପଥର ମୂର୍ତ୍ତି ରାମଚଣ୍ଡୀଙ୍କୁ ପ୍ରଶ୍ନ କରନ୍ତି—

“କହ ରାମଚଣ୍ଡୀ କହ ଗୋ ସାକ୍ଷୀ ଏକା ତ ତୁହି
କେମନ୍ତେ ଏ ଭୂମି ଆସିଛୁ କାଳ-ତରଙ୍ଗେ ବହି ।”

ଅତୀତର ଏହି ମହାର୍ଘ ପୁଣ୍ୟଭୂମିର ବିପର୍ଯ୍ୟୟ କିଭଳି ହେଲା, ତାହା ଜାଣିବାକୁ କବିଙ୍କର ଉତ୍କଣ୍ଠା ପ୍ରବଳ । ବସ୍ତୁତଃ ସେ ନିଜେଇ ନିଜ ପ୍ରଶ୍ନର ଉତ୍ତରଦାତା । ‘ମ ସ୍ୱାଦେଶୀ’ କାବ୍ୟରେ ହତଶ୍ରୀ ଉତ୍କଳର ଚିତ୍ର କବି ପ୍ରକାଶ କରନ୍ତି—

“କହେ ତେବେ ଶୁଣ ଗ୍ରୀଷ୍ମ ବିହାରେ
ଯାଇଥିଲି ଦୂର ସେ ଗଡ଼ଜାତେ
ପ୍ରେତଗ୍ରସ୍ତା ପରି ପୁରାଣ ଉତ୍କଳ
ଉଡ଼େ ଯନ୍ଧି ଏବେ ବିପିନ-ବାତେ ।”

ଉତ୍କଳର ଗଜପତିଙ୍କ ବୀରତ୍ୱ ଓ ଶରଣବତ୍ସଳତା ବିସ୍ମୟକର । କବିଙ୍କ ସମସାମୟିକ ଉତ୍କଳ ପରାଧୀନ ଓ ଦୁର୍ଗତଥିଲା । ତେଣୁ ସ୍ୱପ୍ନ ଭାଙ୍ଗିଗଲେ କଳ୍ପନାରେ ଚର୍ଚ୍ଚିତ ସମସ୍ତ ଗୌରବ ଯେ ଅସ୍ତମିତ ହେବ, ଏ କଥା କହି କବି ବ୍ୟାକୁଳତା ପ୍ରକାଶ କରିଛନ୍ତି—

“ଜୀବନେ ଆଉ କି ଦେଖିବି ସ୍ୱପ୍ନ ଭାଙ୍ଗିବ ଯେବେ
ତୀବ୍ରଣ ସାଜେ ଉତ୍କଳେ ଆଉ ସଇନ କେବେ ।”

ଉତ୍କଳର ସାମନ୍ତ-ଦାସ୍ୱାଦ ଟଙ୍କ ପ୍ରତିପକ୍ଷ ନରସିଂହଙ୍କ ସମକ୍ଷରେ ନିଜ ଜନ୍ମଭୂମି ପ୍ରୀତିର ସ୍ୱରୂପ ବର୍ଣ୍ଣନା କରିଛନ୍ତି । ଅତୀତର ଗୌରବ ଅସ୍ତମିତ, ଦକ୍ଷିଣାଗତ ଗଙ୍ଗ ନୃପତିଗଣ ଏ ଦେଶକୁ ଶାସନ କରୁଛନ୍ତି, କିନ୍ତୁ ଏ ମାଟିର ବୀର ସାମନ୍ତ ସନ୍ତାନମାନେ ଅଧୀନତା ସ୍ୱୀକାର କରି ରହିଛନ୍ତି । ଟଙ୍କଙ୍କ ପକ୍ଷେ ଏହା ଅସହ୍ୟ । ଗଙ୍ଗ ନୃପତିଗଣ ଦକ୍ଷିଣାଗତ ହେଲେ ହେଁ, ସେମାନଙ୍କ ଶାସନ ନୀତି ଓ ପ୍ରଜାପାଳନ ଅତି ଉତ୍କୃଷ୍ଟ ଥିବାର ଜଣାଯାଏ । ସେମାନେ ଉତ୍କଳକୁ ହିଁ ନିଜ ଜନ୍ମଭୂମିରୂପେ ଗ୍ରହଣ କରି ତାର ସର୍ବବିଧ ଉନ୍ନତି ନିମିତ୍ତ ଚେଷ୍ଟିତ ଥିବାର ଇତିହାସ ପ୍ରମାଣରହିଛି । ନୀଳକଣ୍ଠ କିନ୍ତୁ ଟଙ୍କଙ୍କ ମୁଖରେ

---

(୨୦)“ମୁଁ ଦେଖିଲି, ରାଧାନାଥଙ୍କ ସମ୍ବନ୍ଧରେ ମୋର ପିଲାଦିନର ଅନେକ ଧାରଣା ବଦଳି ଗଲା । ××× ଦେଖିଲି ସେମାନଙ୍କ (କବିଙ୍କ ବନ୍ଧୁ) ପ୍ରତିବାଦ ଭିତରେ ଦେଶାନୁବୋଧ ସଙ୍ଗେ ନିଜର ପୁରାଣ ପରମ୍ପରା କମ୍ବଦନ୍ତୀ ଓ ଲୋକ-ବ୍ୟବହାର ଆମ ରାଜାପୁଅ, ରାଜାଝିଅଙ୍କ ରୀତି ଓ ସାଧବମାନଙ୍କ ବୋଇତ ବଣିଜ ପ୍ରଭୃତି ପ୍ରତି ମମତା ଯଥେଷ୍ଟ ଅଛି ।” ପୁଣି ଏବେ ନିବେଦନ-ମୁଖବନ୍ଧ-କୋଣାର୍କେ-ନୀଳକଣ୍ଠ ଦାସ

Digitized by srujanika@gmail.com

ନରସିଂହଙ୍କୁ 'ତସ୍କର', 'ପରରାଜ୍ୟ ଅପହରଣକାରୀ' ଆଦି କହିବା ଯଥାର୍ଥ ହୋଇ ନାହିଁ । ପରବର୍ତ୍ତୀ ସମୟରେ ଟେଙ୍କଙ୍କୁ ଆଲିଙ୍ଗନକରି ଓ ବନ୍ଧନମୁକ୍ତ କରି ନରସିଂହ ମଧ୍ୟ ନିଜର ଉଦାରତାର ପ୍ରମାଣ ଦେଇଛନ୍ତି । ମାତ୍ର ଏଠାରେ ଟେଙ୍କଙ୍କର ନରସିଂହଙ୍କ ପ୍ରତି କଟୂକ୍ତି, ଦେଶବାସୀଙ୍କର ସାମ୍ରାଜ୍ୟବାଦୀ ବ୍ରିଟିଶ ଶାସକମାନଙ୍କ ପ୍ରତି ପ୍ରଯୁଜ୍ୟ କଟୂକ୍ତି ବୋଲି ଅନୁମାନ କରାଯାଇପାରେ । କବି ନୀଳକଣ୍ଠଙ୍କ କାଳରେ ସମଗ୍ର ଭାରତ ତଥା ଉତ୍କଳରେ ପରାଧୀନତା ବିରୁଦ୍ଧରେ ଯେଉଁ ପ୍ରତିବାଦର ସ୍ୱର ଉଦ୍ବେଳିତ ହୋଇଥିଲା, ତାର ଏକ କ୍ଷୀଣ ପ୍ରଭାବ ଏଥିରେ ସ୍ପଷ୍ଟ । ତେଣୁ ଟେଙ୍କଙ୍କ ଉକ୍ତି ମଧ୍ୟରେ ପରାଧୀନ ଉତ୍କଳୀୟଙ୍କ ପରୋକ୍ଷ ଦେଶପ୍ରୀତି ପ୍ରକଟିତ । ଏହା 'ଶିବାଜୀଙ୍କ ଉତ୍ସାହ ବାକ୍ୟ'ର ଅନୁରୂପ ପ୍ରକାଶ-ଧାରା ହୋଇଥିଲେ ହେଁ ରାଧାନାଥଙ୍କ ଉଗ୍ର ଆହ୍ୱାନଧର୍ମୀ ଜାତୀୟତା ଏଥିରେ ନାହିଁ । ବୀର ଟେଙ୍କଙ୍କର ଏହା ଅସହାୟ ମାତୃଭୂମି-ପ୍ରୀତି । ଏଥିରେ ବିପ୍ଳବର ଉଦ୍‌ବୋଧନୀ ନାହିଁ । ରହିଛି ଅସହାୟତା ଓ କାରୁଣ୍ୟ—

"ଆହାରେ ଦଇବ କି କଲୁ ତୁ ସତେ
ଘର ବୋଲିବାକୁ ନ ଫିଟେ ସ୍ୱର
ଏ ନୀଳ ବିପନେ ଶ୍ୟାମଳ କେଦାରେ
କେତେ ସୁରପଲ୍ଲୀ ହେଉଛି ଜ୍ୱର !
× × ଜନନୀ ଜନନୀ ବୋଲୁଥିଲି ତୋରେ
ରଖି ନ ପାରିଲି ଗରିମା ତବ
ଶତ ନଦୀ ଧାରେ ଲେତକର ଧାରା
ଦେଖି ଯାଉଅଛି ଗ୍ଲାନିରେ ଏ ଭବ ।
× × ଜନମ ଭୂଇଁ ତୁ ଜନନୀ ମୋହର
ଜୀବନେ କେସନେ ଭୁଲିବି ତୋତେ
ଯାଉଛି ବରଜ ହଅ ମା ବିଦାୟ
ଅଳି ଝଲି ମୋର ସହିଛୁ କେତେ ।"

ଅନୁବାଦ :—

କବି ନୀଳକଣ୍ଠ କେତେକ ଇଂରାଜୀ ରୋମାଣ୍ଟିକ କବିଙ୍କ ରଚନାକୁ ଅନୁବାଦ କରିଛନ୍ତି । କବି ଟେନିସନ୍‌ଙ୍କ ରଚିତ Enock Ardenର ତ୍ୟାଗପୂତ ପ୍ରଣୟ ସାଧନାରେ ଆକୃଷ୍ଟ ହୋଇ ସେ 'ଦାସନାଏକ' ନାମରେ ଅନୁବାଦ କରିଛନ୍ତି । 'କୋଣାର୍କେ' କାବ୍ୟ ସଯୋଜନାରେ, କବି ସ୍କଟଙ୍କର Layes of the last Minstrel'ର ଉପାଖ୍ୟାନ ଶ୍ରବଣ ଭଳି ନୀଳକଣ୍ଠ ଭାଟମୁଖରୁ ଶ୍ରୁତ ଉପାଦାନକୁ ଗୁରୁତ୍ୱ ଦେଇଥିବାର ସ୍ୱୀକାର କରିଛନ୍ତି । ଟେନିସନ୍‌ଙ୍କ Princess ଓ Enock Ardenକୁ ଅନୁବାଦ

Digitized by srujanika@gmail.com

କରି କବି ରୋମାଣ୍ଟିକ୍ ଚେତନା ପ୍ରତି ନିଜର ଅନୁରକ୍ତିର ପ୍ରମାଣ ଦେଇଛନ୍ତି । ତାଙ୍କର 'ବଧୂ ଓ ବାସନ୍ତୀ (ମୁକୁର ୬।୭) କବିତା ଗୋଲ୍ଡସ୍ମିଥ୍‌ଙ୍କ Hermitର ଅନୁବାଦ । 'ଅଶ୍ରୁ' (ମୁକୁର ୧୦।୧୦) ଏବ 'ବର୍ଷର ଶେଷ ଗୋଲାପ' (ଉତ୍କଳ ସାହିତ୍ୟ ୧୫।୭) ଯଥାକ୍ରମେ କବି ଟେନିସନ୍ ଓ ମୁର୍‌ଙ୍କର କବିତାର ମର୍ମାନୁବାଦ ।

ଉପସଂହାରରେ ସ୍ପଷ୍ଟଭାବେ କୁହାଯାଇ ପାରେ ଯେ, ମୌଳିକ ଓ ଅନୁବାଦ ଉଭୟବିଧ ସୃଷ୍ଟି କର୍ମରେ ନୀଳକଣ୍ଠଙ୍କ କାବ୍ୟମାନସ ମୁଖ୍ୟତଃ ରୋମାଣ୍ଟିକ୍ ଭାବନାଦ୍ୱାରା ଅନୁପ୍ରେରିତ ହୋଇଛି । ଜାତୀୟତାବାଦୀ କବିର ଅଜିତ ଆତ୍ମଗତା ଯେଉଁପରି ରୋମାଣ୍ଟିକ୍ କବିତାର ଚିହ୍ନ ବହନ କରେ, ପ୍ରେମ ଓ ପ୍ରଣୟ ପରି ସର୍ବକାଳୀନ ଚେତନାରେ ଆଶ୍ରୟୀ ଓ ଅତିମାନବିକ ଉପାଦାନ ଉପରେ ନିର୍ଭରଶୀଳ ହେବାରେ ମଧ୍ୟ ଏହି ଚିହ୍ନ ଅଧିକ ପ୍ରକଟିତ । ଆଧୁନିକ ଓଡ଼ିଆ କବିତାରେ ରାଧାନାଥ ହିଁ ଏହି ଧାରାର ମୁଖ୍ୟ ପ୍ରବକ୍ତା ଭାବରେ ସ୍ୱୀକୃତି ହାସଲ କରିଛନ୍ତି । ନୀଳକଣ୍ଠ ସେହି ଧାରାର ଜଣେ ନିଷ୍ଠାପର ଅନୁବର୍ତ୍ତୀ । ତେଣୁ ନୀଳକଣ୍ଠ ସତ୍ୟବାଦୀ ସାହିତ୍ୟଯୁଗର ଜଣେ ସଫଳ ରୋମାଣ୍ଟିକ୍ କବି ଭାବରେ ସ୍ୱୀକୃତ ହୁଅନ୍ତି ।

Digitized by srujanika@gmail.com

# ପଣ୍ଡିତ ନୀଳକଣ୍ଠଙ୍କ ସାମ୍ବାଦିକତା

ଡକ୍ଟର ଶ୍ରୀରାମଚନ୍ଦ୍ର ଦାଶ

ପଣ୍ଡିତ ନୀଳକଣ୍ଠ ଦାସଙ୍କ ମହାପ୍ରସ୍ଥାନ ପରେ ଗୋଟିଏ ବର୍ଷ ଅତିବାହିତ ହୋଇଗଲଣି, କିନ୍ତୁ ସମସ୍ତ ଏତେ ଶୀଘ୍ର ଭୁଲିଯାଉଛନ୍ତି ଯେ, ତାଙ୍କ ମୃତ୍ୟୁ କାଲି ପରି ଜଣା ପଡ଼ୁଛି । ବିଂଶ ଶତାବ୍ଦୀର ପ୍ରଥମ ପାଦରେ ଗୋପବନ୍ଧୁ, ମଧୁସୂଦନ, ନୀଳକଣ୍ଠ, ଗୋଦାବରୀଶ ଆଦି ସେଉଁ କେତେଜଣ ମହାମନା ଦେଶ ହିତୈଷୀ ମନସ୍ୱୀ ଓଡ଼ିଶାର ପୁନର୍ଗଠନକାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ, ସେମାନଙ୍କ ପ୍ରତିଭା ଏପରି ବହୁତୋମୁଖୀ ଥିଲା ଯେ, ସାମାଜିକ ଜୀବନର ଏପରି କୌଣସି ସ୍ତର ନାହିଁ, ଯେଉଁଥିରେ ସେମାନଙ୍କର ବ୍ୟକ୍ତିତ୍ୱର ସ୍ୱାକ୍ଷର ନଥିଲା । ମନସ୍ୱୀ ନୀଳକଣ୍ଠ ଏକାଧାରରେ କବି, ପ୍ରାବନ୍ଧିକ, ଶିକ୍ଷାବିତ, ଜନନାୟକ, ବ୍ୟବସ୍ଥାପକ ଓ ସାମ୍ବାଦିକ ଥିଲେ । ଏପରିକି ତାଙ୍କ ସମସାମୟିକ ପ୍ରତ୍ୟେକ ନେତୃସ୍ଥାନୀୟ ଭାରତୀୟ ଅଳ୍ପସମୟ ପାଇଁ ମଧ୍ୟ ସାମ୍ବାଦିକତା କ୍ଷେତ୍ରରେ ଅବତୀର୍ଣ୍ଣ ହୋଇଛନ୍ତି । ମୁଁ ସେହି ଭାବରେ ହିଁ ତାଙ୍କୁ ଘନିଷ୍ଠ ଭାବରେ ଜାଣିଛି ।

ପଣ୍ଡିତ ନୀଳକଣ୍ଠ ଦାସ ମାସିକ, ସାପ୍ତାହିକ ଓ ଦୈନିକ ପତ୍ରିକାର ସମ୍ପାଦନା ଦାୟିତ୍ୱ ବହନ କରିଥିଲେ । ତାଙ୍କ ଦୈନିକ ଓ ମାସିକ ପତ୍ରିକାର ନାମଥିଲା 'ନବଭାରତ' ସେହି ନାମରେ ସେ ତାଙ୍କ ମୁଦ୍ରଣାଳୟକୁ ବି ନାମିତ କରିଥିଲେ । ତାଙ୍କ ସମ୍ପାଦନାରେ ଥିବା ସାପ୍ତାହିକ ପତ୍ରିକାର ନାମଥିଲା 'ଲୋକମତ' । ସରକାରୀ ଦସ୍ତାବିଜରେ ଓ ଲୋକମତ ପୃଷ୍ଠାରେ ବର୍ତ୍ତମାନ 'ନବଜୀବନ'ର ସମ୍ପାଦକ ଥିବା ଶ୍ରୀ ଚନ୍ଦ୍ରମଣି ମିଶ୍ରଙ୍କ ନାମ ସମ୍ପାଦକ ରୂପେ ଉଲ୍ଲେଖ ଥିଲା । ବସ୍ତୁତଃ 'ଲୋକମତ'ହିଁ ଦୈନିକ ନବଭାରତ'ର ପୂର୍ବବର୍ତ୍ତୀ ସଂସ୍କରଣ, ଯେପରି କି ଦୈନିକ ଓ ସାପ୍ତାହିକ 'ସମାଜ'ର ପୂର୍ବବର୍ତ୍ତୀ ସଂସ୍କରଣ ମାସିକ 'ସତ୍ୟବାଦୀ ଥିଲା । ଜୟପୁର ମହାରାଜା ସାର ବିକ୍ରମଦେବ ବର୍ମାଙ୍କ ଦାନରେ 'ନବଭାରତ' ମୁଦ୍ରଣାଳୟ ପ୍ରତିଷ୍ଠିତ ହେବା ପୂର୍ବରୁ ପଣ୍ଡିତ ନୀଳକଣ୍ଠ ଅଳ୍ପ ସମୟ ପାଇଁ 'ସମାଜ'ର ସମ୍ପାଦକ ମଧ୍ୟ ଥିଲେ ।

ସ୍ୱାଧୀନତା ସଂଗ୍ରାମ ବେଳେ ସାମ୍ବାଦିକତା ଜାତୀୟ ଆନ୍ଦୋଳନର ଅନ୍ୟତମ ପନ୍ଥା ଥିଲା । ଜାତୀୟ ଲକ୍ଷ୍ୟ ଓ ଲିପ୍ସାକୁ ଜନସମ୍ମୁଖରେ ଉପସ୍ଥାପିତ କରି ଜନତାକୁ ଜାତୀୟ ସଂଗ୍ରାମ ପ୍ରତି ଆକୃଷ୍ଟ କରିବା ସମ୍ବାଦପତ୍ରଗୁଡ଼ିକର ଆଭିମୁଖ୍ୟ ଥିଲା । ଠିକ୍ ଏହି କାରଣରୁ ପଣ୍ଡିତ ଗୋପବନ୍ଧୁ 'ସମାଜ' ପତ୍ରିକା ପ୍ରକାଶ କରିଥିଲେ । ୧୯୩୮ରେ ପଣ୍ଡିତ ନୀଳକଣ୍ଠ କଂଗ୍ରେସଠାରୁ ଦୂରେଇ ଯିବାକୁ ଆରମ୍ଭ କଲେ । ୧୯୫୭ର ସାଧାରଣ ନିର୍ବାଚନ ବେଳେ ପଣ୍ଡିତ ନୀଳକଣ୍ଠ ପ୍ରାଦେଶିକ କଂଗ୍ରେସ କମିଟିର ସଭାପତିରୂପେ ଗୋଟିଏ କଣିଆ

Digitized by srujanika@gmail.com

ଓଡ଼ିଶା ବିଧାନସଭା ଲାଗି ଛିଡ଼ିଣ ଜଣଙ୍କୁ ନିଜ ପ୍ରଚାର ଓ ବ୍ୟକ୍ତିତ୍ୱଦ୍ୱାରା ଜୟଯୁକ୍ତ କରାଇଥିଲେ ବି ନିଜ ପ୍ରୋତ୍ସାହିତ ବ୍ୟକ୍ତିମାନଙ୍କଦ୍ୱାରା ପ୍ରତ୍ୟାଖ୍ୟାତ ହେବା ପରେ ୧୯୩୮ରେ ପ୍ରାଦେଶିକ କଂଗ୍ରେସ କମିଟିର ସଭାପତି ପଦରୁ ବିତାଡ଼ିତ ହେଲେ । ତାଙ୍କର ଯେତିକି ପରିମାଣରେ ସ୍ୱକୀୟ ଯୋଗ୍ୟତା, ସାମର୍ଥ୍ୟ ଓ ପାରଦର୍ଶିତା ଥିଲା, ତାହାର ଉପଯୋଗରେ ସେ ଯେ, କୌଣସି ଉଚ୍ଚତର ସ୍ଥାନ ମଣ୍ଡନ କରି ପାରିଥାନ୍ତେ । ନ କରିଥିଲେ ବି ତାଙ୍କ ସୁନାମରେ ଆଦୌ ଆଞ୍ଚ ଆସି ନ ଥାନ୍ତା; କିନ୍ତୁ ଚଳିତ ଆନୁଷ୍ଠାନିକ ଯୁଗରେ ଅନୁଷ୍ଠାନ ନ ହେଲେ ସହଜରେ କୌଣସି କାର୍ଯ୍ୟ ସମ୍ପାଦନା କରିବା ସମ୍ଭବପର ହୁଏନାବୋଲି ସେ ସଭାପତି ପଦ ଲାଗି ପ୍ରତିଦ୍ୱନ୍ଦ୍ୱିତା କରିଥିଲେ । କଂଗ୍ରେସ ସହିତ ମନ ଅମେଳ ହେବାରୁ ତାଙ୍କର ବିଶ୍ୱାସ ହେଲା ଯେ, ସରକାରୀ କଂଗ୍ରେସରେ ଲୋକମତ ପ୍ରତିଫଳିତ ହେଉ ନାହିଁ । ଫଳରେ ପ୍ରକୃତ ଲୋକମତରେ ପରି-ପ୍ରଚାର ଲାଗି ସେ ସାପ୍ତାହିକ 'ଲୋକମତ' ପ୍ରକାଶ କଲେ । ପ୍ରାୟ '୫ ବର୍ଷ ପେ ଓଡ଼ିଶାରେ ଠିକ୍ ଏତାଦୃଶ ପରିସ୍ଥିତି ପରିଲକ୍ଷିତ ହୋଇଥିଲା । ସରକାରୀ କଂଗ୍ରେସର ନୀତି ଦୈନିକ 'ସମାଜ' ଓ 'ପ୍ରଜାତନ୍ତ୍ର'ରେ ପ୍ରତିଫଳିତ ହେଉ ନାହିଁ ବୋଲି ବିବେଚନା କରି ସରକାରୀ କଂଗ୍ରେସର ନେତୃସ୍ଥାନୀୟ ଶ୍ରୀ ବିଜୁ ପଟ୍ଟନାୟକ ଓ ଶ୍ରୀ ବୀରେନ ମିତ୍ର ଯଥାକ୍ରମେ ଦୈନିକ 'କଳିଙ୍ଗ' ଓ ଦୈନିକ 'ଜନଶକ୍ତି' ପ୍ରକାଶ କଲେ । ଗତ ୩୦ ବର୍ଷ ଧରି ଓଡ଼ିଶା କଂଗ୍ରେସରେ ଅନ୍ତର୍ଦ୍ୱନ୍ଦ୍ୱ ଲାଗି ରହିଛି ଓ ତାହାର ସ୍ୱାଭାବିକ ପ୍ରତିକ୍ରିୟା ସ୍ୱରୂପ ଓଡ଼ିଶାର ସାମ୍ବାଦିକ କ୍ଷେତ୍ରରେ ମଧ୍ୟ ଗୋଷ୍ଠୀଗଠନ ହୋଇଆସିଛି ।

୧୯୩୮ରୁ ୧୯୪୧ ପର୍ଯ୍ୟନ୍ତ 'ଲୋକମତ' ହିଁ ନୀଳକଣ୍ଠଙ୍କ ଭାବଧାରାର ବାହକ ଥିଲା । ୧୯୪୧ ନଭେମ୍ବର ମାସରେ ପଣ୍ଡିତ ଗୋଦାବରୀଶଙ୍କ ନେତୃତ୍ୱରେ ସରକାରୀ କଂଗ୍ରେସଦ୍ୱାରା ଉପେକ୍ଷିତ ଦଳେ ବିଶିଷ୍ଟ କଂଗ୍ରେସ ନେତା କଂଗ୍ରେସ ସଂଗଠନରୁ ବାହାରକୁ ଯାଇ ତତ୍କାଳୀନ ଓଡ଼ିଶା ଜାତୀୟଦଳର ନେତା ପାରଳାଖେମୁଣ୍ଡି ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ଦେଓ ଓ ମୁସଲିମ୍ ଲିଗ୍ ନେତା ଆଡ୍‌ଭୋକେଟ ଶୋଭନ୍ ଖାଁଙ୍କ ସହଯୋଗରେ ମିଳିତ ମନ୍ତ୍ରିମଣ୍ଡଳ ଗଠନ କରିବା ପରେ, ସରକାରୀ ନୀତି ଓ ଉଦ୍ଦେଶ୍ୟକୁ ଜନପ୍ରିୟ କରିବା ଲାଗି ନୀଳକଣ୍ଠ ଗୋଟିଏ ଦୈନିକ ପତ୍ରିକାର ଆବଶ୍ୟକ ଉପଲବ୍ଧି କଲେ । ଏହିଠାରେ ହେଲା ଦୈନିକ 'ନବଭାରତ'ର ଜନ୍ମ । ନୀଳକଣ୍ଠ ଯୁଦ୍ଧ ସମୟରେ ମହାତ୍ମା ଗାନ୍ଧିଙ୍କ ବ୍ୟକ୍ତିଗତ ଅସହଯୋଗ ଆନ୍ଦୋଳନ ପ୍ରତି ବିମୁଖ ଥିଲେ ଏବଂ ସେ ଏହା ବିରୋଧରେ ବଳିଷ୍ଠ ଲୋକମତ ମଧ୍ୟ ଗଠନ କରିଥିଲେ । ସୁଭାଷଚନ୍ଦ୍ର ବୋଷଙ୍କ ନୀତିରେ ଅନୁପ୍ରାଣିତ ହୋଇ ସେ ଯେ କେବଳ ମିଳିତ ମନ୍ତ୍ରିମଣ୍ଡଳର ପୁରୋଧା ହେଲେ ସେତିକି ନୁହେଁ, ସେ ନିଜେ ୧୯୪୨ ଅପ୍ରେଲ ମାସରେ ଜାତୀୟ ସମର ସାହାଯ୍ୟର ନେତୃତ୍ୱ ଗ୍ରହଣ କଲେ । ୧୯୪୨ର 'ଭାରତଛାଡ଼' ଆନ୍ଦୋଳନ ବେଳେ ଭାରତବାସୀ ଅବିଚାରିତ ଭାବରେ ଆକ୍ରମଣକାରୀ ଜାପାନକୁ ନିଜ ସ୍ୱାଧୀନତା ଅର୍ପଣ କରି ଦେଉଛନ୍ତି ବୋଲି ବିଚାରି କଂଗ୍ରେସ ନେତୃତ୍ୱ ବା ନେତୃତ୍ୱହୀନତା ଯୋଗୁଁ ଯେଉଁ ବିପୁଳ ଧ୍ୱଂସକ୍ରିୟା ବିଭିନ୍ନ ପ୍ରାନ୍ତରେ ପରିଲକ୍ଷିତ ହୋଇଥିଲା, 'ନବଭାରତ' ମାଧ୍ୟମରେ ସେ ତାହାର ତୀବ୍ର ବିରୋଧାଚରଣ କରିଥିଲେ । ୧୯୪୨

Digitized by srujanika@gmail.com

ଅଗଷ୍ଟ ମାସରେ ମୁଁ ଦୈନିକ 'ନବଭାରତ'ରେ ଯୋଗଦାନ କଲି ଏବଂ କେନ୍ଦ୍ର ବିଧାନ-ସଭାର ଶାରଦୀୟ ଅଧିବେଶନ ଯୋଗୁଁ ନୀଳକଣ୍ଠ ଦିଲ୍ଲୀରେ ରହିବାରୁ ମୁଁ ଏହି ପତ୍ରିକାର ସମ୍ପାଦନା ଦାୟିତ୍ୱ ମଧ୍ୟ ବହନ କରିଥିଲି । ନୀଳକଣ୍ଠଙ୍କର ମୋ ପ୍ରତି ଦୁଇଟି ନିର୍ଦ୍ଦେଶ ଥିଲା, ଯଥା - (କ) ଗୋଦାବରୀଶଙ୍କ ଅନୁମୋଦନ ବିନା କୌଣସି ସମ୍ପାଦକୀୟ ଅଗ୍ର ଲେଖା ପ୍ରକାଶିତ ହୋଇପାରିବ ନାହିଁ ଓ (ଖ) 'ଭାରତଛାଡ଼' ଆନ୍ଦୋଳନର ଧ୍ୱଂସ-ଲୀଳାକୁ କୌଣସି ପ୍ରକାରେ ସମର୍ଥନ କରାଯିବ ନାହିଁ ।

ପ୍ରତ୍ୟେକ ଦିନ ପୂର୍ବାହ୍ଣ ଏଗାରଟା ବେଳେ ପଣ୍ଡିତ ଗୋଦାବରୀଶ ସମ୍ପାଦକୀୟ ଅଗ୍ରଲେଖା ଯାଞ୍ଚ କରୁଥିଲେ । ତାଙ୍କ ମନ୍ତ୍ରିତ୍ୱର କାର୍ଯ୍ୟ-ସୂଚୀ ସତ୍ତ୍ୱେ ପୂର୍ବାହ୍ଣ ୧୧ଟା ମୋ ପାଇଁ ନିର୍ଦ୍ଦିଷ୍ଟ ଥିଲା । ଥରେ ଗୋଦାବରୀଶ ଗସ୍ତରେ ଥିଲା ବେଳେ ମୁଁ ଗୋଟିଏ ଅଗ୍ରଲେଖା ପ୍ରକାଶ କଲି । ବିଷୟ ଥିଲା ସିନ୍ଧୁ ପ୍ରଦେଶର ପ୍ରଧାନମନ୍ତ୍ରୀ ଖାଁ ବାହାଦୁର ଆଲ୍ଲାବକ୍ସଙ୍କ 'ଖାଁ ବାହାଦୁର' ପଦତ୍ୟାଗ । ମୁଁ ଲେଖିଲି ଯେ 'ଭାରତଛାଡ଼' ଆନ୍ଦୋଳନରେ ସରକାରୀ ଦମନଲୀଳା ବିରୋଧରେ ପ୍ରତିବାଦ କରି ଖାଁ ବାହାଦୁର ପଦତ୍ୟାଗ କରିବା ଲୋକଦେଖାଣିଆ କାର୍ଯ୍ୟ । ମୁଖ୍ୟମନ୍ତ୍ରୀତ୍ୱ ତ୍ୟାଗ କରିଥିଲେ ସେଥିରୁ ଦେଶପ୍ରୀତିର ପ୍ରମାଣ ମିଳିଥାନ୍ତା । ଦିଲ୍ଲୀରେ ଏହି ଅଗ୍ରଲେଖାକୁ ପଢ଼ି ନୀଳକଣ୍ଠ ସ୍ୱଭାବସୁଲଭ ଭାବରେ ଅଗ୍ନିଶର୍ମା ହୋଇ ମୋତେ ଟେଲିଫୋନରେ ତାଗିଦ୍ କରି କହିଲେ, "ଯୁଦ୍ଧବେଳେ ସରକାରୀ କଳକୁ ମାନ୍ଦା କରିବା ଆମର ଲକ୍ଷ୍ୟ । ତେଣୁ ଅଲ୍ଲା-ବକ୍ସଙ୍କୁ ମୁଖ୍ୟମନ୍ତ୍ରୀତ୍ୱ ତ୍ୟାଗ କରିବା ଲାଗି ନିର୍ଦ୍ଦେଶ ଦେବା ଆମର ନୀତି ହୋଇ ନ ପାରେ । ପୁନଶ୍ଚ ଇଂରେଜ ଶାସନରେ ଜଣେ ମୁଖ୍ୟମନ୍ତ୍ରୀ ଥାଇ ସୁଦ୍ଧା 'ଖାଁ ବାହାଦୁର' ପଦତ୍ୟାଗ କରିବା କମ୍ ସାହସିକ ପଦକ୍ଷେପ ନୁହେଁ । ତେଣୁ ତୁମେ ତାଙ୍କୁ ପ୍ରଶଂସା ନ କରି ସମାଲୋଚନା କଲ କାହିଁକି ?" ଗୋଦାବରୀଶଙ୍କୁ ମଧ୍ୟ ସେଭଳି ତାଗିଦ୍ ମିଳିଥିଲା । ଆଉ ଥରେ ନୀଳକଣ୍ଠ ଅଳ୍ପ ଦିନ ପାଇଁ କଟକ ଆସି ପ୍ରମାଣ ପାଇଲେ ଯେ, କେତେଜଣ କଂଗ୍ରେସୀ ନେତା ଓଡ଼ିଶାରେ ଧ୍ୱଂସଲୀଳାର ପକ୍ଷପାତିତା କରୁଛନ୍ତି । ରାତି ଦଶଟା ବେଳେ ନିଦରୁ ଉଠି ମୋତେ ଡାକ ପକାଇଲେ ଏବଂ କହିଲେ, "ମୋର ଗୋଟାଏ ଭାବନା ଆସିଛି, କାଗଜ ଧରି ଲେଖିବସ ।" ସେତେ-ବେଳେ ପୁରୀର ଓକିଲ ଜଗବନ୍ଧୁ ସିଂହ ଓଡ଼ିଶା କଂଗ୍ରେସର ଡିକ୍ଟେଟର ଥାଆନ୍ତି । ଅଗ୍ରଲେଖାର ଶିରୋନାମା ହେଲା, 'ଜଗବନ୍ଧୁ ସିଂହେ ଉତ୍ତର ଦିଅନ୍ତୁ ।" ରାତ୍ରିର ଏପରି ଅଭାବନୀୟ ମୁହୂର୍ତ୍ତରେ ତାଙ୍କର ସାମ୍ବାଦିକତା ପ୍ରତି ଯେଉଁ ନିଷ୍ଠା ପ୍ରକାଶ ପାଇଥିଲା, ତାହା କ୍ୱଚିତ୍ ଦୃଷ୍ଟିଗୋଚର ହୁଏ । ଏକଥା ମାତୃଭୂମିର ବର୍ତ୍ତମାନ ସମ୍ପାଦକ ଶ୍ରୀ ଗୌର ଚନ୍ଦ୍ର ରାଉତ ଓ ତାଙ୍କ ବ୍ୟକ୍ତିଗତ ସହକାରୀ ପୁରୀର ସ୍ୱର୍ଗତ ହରିଚରଣ ମହାନ୍ତିଙ୍କ ପୁତ୍ର ଜାନକୀବଲ୍ଲଭ ମହାନ୍ତି ପ୍ରମାଣ କରିପାରିବେ ।

୧୯୪୨ ଆନ୍ଦୋଳନବେଳେ 'ସମାଜ' ବିଶେଷ ଅତ୍ୟାଚାରିତ ହୋଇଥିଲା । ପଣ୍ଡିତ ଲିଙ୍ଗରାଜ କାରାରୁଦ୍ଧ ହୋଇ ସାରିଥିଲେ । ତାଙ୍କ ପରେ ପରେ ଶ୍ରୀଯୁକ୍ତ ରାଧାନାଥ ରଥ

Digitized by srujanika@gmail.com



ପଣ୍ଡିତ ନୀଳକଂଠଙ୍କ ୯୫ ତମ ଜୟନ୍ତୀ ଉପଲକ୍ଷେ ଅନୁଷ୍ଠିତ ଶ୍ରାଦ୍ଧ ସଭାରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ନୀଳକଂଠ ସିନଦ୍ଧର ଫେଲୋସିପ୍ ପଦ ସୃଷ୍ଟି କରିବାଲାଗି ସ୍ମୃତି ସମିତି ତରଫରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ ୭୨ ହଜାର ଟଙ୍କାର ଚେକ୍‌ଟି ବିଶ୍ୱବିଦ୍ୟାଳୟର କୁଳପତି ଡଃ ବିଦ୍ୟାଧର ମିଶ୍ରଙ୍କୁ ଅର୍ପଣ କରୁଛନ୍ତି । ପାଖରେ 'ସମାଜ' ସମ୍ପାଦକ ଡଃ ରାଧାନାଥ ରଥ ଓ ସ୍ମୃତି ସମିତି ସମ୍ପାଦକ ଇଂ : ମଧୁସୂଦନ ଦାସ । ତା ୫।୮।୧୯୭୯

Digitized by srujanika@gmail.com

ଓ ଶ୍ରୀଯୁକ୍ତ ଉଦୟନାଥ ଷଡ଼ଙ୍ଗୀ କାରାବରଣ କଲେ । ସେତେବେଳେ କିଛି ଦିନ ପାଇଁ ବନ୍ଧୁ ସାମ୍ବାଦିକ ରାମଚନ୍ଦ୍ର ଦାସ 'ସମାଜ'ର ସମ୍ପାଦକ ହେଲେ । ଶେଷକୁ 'ସମାଜ' ପ୍ରାୟ ଚାରି ମାସ କାଳ ବନ୍ଦ ହୋଇଗଲା । ନୀଳକଣ୍ଠ 'ସମାଜ'କୁ 'ନବଭାରତ'ର ଜ୍ୟେଷ୍ଠଭ୍ରାତା ରୂପେ ବିବେଚନା କରୁଥିଲେ । ତେଣୁ ତାଙ୍କ ନିର୍ଦ୍ଦେଶ ଥିଲା ଯେ, 'ସମାଜ' ପ୍ରକାଶିତ ହେଉଥିଲେ ଯେଉଁସବୁ ସମ୍ବାଦ ପରିବେଷଣ କରୁଥାନ୍ତା ଓ ଯେଉଁ ଯେଉଁ ଅଞ୍ଚଳ ପ୍ରତି ଗୁରୁତ୍ୱ ଦେଉଥାନ୍ତା, ତାହାକୁ ସ୍ମରଣ ରଖି ସମ୍ବାଦ ପରିବେଷଣ କରିବାକୁ ହେବ । କଟକ ମେଡ଼ିକାଲ ସ୍କୁଲ ହାସପାତାଳରେ ଶ୍ରୀଯୁକ୍ତ ରାଧାନାଥ ରଥଙ୍କ ଜ୍ୟେଷ୍ଠପୁତ୍ର ପୀଡ଼ିତ ଥିବା ଅବସ୍ଥାରେ ତାଙ୍କୁ ଗିରଫ କରାହୋଇଥିଲା । ଏଭଳି କାର୍ଯ୍ୟ-ପ୍ରଣାଳୀ ବିରୋଧରେ ସେ ଯେ ନିଜେ ଡାକ ସମ୍ବାଦ ପ୍ରକାଶ କରାଇଥିଲେ, ସେତିକି ନୁହେଁ, ପୋଲିସର ଏତାଦୃଶ କାର୍ଯ୍ୟବିଧି ବିରୋଧରେ ଗୃହମନ୍ତ୍ରୀ ଗୋଦାବରୀଶଙ୍କୁ ସତର୍କ କରି ଦେଇଥିଲେ । ତାଙ୍କ ନିଜ କହିବାନୁସାରେ 'ସମାଜ' ଓ 'ନବଭାରତ' ଗୋଟିଏ ବୃନ୍ତର ଦୁଇଟି ପୁଷ୍ପ; ଯେହେତୁ ତାଙ୍କ ଦୀକ୍ଷାଗୁରୁ ଗୋପବନ୍ଧୁ 'ସମାଜ'ର ପ୍ରତିଷ୍ଠାତା । ତେଣୁ ପଣ୍ଡିତ ନୀଳକଣ୍ଠ କେବଳ ଯେ ନିଜେ ସାମ୍ବାଦିକ ଥିଲେ, ତାହା ନୁହେଁ, ତାଙ୍କ ସାମ୍ବାଦିକ ବନ୍ଧୁମାନଙ୍କ ପ୍ରତି ମଧ୍ୟ ସହାନୁଭୂତିଶୀଳ ଥିଲେ ।

ଯେ କୌଣସି ଦୈନିକ ସମ୍ବାଦପତ୍ରର ସମ୍ପାଦକ ଜାଣନ୍ତି, ବିଜ୍ଞାପନହିଁ ଦୈନିକ ପତ୍ରିକାର ମୁଖ୍ୟ ଆୟ । କେବଳ ଗ୍ରାହକମାନଙ୍କଠାରୁ ଆୟ କରି କୌଣସି ଦୈନିକ ପତ୍ରିକା ଆତ୍ମନିର୍ଭରଶୀଳ ହୋଇପାରିବ ନାହିଁ । ୧୯୪୬ରେ 'ନବଭାରତ' ପ୍ରକାଶିତ ହେଉଥିବାବେଳେ ଲକ୍ଷ୍ୟ ଥିଲା, ସମ୍ବାଦ ପରିବେଷଣ ଓ ଲୋକମତ ଗଠନ । 'ସମାଜ' ବନ୍ଦ ହୋଇଯିବାରୁ ଅନ୍ୟ କୌଣସି ପ୍ରତିଦ୍ୱନ୍ଦ୍ୱୀ ସମ୍ବାଦପତ୍ର ମଧ୍ୟ ନ ଥିଲା । 'ନବଭାରତ' ଥିଲା ସରକାରୀ ଦଳର ମୁଖପତ୍ର ଓ ଅପ୍ରତିଦ୍ୱନ୍ଦ୍ୱୀ ସମ୍ବାଦପତ୍ର । ଆମେ ଚେଷ୍ଟା କରିଥିଲେ ବିଜ୍ଞାପନରୁ ଯଥେଷ୍ଟ ଆୟ କରି ପାରିଥାନ୍ତୁ । କିନ୍ତୁ ପାଠକବର୍ଗଙ୍କ ସମ୍ବାଦ ଜିଜ୍ଞାସା ପୂର୍ଣ୍ଣ-ମାତ୍ରାରେ ପୂରଣ କରିବା ଉଦ୍ଦେଶ୍ୟରେ ନୀଳକଣ୍ଠ ବିଜ୍ଞାପନ ଲାଗି ବେଶୀ ସ୍ଥାନ ଦେବାକୁ ବାରଣ କରିଥିଲେ । ସରକାରୀ କର୍ମଚାରୀ ଓ ମନ୍ତ୍ରୀମାନଙ୍କୁ ପ୍ରତ୍ୟେକ ଦୈନିକ କାଗଜ ବିନା ମୂଲ୍ୟରେ ଦିଆଯାଏ । ସେଥିପାଇଁ ସମ୍ବାଦପତ୍ରକୁ ସରକାରୀ ଦାନ ମିଳେ । ନୀଳ-କଣ୍ଠଙ୍କର ଅଭିପ୍ରାୟ ଥିଲା ଯେ, ଆମେ ବିଜ୍ଞାପନରୁ ଯେଉଁ ଆୟ କରିଥାନ୍ତୁ, ତାହା ସରକାରଙ୍କ ଅନ୍ୟଥା ଦାନସୂତ୍ରରେ ମିଳୁଥିବାରୁ ପୁନର୍ବାର ବିଜ୍ଞାପନରୁ ଆୟ କରିବା ଅନୈତିକତା ହେବ । ଫଳରେ ମିଳୁଥିବା ବିଜ୍ଞାପନକୁ ତ୍ୟାଗ କରିବାକୁ ପଡ଼ିଥିଲା ।

ଆଦର୍ଶବାଦୀ ଭାବରେ କୌଣସି ବ୍ୟବସାୟୀ ଅନୁଷ୍ଠାନ ଚଳେ ନାହିଁ । ତେଣୁ ନମାନ୍ୱସ୍ଥ କ୍ଷତିଗ୍ରସ୍ତ ହେବା ଫଳରେ ଦୈନିକ 'ନବଭାରତ' ବନ୍ଦ ହୋଇଗଲା । ସେତେ-ବେଳେ ନୀଳକଣ୍ଠଙ୍କୁ କଲମ ଚାଳନା କରିବା ଲାଗି ଅନ୍ୟ କୌଣସି ସୁବିଧା ନ ମିଳିବାରୁ ସେ ମାସିକ 'ନବଭାରତ' ପ୍ରକାଶନରେ ମନୋନିବେଶ କଲେ । ଓଡ଼ିଶାର ପ୍ରତ୍ୟେକ ବର୍ଷୀୟାନ ସାହିତ୍ୟିକ ଜାଣନ୍ତି ଯେ, ଯାହାଙ୍କ ଲେଖା 'ଉତ୍କଳ ସାହିତ୍ୟ'ର ପ୍ରଖ୍ୟାତ

Digitized by srujanika@gmail.com

ସମ୍ପାଦକ ବିଶ୍ୱନାଥ କରଙ୍କ ନାଲି ପେନ୍‌ସିଲ୍‌କୁ ଅତିକ୍ରମ କରି ପ୍ରକାଶିତ ହେଉଥିଲା, ସେ ସାହିତ୍ୟିକ ଶ୍ରେଣୀରେ ସ୍ଥାନ ପାଉଥିଲା । ସେତେବେଳେ ପ୍ରକାଶ ପାଉଥିବା 'ମୁକୁର'ର ସମ୍ପାଦକ ବ୍ରଜସୁନ୍ଦର ଦାସଙ୍କର ମଧ୍ୟ ଏଭଳି ସମ୍ପାଦକୀୟ ଖ୍ୟାତି ନଥିଲା । 'ଉତ୍କଳ ସାହିତ୍ୟ'ର ତିରୋଧାନ ପରେ 'ନବଭାରତ' ହେଲା ଗୋଟିଏ ଅଭିଜାତ ମାସିକ । ମାତ୍ର ନୀଳକଣ୍ଠ ଆଧୁନିକ କବିତାର ଘୋର ବିରୋଧୀ ଥିଲେ । ଉପଧା ମିଳନ କରି କେହି କବିତା ଲେଖିଲେ ସେ ସେଥିପ୍ରତି ଦୃଷ୍ଟି ନିକ୍ଷେପ ବି କରୁ ନ ଥିଲେ । ବିଶିଷ୍ଟ ସାହିତ୍ୟିକ ରୂପେ ବିବେଚିତ ଲେଖକବୃନ୍ଦ 'ନବଭାରତ' ଲାଗି ପ୍ରବନ୍ଧ ପଠାଇ ତାହା ପ୍ରକାଶିତ ହେବା ପର୍ଯ୍ୟନ୍ତ ଅଣନିଶ୍ୱାସୀ ହୋଇ ପ୍ରତୀକ୍ଷା କରୁଥିଲେ, କାରଣ ନୀଳକଣ୍ଠ ଲେଖା ଉପରେ ଗୁରୁତ୍ୱ ଦେଉଥିଲେ, ବେଳେ ବେଳେ ଲେଖକମାନଙ୍କୁ ମୁଦ୍ରଣାଳୟକୁ ନିମନ୍ତ୍ରଣ କରି ତାଙ୍କ ଲେଖାର ଦୋଷଗୁଣ ବିଷୟରେ ମିଠା କଡ଼ା ଶୁଣାଇ ଦେଉଥିଲେ । ବିଶ୍ୱନାଥ କରଙ୍କ ପରେ ସେ ଏକମାତ୍ର ସାହସୀ ସମ୍ପାଦକ ଥିଲେ, ଯେ କି ଆତ୍ମାଭିମାନୀ ଲେଖକମାନଙ୍କୁ ଶିକ୍ଷା ଦେଇପାରୁଥିଲେ । ତାଙ୍କ ବାର୍ଦ୍ଧକ୍ୟ ହେତୁ କାଳକ୍ରମେ ମାସିକ 'ନବଭାରତ' ମଧ୍ୟ ବନ୍ଦ ହୋଇଗଲା । ସେ କିଛି ବର୍ଷ ପରେ 'ନବଭାରତ'ର ନୂତନ ପ୍ରସ୍ଥ ଆରମ୍ଭ କରିଥିଲେ । ଉପଯୁକ୍ତ ଲେଖା ଅଭାବରୁ ସେ ତାହାର ପ୍ରକାଶନ ମଧ୍ୟ ବନ୍ଦ କରିଦେଲେ । ଏବେ ଏହି ସ୍ୱନାମଧନ୍ୟ ମାସିକ 'ନବଭାରତ' 'ସମାଜ'ର ରବିବାରିଆ ସଂସ୍କରଣର ସପ୍ତମ ପୃଷ୍ଠାରେ ଆବଦ୍ଧ ।

ନୀଳକଣ୍ଠଙ୍କ ପରି ଜଣେ ସୁସାହିତ୍ୟିକ ସାମ୍ବାଦିକତା କ୍ଷେତ୍ରରେ ଯେଉଁ ପରମ୍ପରା ସୃଷ୍ଟି କରିଥିଲେ, ଆଉ ତାହାର ପୁନରାବୃତ୍ତି ହେବାର ସମ୍ଭାବନା ନାହିଁ । ଆଧୁନିକ ଯୁଗରେ ଅନେକ ଲୋକଙ୍କ ଧାରଣା ଯେ କୌଣସି ଶିକ୍ଷାଗତ ଯୋଗ୍ୟତା ନଥାଇ ମଧ୍ୟ ଜଣେ ସାମ୍ବାଦିକ ହୋଇପାରେ । କେତେକ ସାମ୍ବାଦିକ ତାକୁ ଆଦର୍ଶରୂପେ ଗ୍ରହଣ ନ କରି ବ୍ୟବସାୟରେ ପରିଣତ କରିଛନ୍ତି । ନୀଳକଣ୍ଠ ଓ ତାଙ୍କ ପୂର୍ବସୂରି ଗୋପବନ୍ଧୁ, ସାମ୍ବାଦିକ ତାକୁ ଦେଶପ୍ରୀତିର ଅଭିବ୍ୟକ୍ତିରୂପେ ଗ୍ରହଣ କରିଥିଲେ । ତାଙ୍କ ଅମଳରେ ଦୈନିକ ପତ୍ରିକାରେ ମଧ୍ୟ ଅସଂସ୍କୃତ ଭାଷା ଓ ଅବିଶ୍ୱାସୀ ସମ୍ବାଦ ନିଷିଦ୍ଧ ଥିଲା । ସେହି ଉଚ୍ଚ ପରମ୍ପରାକୁ ସ୍ମରଣ କରି ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଦେବା ଯେ କୌଣସି ସାମୟିକ ତଥା ଧାରାବାହିକ ସାମ୍ବାଦିକର କର୍ତ୍ତବ୍ୟ ।

Digitized by srujanika@gmail.com

# ଯାହାଁଙ୍କ ପାଣ୍ଡିତ୍ୟର ପଟାନ୍ତର ନାହିଁ

ସମ୍ପାଦକୀୟ, ସପ୍ତାହାନ୍ତ ବିଶ୍ବର, 'ପ୍ରଜାତନ୍ତ୍ର'

ପଣ୍ଡିତ ନୀଳକଣ୍ଠ ଦାସଙ୍କ ଆଜି ସ୍ମାରକ ଦିବସ । ୧୮୮୩ ଖ୍ରୀଷ୍ଟାବ୍ଦରେ ସତ୍ୟବାଦୀ ନିକଟ ଶ୍ରୀରାମଚନ୍ଦ୍ରପୁର ଶାସନରେ ସେ ଭୂମିଷ୍ଠ ହୋଇଥିଲେ । ୮୨ ବର୍ଷ ବୟସରେ କର୍ମଭୂମି କଟକ ନଗରୀରେ ୧୯୬୭ରେ ଇହଲୀଳା ସମ୍ବରଣ କଲେ । ଆଧୁନିକ ଓଡ଼ିଶାରେ ଯେଉଁ କେତେଜଣ ବିଶିଷ୍ଟ ବ୍ୟକ୍ତି ଶିକ୍ଷା, ସଂସ୍କୃତି ଓ ରାଜନୀତି କ୍ଷେତ୍ରରେ ସ୍ଥାୟୀ ଆସନ ଗ୍ରହଣ କରି ସୁନାମଧନ୍ୟ ହୋଇଛନ୍ତି, ସେମାନଙ୍କ ମଧ୍ୟରେ ନୀଳକଣ୍ଠ ଅନ୍ୟତମ । ଅଭାବ ଅନାଟନ ଓ ଦାରିଦ୍ର୍ୟ ପରିବେଶରେ ତାଙ୍କର ବାଲ୍ୟଜୀବନ ଅତିବାହିତ ହୋଇଥିଲେ ସୁଦ୍ଧା ପ୍ରାରମ୍ଭରୁ ଅତ୍ୟନ୍ତ ମେଧାବୀ ଛାତ୍ରରୂପେ ପରିଚିତ ଥିଲେ । ପୁରୀ 'ପଞ୍ଚକୋଶୀ' ଅନ୍ତର୍ଗତ ବ୍ରାହ୍ମଣ ଶାସନଗୁଡ଼ିକ ଏକଦା ପାଣ୍ଡିତ୍ୟଚର୍ଚ୍ଚାର ପୀଠସ୍ଥଳୀ ବିବେଚିତ ହେଉଥିଲା ଉକ୍ତ ଷୋହଳଗୋଟି ଶାସନ ମଧ୍ୟରୁ ଅଧିକାଂଶ କୁଳୀନ ଶ୍ରେଣୀର ବ୍ରାହ୍ମଣ ଥିଲେ ଓ ପରମ୍ପରାରୁ ପ୍ରକାଶ ଯେ, ଓଡ଼ିଶାର ଗଜପତି ରାଜାଗଣ ସୁଦୂର କାନ୍ୟକୁବ୍ଜରୁ ଏମାନଙ୍କୁ ଆଣି ପୁରୀର ନିକଟବର୍ତ୍ତୀ ଅଞ୍ଚଳରେ ଅବସ୍ଥାପିତ କରାଇଥିଲେ । ଶାସ୍ତ୍ର ଓ ଧର୍ମଗ୍ରନ୍ଥ ଚର୍ଚ୍ଚା ଏମାନଙ୍କର ମୂଳଲକ୍ଷ୍ୟ ଥିଲା । ଗଜପତିଙ୍କ ଅନୁକରଣରେ ଓଡ଼ିଶାର ଅନ୍ୟାନ୍ୟ ରାଜନ୍ୟବର୍ଗ ମଧ୍ୟ ବ୍ରାହ୍ମଣ ଶାସନଗୁଡ଼ିକର ବସତି ବ୍ୟବସ୍ଥା ହୋଇଥିଲା । ଏମାନେ ପ୍ରତ୍ୟେକେ ରାଜାଙ୍କ ଯୋଗୁ ନିଷ୍କର ଭୂସମ୍ପତ୍ତିର ଅଧିକାରୀ ହୋଇଥିବାରୁ ଆର୍ଥିକ ଚିନ୍ତାରୁ ମୁକ୍ତ ରହୁଥିଲେ ।

× × ×

ଶ୍ରୀରାମଚନ୍ଦ୍ରପୁର ଏହିଭଳି ଏକ ବ୍ରାହ୍ମଣଶାସନ । କିନ୍ତୁ କାଳକ୍ରମେ ମିତବ୍ୟୟିତା ପ୍ରତି ଦୃଷ୍ଟି ନ ଦେଇ ଅଧିକାଂଶ ନିଜ ନିଜ ସମ୍ପତ୍ତି ହରାଇଥିଲେ । ଏହା ସତ୍ତ୍ବେ ସେମାନଙ୍କ ମଧ୍ୟରୁ ଏଭଳି ବହୁବ୍ୟକ୍ତି ଅଭାବସତ୍ତ୍ବେ ପାଣ୍ଡିତ୍ୟରେ ଚରମ ଉତ୍କର୍ଷ ଲାଭ କରିବାକୁ ସମର୍ଥ ହୋଇଥିଲେ । ପଣ୍ଡିତ ନୀଳକଣ୍ଠ ସେମାନଙ୍କ ମଧ୍ୟରେ ଅନ୍ୟତମ ।

× × ×

ନୀଳକଣ୍ଠଙ୍କ ବିଶେଷତ୍ବ, ସେ କେବଳ ଭାଷା ଓ ସାହିତ୍ୟ ନୁହେଁ ଦର୍ଶନ, ଇତିହାସ, ରାଜନୀତି ଆଦି ସବୁ କ୍ଷେତ୍ରରେ ବ୍ୟୁତ୍ପତ୍ତି ଲାଭ କରିପାରିଥିଲେ । କଲିକତା ବିଶ୍ବବିଦ୍ୟାଳୟରୁ ସର୍ବୋଚ୍ଚ ଉପାଧି ଅର୍ଜନ କରିବା ପରେ ହୁଏତ ସେ ସରକାରୀ ଚାକିରୀଜୀବୀ ହୋଇ ରହିଯାଇଥାନ୍ତେ । କିନ୍ତୁ ପଣ୍ଡିତ ଗୋପବନ୍ଧୁଙ୍କ ପ୍ରେରଣା ତାଙ୍କୁ ସରକାରୀ ଆଡ଼କୁ ମନ ନଦେଇ ଦେଶସେବାକୁହିଁ ବ୍ରତରୂପେ ଗ୍ରହଣ କରିଥିଲା । ଗୋପବନ୍ଧୁଙ୍କ ଶୁଆଣ୍ଡୋ ଗ୍ରାମରେ ସ୍ବର୍ଗବୀ କୁଳରେ ନୀଳକଣ୍ଠ, ଗୋଦାବରୀଶ, କୃପାସିନ୍ଧୁ, ହରିହର ପ୍ରମୁଖ ସେବାବ୍ରତୀ ଯୁବକଗଣ ଜୀବନରେ

Digitized by srujanika@gmail.com

କସ୍ମିନ୍‌କାଳେ ଚାକିରି ଗ୍ରହଣ ନ କରିବା ପାଇଁ ପ୍ରତିଜ୍ଞା କରିଥିଲେ । ଗୋପବନ୍ଧୁଙ୍କ ଉଦ୍ୟମରେ ଏହା ସମ୍ଭବ ହୋଇଥିଲା । ସତ୍ୟବାଦୀ ବନବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଦ ଗ୍ରହଣଠାରୁ ନୀଳକଣ୍ଠ ଅନ୍ୟ ଚାକିରି ପ୍ରତି ଆକୃଷ୍ଟ ନ ହୋଇ ଦେଶସେବାରେ ସଂପୃକ୍ତ ରହିଥିଲେ ।

× × ×

ସତ୍ୟବାଦୀ ବନବିଦ୍ୟାଳୟରେ ଜାତୀୟ ଶିକ୍ଷା ପ୍ରଚାର ସଙ୍ଗେ ସଙ୍ଗେ ସାମାଜିକ କୁସଂସ୍କାର ବିରୁଦ୍ଧରେ ନୀଳକଣ୍ଠ ତଥା ତାଙ୍କର ଅଭିନ୍ନ ହୃଦୟବନ୍ଧୁ ଗୋଦାବରୀଶଙ୍କ ଉଦ୍ୟମରେ ଅଭିଯାନ ଆରମ୍ଭ ହୋଇଥିଲା । ଉତ୍କଳୀୟ ବ୍ରାହ୍ମଣଗୋଷ୍ଠୀଙ୍କ ଭିତରେ ନିଶ ରଖିବା ଆପତ୍ତିଜନକ ଥିଲା । ନୀଳକଣ୍ଠ ଓ ଗୋଦାବରୀଶ ପ୍ରଥମେ ଏହାର ବିରୁଦ୍ଧାଚରଣ କରିଥିଲେ । ସାମାଜିକ କୁପ୍ରଥା ବିରୁଦ୍ଧରେ ଏହା ହେଉଛି ସେମାନଙ୍କର ପ୍ରଥମ ବିଦ୍ରୋହ । ପରେ ଗୋଦାବରୀଶ ଯଜ୍ଞୋପବୀତ ଗ୍ରହଣକୁ ମଧ୍ୟ ପ୍ରତ୍ୟାଖ୍ୟାନ କରିଥିଲେ ।

× × ×

ସ୍ୱାଧୀନତା ସଂଗ୍ରାମ ଆରମ୍ଭ ପରେ ଗୋପବନ୍ଧୁଙ୍କ ନେତୃତ୍ୱରେ ନୀଳକଣ୍ଠ ଏଥିରେ ପ୍ରାରମ୍ଭରୁ ଝାସ ଦେଇଥିଲେ । କ୍ରମଶଃ ସେ ଓଡ଼ିଶାରେ ସ୍ୱାଧୀନତା ଆନ୍ଦୋଳନର ଅନ୍ୟତମ ମୁଖ୍ୟ ନେତା ଥିଲେ । କିନ୍ତୁ ଗାନ୍ଧିଜୀଙ୍କ ପ୍ରତି ନୀଳକଣ୍ଠଙ୍କର ନୀତିଗତ ଐକ୍ୟ ନ ଥିଲା । ଏ କ୍ଷେତ୍ରରେ ଲୋକମାନ୍ୟ ତିଳକ, ଲାଲା ଲଜପତରାୟ, ସୁଭାଷଚନ୍ଦ୍ର ପ୍ରମୁଖଙ୍କ ସହିତ ତାଙ୍କର ରାଜନୈତିକ ଆଦର୍ଶ ଅଭିନ୍ନ ନ ଥିଲା । ତେଣୁ ପଣ୍ଡିତ ନୀଳକଣ୍ଠ ଗାନ୍ଧିଜୀଙ୍କ ଆଦର୍ଶ ଓ କର୍ମପନ୍ଥା ସହିତ ସବୁ ସମୟରେ ଏକମତ ହୋଇପାରୁ ନ ଥିଲେ ।

× × ×

ରାଜନୀତି କ୍ଷେତ୍ରରେ ନୀଳକଣ୍ଠ ଯେଉଁଭଳି ସ୍ୱାଧୀନଚେତା ଥିଲେ ଧର୍ମ ଓ ସଂସ୍କୃତି କ୍ଷେତ୍ରରେ ମଧ୍ୟ ଗଡ୍ଡାଳିକା ପ୍ରବାହକୁ ସେ ଆଦୌ ସମର୍ଥନ କରୁ ନ ଥିଲେ । ବିଭିନ୍ନ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଦର୍ଶନରେ ତାଙ୍କର ଗଭୀର ଅଧ୍ୟୟନ ଥିଲା । ନୀଳକଣ୍ଠଙ୍କ ଲିଖିତ 'ଭଗବଦ୍‌ଗୀତା'ର ମୁଖବନ୍ଧ ଏକ ଅସାଧାରଣ ପାଣ୍ଡିତ୍ୟପୂର୍ଣ୍ଣ ଗ୍ରନ୍ଥ । ତିଳକ ମହାରାଜଙ୍କ 'ଗୀତାରହସ୍ୟ' ଏହାର ସମକକ୍ଷ ବିବେଚିତ ହୁଏ ।

× × ×

ଓଡ଼ିଆ ସାହିତ୍ୟରେ ନୀଳକଣ୍ଠଙ୍କ 'କୋଣାର୍କେ', 'ଖାରବେଳ', 'ଆର୍ଯ୍ୟଜୀବନ', 'ଓଡ଼ିଆ ସାହିତ୍ୟର କ୍ରମପରିଣାମ' ପ୍ରଭୃତି ଉଚ୍ଚକୋଟୀର କାବ୍ୟ-କବିତା ରଚନା କରି ଯାଇଛନ୍ତି ଓ ସେହିଭଳି 'ଦାସ ନାଏକେ', 'ପିଲାଙ୍କ ମହାଭାରତ', ପିଲାଙ୍କ ରାମାୟଣ' ଶ୍ରେଣୀର ଉତ୍କୃଷ୍ଟ ଶିଶୁ-ସାହିତ୍ୟ ରଚନାରେ ମଧ୍ୟ ନୈପୁଣ୍ୟ ଅର୍ଜନ କରିଛନ୍ତି । ତାଙ୍କ ସମ୍ପାଦିତ 'ନବଭାରତ' ମାସିକ ପତ୍ର ଓଡ଼ିଆ ସାହିତ୍ୟର ଅନ୍ୟତମ ଶ୍ରେଷ୍ଠ ସମ୍ପଦ ବିବେଚିତ ହେଉଥିଲା । ବାସ୍ତବରେ କହିବାକୁ ଗଲେ ରାଜନୀତିଜ୍ଞ ନୀଳକଣ୍ଠ ହୁଏତ ସାଧାରଣରେ ବିସ୍ମୃତ ହୋଇପାରନ୍ତି, କିନ୍ତୁ ସାହିତ୍ୟିକ ଓ ଦାର୍ଶନିକ ନୀଳକଣ୍ଠଙ୍କର ପାଣ୍ଡିତ୍ୟର ପଟାନ୍ତର ନାହିଁ ।

———

Digitized by srujanika@gmail.com

# ଓଡ଼ିଆ ସାହିତ୍ୟର ଏମ୍ପି

ଅଧ୍ୟାପକ ଶ୍ରୀ ଗୌରୀକୁମାର ବ୍ରହ୍ମା

ପଣ୍ଡିତ ନୀଳକଣ୍ଠ, ପଣ୍ଡିତ ଗୋଦାବରୀଶ ଓ ଅଧ୍ୟାପକ ଆର୍ତ୍ତବଲ୍ଲଭ ଓଡ଼ିଆ ସାହିତ୍ୟର ଏହି ତ୍ରୟୋଜ୍ୟେଷ୍ଠ ଓ ଜ୍ଞାନଗରିଷ୍ଠ ତିନି ଜଣ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଜୀବନବ୍ୟାପୀ ସାର୍ଥକ ଶ୍ରମର ଫଳସ୍ୱରୂପ ଡ଼. ଲିଟ୍. ଉପାଧି ଲାଭ କରୁଅଛନ୍ତି । ଉତ୍କଳ ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷ ବାସ୍ତବରେ ଦେଶବାସୀଙ୍କର ଗଭୀର ଶ୍ରଦ୍ଧା ଓ ଅଭିନନ୍ଦନର ଭାଜନ ଏହି ସାଧକ ତ୍ରିତୟ ଓଡ଼ିଆ ସାହିତ୍ୟରେ ତିନୋଟି ଅଭିମୁଖ୍ୟର ଦ୍ରଷ୍ଟା ଅଭିହିତ କହିଲେ ବୋଧହୁଏ ଅତ୍ୟୁକ୍ତି ହେବ ନାହିଁ ।

ପଣ୍ଡିତ ନୀଳକଣ୍ଠ କେବଳ ଯେ ଓଡ଼ିଶାର ଚଳନ୍ତି 'ବିଶ୍ୱକୋଷ', ଉପାଧିପ୍ରାପ୍ତ ନ ହୋଇଥିଲେ ମଧ୍ୟ ସେ ଯେ ବାସ୍ତବରେ କେବଳ 'ପ୍ରାଚ୍ୟ ବିଦ୍ୟା ମହାର୍ଣ୍ଣବ' ତାହା ନୁହେଁ—ଏକାଧାରରେ ସେ ଦେଶପ୍ରେମୀ, କବି, ସୁଦକ୍ଷ ଅନୁବାଦକ, ସୁଯୋଗ୍ୟ ଟୀକାକାର, ପ୍ରବୀଣ ଦାର୍ଶନିକ, ଧୁରୀଣ ଭାଷାତତ୍ତ୍ୱବିତ୍ ଏବଂ ସିଦ୍ଧହସ୍ତ ସମାଲୋଚକ । ତାଙ୍କର ଯୌବନରେ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରେରଣା ଲାଭ କରି ସତ୍ୟବାଦୀର ବକୁଳବନର ମଧୁମୟ ବାତାବରଣ ମଧ୍ୟରେ ସେ ଆରମ୍ଭ କରିଥିଲେ ସାହିତ୍ୟ-ସାଧନା । ନିଜର ଶ୍ରେଷ୍ଠ କାବ୍ୟ 'କୋଣାର୍କ'ର ଦ୍ୱିତୀୟ ସଂସ୍କରଣର ମୁଖବନ୍ଧରେ ସତ୍ୟବାଦୀର ସାଧନାସ୍ମୃତି ସେ ଲିପିବଦ୍ଧ କରିଅଛନ୍ତି । ତହିଁରୁ ଜଣାଯାଏ ଯେ, ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରବର୍ତ୍ତକ କବିବର ରାଧାନାଥଙ୍କର ସେ ଅନୁପାସକ ନ ଥିଲେ ମଧ୍ୟ ଅନ୍ଧ ଅନୁକରଣପୂର୍ଣ୍ଣ ରାଧାନାଥୀ ସାହିତ୍ୟର କଳଙ୍କକାଳିମାରୁ ଉତ୍କଳ ଭାରତୀଙ୍କୁ ମୁକ୍ତ କରିବା ପାଇଁ ସେ ସିଂହ ଗର୍ଜନରେ ଲେଖନୀ ଚାଳନା ଆରମ୍ଭ କରିଥିଲେ । ବହୁ ଗ୍ରନ୍ଥର ପ୍ରଣେତା ପଣ୍ଡିତ ନୀଳକଣ୍ଠ ଓଡ଼ିଆ ସାହିତ୍ୟରେ ତିନୋଟି ନୂତନ ଅଭିମୁଖ୍ୟ ଖୋଲି ଦେଇଅଛନ୍ତି । ଗୋଟିଏ କାବ୍ୟ ରାଜ୍ୟରେ, ଦ୍ୱିତୀୟଟି ଦର୍ଶନ ସାହିତ୍ୟରେ ଓ ତୃତୀୟଟି ସମାଲୋଚନା କ୍ଷେତ୍ରରେ । ଏହି ଅଭିମୁଖ୍ୟ ତ୍ରିତୟର ଶ୍ରେଷ୍ଠ ଦୃଷ୍ଟାନ୍ତ ହେଉଛି—(କ) କୋଣାର୍କ କାବ୍ୟ, (ଖ) ଗୀତା ଭୂମିକା ଓ (ଗ) ଓଡ଼ିଆ ସାହିତ୍ୟର କ୍ରମପରିଣାମ ।

'କୋଣାର୍କ' ଓଡ଼ିଆ ସାହିତ୍ୟ ଭଣ୍ଡାରର ଅନ୍ୟତମ ସମୁଜ୍ଜ୍ୱଳ କାବ୍ୟରତ୍ନ । ଏଥିରେ ଶତ ଶତ ବର୍ଷବ୍ୟାପୀ ଓଡ଼ିଆର ସାଧନା, ସୃଷ୍ଟି ଚିନ୍ତା, ରଣନୈପୁଣ୍ୟ, ଶାସନ-ଶୃଙ୍ଖଳା, ବୀରତ୍ୱବୈଭବ, କଳା କୌଶଳ ପ୍ରଭୃତି ବିଚିତ୍ର ଭାବରେ ମୂର୍ତ୍ତିମନ୍ତ । ରାଧାନାଥ କାଳୀୟ-ଯୁଗର ବିଶିଷ୍ଟ ପ୍ରବର୍ତ୍ତକ ହୋଇପାରନ୍ତି (ଆଦି ପ୍ରବର୍ତ୍ତକ ନୁହନ୍ତି), କିନ୍ତୁ ନୀଳକଣ୍ଠଙ୍କ ଲେଖନୀରେ ଯେଉଁ ନିଷ୍କଳଙ୍କ ଜାତୀୟ ଚିତ୍ର ଫୁଟି ଉଠିଲା, ତାହା ରାଧାନାଥଙ୍କର ଗୌରବ ଗଗନର ଧୂମକେତୁରୂପେ ପାଠକ ସାଧାରଣରେ ପରିଗୃହୀତ ହେଲା । ରାଧାନାଥ କେବଳ ତାଙ୍କ ସ୍ତାବକ ମଣ୍ଡଳୀର ଉପାସ୍ୟ ନୁହନ୍ତି; ନିନ୍ଦକବୃନ୍ଦର ମଧ୍ୟ ସ୍ଥଳବିଶେଷରେ ଭକ୍ତିଭାଜନ, ଶ୍ରଦ୍ଧା ସମ୍ମାନ, ଆଦର ଓ ଅନୁରାଗର ପାତ୍ର । ତଥାପି ରାଧାନାଥଙ୍କ ବିରୁଦ୍ଧରେ ନିର୍ଭୀକ ମତ ପ୍ରକାଶ କରିବାରେ ନୀଳକଣ୍ଠଙ୍କର ଆସନ ହିଁ ସର୍ବାଗ୍ରେ ପ୍ରତିଷ୍ଠିତ । ରାଧାନାଥଙ୍କର ବିକୃତ ମୌଳିକତା, ଅନ୍ଧ ଅନୁକରଣପ୍ରିୟତା ବଙ୍ଗସାହିତ୍ୟର ଅନୁବର୍ତ୍ତିତାରେ 'ଦୈମାତୃକ ମେଳବିଶିଷ୍ଟ' ଉପଧାର ପ୍ରବର୍ତ୍ତନ, ଉତ୍କଳୀୟ ଜାତୀୟ ଇତିହାସରୁ କଳଙ୍କପଙ୍କଲିପ୍ତ ଉପାଦାନରେ କାବ୍ୟର ପରିପୂରଣ-ନୀଳକଣ୍ଠ ବଜ୍ରଗମ୍ଭୀର ସ୍ୱରରେ ଏ ସମସ୍ତର ମାରାତ୍ମକତା, ଅମୂଳକତା ଓ ଅଯୌକ୍ତିକତା ପ୍ରତିପାଦନ କରି 'କୋଣାର୍କ' କାବ୍ୟରେ

Digitized by srujanika@gmail.com

ଶିଳାନ୍ୟାସ କରିଥିଲେ । ବାସ୍ତବରେ ଓଡ଼ିଶାର ସାଂସ୍କୃତିକ, ସାହିତ୍ୟିକ ଓ ଛନ୍ଦଗତ ଆଲୋଚନାରେ ନୀଳକଣ୍ଠଙ୍କର କୃତିତ୍ୱ ଏବଂ କାବ୍ୟଚର୍ଣ୍ଣିକ ଯେପରି ଅପରିହାର୍ଯ୍ୟ, ସେହିପରି ଅଭିନନ୍ଦନୀୟ ।

କିନ୍ତୁ ନୀଳକଣ୍ଠଙ୍କର କୃତିତ୍ୱ ଏହି 'କୋଣାର୍କ' ବ୍ୟତୀତ 'ଖାରବେଳ', 'ପ୍ରଣୟିନୀ', 'ଦାସନାଏକ', 'ଭକ୍ତଗାଥା' ପ୍ରଭୃତି କାବ୍ୟକବିତାରେ ମଧ୍ୟ ନିବଦ୍ଧ ହୋଇ ନାହିଁ । ମାତୃଭୂମିର ମୁକ୍ତି କାମନାରେ ଜାତୀୟ ଆନ୍ଦୋଳନରେ ଯୋଗ ଦେଇ ସେ ଯେତେବେଳେ ପ୍ରାୟ ୨୫ ବର୍ଷ ତଳେ କାରାବରଣ କରିଥିଲେ, ସେହି ସମୟରେ ତାଙ୍କର ଅନ୍ତର୍ମୁଖୀ ଚିତ୍ତବୃତ୍ତି ମାତୃଭୂମିର ଅତୀତ ସାରସ୍ୱତ ସମ୍ପତ୍ତି ପ୍ରତି ସମ୍ପ୍ରସାରିତ ହୋଇଥିଲା । 'ପ୍ରସ୍ଥାନ ତ୍ରୟୀର ଶେଷ ଓ ଶ୍ରେଷ୍ଠ ଗ୍ରନ୍ଥ ଭଗବଦ୍‌ଗୀତାର ବିଭିନ୍ନ ଭାଷ୍ୟ ଅନ୍ୱେଷଣ କରି ଦେଶବାସୀଙ୍କୁ ତାହାର "ମହତ୍ତ୍ୱ-ଅମୃତ" ରସ ଆସ୍ୱାଦନ କରାଇବା ପାଇଁ ସେ ଉଦ୍ୟତ ହୋଇଥିଲେ । କିନ୍ତୁ କୌଣସି ସାମ୍ପ୍ରଦାୟିକ ପରମ୍ପରାର ଅନୁବର୍ତ୍ତନରେ ସେ ନିଜର ସ୍ୱତନ୍ତ୍ର ମୌଳିକତା ନଷ୍ଟ କରିଦେଇ ନାହାନ୍ତି । ପ୍ରାୟ ଦ୍ୱିଶତ ପୃଷ୍ଠାବ୍ୟାପୀ ସୁଦୀର୍ଘ ଗୀତା ଭୂମିକା ଓଡ଼ିଆ ଗଦ୍ୟ-ସାହିତ୍ୟର ଓ ଦର୍ଶନସାହିତ୍ୟର ବରେଣ୍ୟ ସମ୍ପଦ । ଲୋକମାନ୍ୟ ତିଳକଙ୍କର ଗୀତା ତତ୍ତ୍ୱ ଭାରତୀୟ ବିଭିନ୍ନ ଭାଷାରେ ଅନୂଦିତ ହୋଇ ଅଶେଷ ଗୌରବର ଅଧିକାରୀ ହେଲା ପରି ପଣ୍ଡିତ ନୀଳକଣ୍ଠଙ୍କ ଗୀତା ଭୂମିକା ଭାଷାନ୍ତରିତ ହେଲେ ଅବଶ୍ୟ ସେ ଓଡ଼ିଆ ସାହିତ୍ୟର ଅଶେଷ ଗୌରବ ବର୍ଦ୍ଧିତ ହେବ, ଏଥିରେ ସନ୍ଦେହର ଅବକାଶ ନାହିଁ । ସେହି ଗୀତା ଭୂମିକାର ତଥ୍ୟରାଜି, 'ବିଶ୍ୱଭାରତୀ'ର ବିଶିଷ୍ଟ ପଣ୍ଡିତମଣ୍ଡଳୀରେ ପ୍ରକାଶ କରି କିଛି ଦିନ ତଳେ ପଣ୍ଡିତ ନୀଳକଣ୍ଠ କିପରି ଅଭ୍ୟର୍ଥିତ ଓ ସମ୍ମାନିତ ହୋଇଥିଲେ, ତାହା ହୁଏତ ଅନେକେ ଜାଣିଥିବେ ।

"ଓଡ଼ିଆ ସାହିତ୍ୟର କ୍ରମ ପରିଣାମ" ଓଡ଼ିଆ ସାହିତ୍ୟର ଗୋଟିଏ ଅଭିନବ ସମ୍ପଦ । ପଣ୍ଡିତ ନୀଳକଣ୍ଠଙ୍କ ସଙ୍ଗେ ତାଙ୍କର ବହୁ ପାଠକ ହୁଏତ ସମସ୍ତରରେ କ୍ରମପରିଣାମର ତଥ୍ୟଗୁଡ଼ିକୁ ଗ୍ରହଣ କରି ନ ପାରନ୍ତି । କିନ୍ତୁ ଏହି ଗ୍ରନ୍ଥ ପ୍ରଣୟନ କରି ପଣ୍ଡିତ ନୀଳକଣ୍ଠ ଭାବୀ ଆଲୋଚନା ଓ ଗବେଷଣା ପାଇଁ ପ୍ରଶସ୍ତ ପ୍ରାଙ୍ଗଣ ଉନ୍ମୁକ୍ତ କରି ଦେଇଛନ୍ତି । ତାଙ୍କର ବହୁ ସଂଖ୍ୟକ ପ୍ରବନ୍ଧ ଅଦ୍ୟାପି ଗ୍ରନ୍ଥ ଆକାରରେ ପ୍ରକାଶିତ ହୋଇ ନାହିଁ । 'ଆର୍ଯ୍ୟଜୀବନ' 'ସଂସ୍କୃତ ଓ ସଂସ୍କୃତି', 'ଓଡ଼ିଆ ଭାଷା ଓ ସାହିତ୍ୟ' ପ୍ରଭୃତି ଗ୍ରନ୍ଥ ତାଙ୍କର ବହୁମୁଖୀ ପାଣ୍ଡିତ୍ୟ ଓ ଯୁକ୍ତିଯୁକ୍ତ ଆଲୋଚନାର ଅକାଟ୍ୟ ପ୍ରମାଣ ଦେବାକୁ ସମର୍ଥ । 'କ୍ରମପରିଣାମ' ତାଙ୍କର ପରିଣତ ବୟସର ପରିମାର୍ଜିତ ଚିନ୍ତାରେ ଦୀପ୍ତିମନ୍ତ । ପୁରୀର ଷୋଳଶାସନ ଗତ ବହୁ ଶତାବ୍ଦୀ ଧରି ଉତ୍କଳୀୟ ସଂସ୍କୃତ ଓ ସଂସ୍କୃତି ଚର୍ଚ୍ଚାର ଲୀଳାସ୍ଥଳୀ ହୋଇଆସିଛି । ଓଡ଼ିଆ ପୁଅ ଅଥଚ ବଙ୍ଗବାସୀ ଚୈତନ୍ୟ ପ୍ରାୟ ସାଢ଼େ ଚାରି ଶହ ବର୍ଷ ତଳେ ଉତ୍କଳକୁ ଆସି ଚଣ୍ଡାଳଠାରୁ ପଣ୍ଡା ପର୍ଯ୍ୟନ୍ତ ସମସ୍ତଙ୍କ ବେକରେ ତୁଳସୀମାଳା ଗଳେଇ ଦେଇଗଲେ, କିନ୍ତୁ ପୁରୀର ଷୋଳଶାସନର ସୀମାପର୍ଯ୍ୟନ୍ତ ମାଡ଼ି ପାରି ନଥିଲେ । ଶାସନୀ-ସଂସ୍କୃତିମୌଳିମଣ୍ଡନ ପଣ୍ଡିତ ନୀଳକଣ୍ଠଙ୍କର ସେହି ପ୍ରଖର ଯୁକ୍ତିଜାଲ 'କ୍ରମ ପରିଣାମ'ର ପୃଥୁଳ କଳେବରକୁ ସମଣ୍ଡିତ କରିଅଛି, ତାହା ସେହି ଶାସନୀ ସଂସ୍କୃତିର ଦୃଢ଼ ଭିତ୍ତି ଉପରେ ପ୍ରତିଷ୍ଠିତ । ଓଡ଼ିଆ ସଂସ୍କୃତିକୁ ଚହଲିଚହଲାଇବାର ଏହି ସାଧୁ ଉଦ୍ୟମ ପଣ୍ଡିତ ନୀଳକଣ୍ଠଙ୍କ ପକ୍ଷରେହିଁ ସମ୍ଭବପର । ( ସମାଜ' ତା ୧୯।୧୨।୫୫ )

Digitized by srujanika@gmail.com

# ନୀଳକଣ୍ଠଙ୍କ କାବ୍ୟ—ପ୍ରତିଭା

ଡକ୍ଟର ଗୋପାଳଚନ୍ଦ୍ର ମିଶ୍ର

ରାଧାନାଥୀୟ କାବ୍ୟ-ପ୍ରବାହରେ ଓଡ଼ିଆ ସାହିତ୍ୟ ପ୍ଲାବିତ ଓ ପ୍ରାଚୀନର ଜୀର୍ଣ୍ଣ ସମାଧି ଉପରେ ନୂତନ ଚେତନାର ଭିତ୍ତି ଯେତେବେଳେ ସ୍ଥାପିତ ହୋଇଥିଲା, ତାର ଅବ୍ୟବହିତ ପରେ କବି ନୀଳକଣ୍ଠଙ୍କର ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଆବିର୍ଭାବ । ଯେମିତି ଜଣାଯାଏ, ରାଧାନାଥଙ୍କ କାବ୍ୟରେ ପ୍ରତିଷ୍ଠିତ ପରମ୍ପରାକୁ କବି ଓ ଜାତୀୟତାବାଦୀ ନୀଳକଣ୍ଠ ଆଦୌ ସହ୍ୟ କରିପାରି ନାହାନ୍ତି । ଦେଶରେ ସମସାମୟିକ ଜାତୀୟ ଆନ୍ଦୋଳନ ତାଙ୍କର ଏହି ବୈପ୍ଳବିକ ଚିନ୍ତାଧାରାର ଏକକାରଣ ହୋଇପାରେ । ରାଧାନାଥଙ୍କୁ ବିଜାତୀୟ ବୋଲି ଘୋଷଣା କରିବା ଓ ତାଙ୍କର କାବ୍ୟକବିତା ଏ ଦେଶର ପାଣିପବନରେ ପରିପୁଷ୍ଟ ନୁହେଁ ବୋଲି କହିବା କେବଳ ନୀଳକଣ୍ଠଙ୍କ ପରି ନିର୍ଭୀକ ଓ ଉଗ୍ର ରାଜନୀତିଜ୍ଞଙ୍କ ପକ୍ଷରେ ହିଁ ସମ୍ଭବ । ରାଧାନାଥଙ୍କ କାବ୍ୟକବିତାର ପ୍ରତିକ୍ରିୟା ସ୍ୱରୂପ ଯେପରି ନୀଳକଣ୍ଠଙ୍କ କାବ୍ୟର ସୃଷ୍ଟି । ତାଙ୍କର କାବ୍ୟ ମଧ୍ୟରେ 'ପ୍ରଣୟିନୀ' 'ଦାସନାୟକ' 'ଖାରବେଳ' 'ରାମଚଣ୍ଡୀଠାରେ ରାତି' ଓ 'ମାୟାଦେବୀ' ଉଲ୍ଲେଖଯୋଗ୍ୟ । ପ୍ରଥମ ଦୁଇଟି କାବ୍ୟ ଇଂରାଜୀ ସାହିତ୍ୟରୁ ଅନୂଦିତ ହୋଇଥିବାରୁ ଏଥିରେ କବି ଓଡ଼ିଶାର କୌଣସି ଜାତୀୟ ଇତିହାସ କିମ୍ବା ନାୟକ ନାୟିକାଙ୍କୁ ଗ୍ରହଣ କରିପାରି ନାହାନ୍ତି । ତାଙ୍କର ପ୍ରକୃତ ମୌଳିକତା ଆମେ ଦେଖିପାରିବା 'ଖାରବେଳ' ଓ 'ମାୟାଦେବୀ' କାବ୍ୟରୁ । ପ୍ରଥମଟି କଳିଙ୍ଗର ଅଧିପତି ପରାକ୍ରମଶାଳୀ ଦିଗ୍‌ବିଜୟୀ ଖାରବେଳଙ୍କର ଓ ଦ୍ୱିତୀୟଟି ଓଡ଼ିଶାର ଅନ୍ୟତମ ଐତିହାସିକ ଚରିତ୍ର ରାଜା ନରସିଂହଦେବଙ୍କର ଗୌରବୋଜ୍ଜ୍ୱଳ ବୀରତ୍ୱ ଗାଥା ରାଧାନାଥଙ୍କ କାବ୍ୟଗୁଡ଼ିକ ପୁରାଣ, କିମ୍ବଦନ୍ତୀ, ଜନଶ୍ରୁତି ଓ ଇତିହାସକୁ ଆଶ୍ରୟ କରିଥିବା ବେଳେ ନୀଳକଣ୍ଠ କାବ୍ୟ 'ଖାରବେଳ' ଓ ମାୟାଦେବୀ' କେବଳ ଐତିହାସିକ ବ୍ୟକ୍ତିତ୍ୱର ଅଧିଷ୍ଠାନରେ ପରିପୂର୍ଣ୍ଣ ।

ତେବେ କବି ନୀଳକଣ୍ଠଙ୍କର ଐତିହାସିକ ମନୋବୃତ୍ତିର ହେତୁ କଅଣ ? ଭାରତବର୍ଷ ସେତେବେଳେ ଐତିହାସିକ କଂଗ୍ରେସ ଆନ୍ଦୋଳନର ପ୍ରଭାବରେ ଅନୁପ୍ରାଣିତ । କବି ନିଜେ ବ୍ୟକ୍ତିଗତ ଜୀବନରେ ଥିଲେ ରାଷ୍ଟ୍ରୀୟ ଚେତନାବାଦୀ ଓ ସଂସ୍କାର-ପ୍ରୟାସୀ । ତାଙ୍କର ସେହି ରାଷ୍ଟ୍ରୀୟ ଚେତନା ଦେଶାତ୍ମବୋଧକୁ ଦୃଢ଼ୀଭୂତ କରିବା ଦିଗରେ ଗୋପବନ୍ଧୁଙ୍କ ପ୍ରତିଷ୍ଠିତ ସତ୍ୟବାଦୀ ବିଶ୍ୱବିଦ୍ୟାଳୟରେ ଜାତୀୟ ଶିକ୍ଷାର ଅବତାରଣା ମଧ୍ୟ ଦାୟୀ । ସତ୍ୟବାଦୀ ଗୋଷ୍ଠିର ସେହି ରାଜନୀତିଜ୍ଞ ସାହିତ୍ୟିକମାନଙ୍କ ମୁଖ୍ୟ ଆଭିମୁଖ୍ୟ ହୋଇଛି ଉତ୍କଳୀୟ ଜାତୀୟତା ଓ ଏହାର ମୂଳଉତ୍ସର ସନ୍ଧାନ । ଏମାନେ ସାହିତ୍ୟରେ ଓଡ଼ିଶାର ଇତିହାସକୁ ପୁଙ୍ଖାନୁପୁଙ୍ଖ ଭାବରେ ବିଶ୍ଳେଷଣ କରିଥିଲେ । ସତ୍ୟବାଦୀ ସାହିତ୍ୟ ପ୍ରାଚୀନ ଓଡ଼ିଆ ସଂସ୍କୃତି ଓ ଇତିହାସର ପୁନରୁଦ୍ଧାର ଓ ପ୍ରତିଧ୍ୱନି ବୋଲି କୁହାଯାଇପାରେ । ଇତିହାସ

Digitized by srujanika@gmail.com

ଉନ୍ମୋଚନ ମାଧ୍ୟମରେ ଏହି ସାହିତ୍ୟିକମାନେ ଓଡ଼ିଆମାନଙ୍କର ଜୀବନ୍ମୃତ ପ୍ରାଣରେ ନୂତନ ସ୍ପନ୍ଦନର ସଞ୍ଜୀବନୀ ନ୍ୟାସ କରିଥିଲେ । ସେହି ଦୃଷ୍ଟିରୁ କୃପାସିନ୍ଧୁ ମିଶ୍ରଙ୍କର 'ଉତ୍କଳ ଇତିହାସ', 'କୋଣାର୍କ', 'ବାରବାଟୀ ଦୁର୍ଗ', ପଣ୍ଡିତ ଗୋଦାବରୀଶଙ୍କର ବିଭିନ୍ନ ଗାଥା କବିତା, ପଣ୍ଡିତ ଗୋପବନ୍ଧୁଙ୍କର 'ବନ୍ଦୀର ଆତ୍ମକଥା', 'ବନ୍ଦୀର ସ୍ୱଦେଶଚିନ୍ତା' ପ୍ରଭୃତି କୃତି ଉଲ୍ଲେଖଯୋଗ୍ୟ । ଏହି ଦୃଷ୍ଟିରୁ ମଧ୍ୟ ବିଚାର କଲେ କବି ନୀଳକଣ୍ଠ 'ମାୟାଦେବୀ' ଓ 'ଖାରବେଳ' ସଦୃଶ ଦୁଇଟି ଐତିହାସିକ କାବ୍ୟ ରଚନା କରି ଏକ ଜାତୀୟ କର୍ତ୍ତବ୍ୟ ସମ୍ପାଦନ କରିଛନ୍ତି । ତାଙ୍କର ଏହି ଜାତୀୟତାକୁ ବାଦ୍ ଦେଲେ କିମ୍ବା ସତ୍ୟବାଦୀ ଗୋଷ୍ଠୀର ଐତିହାସିକ ବୋଧକୁ ବାଦ୍ ଦେଲେ ନୀଳକଣ୍ଠଙ୍କ କାବ୍ୟର ଯଥାର୍ଥ ମୂଲ୍ୟାୟନ ହୋଇପାରିବ ନାହିଁ । ଇତିହାସ କାବ୍ୟ ନୁହେଁ କି କାବ୍ୟ ଇତିହାସ ନୁହେଁ । କିନ୍ତୁ ଇତିହାସର ଅସ୍ଥିମଜ୍ଜା ଉପରେ ଗଢ଼ି ଉଠେ ପ୍ରାଣପାଚୁର୍ଯ୍ୟଭରା କାବ୍ୟ । ଆଲୋଚ୍ୟ 'ମାୟାଦେବୀ' କାବ୍ୟରେ ଇତିହାସ ହୋଇଛି ପ୍ରଧାନ ଉପଜୀବ୍ୟ ।

ମାୟାଦେବୀ ରଚନାର ବ୍ୟକ୍ତିକ ଅଭିଜ୍ଞତା :—

ଥରେ ଗ୍ରୀଷ୍ମାବକାଶରେ ଶିକ୍ଷକ ନୀଳକଣ୍ଠ ଗଡ଼ଜାତ ଭ୍ରମଣରେ ଯାଇଥିଲେ । ସେଠାରେ ଗଡ଼ଜାତ ଅଞ୍ଚଳର ଏକ ଭାଟ ବା ଚାରଣ ସହିତ ତାଙ୍କର ସାକ୍ଷାତ ହୋଇଥିଲା । ଚାରଣଟି ନିଜ ବାଣୀର ମୂର୍ଚ୍ଛନାରେ ଓଡ଼ିଶାର ଅତୀତ ବୀରତ୍ୱକୁ ସ୍ୱଧ୍ୱଷାନୁକ୍ରମେ ଯେପରି ଜୀବନ୍ତ କରି ରଖିଥିଲା, ତାହା ଶୁଣିବା ମାତ୍ରେ ନୀଳକଣ୍ଠଙ୍କ ପ୍ରାଣରେ ଓଡ଼ିଶାର ପ୍ରାଚୀନ ନରପତି ଓ ସେମାନଙ୍କର ରାଜତ୍ୱ ସ୍ମୃତି ଜାଗରୁକ ହୋଇ ଉଠିଲା । ଚାରଣର ସଙ୍ଗୀତ 'ମାୟାଦେବୀ'କାବ୍ୟର ସୃଷ୍ଟି ଉତ୍ସ । କାବ୍ୟରେ ପରିବେଷିତ ଐତିହାସିକ ଉପାଦାନ ହେଉଛି, ସୂର୍ଯ୍ୟବଂଶୀୟ ରାଜା ପୁରୁଷୋତ୍ତମ ଦେବଙ୍କ ବୀରତ୍ୱ, ତାଙ୍କର ବଂଶଧର ନରସିଂହ ଦେବଙ୍କର ଦୁର୍ଜୟ ଓ ସାହସିକ ଜୀବନ । ଯବନମାନଙ୍କ ସହିତ ଓଡ଼ିଆ ରାଜାମାନଙ୍କର କ୍ରମାଗତ ଦ୍ୱନ୍ଦ୍ୱ ଓ ସଂଘର୍ଷ ଏବଂ ପବିତ୍ର ଜଗନ୍ନାଥ ଧାମର ସାଂସ୍କୃତିକ ତଥା ଧାର୍ମିକ ଐତିହ୍ୟ । ଏହି ଐତିହାସିକ ଘଟଣାବଳୀର ଅନ୍ତରାଳରେ ନୀଳକଣ୍ଠ ଆହୁରି ଏକ ଉପାଖ୍ୟାନ ସୃଷ୍ଟି କରିଛନ୍ତି, ତାହା ହେଉଛି କାଶ୍ମୀର ରାଜଜେମା ଓ ଉତ୍କଳର ସ୍ଥାନୀୟ ନରପତିଙ୍କ କନ୍ୟାଙ୍କର ପରସ୍ପରବିରୋଧୀ ପ୍ରଣୟ ବ୍ୟାପାର । ଏହି ପ୍ରଣୟ-ସଂଘର୍ଷର ମୁଖ୍ୟଚରିତ୍ର ବା କେନ୍ଦ୍ର ହେଉଛନ୍ତି ବୀର ନରସିଂହ । ସାଧାରଣତଃ ରାଜକୀୟ ପରିବାରରେ ପ୍ରେମର ଏପରି ଦ୍ୱନ୍ଦ୍ୱ ଓ ସଂଘର୍ଷ ପରିଲକ୍ଷିତ ହୋଇଥାଏ । ଏକାଧିକ ନାରୀର ପ୍ରେମ ଉପଭୋଗ କରିବା ବହୁ ରାଜାଙ୍କର ଏକ ସାମନ୍ତବାଦୀ ବିଳାସ । କିନ୍ତୁ ଆଲୋଚ୍ୟ 'ମାୟାଦେବୀ' କାବ୍ୟରେ ପ୍ରେମର ଇନ୍ଦ୍ରିୟସର୍ବସ୍ୱ ବର୍ଣ୍ଣନା ଅପେକ୍ଷା ଭାରତର ବିଭିନ୍ନ ପ୍ରାନ୍ତ ସହିତ ପ୍ରାଚୀନ ଉତ୍କଳର ସାଂସ୍କୃତିକ ସମ୍ପର୍କ ବର୍ଣ୍ଣନା ପ୍ରାଧାନ୍ୟ ଲାଭ କରିଛି । ପ୍ରାଚୀନ କାଳରେ କାଶ୍ମୀର ସହିତ ଉତ୍କଳର କୂଟନୈତିକ ସମ୍ପର୍କ ଦର୍ଶାଇ କବି ଅଭିନନ୍ଦନର ପାତ୍ର ହୋଇଛନ୍ତି । ଜଗନ୍ନାଥ ଧର୍ମ ଓ ସଂସ୍କୃତିର ବହୁଳ ପ୍ରଚାର ଓ ପ୍ରକାଶ ଥିଲା କବିଙ୍କର ବ୍ୟକ୍ତିଗତ ଲକ୍ଷ୍ୟ । ହୁଏତ ସେହି ସୂତ୍ରରେ 'ମାୟାଦେବୀ' କାବ୍ୟର 'ପରିକଳ୍ପନା' । ରାଧାନାଥ ହେଉଛନ୍ତି

Digitized by srujanika@gmail.com

ପ୍ରେମସଂକ୍ରାନ୍ତ କବି ଏବଂ ଏ ପ୍ରେମ ବର୍ଣ୍ଣନା ପ୍ରାକୃତିକ ବର୍ଣ୍ଣନା ଆଧାରିତ । ନୀଳକଣ୍ଠ କବି ଜାତୀୟ-ଭାବାପନ୍ନ । ଏକ ଦେଶଦର୍ଶୀ ହେଲେ ମଧ୍ୟ ରାଧାନାଥଙ୍କ କାବ୍ୟରେ ଶୁଣିବାକୁ ମିଳେ । ମାନବ-ସମାଜର ପ୍ରତିଧ୍ୱନି । ନୀଳକଣ୍ଠଙ୍କ କାବ୍ୟରେ ସାଧାରଣ ମାନବ-ସମାଜ ଅପେକ୍ଷା ଇତିହାସର ହେଉଛି ମୁଖ୍ୟ । ଏପରି କି କାବ୍ୟିକ ସୌଷ୍ଠବ ଓ ପରିପାଟୀ ଅପେକ୍ଷା ଇତିହାସର ବଳିଷ୍ଠ ଆବେଦନକୁ କବି ଉଚ୍ଚତର ସ୍ଥାନ ଦେଇଛନ୍ତି । ତେଣୁ ତାଙ୍କର କାବ୍ୟ ଆବେଦନଧର୍ମୀ ଓ ପ୍ରଚାରଧର୍ମୀ । ଏହା ମୂଳରେ ରହିଛି ରାଜନୈତିକ-ଆନ୍ଦୋଳନ ଦ୍ୱାରା ପ୍ରଭାବିତ ତାଙ୍କର ଦେଶପ୍ରାଣ, ନିର୍ଭୀକ, ଅତୀତ ଗୌରବ, ଅନୁସନ୍ଧିତ୍ସୁ ଜୀବନ ।

'ମାଧ୍ୱୀଦେବୀ' କାବ୍ୟ ଛଅଟି ସର୍ଗରେ ବିଭକ୍ତ । ଏହା ବ୍ୟତୀତ ପ୍ରାରମ୍ଭ ଭାଷଣ, ପ୍ରାନ୍ତ ଭାଷଣ, ଉପସଂହାର ଓ କେତେଗୁଡ଼ିଏ ଗୀତ-କାବ୍ୟରେ ଅନ୍ତର୍ଭୁକ୍ତ ହୋଇଅଛି । ପ୍ରାଚୀନ କାବ୍ୟକଳା ଓ ତାର ପରମ୍ପରା ଭାଙ୍ଗି ଆଉ ଏକ ନୂତନ କାବ୍ୟ ପରମ୍ପରା ସୃଷ୍ଟି କରିବା ତାଙ୍କର ଲକ୍ଷ୍ୟ ହୋଇପାରେ । ଅତିମାତ୍ରାରେ ଐତିହାସିକ ମୋହ ଓ ଉତ୍କଳ-ପ୍ରାଣତା କାବ୍ୟରେ ସୃଷ୍ଟି କରିଛି ଭାବପ୍ରବଣତା, ଆବେଗମୟତା ଓ ପ୍ରଗଲ୍‌ଭତା । କାବ୍ୟରେ କବିଙ୍କର ବ୍ୟକ୍ତିସତ୍ତ୍ୱାଟି ମଧ୍ୟ ପରିଲକ୍ଷିତ । କବି ବାସ୍ତବତା ପ୍ରତି ଏତେ ଆକୃଷ୍ଟ ଯେ, ସେ କାବ୍ୟରେ ରସୋତ୍ତୀର୍ଣ୍ଣତାକୁ ମୁଖ୍ୟ ସ୍ଥାନ-ଦେଇପାରି ନାହାନ୍ତି । ଏପରି କି ବର୍ଣ୍ଣନାରେ ପୁନରାବୃତ୍ତି ଓ ବିଶୃଙ୍ଖଳା ଉପମା-ଉପମେୟର ଯଥାର୍ଥ୍ୟହୀନତା ଓ ସଙ୍କୋ-ପରି ଏକ ଅହଂ ପ୍ରବୃତ୍ତି ସ୍ଫୂର୍ତ୍ତି ପରିଲକ୍ଷିତ ହୋଇଥାଏ । ତଥାପି ଗୋଟିଏ ଅଧଃପତିତ ଜୀବନ୍ମୃତ ଜାତିକୁ ଉଦ୍‌ବୁଦ୍ଧ ଓ ଉଜ୍ଜୀବିତ କରିବା ପାଇଁ ତାଙ୍କ କାବ୍ୟରେ ରହିଛି ଅଗ୍ନିମନ୍ତ୍ର । କବି ଅନୁଭବ କରିଛନ୍ତି, ଏହି ଚାରଣମାନେ ହିଁ ଏ ଜାତିକୁ ବଞ୍ଚାଇବା ପାଇଁ ବିପଞ୍ଚୀରେ ଅଗ୍ନିମନ୍ତ୍ର ସଞ୍ଚି ରଖିଛନ୍ତି । ହେଲେ ଏ ମନ୍ତ୍ରପୂତ ସଙ୍ଗୀତ ଶୁଣିବାକୁ କେହି ନାହାନ୍ତି । କବି ଚାରଣ ମୁଖରେ କୁହାଇଛନ୍ତି—

"ବାସ୍ନା ହେଲ ବାବୁ ସଙ୍ଗୀ କି କରିବେ ସଙ୍ଗୀତ ତ ଆମ କୁଳ ବେଉସା
× × ×
କି ଗାଇବି ବାବୁ ଗୁଡ଼ିଚ ବେଉସା ଶୁଣିବାକୁ କେହି ନାହାନ୍ତି ଭବେ
ବାପେ ବଡ଼ବାପେ କହୁଥିଲେ କଥା ଅଳପେ ସୁମରଣେ ଆସଇ ଏବେ ।"

ଶୈଳୀ :—

'ବାକ୍ୟଂ ରସାତ୍ମକଂ କାବ୍ୟମ୍'—ଏହା ହେଉଛି ପ୍ରାଚୀନ କାବ୍ୟାଚାର୍ଯ୍ୟମାନଙ୍କର କାବ୍ୟରଚନା ସମ୍ପର୍କୀୟ ମୀମାଂସା । ରସ କାବ୍ୟରେ ଉଚ୍ଚ ସ୍ଥାନ ଲାଭ କରିଥାଏ । ଶବ୍ଦ ଯୋଜନା, ଅଳଙ୍କାର ପରିକଳ୍ପନା' ଜୀବନର ମୂଲ୍ୟବୋଧ, ସଂକ୍ଷେପରେ କହିବାକୁ ଗଲେ ସାହିତ୍ୟିକ ସୃଷ୍ଟିର ସାମଗ୍ରିକତା ସେଇ ସେଇ ରଚନାର ସଫଳତାର ହେତୁ । ମହା-କାବ୍ୟରେ ଐତିହାସିକ ବା ପୌରାଣିକ ଭିତ୍ତି ଉପରେ ଗଢ଼ି ଉଠିଥିବା ଏକ ବଳିଷ୍ଠ ବିଷୟବସ୍ତୁ ଗୃହୀତ ହୋଇଥାଏ । ମୁଖ୍ୟ ଚରିତ୍ର କେନ୍ଦ୍ରୀୟ ଅଂଶ ଗ୍ରହଣ କରି କାବ୍ୟ-ବର୍ଣ୍ଣିତ ବିଷୟବସ୍ତୁର ଉପସଂହାରରେ ସହାୟକ ହୋଇଥାଏ । ଗୌଣ ଚରିତ୍ରଗୁଡ଼ିକ

Digitized by srujanika@gmail.com

ମୁଖ୍ୟଚରିତ୍ରର କ୍ରିୟାକଳାପରେ ପରିପୂର୍ଣ୍ଣତା ପାଇଁ ନିୟୋଜିତ ହୋଇଥାଆନ୍ତି । କଥାବସ୍ତୁର ପରିସ୍ଫୁଟନ ଉଭୟ ମୁଖ୍ୟ ଓ ଗୌଣ ଚରିତ୍ର ମାଧ୍ୟମରେ ସାଧିତ ହୋଇଥାଏ । ଯେଉଁ ପରିପ୍ରେକ୍ଷୀ ଓ ପରିସ୍ଥିତିରେ କାବ୍ୟର ଆରମ୍ଭ, ମଧ୍ୟାବସ୍ଥା ଓ ଚରମାବସ୍ଥା ସାଧିତ ହୋଇଥାଏ, ତାହା ମଧ୍ୟ ଚରିତ୍ରର ପରିସ୍ଫୁଟନରେ ଅନେକ ପରିମାଣରେ ଦାୟୀ । ବିଭିନ୍ନ ସର୍ଗ ବା ଅଧ୍ୟାୟରେ ମହାକାବ୍ୟର ବର୍ଣ୍ଣନା ସୁବିନ୍ୟସ୍ତ ହୋଇଥାଏ । ଯେକୌଣସି ଗୋଟିଏ ରସ ମହାକାବ୍ୟରେ ମୁଖ୍ୟ ସ୍ଥାନ ଅଧିକାର କରିବା ଉଚିତ । ଏକାଧିକ ରସର ପରିବେଷଣ ଦୂଷଣୀୟ ନୁହେଁ । ମାତ୍ର କଥାବସ୍ତୁର ବିଶ୍ଳେଷଣ, ଚରିତ୍ରର ପରିସ୍ଫୁଟନ ଓ କାବ୍ୟିକ ଯୋଜନା ଉପଯୋଗୀ ହୋଇପାରିଲେ ରସର ଉଦ୍ଦେଶ୍ୟ ସାଧିତ ହୁଏ ।

କାବ୍ୟର ଆଉ ଏକ ଯୋଗ୍ୟତା ହେଉଛି ଭାଷାବିଭବ । ଭାବର ଶକ୍ତିଶାଳୀ ମାଧ୍ୟମରୂପେ ଭାଷା ହିଁ କାବ୍ୟରେ କବିର ଏକମାତ୍ର ଅବଲମ୍ବନ । ଭାଷାଚରିତ୍ର, ପରିସ୍ଥିତି, ରସ ଓ ଭାବର ଅନୁକୂଳ ହେବା ଆବଶ୍ୟକ । ଯେଉଁଠି ଭାଷାର ଏହି ଯୋଗ୍ୟତା ନ ଥାଏ, ସେଠାରେ କାବ୍ୟର ପ୍ରଭାବ ବ୍ୟାହତ ହୁଏ । ଓଡ଼ିଆ କାବ୍ୟ ଓ ମହାକାବ୍ୟ ରଚନା ବିଶେଷତଃ ସଂସ୍କୃତ କାବ୍ୟାଦର୍ଶଦ୍ୱାରା ପ୍ରଭାବିତ ହୋଇ ଆସିଛି । ପ୍ରାଚୀନ ଯୁଗର କାବ୍ୟ ସେହି ହେତୁ ରସବହୁଳ ଓ ଅଳଙ୍କାରକ୍ଲିଷ୍ଟ । ଈଶସ୍ତୁତି, ଆଶୀଷ ଭିକ୍ଷା, ଛନ୍ଦ ଶେଷରେ ଭଣିତି ଇତ୍ୟାଦି ଥିଲା କାବ୍ୟର ଗତାନୁଗତିକ ଧାରା । ଏହି ଧାରାରେ କେତେକ ପରିବର୍ତ୍ତନ ଆଣିଥିଲେ ରାଧାନାଥ ରାୟ, କିନ୍ତୁ ନୀଳକଣ୍ଠ ଆଣିଥିଲେ ସମ୍ପୂର୍ଣ୍ଣ ପରିବର୍ତ୍ତନ । ମାୟାଦେବୀ ତାହାର ନିଦର୍ଶନ ।

ଏକ ସୁଚିନ୍ତିତ ଇତିହାସ ବା ପୁରାଣ-ସମର୍ଥିତ କଥାବସ୍ତୁ ପ୍ରାଚୀନ କାବ୍ୟରେ ସ୍ଥାନ ପାଇବା ଉଚିତ ବୋଲି ନିର୍ଦ୍ଦେଶ ରହିଥିଲେ ହେଁ, କାବ୍ୟିକ ରସସୃଷ୍ଟି ଅନୁରୋଧରେ ଅତିରଞ୍ଜିତ ବର୍ଣ୍ଣନା ଓ ଅତ୍ୟଧିକ କଳ୍ପନା ସ୍ଥାନ ପାଇଥାଏ ଓ ଐତିହାସିକ ସତ୍ୟତା ବ୍ୟାହତ ହୋଇଥାଏ । ଅନ୍ୟ ପକ୍ଷରେ କବିସୁଲଭ କଳ୍ପନା 'ମାୟାଦେବୀ'ରେ ପରିଦୃଷ୍ଟ ହେଉଥିଲେ ହେଁ, ଇତିହାସର ଆତ୍ମା ସେଇଠି ଉଜ୍ଜ୍ୱଳ । ନରସିଂହ ଦେବଙ୍କର ଐତିହାସିକ ଜୀବନକୁ ଆଖି ଆଗରେ ରଖି କାବ୍ୟିକ ସୌନ୍ଦର୍ଯ୍ୟ ଓ ରସୋତ୍ତୀର୍ଣ୍ଣତା ପାଇଁ କାଶ୍ମୀର ରାଜକେମା ଓ ମାୟାଦେବୀ ପ୍ରଭୃତିଙ୍କୁ ଗଢ଼ାଯାଇଛି । କବିଙ୍କର ଇତିହାସ-ପ୍ରୀତି-ମେଦୁର-ଅନ୍ତର-ଆକାଶରେ ଏହି ଚରିତ୍ରଗୁଡ଼ିକ ଧ୍ରୁବତାରା ସଦୃଶ ଉଙ୍କି ମାରିଛନ୍ତି । ଐତିହାସିକ ବିଷୟବସ୍ତୁର ନିର୍ଦ୍ଦିଷ୍ଟ ଉଦ୍‌ବର୍ତ୍ତନକୁ ଆଖି ଆଗରେ ରଖାଯାଇ ଏହି ଚରିତ୍ରଗୁଡ଼ିକର ସୃଷ୍ଟି ପରିକଳ୍ପନା ଓ ବିକାଶ ।

ମଧ୍ୟଯୁଗୀୟ କାବ୍ୟରେ ପ୍ରାକୃତିକ ବର୍ଣ୍ଣନା ଅପରିହାର୍ଯ୍ୟ । ଅନାବଶ୍ୟକ ଓ ଅପ୍ରାସଙ୍ଗିକ ଭାବରେ ଏହାର ଯତ୍ରତତ୍ର ପରିବେଷଣ । କିନ୍ତୁ ଓଡ଼ିଶାର ଅତୀତ ଗୌରବକୁ ଅଧିକ ପ୍ରାଞ୍ଜଳ କରିବାପାଇଁ ନୀଳକଣ୍ଠ ପ୍ରକୃତି ବର୍ଣ୍ଣନାର ସାହାଯ୍ୟ ନେଇଛନ୍ତି । ସେ ଏଠେ

Digitized by srujanika@gmail.com

ମାନାରେ ଅତୀତ-ଗୌରବ-ସଚେତନ ଯେ ସମପ୍ରକାର ପ୍ରକୃତି ବର୍ଣ୍ଣନାର ପୁନରାବୃତ୍ତି ମଧ୍ୟ ଦେଖାଯାଏ । ତାଙ୍କମନକୁ ଯେପରି ଭଲ ଲାଗିଛି, ସେ ପ୍ରକୃତିରେ ସେହିପରି ଚିତ୍ର ଆରୋପ କରିଛନ୍ତି ।

ପ୍ରାଚୀନ କାବ୍ୟ ଓ ମହାକାବ୍ୟମାନଙ୍କରେ ଅନେକ ସମୟରେ ଚରିତ୍ରଗୁଡ଼ିକ ଦୁର୍ବଳ ଓ ନିଷ୍କ୍ରିୟ ହୋଇଥାନ୍ତି । କିନ୍ତୁ 'ମାୟାଦେବୀ' ରେ ଚରିତ୍ରଗୁଡ଼ିକ ପ୍ରଭାବଶାଳୀ, ଜୀବନ୍ତ ଓ ସକ୍ରିୟ ।

'ମାୟାଦେବୀ'ର ଚରିତ୍ରମାନଙ୍କ ମଧ୍ୟରେ ନରସିଂହଙ୍କ ମୂର୍ତ୍ତି ପ୍ରଥମେ ଆମ ଆଖି ଆଗରେ ପଡ଼େ । ନରସିଂହଙ୍କୁ ବୀରତ୍ୱର ବର୍ମ ପିନ୍ଧାଇ କବି ସର୍ବଦା ତାଙ୍କର ବର୍ଣ୍ଣନା କରିଛନ୍ତି । ଯବନମାନଙ୍କ ସହିତ ତାଙ୍କର ଦ୍ୱନ୍ଦ୍ୱ, ବନ-ପର୍ବତ ରେ ତାଙ୍କର ନିର୍ଭୀକ ଭ୍ରମଣ ଅଭ୍ୟାସ, ଯେକୌଣସି ଅବସ୍ଥାରେ ସମ୍ମୁଖୀନ ହେବାର ସାହସ ନରସିଂହଙ୍କୁ ପାଠକ ନିକଟରେ ଏକ ବଳିଷ୍ଠ ଚରିତ୍ର ଭାବରେ ଉପସ୍ଥାପିତ କରାଏ । କ୍ଷତ୍ରିୟ ଧର୍ମ ପାଳନ କରିବାରେ ସେ ସର୍ବଦା ବ୍ୟସ୍ତ । ମୀଳକର୍ ନରସିଂହଙ୍କର ଏହି ଧର୍ମ ପ୍ରତି ପାଠକର ଦୃଷ୍ଟି ବାରମ୍ବାର ଆକୃଷ୍ଟ କରିଛନ୍ତି । ଯେତେବେଳେ ଠଙ୍କସ୍ଗଡ଼ର ନୃପତିଙ୍କ ସହିତ ନରସିଂହ ଦେବ ଦ୍ୱନ୍ଦ୍ୱ ଆଚରଣ କରିଛନ୍ତି ଓ ସମ୍ମୁଖ ସମର ପାଇଁ ପ୍ରସ୍ତୁତ ହୋଇଛନ୍ତି, ସେତେବେଳେ ତାଙ୍କ ମନର ବଳ ଅତି ଦୃଢ଼ । କବିଙ୍କ ଭାଷାରେ—

"ମହାନଦୀ ଢେଉଁ ପଶନ୍ତି ସେ କେବେ
ସମଭୂମି କ୍ଷେତ୍ର ମୋହନ ବନେ
ଯୁବରାଜ ବୀର ନରସିଂହ ତହୁଁ
ବୁଲନ୍ତି ବିପିନ ସଇନ ସନେ ।"

ଉତ୍କଳ ଗଜପତିଙ୍କ ଦାୟାଦ ନରସିଂହ ଦେବଙ୍କ ପ୍ରତିଜ୍ଞା ମଧ୍ୟ କ୍ଷତ୍ରିୟସୁଲଭ :—

"ରାଜନ୍ୟ ବିଳାସ ଅରପି ଅନୁଜେ — କରିଛନ୍ତି ମନ ପାଳିବେ ବ୍ରତ
ବନେ ବନେ ବୁଲି ବୀରତ୍ୱ କରମେ — ପରଜା ମଙ୍ଗଳେ ରହିବେ ରତ ।
କର ଦେଇ ପ୍ରଜା ବରନ୍ତି ରାଜନେ — ଆମରଣ-କର୍ମ-ଜାଗର ତପେ
ପ୍ରକୃତି-ରଞ୍ଜନ ରାଜନ୍ୟ ବିଭୂତି — ଆଦେଶନ୍ତି ମହାବନ୍ଧନ ରୂପେ ।
ଏହି ରାଜଧର୍ମେ ତରୁଣକୁମାର — ଛାଡ଼ି ଯଉବନ-ତରଳ-ଖେଳା
ଗିରି-ଦରେ ଦରେ କାନନେ କାନ୍ତାରେ — କରବାଳ-କରେ କରନ୍ତି ଲୀଳା ।"

ଏହିପରି ବର୍ଣ୍ଣନାମାନଙ୍କରୁ ଜଣାଯାଏ ଯେ, କାବ୍ୟର ନାୟକ ଜଣେ ପ୍ରତାପଶାଳୀ କ୍ଷତ୍ରିୟ । ଠକ୍କସ ନରପତି ମଧ୍ୟ କମ୍ ବୀରତ୍ୱର ପରିଚୟ ଦେଇନାହାନ୍ତି । କାବ୍ୟରେ ପୁରୁଷଚରିତ୍ର ଶୌର୍ଯ୍ୟ ଓ ପୌରୁଷରେ ଊର୍ଜସ୍ୱଳ ।

Digitized by srujanika@gmail.com

ନାୟିକଚରିତ୍ରଗୁଡ଼ିକ ଚନ୍ଦ୍ରମଣ୍ଡଳ ପରି ଶାନ୍ତ, ଶୀତଳ । ସେଥିରେ ଉତ୍ତାପ ଓ ଉଦ୍ଦୀପନା ନାହିଁ । ତଥାପି ଏମାନେ ବାସ୍ତବିକ । ପ୍ରଣୟର ଦ୍ୱନ୍ଦ୍ୱ ଅନେକ ସମୟରେ ଏମାନଙ୍କୁ ପାଗଳିନୀ କରେ । ପ୍ରେମରାଜ୍ୟରେ ପାରସ୍ପରିକ ବିଦ୍ୱେଷ ଏମାନଙ୍କୁ ଅତିଷ୍ଠ କରିପକାଏ । ତେବେ 'ମାୟାଦେବୀ' କାବ୍ୟରେ ମାୟାଦେବୀ ଓ ଜମ୍ବୁ—ରାଜଜେମାଙ୍କ ମଧ୍ୟରେ କୌଣସି ପ୍ରକାର ନାରୀସୁଲଭ ଅସହିଷ୍ଣୁତା ଦେଖାଦେଇ ନାହିଁ । ମାୟାଦେବୀ ଯେତେବେଳେ ଜାଣିପାରିଲେ ଯେ, ନରସିଂହଙ୍କ ପ୍ରେମ ପାଇଁ ଜମ୍ବୁ ରାଜଜେମା ଅଭି-ଳାଷିଣୀ, ସେତେବେଳେ ସେ ଉଦାର ହୃଦୟରେ କହିଛନ୍ତି—"ଜମ୍ବୁ ରାଜଜେମାଙ୍କ ଆଗମନରେ ତାଙ୍କ ମନରେ କୌଣସି ବିଷାଦର ଗ୍ରୁପ୍ତ ନାହିଁ ।" ସେ ନିଜେ ସନ୍ନ୍ୟାସିନୀ ହୋଇ ରାଜସୁଖ ତ୍ୟାଗ କରି ଜମ୍ବୁଜେମାଙ୍କ ପାଦ ତଳେ ନିଜକୁ ସମର୍ପଣ କରି ଦେଇ-ଛନ୍ତି । ନାରୀ ପକ୍ଷରେ ଏପରି ତ୍ୟାଗ କ୍ୱଚିତ ଦେଖାଯାଏ । ସେ କହିଛନ୍ତି—

"ରଖିଥିବ ମନେ କହିବ ସଜନୀ | ରଖିଥିବେ ବୀର ସ୍ମରଣେ ମତେ ।
× × × ×
ଏହି ଘରେ କରି ଅତିଥି ଚରଣ | ସେହି ଘରେ ବସି ଗାଇବି ଗୀତ ।
× × × ×
ନରସିଂହ ମୋର ପରାଣ ସମ୍ପଦ | ତୁମ୍ଭେ କି ପରାଣ ଦୋସର ସମ
ହୃଦୟେ ଧରି ମୋ ଜୀବନ୍ତ ମରଣ | ନରସିଂହେ ଅରପିବ ପରାଣ ।
ବିରସ ନୋହିବ ଭଗିନୀଟି ତୁମ୍ଭେ | ବିରସ ନୋହିବେ ସେ ନରସିଂହ
ଶରଦା ଅରୁଣେ କନକ ପ୍ରସୂନ | ସୁରଭି ବିଳାସେ ଫୁଟିବ କହ ।"

ତତ୍କାଳରେ ଉତ୍କଳର ରାଜକୁଳରେ ଏକାଧିକ ଦାରା ଗ୍ରହଣ ପ୍ରଥା ସ୍ୱୀକୃତ ପାଇ-ଥିବାରୁ ଏପରି ଚରିତ୍ର ସୃଷ୍ଟି ଅବାସ୍ତବ ବା ଦୋଷାବହ ନୁହେଁ ।

ରସବିଚାର:—

କାବ୍ୟର ନାମକରଣରୁ ଅନୁମାନ କରାଯାଏ, ଏହା ଏକ ଶୃଙ୍ଗାରଧର୍ମୀ କାବ୍ୟ । କିନ୍ତୁ ନୀଳକଣ୍ଠ ଏହି ଐତିହାସିକ କାବ୍ୟରେ ଓଡ଼ିଶାର ପ୍ରାଚୀନ ଗୌରବ ବର୍ଣ୍ଣନା କରିବାକୁ ଯାଇ ବୀରରସକୁ ମୁଖ୍ୟ ସ୍ଥାନ ଦେଇଛନ୍ତି । ବୀରରସ ଏହାର କେନ୍ଦ୍ରୀୟ ଆବେଦନ ଓ ଆକର୍ଷଣ ହେଲେ ହେଁ, ପ୍ରକୃତି ବର୍ଣ୍ଣନାରେ ଶାନ୍ତ ମଧୁର ଭାବପ୍ରାଧାନ୍ୟ ବିସ୍ତାର କରିଅଛୁ । କ୍ଷତ୍ରିୟ ଧର୍ମର ବର୍ଣ୍ଣନାରେ କବି ବୀର ରସର ଆଶ୍ରୟ ନେଇ ଔଚିତ୍ୟ ପ୍ରକାଶ କରିଛନ୍ତି । କିନ୍ତୁ ଓଡ଼ିଶାର ବୀରତ୍ୱ-ସଚେତନ କବି ବୀର ରସର ବର୍ଣ୍ଣନାରେ ବହୁ ପ୍ରଗଲ୍‌ଭତା ଓ ପୁନରୁକ୍ତି ପ୍ରକାଶ କରିଛନ୍ତି—

"ବ୍ୟାଘ୍ର ନରବର ରାଇଜ ଥିଲାଏ | ଘନ ଗଡ଼ଜାତ -କାନ୍ତର ମାଳା
କେଶରୀ-ନୃପତି-କେଶରୀ-ବିକ୍ରମ | ମହାନଦୀ-ପାରେ ଅଳପ ଥିଲା ।

Digitized by srujanika@gmail.com

ଗଙ୍ଗ ଗଜପତି ଜାମ୍ବାର ବିପିନେ      ପଶି କରୁଥିଲେ ଏହାକୁ ବଣ
ବ୍ୟାଘ୍ର-ନରପତି-ସାମନ୍ତ-ସନ୍ତତି      ଲଭୁଥିଲେ ଏଥି ତସ୍କର ଯଶ ।
ଅନଙ୍ଗ ନୃପତି ପ୍ରାପ୍ତ କରବାଲେ      ଲୁଟିଯାଇଥିଲା ତାମସ ବଳୁ
ଠାବେ ଠାବେ କାନ୍ଧି ଗିରିଦୁର୍ଗେ ସାରେ   ଦସ୍ୟୁ ନାମେ ଧରି ଥାଆନ୍ତି ଧନୁ ।"

'ମାଧ୍ବାଦେବୀ' ଏକ ପ୍ରଣୟମୂଳକ ଉପାଖ୍ୟାନ-ଆଶ୍ରିତ କାବ୍ୟ । ଏହା ସଂପୂର୍ଣ୍ଣ ଇତିହାସ ନୁହେଁ । ମାତ୍ର ଇତିହାସର ଅବଲମ୍ବନରେ ଏହାର କଥାବସ୍ତୁ ଗଠିତ । ତସ୍କର ଉପଦ୍ରବ-ବ୍ୟସ୍ତ ନରସିଂହ ଭଗ୍ନ ଶିଶୁପାଳ ଗଡରେ ମାଧ୍ବାଦେବୀଙ୍କୁ ଭେଟିଥିଲେ । ସେହି ପ୍ରଥମ ପରିଚୟରେ ଉଭୟଙ୍କ ମଧ୍ୟରେ ପ୍ରଣୟ ଜାତ ହେଲା । ତେଣେ ପିତା ଅନଙ୍ଗଭୀମ ଦେବ ଯୁବରାଜ ନରସିଂହଙ୍କ ପାଇଁ କାଶ୍ମୀର ରାଜକନ୍ୟାଙ୍କ ସଙ୍ଗରେ ନିର୍ବନ୍ଧ କରିସାରି-ଥିଲେ । ଏହାହିଁ ହେଲା କାବ୍ୟରେ ବର୍ଣ୍ଣିତ ସଂଘର୍ଷ । ଏକ ଦିଗରେ କାଶ୍ମୀର ରାଜକନ୍ୟା, ଅନ୍ୟ ଦିଗରେ ମାଧ୍ବାଦେବୀ-ଯୁବରାଜ ନରସିଂହ ଦେବ ଏକ ଦ୍ବନ୍ଦ୍ବର ସମ୍ମୁଖୀନ ହୋଇ-ଥିଲେ । କାବ୍ୟରେ ଏହି ମାନସିକ ଦ୍ବନ୍ଦ୍ବ ଯେତେ ଜୀବନ୍ତ ଓ ପୃଷ୍ଟାଙ୍ଗ ନୁହେଁ ,ଓଡ଼ିଶାର ରାଜାମାନଙ୍କର ସ୍ମୃତି ଉଦ୍‌ବୋଧନ ତତୋଧିକ ଜୀବନ୍ତ ଓ ଆକର୍ଷଣୀୟ । ଅବଶ୍ୟ ମାଧ୍ବା-ଦେବୀଙ୍କ ଚରିତ୍ରର ଆଦର୍ଶ ଓ ଶୋଭନତା କାବ୍ୟକୁ ରସଘନ କରି ତୋଳିଛି ।

'କୋଣାର୍କେ' କାବ୍ୟର ପ୍ରଥମ ଭାଗ—

'କୋଣାର୍କେ' କାବ୍ୟରେ ନୀଳକଣ୍ଠଙ୍କର ଏକାଧାରରେ ଦେଖିବାକୁ ମିଳେ ଐତିହାସିକ ଜ୍ଞାନ, ଅତୀତ ସହିତ ବର୍ତ୍ତମାନର ତୁଳନାରେ ଜାତି ପ୍ରେମ ଓ ଓଡ଼ିଶାର ରାଜନୈତିକ ମାନଚିତ୍ରରେ କୋଣାର୍କ ଶିଳ୍ପର ଅପୂର୍ବ ବଳିଷ୍ଠତା ପ୍ରତିପାଦନ କରିବାର ସାମର୍ଥ୍ୟ । ଏହି କାବ୍ୟରଚନା ପଛରେ ଅଛି କବିଙ୍କର ୧୯୧୭ ମସିହା କୁମାର ପୂର୍ଣ୍ଣିମାରେ କେତେକ ଛାତ୍ରଙ୍କ ସହିତ କୋଣାର୍କ ଯାତ୍ରାର ସ୍ମୃତି । ଏହି ଭ୍ରମଣ ହିଁ 'କୋଣାର୍କେ' କାବ୍ୟର ଆଦ୍ୟ ପ୍ରେରଣା । କାବ୍ୟର ପ୍ରଥମ ଭାଗ ରାମଚଣ୍ଡୀଠାରେ ରାତି ଓ ସକାଳ ଓ ଦ୍ବିତୀୟ ଭାଗ 'ମାଧ୍ବାଦେବୀ' ସେହି ପ୍ରେରଣାର କାବ୍ୟିକ ପ୍ରବାହ । କବି ନିଜେ କାବ୍ୟର ସୂଚନା ପୃଷ୍ଠାରେ ନିବେଦନ କ୍ରମରେ ପ୍ରକାଶ କରିଛନ୍ତି—"ମୋର ଏହା ନୂତନ ମୌଳିକ କାବ୍ୟ ଲେଖା ।" ଏହା ପୂର୍ବରୁ କବି 'ପ୍ରଣୟିନୀ' କାବ୍ୟ ରଚନା କରି ସାରିଥିଲେ । ତେଣୁ ନୀଳକଣ୍ଠଙ୍କ ମୌଳିକ କାବ୍ୟ ସୃଷ୍ଟି ଓଡ଼ିଶାର ଇତିହାସ-ସମୀକ୍ଷାରୁ ଆରମ୍ଭ ବୋଲି କୁହାଯାଇପାରେ ।

'କୋଣାର୍କେ' କାବ୍ୟର ପ୍ରଥମ ଭାଗ ରାମଚଣ୍ଡୀଠାରେ ରାତି ଓ ସକାଳ କୋଣାର୍କ ତୁଳ୍ୟ ଭୂଷା ଓ ଭାବଶିଳ୍ପର ସିଂହଦ୍ବାର । ରାମଚଣ୍ଡୀ ମନ୍ଦିର ନିକଟକୁ ଗୁରୁ ଓ ଶିଷ୍ୟମାନଙ୍କର ଆଗମନ, ସେ ଦିନ (କୁମାରପୂର୍ଣ୍ଣିମା) ସନ୍ଧ୍ୟାରେ ଆକସ୍ମିକ ଝଡ଼ ଓ ବର୍ଷାର ଆବିର୍ଭାବ,

Digitized by srujanika@gmail.com

ତରୁଣ ଛାତ୍ରମାନଙ୍କର କୋଣାର୍କ-ଦର୍ଶନ-ଅଭିଳାଷର ଅପୂର୍ଣ୍ଣତା, ପଦଯାତ୍ରାଜନିତ କ୍ଲାନ୍ତି, ସୁଷୁପ୍ତି, ନୀଳକଣ୍ଠଙ୍କର ଛାତ୍ରବତ୍ସଳ ପ୍ରାଣରେ ସମ୍ବେଦନା, ସେମାନଙ୍କୁ ସମ୍ବୋଧନ ଓ ଉଦ୍‌ବୋଧନ ଛଳରେ କୁମାର ପୂର୍ଣ୍ଣିମା ତିଥିରେ ପାଶବାଶକ ସ୍ମୃତି, ମାଆ ଭଉଣୀଙ୍କ ସ୍ନେହାଦର, ନବବସନ ପରିଧାନ, ଯାତ୍ରାକାଳୀନ କ୍ଲେଶ, ସମୁଦ୍ର କୂଳ ବାଲୁକାବେଳାରେ ଗୁଡ଼ିକଙ୍କ ଘାସର ଦୌରାତ୍ମ୍ୟ, କବିଙ୍କର ଶୈଶବ ସ୍ମୃତି ରୋମନ୍ଥନ, ରାମଚଣ୍ଡୀଙ୍କ କିମ୍ବଦନ୍ତୀ, କଳାପାହାଡ଼ର ଆକ୍ରମଣ, ବାରବାଟୀ, ବଡ଼ାନଦୀ ଓ ଜେଦ୍ୱାର ଦୁର୍ଗର ଇତିହାସ, ଯାଜପୁରରେ ଯଯାତି କେଶରୀଙ୍କ ଅଶ୍ୱମେଧ ଯଜ୍ଞ, ଭୌମପାଳର କରବଂଶୀୟା ପ୍ରଖ୍ୟାତନାମ୍ନୀ ରାଣୀ ଦଣ୍ଡୀ ମହାଦେବୀ, ଓଡ଼ିଶାର କୃଷକ ସେନା, ନାବିକ, ବଣିକ, ଗଙ୍ଗବଂଶ କାଳୀନ ଆଗଙ୍ଗ ଗୋଦାବରୀ ଓଡ଼ିଶାର ବିସ୍ତୃତି, ଚୀନ ପରିବ୍ରାଜକଙ୍କର ଓଡ଼ିଶା ଆଗମନ, ନରସିଂହ ଦେବଙ୍କଦ୍ୱାରା କୋଣାର୍କ ମନ୍ଦିର ନିର୍ମାଣ, ତାହା ପଛରେ ଥିବା ଶିବେଇ ସାମନ୍ତରା ଓ ଧରମା ବାଳକର କିମ୍ବଦନ୍ତୀ, ରାଧାନାଥ କାବ୍ୟରେ ବିକାଶସ୍ଥ ଚରିତ୍ର ସୃଷ୍ଟି ବିରୁଦ୍ଧରେ ଆକ୍ଷେପ, ଶବର ରାଜାଙ୍କଦ୍ୱାରା ଜଗନ୍ନାଥଙ୍କର ପୂଜା, ରାଜା ଇନ୍ଦ୍ରଦ୍ୟୁମ୍ନ, ବିଦ୍ୟାପତି, ଖ୍ରୀ: ପୂ: ତୃତୀୟ ଶତାବ୍ଦୀରେ ଧଉଳିଗିରିରେ ଅନୁଶାସନ ଖୋଦନ, ଖାରବେଳ ଓ ତାଙ୍କ ରାଣୀଙ୍କର ଖଣ୍ଡଗିରିରେ ସନ୍ନ୍ୟାସୀ ଜୀବନଯାପନ, ଓଡ଼ିଶାରେ ଜୈନଧର୍ମ ଓ ବୌଦ୍ଧ ଧର୍ମର ପ୍ରସାର, ରକ୍ତବାହୁଙ୍କର ଓଡ଼ିଶା ଆକ୍ରମଣ ଓ ମୃତ୍ୟୁବରଣ, ସମୁଦ୍ରଗୁପ୍ତଙ୍କ ଦ୍ୱାରା ଓଡ଼ିଶାର ଜଙ୍ଗଲ ମଧ୍ୟରେ ବ୍ୟାଘ୍ରରାଜଙ୍କର ପରାଜୟ, କେଶରୀ ରାଜାମାନଙ୍କର ଭୁବନେଶ୍ୱରସ୍ଥ କୀର୍ତ୍ତି, ଅନଙ୍ଗଭୀମ ଦେବଙ୍କଦ୍ୱାରା ବ୍ରହ୍ମହତ୍ୟାର ପ୍ରାୟଶ୍ଚିତ୍ତ ସ୍ୱରୂପ ବ୍ରାହ୍ମଣ ଶାସନ ଦାନ, ପୁରୁଷୋତ୍ତମ ଦେବଙ୍କର କାଞ୍ଚି ଅଭିଯାନ, ପ୍ରତାପରୁଦ୍ର ଦେବ, ଚୈତନ୍ୟ, ଷୋଡ଼ଶ ଶତାବ୍ଦୀର ପଞ୍ଚସଖା, ମୁକୁନ୍ଦଦେବଙ୍କଠାରେ ଆକବରଙ୍କର ସାହାଯ୍ୟ ଭିକ୍ଷା, ବଙ୍ଗରାଜା ଲକ୍ଷ୍ମଣ ସେନଙ୍କର ବାରବାଟୀ ଦୁର୍ଗରେ ଆଶ୍ରୟ ଗ୍ରହଣ, ତ୍ରିବେଣୀ ତଟରେ ମୁକୁନ୍ଦ ଦେବଙ୍କର ତପସ୍ୟା, ଓଡ଼ିଆ କୈବର୍ତ୍ତମାନଙ୍କର ତାମ୍ରଲିପ୍ତିରେ ନୂତନ ନଗର ସ୍ଥାପନ, ରଣପୁର ଗଡ଼ଜାତରେ ମଣିନାଗଙ୍କର ପ୍ରତିଷ୍ଠା, କଣ୍ଟିଲୋ ନୀଳମାଧବ, ଭଇଁରଜା, ଆବୁଲଫଜଲଙ୍କର କୋଣାର୍କ ଶିଳ୍ପ ଗଠନ ସମ୍ପର୍କରେ ବିବରଣୀ ପ୍ରଦାନ, କବିଙ୍କର ଶିଶୁ ବୟସରେ କୋଣାର୍କ ପରିଦର୍ଶନ ସ୍ମୃତି—ଏହିସବୁ ଐତିହାସିକ ଘଟଣାବଳୀ 'କୋଣାର୍କେ' କାବ୍ୟର ପ୍ରଥମ ଭାଗରେ ଲିପିବଦ୍ଧ । କବିଙ୍କର ଦୃଷ୍ଟିକୋଣ ଯେ ସମ୍ପୂର୍ଣ୍ଣ ଐତିହାସିକ, ଏହା ନିଃସନ୍ଦେହ ।

Digitized by srujanika@gmail.com

'ଖାରବେଳ' :—

ଏହା ମଧ୍ୟ ଏକ ଐତିହାସିକ କାବ୍ୟ । ଇତିହାସର ଗଣ୍ଡି ମଧ୍ୟରେ ଏହାର ପରିକଳ୍ପନା ଓ ପରିସମାପ୍ତି । ପଞ୍ଚବିଂଶ ସର୍ଗରେ ସମ୍ପୂର୍ଣ୍ଣ ଏହି କାବ୍ୟ ପ୍ରାୟ ୨୧୦୦ ବର୍ଷ ତଳର ଚେଦିରାଜବଂଶୀୟ କଳିଙ୍ଗରାଜ ଖାରବେଳଙ୍କ ଦୁର୍ଦ୍ଧର୍ଷ ଚରିତ୍ରକୁ କେନ୍ଦ୍ର କରି ଲିଖିତ । ଉତ୍କଳ, ଓଡ୍ର ଓ କଳିଙ୍ଗର ଏକୀକରଣ, ପାଣ୍ଡ୍ୟ ଅଭିଯାନ, ଜାବା, ବାଲି ପ୍ରଭୃତି ପରିଦର୍ଶନ, ଲଙ୍କାର କନ୍ୟା ଧୃସୀଙ୍କ ସହିତ ତାଙ୍କର ପରିଣୟ—ଏହିପରି ବହୁ ଐତିହାସିକ ଘଟଣା ଏହି କାବ୍ୟର ଉପାଦାନ । ଖାରବେଳଙ୍କର ସମର ବର୍ଣ୍ଣନା କେବଳ ବୀରତ୍ୱର ନିଦର୍ଶନ ନୁହେଁ, ଖାରବେଳଙ୍କର ଚରିତ୍ରର ଅସାଧାରଣତ୍ୱ ପ୍ରତିଷ୍ଠା କରିଅଛି । କୃଷକ ସେନାମାନଙ୍କର ସମରସଜ୍ଜା ଅଦ୍ଭୁତ ବୀରତ୍ୱବ୍ୟଞ୍ଜକ । ପ୍ରଥମ ସର୍ଗରେ ଖାରବେଳଙ୍କର ପଟ୍ଟଳ ନଗରୀରେ ପଦାର୍ପଣରେ ସୂଚନା, ଦ୍ୱିତୀୟ ସର୍ଗରେ ଦାକ୍ଷିଣାତ୍ୟ କନ୍ୟା ଧୃସୀ ସମ୍ପର୍କରେ ସଚନା, ତୃତୀୟ ସର୍ଗରେ ଧୃସୀଙ୍କର ଲଙ୍କାର ରାଜପ୍ରାସାଦରେ ବିଳାସମୟ ଜୀବନଯାପନ ସ୍ମୃତି, ଚତୁର୍ଥ ସର୍ଗରେ ଡ଼ିମେଟ୍ରିଅସ୍‌ଙ୍କର ଦୌରାତ୍ମ୍ୟ ସୂଚନା, ପଞ୍ଚମ ସର୍ଗରେ ସେହି ଯବନମାନଙ୍କର ଉପଦ୍ରବ କାହାଣୀ, ଷଷ୍ଠ ଓ ସପ୍ତମ ସର୍ଗରେ କୃଷକ ସେନାମାନଙ୍କର ଯୁଦ୍ଧପ୍ରସ୍ତୁତି, କ୍ରମଶଃ ପରବର୍ତ୍ତୀ ସର୍ଗମାନଙ୍କରେ କାବ୍ୟବର୍ଣ୍ଣିତ ରହସ୍ୟ ଉଦ୍‌ଘାଟନ, ଏହା ହିଁ 'ଖାରବେଳ' କାବ୍ୟର କଥାବସ୍ତୁ । ମାତ୍ର ଏହାର ସ୍ୱାତନ୍ତ୍ର୍ୟ କଥାବସ୍ତୁରେ ନାହିଁ, ଅଛି ନିର୍ମଳ କବିତ୍ୱର ପରିପ୍ରକାଶରେ । ଧୃସୀ ଓ ଖାରବେଳଙ୍କର ଶୃଙ୍ଗାରିକ ସୌନ୍ଦର୍ଯ୍ୟ ମଧ୍ୟ କାବ୍ୟର ଗୌରବ ପ୍ରତିପାଦନ କରିଛି । ସର୍ବାପେକ୍ଷା ଧୃସୀଙ୍କର ବୀରତ୍ୱ ଅସାଧାରଣ । ଏହି କାବ୍ୟରେ ପ୍ରକୃତି ବର୍ଣ୍ଣନା କବିଙ୍କର ସ୍ୱତନ୍ତ୍ର ଶୈଳୀର ନିଦର୍ଶନ । ସପ୍ତମ ସର୍ଗରେ ପ୍ରଭାତ ବର୍ଣ୍ଣନା ରସାନୁଭୂତିର ଚରମ ବିକାଶ ବୋଲି କୁହାଯାଇପାରେ । ପାରିପାର୍ଶ୍ୱିକ ଜୀବଜନ୍ତୁ ସମ୍ପର୍କରେ ରକ୍ତିମ ଊଷା, ବାଳସୂର୍ଯ୍ୟ, ଧୀର ସମୀରଣ, ଶିଶିରବିନ୍ଦୁ, ପତଙ୍ଗୀ ଓ କୃଷକପଲ୍ଲୀ ଯେପରି ସଞ୍ଜୀବିତ ହୋଇ ଉଠିଛି । ଏକ ଦିଗରେ ଊଷାକାଳୀନ ରବି ରଶ୍ମି, ଅନ୍ୟ ଦିଗରେ କୃଷକ ପଲ୍ଲୀରେ ସମରସଜ୍ଜା—କବିଙ୍କ କଳ୍ପନାରେ ଜୀବନ୍ତ ହୋଇପାରିଛି ।

ଉପସଂହାର :—

ନୀଳକଣ୍ଠଙ୍କ କାବ୍ୟରେ ଦୁଇଟି ଧାରା ପ୍ରବହମାନ, ଗୋଟିଏ ହେଲା ଐତିହାସିକ ଘଟଣାବଳୀର କ୍ରମପ୍ରବାହ ଓ ଅନ୍ୟଟି ବର୍ଣ୍ଣନାର ନୂତନ ପରମ୍ପରା । ତାଙ୍କର କାବ୍ୟସାଧନାର ସ୍ୱର ମୁଖ୍ୟତଃ ଐତିହାସିକ ଓ ଜାତୀୟ ଭାବାପନ୍ନ । ଉତ୍କଳ କାବ୍ୟପୀଠରେ ତାଙ୍କର ଏହି ସ୍ୱତନ୍ତ୍ର ଦୃଷ୍ଟିକୋଣ ସର୍ବଥା ବନ୍ଦନୀୟ । ତାଙ୍କର 'କୋଣାର୍କେ' ଓ 'ଖାରବେଳ' କାବ୍ୟରେ ନିହିତ ଚିନ୍ତାଧାରା ହେଉଛି ଦେଶାଭିମୁଖୀ । ଇତିହାସର ସମାଧି ତଳୁ ଧରମା, ଯୁବରାଜ ନରସିଂହ ଓ ଖାରବେଳ ପ୍ରଭୃତିଙ୍କୁ ଉଠାଇ ଆଣି ଏକ ନୂତନ ଶୋଣିତଧାରାରେ କବି ସଞ୍ଜୀବିତ ଓ ତେଜୋମୟ କରି ତୋଳି ଦେଇଛନ୍ତି । ରାଧାନାଥ ମଧ୍ୟ ଓଡ଼ିଶାର

Digitized by srujanika@gmail.com

ପ୍ରାଚୀନ ଇତିହାସ ଓ କିମ୍ବଦନ୍ତୀକୁ ଘାଣ୍ଟି କାବ୍ୟ ରଚନା କରିଥିଲେ । କିନ୍ତୁ ନୀଳକଣ୍ଠଙ୍କ ଲେଖାରେ ଇତିହାସ ଓ କିମ୍ବଦନ୍ତୀ ଏକ ନୂତନ ପଦ୍ଧତିରେ ବିନ୍ୟାସ ପାଇଛନ୍ତି । ସେହି କାବ୍ୟ ଶିଳ୍ପ ଆବେଗକମ୍ପିତ ଓ ଜାତୀୟତାସ୍ପନ୍ଦିତ । ଇଂରେଜ କବି ସାର୍ ୱାଲ୍ଟର ସ୍କଟ୍ (୧୭୭୧-୧୮୩୨) ସ୍କଟ୍ଲଣ୍ଡ୍ର ପ୍ରାଚୀନ ଗାଥାସମୂହ ସଂଗ୍ରହ କରି ଯେପରି କାବ୍ୟ ଓ କବିତା ରଚନା କରିଥିଲେ, ନୀଳକଣ୍ଠ ସେହିପରି ଓଡ଼ିଶା ଇତିହାସରୁ କେତେଗୁଡ଼ିଏ ଉଜ୍ଜ୍ୱଳ ଓ ସ୍ପଷ୍ଟ ଚରିତ୍ର ନିର୍ବାଚନ କରି କେତେ ଖଣ୍ଡି କାବ୍ୟ ଲେଖିଥିଲେ ।

ଅତୀତର ଅତ୍ୟଧିକ ଉଦ୍‌ବୋଧନ, ନୈତିକତାର ଅଯଥା ବ୍ୟାଖ୍ୟାନ ଗଦ୍ୟଧର୍ମୀ ଶବ୍ଦର ପ୍ରୟୋଗ ପ୍ରଭୃତି କେତେକଙ୍କ ଦ୍ୱାରା କାବ୍ୟିକ ତ୍ରୁଟି ବୋଲି ମନେ ହୋଇପାରେ କିନ୍ତୁ ଏକ ଅଧଃପତିତ, ବିପର୍ଯ୍ୟସ୍ତ, ଜୀବନ୍ମୃତ ଜାତିକୁ ନୂତନ ଜୀବନର ଜ୍ୟୋତିରେ ଉଜ୍ଜୀବିତ ଓ ସଞ୍ଜୀବିତ କରିବା ପାଇଁ ତାହାହିଁ ଥିଲା ଏକ ଏକ ଅସ୍ତ୍ର ବା ମନ୍ତ୍ର । ପ୍ରକୃତରେ ତାଙ୍କର କାବ୍ୟସମୂହ ବିଂଶ ଶତାବ୍ଦୀର ପ୍ରଥମ ପାଦରେ ଉତ୍କଳରେ ଉନ୍ମେଷିତ ଜାତୀୟତାର ଏକ ଏକ ପ୍ରମୂର୍ତ୍ତି ପ୍ରତୀକ ।

———

"ଦୁଇଦିନ ପାଇଁ ଶରୀର ବିଭବ
ଅନନ୍ତ ଜୀବନ ଅନନ୍ତେ ମିଶେ,
ସବୁ ସୁଖ ଦୁଃଖ ସୋହାଗ ବିଷାଦ
ଏକାକାର ସେହି ଅନନ୍ତ ଦେଶେ ।" ('ମାୟାଦେବୀ'—ନୀଳକଣ୍ଠ)

× × ×

"ଅହେତୁକୀ ମମତା ବା ଆତ୍ମଶ୍ରଦ୍ଧା ଆତ୍ମ ପ୍ରବଞ୍ଚନାର ପ୍ରଧାନ ହେତୁ । ସ୍ୱଭାବତଃ ମନୁଷ୍ୟ ଆପଣାକୁ ଏତେ ଶ୍ରଦ୍ଧା କରେ ଯେ ନିତାନ୍ତ ସାହସୀ, ସତ୍ୟ ପିପାସୁ ଓ ସତ୍ୟନିଷ୍ଠ ନ ହେଲେ, ସେ ସମସ୍ତ ଦୋଷ ସତ୍ତ୍ୱେ ଆପଣାକୁ ଯଥାର୍ଥ ରୂପେ ପ୍ରକାଶ କରିବାକୁ ଅନିଚ୍ଛୁକ । କେତେବେଳେ ବା ନିଜର ଦୋଷ ଦେଖିବାକୁ ଆଦୌ ଚେଷ୍ଟା କରେ ନାହିଁ, ଦେଖିଲେ ମଧ୍ୟ ନ ଦେଖିଲା ପରି ହୁଏ । କାରଣ ଦେଖିଲେ ଓ ସଂଶୋଧନ କଲେ କାଳେ କେହି ଜାଣିବେ । ସେତେବେଳେ ସେ ବୁଝେ ନାହିଁ, ଯେତେବେଳେ ଅନ୍ତର୍ଯ୍ୟାମୀ ଜଗଦୀଶ୍ୱର ଜାଣିଅଛନ୍ତି, ସେତେବେଳେ ସଂସାର ଜାଣିଅଛି ।"

('ନୀତି ଓ ପ୍ରକୃତି'—ନୀଳକଣ୍ଠ)

Digitized by srujanika@gmail.com

# ପଣ୍ଡିତ ନୀଳକଣ୍ଠ ଓ ଉତ୍କଳ ବିଶ୍ୱବିଦ୍ୟାଳୟ

ଡକ୍ଟର ବଂଶୀଧର ମହାନ୍ତ

ଓଡ଼ିଶାରେ ଏକ ବିଶ୍ୱବିଦ୍ୟାଳୟର ଅଭାବ ଅନେକ ଦିନରୁ ଅନୁଭୂତ ହେଉଥିଲା । ୧୯୧୪ ମସିହାରେ ପାରଳାଖେମୁଣ୍ଡିରେ ଉତ୍କଳ ସମ୍ମିଳନୀର ଯେଉଁ ଜାତୀୟ ଅଧିବେଶନ ତତ୍‌କାଳୀନ ରାଜା ବିକ୍ରମ ଦେବ ବର୍ମାଙ୍କର ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା, ସେଥିରେ ଓଡ଼ିଶାରେ ଗୋଟିଏ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ପାଇଁ ଏକ ଜାତୀୟ ଦାବୀ ଉପସ୍ଥାପିତ କରାଯାଇଥିଲା । କ୍ରମେ ମହାଯୁଦ୍ଧ ସମୟରୁ ଏହି ଜାତୀୟ ଅନୁଷ୍ଠାନ ପାଇଁ ଜାତିର ମାନ୍ୟଗଣ୍ୟ ଲୋକେ ସ୍ୱର ଉତ୍ତୋଳନ କରିଥିଲେ । ଏପରି କି ଲର୍ଡ ହାର୍ଡିଞ୍ଜ ଓ ଲେଫ୍‌ଟେନାଣ୍ଟ ଗଭର୍ଣ୍ଣର ଚାର୍ଲସ ବେଲିଙ୍କ ପରି କେତେ ବିଦେଶୀୟମାନେ ମଧ୍ୟ ଓଡ଼ିଆ ଅଞ୍ଚଳ ପାଇଁ ଏକ ବିଶ୍ୱବିଦ୍ୟାଳୟର ଆବଶ୍ୟକତା ସମ୍ବନ୍ଧରେ ମତ ପ୍ରକାଶ କରିଥିଲେ । ସେତେବେଳେ ମଧ୍ୟପ୍ରଦେଶ, ସିଂହଭୂମି ଓ ମେଦିନୀପୁରରେ ଥିବା ତିନୋଟି ଓଡ଼ିଆ ହାଇସ୍କୁଲକୁ ମିଶାଇ ୧୯୧୯ ମସିହାରେ ହାଇସ୍କୁଲର ସଂଖ୍ୟା ଥିଲା ମାତ୍ର ୩୧ ଓ କଲେଜ ସଂଖ୍ୟା ଥିଲା ମାତ୍ର ଚାରୋଟି । ଗୋଟିଏ ପ୍ରଥମ ଶ୍ରେଣୀର କଲେଜ (ରେଭେନ୍‌ସା କଲେଜ), ଦୁଇଟି ଦ୍ୱିତୀୟ ଶ୍ରେଣୀର କଲେଜ (ଖଲିକୋଟ ଓ ପାରଳାଖେମୁଣ୍ଡି) ଓ ଚତୁର୍ଥଟି ହେଲା କଟକର ରେଭେନ୍‌ସା ମହିଳା ମହାବିଦ୍ୟାଳୟ । ଓଡ଼ିଶାର କଲେଜ ସଂଖ୍ୟା କମ୍ ଥିବା ହେତୁ ୧୯୧୪ରେ ପାଟଣା କଲେଜର ଛାତ୍ରସଂଖ୍ୟା ମାତ୍ର ୩୬୭ ଥିବା ବେଳକୁ ରେଭେନ୍‌ସା କଲେଜର ଛାତ୍ର ସଂଖ୍ୟା ଥିଲା ୪୮୦ । ଯାହାହେଉ, ଉତ୍କଳ ସମ୍ମିଳନୀର ଉପରୋକ୍ତ ଦାବୀ ସତ୍ତ୍ୱେ ଓ ଉତ୍କଳରେ ଏକ ବିଶ୍ୱବିଦ୍ୟାଳୟ ପାଇଁ ଜନମତ ସୃଷ୍ଟି କରାଯାଇଥିଲେ ହେଁ ତାହା ବହୁ ବର୍ଷଯାଏ ଯଥାର୍ଥ ରୂପ ନେଇପାରି ନଥିଲା ।

ଯେତେବେଳେ ୧୯୩୫ ମସିହାରେ ପଣ୍ଡିତ ନୀଳକଣ୍ଠ ନିଜ ସମ୍ପାଦିତ 'ନବ-ଭାରତ'ରେ ବଳିଷ୍ଠ ଯୁକ୍ତି ଓ ଦୃଢ଼ମତ ପ୍ରକାଶ କଲେ, ଏହି ପତ୍ରିକାରେ ପ୍ରାୟ ଧାରାବାହିକ ରୂପେ ଉତ୍କଳରେ ଏକ ବିଶ୍ୱବିଦ୍ୟାଳୟ ପାଇଁ ବହୁ ଆଲୋଚନା ଓ ଲେଖା ସେତେବେଳେ ପ୍ରକାଶ ପାଇଥିଲା । ପଣ୍ଡିତଜୀ ପାଟଣାର ଶ୍ରୀ ଜଗନ୍ନାଥ ମିଶ୍ରଙ୍କର "ଉତ୍କଳ ପାଇଁ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ"ନାମକ ଏକ ଦୀର୍ଘ ପ୍ରବନ୍ଧ 'ନବଭାରତ'ର ପ୍ରଥମ ବର୍ଷ ୫ମ ସଂଖ୍ୟାରେ ପ୍ରକାଶ କରି ଓଡ଼ିଶାରେ ଶୀଘ୍ର ଏକ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ନିମିତ୍ତ ଦୃଢ଼ମତ ଦେଇ-ଥିଲେ । ଏ ସମ୍ବନ୍ଧରେ ସେ ବହୁ ପ୍ରତିଷ୍ଠିତ ବ୍ୟକ୍ତିଙ୍କର ମତ ଉପସ୍ଥାପିତ କରିଛନ୍ତି । ସେ ଲେଖିଛନ୍ତି—

Digitized by srujanika@gmail.com

"ଓଡ଼ିଶାରେ ରେଭେନ୍‌ସା କଲେଜକୁ କେନ୍ଦ୍ର କରି ଗୋଟିଏ ଆବାସୀୟ ( Residential ) ବିଶ୍ୱବିଦ୍ୟାଳୟ ସ୍ଥାପନ କରିବା ଅନେକ ଲୋକଙ୍କର ମତ । ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟର କୁଳପତି ଡକ୍ଟର ରଘୁନାଥ ପୁରୁଷୋତ୍ତମ ପରାଞ୍ଜପେ ପାଟଣା ବିଶ୍ୱବିଦ୍ୟାଳୟର ଗତ ଉପାଧି ବିତରଣ ସଭାରେ କହିଥିଲେ—"ନିକଟ ଭବିଷ୍ୟତରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ରୂପେ ପରିଣତ ହୋଇଥିବାରୁ ସେ କଟକରେ ତାହାର ବିଶ୍ୱବିଦ୍ୟାଳୟ ସ୍ଥାପନ କରିବ ।"

ତେବେ ଓଡ଼ିଶାର ସୀମା ନିର୍ଦ୍ଦିଷ୍ଟ କରିବା ପାଇଁ ସେତେବେଳେ ସରକାରଙ୍କ ଦ୍ୱାରା ଯେଉଁ କମିଶନ୍ ବସିଥିଲା, ସେମାନେ ଓଡ଼ିଶାର ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ସମ୍ବନ୍ଧରେ ସ୍ଥାନୀୟ ଲୋକଙ୍କଠାରୁ ସାକ୍ଷ୍ୟ ନେବାଛଡ଼ା ଏ ସମ୍ବନ୍ଧରେ ସେମାନଙ୍କର ସୁସ୍ପଷ୍ଟ ମତ ଦେଇ ନ ଥିଲେ । ଓଡ଼ିଶାର ବିଦ୍ୟାଳୟଗୁଡ଼ିକ କେଉଁ ବିଶ୍ୱବିଦ୍ୟାଳୟ ସହିତ ସଂପୃକ୍ତ ହୋଇ-ରହିବ, ସେ ବିଷୟରେ ସେମାନେ କଲିକତା, ପାଟଣା ଓ ଆନ୍ଧ୍ର ବିଶ୍ୱବିଦ୍ୟାଳୟମାନଙ୍କ ଠାରୁ ମତ ଲୋଡ଼ିଥିଲେ । ସେହିକବେଳେ ଗ୍ରଞ୍ଜିଠାରେ ବିଶିଷ୍ଟ ଓଡ଼ିଆ କର୍ମଗୁରୁମାନେ ଓଡ଼ିଶାରେ ବିଶ୍ୱବିଦ୍ୟାଳୟ ସ୍ଥାପନ କରିବା ସମ୍ବନ୍ଧରେ ମତ ନେବା ପାଇଁ ଏକ ବୈଠକ ଡାକି ଥିଲେ । ଉକ୍ତ କମିଟିର ମେମ୍ବର ନିଉସାମ୍ ସାହେବ ସେହି ଓଡ଼ିଶାର ଭଦ୍ରବ୍ୟକ୍ତି ମାନଙ୍କୁ ପଚାରିଥିଲେ—

"ଆପଣ ଓଡ଼ିଶା ପାଇଁ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ଚାହାନ୍ତି ? ଓଡ଼ିଶାରେ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ପାଇଁ ସ୍ଥାନୀୟ ରାଜା ମହାରାଜାମାନେ ଆର୍ଥିକ ସାହାଯ୍ୟ କରିବେ ତ ? ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ବୋଇଲେ ଆପଣ କ'ଣ ବୁଝନ୍ତି ? ଆମର ଆନ୍ତର୍ଜାତିକ ଅକ୍‌ସ ଫୋର୍ଡ ବିଶ୍ୱବିଦ୍ୟାଳୟକୁ ତ ପୃଥିବୀର ସମସ୍ତ ଅଞ୍ଚଳରୁ ଲୋକମାନେ ବିଦ୍ୟାଶିକ୍ଷା କରିବାକୁ ଯାଆନ୍ତି ।" ଏ ପ୍ରକାର ମନ୍ତବ୍ୟ ସହିତ ଅନେକ ଖବରକାଗଜ ଲେଖିଥିଲେ ଯେ, ଓଡ଼ନେଲ କମିଟି ଓଡ଼ିଶାରେ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ରୂପକ ଏକଅସମ୍ଭବ ପ୍ରଶ୍ନ ଉଠାଉଛନ୍ତି । କେତେକ ମଧ୍ୟ କହିଲେ ଯେ, ଓଡ଼ିଶାରେ ବିଶ୍ୱବିଦ୍ୟାଳୟ ସ୍ଥାପନର ସମୟ ଆସିବାକୁ ଅନେକ ବିଳମ୍ବ ଅଛି । କହିଦେବା ଆବଶ୍ୟକ ଯେ, ସେତେବେଳେ ଏ ଦେଶରେ ପ୍ରଦେଶିକତା ପୂର୍ଣ୍ଣମାତ୍ରାରେ ରାଜତ୍ୱ କରୁଥାଏ ଏବଂ ପାଟଣା ବିଶ୍ୱବିଦ୍ୟାଳୟର ସିନେଟ୍‌ରେ ଏକ ପ୍ରକାରର ଆଲୋଚନା ହେଉଥାଏ । ସିନେଟ୍‌ସଭ୍ୟ ଶ୍ରୀ ବଳଦେବ ସହାୟ କହିଥିଲେ, "ବଙ୍ଗାଳିମାନେ କଲିକତା ବିଶ୍ୱବିଦ୍ୟାଳୟରେ ପରୀକ୍ଷା ଦେବାର ବନ୍ଦୋବସ୍ତ କରନ୍ତୁ । ନଚେତ୍ ଯଦି ତାଙ୍କର ବିହାରରେ ରହିବାର ଇଚ୍ଛାଥାଏ, ତେବେ ହିନ୍ଦୀକୁ ମାତୃଭାଷା ରୂପେ ପଢ଼ନ୍ତୁ । ଓଡ଼ିଆମାନେ ମିଷ୍ଟର ପରଜାଙ୍କୁ ଭାଇସ୍ ଚାନ୍‌ସେଲର ରୂପେ ରଖି କଟକରେ ନିଜର ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ସ୍ଥାପନ କରନ୍ତୁ ।" ତଥାପି ଓଡ଼ନେଲ କମିଟି ଓଡ଼ିଆଙ୍କର ଇଚ୍ଛା ବିରୁଦ୍ଧରେ ଓଡ଼ିଶା ପାଟଣା ବିଶ୍ୱବିଦ୍ୟାଳୟ ସହିତ ପୂର୍ବ ପରି ରହିବା ନିମନ୍ତେ ମତ ଦେଇଥିଲେ, ଯାହା ଫଳରେ ସେତେବେଳେ ଓଡ଼ିଶାର ଲୋକେ ଅତ୍ୟନ୍ତ ମର୍ମାହତ ହୋଇପଡ଼ିଲେ ।

Digitized by srujanika@gmail.com

ଏଭଳି ଗୋଟିଏ ସନ୍ଧିକ୍ଷଣ ବେଳେ "ପଣ୍ଡିତ ନୀଳକଣ୍ଠଙ୍କର ଉତ୍କଳରେ ବିଶ୍ୱବିଦ୍ୟାଳୟ" ଶୀର୍ଷକ ଦୀର୍ଘ ଆଲୋଚନା ପ୍ରକାଶ ପାଇଲା । (ନବଭାରତ, ୧ମ ବର୍ଷ, ୨ୟ ସଂଖ୍ୟା) ସେ ଲେଖିଲେ ଯେ, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ, ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ, ସ୍ୱତନ୍ତ୍ର ହାଇକୋର୍ଟ ପ୍ରଭୃତିର ଆବଶ୍ୟକତା ବିଷୟରେ ବହୁ ରକମର ଆଲୋଚନା ପ୍ରକାଶ ପାଉଛି । ହବାକ୍ କମିଟି ଅନୁଧ୍ୟାନ କରି ଓଡ଼ିଶାବାସୀଙ୍କର ବିଶ୍ୱବିଦ୍ୟାଳୟ ପାଇଁ ଏକାନ୍ତ ଇଚ୍ଛା ବୋଲି ମତ ଦେଇଥିଲେ ହେଁ, ଅର୍ଥାଭାବ କାରଣ ଦେଖାଇ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସେମାନେ ଅନୁମୋଦନ କରି ନାହାନ୍ତି । ଏଥିକୁ ଲକ୍ଷ୍ୟ କରି ପଣ୍ଡିତ ନୀଳକଣ୍ଠ ଲେଖିଲେ--"ଓଡ଼ିଆଙ୍କ ବିଶେଷତ୍ୱ ରକ୍ଷା କରିବା ପାଇଁ ବିଶ୍ୱବିଦ୍ୟାଳୟ ଏକାନ୍ତ ଲୋଡ଼ା । କାରଣ ନିଜର ବିଶ୍ୱବିଦ୍ୟାଳୟ ନ ହେଲେ ଜାତି ମନରେ ଦମ୍ଭ ଆସିବ କାହୁଁ ? ପୁଣି ବିଶ୍ୱବିଦ୍ୟାଳୟ ନ ହେଲେ ଜାତିର ଆବଶ୍ୟକ ଅନୁସାରେ ଶିକ୍ଷକ ଗଢ଼ିବ ବା କାହୁଁ ? ବିଶ୍ୱବିଦ୍ୟାଳୟ ହିଁ ନା ଜାତିର ସମସ୍ତ ଶିକ୍ଷକ ଗଢ଼େ । ଆମେ ଯଦି ବାହାର ଦ୍ୱାରା ତିଆରି ପିଣ୍ଡା ହେଉଥିବା, ତାହାହେଲେ କେବେହେଲେ ନିଜର ବିଶେଷତ୍ୱ ଫୁଟିବ କି ? ସେ ଫକୀରମୋହନଙ୍କ ଉକ୍ତି ଉଦ୍ଧାର କରି କହିଥିଲେ,

"କୁକୁର ଗୋଟିଏ କମାଇ ବନାଇବ ଘର,
ଗୃହି ବୁଲେ ବାର ଘର ଅଇଁଠା ପତର ।"

'ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ଅର୍ଥ କାହିଁ ?' ପ୍ରସଙ୍ଗରେ ପଣ୍ଡିତଜୀ ଲେଖିଛନ୍ତି, "ଆମେମାନେ ମନେକରୁ କଲେଜରେ ବର୍ତ୍ତମାନ ଯେତେ ଖର୍ଚ୍ଚ ହେଉଛି, ତାହା ଉପରେ ବାର୍ଷିକ ଟ ୩୦,୦୦୦ଙ୍କା ଅଧିକ ଖର୍ଚ୍ଚ ଲାଗିବ । ଓଡ଼ିଆ ଜାତିର ଯଦି ଆତ୍ମସମ୍ମାନ ଜ୍ଞାନ ଥାଏ, ତେବେ ଆମେମାନେ ମନେକରୁ ଏ ଅର୍ଥର ଅଭାବ ରହିବ ନାହିଁ । ଏତେ ବଡ଼ କାର୍ଯ୍ୟରେ ଯଦି ଏତିକି ଅର୍ଥ ନ ମିଳେ, ତେବେ ଏ ଜାତିର ଉତ୍ଥାନ କାହିଁ ? ଫଳରେ ପ୍ରଦେଶ ଗଢ଼ିବା କାଉନ୍‌ସିଲ କର, ଜାତିର ହୃତ୍‌ପିଣ୍ଡରେ ରକ୍ତ ନାହିଁ ବୋଲି ଜାଣିବାକୁ ହେବ ।" (ନବଭାରତ, ୧ମ ବର୍ଷ, ୭ମ ସଂଖ୍ୟା) ।

ପଣ୍ଡିତଜୀ ମତ ଦେଇଥିଲେ ଯେ, ଓଡ଼ିଶାରେ ଯେଉଁ ବିଶ୍ୱବିଦ୍ୟାଳୟ ସ୍ଥାପିତ ହେବ, ତାହା ନାଳନ୍ଦାର ଆଦର୍ଶରେ ଗଢ଼ି ଉଠିବା ଉଚିତ । ତାଙ୍କର ଏହି ମତ ଭିତରେ ସତ୍ୟବାଦୀ ବନବିଦ୍ୟାଳୟର ଆଦର୍ଶ ଯେ ପ୍ରତିଫଳିତ ହୋଇଛି, ଏହା କହିବା ବାହୁଲ୍ୟ ମାତ୍ର ।

୧୯୩୬ ମସିହାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହେଲା ଏବଂ ତା ପରଠାରୁ ଓଡ଼ିଶାରେ ଏହି ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ପାଇଁ ଆପତ୍ତି ବିଶେଷ ଆଗ୍ରହ ପ୍ରକାଶ ପାଇଲା ଓ ସେଥିପାଇଁ ବହୁ ଆଲୋଚନା ପଣ୍ଡିତ ନୀଳକଣ୍ଠଙ୍କ ପ୍ରତିଷ୍ଠିତ 'ନବଭାରତ'ରେ ତଥା ଅନ୍ୟାନ୍ୟ ଓଡ଼ିଆ ପତ୍ରପତ୍ରିକାମାନଙ୍କରେ ପ୍ରକାଶ ପାଇଲା । ଫଳରେ ୧୯୪୩ ମସିହାରେ

Digitized by srujanika@gmail.com

ଓଡ଼ିଶା ସରକାର ପଣ୍ଡିତ ନୀଳକଣ୍ଠଙ୍କର ଅଧ୍ୟକ୍ଷତାରେ ଏକ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ପାଇଁ ଗୋଟିଏ କମିଟି ଗଠନ କରିଥିଲେ ।

ପରିଶେଷରେ ୧୯୪୩ ମସିହାରେ ଓଡ଼ିଆ ଜାତିର ସ୍ୱପ୍ନ ରୂପ ଧାରଣ କଲା ଓ ସେହି ବର୍ଷ ଜୁନ୍ ୩୦ ତାରିଖରେ ଉତ୍କଳ ବିଶ୍ୱବିଦ୍ୟାଳୟ ଆଇନ ଓଡ଼ିଶା ବିଧାନସଭାରେ ଗୃହୀତ ହୋଇଥିଲା । ଦୁଃଖର କଥା ଯେ, 'ଉତ୍କଳ ବିଶ୍ୱବିଦ୍ୟାଳୟ ଯାହା କି ଉତ୍କଳୀୟ ମାନଙ୍କର ସାଂସ୍କୃତିକ ସଂହତିର ପ୍ରତୀକ' ଏହି ବୃହତ୍ତ ଜାତୀୟ ଅନୁଷ୍ଠାନର ଇତିହାସ ଏ ପର୍ଯ୍ୟନ୍ତ ସଂକଳିତ ହୋଇନାହିଁ-ଯେଉଁ ଯେଉଁ ଦେଶହିତୈଷୀ ବ୍ୟକ୍ତିଗଣ ବିଶ୍ୱବିଦ୍ୟାଳୟ ପାଇଁ ଅକ୍ଲାନ୍ତ ପରିଶ୍ରମ କରି ଯାଇଛନ୍ତି, ସେମାନଙ୍କୁ ଆମେ ବିସ୍ମରଣ କରି ଦେଇଛୁ । ଆମର ଆଶା, ବିଶ୍ୱବିଦ୍ୟାଳୟ ଏ ଦିଗରେ ଆଶାନୁରୂପ ପଦକ୍ଷେପ ଗ୍ରହଣ କରିବେ ।

ପଣ୍ଡିତ ନୀଳକଣ୍ଠ ଜଣେ ଦେଶସେବକ, ମହାନ୍ ଶିକ୍ଷକ, ସାହିତ୍ୟିକ, କବି ଓ ପଣ୍ଡିତ ଭାବରେ ଚିରଦିନ ଚିରସ୍ମରଣୀୟ ହେବେ । ଏହାଛଡ଼ା ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନିମିତ୍ତ ଜାତୀୟ ଜାଗରଣର ଯେଉଁ ସର୍ବପ୍ରଥମ ଓ ପ୍ରଧାନ ନେତୃତ୍ୱ ଦେଇଥିଲେ, ସେଥିପାଇଁ ସେ ଯେ ଉତ୍କଳ ବିଶ୍ୱବିଦ୍ୟାଳୟର ଇତିହାସରେ ଚିରସ୍ମରଣୀୟ ହୋଇ ରହିବେ, ଏଥିରେ ସନ୍ଦେହ ନାହିଁ ।

ଏହି ପରିପ୍ରେକ୍ଷୀରେ ଆମମାନଙ୍କ ପକ୍ଷରେ ଅତି ଆନନ୍ଦ ଓ ଗୌରବର ଦିନ ଯେ ପଣ୍ଡିତ ନୀଳକଣ୍ଠଙ୍କର ସ୍ମୃତିରକ୍ଷା ନିମନ୍ତେ ଯେଉଁ ସ୍ମୃତି ସମିତି ଗଠିତ ହୋଇଛି, ସେମାନଙ୍କର ପ୍ରଥମ ଅର୍ଘ୍ୟ ଢ଼ାଳି ଦେଇଛନ୍ତି, ଓଡ଼ିଆ ସାହିତ୍ୟ ତଥା ନୀଳକଣ୍ଠ ସାହିତ୍ୟର ଚର୍ଚ୍ଚା ପାଇଁ ୭୨ ହଜାର ଟଙ୍କା ବିଶ୍ୱବିଦ୍ୟାଳୟକୁ ଅର୍ପଣ କରି । ସେ ଆକାଂକ୍ଷା ସଫଳ ହେଉ, ଆଜିର ଏତିକି କାମନା ।

———

ଦୁଇଦିନ ପାଇ ଶରୀର ବିଭବ
ଅନନ୍ତ ଜୀବନ ଅନନ୍ତ ମିଶେ
ସବୁ ସୁଖ ଦୁଃଖ ସୋହାଗ ବିଷାଦ
ଏକାକାର ସେହି ଅନନ୍ତ ଦେଶେ ।

(ନୀଳକଣ୍ଠ)

Digitized by srujanika@gmail.com

# ପଣ୍ଡିତ ନୀଳକଣ୍ଠଙ୍କ ରଚନାରେ ପିଲାଙ୍କ ଗୀତ

ଶ୍ରୀ ରବିନାରାୟଣ ଦାଶ

ପଣ୍ଡିତ ନୀଳକଣ୍ଠ ଦାସ ଏକକ ଭାବରେ ବହୁ ଅନୁଷ୍ଠାନର ସମନ୍ୱୟ ହେଲେ ମଧ୍ୟ ଜଣେ କୃତବିଦ୍ୟ ସାହିତ୍ୟିକ ଭାବରେ ଅନ୍ୟମାନଙ୍କଠାରୁ ବହୁ ଉଚ୍ଚରେ ପ୍ରତିଷ୍ଠିତ ହୋଇଅଛନ୍ତି । ତାଙ୍କର ସାହିତ୍ୟ ସାଧନାରେ ଯେପରି କଠିନ ଶବ୍ଦାବଳୀ, ଭାବଗାମ୍ଭୀର୍ଯ୍ୟ ଓ ଦୀପ୍ତପ୍ରଶସ୍ତ ଜ୍ଞାନର ପରିଚୟ ମିଳେ, ସେହିପରି ସରଳ ତରଳ ଭାବ, ଶ୍ରେଣୀ ନିର୍ବିଶେଷରେ ବୋଧଗମ୍ୟ ଭାଷା ତଥା ହାସ୍ୟରସର ସଂଭ୍ରମ ପ୍ରକାଶ ମଧ୍ୟ ଦେଖିବାକୁ ମିଳେ । ଶିଶୁ-ସାହିତ୍ୟ ରଚନାରେ ପଣ୍ଡିତ ନୀଳକଣ୍ଠ ଜଣେ ଶିକ୍ଷକ ଭାବରେ ଉଦ୍ୟମ କରିଛନ୍ତି ଓ ସେଥିରେ ଶିକ୍ଷଣୀୟ ବିଷୟ ସକଳ ସୃଜନାତ୍ମକ ଆଦର୍ଶ ମାଧ୍ୟମରେ ପ୍ରଖ୍ୟାପନ କରିଛନ୍ତି । ଏହା ଗଦ୍ୟ ଓ ପଦ୍ୟ ଉଭୟରେ ପ୍ରକାଶ ପାଇଛି । ମାତ୍ର କବିତା ଶିଶୁମାନଙ୍କ ମନରେ ଅଧିକ ରେଖାପାତ କରିପାରେ । ତେଣୁ ଏହି ଲକ୍ଷ୍ୟରେ ସେ କ୍ଷୁଦ୍ର କବିତା ମାଧ୍ୟମରେ ତାଙ୍କର ଶିକ୍ଷା ପ୍ରଦାନ କରିବା ପାଇଁ ଉଦ୍ୟମ କରିଛନ୍ତି । ଏପରି କ୍ଷୁଦ୍ର କବିତାଗୁଡ଼ିକ ନୀଳକଣ୍ଠ ଗ୍ରନ୍ଥାବଳୀରେ ସନ୍ନିବେଶିତ ହୋଇଅଛି । ତାହା 'ପିଲାଙ୍କ ଗୀତ' ବିଭାଗରେ ପ୍ରଥମ ଖଣ୍ଡରେ ଏକତ୍ର ହୋଇଅଛି । ତେଣୁ ଏହା ତାଙ୍କର ଶିଶୁସାହିତ୍ୟ ସମ୍ଭାର ଉପରେ ସମ୍ୟକ ଆଲୋଚନା ନୁହେଁ କିମ୍ବା ଏହି ଗୀତଗୁଡ଼ିକ ଉପରେ ଏକ ସମ୍ପୂର୍ଣ୍ଣ ଆଲୋଚନା ମଧ୍ୟ ନୁହେଁ । କାରଣ ପଣ୍ଡିତ ନୀଳକଣ୍ଠଙ୍କ ଲିଖିତ ଶିଶୁ କବିତା ସକଳ ଏଥିରେ ସମ୍ପୂର୍ଣ୍ଣ ସଂଗୃହୀତ ହୋଇପାରି ନାହିଁ । ଏଥିରୁ କେତେକ କବିତା ୧୯୫୬ ମସିହାରେ ପାଠ୍ୟପୁସ୍ତକ ରୂପେ ପ୍ରଚଳିତ 'ସରସପାଠ' ପୁସ୍ତକରେ ସନ୍ନିବେଶିତ ହୋଇଥିଲା ।

'ପିଲାଙ୍କ ଗୀତ' ବିଭାଗଟିରେ ସର୍ବମୋଟ ବାଇଶିଗୋଟି କବିତା ସ୍ଥାନ ପାଇଛି । ସେଥିରୁ କେତେକ ସ୍ୱାଧୀନତା ପୂର୍ବରୁ ଏବଂ ଅନ୍ୟ କେତେକ ସ୍ୱାଧୀନତା ପରେ ରଚିତ । ସେମାନଙ୍କ ମଧ୍ୟରେ ଚିନ୍ତାମୂଳକ ତଥା ଦାର୍ଶନିକ କବିତା ମାତ୍ର ଦୁଇଗୋଟି ଦେଖିବାକୁ ମିଳେ । ଏଗୁଡ଼ିକ ଯଥାକ୍ରମେ 'ବୁଦ୍ଧ ଓ ବିଧବା' ଏବଂ 'ସିଦ୍ଧାର୍ଥ ଓ ହଂସ' । ଏଗୁଡ଼ିକରେ ବୁଦ୍ଧଙ୍କ ଅନିତ୍ୟ ମରଣଶୀଳ ସଂସାର ଓ ଅହିଂସା ବିଷୟବସ୍ତୁ ରୂପେ ଗ୍ରହଣ କରାଯାଇଛି । ପ୍ରଥମ 'ବୁଦ୍ଧ ଓ ବିଧବା' ପଦ୍ୟଟିରେ ବୌଦ୍ଧ ଦର୍ଶନକୁ ଏବଂ 'ସିଦ୍ଧାର୍ଥ ଓ ହଂସ' କବିତାରେ ଗାନ୍ଧିଙ୍କ ଅହିଂସା ଦର୍ଶନକୁ ଆଶ୍ରୟ ରୂପେ ଗ୍ରହଣ କରାଯାଇଥିଲେ ମଧ୍ୟ ତାର ମୂଳ ଉତ୍ସ ସେହି ବୌଦ୍ଧଦର୍ଶନରେ ନିହିତ । ଶିଶୁମାନଙ୍କ ମନରେ ଥିବା ନିତ୍ୟ ମରଣର ଭୟକୁ ବିଦୂରିତ କରି କିମ୍ବା ସେଥିରେ ବିଚଳିତ ନ ହୋଇ କର୍ମକେନ୍ଦ୍ର ଅଥବା ସଦରେ ଆଶ୍ରୟ

Digitized by srujanika@gmail.com

ଦେବା ପାଇଁ ପ୍ରଥମଟିରେ ବ୍ୟକ୍ତ ହୋଇଥିବା ବେଳେ ଦ୍ୱିତୀୟଟିରେ ହିଂସା ଓ ଅହିଂସା ମଧ୍ୟରେ ଅଧିକାରଗତ ପାର୍ଥକ୍ୟର ପରିପ୍ରକାଶ ଘଟି ଅହିଂସାର ମହତ୍ତ୍ୱକୁ ଉଚ୍ଚ ସ୍ଥାନରେ ଅଭିଷିକ୍ତ କରାଯାଇଛି ।

'ମୋ ଟିକିଘର' କବିତାଟି ପଣ୍ଡିତ ନୀଳକଣ୍ଠଙ୍କ ଲେଖନୀ-ନିଃସୃତ ଆଦିବାସୀ ଜୀବନର ପରିବେଶ ସୃଷ୍ଟି କରିଥାଏ । ସେଥିରେ ସରଳ ନିରାଡ଼ମ୍ବର ଜୀବନର ପ୍ରାକୃତିକ ସ୍ଥିତି ହିଁ ଶିଶୁପ୍ରାଣରେ ଆକର୍ଷଣ ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ । ଏହା ବ୍ୟତୀତ "ମାଛି ଓ ବୁଢିଆଣୀ" (Mary Hawitଙ୍କ "The Spider and the Bee" କବିତାର ଅନୁବାଦ), 'ବେଙ୍ଗ ଓ ବୁଢିଆଣୀ' ଏବଂ 'କି ସୁନ୍ଦର ଏ ସଂସାର' କବିତା ତିନୋଟିରେ ପ୍ରକୃତି ଚିତ୍ରଣ କରାଯାଇ ବାଳକ ବାଳିକାମାନଙ୍କ ସମକ୍ଷରେ ଏ ସୃଷ୍ଟିର ରହସ୍ୟ ଉଦ୍-ଘାଟନ ପାଇଁ ଉଦ୍ୟମ କରାଯାଇଅଛି । ସେଥିରେ ପ୍ରଥମ ଦୁଇଟି ପଦ୍ୟରେ ଡାରଉଇନଙ୍କ "Survival of the fittest" ଦର୍ଶନକୁ ଉଦାହରଣ ଦ୍ୱାରା ବୁଝାଇ ଦିଆଯାଇଛି । 'କି ସୁନ୍ଦର ଏ ସଂସାର' କବିତାଟିରେ ମନୁଷ୍ୟ ପ୍ରକୃତି ତଥା ଅନ୍ୟ ପ୍ରାଣୀବିଶେଷଙ୍କ ସମ୍ପର୍କରେ ସୂଚନା ପ୍ରକାଶ ପାଇଛି । 'ମାଛି ଓ ବୁଢିଆଣୀ' ଓ 'ବେଙ୍ଗ ଓ ବୁଢିଆଣୀ' ପଦ୍ୟ ଦୁଇଟିରେ ଆତ୍ମା ରହିଛି ସ୍ୱାଧୀନତାର ଗଣତାନ୍ତ୍ରିକ ମୂଲ୍ୟବୋଧରେ ଅର୍ଥାତ୍ 'Eternal vigilance is the price of liberty' ଆପ୍ତ ବାକ୍ୟରେ । ଏଥିରେ ଜୀବନ ଓ ମୃତ୍ୟୁର ଅହରହ ସତର୍କ କ୍ରୀଡାର ନିଦର୍ଶନ ରହିଛି । ପଣ୍ଡିତ ନୀଳକଣ୍ଠ ତାହାଙ୍କ ପିଲାମାନଙ୍କୁ ଶିକ୍ଷା ଦେବା ପାଇଁ ଚେଷ୍ଟା କରିଛନ୍ତି । ଏହି ଉଭୟ ପଦ୍ୟରେ ଜୀବନର ବିପଦପୂର୍ଣ୍ଣ ସ୍ଥିତି ସମ୍ପର୍କରେ ସୂଚନା ରହିଛି ଓ ତାହା ବିଶ୍ୱ ସୃଷ୍ଟିର ରହସ୍ୟ ତଥା ସେହି ସୃଷ୍ଟିର ସ୍ୱତଃ ସୀମାବଦ୍ଧ ବା ସସୀମ ବିକାଶ ସମ୍ପର୍କରେ ଅନୁଚ୍ଚ ସ୍ୱର ସଙ୍କେତ ପ୍ରକାଶ କରୁଅଛି । 'ଜହ୍ନମାମୁଁ' ପଦ୍ୟଟିରେ ମଧ୍ୟ ପ୍ରକୃତିର ବିଭିନ୍ନ ବିବର୍ତ୍ତିତ ପରିବେଶରେ ଚନ୍ଦ୍ର ପ୍ରକୃତିର ଅବତାରଣା ରହିଛି । ଏଥିରେ କାଳିଦାସଙ୍କ ଋତୁ ବର୍ଣ୍ଣନାର କ୍ରମ ଥିଲେ ମଧ୍ୟ ବାରମାସୀରେ ଚନ୍ଦ୍ରର ପରିଦୃଶ୍ୟମାନ ସ୍ଥିତି ହିଁ ପିଲାଙ୍କ ନିକଟରେ ଋତୁ ବିବର୍ତ୍ତନର ସୂଚନା ପ୍ରକାଶ କରିଥାଏ । ସେମାନଙ୍କ କଳ୍ପନା ମଧ୍ୟରେ ଚିତ୍ରିତ ହୋଇଥିବା ଚନ୍ଦ୍ରର ବିଶ୍ଳେଷଣର ପ୍ରୟୋଗଗୁଡ଼ିକ ଅତି ସରଳ ତଥା ଶିଶୁମନର ଆକର୍ଷଣୀୟ ହେବା ଭଳି ରୂପାୟିତ କରାଯାଇଛି । 'ପିଲା ଓ ଚଢେଇ' ପଦ୍ୟଟି ମଧ୍ୟ ସ୍ୱାଧୀନତାର ଜୟଗାନ କରି-ଥାଏ ଓ ଏହା ଶିଶୁ ମନରେ ପକ୍ଷୀର ସ୍ୱାଧୀନ ଚଳାକୁ ଓ ମୁକ୍ତିର ଜୟଗାନକୁ ଆଦର୍ଶ ରୂପେ ଗ୍ରହଣ କରିବା ପାଇଁ ପ୍ରବର୍ତ୍ତାଇ ଥାଏ । ସ୍ୱାଧୀନତାର ଦାରିଦ୍ର୍ୟ ଅଧୀନତାର ପ୍ରାଚୁର୍ଯ୍ୟ ଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ବୋଲି ଏଠାରେ ସୂଚିତ ହୋଇଛି ।

'ସାପୁଆ କେଲା' ଓ 'ଲକ୍ଷ୍ମୀ ନନ୍ଦ କଳଭ' କବିତା ଦୁଇଟି ସମାଜର ଦୁଇଟି ସ୍ୱତନ୍ତ୍ର ଚିତ୍ର ଉପସ୍ଥାପନ କରନ୍ତି । ଗୋଟିଏ ଜୀବିକା ନିର୍ବାହର ବୃତ୍ତି ସହିତ ଆନନ୍ଦ ବିତରଣ ଓ ଉଚ୍ଛନ୍ନିତ ସାମାଜିକ ଜୀବନର ଚଞ୍ଚଳତା ଶିଶୁ ମନର ଆବେଗରେ ପ୍ରକାଶ କରୁଥିବାବେଳେ ଅନ୍ୟଟି ଅସହାୟମାନଙ୍କ ଜୀବନର ପରିଣତି ସୂଚାଇଥାଏ । 'ହଟିଆ ଲୁଚିବା କଥା' ପଦ୍ୟ-ଟିରେ ପ୍ରକାଶ ପାଇଛି ପାରିବାରିକ ସ୍ନେହ କୌତୁକ ତଥା ପାରିବାରିକ ଶାନ୍ତି

Digitized by srujanika@gmail.com

ଓ ସନ୍ତୋଷ । ଏହା ସହିତ ପିଲମାନଙ୍କ ଖେଳ କୌତୁକର ଗୋଟିଏ ଦିଗ ମଧ୍ୟ ସେଥିରେ ଦେଖିବାକୁ ମିଳେ । ଏହା ମଧ୍ୟ ଏକ ପ୍ରଶ୍ନକଧର୍ମୀ କୌତୁକପ୍ରିୟ ଶିଶୁର ଇଙ୍ଗିତ ଦିଏ ।

'ମହାତ୍ମା ଗାନ୍ଧି' ପଦ୍ୟଟିରେ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଶେଷ ସାରଥି, ଜାତିର ଜନକ ତଥା ପୃଥିବୀରେ ଅହିଂସା ମତବାଦର ଜୟଘୋଷଣା କରୁଥିବା ଗାନ୍ଧିଙ୍କ ଉଦ୍ଦେଶ୍ୟରେ ସମ୍ମାନ ପ୍ରଦର୍ଶିତ ହୋଇଅଛି । ଏହି ମହାନ୍ ଚରିତ୍ର ଶିଶୁଙ୍କର ଆଦର୍ଶ-ସ୍ଥାନୀୟ, ତେଣୁ ଏଠାରେ ତାହାକୁ ସନ୍ନିବେଶିତ କରାଯାଇ ଶିଶୁମାନଙ୍କୁ ସାଧୁର ଜୀବନ ଯାପନ ପାଇଁ ପରୋକ୍ଷ ସୂଚନା ଦିଆଯାଇଅଛି । ଏହା ବ୍ୟତୀତ 'ଆମ ଜାତୀୟ ପତାକା' ପଦ୍ୟରେ ଜାତୀୟତାର ସଙ୍କେତରୂପେ ଗଣ୍ୟ ହୋଇଥିବା ପତାକାକୁ ଜାତୀୟ ସମ୍ମାନ ପ୍ରଦର୍ଶନ କରିବା ପାଇଁ ଶିଶୁମାନଙ୍କୁ ଶିକ୍ଷା ଦିଆଯାଇଅଛି । ଜାତୀୟ ପତାକାର ମର୍ଯ୍ୟାଦା ରଖିବାପାଇଁ ଶିଶୁମାନଙ୍କୁ ସେମାନଙ୍କ ଶୈଶବରୁ ହିଁ ଶିକ୍ଷା ଦେବା କଥା । ଏହାହିଁ ପଣ୍ଡିତ ନୀଳକଣ୍ଠ ମନେ କରିଛନ୍ତି । 'ଜୟ ଭାରତ' କବିତାଟି ମଧ୍ୟ ଭାରତର ଜୟଗାନ କରେ ଓ ପିଲଙ୍କ ମନରେ ନିଜ ଦେଶମାତୃକାର ଉତ୍କର୍ଷ ପ୍ରତିପାଦନ କରିଥାଏ । ସେଥିରେ ଦେଶମାତୃକାର ଯେଉଁ ପ୍ରୀତି ଝଙ୍କାର ରହିଛି, ତାହା ସସ୍ନେହ ଭାବାଦେଶର ମୂର୍ତ୍ତିପ୍ରତୀକ ଅଟେ । ଏହା ମଧ୍ୟ ଶିଶୁମନରେ ଜାତୀୟତାର ଅଙ୍କୁରୋଦ୍‌ଗମ କରାଇଥାଏ ।

'ଚକାଫଳ ନ ଖାଇଁ' କବିତାଟି ଅଜ୍ଞାନ ପଶୁମନର ପ୍ରଲୁବ୍ଧ ଉଦ୍ୟମର କୁପରିଣତି ଦର୍ଶାଇଥାଏ । ଏହା ଏକ ହାସ୍ୟରସାତ୍ମକ କବିତା ଓ ଶିଶୁମାନଙ୍କର ଉପଭୋଗ୍ୟ ଅଟେ । 'ଆମ ନେତ', 'ମୋର ଗାଈ ସେ ମାଟି' ଓ 'ଆ ମୋ ପାଟ' କବିତାଗୁଡ଼ିକ ଗୋରୁଙ୍କ ପ୍ରତି ମନୁଷ୍ୟର ବିଶେଷ କରି ପିଲମାନଙ୍କର ସ୍ନେହ ଓ ଆଦର ତଥା ଆନ୍ତରିକତାର ସୂଚନା ପ୍ରକାଶ କରିଥାଏ । ଏକ ବିଷୟକୁ ବିଭିନ୍ନ ସ୍ଥାନରେ ପ୍ରକାଶ କରିବା ଦ୍ୱାରା ତାହାର ପୁନରାବୃତ୍ତି ହୋଇଥିଲେ ମଧ୍ୟ ସ୍ୱତନ୍ତ୍ର ଭାବରେ ପ୍ରତ୍ୟେକଟିକୁ ଦେଖିଲେ ସେଗୁଡ଼ିକ ପିଲମାନଙ୍କର ଉପଯୋଗୀ ଓ ଆଦରଣୀୟ ହୋଇଥିବାର ମନେହୁଏ ଏବଂ ଏହି ପୁନରାବୃତ୍ତିର ଅବକାଶ ରହେ ନାହିଁ । ଏଥିରେ ଗୋ ପ୍ରକୃତିର ବର୍ଣ୍ଣନା ଓ ସେମାନଙ୍କ ଆଶା ଆକାଂକ୍ଷା ସହିତ ମନୁଷ୍ୟର ସମ୍ବେଦନଶୀଳ ମନର ଉପସ୍ଥାପନା କରାଯାଇଅଛି । ଏଥିରେ ମଧ୍ୟ ପାରିବାରିକ ଜୀବ ସହ ପଶୁ ଓ ମନୁଷ୍ୟର ସ୍ନେହବନ୍ଧନ ସୂଚିତ ହୋଇଅଛି । ପଣ୍ଡିତ ନୀଳକଣ୍ଠ, ପଣ୍ଡିତ ଗୋପବନ୍ଧୁଙ୍କ 'ଗୋମାହାତ୍ମ୍ୟ' କାବ୍ୟର ସମାଲୋଚନା କରି ତାର ପୌରାଣିକତ୍ୱରେ ବିରୋଧ କରିଥିଲେ ମଧ୍ୟ ଏକ ସାମାଜିକ ଅତି ପ୍ରୟୋଜନୀୟ ପ୍ରାଣୀ ଭାବରେ ଆଧୁନିକ ଦୃଷ୍ଟିକୋଣରୁ କବିତା ମାଧ୍ୟମରେ ତାର ବର୍ଣ୍ଣନା କରିଛନ୍ତି । 'ଟିକି ଭଉଣୀ' କବିତାଟିରେ ପାରିବାରିକ ଗଉରୁଷା ଓ ମିଳନ ଆଦି ଶିଶୁମାନଙ୍କ ମଧ୍ୟରେ କିପରି ରହିଛି, ତାହା ପ୍ରତିଫଳିତ ହୋଇଛି । ସେଥିରେ ଆଦରଣୀୟ ଦ୍ରବ୍ୟ ପିଲମାନଙ୍କ ଜିଦ୍‌ରେ କିପରି ନଷ୍ଟହୁଏ ଓ ତାହାହିଁ ମତାନ୍ତରର କାରଣ ହୁଏ ଏବଂ ଏହା ମଧ୍ୟ କ୍ଷଣସ୍ଥାୟୀ ହୋଇଥାଏ ଆଦି ପ୍ରକାଶ ପାଇଛି । ଭାଇଭଉଣୀଙ୍କ ମଧ୍ୟରେ ରାଗ ରୁଷା ଆଦି ସହିତ ଆଦର ଓ ତ୍ୟାଗ ମଧ୍ୟ ସେମାନଙ୍କ ପ୍ରକୃତିଗତ ଉତ୍କର୍ଷ ପ୍ରତିପାଦନ କରିଥାଏ । ଏଥିରେ ମାନବିକ ଦୋଷଗୁଣର ସନ୍ନିବେଶ ହୋଇଥିବା ଦେଖିବାକୁ ମିଳେ । 'ବଢ଼େଇ

Digitized by srujanika@gmail.com

ବାଳକ' ପଦ୍ୟଟି ଧର୍ମପଦ ଚରିତ୍ରର ଆତ୍ମତ୍ୟାଗ ପ୍ରକାଶ କରେ । ଶିଶୁମାନଙ୍କ ନିକଟରେ ଭାରତୀୟ ଆଦର୍ଶ 'ଆତ୍ମତ୍ୟାଗ'ର ମହତ୍ତ୍ୱ ଓ ସେଥିରେ ଲାଭ ହେଉଥିବା ଅମରତ୍ୱ ନିମନ୍ତେ ଶିକ୍ଷାଦେବାର ପ୍ରୟାସ ହୋଇଅଛି । ପଣ୍ଡିତ ନୀଳକଣ୍ଠ ଗୋପବନ୍ଧୁଙ୍କ ଧର୍ମପଦ କାବ୍ୟର ବିଷୟବସ୍ତୁ ଅନୁସରଣରେ ଏହି ସଂକ୍ଷିପ୍ତ କବିତାଟି ରଚନା କରିଛନ୍ତି । ଗୋପବନ୍ଧୁଙ୍କ 'ଧର୍ମପଦ' କାବ୍ୟର ଐତିହାସିକ ସତ୍ୟାସତ୍ୟ ପ୍ରଦର୍ଶନ କରି ସେ ସମାଲୋଚନା କରିଥିଲେ ମଧ୍ୟ ଏହି କାବ୍ୟରେ ନିହିତ ଥିବା ଭାରତୀୟ ମହତ୍ତ୍ୱ 'ଆତ୍ମତ୍ୟାଗ'କୁ ପିଲାମାନଙ୍କ ମନରେ ପ୍ରେରଣ କରିବାର ଲୋଭ ସମ୍ବରଣ କରିପାରି ନାହାନ୍ତି ।

'ମୋ ରାଜା' କବିତାଟି ଶାସନ କ୍ଷେତ୍ରରେ ଉପୁଜିଥିବା ସନ୍ଧିକ୍ଷଣର ସୂଚନା ଦିଏ । ସେଥିରେ ଗୋଟିଏ ଶାସନର ଅବସାନ ପରେ ଅନ୍ୟ ଗୋଟିଏ ଶାସନ ବିଧାନର ଆଗମନକୁ ପ୍ରତୀକ୍ଷା କରାଯାଉଛି ଏବଂ ତାହା ଅତ୍ୟନ୍ତ ସୁନ୍ଦର ତଥା ଆକର୍ଷଣୀୟ ବୋଲି ସୂଚିତ ହୋଇଛି । ଏହା କ'ଣ ଏକ ସ୍ୱପ୍ନିଲ ରାଜତନ୍ତ୍ରର ପ୍ରତୀକ୍ଷା ଓ ତାହା ଆମ ଲୋକ-କଥା ତଥା ଐତିହାସିକ ପରମ୍ପରାର ଅନୁସରଣରେ ପ୍ରସ୍ତୁତ ହୋଇଛି ? ଏହା ମଧ୍ୟ ଅରାଜକତାର ଅବସାନ କଳ୍ପନା କରି ଶିଶୁମାନଙ୍କ ମନରେ ଏକ ନୂତନ ଆଗମନର ଆକାଂକ୍ଷା ସୃଷ୍ଟି କରିଥାଏ ।

'ଚଷାର ଭାଗ୍ୟ' କବିତାଟି ଶ୍ରମରେ ତ୍ୟାଗର ସୂଚନା ଦିଏ ଓ ଏହା ଭାରତୀୟ କୃଷକର ପରିବେଶ, ସାମାଜିକତା ଆଦି ପ୍ରକାଶ କରିଥାଏ । ପଣ୍ଡିତ ନୀଳକଣ୍ଠ 'ସତ୍ୟ-ବାଦୀ'ରେ 'ଚଷାପୁଅ ପ୍ରତି' କବିତାଟି ଇଂରାଜୀ କବି ସେଲି (Shelley ଙ୍କ 'To Man of England' କବିତାର ଅନୁବାଦ ରୂପେ ପ୍ରକାଶ କରିଥିଲେ । 'ଚଷାର ଭାଗ୍ୟ' କବିତାଟିରେ ତାହାର ଛାୟା ରହିଥିଲେ ମଧ୍ୟ ସେଥିରେ ଥିବା ବିପ୍ଳବର ସୂଚନା ପରିବର୍ତ୍ତେ ବିତରଣ ତଥା ତ୍ୟାଗରେ ଆନନ୍ଦର ଉତ୍କର୍ଷ ପ୍ରତିପାଦିତ ହୋଇଛି । ଏହି ମଧ୍ୟ ପଣ୍ଡିତ ନୀଳକଣ୍ଠ ଚଷାର କର୍ମକୁ ସମ୍ମାନ କରି ତାକୁ ଅନୁଶୋଚନାରୁ ମୁକ୍ତ କରିବା ପାଇଁ ସେଥିରେ ସୂଚନା ଦେଇଛନ୍ତି ଓ ତାର ଭାଗ୍ୟୋଦୟ ପାଇଁ ପ୍ରଭୁଙ୍କ କୃପାର କଳ୍ପନା କରିଛନ୍ତି । ଏହା ସେଲିଙ୍କ ଚିନ୍ତାର ଅବଲମ୍ବନ ନୁହେଁ । ମାତ୍ର ସେଥିରେ କୃଷକର ତ୍ୟାଗ ପାଇଁ ସେ ଶୋଷିତ ହେଲେ ମଧ୍ୟ ସେଥିପାଇଁ ତାହାରିକୁ ଅଭିଯୁକ୍ତ କରି ନାହାନ୍ତି ।

ଏହି କବିତା ସମୂହର ଭାଷା ଓ ଭାବ ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ହୋଇଥିବା ହେତୁ ସେଥିରେ ସଂଘର୍ଷର ସୂଚନା ନାହିଁ ଏବଂ ତାହା ସରଳ ଭାବରେ ପ୍ରକାଶ ପାଇ ଶିଶୁମାନଙ୍କୁ ଆକୃଷ୍ଟ କରିଥାଏ । କେତେକ କ୍ଷେତ୍ରରେ ତାହାର ଭାବ ପିଲାଙ୍କ ପାଇଁ କ୍ଲିଷ୍ଟ ହୋଇଥିଲେ ବି ନିତାନ୍ତ ଅବୋଧ ନୁହେଁ । ଏହା ସେମାନଙ୍କ ନିମନ୍ତେ ସୁପାଠ୍ୟ ଅଟେ । ପ୍ରାଣୀମାନଙ୍କ କଥୋପକଥନ, ହିତୋପଦେଶ ଆଦି ପ୍ରାଚୀନ ଶାସ୍ତ୍ରମାନଙ୍କର ଛାୟା ହିଁ ସ୍ଫୁରଇଥାଏ । ପଣ୍ଡିତ ନୀଳକଣ୍ଠଙ୍କ ଶିଶୁସାହିତ୍ୟ ବିଶେଷକରି ତାଙ୍କର ପିଲାଙ୍କ ଗୀତ ସମୂହ ଶିକ୍ଷଣୀୟ । ଉପାଦାନର ଚୟନ, ସୂଚନ ତଥା ପ୍ରଖ୍ୟାପନ ରୂପେ ସ୍ୱୀକୃତ ହୋଇପାରେ ।

('ସମାଜ'ର ତା ୭।୧୧।୧୭—'ସାପ୍ତାହିକ ସାହିତ୍ୟ ଆଲୋଚନା'ରେ ପ୍ରକାଶିତ ଓ ସଂଶୋଧିତ ।)

Digitized by srujanika@gmail.com

# ପଣ୍ଡିତ ନୀଳକଣ୍ଠଙ୍କ 'ମୋ ନିଶ' ଓ ପୁରୀ ମୁକ୍ତିମଣ୍ଡପ

ଅଧ୍ୟାପକ ବାଉରିବନ୍ଧୁ କର, ଭଦ୍ରକ କଲେଜ

ଓଡ଼ିଆ ସାହିତ୍ୟରେ ସେ ଥିଲେ ଏକ କାଳଜୟୀ ସ୍ରଷ୍ଟା । ତାଙ୍କ ଅସାଧ ସାଧନାର ଫଳ ଓ ଜୀବନ୍ତ ଲେଖନ ଶୈଳୀ ତାଙ୍କ ସ୍ରଷ୍ଟା ପୁରୁଷକୁ ସ୍ୱୀକୃତି ଦେଇଛି । ନୀଳକଣ୍ଠ ସାଧନାର ଅମୃତମୟ ସୋପାନ ଆରୋହଣ କରି ଯଥାର୍ଥରେ ହୋଇଥିଲେ ଜ୍ଞାନର ବାଣୀକଣ୍ଠ । ସେ ସକାଶେ ସାଧନାରେ ଗଭୀର ବିଶ୍ୱାସ ହେତୁ ତାଙ୍କ ଦୃଷ୍ଟିରେ, "ଜୀବନ ସାଧନାମୟ, ସାଧନାରେ ସିଦ୍ଧି ହୁଏ, ଉଦ୍ଦେଶ୍ୟ ସାଧିତ ହୁଏ, ଆଦର୍ଶ ପ୍ରାପ୍ତି ହୁଏ । ଆର୍ଯ୍ୟଭୂମିରେ ଏକଥା ନୂଆ ନୁହେଁ । ବ୍ୟକ୍ତି ଜୀବନରେ, ପରିବାରରେ, ସମାଜରେ ସର୍ବତ୍ର ଆର୍ଯ୍ୟଜୀବନ ସାଧନାମୟ ।" ('ଆର୍ଯ୍ୟ ଜୀବନ' ପଞ୍ଚମ ଅଧ୍ୟାୟ) ଆର୍ଯ୍ୟତ୍ୱବରେ ଗଭୀର ଆନୁଗତ୍ୟ ନେଇ ସେ ତ ଯେପରି ନୀଳକଣ୍ଠ ଜୀବନରେ, ସିଦ୍ଧି, ଆଦର୍ଶ ଓ ଉଦ୍ଦେଶ୍ୟ ସାଧନ ପାଇଁ ସାଧନାକୁ ଏକାନ୍ତ ଆପଣାର ରୂପେ ବରି ନେଇଛନ୍ତି ଓ ଏହି ସାଧନା ତାଙ୍କୁ ଜୀବନରେ ସ୍ରଷ୍ଟା, ଦ୍ରଷ୍ଟା, ଗବେଷକ, ସଂସ୍କାରକ, ରାଜନୀତିଜ୍ଞ ଓ ଶିକ୍ଷା-ବିତ୍‌ର ଶ୍ରେଷ୍ଠ ଚିନ୍ତାନାୟକ ରୂପେ ପରିଚିତ କରିଛି ।

ପଣ୍ଡିତ ନୀଳକଣ୍ଠଙ୍କ 'ମୋ ନିଶ' ପ୍ରବନ୍ଧଟି 'ମୁକୁର' ୬ଷ୍ଠ ବର୍ଷ-୯ମ ୧୦ମ ସଂଖ୍ୟାରେ ପ୍ରକାଶିତ ହୋଇଥିଲା । 'ମୁକୁର'ରେ ଏ ପ୍ରବନ୍ଧ ନେଇ ନୀଳକଣ୍ଠ ରକ୍ଷଣଶୀଳ-ମାନଙ୍କ ଦ୍ୱାରା ବିଶେଷ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ନୀଳକଣ୍ଠ କେବଳ ଯେ ନିଶ ପ୍ରବନ୍ଧ ଲେଖିଥିଲେ ତାହା ନୁହେଁ, ସେ ନିଜେ ନିଶ ରଖି ନିଶ ଆନ୍ଦୋଳନ ସୃଷ୍ଟି କରିଥିଲେ । ଏହି ନିଶର ମୂଳ ଉତ୍ସ ସମ୍ପର୍କରେ ପରିଚୟ ଦେଇ ନୀଳକଣ୍ଠ ଲେଖିଛନ୍ତି, "ମୋର ଜୀବନରେ ସମାଜ ସଂସ୍କାରର ପ୍ରଥମ ପର୍ବ 'ନିଶ' ନାମରେ ଘୃଣିଅଢ଼େ ବ୍ୟାପ୍ତ ହୋଇଥିଲା । ସେଥିରେ ନିଶ ଶବ୍ଦର ବ୍ୟୁତ୍ପତ୍ତିକ ଅର୍ଥ ସଙ୍ଗେ ତାର ବିଶେଷ କିଛି ସମ୍ପର୍କ ନ ଥିଲା ।" (ନୀଳକଣ୍ଠ ଗ୍ରନ୍ଥାବଳୀ-ଆତ୍ମଜୀବନୀ-ପୃ ୬୪) ପଣ୍ଡିତ ନୀଳକଣ୍ଠ କଲିକତାରେ ଏମ୍.ଏ. ପଢ଼ିବା ସମୟରେ ଗୋଟିଏ ଫେସନ ରୂପେ ନିଶ ରଖିଥିଲେ । ସେ ନିଶ ରଖିବା ସଙ୍ଗେ ସଙ୍ଗେ ନିଜର ସଂସ୍କାର-ପ୍ରୟାସ-ଦୃଷ୍ଟିଭଙ୍ଗୀର ପରିଚୟ ଦେବା ସକାଶେ 'ଉତ୍କଳ ସାହିତ୍ୟ'ରେ 'ଟିକେ ଶୁଣିବେ କି ?' ଶିରୋନାମାରେ ବିଜ୍ଞାପନମାନ ପ୍ରକାଶ କରି ସର୍ବସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସର୍ବସାଧାରଣଙ୍କ ଦୃଷ୍ଟି ପରବର୍ତ୍ତୀକାଳରେ ନୀଳକଣ୍ଠଙ୍କ ସତ୍ୟବାଦୀ ବିଦ୍ୟାଳୟରେ ଶିକ୍ଷକତା କରିବା ସମୟରେ ତାଙ୍କ ନିଶ ଉପରେ ହିଁ ପଡ଼ିଥିଲା । ଏହି ନିଶ ସକାଶେ ସତ୍ୟବାଦୀ ବନବିଦ୍ୟାଳୟ ପ୍ରତି ବହୁ ରକ୍ଷଣ-

Digitized by srujanika@gmail.com

ଶୀଳ ବ୍ୟକ୍ତି ତାଙ୍କର ବକ୍ର ଦୃଷ୍ଟିପାତ କରିଥିଲେ । ଏ ସମ୍ପର୍କରେ ନୀଳକଣ୍ଠ ଆତ୍ମଜୀବନୀରେ ସ୍ପଷ୍ଟ ଉଲ୍ଲେଖ କରିଛନ୍ତି, "ପଣ୍ଡିତମାନେ ମୋର ଲୋକବାନ୍ଧବ କିମ୍ବା ଲୋକଙ୍କୁ ବୁଝାଇବା ପାଇଁ ସଙ୍କେତ ସ୍ୱରୂପ ଜଣଟାକୁ ଦେଖାଇଦେଲେ; ତେଣୁ ସେ କାଳର ଜାତି ବର୍ଣ୍ଣ ଭେଦ ଉଠାଇବା ପାଇଁ ଯେଉଁ ବିରାଟ ସାମାଜିକ ଆନ୍ଦୋଳନ ହୋଇଥିଲା, ତାର ନାମଟି 'ଜଣ ଆନ୍ଦୋଳନ' ।" ('ନୀଳକଣ୍ଠ ଗ୍ରନ୍ଥାବଳୀ-ପରିଶିଷ୍ଟ, ଆତ୍ମଜୀବନୀ-ପୃ ୧୨୦) ନୀଳକଣ୍ଠ ବ୍ରାହ୍ମଣ ହୋଇ ଜଣ ରଖିବାରୁ ପଣ୍ଡିତମାନେ ଅନୁଭବ କଲେ ଯେ, ଏହା ଦ୍ୱାରା ସମାଜରୁ ସେମାନଙ୍କ ଆଧିପତ୍ୟ ଚାଲିଯିବ । ଏ ସକାଶେ ପୁରୀରେ ନୀଳକଣ୍ଠଙ୍କ ଜଣକୁ ଦେଖି ଲୋକନାଥ ରଥ ପ୍ରମୁଖ ଦୃଢ଼ ସ୍ୱର ଉତ୍ତୋଳନ କରିଥିଲେ । ଲୋକନାଥ ରଥ ଏହି ଜଣକୁ ପୁରୀରେ କାଟି ପୋଡ଼ି ପକାଇବାର ନୀଳକଣ୍ଠଙ୍କୁ ଧମକ ଦେଇଥିଲେ । ମାତ୍ର ନୀଳକଣ୍ଠ ଏଥିରେ ବିଚଳିତ ନ ହୋଇ ସହାସ୍ୟ ବଦନରେ ପ୍ରକାଶ କରିଥିଲେ, "ସାପଗାତରେ କାହିଁ ହାତ ପୂରାଉଛ ? ବଡ଼ ଭଲ ହେବ ନାହିଁ ।"

ପୁରୀ ମୁକ୍ତିମଣ୍ଡପ ପଣ୍ଡିତଗଣ ନୀଳକଣ୍ଠଙ୍କ ଜଣ ନେଇ ବଡ଼ ବିବ୍ରତ ହୋଇପଡ଼ିଲେ । ସେମାନେ ନୀଳକଣ୍ଠଙ୍କୁ ସମାଜରୁ ବାସନ୍ଦ କରିବା ପାଇଁ ନାନା ଯୋଜନା ମଧ୍ୟ କରିଥିଲେ । ଏକଦରିଆ କରିବାଠାରୁ ଆରମ୍ଭ କରି ଦେଉଳ ପ୍ରବେଶ ପର୍ଯ୍ୟନ୍ତ ମଧ୍ୟ ନୀଳକଣ୍ଠଙ୍କ ପାଇଁ ମନା ହୋଇଥିଲା । ଏ ସକାଶେ ମୁକ୍ତିମଣ୍ଡପ ସଭାର ଅଧିବେଶନ ପୁରୀର ଜନୈକ ମହାଜନ ଭିକାରୀ ମିଶ୍ରଙ୍କ ଘରେ ହୋଇଥିଲା । ନୀଳକଣ୍ଠଙ୍କୁ ଆଖିରେ ରଖି ନିମ୍ନ ନିର୍ଦ୍ଧାରଣଗୁଡ଼ିକ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା ।

ଯଥା—(୧) ଯେଉଁ ଉତ୍କଳୀୟ ବ୍ରାହ୍ମଣମାନେ ଭାରତବର୍ଷରେ ଥାଇ ବା ବିଦେଶରୁ ଭାରତବର୍ଷକୁ ଫେରିଆସି ଯଥାବିଧି ସମାଜଭୁକ୍ତ ହେବା ପରେ ନାନା ଶାସ୍ତ୍ରାନୁମୋଦିତ ଜାତୀୟ ଓ ସାମାଜିକ ରୀତି ନୀତି ଏବଂ ନିୟମମାନ ଲଂଘନ କରିବେ କିମ୍ବା ଅନ୍ୟ କୌଣସି ଉଚ୍ଛୃଙ୍ଖଳତା-ପ୍ରଣୋଦିତ କ୍ରିୟାମାନଙ୍କର ଅନୁଷ୍ଠାନଦ୍ୱାରା ବ୍ରାହ୍ମଣ ସମାଜର ମନରେ ବିରକ୍ତିଜନକ ଭାବ ଜାତ କରାଇବେ ଏଠାରେ ସମବେତ ବ୍ରାହ୍ମଣମଣ୍ଡଳୀ ସେହି କ୍ରିୟା ଅନୁଷ୍ଠାନକାରୀମାନଙ୍କର କାର୍ଯ୍ୟ ଉତ୍କଳୀୟ ବ୍ରାହ୍ମଣ ବିଗର୍ହିତ କାର୍ଯ୍ୟବୋଲି ଘୋଷଣା କରୁଅଛନ୍ତି ।

(୨) ଉପସ୍ଥିତ ବ୍ରାହ୍ମଣମାନଙ୍କ ଦ୍ୱାରା ଅନୁମୋଦିତ ମୁକ୍ତିମଣ୍ଡପ ସଭାର ଏହି ନିର୍ଦ୍ଧାରଣ ଉତ୍କଳାବଚ୍ଛେଦରେ ସର୍ବତ୍ର ପ୍ରଚାର କରାଯାଉ ।

(୩) କୌଣସି ବ୍ରାହ୍ମଣବସତିରେ କେହି ବ୍ରାହ୍ମଣ ଉପରୋକ୍ତ ବ୍ରାହ୍ମଣ ବିଗର୍ହିତ କାର୍ଯ୍ୟମାନ କଲେ ତତ୍ରସ୍ଥ ମହାଜନ ମହୋଦୟଗଣ ସେ ସମସ୍ତ ଦମନ କରିବାର ଚେଷ୍ଟା କରିବେ ଓ ଏହି ମୁକ୍ତିମଣ୍ଡପ ସଭାକୁ ଜଣାଇବେ ଏବଂ ଆବଶ୍ୟକ ହେଲେ ପରାମର୍ଶ ନେବେ । (ଉତ୍କଳ ଦୀପିକା—୪୬/୪୨, ୪-୧୧-୧୯୧୧, ପୃ ୧୮୨/୧୮୨)

Digitized by srujanika@gmail.com

ନୀଳକଣ୍ଠ ଦାଶ ପ୍ରକାଶେ ପୁରୀ ମୁକ୍ତିମଣ୍ଡପଦ୍ୱାରା ଏଭଳି ନିର୍ଯ୍ୟାତନା ଭୋଗ କରିବା ବିଷୟ ଉତ୍କଳମଣି ଗୋପବନ୍ଧୁଙ୍କୁ ବଡ଼ ବ୍ୟଥିତ କରିଥିଲା । ଗୋପବନ୍ଧୁ ମୁକ୍ତି-ମଣ୍ଡପର ଏହି ନିର୍ଦ୍ଧାରଣମାନଙ୍କର ଖଣ୍ଡନ ନିମିତ୍ତ ବାରିପଦାରୁ ପ୍ରକାଶିତ 'ମନୋରମା' ଓ 'ଉତ୍କଳ ଦୀପିକା' ପ୍ରଭୃତିରେ ଶ୍ରୀ ଧର୍ମାନନ୍ଦ ଶର୍ମା ନାମରେ ନୀଳକଣ୍ଠଙ୍କ ପକ୍ଷ ସମର୍ଥନ-ସୂଚକ ପ୍ରବନ୍ଧମାନ ଉପସ୍ଥାପିତ କରିଥିଲେ । ନୀଳକଣ୍ଠ ଦାଶ ପାଇଁ ଯେ କେତେଦୂର ପଣ୍ଡିତମାନଙ୍କର କଟାକ୍ଷ ହୋଇଥିଲେ ଓ ଗୋପବନ୍ଧୁ ଧର୍ମାନନ୍ଦ ଶର୍ମା ଛଦ୍ମନାମରେ ତାଙ୍କୁ କିଭଳି ରକ୍ଷା କରିଥିଲେ, ତାହା 'ଉତ୍କଳ ଦୀପିକା'ର ନିମ୍ନ ପତ୍ରରୁ ଅନୁସନ୍ଧେୟ ।

ମାନନୀୟ 'ଉତ୍କଳ ଦୀପିକା' ସମ୍ପାଦକ ମହୋଦୟ, ସମୀପେଷୁ,

ମହାଶୟ,

ଆପଣଙ୍କର ନଭେମ୍ବର ୪ ତାରିଖ ଉତ୍କଳ ଦୀପିକାରେ ପୁରୀ ମୁକ୍ତିମଣ୍ଡପ ସଭାର ନିର୍ଦ୍ଧାରଣମାନ ପ୍ରକାଶିତ ହୋଇଅଛି । ତତ୍ସମ୍ବନ୍ଧରେ ମୋହର ବକ୍ତବ୍ୟ ନିମ୍ନଲିଖିତ ଏହି କତିପୟ ପଂକ୍ତିକୁ ଆପଣ ପତ୍ରିକାସ୍ଥ କରିଲେ ଅନୁଗୃହୀତ ହେବି ।

ମୁକ୍ତିମଣ୍ଡପର ପୂର୍ବ ପ୍ରତିଷ୍ଠା ସତ୍ତ୍ୱେ ଅଧୁନା କେତେକ ବର୍ଷ ହେଲା ତାର ଅବସ୍ଥା ଯେପରି କଦର୍ଯ୍ୟ ଓ ଶୋଚନୀୟ ହେବାର ଦେଖାଯାଏ ଏବଂ ସାଧାରଣତଃ ଯେଉଁ ଶ୍ରେଣୀର ବ୍ରାହ୍ମଣମାନେ ସେଠାରେ ବସି ହିନ୍ଦୁ ସାଧାରଣଙ୍କ ଉପରେ ଯେପରି ଅନଧି-କାର ଓ ଅପ୍ରୀତିକର ପ୍ରଭୁତ୍ୱ ଦେଖାଇଥାନ୍ତି, ସେଥିରେ ଶୃଙ୍ଖଳାବଦ୍ଧ ହୋଇ ସାମାଜିକ ବିଷୟରେ କେତେଗୁଡ଼ିଏ ନିର୍ଦ୍ଧାରଣ ସ୍ଥିର କରିବା ପରମାହ୍ଲାଦ ଓ ଆଶାର ବିଷୟ ।

ଏହି ପ୍ରସଙ୍ଗରେ ଗତ ସଂଖ୍ୟା 'ମୁକୁର'ରେ ଶ୍ରୀମାନ ନୀଳକଣ୍ଠ ଦାଶଙ୍କର 'ମୋ ଦାଶ' ଶୀର୍ଷକ ପ୍ରବନ୍ଧ ଆମ୍ଭମାନଙ୍କର ଦୃଷ୍ଟି ପଥାରୂଢ଼ ହେଲା । ତାହା ପାଠ କରି ଆମ୍ଭ-ମାନଙ୍କର ମନେ ହୋଇଥିଲା ଯେ, ତାଙ୍କ ଦାଶ ଯେପରି ପୁରୀ ବ୍ରାହ୍ମଣ ସମାଜରେ ମହା-ବିଭ୍ରାଟ ଜନ୍ମାଇଅଛି । ଆମ୍ଭେମାନେ ଏ ଅଞ୍ଚଳରେ ଅତି ଆଶ୍ଚର୍ଯ୍ୟ ସହିତ ପାଠ କରିଥିଲୁ ଏବଂ ମନେ ଭାବିଲୁ ସାମାନ୍ୟ ଦାଶ ଲାଗି ଲେଖକ ମହାଶୟ ଏତେ ଶକ୍ତି, ସମୟ ଓ ଶବ୍ଦ ଅପବ୍ୟୟ କଲେ କିପାଇଁ ? ଅବସ୍ଥା ନ ଘଟିଲେ ବ୍ୟବସ୍ଥା ହୁଏ ନାହିଁ । 'ମୋ ଦାଶ' ପ୍ରବନ୍ଧରେ ମୁକ୍ତିମଣ୍ଡପରେ ନିରଙ୍କୁଶତା ଦେଖି ନୀଳକଣ୍ଠ ଦାଶଙ୍କ ଦାଶ ଏଥିରେ ଉପସ୍ଥିତ ପ୍ରତ୍ୟକ୍ଷ କାରଣ ବୋଲି ଆଶଙ୍କା କରିବା ଅନେକଙ୍କ ପକ୍ଷେ ସ୍ୱାଭାବିକ ।

× × ×

ଦାଶ ରଖିବା ଯେବେ ଉଚ୍ଛୃଙ୍ଖଳତା-ପ୍ରଣୋଦିତ ବ୍ରାହ୍ମଣମାନଙ୍କର ଅନ୍ୟତମ ହୁଏ, ମୁକ୍ତିମଣ୍ଡପର ସଭାକୁ ଆମ୍ଭମାନଙ୍କର ଜିଜ୍ଞାସ୍ୟ, ସେମାନେ ଗଞ୍ଜାମର ସ୍ୱର୍ଗୀୟ ଶ୍ୟାମ-

Digitized by srujanika@gmail.com

ସୁନ୍ଦର ରାଜଗୁରୁଙ୍କୁ ଉତ୍କଳୀୟ ବ୍ରାହ୍ମଣ ବୋଲି ଗଣନା କରୁଥିଲେ କି ନା ? ଆମ୍ଭମାନଙ୍କର ଏହି ବାଲେଶ୍ୱର ଜିଲାରେ ଅନେକ ନିଶଧାରୀ ଶ୍ରୋତ୍ରୀୟ ଉତ୍କଳୀୟ ବ୍ରାହ୍ମଣ ଅଛନ୍ତି । ମେଦିନୀପୁର ଓ ସିଂହଭୂମି ଅଞ୍ଚଳର କଥା ଛାଡ଼ିଲୁ । କାନ୍ତିନିବାସୀ ଉତ୍କଳାଭିମାନୀ ଶ୍ରୀଯୁକ୍ତ ରାଧାନାଥ ପତି, ବି. ଏଲ୍., ମୟୂରଭଞ୍ଜର ଅବସରପ୍ରାପ୍ତ ଡେପୁଟି କଲେକ୍ଟର ଶ୍ରୀ ରାମନାରାୟଣ ଷଡ଼ଙ୍ଗୀ, ଖଡ଼ିଇକଳା-ନିବାସୀ ଢେଙ୍କାନାଳର ବର୍ତ୍ତମାନ ଦେଓ୍ୱାନ ଶ୍ରୀଯୁକ୍ତ ରାଜକିଶୋର ତ୍ରିପାଠୀ, ବି. ଏଲ୍. ଓ ତଦୀୟ ଭ୍ରାତା କଲାହାଣ୍ଡିର ମ୍ୟାନେଜର ଶ୍ରୀଯୁକ୍ତ ଯୁଗଳକିଶୋର ତ୍ରିପାଠୀଙ୍କ ନାମ ଉଲ୍ଲେଖଯୋଗ୍ୟ । ଏ ସମସ୍ତ ଅଞ୍ଚଳର ବ୍ରାହ୍ମଣମାନଙ୍କ ପ୍ରତିନିଧି ସ୍ୱରୂପ ଏମାନଙ୍କର ନାମ ଦିଆଗଲା । ଏମାନେ ସମସ୍ତେ ନିଶଧାରୀ, କିନ୍ତୁ ଏ ଅଞ୍ଚଳର ସମାଜ କିମ୍ବା ଗ୍ରାମରେ ମହାଜନମାନେ ଏମାନଙ୍କୁ ଉଚ୍ଛୃଙ୍ଖଳତା ପ୍ରଣୋଦିତ କୃତିସ୍ୱାମାନଙ୍କର ଅନୁଷ୍ଠାନକାରୀ ବୋଲି କେବେ ଭାବି ନାହାନ୍ତି ।

ମୁକ୍ତିମଣ୍ଡପ ସଭା ତାହାଙ୍କର ନିର୍ଦ୍ଧାରଣ ଉତ୍କଳାଧିଚ୍ଛେଦରେ ପ୍ରଚାର କରିବାର ସ୍ଥିର କରିଛନ୍ତି । ଏହି ପ୍ରଚାର ଉପାୟ କି ? ଏବଂ କେଉଁ ସୀମା ପର୍ଯ୍ୟନ୍ତ ? ଆମ୍ଭମାନଙ୍କର ଏ ଉତ୍ତରାଞ୍ଚଳ ପର୍ଯ୍ୟନ୍ତ ପହଞ୍ଚିବ ତ ? ପ୍ରଚାରକ ଆସିବେ କି ନା ଏହି ପତ୍ରିକାଦ୍ୱାରା ଯେତିକି ହେଲା ସେତିକି ।

× × × ବଶମ୍ବଦ

ଶ୍ରୀ ଧର୍ମାନନ୍ଦ ଶର୍ମା—

ଜନୈକ ଉତ୍ତରାଞ୍ଚଳୀୟ ଉତ୍କଳ ବ୍ରାହ୍ମଣ

('ଉତ୍କଳ ଦୀପିକା'—୪୬।୪୪-୧୮-୧୧-୧୯୧୧—ପୃ ୧୯୬)

ନୀଳକଣ୍ଠଙ୍କ ନିଶ ନେଇ ସେ ଯେଭଳି ବ୍ୟକ୍ତି ଜୀବନରେ ଓ ସମାଜରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ, ତାଙ୍କ 'ମୋ ନିଶ' ପ୍ରବନ୍ଧ ତାଙ୍କୁ ବହୁ ଅସୁବିଧାର ସମ୍ମୁଖୀନ କରିଥିଲା ।

ନୀଳକଣ୍ଠ ପ୍ରାବନ୍ଧିକ ଭାବରେ ସ୍ୱାଧୀନ ମନୋବୃତ୍ତିର ପରିଚୟ ଦେଇଥିଲେ । ସେ ଯାହା ପ୍ରକୃତରେ ଉଚିତ ଉପଲବ୍ଧି କରୁଥିଲେ, ତାହା ହିଁ କାର୍ଯ୍ୟରେ କରୁଥିଲେ । ନୀଳକଣ୍ଠଙ୍କ ପ୍ରବନ୍ଧଗୁଡ଼ିକରେ ଏହି ଚିନ୍ତାଧାରାର ସଫଳ ଦୃଷ୍ଟାନ୍ତ ଦେଖିବାକୁ ମିଳେ । ତାଙ୍କର 'ମୋ ନିଶ' ପରି ପ୍ରବନ୍ଧ ସମଗ୍ର ଓଡ଼ିଆ ସାହିତ୍ୟରେ ବିରଳ । ଏଥିରେ ସେ ବିଶ୍ଳେଷଣରେ ବିଚକ୍ଷଣତା, ଚିନ୍ତାରେ ଅଭିନବତ୍ୱ ପ୍ରଦର୍ଶନ କରି ଓଡ଼ିଶାରେ ଅଦ୍ୟାବଧି 'ନିଶୁଆ ନୀଳକଣ୍ଠ' ଭାବରେ ପରିଚିତ ହୋଇଛନ୍ତି ।

Digitized by srujanika@gmail.com

# ଧାର୍ମିକ ମିଥ୍ୟା ଓ ପଣ୍ଡିତ ନୀଳକଣ୍ଠ

ଅଧ୍ୟାପିକା କୁମୁଦିନୀ ମିଶ୍ର

ଆତ୍ମପ୍ରତ୍ୟୟ ଥିଲା ନୀଳକଣ୍ଠଙ୍କ ଜୀବନର ଚରିତ୍ରମୂଳ । ସେ ନିଜେ ଯାହା ଠିକ୍ ବୁଝୁଥିଲେ, ଯେଉଁ କାମ କରିବା ଉଚିତ ବୋଲି ମନେ କରୁଥିଲେ, ସେଥିରୁ କେହି ତାଙ୍କୁ ନିବର୍ତ୍ତାଇ ପାରୁ ନ ଥିଲେ । ନିବର୍ତ୍ତାଇବା ଲାଗି ସାହସ ମଧ୍ୟ କରୁ ନ ଥିଲେ । ଏପରିକି ତାଙ୍କର ପଥ ପ୍ରଦର୍ଶକ ଗୋପବନ୍ଧୁଙ୍କ ସହ ମତ ଅମେଳ ହେଲେ ମଧ୍ୟ ସେ ସ୍ୱମତ ଉପରେ ଅଟଳ ରହୁଥିଲେ । ଥରେ ସତ୍ୟବାଦୀର ସଂସ୍କୃତ ପଣ୍ଡିତ ସତ୍ୟବାଦୀ ରଥ ସଂସ୍କୃତ ମହାଭାରତ ପଢ଼ି ଗୋପବନ୍ଧୁ ଓ ନୀଳକଣ୍ଠଙ୍କୁ ଶୁଣାଇବା ସମୟରେ ଗୋପବନ୍ଧୁ ପଚାରିଲେ- "କିଓ ନୀଳକଣ୍ଠ, କିପରି ଲାଗୁଛି ?" ନୀଳକଣ୍ଠ କହିଲେ—"ମହାଭାରତରୁ ସମଗ୍ର କୃଷ୍ଣ ବିଷୟଟି କାଢ଼ି ଦେଲେ ମହାଭାରତର ଯେଉଁ 'ଜୟ' ନାମଟି ଅଛି, ତାହା ଖଣ୍ଡିତ ହେବ ନାହିଁ ।" ଗୋପବନ୍ଧୁ ଥିଲେ ଅତିମାତ୍ରାରେ କୃଷ୍ଣଭକ୍ତ । ନୀଳକଣ୍ଠଙ୍କଠାରୁ ଏହି ନାସ୍ତିବାଦୀ ଉତ୍ତର ଶୁଣି ସେ ସଙ୍ଗେ ସଙ୍ଗେ କହିଲେ "ଏପରି ଚିନ୍ତା କରିବ ନାହିଁ, ଏଥିରେ ପାପ ହେବ ।"

ଗୋପବନ୍ଧୁଙ୍କର ଏଭଳି ଭକ୍ତିଜନିତ ମୋହ ନୀଳକଣ୍ଠଙ୍କ ବିପ୍ଳବୀ ମନରେ ଯେଉଁ ପ୍ରତିକ୍ରିୟା ସୃଷ୍ଟି କରିଥିଲା, ତାର ପରିପ୍ରକାଶ ଘଟିଲା 'ନବଭାରତ'ର ୨ୟ ଭାଗ ଦ୍ୱିତୀୟ ସଂଖ୍ୟାରେ ପ୍ରକାଶିତ 'ବିଧାତାଙ୍କ ସୃଷ୍ଟି' ପ୍ରବନ୍ଧରେ । ଏହି ପ୍ରବନ୍ଧରେ ନୀଳକଣ୍ଠ ବିଧାତାଙ୍କ ସମ୍ପର୍କରେ ସ୍ୱମତ ଉତ୍ଥାପନ କରି ଲେଖିଛନ୍ତି-"ଲୋକେ ସାଧାରଣତଃ କହନ୍ତି, ବିଧାତା ଏ ସୃଷ୍ଟି କରିଛନ୍ତି । କିନ୍ତୁ ବାସ୍ତବିକ ନିଃସଙ୍ଗ ଭାବରେ କଥାଟି ଭାବି ଦେଖିଲେ ସ୍ପଷ୍ଟ ବୁଝାଯାଏ ମାନବ ନିଜର ସୁବିଧା ପାଇଁ ଜଗତରେ ନିଜ ସ୍ଥିତିର ପ୍ରତିଷ୍ଠା ଓ ଦୃଢ଼ତା-କଳ୍ପେ ବହୁ କାଳରୁ ଗୋଟିଏ ବିଧାତାର ସୃଷ୍ଟି କରି ତା'ଠାରେ ସମସ୍ତ ମାନବୀୟ ଗୁଣର ଆରୋପ କରି ତାକୁ ହିଁ ପୂଜା କରି ଆସୁଅଛି ।"

ପାରିପାର୍ଶ୍ୱିକ ପରିସ୍ଥିତି ମଧ୍ୟରେ ମନୁଷ୍ୟ ଯାହା ସୁନ୍ଦର ଓ ସୁଖକର ବୋଧ କରେ ତାହାକୁ ସତ୍ୟରୂପେ ଉପସ୍ଥାପିତ କରେ । ସେ ଦେଖେ ବାସ୍ତବ ଜଗତରେ ତାର ସମସ୍ତ କଳନା, କଳ୍ପନା, ତୁଳନା, ପରିମାଣ ପଦେ ପଦେ ବ୍ୟର୍ଥ ହୁଏ । ତେଣୁ ସେ ପରଲୋକର ପରିକଳ୍ପନା କରି ବସେ । ନୀଳକଣ୍ଠ ଯଥାର୍ଥରେ ଲେଖିଛନ୍ତି-"ଏହି ସବୁ କଳ୍ପନାରେ ମାନବ କେବଳ ନିଜକୁ ଗୋଟାଏ ବଡ଼ 'ମୁଁ' କରି ଈଶ୍ୱର କରିଥୋଇବା ଛଡ଼ା ଏଥିରେ ଆଉ କ'ଣ ଅଛି ? ଏହିଠାରେ ହିଁ ମାନବର ବିଧାତା ସୃଷ୍ଟି ସ୍ପଷ୍ଟ ।"

Digitized by srujanika@gmail.com

କିନ୍ତୁ ଅନେକ ସମୟରେ ମହାପୁରୁଷମାନେ ମଧ୍ୟ ବିଧାତା ବା ଈଶ୍ୱର ନାମରେ ସତ୍ୟ, ଧର୍ମ, ନ୍ୟାୟ ପ୍ରଭୃତିର ଦ୍ୱାହି ଦେଇ ମାନବ ସମାଜକୁ ଭକ୍ତି ଓ ବିଶ୍ୱାସରେ ଅନ୍ଧ କରି ସମାଜକୁ ଭୁଲ ବାଟରେ ପରିଚାଳିତ କରନ୍ତି । ନୀଳକଣ୍ଠଙ୍କ ମତରେ ଏହା ହିଁ 'ଭକ୍ତିକ ମିଥ୍ୟା ।'

ଆମ ସମାଜରେ ପ୍ରଚଳିତ ଭାକ୍ତିକ ମିଥ୍ୟା ବିରୁଦ୍ଧରେ ନୀଳକଣ୍ଠ ସ୍ୱରଚିତ "ଓଡ଼ିଆ ସାହିତ୍ୟର କ୍ରମପରିଣାମ'' ପୁସ୍ତକର ଦ୍ୱିତୀୟ ଭାଗରେ ଲେଖିଛନ୍ତି— "ମାନବ ସମାଜରେ ତଥା ବ୍ୟକ୍ତିବୋଧରେ ଭକ୍ତି ଏକ ବିଚିତ୍ର ବସ୍ତୁ । ଚିନ୍ତାରେ, ଦର୍ଶନରେ, ଯୁକ୍ତିରେ ବା ଆଲୋଚନାରେ ଏହାର ସ୍ଥାନ ନାହିଁ । ଜଗତରେ ଏକମାତ୍ର ଦାର୍ଶନିକ ଧର୍ମ ଜୈନ ଧର୍ମରେ ଏଇ ଭକ୍ତି ଓ ଭକ୍ତି ଚର୍ଯ୍ୟା, ଅର୍ଥାତ୍ ଭକ୍ତିଜନିତ ଆଚରଣକୁ ଅଷ୍ଟାଦଶ ପାପ ମଧ୍ୟରେ ଗୋଟିଏ ବଡ଼ ପାପ ବୋଲି ନିର୍ଦ୍ଦେଶ ଓ ବର୍ଣ୍ଣନା କରାଯାଇଛି । ସେମାନେ ଏହାର ନାମ ଦେଇଛନ୍ତି "ମିଥ୍ୟା ଦର୍ଶନ ଶଲ୍ୟ ।"

ପୁରାଣଗୁଡ଼ିକରେ ମଧ୍ୟ ଜନସାଧାରଣଙ୍କ ଚିତ୍ତରେ ଧର୍ମବିଶ୍ୱାସ ଜନ୍ମାଇବା ପାଇଁ ବହୁ କାଳ୍ପନିକ ଘଟଣାବଳି ବର୍ଣ୍ଣିତ ହୋଇଥାଏ । ନୀଳକଣ୍ଠଙ୍କ ମତରେ ଭାକ୍ତିକ ମିଥ୍ୟା ଅପେକ୍ଷା ପୌରାଣିକ ମିଥ୍ୟା ଶ୍ରେୟସ୍କର । କାରଣ ଭକ୍ତି ଧର୍ମ ହେଉଛି ଦର୍ଶନହୀନ ମାନବର ଆଦିଧର୍ମ । ଭକ୍ତିର ମୋହକର ମିଥ୍ୟାର ବ୍ୟାପ୍ତିରେ ସତ୍ୟର ସ୍ଥାନ ନାହିଁ । ତାହା ମାନବ ସମାଜରେ ଏକ କ୍ଷୟରୋଗ ପରି କାର୍ଯ୍ୟ କରେ, କିନ୍ତୁ ପୁରାଣର ଅତିକାୟ କଳ୍ପନା ଭକ୍ତିର ମିଥ୍ୟା ପରି ନୁହେଁ । ପୁରାଣର ମିଥ୍ୟା ସତ୍ୟର ଖୋଳ ପରି ରହେ । ଏଥିରେ ଅସହିଷ୍ଣୁତା ଜାଗ୍ରତ ହୁଏ ନାହିଁ । ଲୋକଚଲଣିରେ ଏହାର ପ୍ରଭାବ ଯୋଗୁଁ ପ୍ରଗତି ଅବରୁଦ୍ଧ ହୁଏ ନାହିଁ ।

ଦର୍ଶନହୀନ ମାନବ ସମାଜର ପ୍ରଗତିରେ ପୁରାଣ ଓ ପୌରାଣିକ ମିଥ୍ୟା ବହୁ ଭାବରେ ସାହାଯ୍ୟ ମଧ୍ୟ କରେ । ମାନବର ପ୍ରଗତି ପରମ୍ପରାର ପୁରାଣ ହେଉଛି ଯଥାର୍ଥରେ ଏକ ଅଙ୍କିତ ଅଲକ୍ଷିତ ଲିପିବଦ୍ଧ ଗ୍ରନ୍ଥ । ପୌରାଣିକ ଉପାଖ୍ୟାନଗୁଡ଼ିକରେ ଭକ୍ତିଧର୍ମର ମିଥ୍ୟା ଓ ଅଦ୍ଭୁତ କିମ୍ବା ପର କାହାକୁ ଭକ୍ତେଇ ମନେଇବା ଉଦ୍ଦେଶ୍ୟରେ ପ୍ରଚାର କରାଯାଇ ନ ଥିଲା । ଉଦାହରଣ ସ୍ୱରୂପ ସାରଳା ମହାଭାରତରେ ବର୍ଣ୍ଣିତ—ଗୌତମଙ୍କ ଦ୍ୱାରା ଅଭିଶପ୍ତ ହୋଇ ଇନ୍ଦ୍ର ସହସ୍ରାକ୍ଷ ହେବା, ଷଟ୍‌କୃତ୍ତିକାଙ୍କ ଗର୍ଭରୁ କାର୍ତ୍ତିକେୟ ଜନ୍ମ ହେବା, କୁବେରଙ୍କ ଧାନ ଦେବା ପ୍ରଭୃତି ଉପାଖ୍ୟାନଗୁଡ଼ିକରେ ଭକ୍ତିର ଅଯଥା ମିଥ୍ୟା, ମାନସିକ ମିଥ୍ୟା, କେବଳ ମିଥ୍ୟାପାଇଁ ମିଥ୍ୟା, ଦ୍ୱଣି ଅପାଠକ ମିଥ୍ୟା ନାହିଁ । ସମାଜକୁ ନୀତିଭ୍ରଷ୍ଟ କରି ନାଶ କରିବା ପାଇଁ କୌଣସି ମିଥ୍ୟା ନାହିଁ । ଏସବୁ ଥିରେ କର୍ମଫଳର ମହତ୍ତ୍ୱ ଉପରେ ବୁଝାଇ ଦିଆଯାଇଛି, ସେ ସମ୍ବନ୍ଧରେ ନୀଳକଣ୍ଠ 'ଶ୍ୱେତକେତୁ' ଉପାଖ୍ୟାନଟିର କଥା କହିଛନ୍ତି—ଏ ଉପାଖ୍ୟାନଟି ଆମର ସମାଜ ଯେତେବେଳେ ବାଲ୍ୟତ ଥିଲା ସେତିକବେଳର କଥା । କୁରୁରଦା ବଂଶରେ ଶ୍ୱେତକେତୁ ନାମରେ ଜଣେ

Digitized by srujanika@gmail.com

ବଡ଼ ବିଚକ୍ଷଣ ଓ ଦାନୀ ରାଜା ଥିଲେ । ସେ ସବୁ ଦାନ କରୁଥିଲେ କିନ୍ତୁ କ୍ଷୁଧାତୁରକୁ ଟିକିଏ ଅନ୍ନଦାନ କରୁ ନ ଥିଲେ । ତାଙ୍କ ମୃତ୍ୟୁ ପରେ ଯମ ତାଙ୍କୁ ନିଜ ଆସନରେ ବସାଇ ବହୁ ଧନ ଦେଲେ । ମାତ୍ର ଖାଇବାକୁ ଅନ୍ନ ଦେଲେ ନାହିଁ । ରାଜା କ୍ଷୁଧାର୍ତ୍ତ ହୋଇ ଅନ୍ନ ପାଣି ମାଗିବାରୁ 'ବହ୍ନଂତା' କହିଲେ—"ତୁ ଅନ୍ନଦାନ କରି ନାହୁଁ, ଏଠି ପାଇବୁ କୁଆଡ଼ୁ ?" ଏବେ ଯା', ଯେଉଁ ଶ୍ମଶାନରେ ତୁ ପୋଡ଼ା ହୋଇଛୁ, ସେଇଠି ପଡ଼ିଥିବା ତୋ ପିତୁଳାର ପାଉଁଶ ଓ ମାଟି ଶହେ ବରଷ କାଳ ଖାଉଥା ।"—ଆଲୋଚକ ନୀଳକଣ୍ଠ କହନ୍ତି—ଏଠାରେ 'ଅନ୍ନ' ଅର୍ଥ ବିଷୟଭୋଗ ବା ଇନ୍ଦ୍ରିୟର ଭୋଗ । ମନୁଷ୍ୟ ପକ୍ଷରେ ଅନ୍ନଦାନ ହେଉଛି ଶ୍ରେଷ୍ଠ ଦାନ ।

ଏହିପରି ସାରଳା ମହାଭାରତରେ ଉଲ୍ଲେଖ ଥିବା ବହୁ ଉପାଖ୍ୟାନରେ କର୍ମ-ଫଳ ଭୋଗ ସ୍ପଷ୍ଟ । ସେଥିରେ କୃଷ୍ଣ ନାହାନ୍ତି ବା ବିଷ୍ଣୁ ନାହାନ୍ତି । ବିଧାତା କେବଳ କର୍ମ ସଙ୍ଗେ କର୍ମଫଳକୁ ଯୋଡ଼ିଥାଆନ୍ତି । ଏହି ଉପାଖ୍ୟାନଗୁଡ଼ିକ ପୌରାଣିକ ମିଥ୍ୟାର ଅନ୍ତର୍ଭୁକ୍ତ ଯାହା କି ମାନବ ସମାଜର ବାଲ୍ୟାବସ୍ଥାରେ ଶିକ୍ଷଣୀୟ ହୋଇପାରିଥିଲା ।

କିନ୍ତୁ ଭକ୍ତିକ ମିଥ୍ୟା ମାନବ ସମାଜ ପାଇଁ ଶିକ୍ଷଣୀୟ ନୁହେଁ । ଏହା କେବଳ ପ୍ରବଞ୍ଚନାମୂଳକ । ଏ ମିଥ୍ୟାରେ ପାଠକଙ୍କୁ ଭୁଲାଇବା ପାଇଁ, ଅଦ୍ଭୁତ ବିସ୍ମୟରେ ମନା-ଇବା ପାଇଁ ଅତି ରୋମନ୍ଥନ ଘଟିଥାଏ । ଏଭଳି ଭକ୍ତିକ ମିଥ୍ୟାକୁ ନୀଳକଣ୍ଠ କଠୋର ଭାବେ ସମାଲୋଚନା କରିଛନ୍ତି । ବୈଷ୍ଣବ ଭକ୍ତ ରାମଦାସଙ୍କ 'ଦାର୍ଢ୍ୟତାଭକ୍ତି ରସାମୃତ' ଗ୍ରନ୍ଥକୁ ଜନସାଧାରଣ ଅପୂର୍ବ ରଚନା କହି ଆଗ୍ରହରେ ସବୁ ପଢିବା ଦେଖି ସେ ଲେଖି-ଛନ୍ତି—"ଏ 'ଦାଢ଼୍ୟତା'ଭକ୍ତି ପୁଣି କେଡ଼େ ସୁଲଭ । ସବୁ ଦୁଷ୍କୃତ କରି ମଧ୍ୟ 'କୃଷ୍ଣ' ବୋଲି ନାମଟି ଉଚ୍ଚାରଣ କଲେ ଭକ୍ତ-ଲୋଲୁପ କୃଷ୍ଣ ଆସି ହାଜର ହୋଇଯିବେ ଓ ଯାହା ଦରକାର ତାହା ଦେବେ ଓ କରିଦେବେ । ଏଥିରେ କିଏ ନ ଭଜିବ ? ଏଇ ପନ୍ଥାରେ ଚନ୍ଦା ଚଳାଇବାର ଲୋକ ବି ବହୁତ ବାହାରିଲେ । ଭକ୍ତ ସାଜି ରାମଦାସଙ୍କ 'ଧର୍ମ କଥା' ବା ରସାମୃତ ତିଆରି କରି ବାଣ୍ଟିବାରେ ଲାଗିଲେ । ଓଡ଼ିଆ ସମାଜ ଓ ସାହିତ୍ୟର ମେରୁଦଣ୍ଡରେ କ୍ରମେ ଏଇ କ୍ଷୟ ରୋଗ ବ୍ୟାପିଲା ।"

ଭକ୍ତଙ୍କ ମିଥ୍ୟା ଖୁବ୍ ଶୀଘ୍ର ଲୋକଙ୍କୁ ଜନ୍ମାନ୍ଧ କଲା ପରି କରି ଦେଇ ଲୋକରେ ପ୍ରତିଷ୍ଠା ପାଏ । ଭକ୍ତଙ୍କ ମନଗଢ଼ା ମିଥ୍ୟାରେ ଜନସମାଜ ଭ୍ରାନ୍ତିରୁ ଭ୍ରାନ୍ତି ଆଡ଼କୁ ଅଗ୍ର-ସର ହୁଏ । ଏପରି ମୂଢ଼ ଭକ୍ତମାନଙ୍କୁ ଲକ୍ଷ୍ୟ କରି ଉପନିଷଦ୍ କହେ—

"ଅବିଦ୍ୟାୟାମନ୍ତରେ ବର୍ତ୍ତମାନାଃ
ସ୍ୱୟଂ ଧୀରାଃ ପଣ୍ଡିତଂ ମନ୍ୟମାନାଃ
ଦନ୍ଦ୍ରମ୍ୟମାଣାଃ ପରିୟନ୍ତି ମୂଢା
ଅନ୍ଧେନୈବ ନୀୟମାନା ଯଥାନ୍ଧାଃ ।"

Digitized by srujanika@gmail.com

ଗୌଡ଼ୀୟ ବୈଷ୍ଣବମାନଙ୍କରେ କୃଷ୍ଣଙ୍କ ନାମକୀର୍ତ୍ତନ ନାମରେ ଆମ ସମାଜରେ କପଟ ଭ୍ରଷ୍ଟାଚାର ପ୍ରବେଶ କରିଥିଲା, ଗୋଟିଏ ସତ୍ୟ ଘଟଣା ମାଧ୍ୟମରେ ନୀଳକଣ୍ଠ ତାହା "ଓଡ଼ିଆ ସାହିତ୍ୟର କ୍ରମପରିଣାମ" ଗ୍ରନ୍ଥରେ ଦର୍ଶାଇ ଦେଇଛନ୍ତି । ଥରେ ଗଞ୍ଜାମ ଜିଲ୍ଲା ଟକଟି ଗ୍ରାମର ଦିବାକର ପଟ୍ଟନାୟକ, ସେଇ ଗ୍ରାମର ଗୌଡ଼ୀୟ ବୈଷ୍ଣବ ହୋଇ ଗୃହତ୍ୟାଗ କରିଥିବା ରାଧାକାନ୍ତ ପାତ୍ରଙ୍କୁ ଖୋଜିବାକୁ ଯାଇ ବୃନ୍ଦାବନରେ ଜଣେ 'କୃଷ୍ଣବାସୀ' ବାବାଜୀଙ୍କ ପାଖରେ ରହିଲେ । ସେହି ବାବାଜୀ ଜଣକ ପ୍ରତିଦିନ ନିଆ ମାତା ସଙ୍ଗେ ଗର୍ହିତ ପାପ କରୁଥିବାର ଦେଖି ଦିବାକର ବାବୁ ବାବାଜୀଙ୍କୁ ଏପରି ପାପ କାର୍ଯ୍ୟରେ କାହିଁକି ଲିପ୍ତ ରହିଛନ୍ତି ବୋଲି ପଚାରିବାରୁ ତାର ଉତ୍ତରରେ ବାବାଜୀ କହିଲେ- "ଏ ଗୋଟାଏ କି ପାପ ? ଆପଣ 'ନାମ'ର ମହିମା ଜାଣନ୍ତି ନାହିଁ । ପାହାଡ଼ ପରି ପାପ ଜମା ହୋଇଥିବା ଜାଣିକରି ହେଉ, ଭୁଲରେ ହେଉ, ଥରେ ମାତ୍ର କୃଷ୍ଣନାମ ଉଚ୍ଚାରଣ କରିଦେବ । ପାହାଡ଼ ପରି ଜମା ହୋଇଥିବା ତୁଳାରେ ଗୋଟିଏ ନିଆଁ ଗୁଣ୍ଡ ବା ଝୁଲ ପଡ଼ିଲେ ଯେପରି ସେ ତୁଳା ପାହାଡ଼ଟି ପୋଡ଼ି ପାଉଁଶ ହୋଇଯାଏ, ଏ ଗୋଟିକ 'ନାମ'ରେ ସେ ପାପ ପାହାଡ଼ଟି ସେହିପରି ପୋଡ଼ି ଧ୍ୱଂସ ହୋଇଯିବ । ଆମେମାନେ ସକାଳୁ ଶୋଇବା ଯାଏ ଯାହା କରୁ ପଛକେ 'ନାମ' ନ କରି ଶୋଉ ନାହିଁ । ତେବେ ଆଉ ପାପ କଥା କହୁଛନ୍ତି କଅଣ ?" ଆମର ଲୋକପ୍ରିୟ କବିଙ୍କ ଭାଷାରେ—

"କୃଷ୍ଣ ନାମରେ ପାପ କ୍ଷୟ ଯେତେ
କରି ନ ପାରେ ପାପୀ ପାପ ତେତେ ।

ଭକ୍ତି ଧର୍ମର ଉପାସକ ଗୌଡ଼ୀୟ ବୈଷ୍ଣବମାନଙ୍କର ଏହି 'ନାମ' ଜପକୁ ନୀଳକଣ୍ଠ ଏକ ପ୍ରକାଣ୍ଡ ଭକ୍ତିକ ମିଥ୍ୟା ବୋଲି କହିଛନ୍ତି । ବ୍ୟାସକବି ଫକୀରମୋହନଙ୍କ ଭାଷାରେ 'ସଦାଶିବ ନୀଳକଣ୍ଠ' ଥିଲେ 'ସତତ ସନ୍ନ୍ୟାସୀ ।' ଆମ ସମାଜର ମଙ୍ଗଳ ଲାଗି, ଆମ ସମାଜରୁ କୁସଂସ୍କାର ଦୂର କରିବା ଲାଗି ସେ ଆପ୍ରାଣ ଉଦ୍ୟମ ଚଳାଇଥିଲେ । ତେଣୁ ଭକ୍ତି ନାମରେ ଭଣ୍ଡଙ୍କୁ, ଧର୍ମନାମରେ ଭ୍ରଷ୍ଟାଚାରୀଙ୍କୁ ସେ ପଦେ ପଦେ ତାଚ୍ଛଲ୍ୟ କରିଛନ୍ତି ।

କେବଳ ସେତିକି ନୁହେଁ, ବିଷ୍ଣୁଙ୍କର ମତ୍ସ୍ୟ ଅବତାରରେ ମହାସମୁଦ୍ରର ଖାତଖାଲ ପାଣି ତଳେ ବୁଡ଼ି ଶଙ୍ଖାସୁରକୁ ମାରି ବେଦ ଉଦ୍ଧାର କରିବା, ବିଷ୍ଣୁଙ୍କ ଗୋଡ଼ ନଖ କୋଣରୁ ଗଙ୍ଗା ବାହାରିବା, ହନୁମାନ ଗନ୍ଧମାର୍ଦ୍ଦନ ପର୍ବତ ଉପାଡ଼ି ମୁଣ୍ଡାଇ ଆଣିବା, କୃଷ୍ଣ କାଣିଆଙ୍ଗୁଠି ଅଗରେ ଗୋବର୍ଦ୍ଧନ ପର୍ବତ ଟେକିବା ଆଦି ବହୁ ଆଖ୍ୟାୟିକାର ଅବତାରଣା କରି ସ୍ୱାଧୀନଚେତା ନୀଳକଣ୍ଠ ଓଡ଼ିଆ ସାହିତ୍ୟରେ କପଟ ଭକ୍ତିକ ମିଥ୍ୟା ପ୍ରବେଶ କରିଛି, ତାହା ଉଲ୍ଲେଖ କରିଛନ୍ତି ।

ଭକ୍ତିମୁଖ୍ୟ ସାହିତ୍ୟ ସ୍ରଷ୍ଟାମାନଙ୍କୁ ମଧ୍ୟ କଠୋର ସମାଲୋଚନା କରିବାକୁ ସେ ଭୁଲି ନାହାନ୍ତି । ଏପରି କି ଭକ୍ତିଭାବସମ୍ପନ୍ନ ତାଙ୍କର ପଣ୍ଡିତ ଗୋପବନ୍ଧୁଙ୍କୁ ନିର୍ଭୀକ ଭାବେ ଆକ୍ଷେପ କରି ସେ କହିଛନ୍ତି-"ସ୍ୱୟଂ ଗୋପବନ୍ଧୁ ଦାସ ମଧ୍ୟ 'ସତ୍ୟବାଦୀ' ବା 'ସାକ୍ଷୀଗୋପାଳଙ୍କ ଇତିହାସ' ('ସତ୍ୟବାଦୀ ପତ୍ରିକାର ୧ମରୁ ୨ୟ ଭାଗରେ ପ୍ରକାଶିତ) ଲେଖିବାରେ ପ୍ରମାଣ ସଂଗ୍ରହ ପାଇଁ ପୁରାପୁରି ଭକ୍ତଙ୍କ ଅତି ସାହସିକ ମିଥ୍ୟା ଉପରେ ନିର୍ଭର କରି ନିଜର ଅନ୍ୟଥା ପବିତ୍ର ସାହିତ୍ୟକୁ କଳୁଷିତ ଓ କଳଙ୍କିତ କରିଛନ୍ତି ।"

Digitized by srujanika@gmail.com



'ନୀଳକଂଠ ସ୍ମାରକୀ ବକ୍ତୃତାମାଳା'ର ପ୍ରବର୍ତ୍ତନ ନିମନ୍ତେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଡଃ ବିଦ୍ୟାଧର ମିଶ୍ର ପଣ୍ଡିତ ନୀଳକଂଠ ସ୍ମୃତି ସମିତିର ସଭାପତି ଡଃ ସଦାଶିବ ମିଶ୍ରଙ୍କଠାରୁ ୨୦ ହଜାର ଟଙ୍କାର ଚେକ୍ ଡଃ ହରେକୃଷ୍ଣ ମହତାବଙ୍କ ସଭାପତିତ୍ୱରେ ଗ୍ରହଣ କରୁଛନ୍ତି ।

Digitized by srujanika@gmail.com

# ପଣ୍ଡିତ ନୀଳକଣ୍ଠ

# ଧାରାବାହିକ ଜୀବନସୂଚୀ

Digitized by srujanika@gmail.com

Digitized by srujanika@gmail.com

୧୮୮୪ ମସିହା—ଅଗଷ୍ଟ ୫ ତାରିଖ ସୋମବାର (ଗହ୍ମାପୂର୍ଣ୍ଣିମୀ ପୂର୍ବ ଦିନ) ଜନ୍ମଗ୍ରହଣ ।

୧୮୯୯ „ —ଗ୍ରାମ ଭର୍ଣ୍ଣାକୁଲର ସ୍କୁଲରୁ ମାସିକ ୪ ଟଙ୍କା 'ମଧ୍ୟ ଓଡ଼ିଆ ବୃତ୍ତି' ପାଇ ପୁରୀ ଜିଲାସ୍କୁଲରେ ଅଧ୍ୟୟନ ।

୧୯୦୨ „ —ସ୍ୱାସ୍ଥ୍ୟ ଖରାପ ହେବାରୁ ସ୍ଥାନ ପରିବର୍ତ୍ତନ ପାଇଁ ପୁରୀରୁ ଯାଇ କଟକ କଲେଜିଏଟ୍ ସ୍କୁଲରେ ଅଧ୍ୟୟନ ।

—କଲେଜିଏଟ୍ କଲେଜ ବୋର୍ଡିଂରେ ପଣ୍ଡିତ ଗୋପବନ୍ଧୁଙ୍କ ସାନ୍ନିଧ୍ୟ-ଲାଭ ।

—ଗ୍ରୀଷ୍ମାବକାଶରେ ଭାର୍ଗବୀ ନଦୀ କୂଳରେ ଗୋପବନ୍ଧୁ; ଅନନ୍ତ ହରିହରଙ୍କ ସଙ୍ଗେ ଆଜୀବନ ଦେଶସେବା ପାଇଁ ଶପଥ ଗ୍ରହଣ ।

୧୯୦୩ „ —ଡ଼ିସେମ୍ବର—ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ ଦର୍ଶକ-ଭାବେ ଯୋଗଦାନ ।

୧୯୦୪ „ —କଟକରୁ ପୁରୀ ଫେରି ପୁଣି ଜିଲାସ୍କୁଲରେ ନାମ ଲେଖା ।

—ମଧୁବାବୁ (ମିଃ ଦାସ)ଙ୍କ ପୁରୀ ସଭାରେ, 'ବିଦେଶୀ ବର୍ଜନ ଓ ପ୍ରାଣପଣେ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର କରିବାର' ପ୍ରତିଜ୍ଞାପତ୍ରରେ ପ୍ରଥମ କରି ଦସ୍ତଖତ ।

—ବଙ୍ଗାଳୀ ବିପ୍ଳବୀ ଗୁପ୍ତବନ୍ଧୁ ନଗେନ୍ଦ୍ରନାଥ ରକ୍ଷିତଙ୍କ ମାଧ୍ୟମରେ ବଙ୍ଗଳାର ବଙ୍ଗଭଙ୍ଗ ବିପ୍ଳବୀ ଓ ସ୍ୱଦେଶପ୍ରେମୀମାନଙ୍କ ସହିତ ସମ୍ପର୍କ ସ୍ଥାପନ ।

୧୯୦୫ „ —ବିବାହ ପ୍ରସ୍ତାବ—ନଗଦ ୫ ହଜାର ଟଙ୍କା ଯୌତୁକ ଯଚ୍ଯାଇଥିବା ବିବାହ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ ।

—ଫେବୃଆରୀ ୫ ତାରିଖ—ନିମ୍ନ ମଧ୍ୟବିତ୍ତ ପରିବାରର ଶ୍ରୀମତୀ ରାଧାମଣି ଦେବୀଙ୍କ ପାଣି ଗ୍ରହଣ ।

—ଫେବୃଆରୀ ୧୫ ତାରିଖ—ଏଣ୍ଟ୍ରାନ୍ସ ପରୀକ୍ଷା ଦେଇ ପାସ୍ ଓ ୧୫ ଟଙ୍କା ବୃତ୍ତି ଲାଭ ।

୧୯୦୭ „ —ରେଭେନ୍ସା କଲେଜରୁ 'ମେଓ' ବୃତ୍ତି ସହିତ ଏଫ୍. ଏ. ପାସ୍ କରି ବି. ଏ. ପଢିବା । ନବ ପ୍ରତିଷ୍ଠିତ ବିଜ୍ଞାନ ବିଭାଗ ପାଇଁ ଛାତ୍ରମାନେ ଆଗଭର ହେଉ ନ ଥିବାରୁ ଉକ୍ତ ବିଭାଗକୁ ଚାଲୁ ରଖିବା ପାଇଁ କେତେ ଜଣ ସହପାଠୀଙ୍କୁ ପ୍ରବର୍ତ୍ତାଇ ନିଜେ ସଂସ୍କୃତ ଗୁଡ଼ ଫିଲୋସଫି ସହିତ କେମେଷ୍ଟ୍ରି (ରସାୟନିକ ବିଦ୍ୟା) ନେଇ ଅଧ୍ୟୟନ ।

୧୯୦୮ „ —କେନ୍ଦ୍ରାପଡ଼ା ଓ ଯାଜପୁର ବନ୍ୟାଞ୍ଚଳରେ ଗୋପବନ୍ଧୁଙ୍କ ସହିତ ରିଲିଫ କାର୍ଯ୍ୟ ଓ Young Utkal Associationରେ ସକ୍ରିୟ ଅଂଶ ଗ୍ରହଣ ।

Digitized by srujanika@gmail.com

୧୯୦୯ ମସିହା—ରେଭେନ୍‌ସା କଲେଜରୁ ବି. ଏ. ପାସ୍ ।

—ଗୋପବନ୍ଧୁଙ୍କ ସହ ନିଜ ଗ୍ରାମ ଶ୍ରୀରାମଚନ୍ଦ୍ରପୁର ଭର୍ତ୍ତିଆକୁଲର ସ୍କୁଲକୁ ଆସବାବପତ୍ର ସମେତ ସତ୍ୟବାଦୀକୁ ଉଠାଇ ନେଇ ସେଠାରେ ମାଇନର ସ୍କୁଲ ଗଢ଼ିବା ଓ 'ସତ୍ୟବାଦୀ ବିହାର'ର ପରିକଳ୍ପନା ।

—ସତ୍ୟବାଦୀ ସ୍କୁଲକୁ ହାଇସ୍କୁଲରେ ପରିଣତ କରିବା ମାନସରେ ତାର ପ୍ରଧାନ ଶିକ୍ଷକ ହେବାର ଯୋଗ୍ୟତା ଅର୍ଜନ ନିମନ୍ତେ ମାସିକ ୩୦ ଟଙ୍କା ବୃତ୍ତି ପାଇ ଏମ୍. ଏ. ଓ 'ଲ' ପଢ଼ିବା ପାଇଁ କଲିକତା ଯାତ୍ରା ।

୧୯୧୧ „ —ଏମ୍. ଏ. ପାଶ୍ କରି ୩ ବର୍ଷିଆ ପାଠ ଓକିଲାତି ପଢ଼ା ମଝିରୁ ଛାଡ଼ି ଅକ୍ଟୋବର ୧୧ ତାରିଖରେ ସତ୍ୟବାଦୀ ସ୍କୁଲର ପ୍ରଧାନଶିକ୍ଷକପଦ ଗ୍ରହଣ ଏବଂ ଅଧ୍ୟାପନା ସଙ୍ଗେ ସମାଜସେବା ଓ ସମାଜରୁ କୁସଂସ୍କାର ଦୂର କରିବା ପାଇଁ ଉଦ୍ୟମ ।

୧୯୧୨ „ —ଫେବୃୟାରି ୧୨ ତାରିଖ—ସମାଜର ରକ୍ଷଣଶୀଳମାନେ ସତ୍ୟବାଦୀ ସ୍କୁଲ ଓ ଲାଇବ୍ରେରି ଘର ପୋଡ଼ି ଦେବାରୁ ବକୁଳବନରେ ବିଦ୍ୟା-ଦାନ ।

—ଜୁନ୍—ଜଗନ୍ନାଥଙ୍କ ନବକଳେବର ସମୟରେ ପୁରୀ ଓ ଆଖପାଖ ଅଞ୍ଚଳରେ ଭୀଷଣ ହଇଜା ଲାଗିଥିବା ବେଳେ ସ୍କୁଲ ପିଲା ଓ ଅନ୍ୟାନ୍ୟ ଶିକ୍ଷକଙ୍କ ସେନ ଅତନ୍ଦ୍ରିତ ଭାବେ ରୋଗୀ ସେବା ।

୧୯୧୨ „ —ଅକ୍ଟୋବର—କୁମାର ପୂର୍ଣ୍ଣିମାରେ କୋଣାର୍କ ପରିଦର୍ଶନ । ଭୟଙ୍କର ଝଡ଼ବର୍ଷା ଫଳରେ ରାମଚଣ୍ଡୀଠାରେ ଅଟକି ପିଲାଙ୍କ ସହିତ ରାତ୍ରି-ଯାପନ । ପ୍ରସିଦ୍ଧ କାବ୍ୟ "କୋଣାର୍କେ"ର ପରିକଳ୍ପନା ।

୧୯୧୧ରୁ

୧୯୧୮ „ —ବନବିଦ୍ୟାଳୟର ପ୍ରଧାନ ଶିକ୍ଷକତା ସମୟରେ 'ମଡ଼େଲ ଉର୍ଦ୍ଧି', 'ଲିପି ସଂସ୍କାର', 'ଶୁଦ୍ଧ ଓଡ଼ିଆ ବ୍ୟାକରଣ'ର ପ୍ରଣୟନ ଓ ଗୋପ-ବନ୍ଧୁଙ୍କ ସମ୍ପାଦନାରେ ପ୍ରକାଶିତ 'ସତ୍ୟବାଦୀ' ମାସିକ ପତ୍ରିକାର ପରିଚାଳନା ।

୧୯୧୮ „ —ଅକ୍ଟୋବର ୧୨ ତାରିଖ—ଟ୍ରେନିଂ କଲେଜରୁ ପାଶ୍ କରି ଆସିଥିବା ପଣ୍ଡିତ ଗୋଦାବରୀଶଙ୍କୁ ପ୍ରଧାନ ଶିକ୍ଷକ ପଦ ହସ୍ତାନ୍ତର ।

୧୯୧୯ „ —ପୁରୀ ଜିଲ୍ଲାରେ କରାଳ 'ଡକ୍ଷର' ଦୁର୍ଭିକ୍ଷ । ଛାତ୍ରଙ୍କୁ ନେଇ ନୀଳକଣ୍ଠ-ଙ୍କର ଡକ୍ଷର ଯାତ୍ରା ଓ ରିଲିଫ୍ କ୍ୟାମ୍ପର ପ୍ରତ୍ୟକ୍ଷ ତତ୍ତ୍ୱାବଧାରକ ଭାବେ ସେବା କାର୍ଯ୍ୟ ପରିଚାଳନା ।

Digitized by srujanika@gmail.com

୧୯୨୦ ,, —ସେପ୍‌ଟେମ୍ବର ୨୦ ତାରିଖ-ସାର୍ ଆଶୁତୋଷ ମୁଖାର୍ଜୀଙ୍କ ଅନୁରୋଧ କ୍ରମେ କଲିକତା ଯାତ୍ରା—ଦୁଇ ବର୍ଷ ପାଇଁ କଲିକତା ବିଶ୍ୱବିଦ୍ୟାଳୟର ନୂତନ 'ଓଡ଼ିଆ ଓ ତୁଳନାତ୍ମକ ଭାଷାତତ୍ତ୍ୱ' ବିଭାଗର ଅଧ୍ୟାପକ ଭାବେ ଦାୟିତ୍ୱ ଗ୍ରହଣ ।

୧୯୨୧ ,, —ଜାନୁଆରୀ ୬ ତାରିଖ—ଅସହଯୋଗ ଅନ୍ଦୋଳନରେ ଯୋଗ ଦେବା ପାଇଁ ଗୋପବନ୍ଧୁଙ୍କ ପରାମର୍ଶରେ କଲିକତା ପରିତ୍ୟାଗ ।

—ଜାନୁଆରୀ ୭ ତାରିଖ—ସମ୍ବଲପୁରରେ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରି ଅସହଯୋଗ ଆନ୍ଦୋଳନର ଶୁଭାରମ୍ଭ କରିବା (ତାଙ୍କର "ସ୍ୱରାଜ ଭିକ୍ଷା ଅଲବତ୍ ହୋଗା, ଗ୍ରେଜ୍‌ଲୋକେ ଯାଓ ଗୋଲମି" ଧ୍ୱନିରେ ଛାତ୍ର, ଶିକ୍ଷକ ଓ ସରକାରୀ କର୍ମଚାରୀମାନେ ନିଜ ନିଜ କାର୍ଯ୍ୟ ବର୍ଜନ କରି ବହୁ ସଂଖ୍ୟାରେ ଶୋଭାଯାତ୍ରା ଓ ଆନ୍ଦୋଳନରେ ଯୋଗ ଦେବା ।)

—ସଭା ସ୍ଥଳରେ ବଡ଼ ଝିଅ 'ଭାରତୀ'ର ମୃତ୍ୟୁ ଖବର ଅବିଚଳିତ ଭାବେ ଗ୍ରହଣ କରିବା ।

—ସମ୍ବଲପୁର ଜାତୀୟ ବିଦ୍ୟାଳୟ ପ୍ରତିଷ୍ଠା ଓ ତାର ପରିଚାଳନା ।

—'ସେବା' ସାପ୍ତାହିକ ପତ୍ରିକା ପ୍ରକାଶନ ଓ ମହାମାରୀ, ବସନ୍ତ ପ୍ରଭୃତି ରୋଗୀ ସେବା ।

୧୯୨୧ ,, —ସେପ୍‌ଟେମ୍ବର/ଅକ୍ଟୋବରରେ ଉତ୍କଳ କଂଗ୍ରେସ ସଂଗଠନର ପରିଚାଳନାରେ ଯୋଗ ଦେବା ପାଇଁ ସମ୍ବଲପୁର ପରିତ୍ୟାଗ ।

୧୯୨୨ ,, —ଅସହଯୋଗ ଆନ୍ଦୋଳନ ପାଇଁ ବିହାର ବନ୍ଦୀ ଭାବରେ କାରାରୁଦ୍ଧ ହେବା ।

୧୯୨୩ ,, —ଗୋପବନ୍ଧୁଙ୍କ ପରାମର୍ଶରେ ମହାତ୍ମା ଗାନ୍ଧୀଙ୍କୁ ସତ୍ୟବାଦୀକୁ ନିମନ୍ତ୍ରଣ କରିବା ଓ ତାଙ୍କ ସଙ୍ଗେ ପୁରୀ-କଟକ ପଦଯାତ୍ରା ।

—ପ୍ରଥମ ଥର ପାଇଁ ୬ ମାସ ଜେଲ ଓ ଜୋରିମାନା । ପୁରୀ ଜେଲରୁ ରେଳ ଯୋଗେ ହଜାରିବାଗ ଜେଲକୁ ନିଆହେବା ବେଳେ ସାକ୍ଷୀଗୋପାଳ ଷ୍ଟେସନରେ ଆତ୍ମୀୟ ହରିହରଙ୍କଠାରୁ ଦ୍ୱିତୀୟ ଝିଅ ବାସନ୍ତୀର ମୃତ୍ୟୁ ଖବର ପାଇ ଅବିଚଳିତ ରହିବା ।

—ହଜାରିବାଗ ଜେଲରେ ରାଜେନ୍ଦ୍ର ପ୍ରସାଦ ଓ ଆଚାର୍ଯ୍ୟ କୃପାଳନୀଙ୍କ ସଙ୍ଗେ କାରାବାସ । କୃପାଳନୀଙ୍କୁ ରଘୁବଂଶର ନିଜ ଅନୁବାଦ ଶୁଣାଇବା ।

— କାରାଗାରରୁ ଫେରି କଂଗ୍ରେସର ଗଠନମୂଳପନ୍ଥୀ ଚିତ୍ତରଞ୍ଜନ ଓ ମୋତିଲାଲ ନେହେରୁଙ୍କ 'ସ୍ୱରାଜ୍ୟ' ଦଳରେ ଯୋଗଦାନ ।

Digitized by srujanika@gmail.com

୧୯୨୪ ମସିହା—ଜାନୁୟାରୀ ୯ ତାରିଖ— କେନ୍ଦ୍ର ଆସେମ୍ବ୍ଲିକୁ ସଭ୍ୟ ରୂପେ ନିର୍ବାଚିତ ହେବା । ମୋତିଲାଲଙ୍କ ନେତୃତ୍ୱରେ ବିରୋଧୀ ପାର୍ଲାମେଣ୍ଟ ଦଳର ସମ୍ପାଦକ ପଦ ଗ୍ରହଣ ।

—ଦିଲ୍ଲୀ ବିଶ୍ୱବିଦ୍ୟାଳୟ ସଭାର ସଭ୍ୟ ହେବା ।

୧୯୨୭ ,, —ଫେବୃୟାରୀ ୮ ତାରିଖ—ଓଡ଼ିଶା ପାଇଁ ସ୍ୱତନ୍ତ୍ର ପ୍ରଦେଶ ଦାବୀକରି କେନ୍ଦ୍ର ଆସେମ୍ବ୍ଲିରେ ଓଜସ୍ୱିନୀ ବକ୍ତୃତା । ଗୋପବନ୍ଧୁଙ୍କ ଅନ୍ତରଙ୍ଗ ସହକର୍ମୀ ଭାବରେ ଓଡ଼ିଶାର ସମସ୍ତ ବନ୍ୟା, ଦୁର୍ଭିକ୍ଷ ପ୍ରଭୃତି କାର୍ଯ୍ୟର ପରିଚାଳନା ।

୧୯୨୮ ,, —ଜୁନ୍—ପଣ୍ଡିତ ଗୋପବନ୍ଧୁଙ୍କ ଅକାଳ ବିୟୋଗରେ ନୀଳକଣ୍ଠ ଙ୍କୁ ଦଳ ପାଇଁ ସବୁ ଅନ୍ଧାର ମଣିବା— ପରେ ଓଡ଼ିଶା କଂଗ୍ରେସ, ଗ୍ରାମ ବନ୍ଧୁ ଓ ସେବା ସଂସ୍ଥାମାନଙ୍କର ଭାର ବହନ କରି ସେଗୁଡ଼ିକର କର୍ଣ୍ଣଧାର ହେବା ।

୧୯୨୯ ,, —ଟାଟା ଓ କଲିକତାରେ ଶ୍ରମିକ ସଂଗଠନ ।

୧୯୩୦ ,, —କାକଟପୁର (ଅସ୍ତରଙ୍ଗ) ଲବଣ ସତ୍ୟାଗ୍ରହ ପରିଚାଳନା ।

୧୯୩୧ ,, —ପ୍ରସ୍ତାବିତ 'ପୁରୀ କଂଗ୍ରେସ' ପାଇଁ ଅଭ୍ୟର୍ଥନା ସଭାର ସଭାପତି ନିର୍ବାଚିତ । 'ଓଡ଼ନେଲ କମିଟି' ଆଗରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବା ପାଇଁ ସାକ୍ଷ୍ୟ ଦେବାକୁ ଜାମସେଦପୁର ଯାତ୍ରା—କମିଟିକୁ କଂଗ୍ରେସର ବର୍ଜନ ଆଦେଶ ହେତୁ ସାକ୍ଷ୍ୟ ଦେଇ ନ ପାରିବା ।

୧୯୩୨ ,, —ଦେଢ଼ ବର୍ଷ ପାଇଁ କାରାବରଣ ।

୧୯୩୩ ,, —ଜେଲ ଭିତରେ 'ଗୀତାର ଭାଷ୍ୟ' ଓ ଅନ୍ୟାନ୍ୟ ପୁସ୍ତକ ପ୍ରଣୟନ ।

—ବନାରସରେ ବସିଥିବା ସମଗ୍ର ଏସିଆ ଏଡୁକେଶନାଲ କନ୍-ଫରେନ୍ସରେ Ideal of Education ପ୍ରବନ୍ଧ ପାଠ ।

୧୯୩୩ ,, —'ନବଭାରତ' ପ୍ରେସ ପ୍ରତିଷ୍ଠା ।

୧୯୩୪ ,, —'ନବଭାରତ' ମାସିକ ପତ୍ରିକା ପ୍ରକାଶ କରିବା । (୧୯୩୪ରୁ ବ୍ୟତିକ୍ରମ ସହ ୧୯୪୭ ପର୍ଯ୍ୟନ୍ତ) 'ନବଭାରତ' ମାସିକ ପତ୍ରିକା ଓ ପରେ 'ସାପ୍ତାହିକ ଲୋକମତ' ଦୈନିକ ଓ ସାପ୍ତାହିକ 'ନବଭାରତ' ପ୍ରଭୃତି ସମ୍ପାଦନା ।

—ମଧୁବାବୁ (ଉତ୍କଳ ଗୌରବ ମଧୁସୂଦନ) ମୃତ୍ୟୁର ପ୍ରାକ୍କାଳରେ ନୀଳକଣ୍ଠଙ୍କୁ ଲେଖା, ବସ୍ତୁତଃ ତାଙ୍କୁ ନିଜର ଦାୟାଦ ଓ ଓଡ଼ିଶାର

Digitized by srujanika@gmail.com

ନେତା ରୂପେ ବାଛିବା ଏବଂ "ମୋ ପରେ ନୀଳକଣ୍ଠ ଓଡ଼ିଶାର ସବୁ କାମ କରିବ ଓ ସମସ୍ତେ ତାଙ୍କୁ ମାନି ଚଳିବ" ବୋଲି ଇଚ୍ଛା ପ୍ରକାଶ କରିବା ।

—ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟିର ସଭାପତି ଭାବରେ ନିର୍ବାଚିତ ହୋଇ ୧୯୩୯ ପର୍ଯ୍ୟନ୍ତ ଦାୟିତ୍ୱ ତୁଲାଇବା ।

—ଡିସେମ୍ବରରେ କେନ୍ଦ୍ର ଆସେମ୍ବ୍ଲିକୁ ପୁନଃନିର୍ବାଚିତ ।

୧୯୩୫ ମସିହା—ଜାନୁୟାରୀରେ କେନ୍ଦ୍ର ଆସେମ୍ବ୍ଲିରେ ଯୋଗ ଦେଇ ଭୁଲାଭାଇ ଦେଶାଇଙ୍କ ନେତୃତ୍ୱରେ କଂଗ୍ରେସ ଆସେମ୍ବ୍ଲି ଦଳର ସମ୍ପାଦକ ପଦ ପାଇଁ ନିର୍ବାଚିତ ।

୧୯୩୬ ,, —ଓଡ଼ିଶାର ପ୍ରଥମ ଆସେମ୍ବ୍ଲି ନିର୍ବାଚନରେ ପ୍ରାଦେଶିକ କଂଗ୍ରେସ ସଭାପତି ହିସାବରେ ୩୭ ଜଣ ପ୍ରାର୍ଥୀ ଠିଆ କରାଇ ଓ ସେଥିରୁ ୩୬ ଜଣଙ୍କୁ ଜୟଯୁକ୍ତ କରାଇ ଆସେମ୍ବ୍ଲିରେ ସଂଖ୍ୟାଗରିଷ୍ଠତା ଆନୟନ ।

—ଓଡ଼ିଶାରେ ଗୋଟିଏ ବିଶ୍ୱବିଦ୍ୟାଳୟ ଗଢିବା ପାଇଁ ବେସରକାରୀ କମିଟିର ସଭାପତିତ୍ୱ ଗ୍ରହଣ ।

୧୯୩୮ ,, —ସରକାରୀ ବିଶ୍ୱବିଦ୍ୟାଳୟ କମିଟିର ସଭାପତି ଭାବରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ରିପୋର୍ଟ ପ୍ରଦାନ ।

୧୯୩୯ ,, —ସେପ୍‌ଟେମ୍ବର—ଭାରତୀୟ କଂଗ୍ରେସରୁ ବିତାଡ଼ିତ ସଭାପତି ସୁଭାଷଚନ୍ଦ୍ର ବୋଷଙ୍କୁ ଓଡ଼ିଶା କଂଗ୍ରେସ ସଭାପତି ଭାବରେ ସମ୍ବର୍ଦ୍ଧନା ଜଣାଇ ତାଙ୍କ ସହିତ ହାତୀରେ [illegible] ଓଡ଼ିଶାରେ ବିପୁଳ ଅଭ[illegible]

—ପ୍ରା[illegible]



Digitized by srujanika@gmail.com

—ସାହିତ୍ୟ ଗବେଷଣାରେ ମନୋନିବେଶ କରି ନାନା ମୌଳିକ ପୁସ୍ତକ ରଚନା କରିବା ।

୧୯୪୭ ମସିହା—୧୯୩୫ରୁ କେନ୍ଦ୍ର ଆସେମ୍ବ୍ଲିରେ ସଭ୍ୟ ରହି ୧୯୪୬ରେ ଛାଡ଼ିବା ।

୧୯୫୧ ,, —କର୍ମୀ ସମ୍ମିଳନୀ ଓ ଜନସଭାରେ 'ଉତ୍କଳଗୁରୁ' ଉପାଧିରେ ଉଦ୍-ବୋଧିତ ହେବା ।

—ନିଜର ନବଗଠିତ 'ସ୍ୱାଧୀନ ଜନସଂଘ' ପକ୍ଷରୁ ସାଥୀ ଗୋଟିଏ ଗୋଦାବରୀଶଙ୍କ ସହିତ ଓଡ଼ିଶା ବିଧାନସଭାରୁ ନିର୍ବାଚିତ ହେବା ।

୧୯୫୫ ,, —ଭାରତର ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଆମନ୍ତ୍ରଣ କ୍ରମେ ନିଜ ନିର୍ବାଚନମଣ୍ଡଳୀର ମତ ନେଇ କଂଗ୍ରେସରେ ପୁଣି ଯୋଗଦାନ କରିବା ।

—ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରୋ-ଚାନ୍ସେଲର ଭାବରେ ନିଯୁକ୍ତ ହେବା । ୧୯୬୨ ପର୍ଯ୍ୟନ୍ତ ସେହି ଦାୟିତ୍ୱରେ ରହିବା ।

—ଡିସେମ୍ବର ୧୯ ତାରିଖ-ଉତ୍କଳ ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ୍ ଉପାଧିରେ ସମ୍ମାନିତ ହେବା ।

୧୯୫୭ ,, —କଂଗ୍ରେସ ପ୍ରାର୍ଥୀରୂପେ ଅପ୍ରତିଦ୍ୱନ୍ଦ୍ୱୀ ଭାବରେ ସତ୍ୟବାଦୀ ନିର୍ବାଚନ-ମଣ୍ଡଳୀରୁ ପୁଣି ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହେବା ।

—ଓଡ଼ିଶା ବିଧାନସଭାର ବାଚସ୍ପତି ପଦ ଅଳଙ୍କୃତ କରିବା ।

—ଭାରତ ସରକାରଙ୍କଦ୍ୱାରା 'ପଦ୍ମଭୂଷଣ' ଉପାଧିରେ ଭୂଷିତ ହେବ ।

୧୯୫୮ ,, —ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ପଦ ମଣ୍ଡନ କରିବା ।

—ଓଡ଼ିଶା [illegible] ଅଣାଇବା ।

[illegible] ଭାଙ୍ଗିଲେ ଆପେ ଆପେ

[illegible] ବଦଳାଇ,

[illegible]ବା

Digitized by srujanika@gmail.com